

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-325 ◆SUNDAY ◆24 MAY 2026 ◆PAGE-12+4 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୩୨୫ ◆ରବିବାର ◆୨୪ ମେ ୨୦୨୬ ◆ପୃଷ୍ଠା-୧୨+୪ (ସିନ୍ଦୂରା) ◆ଟ.୭.୦୦

SARASWATI GROUP OF INSTITUTIONS ✻ CUTTACK ✻
"तमसो मा ज्योतिर्गमय"

# SARASWATI
## GROUP OF INSTITUTIONS
*We Believe in Quality Education*

SIP WITH ALLEN CAREER INSTITUTE KOTA (RAJASTHAN)
JEE & NEET

## GRAND SUCCESS IN SGI
## HISTORY REPEATS IN 2026

### ALL ODISHA RANK




MANAS RANJAN SWAIN
SUCHITA SATPATHY

ABOVE 99%: 2
ABOVE 95%: 19
ABOVE 90%: 70
ABOVE 80%: 192

SCAN THE QR CODE FOR REGISTRATION

WHY CHOOSE SARASWATI GROUP OF INSTITUTIONS TRISULIA,CUTTACK

1) 2026 - ALL ODISHA RANK 3
2) 2025 - STATE TOPPER 1ST RANK IN ODISHA
3) INTEGRATED COACHING UNDER ONE ROOF BY ALLEN (SIP)
4) SCHOLARSHIP FOR MERITORIOUS STUDENTS
5) REMEDIAL & INDIVIDUAL CLASSES FOR WEAK WARDS

## 1ST DIVISION 355

## OUR SCIENCE TOPPERS CHSE-2026 | 70 STUDENTS SCORED 90% & ABOVE




SGI ALWAYS IMRPOVES MARKS IN +2 SC. (AS COMPARED TO STD. 10TH )

| Name of the student | 12TH % | 10TH % |
|---|---|---|
| MANAS RANJAN SWAIN | 99.333 | 85.17 |
| SUCHITA SATPATHY | 99.167 | 92 |
| BIJAYLAXMI PANDA | 97.5 | 90.33 |
| ANKITA MOHAPATRA | 97.167 | 85.67 |
| PRIYANKA RAY | 97 | 91.67 |
| ARPITA PRADHAN | 96.833 | 64.83 |
| SUSHREE SUBHASMITA OJHA | 96.833 | 80.17 |
| RUPALI BEURA | 96.667 | 80 |
| SUBHASHREE RANA | 96.667 | 82.33 |
| UDIT NARAYAN SAHOO | 96.667 | 71.67 |
| SAUMYARANJAN DASH | 96.167 | 83.67 |
| AKANKSHYA SARADA PRIYADARSHINI | 96 | 84.17 |
| ANSUMAN SUBHADARSHAN SAHOO | 96 | 90 |
| AISHWARYA BISWAL | 95.833 | 83.33 |
| SUBHAM SAHOO | 95.833 | 88.5 |
| TRUPTISHREE BEHERA | 95.833 | 85.17 |
| PRIYANKA PRIYADARSINI PRADHAN | 95.667 | 81.17 |
| DIBYAJYOTI MOHANTY | 95.5 | 84 |
| OMM PRAKASH ROUT | 95.333 | 78.5 |
| SWIKRUTI MUDULI | 94.667 | 92 |
| ARPITA PATTANAIK | 94.5 | 75.5 |
| ASMIT BISWAL | 94.5 | 80.33 |
| JANMEJAYA SAMAL | 94.5 | 76.83 |
| PRATEEM SUNDAR BEHERA | 94.333 | 80 |
| KUMAR KIRTIK DAS | 94.167 | 82.17 |
| MONALISHA PRADHAN | 94.167 | 77.33 |
| PRIYANSHU PADHY | 94.167 | 97.8 |

SCAN THE QR CODE TO KNOW OUR FACILITIES

LIMITED SEATS • UNLIMITED DREAMS !

JOIN THE ALLEN SIP
INTEGRATED PROGRAM
+
BOARD PREPARATION
AT SARASWATI
( UNDER ONE ROOF )

NO EXTRA COST



SARASWATI SCIENCE HIGHER SECONDARY SCHOOL (CHSE : +2 SC./COM)
SARASWATI PUBLIC SCHOOL (CBSE)
SARASWATI DEGREE SCIENCE COLLEGE (+3 SCIENCE)
BSC. ITM BY CAC (UNDER UTKAL UNIVERSITY)

SCAN THE QR CODE TO LOCATE US

info@saraswaticollege.net saraswaticollege.net saraswatigroupof.institutions Saraswati Group Of Institutions

CONTACT: 8895429620, 8018444166, 8260583744, 9937737391, 7077665754

CAMPUS: BELAGACHHIA, TRISULIA, CUTTACK . H.O: ARUNDOYA MARKET, LINKROAD, CUTTACK

## ୪ ମାସ ପରେ ବି କାର୍ଯ୍ୟକ୍ଷମ ହୋଇପାରୁନି ନୂଆ କୋଠା

# ହୋଇନି ବିଦ୍ୟୁତ୍ ସଂଯୋଗ; ପୁରୁଣାରେ ଚାଲିଛି ଚିକିତ୍ସା

ମୁନିଗୁଡା, ୨୩।୫(ସମିସ)





ସରକାରୀ ଖର୍ଚ୍ଚରେ ନିର୍ମିତ ନୂଆ ମେଡିକାଲ ବିଲ୍ଡିଂର କାର୍ଯ୍ୟ ଶେଷ ହୋଇ ୪ ମାସ ବିତିଯାଇଥିଲେ ମଧ୍ୟ ବିଦ୍ୟୁତ୍ ସଂଯୋଗ ଅଭାବରୁ ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଫଳରେ ପୁରୁଣା ମେଡିକାଲରେ ହିଁ ଚିକିତ୍ସା ସେବା ଚାଲିଥିବା ବେଳେ ପ୍ରବଳ ଗରମ ଓ ଗୁଳୁଗୁଳି ମଧ୍ୟରେ ରୋଗୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଗର୍ଭବତୀ ମହିଳା, ବୃଦ୍ଧ ଓ ଜ୍ୱରାକ୍ରାନ୍ତ ରୋଗୀମାନେ ଅସହ୍ୟ ପରିସ୍ଥିତିରେ ଚିକିତ୍ସାଧୀନ ଥିବାରୁ ଅଞ୍ଚଳରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଅମ୍ବାଦଳାରେ ନୂଆ ମେଡିକାଲ ବିଲ୍ଡିଂ କାର୍ଯ୍ୟ ଶେଷ ହୋଇ ୪ ମାସ ହେଲା ହସ୍ତାନ୍ତର କରାଯାଇଛି। ହେଲେ ବିଡ଼ମ୍ବନାର ବିଷୟ ମେଡିକାଲ ବିଲଡିଂ ଭିତରେ ବିଦ୍ୟୁତ୍ ସଂଯୋଗ ହୋଇ ନଥିବାରୁ ପୁରୁଣା ମେଡିକାଲରୁ ନୂତନ ମେଡିକାଲ ବିଲଡିଂକୁ ସ୍ଥାନାନ୍ତରିତ ହୋଇ ପାରୁ ନାହିଁ। ପୂର୍ବରୁ ଥିବା ମେଡିକାଲରେ ଜରୁରୀ କାଳୀନ ପରିସ୍ଥିତି ରେ ଷ୍ଟ୍ରେଚର୍‌ରେ ରୋଗୀଙ୍କୁ ନେବା ଆଣିବାରେ ଅସୁବିଧା ହେଉଥିବା ବେଳେ ରୋଗୀମାନଙ୍କ ପାଇଁ ସୁବ୍ୟବସ୍ଥା ନଥିବାରୁ ରୋଗୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ରୋଗୀଙ୍କ ସମ୍ପର୍କୀୟ ଅଭିଯୋଗ କରିଛନ୍ତି। ସମ୍ପ୍ରତି ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ପ୍ରବଳ ଗରମ ଯୋଗୁଁ ଅମ୍ବାଦଳାରେ ଥିବା ସରକାରୀ ମେଡିକାଲରେ ଚିକିତ୍ସାଧୀନ ରୋଗୀମାନେ ନାହିଁନଥିବା ଅସୁବିଧାର

### ଅସହ୍ୟ ଗରମରେ ଦୁର୍ଦ୍ଦଶା ଭୋଗୁଛନ୍ତି ରୋଗୀ

ସମ୍ମୁଖୀନ ହେଉଛନ୍ତି। ମେଡିକାଲର ୱାର୍ଡ ଓ କର୍ମଚାରୀ କକ୍ଷରେ ଅସହ୍ୟ ଗରମ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଚାଲୁଥିବା ପଙ୍ଖାରୁ ମଧ୍ୟ ଗରମ ହାୱା ବାହାରୁଥିବାରୁ ରୋଗୀମାନଙ୍କ ଦୁର୍ଦ୍ଦଶା ଆହୁରି ବଢ଼ିଯାଇଛି। ବିଶେଷ କରି ଗର୍ଭବତୀ ମହିଳା, ବୃଦ୍ଧ ଓ ଜ୍ୱରାକ୍ରାନ୍ତ ରୋଗୀମାନେ ଗରମ ସହିପାରୁନଥିବାରୁ ଅତ୍ୟନ୍ତ କଷ୍ଟ ଭୋଗୁଥିବା ଦେଖିବାକୁ ମିଳୁଛି। ରୋଗୀଙ୍କ ସହ ଆସିଥିବା ସମ୍ପର୍କୀୟମାନେ ମଧ୍ୟ ଗୁଳୁଗୁଳି ଓ ଗରମରେ ହଇରାଣ ହରକତ ହେଉଛନ୍ତି। ରାତି ସମୟରେ ମଧ୍ୟ ପରିସ୍ଥିତିରେ କୌଣସି ସୁଧାର ନଥିବାରୁ ଚିକିତ୍ସା ପାଇଁ ଆସୁଥିବା ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ସ୍ଥାନୀୟ ଲୋକମାନଙ୍କ କହିବା ଅନୁସାରେ, ମେଡିକାଲରେ ପର୍ଯ୍ୟାପ୍ତ ଶୀତଳୀକରଣ ବ୍ୟବସ୍ଥା ନଥିବାରୁ ଏପରି ସମସ୍ୟା ସୃଷ୍ଟି ହୋଇଛି। ତୁରନ୍ତ ଅଧିକ ପଙ୍ଖା, କୁଲର କିମ୍ବା ଏସି ବ୍ୟବସ୍ଥା କରିବା ସହ ରୋଗୀମାନଙ୍କ ପାଇଁ ପିଇବା ପାଣି ଓ ଆବଶ୍ୟକ ସୁବିଧା ଯୋଗାଇଦେବାକୁ ଦାବି ହେଉଛି। ସେପଟେ ମେଡିକାଲ ପକ୍ଷରୁ ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ଆଶା କରାଯାଉଥିବା ବେଳେ ଯଥାଶୀଘ୍ର ନୂତନ ମେଡିକାଲ କୋଠାରେ ବିଦ୍ୟୁତ୍ ସଂଯୋଗ କରି ଉକ୍ତ ନୂତନ ମେଡିକାଲ କୋଠାକୁ କାର୍ଯ୍ୟକ୍ଷମ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ମା' ଗ୍ରାମ ଦେବୀ ଠାକୁରାଣୀଙ୍କ ଘଟପର୍ବ ଆରମ୍ଭ



ଦୁର୍ଗୀ, ୨୩।୫(ସମିସ): ରାୟଗଡ଼ା ଜିଲ୍ଲାର ବିଷମକଟକ ବ୍ଲକର ଦୂର୍ଗୀ ସ୍ଥିତ ମା' ଗ୍ରାମ ଦେବୀ ଠାକୁରାଣୀଙ୍କ ଘଟପର୍ବ ଶୁକ୍ରବାର ଠାରୁ ଆରମ୍ଭ ହୋଇଛି। ସନ୍ଧ୍ୟାରେ ମା'ଙ୍କ ମନ୍ଦିରରେ ଶହଶହ ଭକ୍ତଙ୍କ ଭିଡ଼ ଜମିଥିଲା। ମା'ଙ୍କ ପିଠରେ ଆଲୋକ ସହ ଫୁଲମାଳ ରଙ୍ଗୀନରେ ସଜସଜ୍ଜା କରାଯାଇଥିଲା। ମନ୍ଦିର ପରିଚାଳନା କମିଟିର ସଭାପତି ଲକ୍ଷ୍ମୀନାରାୟଣ ପାତ୍ର(କୁନୁ), ସମ୍ପାଦକ ଶଙ୍କର ଗୌଡ଼, ଉପସଭାପତି ରୁନୁ ପଣ୍ଡୁ, କୋଷାଧ୍ୟକ୍ଷ ଅନିଲ ପାଢ଼ୀ, କିରନ ପ୍ରଧାନୀ, ବିଶ୍ୱ ମାଦଳା, ପିଙ୍କୁ ପାତ୍ର, ପିଣ୍ଟୁ ପଣ୍ଡା, ଦୀପକ, ଭବାନୀ ପାତ୍ର ସମେତ ସମସ୍ତ କମିଟି ସଦସ୍ୟ ଉପସ୍ଥିତ ରହି ଘଟପର୍ବର ପୂର୍ବ ପ୍ରୀସ୍ତୁତି ଅନୁଯାୟୀ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଆପରାହ୍ନରେ ଘଟପର୍ବର ପୂଜାପାଠ ସ୍ଥାପନ କରି ପଟୁଆର ସହ ନଗର ପରିକ୍ରମା କରାଯାଇଥିଲା। ଶୁକ୍ରବାର ଠାରୁ ମା'ଙ୍କ ନବରାତ୍ର ପୂଜା ଆରମ୍ଭ ହୋଇ ୯ଦିନ ଧରି ଚାଲିବା ନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚାଯାଇଥିଲା। ପରମ୍ପରା ପ୍ରକାରେ, ମେ୨୨ତାରିଖରୁ ଆରମ୍ଭ ହୋଇ ମେ ୩୧ତାରିଖ ପର୍ଯ୍ୟନ୍ତ ପ୍ରତେକ୍ୟ ଦିନ ମା'ଙ୍କ ଘଟପର୍ବ କାର୍ଯ୍ୟସୂଚୀ ଅନୁସାରେ ଅନୁଷ୍ଠିତ ହେବ। ଏହି ସମୟରେ ଡ଼ମ୍ବ ବାଦ୍ୟ ସହ ସମସ୍ତ ସାହିରେ ମା'ଙ୍କ ଘଣ୍ଟ ଚାଙ୍ଗୁଡ଼ି. ଘଣ୍ଟ କଳସୀ ଯାତ୍ରା ନଗର ପରିକ୍ରମା ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ସାଂସ୍କୃତିକ କାର୍ଯ୍ୟକ୍ରମ, ବିଭିନ୍ନ ପ୍ରକାର ବେଶଭୁଷା ନାଟକ ପରିବେଷଣ କରାଯିବ। ମନ୍ଦିର ପୂଜାରୀ ଗୋପାଳ ଗୌଡ଼ ମନ୍ତ୍ରପାଠ, ବେଜୁ ନାଟ କରିଥିବା ବେଳେ ମନ୍ଦିର କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ପରିଚାଳନା ଓ ସହଯୋଗ କରୁଛନ୍ତି।

# ବିଦ୍ୟାଳୟ ପରିସରରୁ ହଟିଲା ଜବରଦଖଲ



କାଳିମେଳା, ୨୩।୫(ସମିସ): ମାଲକାନଗିରି ଜିଲ୍ଲା କାଳିମେଳା ଥାନା ଅନ୍ତର୍ଗତ ଏମପିଭି-୪୧ ଗାଁରେ ଥିବା ପ୍ରାଥମିକ ବିଦ୍ୟାଳୟ ପରିସରରୁ ଜବରଦଖଲ ହଟାଯାଇଛି। ଗାଁର ୭ ଜଣ ପରିବାର ଦୀର୍ଘଦିନ ଧରି ସ୍କୁଲ ଜାଗାକୁ ଅକ୍ତିଆର କରି ରହୁଥିବା ସହିତ ସେଠାରେ ଗାଇ ଗୁହାଳ କରିବା ସହ ଗାଡ଼ି ମୋଟର ମଧ୍ୟ ରଖୁଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ପୂର୍ବରୁ ନୋଟିସ ଓ ସୂଚନା ଦିଆଯାଇଥିବା ବେଳେ ଆଜି ପ୍ରଶାସନର ଉପସ୍ଥିତିରେ ଉଚ୍ଛେଦ କରାଯାଇଛି। ଉପଜିଲ୍ଲାପାଳ ଦୁର୍ଯୋଧନ ଭୋଇ, ସ୍ଥାନୀୟ ତହସିଲଦାର ଓ ବିଭାଗୀୟ ଅଧିକାରୀ, ପୁଲିସ ପ୍ରଶାସନ ଓ ଅନ୍ୟାନ୍ୟ କର୍ମଚାରୀଙ୍କ ଉପସ୍ଥିତିରେ ଏହି ଜବରଦଖଲ ଉଚ୍ଛେଦ କରାଯାଇଥିଲା।

# ଜେକେ ପେପର ମିଲ୍ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ରାୟଗଡ଼/ଜେକେପୁର, ୨୩।୫(ସମିସ): ଜେକେ ପେପର ମିଲ୍ସ ଜେକେପୁର ସିଏସ୍ ଆର ବିଭାଗ ପକ୍ଷରୁ ମେଡିକଭର ହସ୍ପିଟାଲ, ବିଜୟନଗରମର ସହଯୋଗରେ ଏକ ବହୁ-ବିଶେଷଜ୍ଞ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ନିକଟସ୍ଥ ଗ୍ରାମଗୁଡ଼ିକର ଲୋକମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି କାର୍ଯ୍ୟକ୍ରମକୁ ଜେକେ ପେପର୍ ମିଲ୍ସର ମହାପ୍ରବନ୍ଧକ (ଏଚଆର ଏଣ୍ଡ ଆଇଆର) ସନ୍ଦୀପ ପାଣ୍ଡେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. କେ.ଭି.ଆର. ରାଓ ଓ ଲୋକ ସମ୍ପର୍କ ଅଧିକାରୀ ସ୍ମୃତି ରେଖା କର ଉପସ୍ଥିତ ଥିଲେ। ଶିବିରରେ ବିଜୟନଗରମର ଅଭିଜ୍ଞ ବିଶେଷଜ୍ଞ ଡାକ୍ତରମାନେ ସେବା ପ୍ରଦାନ କରିଥିଲେ। ଚିକିତ୍ସକ ଦଳରେ ଅସ୍ଥିରୋଗ ବିଶେଷଜ୍ଞ ଡା. ଜିନାଗମ୍ ଏମ୍. ପ୍ରବୀଣ କୁମାର, ଶିଶୁରୋଗ ବିଶେଷଜ୍ଞ ଡା. ଚମ୍ପା ଭବାନୀ ଶଙ୍କର, ସାଧାରଣ ଚିକିତ୍ସକ ଡା. ରାଜେଶ ପଲ୍ଲାମାରାଜୁ ବୋଲ୍ଲାପ୍ରଗଡ଼ା, ହୃଦରୋଗ ବିଶେଷଜ୍ଞ ଡା. ଉମା ଦେବୀ ୟୁ ଓ ସ୍ତ୍ରୀରୋଗ ବିଶେଷଜ୍ଞ ଡା. ପି. ପୂଜିତା ଥିଲେ। ଡାକ୍ତରମାନେ ରୋଗୀମାନଙ୍କୁ ପରୀକ୍ଷା କରି ନିଜ ନିଜ ବିଭାଗରେ ପରାମର୍ଶ ଓ ଚିକିତ୍ସା ସେବା ପ୍ରଦାନ କରିଥିଲେ। ଶିବିର ସମୟରେ ରକ୍ତଚାପ, ଡାଏବେଟିସ୍ ପରୀକ୍ଷା, ଇସିଜି ଓ ବିଏମଆଇ ପରୀକ୍ଷା ମଧ୍ୟ କରାଯାଇଥିଲା। ନିକଟସ୍ଥ ଗ୍ରାମଗୁଡ଼ିକରୁ ବହୁ ସଂଖ୍ୟକ ରୋଗୀ ଏହି ଶିବିରରେ ଯୋଗଦେଇ ନିଶୁଳ୍କ ଚିକିତ୍ସା ସୁବିଧା ଓ ପରାମର୍ଶର ଲାଭ ଉଠାଇଥିଲେ। ଡାକ୍ତରମାନଙ୍କ ପରାମର୍ଶ ଅନୁଯାୟୀ ରୋଗୀମାନଙ୍କୁ ନିଶୁଳ୍କ ଔଷଧ ମଧ୍ୟ ବଣ୍ଟନ କରାଯାଇଥିଲା। ଏହା ଜେକେ ପେପର୍ ମିଲ୍ସର ସିଏସଆର କାର୍ଯ୍ୟକ୍ରମ ମାଧ୍ୟମରେ ସମାଜ କଲ୍ୟାଣ ଓ ସହଜ ସ୍ୱାସ୍ଥ୍ୟସେବା ପ୍ରତି ଅବିରତ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି।



# ପଞ୍ଚାୟତସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ମୁନିଗୁଡା, ୨୩।୫(ସମିସ): ଅମ୍ବାଦଳା ହାଇସ୍କୁଲ ଖେଳପଡ଼ିଆରେ ଅମ୍ବାଦଳା ମର୍ଣ୍ଣିଙ୍ଗ ଇଲେଭେନ ଟିମ ପକ୍ଷରୁ ପଞ୍ଚାୟତସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସିଜନ-୨ ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଅମ୍ଲାଭଟା ସରପଞ୍ଚ ଗୁରୁବାରି ଭୋଇ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବୁଦ୍ଧିଜୀବୀ ସନ୍ତୋଷ ପାତ୍ର, ଜଗନ୍ନାଥ ପ୍ରସାଦ, ବୃନ୍ଦାବନ ମହାନ୍ତି ଯୋଗଦେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଅଞ୍ଚଳର ବିଭିନ୍ନ ଗ୍ରାମର ୧୬ଟି ଦଳ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଥିବା ବେଳେ ସକାଳ ଓ ଅପରାହ୍ନରେ ମ୍ୟାଚ୍ ଖେଳାଯିବାର ବ୍ୟବସ୍ଥା ରହିଛି। ଗ୍ରୁପ 'ଏ'ରେ ରଜା ଲାଞ୍ଜିଗଡ଼, ଚମ୍ପାଦେଇପୁର, ଗୋବର୍ଦ୍ଧନ, ଏମବିସି- ଇଲେଭେନ, ଲିଟିଲ ଷ୍ଟୋର, ଏମବିସିସି, ଡିକେପି ଇଲେଭେନ ଷ୍ଟାର ଓ ଜେବିସିସି ଖାଇଙ୍ଗ ଦଳ ରହିଥିବା ବେଳେ ଗ୍ରୁପ 'ବି'ରେ ନାସିଗାଁ, ନାଗଝରି, ବେଷ୍ଟ- ଇଲେଭେନ, ଫାଟକପଡ଼ା, ମହାବୀର ୱାରିଅର୍ସ, ଛତାରପୁର, ମର୍ଣ୍ଣିଙ୍ଗ ଏକାଦଶ ଓ ରୟାଲ ପିକେବି ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିନରେ ରାଜା ଲାଞ୍ଜିଗଡ଼ ଓ ଚମ୍ପାଦେଇପୁର ମଧ୍ୟରେ ପ୍ରତିଯୋଗିତା ହୋଇଥିବା ବେଳେ ରଜା ଲାଞ୍ଜିଗଡ଼ ଦଳ ବିଜୟୀ ହୋଇଥିଲା। ଅପରାହ୍ନରେ ନାସି ଗାଁ ଓ ନାଗଝୋରୀ ଦଳ ମଧ୍ୟରେ ପ୍ରତିଯୋଗିତା ହୋଇଥିବା ବେଳେ ନାଗଝୋରୀ ବିଜୟୀ ହୋଇଥିବା ଜଣାପଡ଼ିଛି। ଆସନ୍ତା ୨୮ ମେରେ ସେମି ଫାଇନାଲ ଓ ୩୦ ମେରେ ଗ୍ରାଣ୍ଡ ଫାଇନାଲ ଅନୁଷ୍ଠିତ ହେବ।

# ମାଓଗଡ଼ ଧ୍ୱଂସ ପରେ ଆଇଡି ବୋମା ମୁକ୍ତ ବସ୍ତର ଅଭିଯାନ ଆରମ୍ଭ

ମାଲକାନଗିରି, ୨୩।୫(ସମିସ): ମାଲକାନଗିରି ସୀମାନ୍ତ ଛତିଶଗଡ଼ର ବସ୍ତର ଅଞ୍ଚଳରେ ମାଓବାଦୀଙ୍କ ଦ୍ୱାରା ପୋତି ରଖାଯାଇଥିବା ଆଇଇଡି ଓ ବିସ୍ଫୋରକ ସାମଗ୍ରୀ ଖୋଜିବାକୁ ସୁରକ୍ଷାବାହିନୀ ପକ୍ଷରୁ ଜୋରଦାର ସର୍ଚ୍ଚ ଅଭିଯାନ ଚାଲିଛି। ଜଙ୍ଗଲ ଓ ଗ୍ରାମାଞ୍ଚଳରେ ବୋମା ନିରୋଧକ ଦଳ ଏବଂ ସୁରକ୍ଷା କର୍ମୀମାନେ ପ୍ରତିଦିନ ସତର୍କତାର ସହ ତଲାଶି କାର୍ଯ୍ୟ କରୁଛନ୍ତି। ପୂର୍ବରୁ ମାଓବାଦୀଙ୍କ ଗଡ଼ ଭାବେ ପରିଚିତ ଏହି ଅଞ୍ଚଳରେ ଏବେ ମଧ୍ୟ ମାଟି ତଳେ ପୋତା ଥିବା ବୋମା ସାଧାରଣ ଲୋକ ଓ ପଶୁପକ୍ଷୀଙ୍କ ପାଇଁ ବିପଦ ସୃଷ୍ଟି କରୁଥିବାରୁ ଆଇଇଡି ମୁକ୍ତ ବସ୍ତର ଅଭିଯାନକୁ ତ୍ୱରାନ୍ୱିତ କରାଯାଇଛି। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ଠାରୁ ମିଳିଥିବା ସୂଚନା ଆଧାରରେ ଏହି ଅଭିଯାନ ଜାରି ରହିଥିବା ବସ୍ତର ଆଇଜି ସୁନ୍ଦର ରାଜ ପି ସୂଚନା ଦେଇଛନ୍ତି।



## ● ଖବର ପ୍ରସାରଣ ପରେ ଚେତିଲା ପ୍ରଶାସନ

# ଇନ୍ଦିରା ସାହିର ୪ ଅସହାୟ ଭାଇଭଉଣୀ ପାଖରେ ପହଞ୍ଚିଲା ପ୍ରଶାସନ

ମୁନିଗୁଡା, ୨୩।୫(ସମିସ): ମା'ଙ୍କ ମୃତ୍ୟୁ ପରେ ବାପା ନିଖୋଜ ହୋଇଯିବାରୁ ଅସହାୟ ଅବସ୍ଥାରେ ଜୀବନ କାଟୁଥିବା ଆମ୍ବାଦଳା ଇନ୍ଦିରା ସାହିର ଚାରି ଭାଇଭଉଣୀଙ୍କ ଦୁର୍ଦ୍ଦଶା ସମ୍ବନ୍ଧୀୟ ଖବର ପ୍ରସାରଣ ପରେ ଚେତିଛି ପ୍ରଶାସନ। ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଉକ୍ତ ପରିବାର ନିକଟରେ ପହଞ୍ଚି ଘଟଣାର ତଦନ୍ତ କରି ଫେରିଥିବା ଜଣାପଡ଼ିଛି। ସୂଚନାନୁସାରେ, ଆମ୍ବାଦଳା ପଞ୍ଚାୟତ ଇନ୍ଦିରା ସାହିର ଲାଲି ଗୈତ୍ରଙ୍କ ମୃତ୍ୟୁ ପରେ ତାଙ୍କ ସ୍ୱାମୀ ଅର୍ଜୁନ ରାଣା ମଧ୍ୟ ପିଲାମାନଙ୍କୁ ଛାଡ଼ି କୁଆଡେ ଚାଲିଯାଇଥିବାରୁ ଦୁଇ ପୁଅ ଓ ଦୁଇ ଦିବ୍ୟାଙ୍ଗ ଝିଅ ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଛନ୍ତି। ପରିବାରର ବଡ ପୁଅ ଦାଦନ ଖଟି ପରିବାର ଚଳାଉଥିବା ବେଳେ ଅର୍ଥାଭାବରୁ ଦୁଇ ଝିଅଙ୍କ ପାଠପଢ଼ା ମଧ୍ୟ ବନ୍ଦ ହୋଇଯାଇଛି। ଏହି ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ପ୍ରମୋଦ କୁମାର ନାୟକ, ଶିଶୁ କଲ୍ୟାଣ ସମିତି ସଦସ୍ୟ ପାଞ୍ଚାଲି ଶବର ଓ ଲିଲି ଦାସ ଓ ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ପରିବାର ନିକଟରେ ପହଞ୍ଚି ସ୍ଥିତିର ସମୀକ୍ଷା କରିଥିଲେ। ପରିବାରର ସମସ୍ତ ସଦସ୍ୟଙ୍କ ଅବସ୍ଥା, ଆର୍ଥିକ ସମସ୍ୟା ଓ ସରକାରୀ ସହାୟତା ପାଇଁ ଯୋଗ୍ୟତା ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଇଥିବା ବେଳେ ସାନ ପୁଅର ପାଠ ପଢ଼ା ପାଇଁ ହଷ୍ଟେଲ ସୁବିଧା କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। କେବଳ ତଦନ୍ତରେ ସୀମିତ ନ ରହି ପରିବାରଟିକୁ ତୁରନ୍ତ ବାତ୍ସଲ୍ୟ ଯୋଜନା, ଭତ୍ତା, ଖାଦ୍ୟ ସୁରକ୍ଷା ଓ ଦୁଇ ଦିବ୍ୟାଙ୍ଗ ଝିଅଙ୍କ ପାଇଁ ଚିକିତ୍ସା ସହାୟତା ଯୋଗାଇ ଦିଆଯାଉ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି। ଏହାସହ ସାନ ପୁଅର ପାଠପଢ଼ା ଅବ୍ୟାହତ ରଖିବାକୁ ମଧ୍ୟ ସରକାରୀ ସହଯୋଗ ଦେବାକୁ ଦାବି ହୋଇଛି।



## ହାତ ବଢ଼ାଇଲା ବେଦାନ୍ତ

# ନୂଆ ରୂପ ପାଇଲା ସୁଙ୍ଗେର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର

ରାୟଗଡ଼, ୨୩।୫(ସମିସ)




ସ୍ୱାସ୍ଥ୍ୟ ହିଁ ସମ୍ପଦ, ପ୍ରତିଟି ଜୀବନର ସୁରକ୍ଷା ହିଁ ପ୍ରକୃତ ବିକାଶ ଭଳି ସୁଚିନ୍ତିତ ପଦକ୍ଷେପକୁ ଗ୍ରହଣ କରି ବେଦାନ୍ତ ଦ୍ୱାରା ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ସୁଙ୍ଗେର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ରୂପରେଖ ବଦଳି ପାରିଛି। ପୂର୍ବରୁ ଥିବା ଏହି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅତ୍ୟାଧୁନିକ ଓ ଉନ୍ନତ କରିବା ପାଇଁ ବେଦାନ୍ତ ହାତ ବଢ଼ାଇଛି। ଯାହା ଅଞ୍ଚଳରେ ସ୍ୱାସ୍ଥ୍ୟସେବାର ଚେହେରା ବଦଳାଇ ଦେଇଛି। ଏହି ଅବସରରେ କାଶୀପୁର ବ୍ଲକ ସୁଙ୍ଗେରଠାରେ ଏକ ଭବ୍ୟ ଉତ୍ସବର ଆୟୋଜନ କରାଯାଇଥିଲା। ସ୍ଥାନୀୟ ଲୋକପ୍ରତିନିଧି, ଅଞ୍ଚଳର ଶତାଧିକ ଗାଁ ଲୋକ ଏବଂ ବେଦାନ୍ତର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସଆର) ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ଗରିମାମୟ ଉପସ୍ଥିତିରେ ଏହି ନୂତନ ରୂପାନ୍ତରିତ ସ୍ୱାସ୍ଥ୍ୟ କେନ୍ଦ୍ରର ଉଦ୍‌ଘାଟିତ ହୋଇଯାଇଛି। ଅତିଥିମାନେ ଆନୁଷ୍ଠାନିକ ଭାବେ ଏହି ଅତ୍ୟାଧୁନିକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଜନସାଧାରଣଙ୍କ ସେବାରେ ସମର୍ପିତ କରିଛନ୍ତି। ବେଦାନ୍ତର ଏହି ମହତ୍ ପ୍ରୟାସ ଯୋଗୁଁ ସୁଙ୍ଗେର ସ୍ୱାସ୍ଥ୍ୟ କେନ୍ଦ୍ର ଏବେ କେବଳ ଏକ ଡାକ୍ତରଖାନା ହୋଇ ରହିନାହିଁ, ବରଂ ଏହା ପାଲଟିଛି ସ୍ଥାନୀୟ ଲୋକଙ୍କ ଭରସାର ଅତି ଆପଣାର କେନ୍ଦ୍ର। ଏବେ ଏଠାରେ ମିଳୁଛି ସହର ଭଳି ସମସ୍ତ ଉନ୍ନତ ଚିକିତ୍ସା ସୁବିଧା, ଯାହା ଗ୍ରାମୀଣ ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ସୁନିଶ୍ଚିତ କରୁଛି ବୋଲି ବେଦାନ୍ତ କର୍ତ୍ତୃପକ୍ଷ କହିଛନ୍ତି। ଏବେ ଏଠାରେ ୨୪ ଘଣ୍ଟିଆ ଡାକ୍ତରୀ ସେବା, ଗୁରୁତର ରୋଗୀଙ୍କୁ ଭର୍ତ୍ତି କରି ଚିକିତ୍ସା କରିବାର ବ୍ୟବସ୍ଥା, ପାଥୋଲୋଜି ଲ୍ୟାବ୍, ନିରାମୟ ଯୋଜନାରେ ସରକାରଙ୍କ ସହଯୋଗରେ ମାଗଣା ଜରୁରୀକାଳୀନ ମେଡ଼ିସିନର ସୁବିଧା, ରୋଗୀଙ୍କ ପାଇଁ ଶଯ୍ୟା ସୁବିଧା ଆଦି ଉପଲବ୍ଧ ହୋଇପାରିଛି। ସେହିପରି ସବୁଠାରୁ ବଡ଼ ପରିବର୍ତ୍ତନ ଆଣିଛି ଏଠାରେ ଉପଲବ୍ଧ ଥିବା ୨୪ ଘଣ୍ଟିଆ ସୁନିଶ୍ଚିତ ଆମ୍ବୁଲାନ୍ସ ସେବା। ପାହାଡ଼ ଘେରା ଦୁର୍ଗମ ଗାଁରେ ଯେତେବେଳେ କୌଣସି ଗର୍ଭବତୀ ମହିଳା କିମ୍ବା ଜରୁରୀ ରୋଗୀଙ୍କୁ ତୁରନ୍ତ ଡାକ୍ତରଖାନା ଆଣିବାକୁ ପଡ଼େ, ସେତେବେଳେ ବେଦାନ୍ତର ଏହି ଆମ୍ବୁଲାନ୍ସ ସେବା ଏକ ଦେବଦୂତ ସାଜି ଜୀବନ ରକ୍ଷା କରୁଛି ବୋଲି କର୍ତ୍ତୃପକ୍ଷ କହିଛନ୍ତି। ଆଜି ସୁଙ୍ଗେର ସ୍ୱାସ୍ଥ୍ୟ କେନ୍ଦ୍ରର ଏହି ରୂପାନ୍ତର ଯୋଗୁଁ ଆଖପାଖର ପ୍ରାୟ ୩ଟି ପଞ୍ଚାୟତର ହଜାର ହଜାର ଲୋକ ସିଧାସଳଖ ଉପକୃତ ହେଉଛନ୍ତି। କାଶୀପୁର ସୁଙ୍ଗେର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଏହି ଅପୂର୍ବ ରୂପାନ୍ତର, ବେଦାନ୍ତର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସଆର) ମାଧ୍ୟମରେ ସ୍ଥାନୀୟ ଜନଜୀବନରେ ଏକ ନୂଆ ଆଶା ଓ ଆଲୋକ ଭରିଦେଇଛି। ସ୍ଥାନୀୟ ଜନସାଧାରଣଙ୍କ ଜୀବନକୁ ସୁରକ୍ଷିତ ରଖିବା ଦିଗରେ ବେଦାନ୍ତ ଏବଂ ଜିଲ୍ଲା ପ୍ରଶାସନର ଏହି ମିଳିତ ପ୍ରୟାସ ଆଜି ସତରେ ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛି ବୋଲି ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି।

● ଆଇନଜୀବୀ ସଂଘ ନିର୍ବାଚନ

## ସନ୍ତୋଷ ମିଶ୍ର ସଭାପତି, ତପନ ସିଂ ସମ୍ପାଦକ

ନବରଙ୍ଗପୁର, ୨୩।୫(ସମିସ): ନବରଙ୍ଗପୁର ଆଇନଜିବୀ ସଂଘ ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଛି । ଆଜି ମତ ଗ୍ରହଣ, ଭୋଟ ଗଣତି ଓ ବିଜୟୀ ତାଲିକା ଘୋଷଣା କରାଯାଇଥିଲା । ନିର୍ବାଚନ ସକାଳ ସାଢ଼େ ସାତଟା ବେଳେ ଆରମ୍ଭ ହୋଇଥିବା ବେଳେ ମଧ୍ୟାହ୍ନ ୩ ଟା ପର୍ଯ୍ୟନ୍ତ ମତ ଗ୍ରହଣ କରାଯାଇଥିଲା । ମୋଟ ୧୮୬ ଜଣ ବାର୍ ସଦସ୍ୟ ସଦସ୍ୟାମାନଙ୍କ ମଧ୍ୟରୁ ୧୭୫ ଜଣ ଆଇନଜୀବୀମାନେ ନିଜ ମତଦାନ କରିଥିଲେ । ପୂର୍ବରୁ ଉପସଭାପତି ରୂପେ ସ୍ନେହଲତା ଦେବୀ, ଯୁଗ୍ମ ସମ୍ପାଦିକା ରୂପେ ସ୍ୱାଗତିକା ସାମନ୍ତରାୟ, କୋଷାଧ୍ୟକ୍ଷ ରୂପେ ଶେଖ ବାବା ଅଲିସା ଓ ୩ ଟି କାର୍ଯ୍ୟକାରୀ ସଦସ୍ୟ ପ୍ରଶାନ୍ତ କୁମାର ପଟ୍ଟନାୟକ, ଗୋପାଳ ଶତପଥୀ ଓ ବାଲାଜୀ ମିଶ୍ର ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ । ଆଜି ସଭାପତି ଓ ସମ୍ପାଦକ ପଦବୀ ପାଇଁ ନିର୍ବାଚନ ହୋଇଥିଲା । ସଭାପତି ପଦବୀରେ ସନ୍ତୋଷ କୁମାର ମିଶ୍ର ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ସିରାଜୁଦ୍ଦିନ ଅହମ୍ମଦଙ୍କ ଠାରୁ ୨୬ ଖଣ୍ଡ ଅଧିକ ଭୋଟ ପାଇ ବିପୁଳ ଭୋଟରେ ନିର୍ବାଚିତ ହୋଇଛନ୍ତି । ସେହିଭଳି ସମ୍ପାଦକ ପଦବୀ ରେ ଆଇନଜୀବୀ ତପନ କୁମାର ସିଂହ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ କିଶୋରୀ ପଟ୍ଟନାୟକଙ୍କ ଠାରୁ ୩୭ ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହୋଇଛନ୍ତି । ଅପରାହ୍ନ ୪ଟା ଠାରୁ ଭୋଟ ଗଣତି ଆରମ୍ଭ ହୋଇଥିଲା । ମୋଟ ୪ଟି ରାଉଣ୍ଡ ଗଣତି କରାଯାଇଥିଲା । ଏହି ନିର୍ବାଚନକୁ ନିର୍ବାଚନ ଅଧିକାରୀ ସରୋଜ କୁମାର ବେହେରା, ସହକାରୀ ନିର୍ବାଚନ ଅଧିକାରୀ କିଶୋର କୁମାର ପଟ୍ଟନାୟକ ଓ ପ୍ରଦୀପ କୁମାର ସାହୁ ପରିଚାଳନା କରିଥିଲେ ।

## ଗୀତାଞ୍ଜଳି ପରିଡ଼ାଙ୍କ ପରଲୋକ



କୋଷାଗୁମୁଡ଼ା, ୨୩।୫(ସମିସ): ଆଜି ସକାଳେ କୋଷାଗୁମୁଡ଼ା ସଦର ମେଡ଼ିକାଲ ସାହି ବାସିନ୍ଦା ସହଦେବ ପରିଡ଼ାଙ୍କ ଧର୍ମପତ୍ନୀ ଗୀତାଞ୍ଜଳି ପରିଡ଼ା(୭୧)ଙ୍କ ପରଲୋକ ହୋଇଯାଇଛି । ମୃତ୍ୟୁ ସମୟରେ ତାଙ୍କର ପୁଅ, ବୋହୂ, ନାତି ନାତୁଣୀ ଉପସ୍ଥିତ ଥିଲେ । ଶ୍ରୀମତୀ ପରିଡ଼ା ଜଣେ ନମ୍ର, ସରଳ, ଶାନ୍ତ ମେଳାପୀ ମହିଳା ଥିଲେ । କୋଷାଗୁମୁଡ଼ା ଭାସ୍କେଲ ନଦୀ କୁଳରେ ତାଙ୍କର ଶବ ସତ୍କାର କରାଯାଇଥିଲା ।

# କୋଟିଆରେ ଆନ୍ଧ୍ର ଆରମ୍ଭ କଲା ପୁଲିସ ଯାଞ୍ଚ ଫାଟକ

ପଟ୍ଟାଙ୍ଗି, ୨୩।୫(ସମିସ)





ଓଡ଼ିଶାର କୋଟିଆ ପୁଲିସ ଦ୍ୱାରା କୋଟିଆ ଥାନା ସମ୍ମୁଖରେ ଯାଞ୍ଚ ଫାଟକ ରହିଛି । କିନ୍ତୁ କୋଟିଆରେ ଆନ୍ଧ୍ର ଦାଦାଗିରି କରି ଉପରସେମ୍ବି ଗ୍ରାମର ମୁଖ୍ୟ ରାସ୍ତାରେ ପୁଲିସ ମୁତୟନ କରି ଆରମ୍ଭ କରିଛି ଯାଞ୍ଚ ଫାଟକ । ସ୍ଥାନୀୟ ଜନ ପ୍ରତିନିଧିଙ୍କ ବଳରେ ସ୍ଥାନୀୟ ମହିଳା ଓ ପୁରୁଷଙ୍କ ଉପସ୍ଥିତିରେ ଏହି ଯାଞ୍ଚ ଫାଟକ ଆରମ୍ଭ କରିଥିବା ଜଣାପଡ଼ିଛି । ଏନେଇ ସୂଚନା ପାଇଁ ଓଡ଼ିଶାର ପ୍ରଶାସନିକ ଅଧିକାରୀ ସେଠାରେ ପହଞ୍ଚି ଆଲୋଚନା କରିବା ପରେ ସେଠାରେ ଅନ୍ଧ୍ର ପୁଲିସ ସ୍ଥାପନ କରିଥିବା ତମ୍ବୁକୁ ହଟାଇଥିବା ଜଣାପଡ଼ିଛି ।

ସୂଚନାନୁଯାୟୀ, ଆଜି ଓଡ଼ିଶା ସୀମାନ୍ତ ଆନ୍ଧ୍ର ପ୍ରଦେଶର ସୀମାନ୍ତ ପାର୍ବତିପୁରମ ମାନ୍ୟମ ଜିଲ୍ଲା ଅନ୍ତର୍ଗତ ସାଲୁର ରୁରାଲ ପୋଲିସ ଷ୍ଟେସନ ଅନ୍ତର୍ଗତ ଥାନା ଅଧିକାରୀ ସିଆଇ ପି ରାମ କ୍ରିଷ୍ଣା ଏବଂ ଆନ୍ଧ୍ର କୋଟିଆ ଥାନା ଅଧିକାରୀ ଭାବେ ନିଯୁକ୍ତ କରିଥିବା ଶିଆଇ କ୍ରାନ୍ତି କୁମାର ମିଳିତ ଭାବେ ଆଜି ଯାଞ୍ଚ ଫାଟକଟିକୁ ଆରମ୍ଭ କରିଥିବା ନେଇ ଜଣାପଡ଼ିଥିଲା । ଉକ୍ତ ଯାଞ୍ଚ ଫାଟକ ଆରମ୍ଭ କରିବା ସମୟରେ ଆନ୍ଧ୍ର ପୋଲିସ ସ୍ଥାନୀୟ ଜନ ପ୍ରତିନିଧିଙ୍କ ବଳରେ ମହିଳା ଏବଂ ପୁରୁଷଙ୍କୁ ଏକତ୍ରିତ କରି ଫାଟକ ସମ୍ମୁଖରେ ଠିଆ କରାଇଥିବା ଦେଖିବାକୁ ମିଳିଥିଲା । କୋଟିଆ ଠାରୁ ସୀମାନ୍ତ ନେରେଡିୱାଲାସା ଗ୍ରାମକୁ ସଂଯୋଗ କରୁଥିବା ତଥା ଉପର ସେମ୍ବୀ ଗ୍ରାମର ମୁଖ୍ୟ ରାସ୍ତାରେ ପୋଲିସ ତମ୍ବୁ ସହ ଯାଞ୍ଚ ଫାଟକ ରାସ୍ତା ଉପରେ ଲଗାଇ ପୋଲିସ ମୁତୟନ କରିଥିବା ଦେଖିବାକୁ ମିଳିଛି । ସୂଚନାନୁଯାୟୀ,

**ଓଡ଼ିଶା ପ୍ରଶାସନର ଆଲୋଚନା ପରେ ହଟିଲା ଅସ୍ଥାୟୀ ତମ୍ବୁ**

ଉପରସେମ୍ବି ଗ୍ରାମରେ ଗୁରୁବାର ଆନ୍ଧ୍ର ସରକାର ୬ ଜଣ ପରିବାରକୁ ସୂର୍ଯ୍ୟ ଘର ଯୋଜନାରେ ସୋଲାର ଯୋଗାଇବା ନିମନ୍ତେ ଚେଷ୍ଟା କରିଥିଲା । ଶୁକ୍ରବାର ପୁନର୍ବାର ଆନ୍ଧ୍ରର ସ୍ୱାସ୍ଥ୍ୟ ସେବା ଯୋଗାଉଥିବା ମୋବାଇଲ ସେବା ଗାଡ଼ି ପହଞ୍ଚି ସ୍ୱାସ୍ଥ୍ୟ ସେବା ଯୋଗାଇବା ନିମନ୍ତେ ପ୍ରୟାସ ଆରମ୍ଭ କରିଥିଲା । ଏନେଇ ନେଇ ପଟ୍ଟାଙ୍ଗି ତହସିଲଦାର ଦେବେନ୍ଦ୍ର ଧାରୁଆ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମ କୃଷ୍ଣ ନାୟକ ପହଞ୍ଚି ଉକ୍ତ କାର୍ଯ୍ୟକ୍ରମ ଗୁଡ଼ିକୁ ଭଣ୍ଡୁର କରିବାରେ ସଫଳ ହୋଇଥିଲେ । ଏହାପରେ ଶନିବାର ଆନ୍ଧ୍ର ପୋଲିସ ଉପରସେମ୍ବି ଗ୍ରାମରେ ପହଞ୍ଚି ପୋଲିସ ଫାଟକ ଆରମ୍ଭ କରିଥିବା ଦେଖିବାକୁ ମିଳିଛି । ଉକ୍ତ ଘଟଣା ନେଇ କୋରାପୁଟ ପ୍ରଶାସନ ନିକଟରେ ସୂଚନା ପହଞ୍ଚିବା ପରେ ଘଟଣା ସ୍ଥଳରେ ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ, ପଟ୍ଟାଙ୍ଗି ତହସିଲଦାର ଦେବେନ୍ଦ୍ର ଧାରୁଆ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମ କୃଷ୍ଣ ନାୟକ, ସୁନାବେଡାର ଏସ୍‌ଡିପିଓ ସୁମିତ୍ରା ଜେନା, କୋଟିଆ ଥାନା ଅଧିକାରୀ ଆଇଆଇସି ଶାଶ୍ୱତ ଭୋଇ ଘଟଣା ସ୍ଥଳରେ ପହଞ୍ଚିଥିଲେ । ସେଠାରେ ଉପସ୍ଥିତ ଆନ୍ଧ୍ର ପ୍ରଦେଶ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଆଲୋଚନା ପରେ ଆନ୍ଧ୍ର ଅଧିକାରୀମାନେ ଉପରସେମ୍ବିରୁ ସେମାନଙ୍କର ଅସ୍ଥାୟୀ ତମ୍ବୁ ପ୍ରତ୍ୟାହାର କରିଥିବା ନେଇ ସୂଚନା ମିଳିଛି ।

**ବ୍ୟାଙ୍କରୁ ଋଣ ପ୍ରଦାନ ନାମରେ ଠକେଇ ମାମଲା**

## ରାଉରକେଲାରୁ ଅଭିଯୁକ୍ତ ଠକ ଗିରଫ



ଜୟପୁର, ୨୩।୫(ସମିସ): ଜୟପୁରର ନୂଆ ସାହି ଅଞ୍ଚଳର ସ୍ଥାନୀୟ ବାସିନ୍ଦାମାନଙ୍କ ପକ୍ଷରୁ ଗତ ମେ ମାସ ୧୨ ତାରିଖରେ ବ୍ୟାଙ୍କରୁ ଋଣ କରାଦେବା ନାମରେ ଲକ୍ଷାଧିକ ଟଙ୍କା ଠକେଇ କରିଥିବା ନେଇ ସ୍ଥାନୀୟବାସିନ୍ଦାମାନେ ଟାଉନଥାନାରେ ଲିଖିତ ଅଭିଯୋଗ କରିଥିଲେ । ଟାଉନଥାନା ପୁଲିସ ପକ୍ଷରୁ ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା । ଠକ ତଥା ମୁଖ୍ୟ ଅଭିଯୁକ୍ତ ଭଦ୍ରକ ଜିଲ୍ଲା ଇଚ୍ଛାପୁର ଅଞ୍ଚଳ ବାସିନ୍ଦା ଲକ୍ଷ୍ମୀକାନ୍ତ ପଣ୍ଡା(୩୪)ଙ୍କୁ ଜୟପୁର ଟାଉନଥାନା ପୁଲିସ ଗିରଫ କରିବା ସହିତ କୋର୍ଟ ଚାଲାଣ କରିଥିବା ଆଜି ସଂଧ୍ୟାରେ ଏକ ସମ୍ବାଦିକ ସମ୍ମିଳନୀରେ ଏସଡିପିଓ ଅର୍ଚ୍ଚିତା ମିତ୍ତଲ ସୂଚନା ଦେଇଛନ୍ତି । ଅଭିଯୁକ୍ତଙ୍କୁ ପୁଲିସ ରାଉରକେଲା ଅଞ୍ଚଳରୁ ଗିରଫ କରିବା ସହିତ ତାଙ୍କ ନିକଟରୁ ୩ ଲକ୍ଷ ୯୨ ହଜାର ନଗଦ ଟଙ୍କା, ୧୩ ଲକ୍ଷ ଟଙ୍କାର ସୁନା ଓ ରୂପା ଅଳଙ୍କାର, ଗୋଟିଏ ବାଇକ, ଏସି, କମ୍ପ୍ୟୁଟର ଏବଂ ଅନ୍ୟାନ୍ୟ ଆସବପତ୍ର ସମୁଦାୟ ୨୦ ଲକ୍ଷ ଟଙ୍କାର ସାମଗ୍ରୀ ଜବତ କରିଛନ୍ତି । ଠକେଇରେ ବ୍ୟବହୃତ ୯ଟି ମୋବାଇଲ, କାର୍ଯ୍ୟ କରୁଥିବା ୭ଟି ସିମ୍ କାର୍ଡ ସମେତ ଅନ୍ୟାନ୍ୟ ୩୧ଟି ସିମକାର୍ଡ, ୩ଟି ମେମୋରି କାର୍ଡ ଜବତ କରିଛନ୍ତି । ପୁଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ସହରର ନୂଆସାହି ଅଞ୍ଚଳର ଗତ କିଛି ଦିନ ପୂର୍ବରୁ ଭଡା ଗୃହରେ ରହିବା ସହିତ ସେବା କେନ୍ଦ୍ର ନାମରେ ଲୋକଙ୍କୁ ବ୍ୟାଙ୍କରେ ଋଣ, ବ୍ୟାଙ୍କଖାତା କରାଇଦେବା ନାମରେ ଲକ୍ଷାଧିକ ଟଙ୍କା ଓ ସୁନାଅଳଙ୍କାର ନେଇଥିଲେ । କିନ୍ତୁ କିଛିଦିନ ପରେ ଅଭିଯୁକ୍ତଙ୍କ ଫୋନ ସୁଇଚ ଅଫ ହେବା ସହିତ ଉକ୍ତ ଭଡା ଘରରୁ ଗାୟବ ହୋଇଯାଇଥିଲେ । ଠକେଇରେ ଶିକାର ହୋଇଥିବା ସନ୍ଦେହ ନେଇ ସ୍ଥାନୀୟ ବାସିନ୍ଦା ମାନେ ପୁଲିସ ଥାନାରେ ଅଭିଯୋଗ କରିଥିଲେ । ମାମଲା ରୁଜୁ କରାଯାଇ ଟାଉନଥାନା ପୁଲିସ ପକ୍ଷରୁ ତଦନ୍ତ ବେଳେ ଅଭିଯୁକ୍ତ ଲକ୍ଷ୍ମୀକାନ୍ତ ଜଣେ ଅଭ୍ୟାସଗତ ଠକ ଏବଂ ଠକେଇ ନେଇ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ କଟକ, ପୁରୀ, ଯାଜପୁର, ବାଲେଶ୍ୱର ଏବଂ ଭଦ୍ରକ ପ୍ରଭୃତି ଜିଲ୍ଲାର ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି । ତାଙ୍କ ବିରୋଧରେ ବାଲେଶ୍ୱର ଜିଲ୍ଲାର କୋର୍ଟ ପକ୍ଷରୁ ଜାମିନ ବିହୀନ ଫରୱାନ ଜାରୀ କରାଯାଇଥିଲା ବୋଲି ଜଣାପଡ଼ିଥିଲା । ଜୟପୁର ଟାଉନଥାନା ପୁଲିସ ସାଇବର ସେଲର ସହାୟତା ଏବଂ ବିଶ୍ୱସ୍ତ ଗୁଇନ୍ଦା ସୂଚନା ଅନୁଯାୟୀ ଅଭିଯୁକ୍ତ ରାଉରକେଲାରେ ରହିଥିବା ନେଇ ଠାବ କରିଥିଲେ । ତାଙ୍କୁ ଧରିବା ପାଇଁ ଟାଉନଥାନାର ଏସଆଇ ଦୀପକ କୁମାର ପଣ୍ଡାଙ୍କ ନେତୃତ୍ୱରେ ଗଠିତ ପୁଲିସ ଦଳ ତୁରନ୍ତ ରାଉରକେଲାରେ ପହଞ୍ଚି ଗିରଫ କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ କୁମାରୀ ମିତ୍ତଲ ସାଇବର ଠକେଇ ବୃଦ୍ଧି ପାଇଥିବା ବେଳେ ଏଥିପ୍ରତି ସର୍ତକ ରହିବା ସହିତ ପୁଲିସ ପକ୍ଷରୁ ସଚେତନ କରାଯାଉଥିବା ବିଭିନ୍ନ ନିୟମକୁ ପାଳନ କରିବାକୁ ଅନୁରୋଧ କରିଥିଲେ ।

● ଜାତୀୟସ୍ତରରେ ଚମକିଲେ କୋଟପାଡ଼ର ଝିଅ

## ଛାୟାରାଣୀଙ୍କୁ ମିସ୍ ବିଉଟିଫୁଲ ସ୍ମାଇଲ ପୁରସ୍କାର







କୋଟପାଡ଼, ୨୩।୫(ସମିସ): କୋଟପାଡ଼ ଅଞ୍ଚଳର ସୁରେଶ ଚନ୍ଦ୍ର ବିଶୋଇ ଓ ଜ୍ୟୋସ୍ନାରାଣୀ ବିଶୋଇଙ୍କ ଜ୍ୟେଷ୍ଠା କନ୍ୟା ଛାୟାରାଣୀ ବିଶୋଇ କୋଟପାଡ଼ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି । ଝାରଖଣ୍ଡ ରାଜ୍ୟ ଜାମସେଦପୁରଠାରେ ଅନୁଷ୍ଠିତ ଇଣ୍ଡିଆ ଏସିଆ ଏମ୍‌ବି ପ୍ରଡ଼କ୍ସନ ପ୍ରାୟୋଜିତ ଜାତୀୟସ୍ତରର ସୁନ୍ଦରତା ପ୍ରତିଯୋଗିତାରେ ମିସ୍ ବିଉଟିଫୁଲ ସ୍ମାଇଲ ପୁରସ୍କାର ଆଣି କୋଟପାଡ଼ ପାଇଁ ଗୌରବ ଆଣିଛନ୍ତି । ବର୍ତ୍ତମାନ ବିଭିନ୍ନ କ୍ଷେତ୍ରରୁ ଛାୟାରାଣୀଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି ।

## ବିଦ୍ୟୁତ ତାର ଛିଣ୍ଡି ଜଳିଗଲା ଧାନ କ୍ଷେତ

● ଲକ୍ଷାଧିକ ଟଙ୍କାର ଚାଷ ସାମଗ୍ରୀ ନଷ୍ଟ

ଉମରକୋଟ, ୨୩।୫(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅନ୍ତର୍ଗତ ବଡ଼କୁମାରୀ ପଞ୍ଚାୟତ ଅଧୀନରେ ଥିବା ୟୁଭି-୧ ଓ ୟୁଭି-୨ ଗ୍ରାମ ମଧ୍ୟରେ ଥିବା ପ୍ରାୟ ୯ ଏକର ଚାଷ ଜମିରେ ୩୩ କେଭି ବିଦ୍ୟୁତ ତାର ଛିଣ୍ଡି ପଡ଼ିବା ଫଳରେ ସେଥିରୁ ସଟ ସର୍କିଟ ହୋଇ ଏକ ଧାନ କ୍ଷେତ ଜଳିଯାଇଛି । ନିଆଁ ଆଖ ପାଖ ଜମିରେ ଥିବା ଡ୍ରିପ ପାଇପକୁ ବ୍ୟାପିଯିବା ଫଳରେ ଲକ୍ଷାଧିକ ଟଙ୍କାର ଡ୍ରିପ ପାଇପ ପୋଡି ହୋଇ ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି । ସୁଧାଂଶୁ ଶିକାରୀ, ପ୍ରଶାନ୍ତ ରାୟ, ଗୋପେଶ ରାୟ, ଅମୀର ମଣ୍ଡଳ, କାର୍ତ୍ତିକ ମଲାଙ୍ଗୀ ଏହି ପାଞ୍ଚ ଜଣଙ୍କ ଜମିରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ଡ୍ରିପ ପାଇପ ପୋଡି ପାଉଁଶ ହୋଇଯାଇଥିଲ । ଖବର ପାଇ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ସେହିପରି ଝରିଗାଁ ରୋଡ ମଙ୍ଗଳା ମନ୍ଦିର ପାଖରେ ଥିବା ବାଉଁଶ ବୁଦାଠାରେ ନିଆଁ ଲାଗି ବାଉଁଶ ଗଛ ସବୁ ନଷ୍ଟ ହୋଇଛି । ଦମକଳ ବାହିନୀର କେନ୍ଦ୍ର ଅଧିକାରୀ ଭାଗୀରଥି ବାଣୁଆ, ହାବିଲଦାର ହରିଶଙ୍କର ସୁନାନୀ, ଗାଡି ଚାଳକ ହାବିଲଦାର ଜଗଦୀଶ କାଣ୍ଡ, ଅଗ୍ନି ଯୋଦ୍ଧା ଯୋଦୁମଣି କୋକ, ଧର୍ମେନ୍ଦ୍ର ସାହା, ଦଶରଥ ସାହୁ, ଚନ୍ଦ୍ରମଣି ମେହେର, ନକୁଳ ବାସି ପ୍ରମୁଖ ଉପସ୍ଥିତ ରହି ନିଆଁକୁ ଆୟତ୍ତ କରିଥିଲେ ।

## ବିଧାୟକଙ୍କ ଦୁଆରଶୁଣି ପଞ୍ଚାୟତର ବିଭିନ୍ନ ଗ୍ରାମ ପରିଦର୍ଶନ



ପୋଡ଼ାଗଡ଼, ୨୩।୫(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅଧିନସ୍ଥ ଦୁଆରଶୁଣି ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମ ଗସ୍ତ କରି ଲୋକଙ୍କ ସମସ୍ୟା ପଚାରି ବୁଝିଥିଲେ ସ୍ଥାନୀୟ ବିଧାୟକ ପବିତ୍ର ସାଉନ୍ତା । ସେହି ଗ୍ରାମ ଗୁଡ଼ିକ ହେଲା ଢେପଗୁଡା ବେତଥାନିଆ କମ୍ବିପୁଟ ଓ ଦୁଆରଶୁଣି । ଏହି ଗ୍ରାମ ମାନଙ୍କରେ ଯାଇ ସ୍ୱାସ୍ଥ୍ୟ ପାନୀୟ ଜଳ ଗମନା ଗମନ ଆଦି ମୌଳିକ ସମସ୍ୟା ପଚାରି ବୁଝିଥିଲେ । ଯାହା ସମସ୍ୟା ଅଛି ସେହି ସବୁ ବିଷୟରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ଅତିଶୀଘ୍ର ସମାଧାନ କରାଯିବ ବୋଲି ବିଧାୟକ କହିଛନ୍ତି । ଏହା ବ୍ୟତୀତ ଢେପଗୁଡା ଠାରୁ କଟରଗଡ଼ା ରାସ୍ତାର ମରାମତି ନିମନ୍ତେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଗ୍ରାମବାସୀମାନେ ଉକ୍ତ ରାସ୍ତାକୁ କାମ୍ବି ଗୁଡା ଠାରୁ ଦୁଆରଶୁଣି ନଦୀ ଘାଟ ପର୍ଯ୍ୟନ୍ତ ସମ୍ପ୍ରସାରଣ ପାଇଁ ଦାବି କରିଥିଲେ । ପରେ କୋରାପୁଟ ଜିଲ୍ଲା ଦଶମନ୍ତପୁର ରାୟଗଡ଼ାକୁ ସଂଯୋଗ ନିମନ୍ତେ ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମାଣ ଧିନ ଜଟିଆଗୁଡା ପୋଲ ଯାଇ ସ୍ଥିତି ଅନୁଧ୍ୟାନ ସହ ତଦାରଖ କରିଥିଲେ । ଏହି ସମୟରେ ବିଭାଗୀୟ ଅଧିକାରୀ ଠିକା ସଂସ୍ଥା ସମେତ ସାଂସଦଙ୍କ ଦଶମନ୍ତପୁର ବ୍ଲକ ପ୍ରତିନିଧି ପଙ୍କଜ ବାଘ ସମେତ ଅନେକ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ ।

## ବିଦ୍ୱାନ ମହାବିଦ୍ୟାଳୟର ଶ୍ରେଷ୍ଠ ୧୨ ଛାତ୍ରଛାତ୍ରୀ ସମ୍ମାନିତ



ଜୟପୁର, ୨୩।୫(ସମିସ): କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ବିଦ୍ୱାନ ଜୁନିୟର ମହାବିଦ୍ୟାଳୟ ପକ୍ଷରୁ ଚଳିତବର୍ଷ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ମହାବିଦ୍ୟାଳୟର ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି ଉର୍ତ୍ତିର୍ଣ୍ଣ ହୋଇଥିବା ଶ୍ରେଷ୍ଠ ୧୨ ଜଣ ଛାତ୍ରଛାତ୍ରୀଙ୍କୁ ମହାବିଦ୍ୟାଳୟଠାରେ ସମ୍ମାନୀତ କରାଯାଇଥିଲା । ଆଜି ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସମସ୍ତ ଶ୍ରେଷ୍ଠ ଛାତ୍ରାଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଏବଂ ମିଷ୍ଟାନ୍ନ ଖୁଆଇ ସମ୍ମାନୀତ କରାଯାଇଥିଲା । ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଚଳିତ ବର୍ଷ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ରଖିଥିବା ଅବିଭକ୍ତ କୋରାପୁଟ ଜିଲ୍ଲାର ସର୍ବାଧିକ ୧୨ ଜଣ ଛାତ୍ରଛାତ୍ରୀ ବିଦ୍ୱାନ ମହାବିଦ୍ୟାଳୟର ହୋଇଥିବାରୁ ଆଜି ଏହି ସମ୍ମାନୀତ ଉତ୍ସବ ଆୟୋଜିତ ହୋଇଥିବା ମହାବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ରଶ୍ମି ରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି । ସମ୍ମାନୀୟ ଶ୍ରେଷ୍ଠ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କୋରାପୁଟ ଜିଲ୍ଲା ବୈପାରୀଗୁଡାର ଆଦ୍ୟାଶା ପ୍ରଧାନ, ନବରଙ୍ଗପୁର ଜିଲ୍ଲା ସହରର ଅଂଶୁପା ହୋତା, ଉମରୋକାଟର ଜ୍ୟୋତି ବିଶ୍ୱାସ, ବୋରିଗୁମ୍ମାର ଅଂଶୁମାନ ପଣ୍ଡା, ଜୟପୁରର ଶୁଭଙ୍କର ଖୁଣ୍ଟିଆ, ମାଲକାନଗିରିର ପ୍ରଦୀପ କୁମାର ମାଳି, କୋଟପାଡର ଉଦିତାଂଶୁ ପ୍ରଧାନ, ଦାମନଯୋଡିରେ ସାଇ କିରଣ ସାହୁ, ବୋରିଗୁମ୍ମା ଶୁଭମ ସାହୁ, ଜୟପୁର ସହରର ତନିଷା ତନୁଶ୍ରୀ ପଣ୍ଡା, ଜୟପୁର ବ୍ଲକ କାଳିଗାଁ ଗ୍ରାମର ଶୁଭମ କୁମାର ସାହୁ ଏବଂ ଜୟପୁରର ମାଧୁରୀ ସାହୁଙ୍କୁ ସମ୍ମାନୀତ କରାଯାଇଥିଲା । ଏହି ଅବସରରେ ପରିଚାଳନା କମିଟିର ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ, ବରିଷ୍ଠ ଅଧ୍ୟାପକ ରାଜେଶ ରାୟ, ସମିତ କୁମାର ମହାପାତ୍ର, ରାଜମଳୟ ଅମିତ କୁମାର, କେ. ଜଗନ୍ନାଥ, କିଶୋର କୁମାର ସାହୁ, ଜ୍ୟୋତ୍ସ୍ନା ପାତ୍ର ପ୍ରମୁଖଙ୍କ ସମେତ ଛାତ୍ରଛାତ୍ରୀଙ୍କ ଅଭିଭାବକ ଉପସ୍ଥିତ ଥିଲେ ।

**ସେୱା କାଗଜକଳକୁ ପୁନଃକାର୍ଯ୍ୟକ୍ଷମ ଦାବି**

## ୨୮ରେ ଜୟପୁର ବନ୍ଦ ଡକରା ନିଷ୍ପତ୍ତି

ଜୟପୁର, ୨୩।୫(ସମିସ)



କୋରାପୁଟ ଡିଲ୍ଲା ଜୟପୁର ସହରର ନିକଟସ୍ଥ ଗାଗନାପୁର ଠାରେ ସେୱା କାଗଜ କଳରୁ ଗତ ପ୍ରାୟ ୨ ବର୍ଷ ହେଲାଣି ଉତ୍ପାଦନ ବନ୍ଦ ରହିଥିବା ବେଳେ କର୍ମଚାରୀଙ୍କ ଦରମା ପ୍ରଦାନ କରାଯାଉନାହିଁ । ଅବସରରେ ଗ୍ରହଣ କରିଥିବା କର୍ମଚାରୀଙ୍କୁ ଅବସରକାଳୀନ ଭତ୍ତା ମଧ୍ୟ ପ୍ରଦାନ କରାଯାଉନାହିଁ । ଏନେଇ ରାଜ୍ୟ ସରକାର, ମୁଖ୍ୟମନ୍ତ୍ରୀ, ଶିଳ୍ପ ମନ୍ତ୍ରୀଙ୍କୁ ବାରମ୍ବାର ଅନୁରୋଧ କରାଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ । ତେଣୁ ଆଜି ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦଙ୍କ ଆହ୍ୱାନ କ୍ରମେ ସମସ୍ତ ରାଜନୈତିକ ଦଳ, ବିଭିନ୍ନ ସଂଗଠନକୁ ନେଇ ଏକ ବୈଠକ ଶନିବାର ସଂଧ୍ୟାରେ ସ୍ଥାନୀୟ ଋତୁରାଜ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ବିଭିନ୍ନ ସଂଗଠନ ନେଇ ଗଠିତ ମିଳିତ କ୍ରୀୟାନୁଷ୍ଠାନ କମିଟି ପକ୍ଷରୁ ଆସନ୍ତା ୨୮ ତାରିଖରେ ଜୟପୁର ସହର ଏବଂ ଆଖାପଖ ଅଞ୍ଚଳକୁ ୧୨ ଘଣ୍ଟିଆ ବନ୍ଦ କରିବା ନେଇ ନିଷ୍ପତ୍ତି ହୋଇଛି । କୋରାପୁଟ ଜିଲ୍ଲାର ଏକମାତ୍ର କାଗଜକଳ ଗତ ଦୀର୍ଘ ବର୍ଷ ହେଲାଣି ବନ୍ଦ ରହିବା ପରେ ପୁଣି ଗତ ୨୦୨୩ ମସିହାରେ ମାଲିକାନା ବଦଳ କରାଯାଇ କାର୍ଯ୍ୟକ୍ଷମ କରାଯାଇଥିଲା । କିନ୍ତୁ ପୁଣି ଏହା ଗତ ୨ ବର୍ଷ ହେଲାଣି ବନ୍ଦ ରହିଛି । ଏହାକୁ କାର୍ଯ୍ୟକ୍ଷମ କରିବା ନେଇ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ ଏବଂ ଶ୍ରମିକ ଓ କର୍ମଚାରୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ, ଶିଳ୍ପମନ୍ତ୍ରୀ ଏବଂ ଅନ୍ୟାନ୍ୟ ରାଜ୍ୟ ସରକାରଙ୍କ ସଚିବଙ୍କୁ ବିଭିନ୍ନ ସମୟରେ ପୃଥକ ପୃଥକ ଭାବେ ସାକ୍ଷାତ କରିବା ସହିତ କାର୍ଯ୍ୟକ୍ଷମ କରିବା ଏବଂ କର୍ମଚାରୀମାନଙ୍କ ଦରମା ପ୍ରଦାନ ନେଇ ଦାବି କରାଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳନାହିଁ । ଅବସରପ୍ରାପ୍ତ ପେପରମିଲର କର୍ମଚାରୀମାନେ ଦୀର୍ଘ ୭୦୦ ଦିନରୁ ଊର୍ଦ୍ଧ୍ୱ ହେଲାଣି ପ୍ରତୀକ ଦଣ୍ଡାୟମାନ ଧାରଣା ଦେଇଥିଲେ ସୁଦ୍ଧା କୌଣସି ସୁଫଳ ମିଳନାହିଁ । ତେଣୁ ଆଗାମୀ ଜୟପୁର ସହର ସମସ୍ତ ରାଜନୈତିକ ଦଳ, ଆଇନଜୀବୀ, ବ୍ୟବସାୟୀ ଏବଂ ଅନ୍ୟାନ୍ୟ ସଂଗଠନ ମିଳିତ ଭାବେ ପେପରମିଲ କାର୍ଯ୍ୟକ୍ଷମ ନେଇ ଆନ୍ଦାଳନ କରିବାକୁ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଆଜିର ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପୌର ଉପାଧ୍ୟକ୍ଷ ସୂର୍ଯ୍ୟନାରାୟଣ ରଥ, ପୂର୍ବତନ ସିପିଆଇ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ରାଉଳ, ଜୟପୁର ଚାମ୍ବର ଅଫ କମର୍ସର ଅଧ୍ୟକ୍ଷ ସଞ୍ଜୟ କୁମାର ଜୈନ, ଆଇନଜୀବୀ ସଂଘର ସମ୍ପାଦକ ସହଦେବ ପଟ୍ଟନାୟକ, ଦୁର୍ଗା ପ୍ରସାଦ ମିଶ୍ର, ଡ. ଇନ୍ଦିରା ନନ୍ଦ, ପୌର ଉପାଧ୍ୟକ୍ଷା ବି.ସୁନିତା, ବାଲା ରାୟ, ମହେନ୍ଦ୍ର ଅଧିକାରୀ, ହର ପ୍ରସାଦ ମିଶ୍ର, ରାମ ପ୍ରସାଦ ଗନ୍ତାୟତ, ଧର୍ମେନ୍ଦ୍ର ଅଧିକାରୀ, ଏ. ଶ୍ରୀନିବାସ ରାଓ, ଶିଳ୍ପା ପାଣି, କର୍ମଚାରୀ ସଂଘର କର୍ମକର୍ତ୍ତା ଏବଂ ସହରର ଅନ୍ୟାନ୍ୟ ସଂଗଠନର କର୍ମକର୍ତ୍ତା ଓ ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ ।

## ନାଟକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




ଜୟପୁର, ୨୩।୫(ସମିସ): ଜୟପୁର ସ୍ମୃତି ଗୀତାଞ୍ଜଳି ମଣ୍ଡପଠାରେ ଗତ ୧୮ ତାରିଖରୁ ଆରମ୍ଭ ହୋଇଥିବା ନାଟକ କର୍ମଶାଳା ତଥା ପ୍ରଶିକ୍ଷଣ ଶିବିର ଆଜି ଶେଷ ହୋଇଛି । ଏହି କର୍ମଶାଳାରେ ପ୍ରଶିକ୍ଷଣ ନେଇଥିବା କକାକାରଙ୍କ ଦ୍ୱାରା ରବିବାର ନାଟକ ପ୍ରଦର୍ଶିତ ହେବ । ଜୟପୁର ସହରର ପ୍ରତିଷ୍ଠିତ ନାଟକ ଅନୁଷ୍ଠାନ ପ୍ରିୟା ଥିଏଟର ଗ୍ରୁପ ଦ୍ୱାରା ଦ୍ୱିତୀୟ ବର୍ଷ ଆୟୋଜିତ ନାଟକ କର୍ମଶାଳା 'ଆମେ ବି ଶିଖିବୁ' ପ୍ରଶିକ୍ଷଣ ଶିବିରରେ ପ୍ରଥମ ଦିବସରେ ଗୁରୁ ପଞ୍ଚାନନ ମିଶ୍ର, ଦ୍ୱିତୀୟ ଦିବସରେ ଗୁରୁ ଅବଦୁଲ କାଦର, ତୃତୀୟ ଓ ଚତୁର୍ଥ ଦିବସରେ ଗୁରୁ ସମୀର ମହାପାତ୍ର, ଅମରେନ୍ଦ୍ର ହୋତା, ମାନସ ଆଚାର୍ଯ୍ୟ (ସୁନାବେଡା), ପଞ୍ଚମ ଦିବସରେ ଗୁରୁ ଅଶୋକ କର (ଭୁବନେଶ୍ୱର) ନାଟକ ସମ୍ପର୍କରେ ଶିକ୍ଷା ଦାନ ଦେଇଥିଲେ । ଗୁରୁ ନିରଞ୍ଜନ ପାଣିଗ୍ରାହୀ ପ୍ରତ୍ୟେକ ଦିବସ ରେ ନାଟକ କର୍ମଶାଳାକୁ ପରିଚାଳନା କରିଥିଲେ । ଗୁରୁ ପଦ୍ମ ଚରଣ ଚୌଧୁରୀ ମଞ୍ଚ ସାଜସଜ୍ଜା ଉପରେ ଶିକ୍ଷାଦାନ କରିଥିଲେ । ଶିକ୍ଷାର୍ଥୀମାନେ ଏହି କର୍ମଶାଳାରେ ୩ଟି ନାଟକ ଶିକ୍ଷା ଗ୍ରହଣ କରିଛନ୍ତି, ଯାହା ରବିବାର ପରିବେଷଣ କରିବେ । ଏଥିରେ ସମୀର ମହାପାତ୍ରଙ୍କ ରଚନା ଓ ନିର୍ଦ୍ଦେଶନାରେ ପ୍ରଥମ ନାଟକ 'ବାପାଙ୍କ ସ୍ୱପ୍ନ', ନିରଞ୍ଜନ ପାଣିଗ୍ରାହୀ ରଚନା ଓ ନିର୍ଦ୍ଦେଶନାରେ ୨ୟ ନାଟକ 'ପିକନିକ' ଏବଂ ଅଶୋକ କରଙ୍କ ରଚନା ଓ ନିର୍ଦ୍ଦେଶନାରେ ୩ୟ ନାଟକ 'ହେ ହୋ ହୁ ହୁ' ରହିଛି । ଏହି କର୍ମଶାଳା ଆୟୋଜନରେ ପ୍ରିୟା ଥିଏଟର ଗ୍ରୁପର ସଭାପତି ଦିଲୀପ ମହାପାତ୍ର, ସମ୍ପାଦକ ସିଦ୍ଧାର୍ଥ ପାତ୍ର, କୋଷାଧ୍ୟକ୍ଷ ଉତ୍ତମ ନାୟକ, ବରିଷ୍ଠ ସଦସ୍ୟ ଅଶୋକ ଜେନା, ସୁଦିପ ମହାପାତ୍ର, ସମୀର ପଟନାୟକ, ଦେବେନ୍ଦ୍ର ଜେନା, ଦେବେନ୍ଦ୍ର ରଥ, ପ୍ରଦୀପ ମହାପାତ୍ର, ରମେଶ ମହାପାତ୍ର, କେ. ଲକ୍ଷ୍ମୀକାନ୍ତ, ପ୍ରାଚୀ ମିଶ୍ର ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।

ପ୍ରଚଣ୍ଡ ରୌଦ୍ରତାପରେ ଲୋକେ ଡହଳବିକଳ

# ବିଦ୍ୟୁତ୍ କାଟ୍ ଓ ପାନୀୟଜଳ ସଙ୍କଟ ଯୋଗୁଁ ଅବସ୍ଥା ସଙ୍ଗୀନ

ପଟ୍ଟାମୁଣ୍ଡାଇ,୨୩।୫(ସମିସ)




ଉତ୍ତର ଭାରତରୁ ଗରମ ପବନ ଲୁ ପ୍ରବାହିତ ଯୋଗୁଁ ପ୍ରବଳ ଗୁଳୁଗୁଳି ଦେଖା ଦେଇଛି। ଯାହା ସହ୍ୟ କରିବା କଷ୍ଟକର ହୋଇପଡିଛି। ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ଜନଜୀବନ ଅତିଷ୍ଠ ହୋଇପଡିଛି। ମଣିଷଠାରୁ ପଶୁପକ୍ଷୀ ପର୍ଯ୍ୟନ୍ତ ସମସ୍ତେ ଡହଳବିକଳ ହେଉଛନ୍ତି। ସଦାସର୍ବଦା ଅଂଶୁଘାତ ଭୟ ଲାଗି ରହୁଛି। କୌଣସି ଜରୁରୀ କାମ ନ ଥିଲେ ବାହାରକୁ ବାହାରିବାକୁ ଭୟ ଲାଗୁଛି। ସତେ ଯେମିତି ନିଆଁ ପିଣ୍ଡୁଳା ଆକାଶରୁ ଖସି ପଡୁଛି। ଅଂଶୁଘାତ ରୋକିବା ପାଇଁ ସରକାର ପ୍ରତିକାର ବ୍ୟବସ୍ଥା ସ୍ୱରୂପ ବାରମ୍ବାର ସରକାରୀ ବୈଠକ ଓ ସଚେତନତା କାର୍ଯ୍ୟକ୍ରମ କରୁଛନ୍ତି। କିନ୍ତୁ ଏହାର ପ୍ରଭାବ କୃଷିଜୀବୀ ଓ ଶ୍ରମଜୀବୀଙ୍କ ଉପରେ ପଡୁନାହିଁ। ଶ୍ରମିକମାନେ କାମକୁ ଯାଇ ପ୍ରଚଣ୍ଡ ଖରାରେ ଫେରିବା ବେଳକୁ ଅଂଶୁଘାତର ଶିକାର ହେଉଛନ୍ତି। ଖରାକୁ ଡରି କାମକୁ ନ ଗଲେ ପରିବାରରେ ଚୁଲି ଜଳୁନାହିଁ। ରୌଦ୍ରତାପରେ ଡହଳବିକଳ ହେଉଥିବା ଲୋକ ଏଥିରୁ ମୁକ୍ତି ପାଇଁ ଏସି ଫ୍ୟାନ ବ୍ୟବହାର କରୁଥିବାବେଳେ ବିଦ୍ୟୁତ କାଟ ସମସ୍ୟା ପରିସ୍ଥିତିକୁ ଗମ୍ଭୀର କରିଛି। ରୌଦ୍ରତାପରେ ଜନସାଧାରଣ ଅତିଷ୍ଠ ହୋଇପଡୁଥିବା ଯୋଗୁଁ କୌଣସି ପରିସ୍ଥିତିରେ ବିଦ୍ୟୁତ କାଟ ନ କରିବା ସରକାର ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ବିଦ୍ୟୁତ ବିଭାଗ ଚିରାଚରିତ ଭାବେ ବିଦ୍ୟୁତ କାଟ କରିବା ଦେଖାଯାଉଛି।

ଖରାଦିନେ ଅଂଶୁଘାତ ରୋକିବା ପାଇଁ ବ୍ୟାପକ ସଚେତନତା ଓ ସତର୍କତା ଅବଲମ୍ବନ କରିବା ସହିତ ପୌର ପରିଷଦ ଓ ବ୍ଲକ ଅଞ୍ଚଳରେ ଜଳଛତ୍ର ଖୋଲିବା ଉପରେ ସରକାର ଗୁରୁତ୍ୱାରୋପ କରିଛନ୍ତି। ମାତ୍ର ପଟ୍ଟାମୁଣ୍ଡାଇ ବ୍ଲକ୍ ଓ ମ୍ୟୁନିସିପାଲିଟି ଅଞ୍ଚଳରେ ଜଳଛତ୍ର ଖୋଲିବା ପରଦିନ ଛତ୍ର ଥିବାବେଳେ ଜଳ ନ ଥିବା ପ୍ରତୀୟମାନ ହେଉଛି। ସରକାରୀ ଭାବେ କେବଳ କାଗଜକଲମରେ ଜଳଛତ୍ର ଖୋଲାଯାଇଛି। ପାଣି ଟୋପାଏ ପାଇଁ ଲୋକେ ଡହଳବିକଳ ହେଉଥିବାବେଳେ ପିଇବା ପାଣି ମିଳୁନାହିଁ। ପଟ୍ଟାମୁଣ୍ଡାଇ ବ୍ଲକ୍ ଓ ପୌରାଞ୍ଚଳର କେତେକ ସ୍ଥାନରେ ବେସରକାରୀ ସଂସ୍ଥା ଓ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଦହିପାଣି ବଣ୍ଟନ କରାଯାଇଛି। ପଟ୍ଟାମୁଣ୍ଡାଇ ପୌର ପରିଷଦ ପକ୍ଷରୁ ବିଭିନ୍ନ ସ୍ଥାନରେ ଖୋଲାଯାଇଥିବା ଜଳଛତ୍ର ଠିକଣା ଭାବେ କାର୍ଯ୍ୟ କରୁ ନ ଥିବା ଓ ଲୋକଙ୍କ କାମରେ ଆସୁ ନ ଥିବା ଅଭିଯୋଗ ହୋଇଛି। ରୌଦ୍ରତାପରେ ଛଟପଟ ଲୋକ ବିଶୁଦ୍ଧ ପିଇବା ପାଣି ପାଇବା କଷ୍ଟକର ହୋଇଛି। ପଟ୍ଟାମୁଣ୍ଡାଇ ବ୍ଲକର ଲୋକଙ୍କୁ ପାଇପ ଯୋଗେ ବିଶୁଦ୍ଧ ପାନୀୟଜଳ ଯୋଗାଇବା ପାଇଁ ବର୍ଷ ବର୍ଷ ଧରି ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଏପଟେ ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳରେ ଥିବା ନଳକୂପ ଅଚଳ ହୋଇପଡିଥିବାରୁ ଲୋକମାନେ ଦୂରରୁ ପାଣି ଆଣିବା ପାଇଁ ଧାଡିବାନ୍ଧି ଠିଆ ହେବା ଦେଖାଯାଉଛି। ମେଗା ପାନୀୟଜଳ ପ୍ରକଳ୍ପ ଯୋଗୁଁ ପାଇପ ବିଛା ଯାଇ ବ୍ଲକର ବିଭିନ୍ନ ଅଞ୍ଚଳରେ ରାସ୍ତା ଖରାପ ହେବାର ଅଭିଯୋଗ ହୋଇଛି। ଠିକାଦାର ଓ ଯନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଜନଅସନ୍ତୋଷ ସୃଷ୍ଟି ହୋଇଛି। ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ସହର ବଜାର ଶୂନଶାନ ହୋଇପଡୁଛି। ଏପରିକି ଦିନ ୧୧ଟା ପରେ ଓଡ଼ିଶାର ପ୍ରସିଦ୍ଧ ବାଣିଜ୍ୟିକ ପେଣ୍ଠ ପଟ୍ଟାମୁଣ୍ଡାଇ ବଜାର ଖାଁ ଖାଁ ଲାଗୁଛି। ଖରା ଓ ତାତିରୁ ରକ୍ଷା ପାଇବା ପାଇଁ ଲୋକମାନେ କୌଣସି ପ୍ରକାର ବିଭିନ୍ନ କାର୍ଯ୍ୟ ସାରି ଘର ମୁହାଁ ହେବାକୁ ବାଧ ହେଉଛନ୍ତି।

## କେନ୍ଦ୍ରାପଡ଼ା ବ୍ଲକ୍‌ସ୍ତରୀୟ ବ୍ରାହ୍ମଣ ମହାସଂଘ ବୈଠକ

କେନ୍ଦ୍ରାପଡା,୨୩।୫(ସମିସ): କେନ୍ଦ୍ରାପଡ଼ା ବ୍ଲକସ୍ତରୀୟ ବ୍ରାହ୍ମଣ ମହାସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶ୍ୟାମସୁନ୍ଦରପୁରଠାରେ ଜିଲ୍ଲା ସଭାପତି ପଣ୍ଡିତ ହୃଷିକେଶ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବ୍ରାହ୍ମଣ ସମାଜର ସଂଗଠନକୁ ଆହୁରି ସୁଦୃଢ଼ କରିବା ସହ ସାମାଜିକ



ଐକ୍ୟ ଓ ଉନ୍ନତିକୁ ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ମୁଖ୍ୟଅତିଥି ଭାବେ ପଣ୍ଡିତ ମାଧବ ଚନ୍ଦ୍ର ପତ୍ରୀ ଯୋଗଦେଇ ସମାଜର ଏକତା ଓ ସଂସ୍କୃତି ରକ୍ଷା ପାଇଁ ସମସ୍ତଙ୍କୁ ଏକତ୍ର ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ଜିଲ୍ଲା ସମ୍ପାଦକ ପଣ୍ଡିତ ହରେକୃଷ୍ଣ ପତି ବ୍ରାହ୍ମଣ ସମାଜର ଶିକ୍ଷା, ସଂଗଠନ ଓ ସାମାଜିକ ଦାୟିତ୍ୱ ସମ୍ପର୍କରେ ମତ ପ୍ରକାଶ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଶିକ୍ଷାବିତ୍ ନୃସିଂହ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡା ବ୍ଲକ ବ୍ରାହ୍ମଣ ସଂଘ ସଭାପତି ଜଗବନ୍ଧୁ କର ଓ ସମ୍ପାଦକ ଅକ୍ଷୟ ପତି ଯୋଗ ଦେଇଥିଲେ। ପଣ୍ଡିତ ରବିନାରାୟଣ ମହାପାତ୍ର ବେଦପାଠ କରିଥିଲେ। ଜିଲ୍ଲା କୋଷାଧ୍ୟକ୍ଷ ପଣ୍ଡିତ କ୍ଷୀରୋଦ ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବୈଠକରେ ପଞ୍ଚାୟତ ସ୍ତରରୁ ବ୍ଲକ ଓ ଜିଲ୍ଲା ପର୍ଯ୍ୟନ୍ତ ବ୍ରାହ୍ମଣ ସମାଜକୁ ସଂଗଠିତ କରିବା ନିମନ୍ତେ ବିଭିନ୍ନ ଅଞ୍ଚଳରେ ନିୟମିତ ବୈଠକ ଆୟୋଜନ କରାଯିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଜିଲ୍ଲା ସଂଗଠନ ସମ୍ପାଦକ ତପନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ହଂସୁଆ କଳା ପ୍ରତିଷ୍ଠାନର ଦ୍ୱାଦଶ ପ୍ରତିଷ୍ଠା ଉତ୍ସବ



ରାଜନଗର,୨୩।୫(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ଅନ୍ୟତମ ଲୋକପ୍ରିୟ ସଂଗୀତାନୁଷ୍ଠାନ ରାଜନଗର ହଂସୁଆ କଳା ପ୍ରତିଷ୍ଠାନର ଦ୍ୱାଦଶ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜନଗରରେ ସର୍ବପ୍ରାଚୀନ ଶକ୍ତିପୀଠ ଦୁର୍ଗା ମଣ୍ଡପରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଆମ ମାଟି କଳା ସଂସ୍କୃତି ସାରସ୍ୱତ ସାଧନା ଅସ୍ମିତାର ପ୍ରତୀକ। ଆମ ମାଟିରୁ ଅନେକ ପ୍ରତିଭା ଜନ୍ମ ନେଇ ଏ ମାଟିକୁ ଗୌରବାନ୍ୱିତ କରିଛନ୍ତି। ହଂସୁଆ କଳା ପ୍ରତିଷ୍ଠାନ ଆମ ଅଞ୍ଚଳର ଲୁକ୍କାୟିତ ପ୍ରତିଭାଙ୍କୁ ଲୋକଲୋଚନ ଆଣି ଗାଁ ଠୁଁ ସହର ସବୁଠି ସେମାନଙ୍କର ଉଜ୍ଜ୍ୱଳମୟ ପ୍ରତିଭାର ପରିଚୟ ଦେଇଥିବାରୁ ବିଧାୟକ ଶ୍ରୀ ସାହୁ ପ୍ରଶଂସା କରିଥିଲେ। ବରିଷ୍ଠ ସାମ୍ବାଦିକ ଭାସ୍କର ରାଉତରାୟଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ପ୍ରତିଷ୍ଠାତା ସିଡିଏଫ ଲେଖକ ନିର୍ଦ୍ଦେଶକ ଡ. ଉପେନ୍ଦ୍ର ଶର୍ମା, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ସୀତାକାନ୍ତ ରାଉଳ, ଏଏସଆଇ. ସଞ୍ଜିତ କୁମାର ନାୟକ ପ୍ରମୁଖ ଯୋଗଦେଇ ଅଗ୍ରଣୀ ହଂସୁଆ କଳା ପ୍ରତିଷ୍ଠାନର ବିଭିନ୍ନ ସାଂସ୍କୃତିକ ଚେତନାକୁ ପ୍ରଶଂସା କରିଥିଲେ। ପ୍ରତିଷ୍ଠାନର ସମ୍ପାଦକ କବି ଶତ୍ରୁଘ୍ନ ତରାଇ ଉତ୍ସବର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏ ଅବସରରେ ନୃତ୍ୟଗୁରୁ ରୂପଶ୍ରୀ, ସଂଗୀତ ଗୁରୁ ମନୋଜଙ୍କୁ ମୁଖ୍ୟଅତିଥି ବିଧାୟକ ଶ୍ରୀ ସାହୁ ସମ୍ବର୍ଦ୍ଧିତ କରିଥିଲେ। ଏଏସଆଇ ନାୟକ ଓ ଡ. ଶର୍ମାଙ୍କୁ ଅନୁଷ୍ଠାନ ପକ୍ଷରୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଦିଆଯାଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜନଗର ତହସିଲଦାର ଯୀଶୁକ୍ରିଷ୍ଟ ଦାସ ଯୋଗଦେଇ ଆମ ସାମାଜିକ ଜୀବନ ଶୈଳୀ ଭିତରେ ସଂଗୀତ, ନୃତ୍ୟ ଭଳି ସାଂସ୍କୃତିକ ଭାବଧାରକୁ ଉଜ୍ଜୀବିତ ରଖିବା କ୍ଷେତ୍ରରେ ହଂସୁଆ କଳା ପ୍ରତିଷ୍ଠାନର ଉଦୀୟମାନ କଳାକାରଙ୍କ ଅବଦାନ ସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ। ସାମ୍ବାଦିକ ଜଗନ୍ନାଥ ଦାସଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ଚଳଚିତ୍ର ନିର୍ଦ୍ଦେଶକ ଦିନେଶ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପିକା ଭଗବତୀ ରାଉତ, ସମାଜସେବୀ ଦୁର୍ଗା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

## ଅଜଣା ରୋଗରେ ୫୦ରୁ ଊର୍ଦ୍ଧ୍ୱ ଗାଈ ମୃତ

ଆଳି,୨୩।୫(ସମିସ): ଅଜଣା ରୋଗ ଖାଲି କରି ଦେଇଛି ଗୋଠ। ଦୁଇମାସ ମଧ୍ୟରେ ୫୦ରୁ ଊର୍ଦ୍ଧ୍ୱ ଗାଈ ମାରିଛନ୍ତି। ଏ ଘଟଣା ହେଉଛି କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ସହିରା ପଞ୍ଚାୟତ ଅଙ୍ଗାରଖିଅ ଗ୍ରାମର। ଗାଈ ପାଳୁଥିବା ଲୋକ କହିଛନ୍ତି, କାହାର ଗୋଟିଏ ଗାଈ ତ କାହାର ସମ୍ପୂର୍ଣ୍ଣ ଗୋଠ ଖାଲି ହୋଇଯାଇଛି। ଏକାଧିକ ଗାଈ ମୃତ ପରେ ପାଳକଙ୍କ ମଧ୍ୟରେ କୋକୁଆ ଭୟ ଦେଖାଦେଇଛି। ଗତ ଦୁଇଦିନରେ ଦୁଇଟି ଗାଈଙ୍କ ମୃତ୍ୟୁ ହୋଇଛି। ଦୁଇମାସ ମଧ୍ୟରେ ସୁଶାନ୍ତ ପରିଡାଙ୍କ ୧୧ଟି, ସନାତନ ବେହେରାଙ୍କ ୬ଟି, ବିଷ୍ଣୁ ଦାସଙ୍କ ୧ଟି, ଶରତ ପରିଡାଙ୍କ ୬ଟି, ବିଶ୍ୱନାଥ ବେହେରାଙ୍କ ୩ଟି ଏଭଳି ଅନେକ ଗୋରୁ ମାରିଥିବା ନେଇ ଗାଈ ପାଳକ ଅଭିଯୋଗ କରିଛନ୍ତି। ସେମାନଙ୍କ କହିବା ଅନୁସାରେ ଗାଈରୁ ଯାହା ରୋଜଗାର ହୁଏ ସେଥିରେ ପରିବାର ଚଳେ। ଯେତିକି ଗାଈ ମୃତ୍ୟୁବରଣ କରିଛନ୍ତି ସମସ୍ତେ କ୍ଷୀର ଦେଉଥିଲେ। ପ୍ରାଣୀ ଚିକିତ୍ସକ ଗାଈକୁ ସେବା ଯୋଗାଇ ଦେବା ପରିବର୍ତ୍ତେ ସେମାନଙ୍କୁ ଟଙ୍କା ମାଗିଥିବା ନେଇ ଗାଈ ପାଳକ ଅଭିଯୋଗ କରିଛନ୍ତି। ଆଜି ଅଫିସ ଛୁଟି ଥିବାରୁ ଏ ନେଇ ଆମେ ପ୍ରାଣୀ ଚିକିତ୍ସକଙ୍କ ସହିତ ଫୋନରେ କଥା ହେଉଥିଲୁ। ସେ କହିଛନ୍ତି, ମୁଁ ଅବଗତ ଅଛି। ଘଟଣାସ୍ଥଳକୁ ମୋବାଇଲ ଭ୍ୟାନ୍ ପଠାଇ ଗାଈ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଗାଈ ଗୁଡିକ ମଧ୍ୟରେ କୃମି ଅଧିକ ଥିବା ଜଣାପଡିଛି। ଆସନ୍ତା କାଲି ମଧ୍ୟ ମୋବାଇଲ ଟିମ ଘଟଣାସ୍ଥଳକୁ ପଠାଯିବ। ଅନ୍ୟପକ୍ଷରେ ଗାଈ ପାଳକ ଗାଈ ମୃତ୍ୟୁକୁ ନେଇ ଚିନ୍ତାରେ ପଡ଼ିଛନ୍ତି।

## ସିମୁଳିଆ-ନରସିଂହପୁର ଗୋବରୀ ସେତୁ ପାଇଁ ସରକାରୀ ମଞ୍ଜୁରି

ପଟ୍ଟାମୁଣ୍ଡାଇ,୨୩।୫(ସମିସ): କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ଡିଭିଜନ-୨ ପକ୍ଷରୁ କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀ ତଥା ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ସିମୁଳିଆ-ନରସିଂହପୁର ଗୋବରୀ ସେତୁ ନିର୍ମାଣ ପାଇଁ ରାଜ୍ୟ ସରକାର ମଞ୍ଜୁରି ପ୍ରଦାନ କରିଛନ୍ତି। ସେତୁ ବନ୍ଧନ ଯୋଜନାରେ ରାଜ୍ୟ ସରକାର ୨୧ଟି ସେତୁ ନିର୍ମାଣ ପାଇଁ ମଞ୍ଜୁରି ପ୍ରଦାନ କରିଥିବାବେଳେ ବେଲତଳ-ନରସିଂହପୁର ରାସ୍ତାର ଗୋବରୀ ନଦୀ ଉପରେ ନରସିଂହପୁର-ସିମୁଳିଆ ସେତୁ ନିର୍ମାଣ ପାଇଁ ସରକାରୀ ମଞ୍ଜୁରି ପ୍ରଦାନ କରାଯାଇଛି। ଫଳରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହୋଇଛି। ଏହି ସେତୁ ନିର୍ମାଣ ହେଲେ ଉଭୟ ନରସିଂହପୁର ଓ ଖଡ଼ିଅଣ୍ଟା ପଞ୍ଚାୟତବାସୀଙ୍କ ସମେତ ଆଖପାଖ ଅଞ୍ଚଳର ଲୋକ ଉପକୃତ ହୋଇପାରିବେ।

ଟିପିସିଓଡିଏଲର ବେପରୁଆ ମନୋଭାବ

## ଗ୍ରୀଷ୍ମପ୍ରବାହରେ ଅଘୋଷିତ ବିଜୁଳି କାଟ୍, ଲୋକେ ଅତିଷ୍ଠ

ରାଜକନିକା,୨୩।୫(ସମିସ): ସଂପ୍ରତି ଅସହ୍ୟ ଗ୍ରୀଷ୍ମରେ ସନ୍ତୁଳି ହେଉଛି ଜନଜୀବନ। ଗ୍ରୀଷ୍ମ ଦାଉକୁ ପ୍ରତିହତ କରିବାର ମାଧ୍ୟମ ବିଜୁଳି ସରବରାହ ମଧ୍ୟ ଦାଉ ସାଧିବାରେ ଲାଗିଛି। ସକାଳ ହେବାଠାରୁ ରାତି ଯାଏ ଘଣ୍ଟା ଘଣ୍ଟା ଧରି ବିଜୁଳି କାଟ୍ ପରିସ୍ଥିତିକୁ ଆହୁରି ସଙ୍ଗୀନ କରିଦେଉଛି। ଚଳିତ ଗ୍ରୀଷ୍ମପ୍ରବାହ ସମୟରେ ଗତ ତିନିଦିନ ଧରି ଦିନର ସର୍ବୋଚ୍ଚ ତାପମାତ୍ରା ଅହେତୁକ ଭାବେ ୪୧ରୁ ୪୪ ଡିଗ୍ରୀ ଭିତରେ ରହୁଥିବାରୁ ଦିନରେ କଲବଲ ହେଉଛି ଜୀବନ। ଏହି ଗରମରୁ ରକ୍ଷା ପାଇବାକୁ ଲୋକେ ବିଜୁଳି ଉପରେ ନିର୍ଭର କରୁଥିବାବେଳେ ଠିକ ସମୟରେ ଧୋକା ଦେଉଛି। ଦିନରାତି ଗୁଳିଗୁଳି ଲାଗି ରହିଥିବାବେଳେ ବିଜୁଳି କାଟ ମଧ୍ୟ ଲାଗି ରହୁଛି। ଘୋଷିତ ବିଜୁଳି କାଟ୍‌ଠାରୁ ଅଘୋଷିତ ବିଜୁଳି କାଟର ସମୟ ବେଶୀ ହେଉଥିବାରୁ ପିଲା ଛୁଆ, ବୁଢାବୁଢ଼ୀ ବେଶୀ ହନ୍ତସନ୍ତ ହେଉଛନ୍ତି। ଗ୍ରୀଡ୍ ଲାଇନ ଅଚଳ ତ ଆଉ କେବେ ଟ୍ରାନ୍ସଫର୍ମର ପୋଡି। କେବେ ଫିଡ଼ର ଲାଇନ ଅଚଳ ଭଳି ସମସ୍ୟାରେ ଆଉଟୁ ପାଉଟୁ ହେଉଛନ୍ତି ବ୍ଲକ୍‌ର ୨୯ ପଞ୍ଚାୟତର ଲୋକ। ବିଜୁଳି ଆବଣ୍ଟନ କମ୍ପାନୀର ଦୃଢୋକ୍ତି ଓ ବାସ୍ତବତାକୁ ଦେଖିଲେ ରାଜକନିକାରେ ବିଜୁଳି ସେବା ଏକ ସୁଯୋଗ ବୋଲି ପ୍ରତୀୟମାନ ହେଲାଣି। ଟିପିସିଓଡିଏଲର ଘୋଷଣା ଓ କାର୍ଯ୍ୟକାରିତାରେ ତାଳମେଳ ନ ରଖି ରାଜକନିକା ସେକ୍ସନ, ଓଳାଭର ଗ୍ରୀଡ୍, ଓସ୍ତିଆ ଫିଡ଼ର, ନହୁଲିଆ ଷ୍ଟ୍ରକଚର ଆଦି ସବୁଠି ବିଜୁଳି କାଟ୍ ଦାଉ ସାଧୁଛି। ଗ୍ରାହକଙ୍କୁ ସ୍ମାର୍ଟ ମିଟର ବସାଇ ଦେଢଗୁଣା ଅଧିକ ବିଜୁଳି ବିଲ ନାଁରେ ଶୋଷୁଥିବା ଟାଟା ପାୱାର କେବଳ ନାମରେ ଟାଣପଣ ରଖିଥିବାବେଳେ କାମ କିନ୍ତୁ ଓଲଟା। ଅସହ୍ୟ ଗ୍ରୀଷ୍ମ ଯନ୍ତ୍ରଣାରେ ତ୍ରାହିତ୍ରାହି ଡାକୁଥିବା ଜନଜୀବନକୁ ବିଜୁଳି ଯୋଗାଣରେ ସ୍ଥିରତା ଓ ଭରସା ଦେବା ପାଇଁ ନାଁ ପ୍ରଶାସନ ନାଁ ବିଜୁଳି ଆବଣ୍ଟନ ସଂସ୍ଥା କାହାରି ଆନ୍ତରିକତା ନ ଥିବାରୁ ରାଜକନିକାର ଗାଉଁଲି ମଣିଷ କଲବଲ ହେଉଥିବା ଅଭିଯୋଗ ହେଉଛି।

● ତେରଗାଁ ପଞ୍ଚାୟତରେ ପାନୀୟଜଳ ସମସ୍ୟା

## ଗରାମାଠିଆ ଧରି ଲୋକଙ୍କ ପ୍ରତିବାଦ



ମହାକାଳପଡ଼ା,୨୩।୫(ସମିସ): ମହାକାଳପଡ଼ା ବ୍ଲକ୍ ତେରଗାଁ ପଞ୍ଚାୟତ ଅନ୍ତର୍ଗତ ବେଲାରନୂଆଗାଁ ଗ୍ରାମରେ ପାନୀୟଜଳ ସମସ୍ୟା ଉତ୍କଟ ହୋଇଛି। ମେଗା ପାନୀୟଜଳ ଯୋଗାଣ ବାଧାପ୍ରାପ୍ତ ହୋଇପଡ଼ିଥିବାରୁ ଲୋକେ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ପ୍ରଶାସନ ତରଫରୁ ଅସ୍ଥାୟୀ ଭାବେ ଟ୍ୟାଙ୍କର ଯୋଗେ ପାଣି ଯୋଗାଣ କରାଯାଉଥିଲେ ମଧ୍ୟ ତାହା ପର୍ଯ୍ୟାପ୍ତ ହେଉନାହିଁ। ଟ୍ୟାଙ୍କର ଚାରିପାଖରେ ଲୋକେ ପିମ୍ପୁଡ଼ି ଭଳି ଘେରି ପାଣି ଟୋପାଏ ପାଇଁ ଡହଳବିକଳ ହେଉଥିବା ଦେଖିବାକୁ ମିଳିଛି। ଲୋକଙ୍କ ପାଖରେ ଆବଶ୍ୟକତା ଅନୁଯାୟୀ ପାଣି ଯୋଗାଣ କରିବାରେ ପ୍ରଶାସନ ଫେଲ୍ ମାରିଛି ବୋଲି ଅଭିଯୋଗ ହୋଇଛି। ଆଜି ୧୧ ଘଟିକା ସମୟରେ ପାଣି ଗାଡ଼ି ପାଣି ଦେଉଥିଲା। ଲୋକେ ଗରା, ବାଲ୍‌ଟି ଧରି ପାଣି ନେବାକୁ ଲାଇନ୍ ଲଗାଇଥିଲେ ହେଲେ ଅଧା ଲୋକ ପାଣି ନେବାପରେ ପାଣି ଶେଷ ହୋଇଯାଇଥିଲା। ଯେଉଁଥିପାଇଁ ତାତି ଥିଲେ ଲୋକେ। ରାସ୍ତା ଉପରେ ଗରା ମାଠିଆ ଥୋଇ ରାସ୍ତା ଅବରୋଧ କରି ପ୍ରତିବାଦ କରିଥିଲେ। ସରପଞ୍ଚଙ୍କ ପ୍ରତିନିଧି ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଏ ନେଇ ଆମେ ମହାକାଳପଡ଼ା ବ୍ଲକ୍ ଆରଡବ୍ଲ୍ୟୁଏସଏସର କନିଷ୍ଠ ଯନ୍ତ୍ରୀ ସୁବ୍ରତ ସାହୁଙ୍କୁ ପଚାରିବାରୁ ମେଗା ପାନୀୟଜଳ ଯୋଗାଣରେ ସମସ୍ୟା ଥିବାରୁ ଲୋକଙ୍କୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଣ କରାଯାଉଛି। ଆଉ ତିନିଦିନ ପରେ ମେଗା ପାନୀୟଜଳ ଯୋଗାଣ ସ୍ୱାଭାବିକ ହେବ ବୋଲି ସେ କହିଛନ୍ତି।

## ଭିଡିଓ ଭାଇରାଲ ଧମକ ଦେଇ ବ୍ଲାକ୍‌ମେଲିଂ ଅଭିଯୋଗ

କେନ୍ଦ୍ରାପଡ଼ା,୨୩।୫(ସମିସ): ଶାରୀରିକ ସମ୍ପର୍କ ନ ରଖିଲେ ଫଟୋ ଓ ଭିଡିଓ ଭାଇରାଲ କରିବା ଧମକ ଦେଇ ଜଣେ ବିବାହିତା ମହିଳାଙ୍କୁ ବ୍ଲାକମେଲ କରାଯାଇଥିବା ଅଭିଯୋଗ କେନ୍ଦ୍ରାପଡା ଜିଲ୍ଲା ପାଟକୁରା ଥାନା ଅଞ୍ଚଳରୁ ସାମ୍ନାକୁ ଆସିଛି। ଏ ନେଇ ପୀଡ଼ିତା ମହିଳା କେନ୍ଦ୍ରାପଡ଼ା ସାଇବର ଥାନାରେ ଅଭିଯୋଗ କରି ନ୍ୟାୟ ଦାବି କରିଛନ୍ତି। ମହିଳା ଜଣକ ସ୍ୱାମୀ ପରିତ୍ୟକ୍ତା ହୋଇଥିବାରୁ ଦୀର୍ଘଦିନ ଧରି ବାପଘରେ ରହୁଥିଲେ। ୧୦ ବର୍ଷର ପୁଅଙ୍କ ଭରଣପୋଷଣ ପାଇଁ ସେ କଟକର ଏକ ଘରୋଇ ପ୍ରତିଷ୍ଠାନରେ କାମ କରୁଥିଲେ। ଏ ସମୟରେ ସୋସିଆଲ ମିଡିଆ ମାଧ୍ୟମରେ ଭଦ୍ରକ ଜିଲ୍ଲା ଧୂଷୁରୀ ଥାନା ସାଇଜାଙ୍ଗର ଅଞ୍ଚଳର ଦୀପକ ମଲ୍ଲିକ ନାମକ ଜଣେ ଯୁବକଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ପରେ ଯୁବକ ଜଣକ ମହିଳାଙ୍କ ସହ ଘନିଷ୍ଠତା ବଢ଼ାଇ ଶାରୀରିକ ସମ୍ପର୍କ ରଖିବାକୁ ଚାପ ପକାଇଥିବା ଅଭିଯୋଗ ହୋଇଛି। ମହିଳା ଏଥିରେ ରାଜି ନ ହେବାରୁ ତାଙ୍କ ସହ ଥିବା ଫଟୋ ଓ ଭିଡିଓକୁ ଅଶ୍ଳୀଳ ଭାବେ ଏଡିଟ୍ କରି ସୋସିଆଲ ମିଡିଆରେ ଭାଇରାଲ କରିଥିବା ମହିଳା ଅଭିଯୋଗ କରିଛନ୍ତି। ଏପରିକି ମହିଳାଙ୍କ ପରିବାର ଓ ସମ୍ପର୍କୀୟଙ୍କ ଫଟୋ ମଧ୍ୟ ଫେସବୁକରେ ପୋଷ୍ଟ କରାଯାଇଥିବା କୁହାଯାଉଛି। ଏଥିସହ ଯୁବକ ଜଣକ ମହିଳାଙ୍କୁ ଟଙ୍କା ମାଗିଥିବା ଅଭିଯୋଗ ମଧ୍ୟ ହୋଇଛି। ବ୍ଲାକମେଲିଂ ଓ ମାନସିକ ନିର୍ଯାତନା ସହିବା ପରେ ଶେଷରେ ପୀଡିତା କେନ୍ଦ୍ରାପଡା ସାଇବର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଘଟଣାକୁ ଗୁରୁତ୍ୱର ସହ ନେଇ ସାଇବର ପୁଲିସ ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

● ନକଲି ଅବକାରୀ ଅଧିକାରୀଙ୍କ ଚଢ଼ଉ

## ୭୦ ବୋତଲ ମଦ ଓ ନଗଦ ୧୦ ହଜାର ନେଇଥିବା ଅଭିଯୋଗ

କେନ୍ଦ୍ରାପଡ଼ା,୨୩।୫(ସମିସ): କେନ୍ଦ୍ରାପଡ଼ା ସଦର ଥାନା ଓ ବ୍ରଜନଗରୀ ଥାନା ଅଞ୍ଚଳରେ ନକଲି ଅବକାରୀ ଅଧିକାରୀଙ୍କ ଚଢ଼ଉ ଘଟଣା ଏବେ ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ରାତି ପ୍ରାୟ ୭ଟାରୁ ୮ଟା ୩୦ ମଧ୍ୟରେ ଗୋଟିଏ ଚାରିଚକିଆ ଗାଡ଼ି ଓ ଗୋଟିଏ ବାଇକ୍‌ରେ କିଛି ଯୁବକ ଚାରିଟି ସ୍ଥାନରେ ଚଢ଼ଉ କରିଥିଲେ। ସେମାନେ ନିଜକୁ କେବେ ଅବକାରୀ ଅଧିକାରୀ, କେବେ ପୁଲିସ ଅଧିକାରୀ ଓ କେବେ ସାମ୍ବାଦିକ ପରିଚୟ ଦେଇ ଦୋକାନଦ ବେପାରୀଙ୍କୁ ଧମକ ଦେଉଥିବା କୁହାଯାଉଛି। ଏହି ଚଢ଼ଉ ସମୟରେ ପ୍ରାୟ ୭୦ ବୋତଲ ମଦ ଓ ୧୦ ହଜାର ଟଙ୍କା ନେଇଯାଇଥିବା ଅଭିଯୋଗ ହୋଇଛି। ନକଲି ଅବକାରୀ ଅଧିକାରୀ ଭାବେ ସଦର ଥାନା ଅଞ୍ଚଳର ବାଇଲ ଲୋକଙ୍କ ନାମ ଚର୍ଚ୍ଚାକୁ ଆସିଛି। ସେ କିଛି ସାଥୀଙ୍କ ସହ ମିଶି ଏହି କାର୍ଯ୍ୟ କରିଥିବା ଅଭିଯୋଗ ହେଉଛି। ଘଟଣା ପରେ ଜଣେ ମଦ ବ୍ୟବସାୟୀ ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ଅନ୍ୟ ଲୋକଙ୍କୁ ପଚାରିବାରୁ ଜଣାପଡ଼ିଥିଲା ଯେ ଚଢ଼ଉ କରିଥିବା ବ୍ୟକ୍ତି ପ୍ରକୃତ ଅବକାରୀ ଅଧିକାରୀ ନୁହଁନ୍ତି। ପରେ କିଛି ଲୋକ ଅଭିଯୁକ୍ତଙ୍କ ଘରକୁ ଯାଇ ମଦ ଓ ଟଙ୍କା ଫେରାଇ ଆଣିଥିବା ସୂଚନା ମିଳିଛି। ଭୁଲ ମାଗିବା ପରେ ଦୋକାନ ବେପାରୀ ନକଲି ଅଧିକାରୀଙ୍କୁ ଛାଡ଼ି ଦେଇଥିବା ଜଣାପଡ଼ିଛି। ଏହି ଘଟଣା ପରେ କେନ୍ଦ୍ରାପଡ଼ାରେ ନକଲି ମଦ ଧରୁଛି ନକଲି ଅଧିକାରୀ ବୋଲି ଚର୍ଚ୍ଚା ଜୋର ଧରିଛି।

● ଅଡ଼ଙ୍ଗା ପ୍ରାଥମିକ ବିଦ୍ୟାଳୟ ଭିତ୍ତିଭୂମି ବିକାଶ କାମ

## ଚାଷଜମିରୁ ଜଳ ନିଷ୍କାସନରେ ବାଧକ ନେଇ ଚାଷୀଙ୍କ ଅଭିଯୋଗ

ଡେରାବିଶ, ୨୩।୫(ସମିସ): ଇନ୍ଦାଲୋ ପଞ୍ଚାୟତ ଅନ୍ତର୍ଗତ ଅଡ଼ଙ୍ଗା ଗ୍ରାମର ପ୍ରାଥମିକ ବିଦ୍ୟାଳୟ ଭିତ୍ତିଭୂମି ଉନ୍ନତୀକରଣ କାମ ଆରମ୍ଭ କରାଯାଇଛି। ପ୍ରାଥମିକ ସ୍ତରରେ ଅନାବାଦି ଜାଗାକୁ ରାସ୍ତା ଭାବେ ବ୍ୟବହାର କରାଯାଉଥିବାବେଳେ ଏହା ଉପରେ ପାଚେରୀ ନିର୍ମାଣ କରିବା ସମ୍ପର୍କରେ ଅଦାଲତରେ ଏକ ମାମଲା ରୁଜୁ ହୋଇଥିଲା। ଏ ସମ୍ପର୍କରେ ସରଜମିନ ତଦନ୍ତ ପାଇଁ ତହସିଲଦାରଙ୍କୁ ଅଦାଲତ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ଏବେ ଗ୍ରାମର କିଛି ଚାଷୀ ଉକ୍ତ ବିଦ୍ୟାଳୟର ପାଚେରୀ ନିର୍ମାଣ ଫଳରେ ସେମାନଙ୍କ ଜମିରୁ ଉଦ୍‌ବୃତ୍ତ ବର୍ଷାଜଳ ନିଷ୍କାସନ ବନ୍ଦ ହୋଇ ଫସଲ ହାନି ଘଟିବ ବୋଲି ଡେରାବିଶ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ ପାଚେରୀ ନିର୍ମାଣ ହେଉଥିବା ସ୍ଥାନ ଦେଇ ସେମାନଙ୍କ ଜମିରୁ ଏକ ଡ୍ରେନ ଯୋଗେ ଉଦ୍‌ବୃତ୍ତ ବର୍ଷାଜଳ ନିଷ୍କାସିତ ହୋଇଥାଏ। ପାଚେରୀ ନିର୍ମାଣ ବେଳେ ଏହି ଡ୍ରେନ୍ ପୋତି ହୋଇଯିବା ଯୋଗୁଁ ଜଳ ନିଷ୍କାସନ ହୋଇପାରିବ ନାହିଁ। ତେଣୁ ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟି ଦେଇ କାର୍ଯ୍ୟ କରିବାକୁ ଚାଷୀ ଦାବି କରିଛନ୍ତି।

## ଅଙ୍ଗନବାଡ଼ି ଗୃହ ନିର୍ମାଣରେ ସରକାରୀ ନିୟମ ପାଳନ ଦାବି

ଡେରାବିଶ, ୨୩।୫(ସମିସ): ଇନ୍ଦାଲୋ ପଞ୍ଚାୟତ ଅନ୍ତର୍ଗତ ଛକନା ଗ୍ରାମରେ ନିର୍ମାଣ ହେବାକୁ ଥିବା ଅଙ୍ଗନବାଡ଼ି ଗୃହ ସରକାରୀ ନିୟମାନୁଯାୟୀ ହେବାକୁ ଗ୍ରାମବାସୀ ବିଡିଓଙ୍କ ନିକଟରେ ଦାବି କରିଛନ୍ତି। ଅଙ୍ଗନବାଡ଼ି ଗୃହ ନିର୍ମାଣ ସମୟରେ ଅଙ୍ଗନବାଡ଼ି କମିଟି ସ୍ଥାନ ନିରୂପଣ କରିଥାଏ। ଅଙ୍ଗନବାଡ଼ି କମିଟି ସଭାପତି, ଅଙ୍ଗନବାଡ଼ି କର୍ମୀ, ସ୍ଥାନୀୟ ସରପଞ୍ଚ, ୱାର୍ଡସଦସ୍ୟ ଓ ସରକାରଙ୍କ ପକ୍ଷରୁ ସ୍ଥାନୀୟ ଅଙ୍ଗନବାଡ଼ି ନିରୀକ୍ଷକ ରହିଥାନ୍ତି। ଏମାନେ ସ୍ଥାନ ନିରୂପଣ ସମୟରେ ସରକାରୀ ନିୟମ ପାଳନ କରିବାକୁ ପଡ଼ିଥାଏ। ବର୍ତ୍ତମାନ ଯେଉଁ ଗ୍ରାମରେ ଏହି ଅଙ୍ଗନବାଡ଼ି କେନ୍ଦ୍ର ଖୋଲାଯିବ, ସେହି ଗ୍ରାମର ପ୍ରାଥମିକ ବିଦ୍ୟାଳୟ କିମ୍ବା ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ଖୋଲାଯିବ। ଫଳରେ ଛାତ୍ରଛାତ୍ରୀ ଗୋଟିଏ ଗୋଟିଏ ଛାତ ତଳେ ପଢ଼ିବେ। ଏପରିକି ଅଙ୍ଗନବାଡ଼ି ସହ ଏବେ ପୋଷଣଯୁକ୍ତ ଶିଶୁବାଟିକା ପିଲା ମଧ୍ୟ ସେଠାରେ ପଢ଼ିବେ। ତେବେ ଛକନା ଗ୍ରାମରେ ଗୋଟିଏ ଛାତତଳେ ପ୍ରାଥମିକଠାରୁ ଉଚ୍ଚ ବିଦ୍ୟାଳୟ (ସାରଦା ଏକାଡେମୀ) ପରିସରରେ ସରକାରୀ ନିୟମ ଥିବାରୁ ଅଙ୍ଗନବାଡ଼ି କେନ୍ଦ୍ର ଖୋଲାଯିବ। ଗ୍ରାମର କିଛି ବ୍ୟକ୍ତି ଏହାକୁ ବନ୍ଦ ହୋଇଯାଇଥିବା ଏକ ବିଦ୍ୟାଳୟର ବିପଦସଙ୍କୁଳ ଗୃହ ନିକଟରେ ତିଆରି କରିବାକୁ ମସୁଧା କରୁଛନ୍ତି। ସେଥିପାଇଁ କମିଟିର ସଭାପତିଙ୍କ ସମେତ ଗ୍ରାମବାସୀ ସରକାରୀ ନିୟମ ଅନୁଯାୟୀ ଛକନାସ୍ଥ ଶାରଦା ଏକାଡେମୀ ପରିସରରେ ଅଙ୍ଗନବାଡ଼ି କେନ୍ଦ୍ର ଗୃହ ନିର୍ମାଣ ପାଇଁ ଡେରାବିଶ ବିଡିଓଙ୍କୁ ନିବେଦନ କରିବା ସହ ତହସିଲଦାର ଓ ସିଡିପିଓଙ୍କୁ ଅବଗତ କରାଇଥିବା ଜଣାଯାଇଛି।

## ସୁନାମୀ ନିରାପତ୍ତା ଓ ସଚେତନତା କାର୍ଯ୍ୟକ୍ରମ



ରାଜନଗର,୨୩।୫(ସମିସ): ଓସଡ଼ମା ପକ୍ଷରୁ ସୁନାମୀପ୍ରବଣ ଗ୍ରାମ ଭାବେ ଚିହ୍ନଟ ହୋଇଥିବା ଉପକୂଳ ଓଡ଼ିଶାର ସମୁଦ୍ରକୂଳିଆ ଗ୍ରାମ ମଧ୍ୟରୁ ରାଜନଗର ବ୍ଲକରେ ତାଳଚୁଆ ପଞ୍ଚାୟତର ପାଞ୍ଚଟି ଗ୍ରାମ ତାଳଚୁଆ, ଟିକାୟତନଗର, ରାଜେନ୍ଦ୍ରନଗର, ବୀରଭଞ୍ଜପୁର ଓ ରାଜେଶ୍ୱରୀନଗର ଭଳି ସୁନାମୀ ସମବେଦନଶୀଳ ଅଞ୍ଚଳରେ ସୁନାମୀ ନିରାପତ୍ତା ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ହାଇଦ୍ରାବାଦସ୍ଥ ଭାରତୀୟ ଜାତୀୟ ମହାସାଗର ସୂଚନା ସେବା କେନ୍ଦ୍ର ଓ ଓସଡମାର ମିଳିତ ଆନୁକୂଲ୍ୟରେ ସୁନାମୀ ଭଳି ବିପଦର ମୁକାବିଲା ପାଇଁ ପ୍ରସ୍ତୁତ ଗ୍ରାମକୁ ମାନ୍ୟତା ପ୍ରଦାନ କରାଯିବାକୁ ଯୋଜନା କରାଯାଇଛି। ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ତଳଚୁଆ ପଞ୍ଚାୟତର ଉପରୋକ୍ତ ପାଞ୍ଚଟି ଗ୍ରାମରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତାଳଚୁଆ ସରପଞ୍ଚ ଶ୍ରୀମତୀ ସ୍ୱର୍ଣ୍ଣଲତା ମଣ୍ଡଳ ଓ ତାଳଚୁଆ ପିଇଓ, ନୋଡାଲ ଏନଜିଓ ଜୀବନ ଦୀପର ସମ୍ପାଦକ ଅମୂଲ୍ୟ କୁମର ରାଉତଙ୍କ ନେତୃତ୍ୱରେ ଆୟୋଜିତ ଏହି କାଯ୍ୟକ୍ରମରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ପ୍ରକଳ୍ପ ଅଧିକାରୀ ଅଜୟ ମହାନ୍ତି, ଜିଲ୍ଲା ଜରୁରିକାଳୀନ ଅଧିକାରୀ ନିତ୍ୟରଞ୍ଜନ ସାମଲ, ରାଜନଗର ବିଡିଓ ଅଶୋକ ମହାନ୍ତି, ରାଜନଗର ବିଏସଏସଓ ମନୋଜ ବେହେରା, ଓସଡମା ଡେପୁଟି ଜେନେରାଲ ଜୟଜଗତ ସାହୁ, ରାଜନଗର ପଞ୍ଚାୟତ ସମିତିର ଭାଇସ ଚେୟାରମ୍ୟାନ ଗଣେଶ ଗୁଡ଼ିଆ, ବାଘାମାରି ପଞ୍ଚାୟତର ପୂର୍ବତନ ସରପଞ୍ଚ ମୁକ୍ତିକାନ୍ତ ପାତ୍ର, ସମିତି ସଭ୍ୟ ମନୋରଞ୍ଜନ ମଣ୍ଡଳ, ଓସଡମା ଟ୍ରେନର ଜଗବନ୍ଧୁ ରାଉତ, ବସନ୍ତ ଦାସ, ବୈଶିଷ୍ଟ ପରିଡା ପ୍ରମୁଖ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ତାଳଚୁଆ ଗ୍ରାମ ୱାର୍ଡ ମେମ୍ବର, ରାଜେନ୍ଦ୍ରନଗର ୱାର୍ଡ ମେମ୍ବର ବିଷ୍ଣୁପଦ ମଣ୍ଡଳ, ବୀରଭଞ୍ଜପୁର ୱାର୍ଡ ମେମ୍ବର ଗଙ୍ଗାଧର ଦାସ, ଟିକାୟତନଗର ୱାର୍ଡ ମେମ୍ବର ଜାନୁ ଜେନା ଓ ରାଜେଶ୍ୱରୀନଗର ୱାର୍ଡ ମେମ୍ବର ପ୍ରମୁଖ ସହଯୋଗ କରିଥିଲେ।

ଜବରଦଖଲ ଉଚ୍ଛେଦ କରିବାକୁ ଯାଇଥିଲା ତହସିଲ ପ୍ରଶାସନ

# ସରପଞ୍ଚ ଓ ଲୋକଙ୍କ ବିରୋଧ ଯୋଗୁଁ ଫେରିଲେ

ମହାକାଳପଡ଼ା,୨୩।୫(ସମିସ)



୧୨୬ ଜଣଙ୍କ ନାମରେ ଜବରଦଖଲ ଉଚ୍ଛେଦ ପାଇଁ ନୋଟିସ ହୋଇଥିଲା। ତେବେ ତହସିଲ ପ୍ରଶାସନ ଆକ୍ରୋଶମୂଳକ ଭାବେ କେବଳ ଜଣଙ୍କ ଜବରଦଖଲ ଉଚ୍ଛେଦ ପାଇଁ ଯାଇଥିବାବେଳେ ସରପଞ୍ଚ ଓ ଲୋକଙ୍କ ଦ୍ୱାରା ହଟହଟା ହୋଇଥିବା ଦେଖିବାକୁ ମିଳିଛି। ସରପଞ୍ଚ ଓ ଲୋକଙ୍କ ପ୍ରବଳ ବିରୋଧ ଯୋଗୁଁ ଜବରଦଖଲ ଉଚ୍ଛେଦ ପାଇଁ ଯାଇଥିବା ପ୍ରଶାସନ ଫେରିଆସିଛି। ଏ ଘଟଣା ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଥିବାବେଳେ ମହିଳା ସରପଞ୍ଚଙ୍କ ସାହାସୀ ପ୍ରୟାସକୁ ସାଧାରଣରେ ପ୍ରଶଂସା କରାଯାଇଛି।

ସୂଚନା ମୁତାବକ, ତିଖିରି ପଞ୍ଚାୟତର ତିଖିରେ ଗ୍ରାମରେ ୧୨୬ ଜଣ ସରକାରୀ ଜମି ଜବରଦଖଲ କରିଛନ୍ତି। ଉଚ୍ଛେଦ ନିମନ୍ତେ ସମସ୍ତଙ୍କୁ ସରକାରୀ ନୋଟିସ୍ ମଧ୍ୟ ଜାରି ହୋଇଥିଲା। ଶୁକ୍ରବାର ମହାକାଳପଡ଼ାର ଅତିରିକ୍ତ ତହସିଲଦାର ପ୍ରଭଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ସ୍ଥାନୀୟ ପୁଲିସ ଓ ରାଜସ୍ୱ ନିରୀକ୍ଷକ ତିଖିରିରେ କେବଳ ଜଣଙ୍କର ଜବରଦଖଲ ଉଚ୍ଛେଦ ପାଇଁ ପହଞ୍ଚିଥିଲେ। ଯାହାକୁ ପ୍ରବଳ ବିରୋଧ କରିଥିଲେ ପଞ୍ଚାୟତର ମହିଳା ସରପଞ୍ଚ ଚାମେଲି ଓଝାଙ୍କ ସମେତ ଗ୍ରାମବାସୀ। ଗ୍ରାମର ୧୨୬ ଜଣଙ୍କ ଜବରଦଖଲ ଉଚ୍ଛେଦ ପାଇଁ ନୋଟିସ କରାଯାଇଥିବାବେଳେ ଆକ୍ରୋଶମୂଳକ ଭାବେ ଜଣଙ୍କର କାହିଁକି ଉଚ୍ଛେଦ କରାଯିବ ବୋଲି ପ୍ରଶ୍ନ କରିଥିଲେ। ପ୍ରଶାସନ କ୍ରମିକ ଭାବେ ଗୋଟିଏ ପରେ ଗୋଟିଏ ଜବରଦଖଲ ଉଚ୍ଛେଦ କରିବା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଜବରଦଖଲ ଉଚ୍ଛେଦ କରିବାକୁ ସେମାନେ ଅଡ଼ି ବସିଥିଲେ। କେବଳ ସେତିକି ନୁହେଁ ପ୍ରବଳ ଖରାରେ ପଞ୍ଚାୟତର ଲୋକେ ଛଟପଟ ହେଉଥିଲାବେଳେ ଶହ ଶହ ସଂଖ୍ୟାରେ ବେଆଇନ୍ ଇଟାଭାଟି ମାଲିକଙ୍କଠାରୁ ମୋଟା ଅଙ୍କର ଟଙ୍କା ନେଇ ଇଟା ଭାଟି ପୋଡ଼ିବାକୁ ପ୍ରଶାସନ ପ୍ରଶୟ ଦେଉଥିବା ମଧ୍ୟ ନିଶାନା କରିଥିଲେ ଚାମେଲି। ନଦୀପଠାରୁ ଶହ ଶହ ଟ୍ରିପ ମାଟି ତାଡ଼ି ନେଉଥିବା ଅଭିଯୋଗ ହୋଇଥିଲା। ହେଲେ ସେତେବେଳେ ତହସିଲ ପ୍ରଶାସନ କେଉଁଠି ଶୋଇଥିଲା ବୋଲି ସେ ଜବାବ ମାଗିଥିଲେ। ସରପଞ୍ଚଙ୍କ ସମେତ ଗ୍ରାମବାସୀଙ୍କ ପ୍ରବଳ ବିରୋଧରେ ଉଚ୍ଛେଦ ପାଇଁ ଯାଇଥିବା ପ୍ରଶାସନ ଉଚ୍ଛେଦ ନକରି ଶେଷରେ କାନମୁଣ୍ଡ ଆଉଁସି ଫେରିଆସିଥିବା ଜଣାପଡିଛି।

■ ରାଜ୍ୟସ୍ତରୀୟ ଜୈବ ବିବିଧତା ଦିବସ

# ପୁରସ୍କୃତ ହେଲେ ଦୁଇ ସଫଳ ପ୍ରତିଯୋଗୀ



**ଜଗତସିଂହପୁର,୨୩।୫(ସମିସ):** ଓଡିଶା ଜୈବ ବିବିଧତା ବୋର୍ଡ, ଭୁବନେଶ୍ୱର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇନ୍‌ସାଫର ସହାୟତାରେ ଗତମାସ ୨୩ ତାରିଖ ଦିନ ଏରସମା ବ୍ଲକ ଅନ୍ତର୍ଗତ ବୀଣାପାଣି ସରକାରୀ ଉଚ୍ଚ ବିଦ୍ୟାଳୟ, ଓଲରାରେ 'ହେନ୍ତାଳ ପରିସଂସ୍ଥାନର ପରିବେଶୀୟ ଗୁରୁତ୍ୱ' ଏକ ଚିତ୍ରାଙ୍କନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ଭାଗ ନେଇଥିବା ୬ଟି ବିଦ୍ୟାଳୟର ୩୮ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ଓଡିଶା ଜୈବ ବିବିଧତା ବୋର୍ଡ ଦ୍ୱାରା ନିୟୋଜିତ ବିଚାରକ ମଣ୍ଡଳୀ ପ୍ରତ୍ୟେକ ବିଦ୍ୟାଳୟର ୨ଟି ଲେଖାଁଏ ୧୨ଟି ଚିତ୍ରାଙ୍କନକୁ ପୁନଶ୍ଚ ମୂଲ୍ୟାୟନ କରିଥିଲେ। ସେଥିମଧ୍ୟରୁ ବୃନ୍ଦାବନ ବିହାରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ଗୋଡାର ନବମ ଶ୍ରେଣୀର ଛାତ୍ରୀ ଅର୍ଚ୍ଚିତା ସ୍ୱାଇଁ ଏବଂ ବ୍ରଜକିଶୋର ସାତମଉଜି ସରକାରୀ ଉଚ୍ଚ ବିଦ୍ୟାଳୟ, ଗଡବିଶନପୁରର ଦଶମଶ୍ରେଣୀ ଛାତ୍ରୀ ଲିଜା ଦାସ ଦ୍ୱିତୀୟ ସ୍ଥାନ ଅଧିକାର କରି ରାଜ୍ୟସ୍ତରକୁ ମନୋନୀତ ହୋଇଥିଲେ। ଭୁବନେଶ୍ୱରସ୍ଥିତ ଲୋକସେବା ଭବନ ଠାରେ ଆୟୋଜିତ ରାଜ୍ୟସ୍ତରୀୟ ଆନ୍ତର୍ଜାତୀୟ ଜୈବ ବିବିଧତା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଜଙ୍ଗଲ, ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ଠାରୁ ସେମାନେ ପ୍ରମାଣପତ୍ର ଏବଂ ଆର୍ଥିକ ପୁରସ୍କାର ଗ୍ରହଣ କରିଛନ୍ତି। ଏହି ଉତ୍ସବରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଭାସ୍କରଜ୍ୟୋତି ଶର୍ମା, ଓଡିଶା ସରକାରଙ୍କ ପରିବେଶ ବିଭାଗର ନିର୍ଦ୍ଦେଶକ ତଥା ସରକାରଙ୍କ ସ୍ୱତନ୍ତ୍ର ସଚିବ କେଏସ୍ ପ୍ରଦୀପ, ପ୍ରମୁଖ ମୁଖ୍ୟ ବନସଂରକ୍ଷକ ଡ. କେ. ମୁର୍ଗେସନ୍ ଓ ଓଡିଶା ଜୈବ ବିବିଧତା ବୋର୍ଡର ସଚିବ ଡ. ନିହାର ରଞ୍ଜନ ନାୟକ ମଧ୍ୟ ଉପସ୍ଥିତ ଥିଲେ। ଇନ୍‌ସାଫର ବୈଷୟିକ ଉପଦେଷ୍ଟା ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଦୁଇଜଣ ପ୍ରତିଯୋଗୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର ସୁଯୋଗ ପାଇଥିବାରୁ ଉଭୟ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଇକୋ ଶିକ୍ଷକ ଏବଂ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଅଭିଭାବକଗଣ ଉଭୟ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇବା ସହ ଶ୍ରୀ ମହାନ୍ତିଙ୍କର ମାର୍ଗଦର୍ଶନକୁ ଉଚ୍ଚ ପ୍ରଶଂସା କରିଥିଲେ।

## ଜାତୀୟ ମେଧା ବୃତ୍ତିରେ ଛାତ୍ରୀଙ୍କ ସଫଳତା



**କୁଜଙ୍ଗ,୨୩।୫(ସମିସ):** ୨୦୨୫-୨୬ ଶିକ୍ଷା ବର୍ଷରେ ୩୩୧୪ ଜଣ ଜାତୀୟ ଆୟଭିତ୍ତିକ ମେଧା ବୃତ୍ତି ପାଇଁ ରାଜ୍ୟରେ ଯୋଗ୍ୟା ବିବେଚିତ ହୋଇଛନ୍ତି। ଏହି ମର୍ମରେ ଜଗତସିଂହପୁର ଜିଲ୍ଲାରେ ମୋଟ ୧୦୧ଜଣ ଏହି ବୃତ୍ତି ପାଇବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ବୃତ୍ତି ତାଲିକାରେ କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାଟପୁର ପଞ୍ଚାୟତ ରାଣୀପଡ଼ା ଗ୍ରାମର ଅଜୟ କୁମାର ବାରିକ୍ ଓ ଝରଣା ବାରିକଙ୍କ ସାନ ଝିଅ ଲକ୍ଷ୍ମୀପ୍ରିୟା ବାରିକ୍ ଜିଲ୍ଲାରେ ୨୮ତମ ସ୍ଥାନ ରଖି ମାସକୁ ଏକ ହଜାର ଟଙ୍କା ବୃତ୍ତି ପାଇବାକୁ ଯୋଗ୍ୟତା ହାସଲ କରିଛନ୍ତି। ଜିଲ୍ଲାରେ ମୋଟ ୧୦୧ ଏନ୍‌ଏମଏସରେ କୁଜଙ୍ଗ ଥାନା ତଥା ଏରସମା ବ୍ଲକ୍‌ର ବାଲିତୁଠ ୟୁପି ସ୍କୁଲ ଛାତ୍ରୀ ଲକ୍ଷ୍ମୀପ୍ରିୟା। ନିଜର ଦୃଢ଼ ଇଚ୍ଛାଶକ୍ତି ଓ କଠିନ ପରିଶ୍ରମ ସହ ଶିକ୍ଷକ ରବୀନ୍ଦ୍ର ରାଉତ ଓ ପ୍ରଭାତ ସ୍ୱାଇଁ, ବିଶିକେଶନ ବାରିକଙ୍କ ପ୍ରେରଣା ତାଙ୍କୁ ଏହି ସଫଳତା ଦେଇଛି ବୋଲି କୃତୀ ଛାତ୍ରୀ କହିଛନ୍ତି।

ମଟର ଯୋଗେ ପାଣି ନେବା ମହଙ୍ଗା ପଡ଼ିଲା

# ମଟର ବ୍ୟବହାରକାରୀଙ୍କୁ ଜଳ ଯୋଗାଣ ବନ୍ଦ

**ବାଲିକୁଦା,୨୩।୫(ସମିସ)**

ବାଲିକୁଦା ବ୍ଲକ ମେଗା ପାନୀୟ ଜଳ ପ୍ରକଳ୍ପ ଯୋଜନା ଅନ୍ତର୍ଗତ ବସୁଧା ପାନୀୟ ଜଳକୁ ମଟର ଯୋଗେ ଘରେ ଟାଙ୍କି ବସାଇ ବ୍ୟବହାର କରୁଥିବା ପରିବାର ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ଓ ଏଲ୍‌ଆଣ୍ଡଟି କମ୍ପାନୀ। ବାଲିକୁଦା ବ୍ଲକ ଅପଣ୍ଡରା ପଞ୍ଚାୟତ

### ସ୍ୱତନ୍ତ୍ର ଟିମ୍‌ର ଚଢ଼ଉ; ମଟର ଜବତ

ପୋଦରୁଆଁ ଓ ବରମୁଣ୍ଡଳୀ ପଞ୍ଚାୟତ ବାଲିପାଟଣା ଗ୍ରାମକୁ ବିଭାଗୀୟ ଏସ୍‌ଡିଓ ରାଇମୋହନ ପରିଡାଙ୍କ ନେତୃତ୍ୱରେ ଯନ୍ତ୍ରୀ ଭରତ ଭୂଷଣ ଲେଙ୍କା, ଆରଆଇ ବୈଜୟନ୍ତି ସ୍ୱାଇଁ, ଏଲ୍‌ଆଣ୍ଡଟି କମ୍ପାନୀର ମେଗା ପାନୀୟ ଜଳ ପ୍ରକଳ୍ପ ଦାୟିତ୍ୱରେ ଥିବା ସାୟନ ମୁଖାର୍ଜୀ, ସୁପରଭାଇଜର ତାପସ ବିଶ୍ୱାଳ, ସୁମନ ଘୋଷ, ଅନନ୍ତପୁର ଫାଣ୍ଡି ପୁଲିସ ମିଳିତ ଭାବେ ଚଢ଼ଉ କରି ମଟର ବ୍ୟବହାର କରୁଥିବା ପରିବାରକୁ ପାନୀୟ ଜଳ



ଯୋଗାଣ ବନ୍ଦ କରିବା ସହ ବ୍ୟବହୃତ ମଟର ଜବତ କରିଥିଲେ। ୨ ଦିନ ମଧ୍ୟରେ ଲିଖିତ ଭାବେ ଆଉ ଏଭଳି କରିବୁ ନାହିଁ ବୋଲି ପ୍ରଦାନ କରିବା ସହ ଆଗକୁ ଏପରି କଲେ ଆଇନ ଅନୁଯାୟୀ ଦଣ୍ଡ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଥିଲେ। ଲିଖିତ ଆକାରରେ ପ୍ରଦାନ ପରେ ହିଁ ମଟର ଫେରସ୍ତ କରାଯିବ ବୋଲି ଏସ୍‌ଡିଓ ଶ୍ରୀ ପରିଡା ପ୍ରକାଶ କରିଥିଲେ।

ସୂଚନା ଅନୁଯାୟୀ ଅସହ୍ୟ ଖରାରେ ଲୋକେ ପାନୀୟ ଜଳ ପାଇଁ ଡହଳ ବିକଳ ହେଉଥିବା ବେଳେ ମୁଖ୍ୟ ଲାଇନରୁ ପାଇପ ଯୋଗେ ସିଧାସଳଖ ଏହି ଗ୍ରାମକୁ ପାଣି ଯୋଗାଇ ଦିଆଯାଇଥାଏ। ହେଲେ ପ୍ରାରମ୍ଭରେ କିଛି ଲୋକ ମଟର ଯୋଗେ ପାଣି ବ୍ୟବହାର କରୁଥିବା କାରଣରୁ ତଳ ମୁଣ୍ଡରେ ଥିବା ପରିବାର ନିକଟରେ ପାଣି ପହଞ୍ଚି ପାରୁ ନଥିବା ନେଇ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ କିଛି ପରିବାର। ଯାହାକୁ ନେଇ ଜିଲ୍ଲାପାଳ ଏହାର କାରଣ ସମ୍ପର୍କରେ ବିଭାଗକୁ ଉତ୍ତର ଦେବାକୁ କହିଥିବା ବେଳେ ବିଭାଗ ପକ୍ଷରୁ କୁହାଯାଇଥିଲା କି ନିୟମ ମୁତାବକ ଗୋଟିଏ ପରିବାରକୁ ପ୍ରତ୍ୟକ ଦିନ ୨୭୦ ଲିଟର ପାଣି ପ୍ରଦାନ କରାଯିବ। କିନ୍ତୁ ମଟର ଲଗାଇବାର ନିୟମ ନଥାଇ ସୁଦ୍ଧା ଅନେକ ପରିବାର ଏହାକୁ ବ୍ୟବହାର କରି ହଜାର ହଜାର ଲିଟର ପାଣି ଟାଙ୍କି ବସାଇ ରଖୁଥିବା କାରଣରୁ ଏଭଳି ସମସ୍ୟା ସୃଷ୍ଟି ହେଉଛି ଓ ତଳ ମୁଣ୍ଡରେ ପାଣି ପହଞ୍ଚି ପାରୁନାହିଁ। ଫଳରେ ଜିଲ୍ଲାପାଳ ତହସିଲଦାର ଓ ବିଭାଗକୁ ମଟର ବ୍ୟବହାର କରୁଥିବା ପରିବାର ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେବା ପରେ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ସହ ବାଲିକୁଦା ବ୍ଲକର ଅନେକ ପଞ୍ଚାୟତର ଅନେକ ଗ୍ରାମକୁ ଯାଇ ଏଭଳି ପଦକ୍ଷେପ ଗ୍ରହଣ କରୁଛନ୍ତି। ତେବେ ଘରକୁ ଯୋଗାଇ ଦିଆଯାଇଥିବା ପାଇପ ଯୋଗେ ସଠିକ ଭାବେ ପାଣି ଆସୁ ନଥିବାରୁ ସେମାନେ ମଟର ବ୍ୟବହାର କରୁଥିବା ନେଇ ଅନେକ ପରିବାର ଅଭିଯୋଗ କରିଥିଲେ।

## ପାଣି ପମ୍ପ ଚୋରି ଅଭିଯୋଗ

**କୁଜଙ୍ଗ,୨୩।୫(ସମିସ):** କୁଜଙ୍ଗ ଥାନା ଅନ୍ତର୍ଗତ ଆଇନଜୀବୀ ହୃଷୀକେଶ ନନ୍ଦଙ୍କ ବେଦାପାଟ ଶାସନସ୍ଥିତ ବାସଭବନରୁ କେହି ଏକ ପାଣି ପମ୍ପ ମଟର ଚୋରି କରି ନେଇଛି। ଏ ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏତାଲା ଦିଆଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆ ଯାଇ ନଥିବା ତାଙ୍କୁ ବ୍ୟଥିତ କରିଛି ବୋଲି କହିଛନ୍ତି। ପ୍ରକାଶ ଯେ କୁଜଙ୍ଗରେ ପୁଣି ଚୋର ରାକେଟ୍ ସକ୍ରିୟ ହୋଇଗଲେଣି। ଏପରିକି ଥାନା ଠାରୁ ଅଳ୍ପ ଦୂରରେ ଜଙ୍ଗଲ ବିଭାଗର ଜନୈକା ମହିଳା କର୍ମଚାରୀଙ୍କ ଘରୁ ମଧ୍ୟ ଦୁଇ ଥର ଚୋରି ହୋଇଥିବା ଅଭିଯୋଗ ହୋଇଛି।

## ଚା' ଦୋକାନୀ ବୃଦ୍ଧଙ୍କ ମୃତ୍ୟୁ

**ନାଉଗାଁ,୨୩।୫(ସମିସ):** ନାଉଗାଁ ବ୍ଲକ ଅନ୍ତର୍ଗତ ହରନବେଇ ଗ୍ରାମରେ ଜଣେ ବୃଦ୍ଧଙ୍କ ଅଚାନକ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ ଉକ୍ତ ଗ୍ରାମର ଦୁଆରୀ ସାହୁ ନାମକ ଜଣେ ବୃଦ୍ଧ ବ୍ୟକ୍ତି ଗାଁ ମୁଣ୍ଡରେ ଏକ ଚା'ଦୋକାନ କରି ନିଜର ଗୁଜୁରାଣ ମେଣ୍ଟାଉଥିଲେ। ଆଜି ଖରାବେଳେ ସେ ଦୋକାନରୁ ଘରକୁ ଯାଉଥିବା ବେଳେ ହଠାତ୍ ରାସ୍ତାରେ ପଡ଼ିଯାଇଥିଲେ। ଫଳରେ ସ୍ଥାନୀୟ ଲୋକମାନେ ତାଙ୍କୁ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ବେଳେ ତାଙ୍କର ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ତେବେ ସ୍ଥାନୀୟ ପୁଲିସ ମେଡିକାଲରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି କୁହାଯାଇଛି। ତେବେ ଏହି ଘଟଣାରେ ସ୍ଥାନୀୟ ଅଞ୍ଚଳରେ ଏକ ଶୋକର ବାତାବରଣ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି।

ମାଟି ଚୋରି ଅବ୍ୟାହତ

## ମାଫିଆଙ୍କ ବିରୋଧରେ କୁଜଙ୍ଗ ଥାନାରେ ଅଭିଯୋଗ

**କୁଜଙ୍ଗ,୨୩।୫(ସମିସ):** କୁଜଙ୍ଗରେ ମାଟିଚୋରି ଘଟଣା ରାଜ୍ୟ ବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଥିବା ବେଳେ ମାଟିଚୋରି ରୋକି ହେଉନି। ମାଟି ଚୋରି ନେଇ କୁଜଙ୍ଗ ପୁଲିସର ଟେନସନ ବଢ଼ିଥିବା ବେଳେ ଆଜି ପୁଣି ମାଟି ଚୋରି ଅଭିଯୋଗ କୁଜଙ୍ଗ ଥାନାରେ ହେଇଛି। କୁଜଙ୍ଗ ଥାନା ଅନ୍ତର୍ଗତ ବାମଦେଇପୁର ପଞ୍ଚାୟତ କଙ୍କରଦିଆର ଜଣେ ବ୍ୟକ୍ତିଙ୍କ ଜମିରୁ ରାତିଅଧିଆ କେତେକ ବ୍ୟକ୍ତି ମାଟି ଉଠାଇ ବିକ୍ରି କରିଦେଇଥିବା କୁଜଙ୍ଗ ଥାନାରେ ଜମି ମାଲିକଙ୍କ ପକ୍ଷରୁ ଲିଖିତ ଅଭିଯୋଗ ହୋଇଛି। ସୂଚନା ମୁତାବକ କୁଜଙ୍ଗ ବ୍ଲକ କୋଠୀ ପଞ୍ଚାୟତ ସିଜୁ ଗ୍ରାମର ଚନ୍ଦ୍ରମଣୀ ନାୟକଙ୍କ ପୁଅ ସୁଧୀର ନାୟକଙ୍କର କଙ୍କରଦିଆ ବିଦ୍ୟାଳୟ ନିକଟରେ ୧ଏକର ୩୬ ଡେସିମିଲ ଜମି ରହିଛି। ମାତ୍ର ସିଜୁ ଗ୍ରାମ ଠାରୁ କଙ୍କରଦିଆ ଗ୍ରାମ ପ୍ରାୟ ୧୩ କିଲୋମିଟର ଦୂରତା ମଧ୍ୟରେ ଅବସ୍ଥିତ ହୋଇଥିବା ବେଳେ କଙ୍କରଦିଆ ଗ୍ରାମର ଜଣେ ବ୍ୟକ୍ତି ପ୍ରାୟ ୧ଏକର ୩୬



ଡେସିମିଲ୍ ଜମି ମଧ୍ୟରୁ ପ୍ରାୟ ୫ଗୁଣ୍ଠ ଜମିକୁ ମେସିନ୍ ସାହାଯ୍ୟରେ ତାଡ଼ି ଟ୍ରାକ୍ଟର ଯୋଗେ ୨ଶହ ୫୦ଟ୍ରିପ୍ ମାଟି ବିକ୍ରି କରିଦେଇଥିବା କୁଜଙ୍ଗ ଥାନାରେ ଜମି ମାଲିକ ସୁଧୀର ନାୟକ ଲିଖିତ ଅଭିଯୋଗ କରିଛନ୍ତି। ସୁଧୀରଙ୍କ ଅଭିଯୋଗ ଆଧାରରେ କୁଜଙ୍ଗ ପୁଲିସ ତଦନ୍ତ ଜାରି ରଖିଛି। ବାଲି ଓ ମାଟିକୁ ସରକାର ଲଘୁ ଖଣିଜ ଦ୍ରବ୍ୟର ମାନ୍ୟତା ଦେଇଥିବା ବେଳେ କେତେକ ମାଟିମାଫିଆ ରାତି ଅଧିଆ ମାଟି ଚୋରା ଚାଲାଣ କରୁଥିବା ବାର ବାର ପରିଲକ୍ଷିତ ହୋଇଛି। ପୁଲିସ ଗୋଡେଇ ତୋଡେଇ ବାନ୍ଧୁଛି। ହେଲେ ଅଭିଯୁକ୍ତମାନେ ଜାମିନରେ ଆସିବାରୁ ପୁଣି ଘଟଣା ଘଟୁଛି। ତେବେ ଏପରି ରାତିଅଧିଆ ମାଟି ଉଠାଇ ବିକ୍ରି କରିଥିବା ବ୍ୟକ୍ତିଙ୍କୁ ଗିରଫ କରିବା ପାଇଁ ଜମି ମାଲିକ ସୁଧୀର ନାୟକ ଦାବି କରିଛନ୍ତି।

## ଅଗ୍ନିବିପନ୍ନ ପରିବାରକୁ ସହାୟତା



**ବାଲିକୁଦା,୨୩।୫(ସମିସ):** ବାଲିକୁଦା ବ୍ଲକ ଅନ୍ତର୍ଗତ ତିତିରା ପଞ୍ଚାୟତର ବରିମୂଳ ଗ୍ରାମରେ ବିଦ୍ୟୁତ୍ ସଟ୍‌ସର୍କିଟ ଯୋଗୁଁ ଯୁଧିଷ୍ଠିର ଦାସଙ୍କ ଚାଳଘରେ ଭୟାବହ ଅଗ୍ନିକାଣ୍ଡ ଘଟିଥିଲା। ଯାହା ଫଳରେ ଯୁଧିଷ୍ଠିରଙ୍କର ୬ ବଖରା ଚାଳଘର ସମେତ ସମସ୍ତ ଆସବାବପତ୍ର ସମ୍ପୂର୍ଣ୍ଣ ଭାବେ ପୋଡ଼ି ଜଳି ପାଉଁଶ ହୋଇଯାଇଥିଲା। ଏହି ଦୁଃଖଦ ଖବର ପାଇ ବାଲିକୁଦା ବ୍ଲକ ତିନି ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟା ରୁନିଲତା ବେହେରା ଓ ମହିଳା ପ୍ରତିନିଧି ମଣ୍ଡଳୀମାନେ ତାଙ୍କ ବରିମୂଳ ସ୍ଥିତ ବାସଭବନକୁ ଯାଇ ଘଟଣା ସମ୍ପର୍କରେ ପଚାରି ବୁଝିବା ସହିତ ସମବେଦନା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ବାଲିକୁଦା ବ୍ଲକ୍ ୩ନଂ ଜୋନ୍ ଜିଲା ପରିଷଦ ସଭ୍ୟା ରୁନିଲତା ବେହେରା, ତିତିରା ସରପଞ୍ଚ ପ୍ରଣତି ମଞ୍ଜରୀ ନାୟକ, ରାହାଣ ସରପଞ୍ଚ ନଳିନୀ ପ୍ରଭା ପାଢ଼ୀ, ସମିତିସଭ୍ୟା ଲିଜାରାଣୀ ନାୟକ ପ୍ରମୁଖ ଭେଟିବା ସହିତ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଆଗାମୀ ଦିନରେ କିଭଳି ଭାବରେ ସରକାରୀ ସ୍ତରରେ ସାହାଯ୍ୟ ମିଳି ପାରିବ, ସେ ସମ୍ପର୍କରେ ଉଚ୍ଚ ଅଧିକାରୀଙ୍କ ସହିତ ଆଲୋଚନା କରାଯିବା ପାଇଁ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ମେଧାବୀ ବିଦ୍ୟାର୍ଥୀ ଅଭିନନ୍ଦନ କାର୍ଯ୍ୟକ୍ରମ




**ଜଗତସିଂହପୁର,୨୩।୫(ସମିସ):** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଆନୁକୂଲ୍ୟରେ ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ନଗର ତରଫରୁ ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ମେଧାବୀ ବିଦ୍ୟାର୍ଥୀ ଅଭିନନ୍ଦନ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ଏହି ସମାରୋହରେ ଚଳିତ ବର୍ଷ ମାଟ୍ରିକ ଏବଂ ଯୁକ୍ତ ଦୁଇ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ପାଇଥିବା ଶତାଧିକ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶେଷ କରି ଚଳିତ ବର୍ଷ ଯୁକ୍ତ ଦୁଇ ପରୀକ୍ଷାରେ ଜିଲ୍ଲା ସ୍ତରରେ ଶୀର୍ଷ ସ୍ଥାନ ଅଧିକାର କରିଥିବା ଟପରମାନଙ୍କୁ ଏହି ଅବସରରେ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାର୍ଥୀ ପରିଷଦର ଜିଲ୍ଲା ସଂଯୋଜକ ସତ୍ୟପ୍ରକାଶ ମହାନ୍ତି ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଏସ୍‌ଭିଏମ ସ୍ୱୟଂଶାସିତ କଲେଜର ଅଧକ୍ଷା ଡ. ସୁଜାତା ଓତା, ମୁଖ୍ୟବକ୍ତା ଭାବେ କଟକ ବିଭାଗ ସଂଗଠନ ମନ୍ତ୍ରୀ ଦେବାଶିଷ ଦାସ, ସମ୍ମାନିତ ଅତିଥି ଭାବେ ବିଦ୍ୟାର୍ଥୀ ପରିଷଦର ଯୁଗ୍ମ ସମ୍ପାଦକ ତୁଳସୀ ମଲ୍ଲିକ ଏବଂ ଅଧ୍ୟାପକ ଶୁଭେନ୍ଦୁ ମୌଳି ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟା ମଣିଷକୁ ନମ୍ରତା ଶିଖାଇ ଥାଏ ଏବଂ ଜଣେ ଶୃଙ୍ଖଳିତ ନାଗରିକ ଭାବେ ନିଜକୁ ଗଢି ତୋଳିବାରେ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସମ୍ବିତ ଦାସ, ଉମାଶଙ୍କର ରାଉଳ, କସ୍ତୁରି ଓ କରିସ୍ମା ପ୍ରମୁଖ ସହଯୋଗ କରିଥିବା ବେଳେ ଶେଷରେ ଶେଷରେ ଅଭିନାଶ ଲେଙ୍କା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଚାକିରି ଆଶା ଦେଖାଇ ୨୫ ଲକ୍ଷରୁ ଅଧିକ ଟଙ୍କା ଠକେଇ

**ପାରାଦୀପ,୨୩।୫(ସମିସ)**

ଚାକିରି ଦେବାର ସ୍ୱପ୍ନ ଦେଖାଇ ପାରାଦୀପ ଓ କୁଜଙ୍ଗ ଅଞ୍ଚଳର ୩୨ ଜଣ ବେକାର ଯୁବକଙ୍କ ଠାରୁ ୨୫ ଲକ୍ଷରୁ ଅଧିକ ଟଙ୍କା ଠକିନେଇଥିବା ଅଭିଯୋଗ ଆସିଛି ଜଣେ ସୁପରଭାଇଜରଙ୍କ ବିରୋଧରେ। ଗତକାଲି ପାରାଦୀପ ଆଦର୍ଶ

### ୩୨ ଜଣ ଯୁବକଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ନେଇ ସୁପରଭାଇଜର ଫେରାର

ଥାନାରେ ଅଭିଯୋଗ କରିଛନ୍ତି କୁଜଙ୍ଗ ମଙ୍ଗରାଜପୁରର ଅରବିନ୍ଦ ରାଉତ। ପୁରୀ ଅଞ୍ଚଳରୁ ଆସି ପାରାଦୀପରେ କାମ କରୁଥିବା ଏହି ଯୁବକ ନିଜକୁ ବାଲାଜୀ କମ୍ପାନୀର ସୁପରଭାଇଜର ବୋଲି ପରିଚୟ ଦେଇ ସ୍ଥାନୀୟ ଯୁବକମାନଙ୍କୁ ଚାକିରି କରାଇଦେବାର ପ୍ରତିଶ୍ରୁତି ଦେଇଥିଲେ।



ଅଭିଯୋଗ ଅନୁଯାୟୀ, ଚାକିରି ପାଇବା ଆଶାରେ ଅନେକ ଯୁବକ ଧାର, ଉଧାର ଓ ଋଣ କରି ଲକ୍ଷ ଲକ୍ଷ ଟଙ୍କା ଉକ୍ତ ସୁପରଭାଇଜରଙ୍କୁ ଦେଇଥିଲେ। କିନ୍ତୁ ସମୟ ଗଡ଼ିଯାଇଥିଲେ ମଧ ନା ମିଳିଲା ଚାକିରି, ନା ଫେରିଲା ଟଙ୍କା। ପରେ ପୀଡ଼ିତ ଯୁବକମାନେ ଟଙ୍କା ଫେରସ୍ତ ମାଗିବାରୁ ଅଭିଯୁକ୍ତ ଫୋନ ଉଠାଇବା ବନ୍ଦ କରିଦେଇଥିବା ସହ ଧରାଛୁଆଁ ଦେଉନଥିବା ଅଭିଯୋଗ କରିଛନ୍ତି।

ଏପରିକି ଅଭିଯୁକ୍ତଙ୍କ ଘରକୁ ଯାଇ ଟଙ୍କା ମାଗିବା ସମୟରେ ତାଙ୍କ ପରିବାର ଲୋକେ ଦୁର୍ବ୍ୟବହାର କରି ତଡ଼ିଦେଉଥିବା ମଧ୍ୟ ପୀଡ଼ିତମାନେ କହିଛନ୍ତି। ଏହାପରେ ସମସ୍ତେ ମିଶି ପାରାଦୀପ ଆଦର୍ଶ ଥାନାର ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ପୁଲିସ ତାଙ୍କ ଏତଲା ଗ୍ରହଣ କରୁନଥିବା ନେଇ ପୀଡ଼ିତ ଯୁବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଚାକିରି ଆଶାରେ ସର୍ବସ୍ୱ ହାରାଇଥିବା ଏହି ଯୁବକମାନେ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। କେହି ଧାର କରିଛନ୍ତି, କେହି ସୁଦରେ ଟଙ୍କା ଆଣିଥିବା ବେଳେ ଏବେ ଟଙ୍କା ଫେରତ ପାଇବାକୁ ନ୍ୟାୟର ଆଶାରେ ପ୍ରଶାସନକୁ ନିବେଦନ କରୁଛନ୍ତି। ଘଟଣାଟି ପାରାଦୀପ ଓ କୁଜଙ୍ଗ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ତେବେ ଅଭିଯୋଗ ପରେ ପାରାଦୀପ ଆଦର୍ଶ ଥାନା ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ପାରାଦୀପରେ ଚାକିରି ନାଁରେ ଟଙ୍କା ଠକେଇ ନୂଆ ଘଟଣା ହୋଇ ନଥିଲେ ମଧ୍ୟ ଥାନାରେ ଗଦା ଗଦା ଅଭିଯୋଗ ହେଉଛି। ହେଲେ ଏହି ଗରିବ ଲୋକଙ୍କ ପାଇଁ ପୁଲିସ କଣ କାର୍ଯ୍ୟାନୁଷ୍ଠାନ ନେଉଛି ତାହା ଦେଖିବାକୁ ବାକି ରହିଲା।

## ଓଏସ୍‌ଏଲ୍ ପାରାଦୀପ ବନ୍ଦର ପକ୍ଷରୁ ପୁରସ୍କୃତ



**ପାରାଦୀପ,୨୩।୫(ସମିସ):** ଓଡିଶା ଷ୍ଟିଭେଡର୍ସ ଲିମିଟେଡ୍ ଚଳିତ ଆର୍ଥିକ ବର୍ଷରେ ଆଉଥରେ ଅଭୂତପୂର୍ବ କାର୍ଗୋ ପରିଚାଳନା କରି ପାରାଦୀପ ବନ୍ଦର ମଧ୍ୟରେ ନୂତନ ରେକର୍ଡ ସୃଷ୍ଟି କରିପାରିଛି। ପୂର୍ବ ବର୍ଷ ଭଳି ଅନେକ ଷ୍ଟିଭେଡର୍ସକୁ ପଛରେ ପକାଇ ପାରାଦୀପ ବନ୍ଦର ମଧ୍ୟରେ ନିଜର ପ୍ରଥମ ସ୍ଥାନକୁ ବଜାଇ ରଖିପାରିଛି।

ଏହି କ୍ରମରେ ପାରାଦୀପ ବନ୍ଦରର ଅଧକ୍ଷ ପି ଏଲ ହାରନାଦ, ଉପାଧକ୍ଷ ଟି ଭେନୁ ଗୋପାଳ ବାର୍ଷିକ ଷ୍ଟାଫ ହୋଲଡର୍ସ ମିଟିଂ ଓ ପୁରସ୍କୃତ ନାଇଟ-୨୦୨୬ରେ ସ୍ଥାନୀୟ ମେ' ଫେୟାର ହୋଟେଲରେ ଟିମ ଓଡିଶା ଷ୍ଟିଭେଡର୍ସ ଲିମିଟେଡ୍‌କୁ ପୁରସ୍କୃତ କରିଛନ୍ତି। ତେବେ ପୁରସ୍କୃତ କାର୍ଯ୍ୟକ୍ରମରେ ଓଏସଏଲ୍‌ର ଜିଏମ (ଅପରେସନ) ସୁବାସ ଚନ୍ଦ୍ର ଆଚାର୍ଯ୍ୟ, ଜିଏମ (କମର୍ସିଆଲ) ହରିହର ଦାସ ଓ ମ୍ୟାନେଜର (ଅପରେସନ) ଅମିତ ଆଶିଷ ନନ୍ଦ ଉପସ୍ଥିତ ରହି ପୁରସ୍କାରକୁ ଗ୍ରହଣ କରିଥିଲେ। ଏହି କ୍ରମାଗତ ରେକର୍ଡ ପାଇଁ ଓଡିଶା ଷ୍ଟିଭେଡର୍ସ ଲିମିଟେଡ୍‌ର ଅଧକ୍ଷ ପାରାଦୀପ ବନ୍ଦର, ଏବଂ ଷ୍ଟିଭେଡର୍ସ ଟିମକୁ ଶୁଭେଚ୍ଛା ପ୍ରଦାନ କରିଛନ୍ତି।

ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ହିତାଧିକାରୀଙ୍କୁ ଅତିରିକ୍ତ ୫କେଜି ଚାଉଳ ବଣ୍ଟନ ପ୍ରସଙ୍ଗ

# ବାହାରୁନି ଚୂଡ଼ାନ୍ତ ତାରିଖ, ନଷ୍ଟ ହେବ ୩ ମାସର ଚାଉଳ

ଭଦ୍ରକ,୨୨।୫(ସମିସ)



ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ) ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (ଏସ୍‌ଏଫଏସ୍‌ଏସ୍‌)ର ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା (ଏମ୍‌ଏପିୱାଇ)ରେ ସେମାନଙ୍କ କୋଟାରେ ଅତିରିକ୍ତ ୫ କେଜି ଚାଉଳ ପାଇବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଥିଲେ। ଏହାଦ୍ୱାରା ରାଜ୍ୟର ଖାଦ୍ୟ ସୁରକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ସୁଦୃଢ଼ ହୋଇଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏହି ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ଅତିରିକ୍ତ ୫ କେଜି ଚାଉଳ ପ୍ରତି ହିତାଧିକାରୀଙ୍କୁ ପ୍ରଦାନ କରିବାକୁ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଗତ ୯.୪.୨୬ତାରିଖରେ ଚିଠି ନମ୍ବର-୬୦୯୨ରେ ଭଦ୍ରକ ଜିଲ୍ଲାକୁ ଆଲଟମେଣ୍ଟ ବାବଦକୁ ଚାଉଳ ଯୋଗାଇ ଦିଆଗଲା। ଜିଲ୍ଲାକୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ବାବଦକୁ ଗତ ଅପ୍ରେଲ, ମଇ ଓ ଜୁନ୍ ମାସ ର ୩ମାସ ପାଇଁ ୧ଲକ୍ଷ ୭୮ହଜାର ୧୭୯.୧୫କେଜି ଚାଉଳ ମିଳିଥିଲା। ଆଉ ଜିଲ୍ଲା ଯୋଗାଣ ବିଭାଗ ଜିଲ୍ଲାର ମୋଟ ୪୪୫ଟି ରିଟେଲ ସେଣ୍ଟର ମଧ୍ୟରୁ ୪୩୩ ସେଣ୍ଟରକୁ ଉପରୋକ୍ତ ପରିମାଣର ଚାଉଳ ଗତ ମାସେ ୧୩ ଦିନ ତଳୁ ପଠାଇ ସାରିଛନ୍ତି। ହେଲେ ଏହି ଚାଉଳ ଅଦ୍ୟାବଧି ବଣ୍ଟନ ହୋଇପାରିନି। ଫଳରେ ହିତାଧିକାରୀମାନଙ୍କ ମଧ୍ୟରେ ଅତିରିକ୍ତ ଚାଉଳ ପାଇବାକୁ ବ୍ୟାକୁଳତା ବଢ଼ିବାରେ ଲାଗିଛି। ଅନ୍ୟପକ୍ଷରେ ଜିଲ୍ଲାରେ ମାସେରୁ ଅଧିକ ଦିନ ହେବ ଅତିରିକ୍ତ ଚାଉଳ କୋଟା ପାଇଥିବା ରିଟେଲରମାନେ ଏହାକୁ ବଣ୍ଟନ କରିବାକୁ ଆଦେଶ ନପାଇ ଚାଉଳକୁ ମହଜୁଦ ରଖି ଏବେ ଅଡୁଆରେ ପଡ଼ିଛନ୍ତି । ଗଚ୍ଛିତ ଚାଉଳରେ ପୋକ ହେବା ସହ ନଷ୍ଟ ହେବାକୁ ନେଇ ରିଟେଲରମାନଙ୍କ ମଧ୍ୟରେ ଭାଳେଣି ପଡିଛି। ସୂଚନାନୁଯାୟୀ, ଜିଲ୍ଲାକୁ ମାସିକ ୬୫ହଜାର ୬୫୭୧କ୍ୱିଂଟାଲ ଚାଉଳ ଖାଦ୍ୟ ସୁରକ୍ଷା ଯୋଜନା ହିତାଧିକାରୀଙ୍କ ଲାଗି ମିଳୁଛି।

ଜିଲ୍ଲାରେ ପିଏଚ୍‌ଏସ୍ କାର୍ଡଧାରୀଙ୍କ ସଂଖ୍ୟା୨୯୯୩୦୬ ଥିବା ବେଳେ ହିତାଧିକାରୀଙ୍କ ସଂଖ୍ୟା ୧୦୨୨୭୬୪, ଅର୍ଣ୍ଣପୂର୍ଣ୍ଣା ଯୋଜାନାରେ ୪୫୧୫୬ଟି କାର୍ଡ ଥିବା ବେଳେ ହିତାଧିକାରୀଙ୍କ ସଂଖ୍ୟା ୧୨୮୪୨୭ ଓ ଏସଏଫଏସଏସ କାର୍ଡ ସଂଖ୍ୟା ୧୯୧୩୧ଥିବା ବେଳେ ୩୬୬୭୦ହିତାଧିକାରୀ ଚାଉଳ ନେଉଛନ୍ତି। ତେବେ ଜିଲ୍ଲାକୁ ମାସେ ୧୩ଦିନ ହେବ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ମହଜୁଦ ରହିôତବା ୧ଲକ୍ଷ ୭୮ହଜାର ୧୭୯.୧୫କେଜି ଚାଉଳ ରିଟେଲ ସେଂଟରରେ ରହିଥିବା ବେଳେ ଏହା ବଣ୍ଟନ କାହିଁକି ହେଉନି ବୋଲି ଅତିରିକ୍ତ ଜିଲ୍ଲା ଯୋଗାଣଧିକାରୀ ଅସିତ ମହାନ୍ତିଙ୍କୁ ପଚାରିବାରୁ ସେ, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ରାଜ୍ୟସ୍ତରୀୟ ଶୁଭାରମ୍ଭର ତାରିଖ ଧାର୍ଯ୍ୟ ହୋଇନଥିବାରୁ ଏହି ଚାଉଳ ବଣ୍ଟନ ଲାଗି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମା ଆସିନି। ଆସିଲେ ଏହା ବଣ୍ଟନ ହେବ ବୋଲି ସେ କହିଛନ୍ତି। ତେବେ ଅଧିକ ଦିନ ଚାଉଳ ମହଜୁଦ ରହିଲେ ଏହା ନଷ୍ଟ ହେବାର ଯଥେଷ୍ଟ ସମ୍ଭାବନା ଥିବାରୁ ରିଟେଲରମାନେ ବିବ୍ରତ ହୋଇପଡ଼ିଥିବା ବେଳେ ହିତାଧିକାରୀଙ୍କ ମଧ୍ୟରେ ଅତିରିକ୍ତ ଚାଉଳ ପାଇବାକୁ ବ୍ୟାକୁଳତା ବଢ଼ିବାରେ ଲାଗିଛି।

## ଧରାପଡ଼ିଲେ ୩ ବ୍ରାଉନ୍‌ସୁଗର୍ ବେପାରୀ

ତିହିଡ଼ି,୨୩।୫(ସମିସ): ତିହିଡ଼ି ଥାନା ଅଧୀନ ନୂଆନନ୍ଦ -ହାଟୁଆରୀ ଗ୍ରାମ ରାସ୍ତାରେ ଶନିବାର ପୁଲିସ ୨୦. ୫୮ଗ୍ରାମ ବ୍ରାଉନସୁଗର ଜବତ କରିଛି। ଏଥିସହ ପୁଲିସ ଏହି କାରବାରରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛ। ସେମାନେ ବ୍ୟବହାର କରୁଥିବା ଏକ ବାଇକ୍ ଓ ୩ଟି ମୋବାଇଲ ଜବତ କରିଥିବା ବେଳେ ଏହି ଘଟଣାରେ କେସ୍ ନଂ(ନଂ ୨୦୧/୨୬ରେ ଏକ ମାମଲା ରୁଜୁ ହୋଇଥିବା ଏଏସ୍‌ପି ଅରୂପ ଅଭିଷେକ ବେହେରା ଆଜି ପୂର୍ବାହ୍ନରେ ଥାନା



ପରିସରରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଭଗିରଫ ହୋଇଥିବା ଅଭିଯୁକ୍ତମାନେ ହେଉଛନ୍ତି ବାସୁଦେବପୁର ଥାନା ଅଧୀନ ଉରୁଣିଆ ଗ୍ରାମର ମନୋଜ କୁମାର ଦାସ, ଲୁଙ୍ଗାଉରୁଣିଆ ଗ୍ରାମର ଶିବ ସୂତାର ଏବଂ ଭଦ୍ରକ ଗ୍ରାମାଙ୍ଗସଳ ଥାନା ଅଧୀନ ଚାରିଘରିଆ ଗ୍ରାମର ଗୀତାରାଣୀ ବେହେରା। ଏଏସ୍‌ପି ଶ୍ରୀ ବେହେରା ସୂଚନା ଦେଇ କହିଥିଲେ ଯେ, ୩ ଜଣ ସନ୍ଦେହଜନକ ଅବସ୍ଥାରେ ଥିବା ଦେଖି ପାଟ୍ରୋଲିଂରେ ଥିବା ଏସ୍‌ଆଇ ପ୍ରକାଶ ନାୟକ ଓ କେତେକ କନଷ୍ଟେବଳ ଆଇଆଇସି ଲୋପାମୁଦ୍ରା ନାୟକଙ୍କୁ ଜଣାଇଥିଲେ। ପରେ ଆଇଆଇସି ନାୟକ ଘଟଣାଡଙଡଙସ୍ଥଳରେ ପହଞ୍ଚି ସେମାନଙ୍କୁ ଧରିବାରେ ସଫଳ ହୋଇଥିଲେ। ତେବେ ଏହି କାରବାରରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ତଦନ୍ତ ଚାଲିଥିବା ଏଏସ୍‌ପି ଶ୍ରୀ ବେହେରା କହିଛନ୍ତି।

ସୂଚନା ଫଳକ ନାହିଁ କି ଅଧିକାରୀ ନାହାନ୍ତି

## ଠିକାଦାରଙ୍କ ମନମାନିରେ ଚାଲିଛି କାମ

ସହିଦନଗର,୨୩।୫(ସମିସ): ଧାମନଗର ବ୍ଲକ ଅଧୀନସ୍ଥ ଗୋବିନ୍ଦପୁର ପଞ୍ଚାୟତ ନିକଟସ୍ଥ ୫ ନମ୍ବର କେନାଲ କାମକୁ ନେଇ ଚାଷୀ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କେନାଲ ନିର୍ମାଣ କାମରେ ଠିକାଦାରଙ୍କ ମନମାନି ସହ ବ୍ୟାପକ ଅନିୟମିତତା ହେଉଥିବାର ଗୁରୁତର ଅଭିଯୋଗ ହୋଇଛି। ଚାଷୀଙ୍କ ଜୀବନଜୀବିକା ସହ ଜଡ଼ିତ ଏହି ପ୍ରକଳ୍ପରେ ନିମ୍ନମାନର କାମ ହେଉଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ କ୍ଷୋଭ ବଢ଼ିଚାଲିଛି। ଅଭିଯୋଗ ଅନୁସାରେ, କେନାଲର କଙ୍କ୍ରିଟ କାମରେ ନିର୍ଦ୍ଧାରିତ ପରିମାଣରେ ସିମେଂଟ ବ୍ୟବହାର କରାଯାଉନାହିଁ। ବାଲି ପରିବର୍ତ୍ତେ ମାଟି ମିଶାଇ କାମ କରାଯାଉଥିବାରୁ କାମର ମାନକୁ ନେଇ ପ୍ରଶ୍ନ ଉଠିଛି। ଏହା ସହ କଙ୍କ୍ରିଟ କାମ ପରେ ଠିକ୍ ଭାବେ ପାଣି ମଧ ଦିଆଯାଉନଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଚାଷୀମାନଙ୍କ କହିବା ଅନୁଯାୟୀ, କାମ ସ୍ଥଳରେ କୌଣସି ବିଭାଗୀୟ ଅଧିକାରୀ ଉପସ୍ଥିତ ନଥିବାରୁ ଠିକାଦାର ମନମୁତାବକ କାମ କରୁଛନ୍ତି। ସବୁଠାରୁ ଚିନ୍ତାଜନକ କଥା ହେଉଛି, କାମ ସ୍ଥଳରେ କୌଣସି ସୂଚନା ଫଳକ ଲଗାଯାଇନାହିଁ। କେତେ ଟଙ୍କାର କାମ, କିଏ ଠିକାଦାର, କେଉଁ ବିଭାଗ ତଦାରଖ କରୁଛି ସେ ସମ୍ବନ୍ଧରେ କୌଣସି ସୂଚନା ନଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସନ୍ଦେହ ଆହୁରି ବଢ଼ିଛି। ଚାଷୀମାନେ କହିଛନ୍ତି ଯେ, ଏହି



କେନାଲ ଉପରେ ଅଞ୍ଚଳର ଶତାଧିକ ଚାଷୀଙ୍କ ଚାଷ କାମ ନିର୍ଭର କରୁଛି। ଯଦି ଏଭଳି ନିମ୍ନମାନର କାମ ହୁଏ, ତେବେ ଆଗାମୀ ଦିନରେ କେନାଲ ଭାଙ୍ଗିଯିବା ସହ ଚାଷ କାମ ଗୁରୁତର ଭାବେ ପ୍ରଭାବିତ ହେବ। ତେଣୁ ତୁରନ୍ତ ଭିଜିଲାନ୍ସ ତଦନ୍ତ କରି ସମ୍ପୂର୍ଣ୍ଣ ଘଟଣାର ସତ୍ୟାସତ୍ୟ ଖୋଜିବାକୁ ସେମାନେ ଦାବି କରିଛନ୍ତି। ଦୋଷୀ ଠିକାଦାର ଓ ସଂପୃକ୍ତ ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ମଧ ସ୍ଥାନୀୟ ଲୋକ ଦାବି କରିଛନ୍ତି। ଏ ନେଇ ଆମ ପ୍ରତିନିଧି ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ ସମ୍ପର୍କ ସ୍ଥାପନ ହୋଇପାରିନଥିଲା। ଦାବି ପୂରଣ ନହେଲେ ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନକୁ ଓହ୍ଲାଇବାକୁ ଚାଷୀମାନେ ଚେତାବନୀ ଦେଇଛନ୍ତି। ଜଳସମ୍ପଦ ବିଭାଗ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ନିଜ ବିଭାଗ ହୋଇଥିବା ସତ୍ତ୍ୱେ ଏଭଳି ଅନିୟମିତତା ଘଟୁଥିବାରୁ ସରକାରଙ୍କ କାର୍ଯ୍ୟପ୍ରଣାଳୀକୁ ନେଇ ସାଧାରଣ ଲୋକ ପ୍ରଶ୍ନ ଉଠାଇଛନ୍ତି।

## ମୁଗ ବିରି ବିକିବାକୁ ବିକ୍ରୟ କେନ୍ଦ୍ର ନାହିଁ

ବାରିକପୁର,୨୩।୫(ସମିସ):ଚଳିତ ବର୍ଷ ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଚାଷ ହୋଇଥିବା ମୁଗ, ବିରି ଡାଲି ଜାତୀୟ ଶସ୍ୟକୁ ବିକିବା ପାଇଁ ସରକାରୀ ଭାବେ କୌଣସି କେନ୍ଦ୍ର ଖୋଲାଯାଇନାହିଁ। ଯେଉଁଥିପାଇଁ ଚାଷୀ ମୁଣ୍ଡରେ ଏବେ ଚଡ଼କ ପଡିଛି। ପ୍ରତ୍ୟେକ ବର୍ଷ ଯେ କୌଣସି ସମବାୟ ସମିତି ଠାରେ ରବି ଶସ୍ୟ ବିକ୍ରି ପାଇଁ ସରକାରୀ ମଣ୍ଡି ଖୋଲାଯାଇଥାଏ। ଚଳିତ ବର୍ଷ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ରବି ଧାନ ବିକିବା ପାଇଁ ମଣ୍ଡି ଖୋଲାଯାଇଥିଲେ ସୁଦ୍ଧା ଡାଲି ଜାତୀୟଶସ୍ୟ ବିକ୍ରି ପାଇଁ ମଣ୍ଡି ଖୋଲିବାକୁ ଅନୁମତି ନାହିଁ। ଜିଲ୍ଲା ପ୍ରଶାସନ ପକ୍ଷରୁ ଏନେଇ ବୈଠକ ହୋଇଥିଲେ ସୁଦ୍ଧା ଭଣ୍ଡାରିପୋଖରୀରେ ମୁଗ ବିରି ବିକିବା ପାଇଁ କେନ୍ଦ୍ର ଖୋଲିବା ସକାଶେ କୌଣସି ସବୁଜ ସଂକେତ ମିଳିନାହିଁ। ଏବର୍ଷ ନାଆମୀ ଓ ବନ୍ଦାଲୋ -ମଡିଆଳି ପଞ୍ଚାୟତକୁ ଛାଡିଦେଲେ ବ୍ଲକର ଅନ୍ୟ ୨୧ଗୋଟି ପଞ୍ଚାୟତ ଅଞ୍ଚଳରେ ମୁଗ ବିରି ଚାଷ ହୋଇଛି। ପାଖାପାଖି ୩୫ଶହ ହେକ୍ଟର ଜମିରେ ଡାଲି ଜାତୀୟ ଚାଷ ହୋଇଥିବା ବେଳେ ସେଥି ମଧ୍ୟରୁ ଅନେକ ଶସ୍ୟ ଆମଦାନୀ ହୋଇ ସାରିଲାଣି। ଏପରି ସ୍ଥଳେ ସରକାରୀ ବିକ୍ରି କେନ୍ଦ୍ର ଖୋଲିନଥିବା କାରଣରୁ ଚାଷୀ ମାନେ ଉତ୍ପାଦିତ ଶସ୍ୟକୁ ନେଇ କେଉଁଠି ବିକିବେ ତାକୁ ନେଇ ଏବେ ଚିନ୍ତାରେ ପଡିଛନ୍ତି। ଏହା ଉପରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଖାନ୍‌କା ସରିଫ ଗେଟ୍‌ରେ ତାଲା; ଦର୍ଶନରେ ସମସ୍ୟା

ଧାମନଗର,୨୩।୫(ସମିସ)

ଧାମନଗରସ୍ଥିତ ପ୍ରସିଦ୍ଧ ପୀଠ ଖାନ୍‌କା ସରିଫ ଗେଟରେ ଝୁଲୁଛି ତାଲା। ଏହା ସାଙ୍ଗକୁ ଲାଗିରହିଛି ଉତ୍ତେଜନା। ଆଗକୁ ଏହି ସ୍ଥିତି ଜଟିଳ ହୋଇପାରେ ବୋଲି ସନ୍ଦେହ ପ୍ରକାଶ ପାଇଛି। ଏଥିରେ ତାଲା ପଡ଼ିବା ଫଳରେ ବାବାଙ୍କ ଭକ୍ତ ଓ ଶ୍ରଦ୍ଧାଳୁ ଦର୍ଶନ କରିବାରେ ବ୍ୟାଘାତ ସୃଷ୍ଟି ହେବା ସହିତ ଶୁକ୍ରବାର ନମାଜ ପଢ଼ିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଫଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ (ଏଏମ୍‌ଏନ) ଗ୍ରୁପର କର୍ମକର୍ତ୍ତା ରାଗରେ ସମସ୍ତ ଫାଟକରେ ତାଲା ପକାଇ ଦେଇଥିଲେ। ଯାହା ଫଳରେ ଖାନକା ଭିତରକୁ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଥିଲା। ସନ୍ଧ୍ୟାରେ ଖାନକା ଗେଟ ରାସ୍ତା ସମ୍ମୁଖରେ ପ୍ରବଳ ଭିଡ଼ ହୋହାଲ୍ଲା ପରିଲକ୍ଷିତ ହୋଇଥିଲା। ଖବର ପାଇ ଘଟଣାସ୍ଥଳରେ ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କଲା ପରେ ଗୋଟିଏ ଗେଟର ତାଲା ଖୋଲା ଯାଇଥିଲା। ତେବେ ସମସ୍ୟାର ସମ୍ପୂର୍ଣ୍ଣ ସମାଧାନ ହୋଇ ପାରିନଥିଲା। ଧାମନଗର ଥାନା ଆଇଆଇସି ଶୁଭ୍ରଜିତ ଦାଶ ସଦଳବଳ ଖାନକାରେ ପହଞ୍ଚି ଉର୍ସ କମିଟି ଏବଂ (ଏମଏନ) ଗ୍ରୁପର କର୍ମକର୍ତ୍ତାଙ୍କୁ



ବୁଝାସୁଝା କରିଥିଲେ। ପରେ ଉଭୟଙ୍କୁ ଥାନାକୁ ଡାକି ସମସ୍ୟାର ସମାଧାନ ପରେ ଗେଟ ଖୋଲା ହେବ ବୋଲି ଆଇଆଇସି ଶ୍ରୀ ଦାଶ ପ୍ରତିଶ୍ରୁତି ଦେଇଥିଲେ। ପରେ ପରିସ୍ଥିତି ନିୟନ୍ତ୍ରଣ ହୋଇଥିଲା। ସୂଚନା ଅନୁଯାୟୀ ଦୁଇଜଣ ସରକାରୀ ଶିକ୍ଷକ ଏବଂ ବେସରକାରୀ ଶିକ୍ଷକ ଓ ଅନ୍ୟ କିଛି ବ୍ୟକ୍ତି ଉର୍ସ କମିଟିରେ ନାହାନ୍ତି, ହେଲେ ବାବାଙ୍କ ପାରିବାରିକ କଥାରେ ହସ୍ତକ୍ଷେପ ଯୋଗୁଁ ଉଭୟଙ୍କ ମଧ୍ୟରେ ମତାନ୍ତର ଓ ବିଶୃଙ୍ଖଳା ବଢ଼ିବାରେ ଲାଗିଛି ବୋଲି ବାବାଙ୍କ ଭକ୍ତ ଓ ଉତ୍ତ୍ୟକ୍ତ ଲୋକେ ସିଧାସଳଖ ଗଣମାଧ୍ୟମ ଆଗରେ ଅଭିଯୋଗ କରିଥିଲେ। ଯାହାକୁ ନେଇ (ଏମ୍ ଏନ୍) ଗ୍ରୁପର କର୍ମକର୍ତ୍ତାଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହେବା ସହ ଆକ୍ରୋଶ ଦିନକୁ ଦିନ ବଢ଼ିବାରେ ଲାଗିଛି ବୋଲି ଅଭିଯୋଗ ହେଉଥିଲା। ଏହି ଘଟଣାର ସମାଧାନ ପାଇଁ ଉଭୟ ପକ୍ଷଙ୍କ ମଧ୍ୟରୁ ୫ଜଣ ଲେଖାଁଏ ପ୍ରତିନିଧିଙ୍କୁ ନେଇ ଧାମନଗର ଥାନା ପରିସରରେ ଏଏସ୍‌ପିଙ୍କ ଉପସ୍ଥିତିରେ ଆଲୋଚନା କରାଯାଇ ସମାଧାନ କରାଯିବ ବୋଲି ଜଣାଯାଇଛି। ପ୍ରକାଶ ଥାଉକି ଖବର ଲେଖାଯିବା ପର୍ଯ୍ୟନ୍ତ ଦୁଇଟି ଗେଟ୍‌ରେ ତାଲା ପଡ଼ିଥିବା ଜଣାପଡ଼ିଛି।

■ ଦେଢ଼ବର୍ଷ ପରେ ବନ୍ତ ପଞ୍ଚାୟତ ସମିତିର ସାଧାରଣ ଅଧିବେଶନ

## ବିଜେଡି ସମର୍ଥିତ ଜନପ୍ରତିନିଧିଙ୍କ କକ୍ଷ ତ୍ୟାଗ

ବନ୍ତ/ଆଗରପଡ଼ା,୨୩।୫(ସମିସ)

ବନ୍ତ ବ୍ଲକ୍ ସମ୍ମିଳନୀ କକ୍ଷରେ ପଞ୍ଚାୟତ ସମିତିର ସପ୍ତମ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ବିଡିଓ ସୀତାକାନ୍ତ ରାଉତ ବୈଠକ ପରିଚାଳନା କରିଥିଲେ। ବିଧାୟକଙ୍କ ପ୍ରତିନିଧି ସ୍ମୃତିରଞ୍ଜନ ସ୍ୱାଇଁ ଦେଢ଼ ବର୍ଷ ପରେ ବୈଠକ ଡକାଯିବା ଉପରେ ପ୍ରଶ୍ନ ଉଠାଇଥିଲେ। ନିୟମାନୁସାରେ ପ୍ରତି ୨ ମାସରେ ଥରେ ବୈଠକ ଡକାଯିବା କଥା। ଏହାପୂର୍ବରୁ ୨୦୨୫ ଫେବୃଆରୀ ୨୫ ତାରିଖରେ ଅନୁଷ୍ଠିତ ଷଷ୍ଠ ବୈଠକରେ ସାଂସଦ ଅଭିମନ୍ୟୁ ସେଠୀ ବିଳମ୍ବରେ ବୈଠକ ଡକାଯିବା ନେଇ ପ୍ରଶ୍ନ ଉଠାଇଥିଲେ। ସେତେବେଳେ ପ୍ରତି ୩ ମାସରେ ଥରେ ବୈଠକ ଡକାଯିବାକୁ ନିଷ୍ପତ୍ତି ହୋଇଥିଲା। ମାତ୍ର ଏହା ମଧ୍ୟରେ ଦେଢ଼ ବର୍ଷ ବିତିଯାଇଛି। ଏହାକୁ ନେଇ ଶ୍ରୀ ସ୍ୱାଇଁ ଅସନ୍ତୋଷ ପ୍ରକାଶ କରିଥିଲେ। ଏହି ପ୍ରସଙ୍ଗରେ



ବନ୍ତ ସମିତିସଭ୍ୟ ପରମେଶ୍ୱର ବାରିକଙ୍କ ଓ ଶ୍ରୀ ସ୍ୱାଇଁଙ୍କ ମଧ୍ୟରେ କିଛି ସମୟ ଯୁକ୍ତିତର୍କ ହୋଇଥିଲା। ପରେ ଶ୍ରୀ ସ୍ୱାଇଁ ବୈଠକ ଛାଡ଼ି ଚାଲିଯାଇଥିଲେ। ତାଙ୍କ ସହିତ ବ୍ଲକ ଉପାଧ୍ୟକ୍ଷା ପ୍ରଗତିବାଳା ସ୍ୱାଇଁ ଓ ବିଜେଡି ସମର୍ôଥତ ସଭ୍ୟ ଓ ସରପଞ୍ଚମାନେ ମଧ କକ୍ଷ ତ୍ୟାଗ କରିଥିଲେ। ଶାସକ ଦଳର ଏଭଳି ଅଗଣତାନ୍ତ୍ରିକ କାର୍ଯ୍ୟକୁ ବିରୋଧୀ ଦଳ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଥିଲା। ପରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ବିଭିନ୍ନ ସମସ୍ୟା ସମ୍ପର୍କରେ ପ୍ରଶ୍ନ ପଚାରିଥିଲେ। ବୈଠକରେ ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଶ୍ରଦ୍ଧା ସୁମନ ନାଥ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ସୂଚିସ୍ମିତା ବାରିକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## 'ଲକ୍ଷ୍ମୀ' ବସ୍‌ଷ୍ଟପ୍ ଏବେ ଅସାମାଜିକଙ୍କ ଆଡ୍ଡାସ୍ଥଳୀ

ଅସୁରାଳି,୨୩।୫(ସମିସ)

ପୂର୍ବ ରାଜ୍ୟ ସରକାର ଗ୍ରାମାଂଚଳର ପରିବହନ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଲୋକଙ୍କୁ ସ୍ୱଳ୍ପ ଖର୍ଚ୍ଚରେ ଗମନାଗମନର ସୁବିଧା ଯୋଗାଇଦେବା ପାଇଁ ଆରମ୍ଭ କରିଥିଲେ ଲକ୍ଷ୍ମୀ ବସ୍ ଯୋଜନା । ପରେ ଏହା ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନା ହୋଇଥିଲା। ଧାମନଗର ବ୍ଲକର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ରୁଟ୍ ଏବଂ ପଞ୍ଚାୟତଗୁଡ଼ିକୁ ସଂଯୋଗ କରିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ବସ୍‌ଷ୍ଟପ୍ ସବୁ ନିର୍ମାଣ କରାଯାଇଥିଲା। କିନ୍ତୁ ବିଡ଼ମ୍ବନାର ବିଷୟ, ଅନେକ ସ୍ଥାନରେ ବସ୍ ଷ୍ଟପ୍ ଅଛି ସତ, ହେଲେ ବସ୍‌ର ଦେଖା ମିଳୁନାହିଁ। ଫଳରେ ସରକାରୀ ଅର୍ଥର ବ୍ୟାପକ ଅପବ୍ୟୟ ହେବା ସହ ଏହି କୋଠାଗୁଡ଼ିକ ଏବେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀରେ ପରିଣତ ହୋଇଛି। ସ୍ଥାନୀୟ ଅଞ୍ଚଳରେ ନିର୍ମିତ 'କଲ୍ୟାଣୀ ବସ୍ ଷ୍ଟପ୍' ଏବେ ନାମକୁ ମାତ୍ର ବସ୍ ଷ୍ଟପ୍ ହୋଇ ରହିଯାଇଛି। ଏଠାକୁ କୌଣସି ବସ୍ ଯାତାୟାତ କରୁ ନ ଥିବା ବେଳେ ରକ୍ଷଣାବେକ୍ଷଣ ଅଭାବରୁ ଏହା ନଷ୍ଟ ହେବାକୁ ବସିଲାଣି। ସନ୍ଧ୍ୟା ହେଲେ ଏହି ନିର୍ଜନ ସ୍ଥାନରେ ଅସାମାଜିକ ବ୍ୟକ୍ତିମାନେ




ଆସି ଭିଡ଼ ଜମାଉଛନ୍ତି, ଯାହା ସ୍ଥାନୀୟ ବାସିନ୍ଦା ଏବଂ ମହିଳାମାନଙ୍କ ସୁରକ୍ଷା ପ୍ରତି ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାରୀ ଦାବି ମୁତାବକ ପ୍ରତି ପଞ୍ଚାୟତକୁ 'ଲକ୍ଷ୍ମୀ' ବସ୍ ସଂଯୋଗ କରିବା କଥା, କିନ୍ତୁ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ହସନାବାଦ, ଅର୍ଜୁନପୁର, ଗଡ଼ିଆଳି ଏବଂ ବମକୁରା ଭଳି ଅନେକ ପ୍ରମୁଖ ପଞ୍ଚାୟତକୁ ଆଦୌ ଲକ୍ଷ୍ମୀ ବସ୍ ଗଡୁ ନାହିଁ । ବସ୍ ସେବା ଅଭାବରୁ ଏହିସବୁ ଅଞ୍ଚଳର ହଜାର ହଜାର ଜନସାଧାରଣ, ବିଶେଷ କରି ସ୍କୁଲ-କଲେଜ ପଢୁଆ ଛାତ୍ରଛାତ୍ରୀ ଏବଂ ରୋଗୀମାନେ ଯାତାୟାତ ପାଇଁ ଚରମ ହଇରାଣ ହେଉଛନ୍ତି । ଅଂଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, କେତେକ ସ୍ଥାନରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ବସ୍ ଷ୍ଟପ୍ ପ୍ରସ୍ତୁତ ଥିଲେ ମଧ ବସ୍ ଚାଲୁନାହିଁ, ତ ପ୍ରଶାସନିକ ଅବହେଳା ଯୋଗୁଁ ଆଉ ଅନେକ ପଂଚାୟତରେ ଲକ୍ଷ୍ମୀ ବସ୍ ଷ୍ଟପ୍‌ର ନିର୍ମାଣ କାର୍ଯ୍ୟ ଅଧା ହୋଇ ପଡ଼ିରହିଛି । ଅଧାଗଢ଼ା କୋଠାଗୁଡ଼ିକ ଭୂତକୋଠି ସଦୃଶ ଦେଖାଯାଉଥିବା ବେଳେ ବର୍ଷା ଓ ଖରାରେ ଏହାର ଇଟା, ସିମେଂଟ ନଷ୍ଟ ହେବାକୁ ବସିଲାଣି। ସରକାରୀ ଭିତ୍ତିଭୂମିର ସୁରକ୍ଷା କରିବା ସହ ତୁରନ୍ତ ସମସ୍ତ ନିର୍ଦ୍ଧାରିତ ରୁଟ୍ ଏବଂ ବଂଚିତ ଥିବା ପଞ୍ଚାୟତଗୁଡ଼ିକୁ ବସ୍ ସେବା ସ୍ୱାଭାବିକ କରାଯାଉ । ଯେଉଁ ସ୍ଥାନରେ କାର୍ଯ୍ୟ ଅଧାପନ୍ତରିଆ ଅଛି, ତାହାକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରାଯାଇ ଯାତ୍ରୀଙ୍କ ସେବାରେ ଲଗାଯାଉ ବୋଲି ଦାବି ହୋଉଛି।

## ଅଗଷ୍ଟ ୨୧ରେ ସମାଧାନ ସମାରୋହ

ଭଦ୍ରକ,୨୩।୫(ସମିସ):ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭଦ୍ରକଙ୍କ ତରଫରୁ ସୂଚନା ଦିଆଯାଇଛି ଯେ ସର୍ବୋଚ୍ଚ ନ୍ୟାୟଳୟଙ୍କ ବିଶେଷ ଲୋକ ଅଦାଲତ (ସମାଧାନ ସମାରୋହ) -୨୦୨୬ ଆସନ୍ତା ଅଗଷ୍ଟ ମାସ ୨୧, ୨୨, ଓ ୨୩ ତାରିଖରେ ଆୟୋଜନ ହେବାକୁ ଯାଉଅଛି। ଏହି ବିଶେଷ ଲୋକ ଅଦାଲତର ଉଦ୍ଦେଶ୍ୟ ହେଉଛି ସହମତି ଆଧାରିତ ସମାଧାନ ବ୍ୟବସ୍ଥା ମାଧ୍ୟମରେ ମକଦ୍ଦମାକାରୀ ଏବଂ ଅଂଶୀଦାରମାନଙ୍କୁ ସକ୍ରିୟଭାବରେ ଅଂଶ ଗ୍ରହଣ କରିବା ସହିତ ସହଯୋଗ କରିବା ଏବଂ ଏହି ସୁଯୋଗର ସଦୁପଯୋଗ କରିବା। ଏ ସମ୍ପର୍କରେ ସବିଶେଷ ବିବରଣୀ ପାଇଁ ତଥା ବିବାଦର ସମାଧାନ ପାଇଁ ଜିଲ୍ଲା ଆଇନ ସେବା ପ୍ରଧୀକାରଣର ସମ୍ମୁଖ କାର୍ଯ୍ୟାଳୟରେ ଖୁବ ଶୀଘ୍ର ଯୋଗାଯୋଗ କରିବା ପାଇଁ ଆଇନସେବା ପ୍ରଧୀକାରଣ ପକ୍ଷରୁ କୁହାଯାଇଛି।

## ରଣଜିତ ଗ୍ରାମରୁ ଚୋରି

ବାରିକପୁର,୨୩।୫(ସମିସ): ଭଣ୍ଡାରିପୋଖରୀ ଥାନା ଅଞ୍ଚଳରେ ଦିନକୁ ଦିନ ଚୋରି ବଢୁଥିବା ବେଳେ ଏହା ପୁଲିସ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଗତ ୨ଦିନ ପୂର୍ବରୁ ଷୋଳମପୁର ପଞ୍ଚାୟତ ବିରୋଳି ଗ୍ରାମର ଜନୈକ ବ୍ୟକ୍ତିଙ୍କ ଘରୁ ଚୋରମାନେ ଲକ୍ଷାଧିକ ଟଙ୍କାର ସୁନା ଗହଣା ଚୋରାଇ ନେଇଛନ୍ତି। ଉକ୍ତ ଚୋରିକୁ ନେଇ ପୁଲିସ ତଦନ୍ତ ଜାରି ରହିଥିବା ବେଳେ ଗତ ଶୁକ୍ରବାର ବିଳମ୍ବିତ ରାତିରେ ରଣଜିତ ଗ୍ରାମରୁ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ଗ୍ରାମର ଦିଗମ୍ବର ଜେନାଙ୍କ ରୋଷେଇ ଘର ଟିଣ କବାଟ ଭାଙ୍ଗି ଚୋରମାନେ ବାସଗୃହ ଭିତରକୁ ପ୍ରବେଶ କରିଥିଲେ। ଘରେଥିବା ଏକ ଟ୍ରଙ୍କକୁ



ନିକଟସ୍ଥ ଚାଷ ଜମିକୁ ଟେକି ଆଣି ସେଠାରେ ଭାଙ୍ଗିରୁଜି ସୁନା ଅଳଙ୍କାର ଓ ନଗଦ ଟଙ୍କା ଲୁଟି ନେଇଛନ୍ତି। ଅନୁରୂପ ଭାବେ ଅନ୍ୟତମ ଗୃହସ୍ଥ ଚକ୍ରଧର ମୁଖିଙ୍କ ଘର ଝରକା ଭାଙ୍ଗି ଏକ ମୋବାଇଲ ମଧ ଚୋରାଇ ନେଇଛନ୍ତି। ଚୋରି ବାବଦରେ ଅଭିଯୋଗ ପାଇବା ପରେ ଥାନା ଅଧିକାରିଣୀ ରାଜଲକ୍ଷ୍ମୀ ନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ନିର୍ମାଣ ହୋଇପାରୁନି ବୈତରଣୀ ସେତୁ ସଂଯୋଗୀ ରାସ୍ତା

ବାରିକପୁର,୨୩।୫(ସମିସ)

ଭଣ୍ଡାରିପୋଖରୀ ବ୍ଲକ ବନ୍ଦାଲୋ ଠାରେ ନିର୍ମିତ ସେତୁକୁ ଏଯାଏଁ ପୂର୍ଣ୍ଣାଙ୍ଗ ସଂଯୋଗୀ ରାସ୍ତା ନିର୍ମାଣ ହୋଇ ପାରିନାହିଁ। ଦୁଇ ଜିଲ୍ଲାକୁ ଯୋଡ଼ିବା ପାଇଁ କିଛି ବର୍ଷ ପୂର୍ବରୁ ବୈତରଣୀ ନଦୀ ଉପରେ ସେତୁ ନିର୍ମାଣ ହୋଇଥିଲା। ଯାଜପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କୋଟିକୋଟି ଟଙ୍କା ବ୍ୟୟ ହୋଇ ପୋଲ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ସୁଦ୍ଧା ତାହା ଏଯାଏଁ କାର୍ଯ୍ୟକ୍ଷମ ହୋଇପାରିନାହିଁ। ସେତୁର ଯାଜପୁର ପାର୍ଶ୍ୱ ଦୁଲାଖାପାଟଣା ପଟରେ ସଂଯୋଗୀ ରାସ୍ତା ନିର୍ମାଣ ହୋଇଥିଲେ ସୁଦ୍ଧା ବନ୍ଦାଲୋ ପାର୍ଶ୍ୱରେ ପୋଲକୁ ଲାଗି ବିଭାଗ ରାସ୍ତା ନିର୍ମାଣ କରିପାରିନାହିଁ। ପ୍ରାୟ ୨ବର୍ଷ ଧରି ଲୋକେ ବାଉଁଶ ଚାରା ସାହାଯ୍ୟରେ ଗମନାଗମନ କରୁଥିଲେ। ଚଳିତ ବର୍ଷ ବିଧାୟକଙ୍କ ନିଜସ୍ୱ ଖର୍ଚ୍ଚରେ ମାଟି ପକାଯାଇ ପୋଲକୁ ଏକ କ୍ଷୁଦ୍ର ରାସ୍ତା ନିର୍ମାଣ ହୋଇଛି। କେବଳ ପାଦରେ ଯିବା ପାଇଁ ଏହା ପ୍ରଯୁଜ୍ୟ ହୋଇଥିବା ବେଳେ ବାଇକ କିମ୍ବା ଅନ୍ୟାନ୍ୟ ଯାନ ପୋଲ ଉପରକୁ ଯିବା କଷ୍ଟ କର ତଥା ବିପଦଜ୍ଜନକ ହୋଇପଡୁଛି। ଲୋକଙ୍କ ସାମାନ୍ୟ ଯାତାୟାତ ପାଇଁ ଆକାଶଚୁମ୍ବି ରାସ୍ତା ନିର୍ମାଣ ହୋଇଛି ସତ କିନ୍ତୁ ଏହା



ସ୍ଥାୟୀ ନୁହେଁ। ଆଗକୁ ବର୍ଷା ଋତୁ ଆସୁଥିବାରୁ ପଡ଼ିଥିବା ମାଟି ବୈତରଣୀ ବନ୍ୟା ସ୍ରୋତରେ ଭାସିଯିବ, ଏଥିରେ ସନ୍ଦେହ ନାହିଁ। ବିଭାଗୀୟ ଅବ୍ୟବସ୍ଥା ଓ ସ୍ଥାନ ବିବାଦରୁ ବିଗତ ଦିନରେ ଏଠାରେ ସଂଯୋଗୀ ରାସ୍ତା ନିର୍ମାଣ ହୋଇନଥିଲା। ଏବେ ରାସ୍ତା ନିର୍ମାଣ ପାଇଁ କୌଣସି ସମସ୍ୟା ନଥିବା ବେଳେ ବିଭାଗୀୟ ଅଧିକାରୀ ଏହା ଉପରେ ନଜର ନଦେବା ପରିତାପର ବିଷୟ ପାଲଟିଛି। ଯନ୍ତ୍ରୀମାନଙ୍କ କାର୍ଯ୍ୟ ଦକ୍ଷତା ଅଭାବରୁ ସଂଯୋଗୀ ରାସ୍ତା ନିର୍ମାଣ ହେଉନଥିବା କୁହାଯାଉଛି। ଏହା ଉପରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଞ୍ଚଳବାସୀମାନେ ଦାବି କରିଛନ୍ତି।

## ମରଣାନ୍ତକ ଆକ୍ରମଣରେ ୨ ଗୁରୁତର

ବାଲେଶ୍ୱର,୨୩।୫(ସମିସ): ଶୁକ୍ରବାର ବିଳମ୍ବିତ ରାତି ପ୍ରାୟ ଗୋଟାଏ ସମୟରେ ସହଦେବଖୁଣ୍ଟା ଥାନା ଅର୍ନ୍ତଗତ ରେଳଷ୍ଟେସନ ନିକଟସ୍ଥ ସାଇକେଲ ଷ୍ଟାଣ୍ଡ ନିକଟରେ ଆକ୍ରମଣରେ ଜଣେ ମହିଳାଙ୍କ ସମେତ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ପ୍ରଥମେ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଥିଲା। ହେଲେ ସେଠାରେ ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଏ ନେଇ ପୁଲିସ ଘଟଣା ସ୍ଥଳକୁ ଯାଇ ତଦନ୍ତ କରିବା ସହ ପରିବାର ଲୋକଙ୍କ ଅଭିଯୋଗ କ୍ରମେ୨୪୪/୨୬ନମ୍ବରରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପଟେ ପୁଲିସ ଆକ୍ରମଣ କରିଥିବା ପ୍ରେମିକ ଯତିନ ପ୍ରଧାନକୁ ଅଟକ ରଖାଯାଇଛି। ସୂଚନା ଅନୁସାରେ, ବାଲେଶ୍ୱରରେ ଗତକାଲି ରାତିରେ ତ୍ରିକୋଣୀୟ ପ୍ରେମକୁ ନେଇ ଏକ ସଂଘାତିକ ଘଟଣା ଘଟିଛି। ଜଣେ ପ୍ରେମିକାକୁ ନିଜର କରିବା ଏବଂ କୌଣସି ଏକ ବିବାଦର ମିମାଂସା କରିବା ନାମରେ ଆସି ଦ୍ୱିତୀୟ ପ୍ରେମିକର ପରିବାର ଉପରେ ମରଣାନ୍ତକ ଆକ୍ରମଣ କରିଛି ପ୍ରଥମ ପ୍ରେମିକ ଯତିନ। ବିଚ ରାସ୍ତାରେ ଏକ ଧାରୁଆ କଟୁରି ସାହାଯ୍ୟରେ ରାସ୍ତାରେ ଗୋଡାଇ ଗୋଡାଇ ହାଣିଛି। ଯୁବତୀ ଜଣଙ୍କ ଟାଉନ ଥାନା ଅର୍ନ୍ତଗତ ଦରଜି ପୋଖରୀ ଅଞ୍ଚଳର ବିଷ୍ଣୁପ୍ରୀୟା ନନ୍ଦୀ। ତାଙ୍କର ଦୁଇ ଜଣ ପ୍ରେମିକ ଥିଲେ। ପ୍ରଥମ ପ୍ରେମିକ ଯତିନ ଏବଂ ଦ୍ୱିତୀୟ ପ୍ରେମିକ ମଠସାହି ଅଂଚଳର ତନବିର ଲେଙ୍କା। ପ୍ରଥମ ପ୍ରେମିକ ଯତିନ ବାରମ୍ବାର ବିଷ୍ଣୁପ୍ରିୟାଙ୍କୁ ଧମକ ଚମକ ଦେବା ସହ ହଇରାଣ ହରକତ କରୁଥିଲେ। ଏହାର ସମାଧାନ ପାଇଁ ତାଙ୍କୁ ଏକାକି ଡାକିଥିଲେ। ହେଲେ ବିଷ୍ଣୁପ୍ରୀୟା ଏକାକୀ ନ ଯାଇ ତାଙ୍କ ସହ ଦ୍ୱିତୀୟ ପ୍ରେମିକ ତନବିରଙ୍କ ମା ମିତା ଲେଙ୍କା ଏବଂ ମାମୁଁ ସନମ ନାୟକଙ୍କୁ ସାଙ୍ଗରେ ଆଣି ଆସିଥିଲେ। ହେଲେ ସେମାନଙ୍କୁ ଦେଖି ଯତିନ ରାଗିଯାଇଥିଲେ। ଏବଂ ସେଠାରେ ଯୁକ୍ତିତର୍କ ହୋଇଥିଲା। ହେଲେ ପୂର୍ବ ପ୍ରସ୍ତୁତି ଅନୁସାରେ ଯତିନ ସାଙ୍ଗରେ ଆଣିଥିବା ତେଲେଙ୍ଗା କଟୁରୀ ଏବଂ ଅନ୍ୟାନ୍ୟ ଧାରୁଆ ଅସ୍ତ୍ର ସାହାଯ୍ୟରେ ସେମାନଙ୍କୁ ବିଚ ରାସ୍ତାରେ ଗୋଡାଇ ଗୋଡାଇ ହାଣିଥିଲା। ଏପରିକି ମୀତାଙ୍କର ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ସନମଙ୍କର ମଧ ବିଭିନ୍ନ ସ୍ଥାନରେ ଆଘଶତ ଲାଗିଛି। ତେବେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ଥାନୀୟ ଲୋକ ଏବଂ ପୁଲିସ ସହାୟତାରେ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ଅନ୍ୟପଟେ ଏହି ଆକ୍ରମଣରେ ମୀତାଙ୍କ ହାତ ଦୁଇଖଣ୍ଡ ହୋଇଯାଇଛି। ଯାହାଫଳରେ ଡାକ୍ତର ସେଠାରେ ତାଙ୍କର ହାତଟିକୁ ଯୋଡି କଟକ ସ୍ଥାନାନ୍ତରିତ କରାଯାଇଛି। ଏହି ଘଟଣାରେ ତୁରନ୍ତ ମରଣାନ୍ତକ ଆକ୍ରମଣ କରିଥିବା ପ୍ରଥମ ପ୍ରେମିକ ଯତିନଙ୍କୁ ପୁଲିସ ଅଟକ ରଖିଛି।

**● ଆଶ୍ରମରୁ ୪ ନାବାଳିକା ଅନ୍ତେବାସୀ ଚମ୍ପଟ ଘଟଣା**

## ଜଣେ ଉଦ୍ଧାର, ଅନ୍ୟ ୩ ଜଣଙ୍କୁ ଖୋଜାଚାଲିଛି

ବାଲେଶ୍ୱର,୨୩।୫ (ସମିସ): ରେମୁଣା ବାଲଗୋପାଳପୁରସ୍ଥିତ ମେରିଲାକ୍ ସେବା ସଦନରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ଗୁରୁତର ପ୍ରଶ୍ନ ଉଠିଛି। ଆଶ୍ରମରୁ ଚାରି ଜଣ ନାବାଳିକା ଅନ୍ତେବାସୀ ଏକାସାଥିରେ ଚମ୍ପଟ ମାରିବା ଘଟଣାଟି ୨୦ ତାରିଖ ବିଳମ୍ବିତ ରାତିରେ ଘଟିଥିଲେ ମଧ ଆଶ୍ରମ କର୍ତ୍ତୃପକ୍ଷ ଏହାକୁ ପ୍ରାୟ ଦୁଇ ଦିନ ଧରି ଚାପି ରଖିଥିବା ଅଭିଯୋଗ ହେଉଛି। ସୂଚନା ଅନୁଯାୟୀ, ବାଲିଆପାଳର ଦୁଇ ଜଣ, ଭୋଗରାଇର ଜଣେ ଏବଂ ବସ୍ତା ଅଞ୍ଚଳର ଜଣେ ନାବାଳିକାଙ୍କୁ ପୂର୍ବରୁ ସିଡବ୍ଲୁସି (ଶିଶୁ ମଙ୍ଗଳ କମିଟି) ନିର୍ଦ୍ଦେଶକ୍ରମେ ମେରିଲାକ୍ ସେବା ସଦନରେ ରଖାଯାଇଥିଲା। କିନ୍ତୁ ଚଳିତ ମାସ ୨୦ ତାରିଖ ବିଳମ୍ବିତ ରାତିରେ ଏହି ଚାରି ଜଣ ନାବାଳିକା ଆଶ୍ରମରୁ ହଠାତ୍ ଚମ୍ପଟ ମାରିଥିଲେ। ଘଟଣା ସାମ୍ନାକୁ ଆସିବା ପରେ ୨୨ ତାରିଖରେ ଆଶ୍ରମ ପକ୍ଷରୁ ରେମୁଣା ଥାନାରେ ଲିଖିତ ଅଭିଯୋଗ ଦାଖଲ କରାଯାଇଥିଲା। ଏହାକୁ ଆଧାର କରି ପୁଲିସ ୧୦୯/୨୬ ନମ୍ବରରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ବାଲିଆପାଳସ୍ଥିତ ନିଜ ଘରୁ ଜଣେ ନାବାଳିକାଙ୍କୁ ପୁଲିସ ଉଦ୍ଧାର କରିଥିବା ବେଳେ ଅନ୍ୟ ତିନି ଜଣଙ୍କ ଖୋଜଖବର ଜାରି ରହିଛି ବୋଲି ରେମୁଣା ଆଇଆଇସି ବିମଳ କୁମାର ନାୟକ ସୂଚନା ଦେଇଛନ୍ତି। ଏହି ଘଟଣା ପରେ ଶିଶୁ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ଆଶ୍ରମ ଭିତରେ ନିରାପତ୍ତା ବ୍ୟବସ୍ଥା କେମିତି ଥିଲା, ରାତିରେ ନାବାଳିକାମାନେ କିପରି ଚମ୍ପଟ ମାରିଲେ, ସିସିଟିଭି କାମ କରୁଥିଲା କି ନାହିଁ, ସୁରକ୍ଷାକର୍ମୀ କେଉଁଠି ଥିଲେ, ଘଟଣାକୁ ତୁରନ୍ତ ପୋଲିସକୁ ନଜଣାଇ ଦୁଇ ଦିନ ଧରି କାହିଁକି ଚାପି ରଖାଗଲା ଆଶ୍ରମ କର୍ତ୍ତୃପକ୍ଷ ଭଳି ଅନେକ ପ୍ରଶ୍ନ ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଶିଶୁ ସୁରକ୍ଷା ନାମରେ ଚାଲୁଥିବା ଏପରି ଆଶ୍ରମଗୁଡ଼ିକରେ ଯଦି ନାବାଳିକାମାନେ ନିଜେ ସୁରକ୍ଷିତ ନୁହନ୍ତି, ତେବେ ସରକାରୀ ନିରୀକ୍ଷଣ ଓ ପରିଚାଳନା ବ୍ୟବସ୍ଥା କେତେ ଦୁର୍ବଳ ତାହା ଏହି ଘଟଣା ସ୍ପଷ୍ଟ କରୁଛି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ ଆଶ୍ରମ ପରିଚାଳନା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି ଜୋର ଧରିଛି।

## ସରକାରୀ ଜାଗାରୁ ଗଛ କାଟି ଅଡୁଆରେ ଶିକ୍ଷକ

ବାଲେଶ୍ୱର(ଉତ୍ତର), ୨୩।୫ (ସମିସ): ସାମ୍ପ୍ରତିକ ପରିସ୍ଥିତିରେ ତାପମାତ୍ରା ବୃଦ୍ଧି ଓ ପାଣିପାଗର ଅନିୟମିତତାକୁ ଆଖି ଆଗରେ ରଖି ସରକାର ବ୍ୟାପକ ବୃକ୍ଷରୋପଣ



କରୁଛନ୍ତି। ମାତ୍ର ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ସୁଲତାନପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗ୍ରାମବାସୀଙ୍କ ବାରମ୍ବାର ବାରଣ ସତ୍ତ୍ୱେ ବେଆଇନ ଭାବେ ସରକାରୀ ଅନୁମତି ବିନା ସରକାରୀ ଜାଗା, ଯଥା ସ୍କୁଲ ଓ ଗଣଶିକ୍ଷା ବିଭାଗ ଓ ମୃତ୍ତିକା ସଂରକ୍ଷଣ ବିଭାଗ, ତଥା ଗାଁ ଶ୍ମଶାନ ଭଳି ଜାଗାରୁ ବେଧଡକ ଗଛ କାଟିବା ଏବେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନାଯୋଗ୍ୟ ଯେ ଉକ୍ତ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଦେବେନ୍ଦ୍ର କୁମାର ଜେନା ଗତ ଶୁକ୍ରବାର ସ୍କୁଲ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ଏକ ଜାଗାରୁ ୩୦/୪୦ ବର୍ଷର ୩ ଟି ପୁରୁଣା ଗଛ କାଟି କାଠ ବେପାରୀଙ୍କ ବିକ୍ରି କରିଥିବାବେଳେ ଆଜି ପୁଣି ମୃତ୍ତିକା ସଂରକ୍ଷଣ ବିଭାଗ ଅଧୀନରେ ଥିବା ଏକ ଜାଗାରୁ ଗଛ କାଟୁ ଥିବାବେଳେ ଗ୍ରାମବାସୀ ମାନେ ଭୋଗରାଇ ଥାନା ଓ ବନ ବିଭାଗ ଉଦୟପୁରଙ୍କୁ ଜଣାଇବା ପରେ ଉଦୟପୁର ବନ ବିଭାଗ ଦ୍ୱାରା କଟାଯାଇଥିବା କାଠଗଣ୍ଡି ଜବତ କରାଯାଇଥିବା ଜଣାପଡ଼ିଛି। ଗ୍ରାମବାସୀ ସରକାରୀ ଚାକିରିରେ ଥାଇ ସରକାରୀ ନିୟମର ଖୋଲା ଖୋଲି ଉଲଙ୍ଘନ କରୁଥିବା ସମ୍ପୃକ୍ତ ପ୍ରଧାନ ଶିକ୍ଷକ ଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କୁ ଦାବୀ କରିଛନ୍ତି।

# ଜଳେଶ୍ୱର ପୌରପାଳିକାରେ ସଫେଇ ନାଁରେ ଚାଲିଛି ହରିଲୁଟ୍ !

ଜଳେଶ୍ୱର ବ୍ଲକ, ୨୩।୫ (ସମିସ)



ସହରର ଅଳିଆ ଆବର୍ଜନା ଓ ଡ୍ରେନ ସଫେଇ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଉଭୟ ସ୍ୱଚ୍ଛ ଭାରତ ମିଶନ ଅଭିଯାନ ମାଧ୍ୟମରେ ଲୋକଙ୍କ ଘରେ ଘରେ ପହଞ୍ଚିବା ପାଇଁ ଅଳିଆ ଆବର୍ଜନା ସଫେଇ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଜଳେଶ୍ୱର ପୌରପାଳିକାର ସେହି ଟଙ୍କାକୁ ହରିଲୁଟ୍ କରିବା ପାଇଁ ନିଆରା ଢଙ୍ଗରେ ସଫେଇ ଅଭିଯାନ ଚଳାଇଛନ୍ତି ଓ ମାଷ୍ଟର୍ ମାଇଣ୍ଡ ସାଜିଛନ୍ତି ଜଳେଶ୍ୱର ପୌରପାଳିକାର ଜଣେ ପ୍ରଭାବଶାଳୀ ଜନ ପ୍ରତିନିଧି।

ଜଳେଶ୍ୱର ପୌରପାଳିକାର ୧୭ ଗୋଟି ୱାଡର୍‌ର ସଫେଇ ପାଇଁ ୯୫ରୁ ଅଧିକ ସଫେଇ କର୍ମଚାରୀ ଓ ୪ ଗୋଟି ଟ୍ରାକ୍ଟର ଅଳିଆ ଆବର୍ଜନା ଉଠାଇବା ପାଇଁ ଠିକା ସଂସ୍ଥାକୁ ଆର୍ଥିକ ବର୍ଷ ୨୦୨୪-୨୫ ରେ ଅନୁମୋଦନ ମିଳିଥିବା ସତ୍ତ୍ୱେ ପ୍ରତ୍ୟୁଷ ନାମକ ଠିକା ସଂସ୍ଥା ସଫେଇ କାର୍ଯ୍ୟକୁ ଗୁରୁତ୍ୱପୂର୍ଣ୍ଣ କର୍ମଚାରୀଙ୍କ ଭବିଷ୍ୟନିଧି (ଇପିଏଫ ଓ ଇଏସଆଇ )ଓ ପାରିଶ୍ରମିକ ବେଳେ ଜଳେଶ୍ୱର ସହରର ବିଭିନ୍ନ ସ୍ଥାନରେ କୁଢ଼ କୁଢ଼ ଅଳିଆ ଆବର୍ଜନା ପଡ଼ିଥିବା



ଜଣେ ଜନପ୍ରତିନିଧିଙ୍କୁ ସମର୍ପି ଦେଇଛନ୍ତି ଯାହା ଫଳରେ ସଫେଇ କାର୍ଯ୍ୟରେ ହାତ ଗଣତି ମୋଟ ୩୦ ରୁ ୪୦ ସଫେଇ କର୍ମଚାରୀମାନଙ୍କୁ କାମରେ ଲଗାଇ ବାକି ଅବଶିଷ୍ଟ କର୍ମଚାରୀମାନଙ୍କ ନାମ କେବଳ କାଗଜ କଲମରେ ନିଜର ସମ୍ପର୍କୀୟ ଭାଇ, ଦାଦା, ପୁତୁରା ମାନଙ୍କର ଲକ୍ଷାଧିକ ଟଙ୍କାର ମାଲିକାନାର ସମ୍ପତ୍ତି ଥିବା ବ୍ୟକ୍ତି ବିଶେଷଙ୍କ ନାମରେ ମଷ୍ଟରରୋଲରେ ସଫେଇ କର୍ମଚାରୀ ନାମିତ କରି ଓ ସରାକରଙ୍କ ଅର୍ଥ ବର୍ଷ ବର୍ଷ ଧରି ଲୁଟ କରିଚାଲିଛନ୍ତି। ଯାହା ଜଳେଶ୍ୱର ସହରରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଯାହାର ବାସ୍ତବତାକୁ ଉପଲବ୍ଧ କରି ଜଳେଶ୍ୱର ପୌରାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂ ନିଜର ସୋସିଆଲ ମିଡିଆ ପ୍ଲାଟଫର୍ମରେ ଜଳେଶ୍ୱର ସହରର ସଫେଇ ବାବଦରେ ଜନ ପ୍ରତିନିଙ୍କ କାର୍ଯ୍ୟକଳାପ ଉପରେ ଇଙ୍ଗିତ କରିଛନ୍ତି। ମାସକୁ ସରକାରଙ୍କ ତହବିଲରୁ ୨୧ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ ହେଉଥିବା ସହିତ ନାଳ ନର୍ଦ୍ଦମା ସଫା ନ ହେବା ଏହାର ବାସ୍ତବତା ପ୍ରମାଣ କରିଛି ଉକ୍ତ ଠିକା ସଂସ୍ଥା କାର୍ଯ୍ୟାଦେଶ ଆର୍ଥିକ ବର୍ଷ ୨୦୨୫ ରେ ଅବଧି ଶେଷ ହୋଇ ଯାଇଥିବା ସେତ୍ତ କାହା ସ୍ୱାର୍ଥପାଇଁ ବାରମ୍ବାର ସେହି ଠିକା ସଂସ୍ଥାର କାର୍ଯ୍ୟଦେଶ ବଢିଇ ଚାଲିଛି। ଅଥଚ ଯଦି କୌଣସି ସଂସ୍ଥା ସଫେଇ ବାବଦରେ ଟେଣ୍ଡର ପାଇଁ ପକାଉଛନ୍ତି ମାତ୍ର ଯୋଗ୍ୟତା ଥାଇ ମଧ ବିଭିନ୍ନ କାରଣ ଦର୍ଶାଇ ଅଯୋଗ୍ୟ ଦର୍ଶାଇ ଟେଣ୍ଡର ଟିକୁ ବାତିଲ କହୁଛନ୍ତି।

### ମତାମତ



◆ ଜଳେଶ୍ୱର ପୋର ପାଳିକାରେ ସଫେଇ ନାଁରେ ଚାଲିଛି ମହାଘୋଟାଲା। ପ୍ରତ୍ୟେକ ଦିନ ସରକାରୀ ନିୟମ ଅନୁଯାୟୀ ଦୁଇ ବେଳା ସଫେଇ ହେବାର ବ୍ୟବସ୍ଥା ରହିଥିବା ବେଳେ ଗୋଟିଏ ବେଳା ସଫେଇ ହେଉଛି। ନିୟମିତ ଡ୍ରେନ ସଫା ନହେବା ବ୍ଲିଚିଙ୍ଗ ନ ପକାଇବା ହେତୁ ମଶା ମାଛି ସଂଖ୍ୟା ବଢ଼ି ଚାଲିଛି ଯାହା ଦ୍ୱାରା ୱାଡର୍ ବାସୀ ରୋଗକୁ ଆମନ୍ତ୍ରଣ କରିଛନ୍ତି ଏବଂ କୋଟିପତି ଲୋକମାନଙ୍କ ନାମରେ ସଫେଇ କର୍ମଚାରୀ ଦର୍ଶାଇ ଉକ୍ତ ଠିକା ସଂସ୍ଥା ସାଥିରେ କିଛି ଜନ ପ୍ରତିନିଧି ମାନେ ମିଶି ଏହି ଅର୍ଥ ଲୁଟ କରୁଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ ହେଲେ ସତ୍ୟ ସାମ୍ନାକୁ ଆସିବ।

**ସେଖ ହସିରୁଦ୍ଦିନ ବକ୍ସ,୧ ନଂ ୱାଡର୍‌ର ଯୁବ ସମାଜସେବୀ**



◆ ଜଳେଶ୍ୱର ପୌରପାଳିକାରେ ସଫେଇ ନାଁରେ ଏକ ବଡ଼ ରାକେଟ ଚାଲିଛି। ଠିକା ସଂସ୍ଥା ସଫେଇ କାର୍ଯ୍ୟକୁ ନିଜେ ନ କରି ଏକ ଜନ ପ୍ରତିନିଧିଙ୍କ ହାତରେ ଟେକି ଦେଉଛନ୍ତି। ଯାହା ଫଳରେ ସଫେଇ ଠିକ୍ ଭାବେ ହେଉନାହିଁ କିମ୍ବା ଉକ୍ତ ସଂସ୍ଥାର ଅବଧି ୧ ବର୍ଷ ହେଲା ଶେଷ ହୋଇଥିବା ସତ୍ତ୍ୱେ କାହା ସ୍ୱାର୍ଥରେ ତାର ଅବଧିକୁ ବୃଦ୍ଧି କରାଯାଉଛି ତା ଉପରେ ଜିଲ୍ଲାପାଳ ନିଜେ ହସ୍ତକ୍ଷେପ କରି ଜଳେଶ୍ୱର ପୌରପାଳିକାରେ ଯେଉଁ ପ୍ରକାର ସଫେଇ ଠାରୁ ଆରମ୍ଭ କରି ଅନ୍ୟ ସମସ୍ତ ଉନ୍ନତ ମୂଳକ କାର୍ଯ୍ୟ ଗୁଡ଼ିକ ତଦନ୍ତ ହେବା ଆବଶ୍ୟକ ରହିଛି ।

**କମଳ କୁମାର ଚକ୍ରବର୍ତ୍ତୀ, ସମାଜସେବୀ**



◆ ଜଳେଶ୍ୱର ସହରରେ ନିୟମିତ ଠିକ ଭାବରେ ସଫେଇ ନ ହେବା ଦ୍ୱାରା ଡ୍ରେନ, ନାଳ, ନର୍ଦ୍ଦମା ଓ ରାସ୍ତା ଘାଟରୁ ବାହାରୁଥିବା ଦୁର୍ଗନ୍ଧ ପରିବେଶକୁ ବିଷାକ୍ତ କରି ବସ୍ତି ଓ ସାହି ମାନଙ୍କରେ ଲୋକଙ୍କୁ ରୋଗ ବାଣ୍ଟି ଚାଲିଛି । ଏ ବାବଦରେ ବାରମ୍ବାର ଉକ୍ତ ଠିକା ସଂସ୍ଥାକୁ ଅଭିଯୋଗ କଲେ ମଧ କେହି କର୍ଣ୍ଣପାତ କରୁନାହାନ୍ତି ଏବଂ ସଫେଇ କର୍ମଚାରୀ ମାନଙ୍କୁ ମଧ କୌଣସି ସେଫ୍ଟିକିଟ୍ ପ୍ରଦାନ କରୁନାହାନ୍ତି ଏହାର ତଦନ୍ତ ଆବଶ୍ୟକତା ରହିଛି।

**ରବିନ୍ଦ୍ର କୁମାର ପ୍ରଧାନ**



◆ ୧ ନଂ ୱାର୍ଡର କିଛି ବ୍ୟକ୍ତି ବିଶେଷ କାର୍ଯ୍ୟ ନ କରି ସଫେଇ କର୍ମଚାରୀ ଦର୍ଶାଇ ସେମାନଙ୍କ ନାମରେ ମାସିକ ଦରମା ସହିତ ସରକାରଙ୍କ ଅର୍ଥ ଆତ୍ମସାତ କରୁଛନ୍ତି। ଏହି ଘଟଣାର ଭିଜିଲାନ୍ସ ତଦନ୍ତ ସହ ଜିଲ୍ଲାପାଳ ହସ୍ତକ୍ଷେପ କରିବା ଆବଶ୍ୟକ।

**ଫାଲଗୁନୀ ପାଣିଗ୍ରାହୀ, ବିଜେପି ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି**



◆ ଜଳେଶ୍ୱର ପୌରାଳିକାରେ ସଫେଇରେ ଜନ ପ୍ରତିନିଧି ମାନଙ୍କର ରୋଜଗାରର ପନ୍ଥା ପାଲଟିଯାଇଛି। ଜଳେଶ୍ୱର ସହର ସଫେଇରେ ସମ୍ପୁର୍ଣ୍ଣ ଫେଲ ମାରିଛି , ଜଳେଶ୍ୱର ସହର ମଧ୍ୟରେ ଥିବା ପ୍ରତିଦିନ ହାଟରେ ମଧ ସମାନ ଅବସ୍ଥା କୁଢ଼ କୁଢ଼ ଅଳିଆ ଆବର୍ଜନା ପଡ଼ିଥିବା ସତ୍ତ୍ୱେ ସଫେଇ ଠିକ୍ ଭାବରେ ହେଉ ନାହିଁ ଏହାର ତଦନ୍ତ ହେବାର ଆବଶ୍ୟକତା ରହିଛି।

**ବନମାଳୀ ଧଳ, ଶିକ୍ଷାବିତ୍**



◆ ଜଳେଶ୍ୱର ସହରକୁ ସରସ ସୁନ୍ଦର କରିବା ପାଇଁ ଆମେ ଅନବରତ ପ୍ରୟାସ ଜାରୀ ରଖିଛି ଯଦି ସେଭଳି କୌଣସି ବ୍ୟକ୍ତି କାର୍ଯ୍ୟ ନ କରି ସଫେଇରେ ଅର୍ଥ ହେଉଛନ୍ତି ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ ଏବଂ ଉକ୍ତ ଠିକା ସଂସ୍ଥାକୁ ମଧ ଠିକ୍ ଭାବେ ସଫେଇ ପାଇଁ ଆଦେଶ ଦେବୁ।

**ହେମନ୍ତ କୁମାର ସିଂ, ଜଳେଶ୍ୱର ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ**

**ଜଳେଶ୍ୱର ବିଧାନସଭା ନିର୍ବାଚନ ମାମଲା**

## ହାଇକୋର୍ଟରେ ଖାରଜକୁ ନେଇ ବିଧାୟକଙ୍କ ସାମ୍ବାଦିକ ସମ୍ମିଳନୀ

ଜଳେଶ୍ୱର, ୨୩।୫ (ସମିସ): ଜଳେଶ୍ୱର ବିଧାନସଭା ନିର୍ବାଚନ ଫଳାଫଳକୁ ଚାଲେଞ୍ଜ କରି ରୁଜୁ କରାଯାଇଥିବା ମାମଲାକୁ ହାଇକୋର୍ଟ ଖାରଜକୁ ନେଇ ସାମ୍ବାଦିକ ସମ୍ମିଳନୀରେ ବିଧାୟକଙ୍କ ସୂଚନା। ବିଧାନସଭା ନିର୍ବାଚନରେ ଜଳେଶ୍ୱର ନିର୍ବାଚନ ମଣ୍ଡଳୀରେ ମାତ୍ର ୩୧୯ଖଣ୍ଡ ଭୋଟରେ ବିଜେପି ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ ବିଜେଡି ପ୍ରାର୍ଥୀ ଅଶ୍ୱିନୀ କୁମାର ପାତ୍ରଙ୍କ ଠାରୁ ହାରିବା ପରେ ଏହି ନିର୍ବାଚନକୁ ଅସିଦ୍ଧ



ଘୋଷଣା ସହିତ ନିର୍ବାଚନ ବାତିଲ କରିବା ପାଇଁ ଏକ ପିଟିସନ ହାଇକୋର୍ଟରେ ଦାଖଲ କରିଥିଲେ। ନିର୍ବାଚନ ଏଜେଣ୍ଟ ନିଯୁକ୍ତିକୁ ନେଇ ହୋଇଥିବା ଅଭିଯୋଗ ଆଧାରରେ ନିର୍ବାଚନ ବାତିଲ ହୋଇପାରିବ ନାହିଁ ବୋଲି ହାଇକୋର୍ଟ ବିଚାରପତି ଜଷ୍ଟିସ ଶଶିକାନ୍ତ ମିଶ୍ର କହିବା ସହିତ ପିଟିସନକୁ ଖାରଜ କରିଛନ୍ତି। ହାଇକୋର୍ଟର ଏହି ଆଦେଶ ଫଳରେ ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କୁ ଆଶ୍ୱସ୍ତି ମିଳିଛି। ଏଥିନେଇ ଜଳେଶ୍ୱର ପୂର୍ତ ବିଭାଗ ଡାକ ବଙ୍ଗଳା ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ଗଣତନ୍ତ୍ର ତଥା ଧର୍ମର ଜୟ ହୋଇଛି ବୋଲି ମତବ୍ୟକ୍ତ କରିଛନ୍ତି। ସୂଚନାନୁଯାୟୀ ୨୦୨୪ ସାଧାରଣ ନିର୍ବାଚନରେ ଜଳେଶ୍ୱର ବିଧାନସଭା ଆସନରୁ ବିଜେଡି ପ୍ରାର୍ଥୀ ଅଶ୍ୱିନୀ କୁମାର ପାତ୍ର ୮୩ହଜାର ୧୦୫ଟି ଭୋଟ ପାଇ ବିଜୟୀ ହୋଇଥିବା ବେଳେ ବିଜେପି ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ ୯୨ହଜାର ୭୮୬ଖଣ୍ଡ ଭୋଟ ପାଇ ମାତ୍ର ୩୧୯ଖଣ୍ଡ ଭୋଟରେ ହାରି ଯାଇଥିଲେ। ପରେ ହାଇକୋର୍ଟରେ ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ ଯେ ଅଶ୍ୱିନୀ କୁମାର ପାତ୍ର ପଂଚାୟତ ସମିତର ତତ୍କାଳିନ ଅଧ୍ୟକ୍ଷ ମାନସ କୁମାର ଜେନାଙ୍କୁ ନିର୍ବାଚନ ଏଜେଣ୍ଟ ଏବଂ ଗଣତି ଏଜେଣ୍ଟ ଭାବେ ନିଯୁକ୍ତି ଦେଇ ନିର୍ବାଚନ ପ୍ରକ୍ରିୟାକୁ ପ୍ରଭାବିତ କରିଛନ୍ତି। ମାତ୍ର ଅଶ୍ୱିନୀ କୁମାର ପାତ୍ରଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ବିଦ୍ୟାଧର ମିଶ୍ର ଓ ତାଙ୍କର ସହକର୍ମୀ ଆଇନଜୀବୀ ତରଣୀ କାନ୍ତ ବିଶ୍ୱାଳ ଯୁକ୍ତିରେ ଦର୍ଶାଇଥିଲେ ଯେ ମାନସ ଜେନାଙ୍କୁ ପଂଚାୟତ ସମିତିର ଅଧ୍ୟକ୍ଷ ଭାବରେ ନୁହେଁ ବରଂ ବ୍ୟକ୍ତିଗତ ପରିଚୟ ଆଧାରରେ ଏଜେଣ୍ଟ କରାଯାଇଥିଲା। ଏଥିସହିତ ପଂଚାୟତ ସମିତିର ଅଧ୍ୟକ୍ଷ ଜଣେ ଜନପ୍ରତିନିଧି ସେ କୌଣସୀ ସରକାରୀ କର୍ମଚାରୀ ନୁହଁନ୍ତି, ତେଣୁ ଏଥିରେ କୌଣସୀ ଆଇନଗତ କଟକଣା ଉଲ୍ଲଂଘନ ହୋଇନାହିଁ ବୋଲି କହିଛନ୍ତି। ତଥା ଆବେଦନକାରୀ ଭୋଟ ଦିନ ଏହି ନିଯୁକ୍ତି ବିଷୟରେ ଜାଣିଥିଲେ ମଧ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରି ନଥିଲେ। ଫଳରେ ଅଦାଲତ ଠୋସ ପ୍ରମାଣ ନଥିବାରୁ ପିଟିସନକୁ ଖାରଜ କରିଛନ୍ତି ବୋଲି ଶ୍ରୀ ପାତ୍ର ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଭୋଗରାଇ ବିଧାୟକ ତଥା ଜିଲ୍ଲା କାର୍ଯ୍ୟକାରୀ ସଭାପତି ଗୌତମବୁଦ୍ଧ ଦାସ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ପୌରପରିଷଦ ଅଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ, ଜଳେଶ୍ୱର ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନାଙ୍କ ସହିତ ବହୁ ପଂଚାୟତ ସରପଞ୍ଚ ଓ ସମିତି ସଦସ୍ୟ ଉପସ୍ଥିତ ଥିଲେ। ପରେ ଏକ ବିଜୟ ଉତ୍ସବ ଅନୁଷ୍ଠିତ ହୋଇଥିଲା।

## ଅଂଶୁଘାତରୁ ରକ୍ଷା ପାଇଁ ସଚେତନତା

ବାରିପଦା, ୨୩।୫(ସମିସ): ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟର ଜାତୀୟ ସେବା ଯୋଜନା ୟୁନିଟ ପକ୍ଷରୁ ଶନିବାର ମହାରାଜପୁରରେ ଅଂଶୁଘାତ ସଚେତନତା ଅଭିଯାନ ଆୟୋଜିତ ହୋଇଯାଇଛି। ଜିଲ୍ଲାରେ ଜାରି ରହିଥିବା ଅସହ୍ୟ ତାତି ଓ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସାଧାରଣ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏହି ଅଭିଯାନ କରାଯାଇଥିଲା। କାର୍ଯ୍ୟକ୍ରମ ଅଧିକାରୀ ସୁଶ୍ରୀ ନାୟକଙ୍କ ତତ୍ତ୍ୱାବଧାନରେ ବହୁ ସଂଖ୍ୟକ ଏନଏସଏସ ସ୍ୱେଚ୍ଛାସେବୀ ଏହି ଅଭିଯାନରେ ସାମିଲ ହୋଇଥିଲେ। ସ୍ୱେଚ୍ଛାସେବୀମାନେ ଗ୍ରାମରେ ଘରକୁ ଘର ବୁଲି ଶ୍ରମିକ, ଯାତ୍ରୀ, ଦୋକାନୀ ଓ ସାଧାରଣ ଲୋକଙ୍କୁ ଅଂଶୁଘାତରୁ କିପରି ସୁରକ୍ଷିତ ରହିବେ ସେନେଇ ସଚେତନ କରିଥିଲେ। ଦିନର ଖରାବେଳେ ଅତିଆବଶ୍ୟକ ନ ହେଲେ ବାହାରକୁ ନ ଯିବା, ଅଧିକ ପାଣି ପିଇବା, ଛତା କିମ୍ବା ଗାମୁଛା ବ୍ୟବହାର କରିବା, ହାଲୁକା ଓ ପୌଷ୍ଟିକ ଖାଦ୍ୟ ଖାଇବା ଭଳି ପରାମର୍ଶ ଦିଆଯାଇଥିଲା। ଅଂଶୁଘାତରେ ଆକ୍ରାନ୍ତ ହେଲେ ଘରୋଇ ଚିକିତ୍ସା ଓ ପ୍ରାଥମିକ ସେବା ସମ୍ପର୍କରେ ମଧ ସଚେତନ କରାଯାଇଥିଲା। ଏଥିସହ ଅଂଶଗ୍ରହଣକାରୀମାନଙ୍କୁ ଓଆରଏସ ପ୍ୟାକେଟ ବଣ୍ଟନ କରାଯାଇଥିଲା। ଜଳ ହିଁ ଜୀବନ', 'ସଚେତନତା ହିଁ ସୁରକ୍ଷା' ଭଳି ସ୍ଲୋଗାନ ଦେଇ ସ୍ୱେଚ୍ଛାସେବୀ ଗ୍ରାମବାସୀଙ୍କୁ ସଚେତନ କରିଥିଲେ। ତାତି ସମୟରେ ଶରୀର ଅସୁସ୍ଥ ଲାଗିଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବାକୁ ମଧ କୁହାଯାଇଥିଲା। ଗ୍ରାମବାସୀମାନେ ଏନଏସଏସ ସ୍ୱେଚ୍ଛାସେବୀଙ୍କ ଏହି ସମାଜସେବାମୂଳକ ପଦକ୍ଷେପକୁ ପ୍ରଶଂସା କରିଥିଲେ। ପ୍ରଚଣ୍ଡ ତାତି ସତ୍ତ୍ୱେ ସ୍ୱେଚ୍ଛାସେବୀ ଉତ୍ସାହର ସହିତ ଏହି ସଚେତନତା ଅଭିଯାନ ଚାଲୁ ରଖିଥିଲେ।

# କାଂଶବାଂଶ ବିଜୁସେତୁ ନିର୍ମାଣରେ ଅନିୟମିତତା

ଖଇରା,୨୩।୫ (ସମିସ)

ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅମରିଆ ପଞ୍ଚାୟତ ଅଧିନ ଅଗ୍ନିପୁର ଗ୍ରାମରେ ୩ବର୍ଷ ପୂର୍ବରୁ ଆରମ୍ଭ ହୋଇଥିବା ବିଜୁସେତୁ ସରିବାର ନାଁଗନ୍ଧ ଧରୁନି। ଠିକାଦାରଙ୍କ ମନମାନିରେ ଚାଲିଥିବା ଏହି କାମକୁ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ନିରବଦ୍ରଷ୍ଟା ସାଜିଥିବା ଯୋଗୁଁ ଏଥିରେ ବ୍ୟାପକ ଅନିୟମିତା ହୋଇଥିବାରୁ ଅଗ୍ନିପୁର, ଗୋବିନ୍ଦପୁର ସମେତ ୫ଖଣ୍ଡ ଗ୍ରାମର ଅଧିବାସୀ ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି। ବର୍ଷାଦିନ ପୂର୍ବରୁ ପୋଲ କିମ୍ବା ପୋଲ ସଂଲଗ୍ନ ରାସ୍ତା କାମ ଶେଷ ନହେଲେ ଶତାଧିକ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି। ଅମରିଆ ପଞ୍ଚାୟତର ଅଗ୍ନିପୁର,



ଗୋବିନ୍ଦପୁର ସମେତ ଭୀମନାଥପୁର, ପାଣିଛତ୍ର ଇତ୍ୟାଦି ଗ୍ରାମବାସୀଙ୍କ ଯାତାୟାତ ଅସୁବିଧାକୁ ଦୂର କରିବାକୁ କାଂଶବାଂଶ ନଦୀ ଉପରେ ବିଜୁ ସେତୁ ନିର୍ମାଣ ପାଇଁ ୨୦୨୩ ମସିହା ମେ ମାସରେ ତତକାଳିନ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହି ପାଇଁ ପାଖାପାଖି ୫କୋଟି ୧୬ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା।। ୧ବର୍ଷ ମଧ୍ୟରେ କାର୍ଯ୍ୟ ଶେଷ ପାଇଁ ଠିକାଦାର ଗ୍ରାମ୍ୟ ଉନ୍ନୟନ ବିଭାଗ ସହ ଚୁକ୍ତି କରିଥିଲେ ହେଁ ୩ ବର୍ଷ ଧରି କାମ ଅସମ୍ପୂର୍ଣ୍ଣ ଥିଲେ ହେଁ ବିଭାଗ ଚୁପହୋଇ

**ଭିଜିଲାନ୍ସ ତଦନ୍ତ ଦାବିକଲେ ଅଗ୍ନିପୁର ଓ ଗୋବିନ୍ଦପୁର ଗ୍ରାମବାସୀ**

ବସିଥିବାରୁ ଠିକାଦାର କାମକୁ ଅଧାଖଣ୍ଡିଆ କରି ପକାଇରଖିଛନ୍ତି । କେବଳ ପୋଲର ଛାତ ପଡିଥିବା ବେଳେ ୨ପାଶ୍ୱର୍ର ରାସ୍ତା, ପାଚେରୀ କାମ ବାକିରହିଛି। କୌଣସୀ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ରହୁନଥିବାରୁ କାମ ମଧ ଅତ୍ୟନ୍ତ ନିମ୍ନମାନର ହୋଇଥିବା ନେଇ ଗୋବିନ୍ଦପୁର ଓ ଅଗ୍ନିପୁର ଗ୍ରାମବାସୀ କହିଛନ୍ତି। ସିମେଣ୍ଟ ଭାଗମାପ ଠିକନଥିବାରୁ ବହୁ ସ୍ଥାନରୁ ଢଳେଇ ଖସିବାକୁ ଆରମ୍ଭ କଲାଣି। ଏ ସମ୍ପର୍କରେ ଅଭିଯୋଗ କରୁଥିବା ଗ୍ରାମବାସୀଙ୍କୁ ଠିକାଦାରଙ୍କ ଲୋକମାନେ ଗାଳିଗୁଲଜ କରୁଥିବାରୁ କୌଣସି ଗ୍ରାମବାସୀ ଭୟରେ ମୁହଁ ଖୋଲୁନଥିବା କହିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ସଞ୍ଜୟ କୁମାର ସାହୁଙ୍କୁ ଯୋଗାଯୋଗ କରିବାରେ ବର୍ଷାଦିନ ପୂର୍ବରୁ କାମ ଶେଷ କରିବାକୁ ଠିକାଦାରଙ୍କୁ କୁହାଯାଇଥିବା କହିଛନ୍ତି।

## କଲାମ କୋଚିଂ ସେଣ୍ଟରରେ ସମ୍ବର୍ଦ୍ଧନା ସଭା



ରାଜଘାଟ, ୨୩।୫ (ସମିସ): ବସ୍ତା ବ୍ଲକ ଅମର୍ଦାରୋଡ ସ୍ଥିତ କଲାମ କୋଚିଂ ସେଣ୍ଟର ଚଳିତ ବର୍ଷ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ ପରୀକ୍ଷାରେ ଶତପ୍ରତିଶତ ସଫଳତା ହାସଲ କରିଛି। ସେଣ୍ଟରର ସମସ୍ତ ୭୦ ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଚଳିତ ବର୍ଷ ଉକ୍ତ ସେଣ୍ଟରରେ +୨ ବିଜ୍ଞାନ ବ୍ୟାଚରେ ୭୦ରୁ ସମସ୍ତ ୭୦ଜଣ ଛାତ୍ର ଛାତ୍ରୀ ବିଜ୍ଞାନ ବିଭାଗରେ ଅର୍ଥାତ ଶତପ୍ରତିଶତ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପ୍ରକାଶିତ ଫଳାଫଳ ଅନୁଯାୟୀ, ସେଣ୍ଟର ଛାତ୍ରୀ କଲ୍ୟାଣୀ ସାହୁ ୫୫୮ ନମ୍ବର ରଖି ସିଦ୍ଧେଶ୍ୱର କଲେଜ ଟପ୍ପର ହୋଇଛନ୍ତି ସେହିପରି ବନିତା ପାଲ ୫୫୫ ନମ୍ବର ରଖି ଯଥାକ୍ରମେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେଣ୍ଟର ର ସଭାପତି ଶୁଭ୍ରାଂଶୁ ଶେଖର ପଣ୍ଡା ସମ୍ପାଦକ ପ୍ରିୟବ୍ରତ ବେହେରା କହିଛନ୍ତି, ଆମ ସେଣ୍ଟର ର ଅଧିକାଂଶ ପିଲା ଗରିବ ପରିବାରରୁ ଆସିଛନ୍ତି। ଶିକ୍ଷକଙ୍କ କଠିନ ପରିଶ୍ରମ, ପିଲାଙ୍କ ଅଧ୍ୟୟନ ଓ ସକାଳ-ସନ୍ଧ୍ୟା ସ୍ୱତନ୍ତ୍ର କ୍ଲାସ ଯୋଗୁଁ ଏହି ସଫଳତା ମିଳିଛି। ଏହି ସଫଳତା ଉପଲକ୍ଷେ ଗୁରୁବାର ସେଣ୍ଟର ପରିସରରେ ଛାତ୍ର ଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା।



ସଦଗୁରୁ ହସ୍ପିଟାଲରେ ବିରଳ କୃତିତ୍ୱ

# 'ଟେଭାର' ପଦ୍ଧତିରେ ମହାଧମନୀ ଆନିଉରିଜମ୍‌ର ସଫଳ ଅସ୍ତ୍ରୋପଚାର

କଟକ,୨୩।୫(ସମିସ): ଜଗତପୁରସ୍ଥିତ ସଦଗୁରୁ ହସ୍ପିଟାଲରେ ସଫଳ ହୋଇଛି ଏକ ବିରଳ ଅସ୍ତ୍ରୋପଚାର। ବାହାର ଡାକ୍ତରଙ୍କ ବିନା ସହଯୋଗରେ ସଦଗୁରୁ ହସ୍ପିଟାଲର ବିଶେଷଜ୍ଞ ଡାକ୍ତରଙ୍କ ଅକ୍ଲାନ୍ତ ପରିଶ୍ରମରେ ଜଣେ ବ୍ୟକ୍ତିଙ୍କର ମହାଧମନୀ ଆନିଉରିଜମ ଭଳି ଜଟିଳ ରୋଗର ଅସ୍ତ୍ରୋପଚାର ଅତ୍ୟାଧୁନିକ 'ଟେଭାର' ପଦ୍ଧତିରେ ସଫଳତାର ସହ ସମ୍ପନ୍ନ ହୋଇଛି। ଫଳରେ ହସ୍ପିଟାଲର ହୃଦବକ୍ଷ ଶଲ୍ୟ ଚିକିତ୍ସା କ୍ଷେତ୍ରରେ ଆଉ ଏକ ସଫଳତା ଯୋଡ଼ି ହେଇଯାଇଛି। ଟେଭାର ପଦ୍ଧତି ହେଉଛି ଛାତି ଭିତରେ ଥିବା ମହାଧମନୀର ଫୁଲା ବା ଛିଣ୍ଡିଯିବା ଭଳି ଜଟିଳ ସମସ୍ୟାର ଚିକିତ୍ସା ପାଇଁ ବ୍ୟବହୃତ ଏକ ଆଧୁନିକ ଓ କମ୍ କଷ୍ଟଦାୟକ ଅସ୍ତ୍ରୋପଚାର ପଦ୍ଧତି। ଏହି ପଦ୍ଧତିରେ ଛାତିକୁ ବିରାଟ ଆକାରରେ କାଟି ଅପରେସନ କରାଯାଏ ନାହିଁ। ବରଂ ଜଙ୍ଘ ଭିତର ଦେଇ ଧମନୀ ମାଧ୍ୟମରେ ଏକ ବିଶେଷ ଷ୍ଟେଣ୍ଟ-ଗ୍ରାଫ୍ଟ ମହାଧମନୀ ଭିତରକୁ ପହଞ୍ଚାଯାଇ ଫୁଲିଥିବା କିମ୍ବା କ୍ଷତିଗ୍ରସ୍ତ ଅଂଶକୁ ଢାଙ୍କି ଦିଆଯାଏ। ଫଳରେ ରକ୍ତ ସୁରକ୍ଷିତ ଭାବେ ପ୍ରବାହିତ ହୁଏ ଓ ମହାଧମନୀ ଫାଟିଯିବାର ଆଶଙ୍କା କମିଯାଏ ବୋଲି ଅସ୍ତ୍ରୋପଚାର କରିଥିବା ବିଶେଷଜ୍ଞ ଟିମ୍‌ର ମୁଖ୍ୟ ସଦଗୁରୁ ହସ୍ପିଟାଲର ହୃଦବକ୍ଷ ଶଲ୍ୟ ବିଶେଷଜ୍ଞ ଡାକ୍ତର ଅନନ୍ତ ବରାଡ କହିଛନ୍ତି। ବରିଷ୍ଠ ହୃଦବକ୍ଷ ଶଲ୍ୟ ବିଶେଷଜ୍ଞ ପ୍ରଫେସର ଡାକ୍ତର ମନୋଜ କୁମାର ପଟ୍ଟନାୟକଙ୍କ ପରାମର୍ଶରେ ହୃଦରୋଗ ବିଶେଷଜ୍ଞ ଡାକ୍ତର ଓମପ୍ରକାଶ ନାୟକ ଏବଂ ନିଶ୍ଚେତକ ବିଶେଷଜ୍ଞ ଡାକ୍ତର ସୁବ୍ରତ କୁମାର ନାୟକ ଏଥିରେ ପୂର୍ଣ୍ଣ ସହଯୋଗ କରିଥିବାରୁ ଏଭଳି ଜଟିଳ ଚିକିତ୍ସା ସଫଳ ହୋଇଥିବା ସଦଗୁରୁ ହସ୍ପିଟାଲର ନିର୍ଦ୍ଦେଶକ ଡାକ୍ତର ପ୍ରଦୀପ କୁମାର ମହାନ୍ତି କହିଛନ୍ତି। ଏହି ସଫଳ ଅସ୍ତ୍ରୋପଚାର ମାଧ୍ୟମରେ ସଦଗୁରୁ ହସ୍ପିଟାଲ ପୁଣିଥରେ ଉନ୍ନତ ହୃଦବକ୍ଷ ଚିକିତ୍ସା ସେବା କ୍ଷେତ୍ରରେ ନିଜର ଦକ୍ଷତା ଓ ପ୍ରତିବଦ୍ଧତାର ପ୍ରମାଣ ଦେଇଛି। ସୂଚନା ଥାଉକି, ନୟାଗଡ଼ ଜିଲ୍ଲାର ଦଶପଲ୍ଲା ଅଞ୍ଚଳର ବାସିନ୍ଦା କୃଷ୍ଣଚନ୍ଦ୍ର ପ୍ରଧାନ ଦୀର୍ଘଦିନ ଧରି ମହାଧମନୀ ଫୁଲା ରୋଗରେ ପୀଡ଼ିତ ଥିଲେ। ପରୀକ୍ଷା ଓ ସ୍କାନ୍ ରିପୋର୍ଟରୁ ଜଣାପଡ଼ିଥିଲା ଯେ ରୋଗୀଙ୍କ ମହାଧମନୀର ବଡ଼ ଅଂଶ ଆନିଉରିଜମ ଦ୍ୱାରା ପ୍ରଭାବିତ ହୋଇଥିବାରୁ ରୋଗଟି ଜଟିଳ ଅବସ୍ଥାରେ ରହିଛି। ଏହାକୁ ସଦଗୁରୁର ବିଶେଷଜ୍ଞ ଡାକ୍ତରୀ ଦଳ ଚ୍ୟାଲେଞ୍ଜିଂ ଭାବେ ଗ୍ରହଣ କରି ଟେଭାରେ ପଦ୍ଧତିରେ ସଫଳ ଅସ୍ତ୍ରୋପଚାର କରିଥିଲେ। ଅସ୍ତ୍ରୋପଚାର ପରେ ରୋଗୀଙ୍କ ସ୍ୱାସ୍ଥ୍ୟ ଦ୍ରୁତ ଭାବେ ସୁଧାର ଆସିଥିଲା ଏବଂ ମାତ୍ର ପାଞ୍ଚ ଦିନ ମଧ୍ୟରେ ସେ ସମ୍ପୂର୍ଣ୍ଣ ସୁସ୍ଥ ଅବସ୍ଥାରେ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଥିଲେ। ଅତ୍ୟାଧୁନିକ ଓ ବ୍ୟୟବହୁଳ ଚିକିତ୍ସାକୁ ସରକାରଙ୍କ ସ୍ୱାସ୍ଥ୍ୟ ଯୋଜନା ଅଧୀନରେ ସମ୍ପୂର୍ଣ୍ଣ ମାଗଣାରେ କରାଯାଇଥିଲା।




## ଆଠ ବର୍ଷ ପରେ ଚୋର ଗିରଫ

କଟକ,୨୩।୫(ସମିସ): ପୁରୀଘାଟ ଥାନା ପୁଲିସ ଏକ ଚୋରି ଘଟାଇ ଫେରାର ଥିବା ଚୋରକୁ ୮ ବର୍ଷ ପରେ ଗିରଫ କରିଛି। ଅଭିଯୁକ୍ତ ହେଲା ଗଣେଶଘାଟ ସାମଲ ସାହିର ଚନ୍ଦନ ସାମଲ। ପୁଲିସ ସୂଚନା ଅନୁସାରେ, ୨୦୧୮ରେ ବାରଙ୍ଗ ଥାନାଞ୍ଚଳରେ ଜଣେ ବ୍ୟକ୍ତିଙ୍କ ଘରେ ଏକ ବଡ ଧରଣର ଚୋରି ହୋଇଥିଲା। ଅଭିଯୋଗକ୍ରମେ ପୁଲିସ ତଦନ୍ତ ଚଳାଇବା ପରେ ଘଟଣାରେ ଚନ୍ଦନ ଓ ତା'ର ଦୁଇ ସହଯୋଗୀଙ୍କ ସଂପୃକ୍ତି ନେଇ ଜଣାପଡିଥିଲା। ଫଳରେ ପୁଲିସ ଚନ୍ଦନ ସହିତ ୩ଜଣଙ୍କୁ ଗିରଫ କରିଥିଲା। କିଛିଦିନ ଜେଲରେ ରହିବା ପରେ କୋର୍ଟ ଚନ୍ଦନକୁ ସର୍ତ୍ତମୂଳକ ଜାମିନ୍‌ରେ ଛାଡ କରିଥିଲେ। ଏହାପରେ କୋର୍ଟରେ ମାମଲାର ଗୋଟିଏ ପରେ ଗୋଟିଏ ତାରିଖ ପଡୁଥିଲେ ହେଁ ସେ ହାଜର ହେବା ପରିବର୍ତ୍ତେ କେଉଁଆଡେ ଫେରାର ହୋଇଯାଇଥିଲା। ଏପଟେ ଘଟଣାର ତଦନ୍ତ ଶେଷ କରାଯାଇ ପୁଲିସ ପକ୍ଷରୁ କୋର୍ଟରେ ଚାର୍ଜସିଟ ଦାଖଲ କରାଯାଇଥିଲା। ତେବେ ବାରମ୍ବାର ନୋଟିସ ଦିଆଯିବା ସତ୍ତ୍ୱେ ଚନ୍ଦନ ହାଜର ହୋଇ ନ ଥିବାରୁ ଏନେଇ କୋର୍ଟ ବିରକ୍ତି ପ୍ରକାଶ କରିଥିଲେ। ଫଳରେ ତା'ବିରୋଧରେ ଜାମିନବିହୀନ ଗିରଫ ଫରୱାନ ଜାରି କରିଥିଲେ। ଏହାକୁ ଭିତ୍ତିକରି ବିଭିନ୍ନ ସୂତ୍ରରୁ ସନ୍ଧାନ ନିଆଯିବା ପରେ ଆଜି ତାକୁ ଗିରଫ କରାଯାଇଥିବା ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକ ସୂଚନା ଦେଇଛନ୍ତି।

ଜନସାଧାରଣଙ୍କ ସୁରକ୍ଷା ସହ ବୁଝାମଣା କରାଯାଇପାରିବ ନାହିଁ

## ସିଡିଏ ସେକ୍ଟର-୧୦ ବାରିକେଡ୍ ହଟାଇବା ଆବେଦନ ଖାରଜ

କଟକ,୨୩।୫(ସମିସ): ବଢୁଥିବା ସଡ଼କ ଦୁର୍ଘଟଣାକୁ ରୋକିବା ପାଇଁ ସରକାରଙ୍କ ପକ୍ଷରୁ ନିଆଯାଉଥିବା ସୁରକ୍ଷାମୂଳକ ପଦକ୍ଷେପ ଏବଂ ତଥ୍ୟଭିତ୍ତିକ ନୀତିଗତ ନିଷ୍ପତ୍ତିରେ ଅଦାଲତ ସାଧାରଣତଃ ହସ୍ତକ୍ଷେପ କରିବା ଉଚିତ ନୁହେଁ। କୌଣସି ପରିସ୍ଥିତିରେ ବି ଜନସାଧାରଣଙ୍କ ସୁରକ୍ଷା ଓ ନିରାପତ୍ତା ସହିତ ବୁଝାମଣା କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଏହି ପରିପ୍ରେକ୍ଷୀରେ ସିଡିଏ ସେକ୍ଟର-୧୦ ଅଞ୍ଚଳରେ ଲଗାଯାଇଥିବା ଓଭରହେଡ୍ (ଉପରିସ୍ଥ) ବାରିକେଡକୁ ହଟାଇବା ପାଇଁ ଦାୟର ହୋଇଥିବା ଏକ ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଖଗେଶ୍ୱର ସେଠୀ ଓ ଅନ୍ୟମାନଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଦୁଇଜଣିଆ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ସୁରକ୍ଷା ବ୍ୟବସ୍ଥା ଆବାସିକ ଅଞ୍ଚଳରେ ଜନସାଧାରଣଙ୍କ ସୁରକ୍ଷା ଏବଂ ଦୁର୍ଘଟଣା ଏଡ଼ାଇବା ଉଦ୍ଦେଶ୍ୟରେ କରାଯାଇଛି ବୋଲି ଖଣ୍ଡପୀଠ କହିଛନ୍ତି।

ମାମଲାରୁ ପ୍ରକାଶ ଯେ ସିଡିଏ ଅଞ୍ଚଳର ବାସିନ୍ଦା ଏହି ଜନସ୍ୱାର୍ଥ ମାମଲା ଦାୟର କରିଥିଲେ। ଏହି ବାରିକେଡ୍ ଯୋଗୁଁ ରାସ୍ତାର ଓସାର କମିଯାଇଛି ଏବଂ ବସ୍ ତଥା ଆମ୍ବୁଲାନ୍ସ ଭଳି ଜରୁରିକାଳୀନ ଗାଡ଼ି ଚଳାଚଳରେ ବାଧା ସୃଷ୍ଟି ହେଉଛି ବୋଲି ଦର୍ଶାଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଅତିରିକ୍ତ ସରକାରୀ ଓକିଲ ଜଣାଇଥିଲେ ଯେ ଜରୁରିକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ ଚଳାଚଳ ଉପରେ କୌଣସି କଟକଣା ନାହିଁ। ଏହି ରୁଟ୍‌ରେ ସିଟି ବସ୍ ନିୟମିତ ଚାଲୁଛି ଏବଂ ସାଧାରଣ ପରିବହନ ବ୍ୟବସ୍ଥା ଏହାଦ୍ୱାରା ପ୍ରଭାବିତ ହୋଇନାହିଁ ବୋଲି କୁହାଯାଇଥିଲା। ଏହି ଓଭରହେଡ୍ ଏବଂ ମୋବାଇଲ୍ ବ୍ୟାରିକେଡ୍‌ଗୁଡ଼ିକ କୌଣସି ସ୍ଥାୟୀ ନିର୍ମାଣ ନୁହେଁ। ଦୁର୍ଘଟଣାର ଆଶଙ୍କା ହ୍ରାସ କରିବା ପାଇଁ ଏଭଳି ବାରିକେଡ୍ ଲଗାଯାଇଥାଏ। ଏହାଦ୍ୱାରା ଜରୁରିକାଳୀନ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଉ ନଥିବାରୁ ଏହି ଜନସ୍ୱାର୍ଥ ମାମଲାର କୌଣସି ଯଥାର୍ଥ ନାହିଁ ବୋଲି ଦର୍ଶାଇ ହାଇକୋର୍ଟ ଆବେଦନଟିକୁ ଖାରଜ କରିଦେଇଛନ୍ତି।

## ଜାତୀୟ ନିରାପତ୍ତା ଆଇନ୍‌ରେ ୨ ଅଟକ



କଟକ,୨୩।୫(ସମିସ): ଜାତୀୟ ନିରାପତ୍ତା ଆଇନ୍ ୧୯୮୦ର ଧାରା ୩ ଅନ୍ତର୍ଗତ ଉପଧାରା (୨) ଅନୁସାରେ ପ୍ରଦତ୍ତ କ୍ଷମତା ବ୍ୟବହାର କରି କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ୨ଜଣ ଅଭିଯୁକ୍ତଙ୍କୁ ଅଟକ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୁକ୍ତଦ୍ୱୟ ହେଲେ ବାପି ଓରଫ ଜ୍ୟୋତିସମ୍ରାଟ ପ୍ରହରାଜ (୩୦) ଏବଂ ଜେପି ଓରଫ୍ ଜ୍ୟୋତିପ୍ରକାଶ ପ୍ରହରାଜ (୩୫)। ଅଭିଯୁକ୍ତଦ୍ୱୟଙ୍କ ଘର ଭଦ୍ରେଶ୍ୱର ଥାନା ଅନ୍ତର୍ଗତ ଝାଡ଼େଶ୍ୱର ଗାଁରେ ବୋଲି ଜଣାପଡ଼ିଛି। ସର୍ବସାଧାରଣ ଶୃଙ୍ଖଳା ରକ୍ଷାରେ ବିଘ୍ନ ସୃଷ୍ଟି ହେବାର ଆଶଙ୍କା ଦୃଷ୍ଟିରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଏହାପୂର୍ବରୁ ଆରକ୍ଷୀ ଅଧିକ୍ଷକ, କଟକ ଅଭିଯୁକ୍ତ ବାପି ଓ ଜେପିଙ୍କୁ ଗତ ୧୯ତାରିଖରେ ଜାତୀୟ ନିରାପତା ଆଇନ୍ ଅନୁଯାୟୀ ପଦକ୍ଷେପ ନେବାକୁ ପ୍ରସ୍ତାବ ଦେଇଥିଲେ। ପରେ ରାଜ୍ୟ ସରକାରଙ୍କ ଘରୋଇ ବିଭାଗର ଆଦେଶ ଅନୁସାରେ ଜାତୀୟ ନିରାପତ୍ତା ଆଇନ୍ ଅଧୀନରେ ପୁନର୍ବାର ଅଟକ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଅନ୍ୟାଦେଶ ପର୍ଯ୍ୟନ୍ତ ତାଙ୍କୁ ଚୌଦ୍ୱାର ଜେଲ୍‌ରେ ଅଟକ ରଖାଯାଇଛି।

## ବିଧାୟିକା ସୋଫିଆ ଫିର୍‌ଦୋସଙ୍କ ଜନସମ୍ପର୍କ ପଦଯାତ୍ରା



କଟକ,୨୩।୫(ସମିସ): ମହାନଗର ନିଗମ ଅନ୍ତର୍ଗତ ୧୦ ନମ୍ବର ୱାର୍ଡରେ ବାକି ଥିବା ଜନ ସମ୍ପର୍କ ପଦଯାତ୍ରାକୁ ବିଧାୟିକା ସୋଫିଆ ଫିର୍‌ଦୋସ ଆଜି ଶେଷ କରିଛନ୍ତି। ରାମଗଡ଼ ଛକରୁ ଏହି ପଦଯାତ୍ରା ବାହାରି ମାନସିଂପାଟଣା ଦେଇ ମସ୍ତରାମ ନାଥ ଦେଇ ଶେଖ୍ ବଜାର ଦେଇ ଚଣ୍ଡୀ ଛକ ବାଟେ କେଉଁଝର କଲୋନୀ ଦେଇ କନିକା ଛକଠାରେ ସମାପ୍ତ ହୋଇଥିଲା। ଏହି ପଦଯାତ୍ରାରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ପୂଜା କମିଟିର ସଭାପତି ଓ ସମ୍ପାଦକମାନେ ବିଧାୟିକାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ପଦଯାତ୍ରା ସମୟରେ ବିଧାୟିକା ୱାର୍ଡବାସୀଙ୍କ ସହ ସେମାନଙ୍କର ବିଭିନ୍ନ ମୌଳିକ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଲଗାତାର ଡ୍ରେନ ସଫା ନହେବା, ବରିଷ୍ଠ ନାଗରିକଙ୍କର ଭତ୍ତା, ଆବାସ ଯୋଜନାରେ ଘର, ପାନୀୟଜଳ ଓ ବାରମ୍ବାର ବିଦ୍ୟୁତ୍ କାଟ ଭଳି ବିଭିନ୍ନ ସମସ୍ୟା ବିଷୟରେ କହିଥିଲେ। ତୁରନ୍ତ ଏଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଧାୟିକା କହିଛନ୍ତି। ବରିଷ୍ଠ ନେତ୍ରୀ ଗିରିବାଳା ବେହେରା ଏଥିରେ ସାମିଲ ହୋଇ ସ୍ଥାନୀୟ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ବିକ୍ରମ ସାମଲ, ନୂତନ ଦାସ, ଆସିଫ ଖାନ, ଅଫସନା ବେଗମ, ପୂର୍ଣ୍ଣିମା ବେହେରା, ରାଜଶ୍ରୀ ପାତ୍ର, ଅଙ୍ଗୁରୀ ବେଗମ, ସଞ୍ଜୟ ଦାସ, ଜଫର ବକ୍ସ, ବସନ୍ତ ନାୟକ, ଯୁଗଳ ସାମଲ ମଧ୍ୟରେ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ଅବସରରେ ପଦଯାତ୍ରା କମିଟିର ଅଧ୍ୟକ୍ଷ ବିରେନ୍ଦ୍ର ଦାସ, ସେକ ଲିଆକତ ଉଦ୍ଦୀନ ଅହମ୍ମଦ, ଚନ୍ଦନ ଦାସ, ମୀର ମୁଜାଫର ଅଲ୍ଲୀ, ସୁରଜିତ ଦାସ, ସନ୍ତୋଷ ପାତ୍ର, ସେକ ଆବିଦ, ସେକ ଇମତିୟାଜ, ଶୋନୁ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

## କ୍ରେଡିଟ୍ କାର୍ଡ ଆକ୍ଟିଭ କରାଇବା ଆଳରେ ଠକେଇ

କଟକ,୨୩।୫(ସମିସ): କ୍ରେଟିଡ କାର୍ଡକୁ ଆକ୍ଟିଭ କରିବା ପାଇଁ ଗୁଗଲରୁ ନମ୍ବର ଆଣି କଲ କରିବା ଜଣେ ବ୍ୟକ୍ତିଙ୍କୁ ମହଙ୍ଗା ପଡିଛି। ସାଇବର ଠକମାନେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ପ୍ରାୟ ୭୮ ହଜାର ଟଙ୍କା ଠକି ନେଇଛନ୍ତି। ଏନେଇ ବ୍ୟକ୍ତି ଜଣକ ମାଲଗୋଦାମ ଥାନାରେ ଏତଲା ଦେବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, ଗତ ସପ୍ତାହରେ ଗ୍ରାହକ ଜଣକ ଜାଣିବାକୁ ପାଇଲେକି, ତାଙ୍କ କାର୍ଡ ବ୍ଲକ ହୋଇଯାଇଛି। ଏହା ଜାଣି ସେ ବ୍ୟସ୍ତ ହୋଇଯାଇଥିଲେ। ତେଣୁ ତୁରନ୍ତ କିଭଳି ଉକ୍ତ କାର୍ଡକୁ ଅନବ୍ଲକ ବା ସଚଳ କରିବେ ସେନେଇ ଉଦ୍ୟମ କରିଥିଲେ। ପ୍ରଥମେ ସେ ଗୁଗଲରେ ଉକ୍ତ ବ୍ୟାଙ୍କର କଷ୍ଟମର କେୟାର ସର୍ଭିସ ନମ୍ବର ଖୋଜିଥିଲେ। ଏକ ନମ୍ବର ପାଇବା ପରେ ସେଥିରେ କଲ କରିବାରୁ ତାଙ୍କୁ ଅନଲାଇନରେ ଏକ ୱେବସାଇଟ ଖୋଲି ଏକାଧିକ ତଥ୍ୟ ଦେବାକୁ କୁହାଯାଇଥିଲା। ଏହାପରେ ଏକାଧିକ କାଗଜପତ୍ର ମଧ୍ୟ ପ୍ରଦାନ କରିବାକୁ କୁହାଯାଇଥିଲା। ଉକ୍ତ କଥାକୁ ମାନି ସେ ଗୋଟିଏ ପରେ ଗୋଟିଏ ତଥ୍ୟ ଦେଇଚାଲିଥିଲେ। ଏଭଳି କିଛି କରିବା ପରେ ହଠାତ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ପ୍ରାୟ ୭୮ ହଜାର ଟଙ୍କା କଟିଯାଇଥିବା ସେ ଜାଣିଥିଲେ। ତେଣୁ ଯେଉଁ ନମ୍ବର ସେ ଗୁଗଲରୁ ଆଣି ସେଥିରେ କଲ କରିଥିଲେ ତାହା ସାଇବର ଠକଙ୍କର ବୋଲି ଜାଣିପାରିଥିଲେ। ଠକେଇର ଶିକାର ହେବା ପରେ ସେ ତୁରନ୍ତ ନିଜ ଅଭିଯୋଗ ପୁଲିସକୁ ଜଣାଇଥିଲେ। କଟକ ସାଇବର ଥାନାରେ ମଧ୍ୟ ଏତଲା ଦାୟର କରିଥିଲେ। ସାଇବର ଥାନା ପୁଲିସ ଜିରୋ ଏଫଆଇଆର କରି ମାମଲାଟିକୁ ମାଲଗୋଦାମ ଥାନାକୁ ପଠାଇଛି। ସ୍ଥାନୀୟ ଥାନା ଏକାଧିକ ଧାରାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ଦୀପକ ଖଣ୍ଡାୟତରାୟ ସୂଚନା ଦେଇଛନ୍ତି।

## ଗୋରୁ ବୋଝେଇ ପିକଅପ୍ ଭ୍ୟାନ୍ ଜବତ

କଟକ,୨୩।୫(ସମିସ): ବେଆଇନ ଚାଲାଣ ବେଳେ ଏକ ଗୋରୁ ବୋଝେଇ ପିକଅପ ଗାଡିକୁ ଲାଲବାଗ ଥାନା ପୁଲିସ ଜବତ କରିଛି। ଗାଡିରୁ ୫ ଗୋରୁ ଉଦ୍ଧାର କରାଯାଇଛି। ଶୁକ୍ରବାର ବିଳମ୍ବିତ ରାତିରେ ଲାଲବାଗ ଥାନା ପକ୍ଷରୁ ବ୍ଲକିଂ କରି ଯାନବାହନ ଯାଞ୍ଚ କରାଯାଉଥିଲା। ଏତିକି ବେଳେ ଏକ ପିକଅପ ଭ୍ୟାନ ହାଇକୋର୍ଟ ଗଡାରୁ ଦେୱାନବଜାର ଆଡକୁ ଦ୍ରୁତଗତିରେ ଯାଉଥିଲା। ତେବେ ହାଇକୋର୍ଟ ଛକ ନିକଟରେ ପଲିସକୁ ଦେଖି ଚାଳକ ଜଣକ ଭୟଭୀତ ହୋଇ ସେଠାରେ ଗାଡି ଛାଡି ଚମ୍ପଟ ମାରିଥିଲା। ସନ୍ଦେହ କରି ପୁଲିସ ଗାଡିର ଯାଞ୍ଚ କରିବାରୁ ସେଥିରେ ୫ ଗୋରୁଙ୍କୁ ବନ୍ଧା ଯାଇଥିବା ଦେଖିବାକୁ ମିଳିଥିଲା। ଏହାପରେ ଉକ୍ତ ଗାଡିକୁ ଜବତ କରାଯିବା ସହିତ ଗୋରୁଙ୍କୁ ଉଦ୍ଧାର କରି ଚୌଦ୍ୱାରସ୍ଥିତ ଏକ ଗୋଶାଳାରେ ଛଡାଯାଇଥିବା ଥାନାଧିକାରୀ ସତ୍ୟବ୍ରତ ଭୂତିଆ ସୂଚନା ଦେଇଛନ୍ତି।

## ନଦୀପଠାରୁ ୩୩ରୁ ଊର୍ଦ୍ଧ୍ୱ ଗୋରୁଗାଈ ଉଦ୍ଧାର

ସାଲେପୁର,୨୩।୫(ସମିସ): ନଦୀ ପଠାରେ ପ୍ରଚଣ୍ଡ ଖରାରେ ନିର୍ମମ ଭାବେ ବନ୍ଧା ଯାଇଥିବା ୩୩ରୁ ଉଦ୍ଧ୍ୱର୍ ଗୋରୁଗାଈକୁ ସାଲେପୁର ପୁଲିସ ଉଦ୍ଧାର କରି ଜଗତପୁରସ୍ଥିତ ଗୋଶାଳାରେ ଛାଡିଥିବା ଘଟଣା ଏହି ଅଞ୍ଚଳରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି। ସାଲେପୁର ଥାନା ଅନ୍ତର୍ଗତ ମହାସିଂହପୁର ଗ୍ରାମ ନିକଟରେ ଶୁକନଦୀ ପଠାରେ ୩୩ରୁ ଊର୍ଦ୍ଧ୍ୱ ଗାଈ ପ୍ରଚଣ୍ଡ ଖରାରେ ବନ୍ଧା ଯାଇଥିବାର ସ୍ଥାନୀୟ ଲୋକ ଦେଖି ସାଲେପୁର ପୁଲିସକୁ ଖବର ଦେଇଥିଲେ। ସାଲେପୁର ଆଇଆଇସି ମହେଶ୍ୱର ବେହେରାଙ୍କ ତତ୍ତ୍ୱାବଧାନରେ ଏକ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କଲାପରେ ନଦୀପଠାରେ ସନ୍ଦେହଜନକ ଅବସ୍ଥାରେ ବନ୍ଧାଯାଇଥିବା ଏହି ଗୋରୁଗାଈ କାହାର ବୋଲି ତଦନ୍ତ କରିଥିଲେ ମଧ୍ୟ କେହି ସାମ୍‌ନାକୁ ନ ଆସିବାରୁ ଶେଷରେ ପୁଲିସ ଏହି ୩୩ଟି ଗୋରୁଗାଈଙ୍କୁ ଉଦ୍ଧାର କରି ଏକାଧିକ ଗାଡ଼ିରେ ଜଗତପୁରସ୍ଥିତ ଗୋଶାଳାକୁ ସ୍ଥାନାନ୍ତରିତ କରିଥିଲେ। ପ୍ରଚଣ୍ଡ ଖରାରେ ଏହି ଗୋରୁଗାଈ କିଏ ଆଣି କେଉଁ ପରିସ୍ଥିତିରେ ଅମାନୁଷିକ ଭାବେ ବାନ୍ଧିଲା ତାହାର ତଦନ୍ତ ପୁଲିସ ଆରମ୍ଭ କରିଛି।



## କାନପୁର ଅଞ୍ଚଳରୁ ପୁଣି ୧୨ ଗୋରୁ ଉଦ୍ଧାର; ଦୁଇ ଗିରଫ

ନରସିଂହପୁର,୨୩।୫(ସମିସ): ନରସିଂହପୁର ବ୍ଲକ କାନପୁର ଥାନା ଅନ୍ତର୍ଗତ ଗଣଗଣା ଗ୍ରାମ ନିକଟସ୍ଥ ଜଙ୍ଗଲରୁ ଏକ ଗୋରୁ ବୋଝେଇ ଟାଟା ଏସି ଭ୍ୟାନ (ଓଡି୦୫ଏଏଚ ୫୧୪୯)କୁ କାନପୁର ପୁଲିସ ଜବତ କରିବା ସହିତ ଦୁଇଜଣଙ୍କୁ ଗିରଫ କରି ୧୨ଟି ଗୋରୁ ଉଦ୍ଧାର କରିଛି। ବେଆଇନ ଭାବରେ ଗୋରୁ ଠୁଳ କରି କଲିକତାକୁ ଚାଲାଣ କରୁଥିବା ଅଭିଯୋଗରେ କାନପୁର ଥାନା ଅଧିକାରୀଙ୍କ ନେତୃତ୍ୱରେ ଏସଆଇ ହରିବଲ୍ଲବ ମିଶ୍ର, ଏଏସଆଇ ଶିବକୁମାର ବେହେରା ଏକ ଟିମ୍ ଉକ୍ତ ଜଙ୍ଗଲରେ ଚଢ଼ଉ କରିଥିଲେ। ଏହି ଘଟଣାରେ ପୁଲିସ ପାଇକବାରବାଟୀ ଗ୍ରାମର ନରେଶ କୁମାର ପାତ୍ର ଓ ନରସିଂହପୁର ନୂଆପାଟଣା ଗ୍ରାମର ରମେଶ କୁମାର ଲେଙ୍କାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।



## ବେଆଇନ ଗୋରୁ ଚାଲାଣ: ଗାଡ଼ି ସହ ୬ ଗୋରୁ ଜବତ; ୬ ଗିରଫ

ଆଠଗଡ଼, ୨୩।୫ (ସମିସ): ଆଠଗଡ଼ ଥାନା ଅନ୍ତର୍ଗତ ବୀରକିଶୋରପୁର ଛକ ନିକଟରେ ପୁଲିସ ବ୍ଲକିଂ ଚାଲିଥିବା ବେଳେ ଢେଙ୍କାନାଳ ପଟୁ ଏକ ଗୋରୁ ବୋଝେଇ ପିକଅପ୍ ଭ୍ୟାନ୍ ଏବଂ ତାକୁ ଏସକର୍ଟ କରୁଥିବା ଏକ ନାଲି ରଙ୍ଗର କାରକୁ ପୁଲିସ ଅଟକାଇବାକୁ ଚେଷ୍ଟା କରିଥିଲା। ମାତ୍ର ଅଭିଯୁକ୍ତମାନେ ପୁଲିସ କର୍ମଚାରୀଙ୍କ ପାଖରୁ ଚାଲାକ କରି ସେଠାରୁ ଫେରାର ହୋଇଯାଇଥିଲେ। ପୁଲିସ ଦଳ ଅତି ସାହସିକତାର ସହ ପ୍ରାୟ ୩ କିଲୋମିଟର ପର୍ଯ୍ୟନ୍ତ ଗାଡ଼ିଗୁଡ଼ିକୁ ଗୋଡ଼ାଇ ଦର୍ଶନପୁର ନିକଟରେ କାବୁ କରି ଗୋ ବ୍ୟବସାୟରେ ସମ୍ପୃକ୍ତ ସାହିଲ ଆଲ୍ଲୀ, ଜମିର ଉଦ୍ଦିନ ଖାନ୍, ସ୍କ ସାବିର, ଓମ୍ ମହାରଣା, ଗୋବିନ୍ଦ ଦେହୁରୀ ଓ ପ୍ରଭାକର ନାଥଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ନିଜର ବେଆଇନ ଗୋରୁ ଚାଲାଣ ଓ କସେଇଖାନା ବ୍ୟବସାୟ କଥା ସ୍ୱୀକାର କରିଛନ୍ତି। ଆଠଗଡ ଥାନା ପକ୍ଷରୁ ଗୋରୁ ବୋଝେଇ ପିକଅପ୍ ଭ୍ୟାନ୍ ଓଆର୦୨ଏଜି ୬୪୬ ସହିତ ଗୋଟିଏ ହ୍ୟୁଣ୍ଡାଇ ଭେନ୍ୟୁ କାର୍ ନଂ ଓଡି ୧୦ ଏସ ୫୩୪୯, ୫ ଗାଈ, ୧ ବଳଦକୁ ଜବତ କରାଯାଇଛି। ଗୋରୁଗୁଡ଼ିକୁ ଚୌଦ୍ୱାର ନନ୍ଦଗାଁ ବୃଦ୍ଧ ଗୋ-ସେବା ଆଶ୍ରମର ଜିମା ଦିଆଯାଇଛି। ଆଠଗଡ ଥାନା ପକ୍ଷରୁ କେସ୍ ନଂ ୨୨୪ରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରଖିଛି।

## ପୂଜା କମିଟି ସହସମ୍ପାଦକଙ୍କ ପରଲୋକ

କଟକ,୨୩।୫(ସମିସ): ଖାନନଗର ଖପୁରିଆ ଶିଳ୍ପାଞ୍ଚଳ ପୂଜା କମିଟିରେ ସହସମ୍ପାଦକ ଭବରଞ୍ଜନ ସାହୁ (୫୨)ଙ୍କ ଶନିବାର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ଅନ୍ତିମ ଶଯ୍ୟା ନିକଟରେ ପତ୍ନୀ ଅନିତା ସାହୁ, ପୁଅ ଶୁଭମ ସାହୁ, ସ୍ମୃତିରେଖା ସାହୁ, ପୁତୁରା ପ୍ରୀତମ ସାହୁ ଓ ପୁତୁରା ବୋହୂ ପାୟଲ ସାହୁଙ୍କ ସମେତ ବହୁ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସେ ମାଲଗୋଦାମ ଚାମ୍ବର ଅଫ କମର୍ସର ସଦସ୍ୟ ସହ ଶ୍ରୀଶ୍ରୀ ଗୋପାଳଜୀଉ (କୁବେର ସମାଜ) ମନ୍ଦିର ସଦସ୍ୟ ଓ ଖାନନଗର ମଣିମନ୍ଦିର ପରିଚାଳନା କମିଟିର କୋଷାଧ୍ୟକ୍ଷ ଥିଲେ। ତାଙ୍କ ପରଲୋକରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ପୁରୀ ସ୍ୱର୍ଗଦ୍ୱାର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁଅ ଶୁଭମ ମୁଖାଗ୍ନି ଦେଇଥିଲେ।



## ଅଘୋଷିତ ବିଦ୍ୟୁତ୍ କାଟ୍; ଟିପିସିଓଡିଏଲ୍ କାର୍ଯ୍ୟାଳୟରେ ଭଙ୍ଗାରୁଜା

ସାଲେପୁର,୨୩।୫(ସମିସ): ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁଁ ବିଦ୍ୟୁତ୍ ଗ୍ରାହକଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇବା ସହ ଗତକାଲି ବିଳମ୍ବିତ ରାତ୍ରିରେ ବହୁ ବିଦ୍ୟୁତ୍ ଗ୍ରାହକ ଜପକୁଦ ଟିପିସିଓଡିଏଲ୍ କାର୍ଯ୍ୟାଳୟକୁ ଇଟାପଥର ମାଡ଼ କରିବା ସହ ଭଙ୍ଗାରୁଜା କରିଥିବା ଜଣାଯାଇଛି। ଏବେ ସମଗ୍ର ରାଜ୍ୟରେ ରୌଦ୍ରତାପ ପାଇଁ ବିଦ୍ୟୁତ୍ କାଟ କରାଯିବ ନାହିଁ ବୋଲି ବିଭାଗୀୟ ମନ୍ତ୍ରୀ ବାରମ୍ବାର ଗଣମାଧ୍ୟମରେ ପ୍ରକାଶ କରୁଥିଲାବେଳେ ସାଲେପୁରରେ ଥିବା ଟିପିସିଓଡିଏଲ୍ କର୍ମଚାରୀଙ୍କ ବେପରୁଆ ମନୋଭାବ ଓ ଖାମଖିଆଲି ନୀତି ଯୋଗୁ ବାରମ୍ବାର ଏହି ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁଁ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗତକାଲି ସାଲେପୁର ବିଦ୍ୟୁତ୍ ଡିଭିଜନ୍ ଅନ୍ତର୍ଗତ ଜପକୁଦ ସେକ୍ସନରେ ପ୍ରବଳ ଗୁଳୁଗୁଳି ସାଙ୍ଗକୁ ଏକାଧିକବାର ବିଦ୍ୟୁତ୍ କାଟ କରାଯିବାରୁ ଏହି ଅଞ୍ଚଳର ବିଦ୍ୟୁତ୍ ଗ୍ରାହକ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଗତକାଲି ବିଳମ୍ବିତ ରାତ୍ରିରେ ଜପକୁଦ ଅଞ୍ଚଳରେ ବିଦ୍ୟୁତ୍ କାଟ କରାଯାଇଥିବାବେଳେ ସେକ୍ସନ କାର୍ଯ୍ୟାଳୟରେ ବିଦ୍ୟୁତ୍ ଥିବା ଦେଖିଲାପରେ ସେଠାରେ କାର୍ଯ୍ୟରତ କର୍ମଚାରୀଙ୍କୁ ଏକତ୍ରିତ ହୋଇଥିବା ଲୋକମାନେ ସେକ୍ସନ କାର୍ଯ୍ୟାଳୟରେ ବିଦ୍ୟୁତ୍ ଥାଇ ମଧ୍ୟ ଗ୍ରାମାଞ୍ଚଳରେ ବିଦ୍ୟୁତ୍ କାଟ କାହିଁକି କରାଯାଇଛି ବୋଲି ପଚାରିବାରୁ ସେ ଉପଯୁକ୍ତ ଉତ୍ତର ଦେଇପାରି ନଥିଲେ। ଏହାନେଇ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ଉତ୍ୟକ୍ତ ଲୋକମାନେ ଡିଭିଜନ୍ କାର୍ଯ୍ୟାଳୟରେ ପଶି ଭଙ୍ଗାରୁଜା କରିବା ସହ ଢେଲାପଥର ମାଡ଼ କରିଥିଲେ। ଏହି ଘଟଣା ଦୀର୍ଘ ସମୟ ଧରି ଚାଲିଥିଲା। ଖବର ପାଇ ଜପକୁଦ ଫାଣ୍ଡି ଓ ସାଲେପୁର ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଉତ୍ୟକ୍ତ ଜନସାଧାରଣଙ୍କୁ ବୁଝାସୁଝା କରିବାପରେ ପରିସ୍ଥିତି ଶାନ୍ତ ପଡିଥିଲା।



# ସିରିଜ୍ ଦୁର୍ଘଟଣା; ୮ ଗୁରୁତର

**ସାଲେପୁର,୨୩।୫(ସମିସ):** କଟକ-ଚାନ୍ଦବାଲି ରାସ୍ତାର ପାଗା ବଜାର ନିକଟରେ ଏକ ସିରିଜ୍ ଦୁର୍ଘଟଣା ଘଟି ଏକ ଏସୟୁଭି କାର ସହିତ ଦୁଇଟି ଅଟୋ ଓ ଗୋଟିଏ ବାଇକ ଚୁରମାର୍ ହୋଇଯାଇଛି। ଏହି ଦୁର୍ଘଟଣାରେ ମୋଟ ୮ ଜଣ ଗୁରୁତର ଆହତ ହୋଇ ବିଭିନ୍ନ ମେଡିକାଲ ଚିକିତ୍ସିତ ହୋଇଥିବା ଜଣାଯାଇଛି। ପାଗା ଫାଣ୍ଡି ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିଗୁଡ଼ିକୁ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି। ଘଟଣାରୁ ପ୍ରକାଶ ଯେ ଆଜି ଦିନ ପ୍ରାୟ ୪ଟା ସମୟରେ କଟକରୁ କେନ୍ଦ୍ରାପଡ଼ା ଅଭିମୁଖେ ଆସୁଥିବା ଏସୟୁଭି କାର(ଓଡି୦୨ଡି ୬୩୦୯) ଟି ଦୁଇଟି ଅଟୋ ଓ ଏକ ବାଇକ ସହିତ ମୁହାମୁହିଁ ଧକ୍କା ହୋଇଥିଲା। ଫଳରେ ଏହି ଗାଡିଗୁଡିକରେ ବସିଥିବା ୮ ଜଣ ଯାତ୍ରୀ ଗୁରୁତର ଆହତ ହୋଇଥିଲେ। ଖବର ପାଇ ପାଗା ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ବିଭିନ୍ନ ମେଡିକାଲକୁ ପଠାଇଥିବା ଜଣାପଡିଛି।



# ସେଣ୍ଟ ଜାଭିୟର ହାଇସ୍କୁଲକୁ ଅନୁବନ୍ଧିତ ସ୍ୱୀକୃତି

**ନିଶ୍ଚିନ୍ତକୋଇଲି,୨୩।୫(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ କଟରପଡାଠାରେ ଥିବା ସେଣ୍ଟ ଜାଭିୟର ହାଇସ୍କୁଲକୁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ସ୍ଥାୟୀ ଅନୁବନ୍ଧିତ ସ୍ୱୀକୃତି ମିଳିଛି। ଏହି ବିଦ୍ୟାଳୟଟି ସିବିଏସ୍ଇ ଆଫିଲେସନରେ ପଞ୍ଜିକୃତ ହୋଇଥିବା ଜଣାଯାଇଛି। ଉକ୍ତ ବିଦ୍ୟାଳୟଟି ୨୦୦୯ ମସିହାରେ ଖୋଲିଥିଲା ବେଳେ ବର୍ତ୍ତମାନ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ଦିଆଯାଉଛି। ଏହି ବିଦ୍ୟାଳୟରେ ୧ ହଜାର ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଚଳିତ ବର୍ଷ ସିବିଏସ୍ଇ ମାଟ୍ରିକ ଫଳାଫଳ ମଧ୍ୟ ସନ୍ତୋଷଜନକ ହୋଇଥିଲା। ଏଠାରେ ୨୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଶିକ୍ଷା ପ୍ରଦାନ କରୁଛନ୍ତି। ଆସନ୍ତା ୨୦୨୭-୨୮ ଶିକ୍ଷା ବର୍ଷରେ ଏହି ବିଦ୍ୟାଳୟରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ଖୋଲାଯିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ସ୍କୁଲର ସଂପାଦକ ତଥା ମ୍ୟାନେଜର ସ୍ମୃତିରଂଜନ ରାଉତରାୟ ସୂଚନା ଦେଇଛନ୍ତି।

# ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଦ୍ୟାଳୟର ଆଧ୍ୟାତ୍ମିକ ଚିନ୍ତନ



**ବଡମ୍ବା, ୨୩।୫(ସମିସ):** ବଡମ୍ବା ବ୍ଲକ ଅନ୍ତର୍ଗତ ଇଛାପୁର ଗ୍ରାମର ମହାନ୍ତିସାହିରେ ବଡମ୍ବା ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ତରଫରୁ ଆତ୍ମା-ପରମାତ୍ମା ସମ୍ବନ୍ଧୀୟ ଆଧ୍ୟାତ୍ମିକ ଚିନ୍ତନର କାର୍ଯ୍ୟକ୍ରମ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ମୁଖ୍ୟ ବ୍ରହ୍ମାକୁମାରୀ ରତ୍ନା ଭଉଣୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାଣଯୋଗ ପ୍ରତିଷ୍ଠାନର କାର୍ଯ୍ୟକାରୀ ଅଧ୍ୟକ୍ଷା ବେଦ ଆଚାର୍ଯ୍ୟା ପ୍ରବୀଣା ମହାନ୍ତି, ଗ୍ରାମପଞ୍ଚାୟତ ଶାନ୍ତି କମିଟିର ସଭାପତି ହରିହର ମହାନ୍ତି, ପ୍ରାଣଯୋଗ ପ୍ରତିଷ୍ଠାନର ଅଧ୍ୟକ୍ଷ ବିଜ୍ଞାନ କବି ଚନ୍ଦ୍ରଶେଖର ମହାନ୍ତି ତଥା ଗ୍ରାମର ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ବ୍ରହ୍ମକୁମାର ଇଞ୍ଜିନିଅର ଅତୁଲ ଭାଇ ଆତ୍ମା ପରମାତ୍ମା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଶିକ୍ଷକ ବ୍ରହ୍ମକୁମାର ପ୍ରବୋଧ ଭାଇ ପ୍ରୋଜେକ୍ଟର ମାଧ୍ୟମରେ ସୃଷ୍ଟି ଚକ୍ର ଉପରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ।

# ମଙ୍ଗଳାଙ୍କ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ



**ଟାଙ୍ଗୀ, ୨୩।୫(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ କନ୍ହେଇପୁର ଗ୍ରାମସ୍ଥ ମା' ମଙ୍ଗଳାଙ୍କ ପ୍ରଥମ ବାର୍ଷିକ ଉତ୍ସବ ଓ ତିନିଦିନିଆ ବିଶ୍ୱଶାନ୍ତି ମହାଯଜ୍ଞର କଳସଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଦିବସରେ କଳସଯାତ୍ରା ସହ ଘଟସ୍ଥାପନ, ମଣ୍ଡଳ ପୂଜନ, ଦେବତା ସ୍ନାନ, ମନ୍ଦିର ସ୍ନାନ, ଅଗ୍ନି ସ୍ଥାପନ ଓ ଯଜ୍ଞହୁତି ଅନୁଷ୍ଠିତ ହୋଇଥିଲା। ଉକ୍ତ ଦିବସରେ ଅତିଥିଭାବେ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରାଙ୍କ ସମେତ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ଆଶୀର୍ବାଦ ନେଇଥିଲେ। ସୋମବାର ପୂର୍ଣ୍ଣାହୁତି ହେବାକୁ ଥିବା ବେଳେ କାର୍ଯ୍ୟକ୍ରମରେ ଗ୍ରାମର ସମସ୍ତ ଗ୍ରାମବାସୀ ସହଯୋଗ କରିଛନ୍ତି।

## ପ୍ରଶ୍ନବାଚୀରେ ଗ୍ରାମ୍ୟ ଉନ୍ନୟନ ବିଭାଗ

# ୨ ବର୍ଷରୁ ସରିଲାଣି ସେତୁ ନିର୍ମାଣ ଅବଧି; ଠିକାଦାରଙ୍କ ମନମର୍ଜି

**ଭଦ୍ରେଶ୍ୱର,୨୩।୫(ସମିସ):** ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗର ପାରିବାପଣିଆ ପୁଣିଥରେ ପଦାରେ ପଡିଛି। ଠିକାଦାରଙ୍କ ମର୍ଜିରେ ମନ୍ଥର ଗତିରେ ସେତୁ ନିର୍ମାଣ ଚାଲିଥିବାର ଅଭିଯୋଗ ହୋଇଛି। ନିର୍ଦ୍ଧାରିତ ଅବଧିର ୨ ବର୍ଷ ଶେଷ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସେତୁ ନିର୍ମାଣ ପୂର୍ଣ୍ଣାଙ୍ଗ ହୋଇପାରିନାହିଁ। ତୁରନ୍ତ ସେତୁ ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ କରା ନଗଲେ ମାହାଙ୍ଗା ନିର୍ବାଚନମଣ୍ଡଳୀ ବିଜେଡି ତରଫରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଛି ଖଦୋଲଠାରୁ ସୁକରପଡ଼ା ଗ୍ରାମ୍ୟ ଉନ୍ନୟନ ରାସ୍ତା। ଏହି ରାସ୍ତାକୁ ସଂଯୋଗ କରିବା ନିମନ୍ତେ ଭଦ୍ରେଶ୍ୱର ପଞ୍ଚାୟତ ଝାଡେଶ୍ୱରପୁର ଚିଙ୍ଗୁଡିଆମୁହାଁଠାରେ ୧୬ ନମ୍ବର ଡ୍ରେନେଜକଟ ଉପରେ ଏକ ସେତୁ ନିର୍ମାଣ ନିମନ୍ତେ ତତ୍କାଳୀନ ନବୀନ ପଟ୍ଟନାୟକଙ୍କ ସରକାର ୨କୋଟି ୫୫ଲକ୍ଷ ୫୧ହଜାର ଟଙ୍କାର ଅନୁଦାନ ଯୋଗାଯାଇଥିଲଣ। ପ୍ରାକ୍ତନ ମନ୍ତ୍ରୀ ତଥା ମାହାଙ୍ଗା ପ୍ରାକ୍ତନ ବିଧାୟକ ପ୍ରତାପ ଜେନା ଗତ ୨୦୨୪ ଜାନୁଆରୀ ୬ ତାରିଖ ଏହି ସେତୁର ଶିଳାନ୍ୟାସ କରିଥିଲେ। ୨ କୋଟି ବ୍ୟୟ ବରାଦରୁ ଅଧିକ ଅଟକଳରେ ନିର୍ମାଣାଧୀନ ଏହି ସେତୁକୁ ଦୀର୍ଘ ୨ ବର୍ଷରୁ ଅଧିକ ସମୟ ବିତି ଯାଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ସରିବାର ନାଁ ନେଉନି। ଅପରପକ୍ଷେ ନିର୍ମାଣାଧୀନ ସେତୁ ନିକଟରେ ଉପଯୁକ୍ତ ସୂଚନା ଫଳକ ନଥିବା ଜଣାପଡ଼ିଛି। ଗତବର୍ଷ ବର୍ଷା ଜଳରେ ଧୋଇଯିବାରୁ ସେତୁ ନିକଟରେ ବିଭାଗ ପକ୍ଷରୁ ଏକ ପଟାପୋଲ ନିର୍ମାଣ କରାଯାଇଥିଲା। ନିର୍ମାଣାଧୀନ ପଟାପୋଲଟି କେବଳ ପାଦଚଲା ଓ ସାଇକଲ ଯାତାୟତ ପାଇଁ ଉଦ୍ଦିଷ୍ଟ ହୋଇଥିବା ବେଳେ ବାଇକ କିମ୍ବା ୪ଚକିଆ ଯାନ






### ବିଜେଡି କରିବ ଆନ୍ଦୋଳନ

ଏହି ପୋଲରେ ଯାତାୟାତ କରୁପାରୁ ନଥିବା ଅଭିଯୋଗ ହୋଇଛି। ଏହି ସେତୁଟି ଦୁଇଟି ବ୍ଲକ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲିକୁ ସଂଯୋଗ କରୁଥିବା ବେଳେ ଏହି ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଘଟଣାକୁ ନେଇ ସ୍ଥାନୀୟ ବିଧାୟକଙ୍କଠାରୁ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ତୁରନ୍ତ ଲୋକମାନଙ୍କ ଗମନାଗମନ ପାଇଁ ଏହି ରାସ୍ତାକୁ ସଂଯୋଗୀକରଣ ବ୍ୟବସ୍ଥା କରିବାକୁ ସ୍ଥାନୀୟ ଅଞ୍ଚଳରେ ଦାବି ହୋଇଛି; ନଚେତ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥ ଅବଲମ୍ବନ କରାଯିବ ବୋଲି ବ୍ଲକ ବିଜେଡି ସଭାପତି ଜ୍ୟୋତିପ୍ରକାଶ ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ଜୟଦେବ ରାଉତ ପ୍ରମୁଖ ଚରମ ଚେତାବନୀ ଦେଇଛନ୍ତି। ଅପରପକ୍ଷରେ ଠିକାଦାର ମନମୁଖୀ ଭାବେ ନିଜ ମର୍ଜିରେ ଏହି କାର୍ଯ୍ୟ କରୁଥିଲା ବେଳେ କନିଷ୍ଠ ଯନ୍ତ୍ରୀଙ୍କ ପାରିବାପଣିଆକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେନ୍ଦ୍ର ଓ ରାଜ୍ୟସରକାର ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାକୁ କ୍ରିୟାଶୀଳ କରିବା ପାଇଁ ଘନ ଘନ ସମୀକ୍ଷା କରୁଛନ୍ତି। ସମାନକ୍ରମରେ ମାହାଙ୍ଗା ବିଧାୟକ ମଧ୍ୟ ଉନ୍ନୟନ କାର୍ଯ୍ୟକୁ କ୍ରିୟାଶୀଳ କରିବା ପାଇଁ ବିଭିନ୍ନ ବିଭାଗ ସହ ସମୀକ୍ଷା ମଧ୍ୟ କରୁଥିବା ଦେଖିବାକୁ ମିଳୁଛି। ତେବେ, କଟକ ଜିଲ୍ଲା ମାହାଙ୍ଗାରେ କିଭଳି ବିକାଶ ହୋଇଛି ତାହାର ନଗ୍ନ ନମୁନା ଦେଖିବାକୁ ମିଳିଛି। ବିଧାୟକଙ୍କ ଠାରୁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଯେତେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ।

# ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ଜିଲ୍ଲା ସମ୍ମିଳନୀ

**ସାଲେପୁର,୨୩।୫(ସମିସ):** ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ୪ର୍ଥ ଜିଲ୍ଲା ସମ୍ମିଳନୀ ବଟେଶ୍ୱର୍ ମା' ଜାଗୁଲେଇ ପୀଠରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ରାଜ୍ୟ ସମ୍ପାଦକ ବ୍ରଜବନ୍ଧୁ ପ୍ରଧାନ ଏହାକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ସିପିଆଇ ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ଅମରେନ୍ଦ୍ର ମହାନ୍ତି, ସମ୍ମାନିତ ଅତିଥି ଭାବେ ଉଦୟ କେଶରୀ ବର୍ମା, ଅରୁଣ ପରିଡ଼ା, ରଞ୍ଜନ ଓଝା, ସନାତନ ମଲ୍ଲିକ, କେଦାରନାଥ ମଲ୍ଲିକ୍, ସୌମ୍ୟରଞ୍ଜନ ମହାନ୍ତି, ହିମାଂଶୁ ଭୂୟାଁ ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ବିନୋଦ ବେହେରା ବିବରଣୀ ପ୍ରଦାନ କରିଥିଲେ। ସର୍ବସମ୍ମତିକ୍ରମେ ଆଗାମୀ ୩ ବର୍ଷ ପାଇଁ ନିର୍ବାଚନ ହୋଇଥିଲା। ଉପଦେଷ୍ଟା ଭାବେ ଅମରେନ୍ଦ୍ର ମହାନ୍ତି, ଉଦୟ କେଶରୀ ବର୍ମା, ସଭାପତି ଗୋବିନ୍ଦ ନାୟକ, ଉପସଭାପତି ବିନୋଦ ବେହେରା, ଯୁଗଳ କେଶରୀ ଦୀକ୍ଷିତ, ସମ୍ପାଦକ ଭଗବତ ମହାରଣା, ସହସମ୍ପାଦକ ଭବାନୀ ଶଙ୍କର କାଣ୍ଡି, କୋଷାଧ୍ୟକ୍ଷ ଭାବେ ପୂର୍ଣ୍ଣିମା ମହାନ୍ତି ପ୍ରମୁଖ ନିର୍ବାଚିତ ହୋଇଥିଲେ। ୮ ଦଫା ଦାବିରେ ଜିଲ୍ଲାପାଳ ଓ ଜିଲ୍ଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଶ୍ରମିକ କରୁଣାକର ଦୀକ୍ଷିତ, ରବୀନ୍ଦ୍ର ଦାସ, ବୟନ କଣ୍ଡି, ପ୍ରଶାନ୍ତ କାଣ୍ଡି, କାଳନ୍ଦି କାଣ୍ଡି, ସହଦେବ ତରାଇ, ବିଜୟ କାଣ୍ଡି, ମାନସ କାଣ୍ଡି, ପ୍ରମୋଦ ଜେନା, ଚିନ୍ମୟୀ ସାହୁ ଓ ବସୁ ମହାରଣାଙ୍କୁ ସମ୍ମାନିତ କରାଯାଇଥିଲା।




# ବୁଥ୍ ଅଧିକାରୀଙ୍କୁ ସ୍ୱତନ୍ତ୍ର ସଂଘନ ସଂଶୋଧନ ତାଲିମ

**ତିଗିରିଆ,୨୩।୫(ସମିସ):** ଆଠଗଡ-ତିଗିରିଆ ନିର୍ବାଚନମଣ୍ଡଳୀ ନିର୍ବାଚନ ପଞ୍ଜିକୃତ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଆଠଗଡ ତିଗିରିଆ କାର୍ଯ୍ୟରତ ୨୫୫ ଓ ନିଯୁକ୍ତ ହେବାକୁ ଥିବା ୬୩ଜଣ ବୁଥସ୍ତରୀୟ ଅଧିକାରୀଙ୍କ ସମେତ ୨୬ ବୁଥସ୍ତରୀୟ ପର୍ଯ୍ୟବେକ୍ଷକଙ୍କ ତାଲିମ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ତିଗିରିଆ ବ୍ଲକ ଅଧିନ ପବିତ୍ର ମୋହନ ବିଦ୍ୟାପୀଠରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଂଗ୍ରାମ କେଶରୀ ଭୋଳ ଓ ତହସିଲଦାର ଧର୍ମରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତା ତଥା ପର୍ଯ୍ୟବେକ୍ଷକ ଚନ୍ଦ୍ରକାନ୍ତ ମଣି ମିଶ୍ରଙ୍କ ସଂଯୋଜନା ଓ ବିଶ୍ୱରଞ୍ଜନ ଜେନାଙ୍କ ସହଯୋଗରେ ବ୍ଲକର ମୋଟ ୭୨ଟି ବୁଥର ଅଧିକାରୀ ଏବଂ ୧୪ ଜଣ ସହଯୋଗୀ ବୁଥ ଅଧିକାରୀଙ୍କ ସହିତ ୭ ଜଣ ପର୍ଯ୍ୟବେକ୍ଷକଙ୍କୁ ଗତ ଦୁଇ ଦିନ ଧରି ତାଲିମ ପ୍ରଦାନ କରାଯାଇଛି। ତାଲିମପ୍ରାପ୍ତ ଅଧିକାରୀମାନେ ଆସନ୍ତା ୩୦ ତାରିଖରୁ ନିଜ ନିଜ ବୁଥରେ ଘର ଘର ବୁଲି ପରିଗଣନା ଫର୍ମ ମାନ ପୂରଣ କରି ଆଣିବେ ବୋଲି ବିଡିଓ ଶ୍ରୀ ଭୋଳ ସୂଚନା ଦେଇଛନ୍ତି।

# ନୂତନ ଟ୍ରାନ୍ସଫର୍ମର ସ୍ଥାପନ ଦାବି



**ତିଗିରିଆ,୨୩।୫ (ସମିସ):** ତିଗିରିଆ ବ୍ଲକ ହସ୍ତତନ୍ତ ଗ୍ରାମ ନୂଆପାଟଣା ପଞ୍ଚାୟତ ଗ୍ରୀଡ଼ ସାହିର ବାସିନ୍ଦା ଦୀର୍ଘଦିନ ଧରି ଲୋ ଭୋଲ୍ଟେଜ ସମସ୍ୟା ଭୋଗ କରୁଛନ୍ତି। ଗ୍ରାମବାସୀ ଗ୍ରାମରେ ଏକ ନୂତନ ସ୍ୱତନ୍ତ୍ର ଟ୍ରାନ୍ସଫର୍ମର ସ୍ଥାପନ ପାଇଁ ଶନିବାର ନୂଆପାଟଣା ବିଦ୍ୟୁତ ବିଭାଗ ଯନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଦୀର୍ଘ ଦିନ ଧରି ତାଙ୍କ ସାହି ବାସିନ୍ଦା ଲୋ ଭୋଲ୍ଟେଜ ସମସ୍ୟା ଭୋଗ କରୁଥିବା ବେଳେ ଗତ ଦୁଇଦିନ ଧରି ସାହିରେ ବିଦ୍ୟୁତ ନାହିଁ। ଆଜି ସାହି ବାସିନ୍ଦାଙ୍କ ପକ୍ଷରୁ ଦାବି ପରେ ବିଦ୍ୟୁତ ଯୋଗାଣ ହୋଇଥିଲେ ମଧ୍ୟ ପ୍ରତି ୧୫ରୁ ୨୦ ମିନିଟ ମଧ୍ୟରେ ବିଦ୍ୟୁତ କାଟ କରାଯାଉଛି। ଅସହ୍ୟ ଗ୍ରୀଷ୍ମ ପ୍ରବାହ ସମୟରେ ଏଭଳି ଲୋ ଭୋଲ୍ଟେଜ ଓ ବିଦ୍ୟୁତ କାଟ ଯୋଗୁ ସ୍ଥାନୀୟ ଜନସାଧାରଣଙ୍କ ଜୀବନ ଦୁର୍ବିସହ ହୋଇଛି। ସାହି ବାସିନ୍ଦା ବିଦ୍ୟୁତ ବିଭାଗ ପକ୍ଷରୁ ସାହିରେ ଏକ ନୂତନ ଟ୍ରାନ୍ସଫର୍ମର ସ୍ଥାପନ ପାଇଁ ସ୍ଥାନୀୟ ଟିପିସିଓଡ଼ିଏଲର ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# ଚିତ୍ତରଞ୍ଜନ-ଜୀବନଜ୍ୟୋତି ସ୍ମାରକୀ କ୍ରିକେଟ ପ୍ରସ୍ତୁତି



**ସାଲେପୁର,୨୩।୫(ସମିସ):** ଇଲେଭେନ୍ ଷ୍ଟାର୍ କ୍ଲବ୍ ରୋଧପୁର ଆନୁକୂଲ୍ୟରେ ପ୍ରତିବର୍ଷ ପରି ଚଳିତ ବର୍ଷ ରାଜ୍ୟସ୍ତରୀୟ ଦିବାରାତ୍ର କ୍ରିକେଟ ପ୍ରତିଯୋଗିତା ପାଇଁ ଏକ ପ୍ରସ୍ତୁତି ବୈଠକ ଗୁଲରେଜ ଅଲ୍ଲୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଚିତ୍ତରଞ୍ଜନ ଓ ଜୀବନଜ୍ୟୋତି ମେମୋରିଆଲ ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତା ଆସନ୍ତା ମାସ ୬ ତାରିଖରେ ସାଲେପୁର କଲେଜ ଖେଳପଡିଆରେ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ବଛା ବଛା ୮ଟି ଟିମ୍ ଭାଗ ନେବେ ବୋଲି ସ୍ଥିର କରାଯାଇଛି। ଆଜିର ଏହି ପ୍ରସ୍ତୁତି ବୈଠକରେ ସଞ୍ଜୟ ନାୟକ, ହବିବ ବକ୍ସ, ସାରଦା ପ୍ରସନ୍ନ ମହାପାତ୍ର, ଆଶିଷ ମଲ୍ଲିକ, ଜ୍ୟୋତିପ୍ରକାଶ ଦାସ, ମନୋଜ ରାଉତ, ପ୍ରଫୁଲ୍ଲ ଦାସ, ଲିପୁନ କୁମାରଙ୍କ ସମେତ କ୍ଲବର ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଓଡ଼ିଶା ବ୍ରିଗେଡ୍ ସ୍କୁଲର ଛାତ୍ରଛାତ୍ରୀଙ୍କୁ ରାଜ୍ୟପାଳ ପୁରସ୍କାର

**ବଡ଼ମ୍ବା,୨୩।୫(ସମିସ):** ସ୍କାଉଟ୍, ଗାଇଡରେ ଉତ୍କର୍ଷ ପାଇଁ ବଡମ୍ବା ଶିକ୍ଷା ମଣ୍ଡଳ ଅଧୀନ ରତାପାଟସ୍ଥିତ ଓଡ଼ିଶା ବିଗ୍ରେଡ ସ୍କୁଲର ୬ ଜଣ ଛାତ୍ରଛାତ୍ରୀଙ୍କ ସମେତ ରାଜ୍ୟର ୭୮ ଜଣ ଛାତ୍ରଛାତ୍ରୀଙ୍କୁ ରାଜ୍ୟପାଳ ଡ ହରିବାବୁ କମ୍ଭମପତି ରାଜଭବନରେ ପୁରସ୍କୃତ କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉପସ୍ଥିତ ଥିଲେ।



# ବାଲି ବୋଝେଇ ଟ୍ରାକ୍ଟର ଜବତ

**କଟକ,୨୩।୫(ସମିସ):** ବାଲି ଚୋରା ଚାଲାଣ ବେଳେ ଏକ ଟ୍ରାକ୍ଟରକୁ ଲାଲବାଗ ଥାନା ପୁଲିସ ଜବତ କରିଛି। ଏହି ଘଟଣାରେ ଗାଡି ଚାଳକ ତଥା ମୁଣ୍ଡା ସାହିର ବାପୁନି ପାତ୍ରକୁ ଅଟକ ରଖାଯାଇଛି। ପୁଲିସ ସୂଚନା ଅନୁସାରେ, ଶୁକ୍ରବାର ରାତି ପ୍ରାୟ ୨ଟା ସମୟରେ ପୁଲିସ ପକ୍ଷରୁ ବେଲିଭ୍ୟୁ ଛକରେ ଯାଞ୍ଚ କରାଯାଉଥିଲା। ଏତିକିବେଳେ ଏକ ଟ୍ରାକ୍ଟର ବାଲି ବୋଝେଇ କରି ଯାଉଥିଲା। ଗାଡିକୁ ଅଟକାଇ ଯାଞ୍ଚ କରିବାରୁ ବିନା କାଗଜପତ୍ରରେ ବାଲି ଚାଲାଣ କରାଯାଉଥିବା ଜଣାପଡିଥିଲା। ଫଳରେ ଗାଡିକୁ ଜବତ କରାଯିବା ସହିତ ଚାଳକକୁ ଅଟକ ରଖାଯାଇଥିବା ସୂଚନା ମିଳିଛି।

# ୨୦୨୩ ମହିଳା ସଂରକ୍ଷଣ ଆଇନ କାର୍ଯ୍ୟକାରୀ ଦାବି

**ନିଶ୍ଚିନ୍ତକୋଇଲି,୨୩।୫(ସମିସ):** ସଂସଦରେ ୨୦୨୩ରୁ ସର୍ବସମ୍ମତିରେ ଗୃହୀତ ମହିଳା ସଂରକ୍ଷଣ ଆଇନ ଅଦ୍ୟାବଧି କାର୍ଯ୍ୟକାରୀ ହେଉନାହିଁ। କେନ୍ଦ୍ରରେ ବିଜେପି ସରକାର ଗୃହୀତ ହୋଇଥିବା ଆଇନକୁ କାର୍ଯ୍ୟକାରୀ ନ କରି ପୁନର୍ବାର ବିଧାନସଭା ଓ ଲୋକସଭା ଆସନକୁ ବୃଦ୍ଧି କରି ମହିଳାମାନଙ୍କ ପାଇଁ ୩୩% ଆସନ ସଂରକ୍ଷଣ ପାଇଁ ଚାହୁଁଥିବା ବେଳେ ଏହା ମଧ୍ୟ ଗୃହୀତ ହୋଇ ପାରିନାହିଁ। ଏଭଳି ସ୍ଥିତିରେ ପୂର୍ବରୁ ଗୃହୀତ ହୋଇଥିବା ମହିଳା ସଂରକ୍ଷଣ ଆଇନକୁ ତୁରନ୍ତ କାର୍ଯ୍ୟକାରୀ କରିବା ଦାବି ନେଇ କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା କରାଯାଉଛି। ଏହି ପରିପ୍ରେକ୍ଷୀରେ ନିଶ୍ଚିନ୍ତକୋଇଲି ବ୍ଲକ କଂଗ୍ରେସ କମିଟି ସଭାପତି ନାରାୟଣ ଦ୍ୱିବେଦୀଙ୍କ ନେତୃତ୍ୱରେ ନିଶ୍ଚିନ୍ତକୋଇଲି ବଜାରରେ ଶୁକ୍ରବାର ସନ୍ଧ୍ୟାରେ ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଜିଲ୍ଲା କଂଗ୍ରେସ କମିଟିର ସାଧାରଣ ସଂପାଦକ ପ୍ରମୋଦ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏଥିରେ ଜିଲ୍ଲା କଂଗ୍ରେସ କମିଟି ସଭାପତି ପ୍ରଦୀପ୍ତ କୁମାର ଦାସ, ଜିଲ୍ଲା ପର୍ଯ୍ୟବେକ୍ଷକ ତଥା କଂଗ୍ରେସର ଉପସଭାପତି ନଳିନୀ ଉଦ୍‌ଗାତା, ସଂପାଦକ ଦିପ୍ତିରଂଜନ ଲେଙ୍କା, ମାହାଙ୍ଗା ବ୍ଲକ କଂଗ୍ରେସ କମିଟି ସଭାପତି ଆଡଭୋକେଟ ଦୀପକ ମହାନ୍ତି, ମାହାଙ୍ଗା କଂଗ୍ରେସ ନେତା ସେକ୍ ମାସୁଦ ଅଲୀ, ସେକ୍ ସୌକତ ଅଲୀ, ସେକ୍ ସଦ୍ଦାମ, ବାନାମ୍ବର ଚାନ୍ଦ, ମହେନ୍ଦ୍ର ବେହେରା, ମହମ୍ମଦ ସମିମ୍, ରମେଶ ବେହେରା, ସର୍ବଜିତ୍ ଦାସ, କ୍ଷମାନିଧି ପୂଝାରୀ, ଦୀପକ କୁମାର ନାୟକ, ଗୋପାଳ ସେଠୀ, ଶରତଚନ୍ଦ୍ର ଦାସ, ରାଜେନ୍ଦ୍ର ରାଉତ, ହରେକୃଷ୍ଣ ରାଉତ, ମନମୋହନ ଓଝା, ରମେଶ ସାହୁଙ୍କ ସମେତ ବହୁ କଂଗ୍ରେସକର୍ମୀ ଯୋଗଦେଇ କଲ୍ୟାଣୀ ଟକିଜ୍‌ଠାରୁ ବଉଳ ବଜାର ପର୍ଯ୍ୟନ୍ତ ମଶାଲ ଶୋଭାଯାତ୍ରା କରିଥିଲେ। ଏକ ପଥପ୍ରାନ୍ତ ସଭାରେ ନେତୃମଣ୍ଡଳୀ ବିଜେପି ସରକାରଙ୍କ ବିରୋଧରେ ଉଦ୍‌ବୋଧନ ଦେଇଥିଲେ।




# ଦୁଇ ଛାତ୍ରଙ୍କୁ 'ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ'

**ସାଲେପୁର, ୨୩।୫(ସମିସ):** ଇନଷ୍ଟିଚ୍ୟୁଟ ଅଫ ଫାର୍ମାସୀ ଆଣ୍ଡ ଟେକ୍ନୋଲୋଜିର ବି-ଫାର୍ମା ତୃତୀୟ ବର୍ଷର ଛାତ୍ର ତଥା ଯୁବ ରେଡକ୍ରସ ୟୁନିଟର ସ୍ୱେଚ୍ଛାସେବୀ ଛାତ୍ର ଅମ୍ବିକା ପ୍ରସାଦ ସାହୁଙ୍କୁ ରକ୍ତଦାନ, ରେଡକ୍ରସର ବିଭିନ୍ନ ସଫଳତା କାର୍ଯ୍ୟକ୍ରମ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱର ଜୟଦେବ ଭବନଠାରେ ଭାରତ ରତ୍ନ ରାଜୀବ ଗାନ୍ଧୀଙ୍କ ୩୫ତମ ପୁଣ୍ୟତିଥି ପାଳନ ଅବସରରେ ଓଡ଼ିଶା ରାଜୀବ ଗାନ୍ଧୀ ଷ୍ଟୁଡେଣ୍ଟ ଫୋରମ୍ ପକ୍ଷରୁ ଅମ୍ବିକାଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଅମ୍ବିକାଙ୍କର ଏହି ସଫଳତା ପାଇଁ ସାଲେପୁର ଫାର୍ମାସୀ କଲେଜର ସଭାପତି, ସମ୍ପାଦକ, ସଭ୍ୟମଣ୍ଡଳୀ, ଅଧ୍ୟକ୍ଷ ତଥା ଅଧ୍ୟାପକ ଅଧ୍ୟାପିକା ଓ ରେଡକ୍ରସ ଛାତ୍ରଛାତ୍ରୀଙ୍କ ତରଫରୁ ପ୍ରଶଂସା କରାଯାଇଛି।

**ନିଶ୍ଚିନ୍ତକୋଇଲି:** ନିଶ୍ଚିନ୍ତକୋଇଲି ବ୍ଲକ ବଡକ୍ଷୀର ଗ୍ରାମର ଅଜୟ କୁମାର ରଥଙ୍କ ପୁତ୍ର କୃତୀ ଛାତ୍ର ଓମପ୍ରକାଶ ରଥଙ୍କୁ ଭାରତରତ୍ନ ରାଜୀବଗାନ୍ଧୀ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଛି। ସଂପୃକ୍ତ ଛାତ୍ର ଜଣଙ୍କ ପ୍ରଧାନମନ୍ତ୍ରୀଙ୍କ ମନ୍‌କୀବାତ୍‌ଠାରୁ ଆରମ୍ଭ କରି ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରି ବହୁ ଅନୁଷ୍ଠାନରୁ ପୁରସ୍କୃତ ହୋଇଛନ୍ତି। ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ରାଜ୍ୟସ୍ତରୀୟ ରାଜୀବଗାନ୍ଧୀ ପ୍ରତିଭା ସମ୍ମାନ ଉତ୍ସବରେ ସତ୍ୟବ୍ରତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଚାରପତି ଜଷ୍ଟିସ ଡି.ପି ଚୌଧୁରୀ ଯୋଗଦେଇ ଶ୍ରୀ ରଥଙ୍କୁ ମାନପତ୍ର, ମେଡାଲ ଓ ସିଲ୍ଡ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟ, ଡ.ପବିତ୍ର ମୋହନ ସାମନ୍ତରାୟ ଓ ଡାକ୍ତର କୁମରମଣି ଦାସ ପ୍ରମୁଖ ଯୋଗ ଦେଇଥିଲେ। କୃତୀ ଛାତ୍ର ଜଣକ ଚାନ୍ଦୋଳସ୍ଥିତ ହୃଦାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟରେ +୩ ପ୍ରଥମ ବର୍ଷରେ ରାଜନୀତି ବିଜ୍ଞାନ ସମ୍ମାନରେ ଅଧ୍ୟୟନରତ ଅଛନ୍ତି।





### ବିଟ୍ ରାସ୍ତାରେ ଉମେଶଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା

# ପୁଲିସ ସ୍କାନରରେ ମୁଖ୍ୟ ଷଡ଼ଯନ୍ତ୍ରକାରୀ 'ମୋଗ୍‌ଲୀ'








ବ୍ରହ୍ମପୁର,୨୩।୫(ସମିସ)

ବିଟ ରାସ୍ତାରେ ଜଣେ ମହିଳାଙ୍କ ସମେତ ଉମେଶ ରଥ ନାମକ ଜନୈକ ଯୁବକଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣା ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଯାହାକୁ ନେଇ ସମସ୍ତେ କ୍ଷୋଭ ସହିତ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ଘଟଣାକୁ ପୁଲିସ ଗୁରୁତର ସହିତ ନେଇ ଦୁଇ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ମୋଟ ୫ଜଣଙ୍କୁ ଗିରଫ କରିଛି। ତେବେ ଘଟଣାର ମୁଖ୍ୟ ଷଡ଼ଯନ୍ତ୍ରକାରୀ କୁହାଯାଉଥିବା ତଥା ଆହତ ଉମେଶ ରଥଙ୍କ କଟ୍ଟର ବିରୋଧୀ ମୋଗଲି ଓରଫ୍ ସନ୍ଦୀପ ସାହୁଙ୍କୁ ପୁଲିସ ଗିରଫ କରିବା ପରିବର୍ତ୍ତେ ଖସାଇବାକୁ ଚେଷ୍ଟା କରୁଥିବା ଉମେଶଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ମୋଗଲୀ ଶାସକ ବିଜେପିର ଜଣେ ଯୁବନେତା ହୋଇଥିବାରୁ ପୁଲିସ ଚାପର ବଶବର୍ତ୍ତି ହୋଇ ଏଭଳି ଅବହେଳା

- ଆହତ ଉମେଶଙ୍କ ସହ ରହିଛି ବ୍ୟକ୍ତିଗତ ଶତ୍ରୁତା
- ଆଗୁଆ ଜାମିନ ପାଇଁ ହାଇକୋର୍ଟର ଦ୍ୱାରସ୍ଥ ସୂଚନା
- ରାଜନୈତିକ ଚାପରେ ଗିରଫ କରୁନି ପୁଲିସ!

କରୁଥିବା ଅଭିଯୋଗ ହୋଇଛି।ଆକ୍ରମଣରେ ଆହତ ଉମେଶ ବର୍ତ୍ତମାନ ବିଶାଖପାଟଣାର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଘଟଣାରେ ମୋଟ ୫ଜଣ ଗିରଫ ହୋଇଛନ୍ତି। ସେଥିମଧ୍ୟରୁ ମୁଖ୍ୟ ଆକ୍ରମଣକାରୀ ତଥା ମୁକେଶ ସାହୁ ଓରଫ୍ ମୁକ୍ତେଶଙ୍କୁ ପୁଲିସ ଏନକାଉଣ୍ଟର କରିଥିବା ବେଳେ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ତଥା ମୁକେଶଙ୍କ ଭାଇ ଆଶିଷ ନିଜ ଓକିଲଙ୍କ ଜରିଆରେ ଥାନାରେ ଆତ୍ମସମର୍ପଣ କରିଥିଲେ। ଆକ୍ରମଣର ଶିକାର ଉମେଶଙ୍କ ମା'ଙ୍କ ଲିଖିତ ଅଭିଯୋଗ ପ୍ରକାରେ ପୁଲିସ ବର୍ତ୍ତମାନ ସୁଦ୍ଧା ମୋଟ ୫ଜଣଙ୍କୁ ଗିରଫ କରିଥିବା ବେଳେ ମୁଖ୍ୟ ଷଡ଼ଯନ୍ତ୍ରୀକାରୀ ମୋଗଲୀ ଫେରାର ଥିବା ଜଣାପଡିଛି। ତେବେ ସନ୍ଦୀପ ଫେରାର ହୋଇନାହିଁ ବରଂ ତାକୁ ଗିରଫ ନକରି ଜାମିନରେ ଆସିବାକୁ ପୁଲିସ ସହଯୋଗ କରୁଥିବା ଆହତ ଉମେଶଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି।

ମୋଗଲୀ ଶାସକ ବିଜେପି ଦଳର ସମର୍ଥକ ଥିବାରୁ ତାଙ୍କ ଉପରେ ଦଳୀୟ ସମର୍ଥନ ଥିବାରୁ ପୁଲିସ ଚାପର ବଶବର୍ତ୍ତି ଥିବା ଅଭିଯୋଗ ହୋଇଛି। ପୂର୍ବରୁ ମୋଗଲୀ ଉମେଶଙ୍କ ଘର ନିକଟକୁ ନିଜ ସହଯୋଗୀଙ୍କ ସହିତ ଯାଇ ବନ୍ଧୁକ ମୁନରେ ଉମେଶଙ୍କ ମାଆଙ୍କୁ ଧମକାଇବା ନେଇ ଅଭିଯୋଗ ହୋଇଥିଲା। ଯାହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ମଧ୍ୟ ହୋଇଥିଲା। ତେବେ ଉକ୍ତ ଘଟଣାରେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବା ଅଭିଯୋଗ ହୋଇଛି। ବର୍ତ୍ତମାନର ଘଟଣାରେ ଅର୍ଥାତ ଗିରିରୋଡ ଆକ୍ରମଣ ଘଟଣାରେ ଉମେଶଙ୍କ ମା'ଙ୍କ ଅଭିଯୋଗ ପ୍ରକାରେ ଯଦିଓ ୬ଜଣଙ୍କ ସମେତ ଅନ୍ୟମାନଙ୍କ ନାମରେ ଲିଖିତ ଅଭିଯୋଗ ରହିଛି ତଥାପି ପୁଲିସ ୫ଜଣଙ୍କୁ ଗିରଫ କରି ଘଟଣାର ମୁଖ୍ୟ ଷଡ଼ଯନ୍ତ୍ରକାରୀ ମୋଗଲୀକୁ ଫେରାର ଦେଖାଉଛି। ମୋଗଲି ହାଇକୋର୍ଟରୁ ଆଗୁଆ ଜାମିନ ପାଇଁ ଦ୍ୱାରସ୍ଥ ହୋଇଥିବା ସୂଚନା ମିଳିଛି। ଫଳରେ ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ରାଜନୈତିକ ଚାପ ପଡୁଥିବାରୁ ପୁଲିସ ମଧ୍ୟ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବାରେ ଅବହେଳା କରୁଥିବା ଅଭିଯୋଗ ହୋଇଛି।

## ଅଧା ରହିଲା ଜଗା ଦର୍ଶନ; ଟ୍ରେନ୍‌ରେ ଚାଲିଗଲା ଜୀବନ

ଖଲ୍ଲିକୋଟ,୨୩।୫(ସମିସ): ଜଗା ଦର୍ଶନ କରିବେ ବୋଲି ପରିବାରଙ୍କ ସହିତ ଖୁସିରେ ଘରୁ ବାହାରିଥିଲେ। ହେଲେ ଅଧା ବାଟରେ ଟ୍ରେନରେ ଚାଲିଗଲା ତାଙ୍କ ଜୀବନ। ଏମିତି ଏକ ଦୁଃଖଦ ଘଟଣା ଶନିବାର ଦେଖିବାକୁ ମିଳିଛି ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ। ଚିକିଟି ମୁଣ୍ଡପୋତା ଗ୍ରାମର ବାସୁଦେବ ମହାରଣା (୪୫) ନିଜ ପରିବାର ସହିତ ଜଗା ଦର୍ଶନ କରିବାକୁ ଗୁଣୁପୁର-ପୁରୀ ଟ୍ରେନରେ ପୁରୀ ଯାଉଥିଲେ। ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ଖଲ୍ଲିକୋଟ ଷ୍ଟେସନ ପୂର୍ବରୁ ହଠାତ ବାସୁଦେବ ଟ୍ରେନ ଭିତରେ ଅଚେତ ହୋଇପଡ଼ିଥିଲେ। ଖଲ୍ଲିକୋଟ ଷ୍ଟେସନରେ ଗାଡ଼ି ରହିବା ପରେ ତୁରନ୍ତ ପରିବାର ଲୋକେ ତାଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଜଗା ଦର୍ଶନ ଅଧୁରା ରହିଥିବା ବେଳେ ତାଙ୍କ ମୃତ୍ୟୁ ଖବର ଶୁଣି ପରିବାର ଲୋକଙ୍କ କାନ୍ଦ ବୋବାଳିରେ ମେଡିକାଲ ପରିସର ଫାଟି ପଡ଼ିଥିଲା।

## ଭିଣୋଇଙ୍କ ଛୁରା ମାଡ଼ରେ ଶାଳକ ଗୁରୁତର



ଆସିକା,୨୩।୫(ସମିସ): ପାରିବାରିକ କଳହକୁ କେନ୍ଦ୍ର କରି ଭିଣୋଇଙ୍କ ଛୁରା ମାଡ଼ରେ ଶଳା ଗୁରୁତର। ଆସିକା ବସଷ୍ଟାଣ୍ଡ ନିକଟରେ ଶନିବାର ଘଟିଛି ଏପରି ଘଟଣା। ଗୁରୁତର ଅବସ୍ଥାରେ ଶାଳକଙ୍କୁ ପ୍ରଥମେ ଆସିକା ମେଡିକାଲ ଓ ପରେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଗୁରୁତର ଯୁବକ ଜଣକ ହେଲେ ବଡ଼ଗଡ଼ ଥାନା ଅନ୍ତର୍ଗତ ବାଖରକଟା ଗ୍ରାମର କଂସ ଡାକୁଆ(୨୭)। ଆକ୍ରମଣ କରିଥିବା ଭିଣୋଇ ଶେରଗଡ଼ ଥାନା ଖମାର ଗ୍ରାମର କୁନା ଡାକୁଆ ବୋଲି ପୁଲିସ କହିଛି। ପୁଲିସ ଅଭିଯୁକ୍ତ ଭିଣୋଇଙ୍କୁ ଅଟକ ରଖି ପଚରା ଉଚରା ଜାରି ରଖିଛି। କଂସ ଡାକୁଆ ସୁରଥ ଯିବାକୁ ଆସିକା ବସଷ୍ଟାଣ୍ଡରେ ଅପେକ୍ଷା କରିଥିବା ବେଳେ ପୂର୍ବ ରାଗ ରଖି ଭିଣୋଇ କୁନାଙ୍କୁ ପିଛା କରିଥିଲା ଆଉ ଆସିକା ବସଷ୍ଟାଣ୍ଡରେ ଛୁରା ମାଡ଼ କରିଥିଲା।

## ଛାତ୍ରଙ୍କ ଗଳିତ ମୃତଦେହ ଉଦ୍ଧାର

ଖଲ୍ଲିକୋଟ,୨୩।୫(ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ ନାରାୟଣୀ ଜଙ୍ଗଲରୁ ଜଣେ କଲେଜ ଛାତ୍ରଙ୍କ ଗଳିତ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି ପୁଲିସ। ମୃତ ଛାତ୍ର ଜଣକ ଖୋଜାପଲ୍ଲୀ ହାଇଅର ସେକେଣ୍ଡାରୀ ସ୍କୁଲର ଯୁକ୍ତ ଦୁଇରେ ପଢୁଥିବା ବିଜୟ ଶବର (୧୭)। ଖୋର୍ଦ୍ଧା ଜିଲ୍ଲା ବାଣପୁର ନୀଳାଦ୍ରି ପ୍ରସାଦ ଅଞ୍ଚଳର ବିଜୟ ଶବର ଖଲ୍ଲିକୋଟ ଥାନା ମୀନାପୁର ଗ୍ରାମରେ ଜଣେ ସମ୍ପର୍କୀୟଙ୍କ ଘରେ ରହି ଖୋଜାପଲ୍ଲୀ ହାଇଅର ସେକେଣ୍ଡାରୀ ସ୍କୁଲରେ ଯୁକ୍ତ ଦୁଇ ପଢୁଥିଲେ। ଚଳିତ ବର୍ଷ ସେ ପରୀକ୍ଷା ଦେଇଥିବା ବେଳେ ୩ ଶହରୁ ଉର୍ଦ୍ଧ୍ୱ ମାର୍କ ରଖି ପାସ ମଧ୍ୟ କରିଛନ୍ତି। କିନ୍ତୁ ହଠାତ ଗତ ୨୦ ତାରିଖରୁ ସେ ନିଖୋଜ ହୋଇ ଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ଖଲ୍ଲିକୋଟ ଥାନାରେ ଏତଲା ଦେଇଥିଲେ। ତେବେ ଶନିବାର ତାଙ୍କ ଗଳିତ ମୃତଦେହ ନାରାୟଣୀ ଜଙ୍ଗଲରୁ ଏକ ଗଛ ଡ଼ାଳରୁ ପୁଲିସ ଉଦ୍ଧାର କରିଛି। ଏହା ହତ୍ୟା କି ଆତ୍ମହତ୍ୟା ସ୍ପଷ୍ଟ ହୋଇ ନଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତାହା ସ୍ପଷ୍ଟ ହେବ ବୋଲି ଆଇଆଇସି ରମେଶ କୁମାର ପ୍ରଧାନ କହିଛନ୍ତି। ଏ ସମ୍ପର୍କରେ ଖଲ୍ଲିକୋଟ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

- ସଡ଼କ ଦୁର୍ଘଟଣାରେ ୬ ଜଣଙ୍କ ମୃତ୍ୟୁ ଘଟଣା

## ଦୁର୍ଘଟଣାସ୍ଥଳରେ ବୈଷୟିକ ଟିମ୍‌ର ଯାଞ୍ଚ

ପୁରୁଷୋତ୍ତମପୁର,୨୩।୫(ସମିସ): ଗଞ୍ଜାମ ଜିଲ୍ଲା ଭୂତସରସିଙ୍ଗି-ମଠସରସିଙ୍ଗି ପୂର୍ତ୍ତ ବିଭାଗ ରାସ୍ତାର ଲଡ଼କାପଲ୍ଲୀ ଛକ ନିକଟ ବୁଲାଣିରେ ଦୁର୍ଘଟଣା ଘଟି ୬ଜୀବନ ଯାଇଥିଲା। ଶନିବାର ଅପରାହ୍ନରେ ବୈଷୟକ ଟିମ୍ ସେଠାରେ ପହଞ୍ଚି ରାସ୍ତାକୁ ଅନୁଧ୍ୟାନ କରି ଫେରିଛନ୍ତି। ଏହି ଟିମ୍‌ରେ ରୋଡ୍ ସେଫ୍‌ଟି ଅଧିକାରୀ(ଓଏସଡି) ରବିନ୍ ପଟ୍ଟନାୟକ, ଜୁନିୟର ଏମ୍‌ଭିଆଇ ରୋହିତ କୁମାର ପଣ୍ଡା, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ କୁମାର ପରିଡା, କନିଷ୍ଠ ଯନ୍ତ୍ରୀ ସୋମିଆ ପ୍ରଧାନ, ପୁରୁଷୋତ୍ତମପୁର ଏସ୍‌ଡିପିଓ ସୁଜିତ କୁମାର ନାୟକ, ଥାନା ଅଧିକାରୀ କୁଳମଣି ସେଠି, ତଦନ୍ତକାରୀ ପୁଲିସ ଅଧିକାରୀ ସୁଶାନ୍ତ କୁମାର ମିଶ୍ର ପ୍ରମୁଖ ଥିଲେ। ଏହାର ତଦନ୍ତ



ରିପୋର୍ଟ ସର୍ବୋଚ୍ଚ ନ୍ୟାୟାଳୟକୁ ପ୍ରଦାନ କରାଯିବ। ଏହାସହ ଦୁର୍ଘଟଣା ଘଟିଥିବା ସ୍ଥାନକୁ ବ୍ଲାକସ୍ପଟ ଘୋଷଣା କରିଥିବା ନେଇ ଜୁନିଅର ଏମ୍‌ଭିଆଇ କହିଛନ୍ତି। ଦୁର୍ଘଟଣା ପରେ ପୂର୍ତ୍ତ ବିଭାଗ ପକ୍ଷରୁ ଶନିବାର ବୁଲାଣି ରାସ୍ତାରେ ରହିଥିବା ଗଛ ସଫା କରାଯାଇ କିଛି ସ୍ଥାନରେ ରେଡିୟମ ଷ୍ଟିକରିଙ୍ଗ କରାଯାଇଥିଲା। ଗତ ଶୁକ୍ରବାର ସକାଳେ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଭୂତସରସିଙ୍ଗି -ମଠସରସିଙ୍ଗି ରାସ୍ତାର ଲଡକାପଲ୍ଲୀ ବୁଲାଣିଠାରେ ଏକ ଅଟୋ ସହ ଡାଇମଣ୍ଡ ବସ୍‌ର ଧକ୍କା ହେବାରୁ ୬ଜଣଙ୍କର ମୃତ୍ୟୁ ଘଟିଥିଲା ଓ ୫ ଜଣ ଗୁରୁତର ଆହାତ ହୋଇଥିଲେ।

## ରୋଟାରୀ ପ୍ରାନ୍ତପାଳଙ୍କ ରୋଟାରୀ ଇଷ୍ଟ ପରିଦର୍ଶନ

ବ୍ରହ୍ମପୁର,୨୩।୫(ସମିସ): ରୋଟାରୀ ଜିଲ୍ଲା ୩୨୬୨ ର ପ୍ରାନ୍ତପାଳ (ଗଭର୍ଣ୍ଣର) ରୋଟାରିଆନ ମନୋଜ କୁମାର ତ୍ରିପାଠୀ ଦିନିକିଆ ପରିଦର୍ଶନରେ ଆସି ରୋଟାରୀ ଇଷ୍ଟର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଏହାସହ ରୋଟାରିଆନ୍‌ମାନେ ଅଧିକ ସକ୍ରିୟହୋଇ ଜନସେବାରେ ସମର୍ପିତ ହେବାକୁ ବିଭିନ୍ନ ପରାମର୍ଶ ଦେଇଛନ୍ତି। ବ୍ରହ୍ମପୁର ଧର୍ମନଗର ସ୍ଥିତ ରୋଟାରୀ କମ୍ୟୁନିଟି ହଲରେ ସଭାପତି ଡ଼ଃ ପ୍ରଦୀପ୍ତ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାନ୍ତପାଳ ରୋଟାରିଆନ ତ୍ରିପାଠୀ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜ ସେବାରେ ରୋଟାରିଆନ ମାନଙ୍କ ସହାଭାଗିତା, ବଦାନ୍ୟତା ଉପରେ ଆଲୋଚନା କରି ରୋଟାରୀ ପାଣ୍ଠି ବୃଦ୍ଧି କରିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିରୂପେ ସହ ପ୍ରାନ୍ତପାଳ ରୋଟାରିଆନ ଝରଣା ପଣ୍ଡା ଯୋଗଦେଇ ତାଙ୍କ ଜୀବନରେ ରୋଟାରୀ ପ୍ରଭାବ ସମ୍ପର୍କରେ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଆଞ୍ଚଳିକ ଚେୟାରମ୍ୟାନ ଡ଼ଃ ରଞ୍ଜିତ କୁମାର ପାଢ଼ୀ ଯୋଗଦେଇ ଜୋନ-୮ ଅନ୍ତର୍ଗତ ସମସ୍ତ କ୍ଲବ ମାଧ୍ୟମରେ ପରସ୍ପର ସହଭାଗିତା ରକ୍ଷା କରି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏ ଅବସରରେ କୃତ୍ରିମ ଅଙ୍ଗ ପ୍ରଦାନ କାର୍ଯ୍ୟକ୍ରମକୁ ସଫଳତାର ସହ ନେତୃତ୍ୱ ନେଇ




ପାଣ୍ଠି ବୃଦ୍ଧି ପାଇଁ ପରାମର୍ଶ

ପରିଚାଳନା କରିଥିବା ଯୋଗୁ ପୂର୍ବତନ ସଭାପତି ଅଜିତ କୁମାର ପୃଷ୍ଟିଙ୍କୁ ମାନପାତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଗତ ମାଟ୍ରିକ ପରୀକ୍ଷାରେ ଇ-୧ରେ ଉତ୍ତୀର୍ଣ୍ଣ ହୋଇଥିବା ଜଣେ ଆର୍ଥିକ ଦୁର୍ବଳ ଶ୍ରେଣୀର ଛାତ୍ରୀ ଶ୍ରୀୟା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେଣ୍ଟ ଜାଭିଅର୍ସ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ କୁନାଲ କୌଶିକ ପଣ୍ଡା ଉକ୍ତ ଛାତ୍ରୀର +୨ ପଢିବା ପାଇଁ ସମସ୍ତ ଆର୍ଥିକ ସାହାଯ୍ୟ କରିବାକୁ ସଭାରେ ଘୋଷଣା କରିଥିଲେ। ରାମପଲ୍ଲୀ ଗ୍ରାମର ଜଣେ ଭିନ୍ନକ୍ଷମ ବାଳକ ଅଖିଳେଶ ପଟ୍ଟନାୟକଙ୍କୁ ଏକ ହ୍ୱିଲ ଚେୟାର, ପାୟଲ କୁମାରୀ ସାହୁଙ୍କୁ ଏକ ସିଲାଇ ମେସିନ ଏବଂ ରାମମୂର୍ତ୍ତି ପାତ୍ରଙ୍କୁ ଶ୍ରବଣ ଯନ୍ତ୍ର କ୍ଲବ ତରଫରୁ ପ୍ରଦାନ କରାଯାଇଥିଲା। ପୂର୍ବତନ ସଭାପତି ଡ଼ଃ ସମ୍ବିତ ବେଗରାୟ ସଭା ସଂଯୋଜନା କରିଥିବା ବେଳେ ପୂର୍ବତନ ସଭାପତି ବୃନ୍ଦ ଗଦାଧର ରାଉଳ, ଅସିତ ଦତ୍ତ, କାମରାଜୁ ମହାରଣା, ସୁମିତ ପଟ୍ଟନାୟକ, ରାଜେଶ୍ୱର ରାଓ, ଧନ୍ୱନ୍ତରି ରାଓ, ଅରୁଣ ଚାନ୍ଦ ଦାଶ, ସୁଧାଂଶୁ ଖଡ଼ଗରାୟ, ପ୍ରଦୀପ କୁମାର ପଣ୍ଡା, ହୃଷିକେଶ ପ୍ରଧାନ, ସରିତା ବେଗରାୟ, କପିଳେନ୍ଦ୍ର ପାତ୍ର, ଲିଙ୍ଗରାଜ ନାୟକ, ପ୍ରଦୀପ କୁମାର ନାୟକ, ଦୀପକ କୁମାର ପଣ୍ଡା ପ୍ରମୁଖ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବ୍ରହ୍ମପୁରରେ ନାଇପର ପ୍ରତିଷ୍ଠା ଦାବି ଜୋର୍ ଧରିଲା

ବ୍ରହ୍ମପୁର,୨୩।୫(ସମିସ)




ବ୍ରହ୍ମପୁରରେ ଜାତୀୟ ଔଷଧ ଶିକ୍ଷା ଓ ଗବେଷଣା ସଂସ୍ଥା "ନାଇପର୍" ସ୍ଥାପନ ଦାବିରେ ଓଡିଶା ଡେଭେଲପମେଣ୍ଟ ଫୋରମ ଓ ବିଭିନ୍ନ ଗଣ ସଂଗଠନଙ୍କ ପକ୍ଷରୁ ଶୋଭାଯାତ୍ରା ଓ ପଥପ୍ରାନ୍ତ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ଖଲ୍ଲିକୋଟ ୟୁନିଭର୍ସିଟି ଷ୍ଟାଡିଅମ୍‌ରୁ ଆରମ୍ଭ ହୋଇ ପୁରୁଣା ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲା। ବ୍ରହ୍ମପୁରରେ ସର୍ବପ୍ରାଚୀନ ଏବଂ ପ୍ରଥମ ଫାର୍ମାସି ପ୍ରତିଷ୍ଠାନ ଅବସ୍ଥିତ ଅଛି। ତେଣୁ ଏଠାରେ ଜାତୀୟ ସ୍ତରର ଫାର୍ମାସି ଶିକ୍ଷା ଓ ଗବେଷଣା ଅନୁଷ୍ଠାନ ସ୍ଥାପନ ପାଇଁ ଆବଶ୍ୟକ ଇକୋ-ସିଷ୍ଟମ୍ ପୂର୍ବରୁ ଉପଲବ୍ଧ ଅଛି। ଦକ୍ଷିଣ ଓଡ଼ିଶାବାସୀଙ୍କ ଦୀର୍ଘଦିନର ଦାବି ରୂପେ 'ନାଇପର୍' ସ୍ଥାପନ ପ୍ରସଙ୍ଗ ସର୍ବଦା ଉଠିଆସୁଛି। ଗତ କିଛିଦିନ ପୂର୍ବରୁ ଗଞ୍ଜାମ ଜିଲ୍ଲାର ମନ୍ତ୍ରୀ, ସାଂସଦ ଓ ବିଧାୟକମାନେ ବ୍ରହ୍ମପୁରରେ ନାଇପର ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ଅନୁରୋଧ କରିଥିଲେ। ଏହା ସହିତ ଓଡ଼ିଶା ଡେଭଲପମେଣ୍ଟ ଫୋରମ୍ ପକ୍ଷରୁ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଓ ଜିଲ୍ଲାପାଳଙ୍କ ଜରିଆରେ କେନ୍ଦ୍ର ମନ୍ତ୍ରୀ ଜେ. ପି. ନଡ୍ଡା, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏବଂ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମାହାଲିଙ୍ଗଙ୍କୁ ବାରମ୍ବାର ସ୍ମାରକପତ୍ର ପ୍ରଦାନ କରାଯାଇଛି। ବ୍ରହ୍ମପୁରରୁ ପ୍ରତିବର୍ଷ ଶତାଧିକ ଛାତ୍ରଛାତ୍ରୀ ଫାର୍ମା କ୍ଷେତ୍ରରେ ଶିକ୍ଷାଲାଭ କରି ରାଜ୍ୟ ବାହାରର ବିଭିନ୍ନ କମ୍ପାନୀରେ ଉଚ୍ଚ ପଦବୀରେ କାର୍ଯ୍ୟରତ ଅଛନ୍ତି। ତେଣୁ ବ୍ରହ୍ମପୁରରେ 'ନାଇପର୍' ସ୍ଥାପିତ ହେଲେ ସେମାନଙ୍କ ପାଇଁ ସ୍ଥାନୀୟ ସ୍ତରରେ ନିଯୁକ୍ତି ସହ ଗବେଷଣାର ବ୍ୟାପକ ସୁଯୋଗ ସୃଷ୍ଟି ହେବା ସହ ବ୍ରହ୍ମପୁର ବିକାଶରେ ଏହା ବିଶେଷ ସହାୟକ ହେବ ବୋଲି ଏଠାରେ କୁହାଯାଇଛି। ଓଡ଼ିଶା ସରକାର ଦକ୍ଷିଣ ଓଡ଼ିଶା ପ୍ରତି ହେଉଥିବା ଅନ୍ୟାୟକୁ ଦୂର କରି ବ୍ରହ୍ମପୁରରେ 'ନାଇପର୍' ସ୍ଥାପନ ପ୍ରକ୍ରିୟା ଶୀଘ୍ର ଆରମ୍ଭ କରିବାକୁ ଏଠାରେ ଦାବି ହୋଇଛି। କାର୍ଯ୍ୟକ୍ରମରେ ଓଡିଶା ଡେଭେଲପମେଣ୍ଟ ଫୋରମ ସଚିବ ଭି. ସୋମେଶ୍ୱର ରାଓ, ପ୍ରିତିଶ ପାଣିଗ୍ରାହୀ, ଲକ୍ଷ୍ମୀ ନାରାୟଣ ପାଢ଼ୀ, ପ୍ରବୀଣ ପଟ୍ଟନାୟକ, ମାନସ ପାତ୍ର, ଦକ୍ଷିଣ ଓଡ଼ିଶା ଛାତ୍ର ସଂଘ ସଭାପତି ନରସିଂହ ନୀଳମାଧବ ପାତ୍ର ପ୍ରମୁଖ ନେତୃତ୍ୱ ନେଇଥିଲେ।

### ବୁଦାରୁ ବୃଦ୍ଧାଙ୍କ ଗଳିତ ମୃତଦେହ ଉଦ୍ଧାର

ପୁରୁଷୋତ୍ତମପୁର, ୨୩।୫ (ସମିସ): ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ସ୍ୱପ୍ନେଶ୍ୱର ନଗରର ଜଣେ ବୃଦ୍ଧାଙ୍କ ଗଳିତ ଶବ ବୁଦା ମୂଳରୁ ପୁଲିସ ଉଦ୍ଧାର କରିଛି। ମୃତକ ହେଲେ ସ୍ୱପ୍ନେଶ୍ୱରନଗର ବାସିନ୍ଦା ଆଶାଲତା ମହାରଣା(୭୬)। ଗତ ୨୦ ତାରିଖରୁ ସେ ଘରୁ ନିଖୋଜ ହୋଇଯାଇଥିଲେ। ପରିବାରବର୍ଗ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ସନ୍ଧାନ ନପାଇବାରୁ ତାଙ୍କର ନାତି ବଣ୍ଟି ମହାରଣା ପୁରୁଷୋତ୍ତମପୁର ଥାନାରେ ଜଣାଇଥିଲେ। ମାତ୍ର ଶନିବାର ଅପରାହ୍ନରେ ଜଣେ ଗାଈ ଚରାଳି ଶବ ପଡ଼ିଥିବା ଦେଖିବା ପରେ ସୂଚନା ପାଇ ପୁରୁଷୋତ୍ତମପୁର ପୁଲିସ ପହଞ୍ଚି ଶବ ଜବତ କରିଥିଲା। ପରିବାରବର୍ଗ ଶବ ଚିହ୍ନଟ କରିବା ପରେ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଯାଇଛି। କୋ÷ଣସି କାମରେ ଯାଇଥିବାବେଳେ ଅଂଶୁଘାତରେ ତାଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ମାମଲା ରୁଜୁକରି ଅଧିକ ତଦନ୍ତ ଚାଲିଥିବା ଥାନାଅଧିକାରୀ କୁଳମଣି ସେଠି କହିଛନ୍ତି।

- ଜିଲ୍ଲାରେ ଗୃହପାଳିତ ପ୍ରାଣୀଙ୍କୁ ମିଳିବ ଉନ୍ନତମାନର ପରୀକ୍ଷା

## ୧୧ ପ୍ରାଣୀ ଚିକିତ୍ସାଳୟରେ ହେବ ହେମାଟୋଲୋଜି ଆନାଲାଇଜର୍

ବ୍ରହ୍ମପୁର,୨୩।୫(ସମିସ): ଜିଲ୍ଲାରେ ଗୃହପାଳିତ ପଶୁ ପକ୍ଷୀଙ୍କ ଚିକିତ୍ସା ନିମନ୍ତେ ଆବଶ୍ୟକ ଚିକିତ୍ସା ସାମଗ୍ରୀ ନ ଥିବାରୁ ଅନେକ ପଶୁପକ୍ଷୀଙ୍କ ଅକାଳରେ ଜୀବନ ଯାଉଛି। ଏହାକୁ ଦୃଷ୍ଟିରେ ରଖି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ପକ୍ଷରୁ ଗଞ୍ଜାମ ଜିଲ୍ଲାର ମୋଟ ୧୧ଟି ପ୍ରାଣୀ ଚିକିତ୍ସାଳୟକୁ ପ୍ରଥମ ପର୍ଯ୍ୟାୟରେ ୧୧ଟି ଅତ୍ୟାଧୁନିକ ହେମାଟୋଲୋଜି ଆନ୍‌ଲାଇଜର ଟୁଲ୍ ପ୍ରଦାନ କରାଯାଇଥିବା ମୁଖ୍ୟ ଜିଲ୍ଲା ପ୍ରାଣୀ ସମ୍ପଦ ଅଧିକାରୀ ଡ଼ା. ଅଞ୍ଜନ ଦାଶ ସୂଚନା ଦେଇଛନ୍ତି। ରାଜ୍ୟର ପ୍ରଥମ ଜିଲ୍ଲା ଭାବେ ଗଞ୍ଜାମକୁ ପ୍ରଥମଥର ନିମନ୍ତେ ହେମାଟୋଲୋଜି ଆନାଲାଇଜର ପ୍ରଦାନ କରାଯାଇଛି। ଜିଲ୍ଲାର ଛତ୍ରପୁର ସ୍ଥିତ ଚିକିତ୍ସାଳୟ, ରଙ୍ଗେଇଲୁଣ୍ଡା, ଚିକିଟି, ଖଲ୍ଲିକୋଟ, ପୋଲସରା, ପୁରୁଷୋତ୍ତମପୁର, ଆସିକା, ଭଞ୍ଜନଗର, ବୁଗୁଡ଼ା, ଜଗନ୍ନାଥପ୍ରସାଦ ଓ ସୋରଡ଼ା ବ୍ଲକରେ ଥିବା ପଶୁ ଚିକିତ୍ସାଳୟରେ ସ୍ଥାପନ କରାଯାଇଛି। ଏହାଦ୍ୱାରା ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଆସୁଥିବା ପଶୁପକ୍ଷୀମାନଙ୍କ ରକ୍ତ ପରୀକ୍ଷା କରି ରୋଗ ନିରୂପଣ କରିବାରେ ସହାୟକ ହୋଇପାରିବ। ପ୍ରତି ଅସୁସ୍ଥ ଗୃହପାଳିତ ପଶୁପକ୍ଷୀଙ୍କ ପିଛା ମାତ୍ର ୫୦ଟଙ୍କା ଦେୟରେ ଉକ୍ତ ସମସ୍ତ ପ୍ରକାର ରକ୍ତପରୀକ୍ଷା ସହ ଉନ୍ନତମାନର ଚିକିତ୍ସା କରାଯିବ। ବର୍ତ୍ତମାନ ବ୍ରହ୍ମପୁର ସ୍ଥିତ ସିଏଲଏଫ ଲ୍ୟାବରେ ହେମାଟଲୋଜି ଆନାଲାଇଜର ରହିଛି। ସଠିକ ଚିକିତ୍ସା ଓ ପରୀକ୍ଷା ଅଭାବରୁ ଗ୍ରାମାଞ୍ଚଳରେ ବହୁ ପ୍ରାଣୀଙ୍କ ଜୀବନ ଯାଉଥିବା ବେଳେ ଜିଲ୍ଲାର ବିଭିନ୍ନ ପ୍ରାଣୀ ଚିକିତ୍ସାଳକୁ ଅତ୍ୟାଧୁନିକ ହେମାଟଲୋଜି ଆନ୍‌ଲାଇଜର ପ୍ରଦାନ ଫଳରେ ଗୃହପାଳିତଙ୍କ ଉପଯୁକ୍ତ ଚିକିତ୍ସା ହୋଇପାରିବ ବୋଲି ଆଶା କରାଯାଉଛି।



## ନବରଙ୍ଗପୁରରେ ନୂଆ ପ୍ରାଇମେରୀ ସବ୍‌ଷ୍ଟେସନ

ବ୍ରହ୍ମପୁର,୨୩।୫(ସମିସ)





ସ୍ଥାନୀୟ ବାସିନ୍ଦାଙ୍କର ଦୀର୍ଘ ଦିନର ଦାବିକୁ ଦୃଷ୍ଟିରେ ରଖି ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ୍ ଅନ୍ତର୍ଗତ ଚଚା ପଞ୍ଚାୟତଠାରେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ପକ୍ଷରୁ ଏକ ନୂତନ ପ୍ରାଇମେରୀ ସବଷ୍ଟେସନ (ପିଏସ୍‌ଏସ୍)କୁ କାର୍ଯ୍ୟକ୍ଷମ କରାଯାଇଛି। ଏହି ନବନିର୍ମିତ ୩୩/୧୧ କେଭି ସବଷ୍ଟେସନରେ ଦୁଇଟି ୫ ଏମଭିଏ ଟ୍ରାନ୍ସଫର୍ମର ରହିଛି। ନବରଙ୍ଗପୁର

- ୭ହଜାରରୁ ଅଧିକ ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଜୁଳି ସେବା
- ଝରିଗାଁ ବ୍ଲକ୍ ଚଚାଠାରେ ସ୍ଥାପିତ ହେଲା ସବ୍‌ଷ୍ଟେସନ

ସାଂସଦ ବଳଭଦ୍ର ମାଝୀ, କମ୍ପାନୀର ବରିଷ୍ଠ ଅଧିକାରୀ, ସ୍ଥାନୀୟ ଲୋକ ପ୍ରତିନିଧି ଓ ସ୍ଥାନୀୟ ବାସିନ୍ଦାଙ୍କ ଉପସ୍ଥିତିରେ ଭିତ୍ତିଭୂମିକୁ ଉଦ୍‌ଘାଟନ କରାଯାଇଛି। ଚଚା ପିଏସ୍‌ଏସ୍ କାର୍ଯ୍ୟକ୍ଷମ ହେବା ପରେ ଝରିଗାଁ ବ୍ଲକ୍ ବିଦ୍ୟୁତ ବିତରଣ ନେଟୱାର୍କରେ ଉଲ୍ଲେଖନୀୟ ଉନ୍ନତି ଆସିବ। ଘରୋଇ ଉପଭୋକ୍ତା, ବାଣିଜ୍ୟିକ ପ୍ରତିଷ୍ଠାନ ତଥା କୃଷି କ୍ଷେତ୍ରର ୭ହଜାରରୁ ଅଧିକ ଉପଭୋକ୍ତା ନୂତନ ପ୍ରକଳ୍ପରୁ ଉପକୃତ ହେବେ। ଚଚା, ଫୁଂଫୁଗାଁ, ପାଲିଆ, ଚିକିଲି, ବଡ଼ଟେମେରା, ସାନଟେମେରା, ଆଟବେଡ଼ା, କଙ୍ଗରା, ଓ ଚକଲାପଦର ସମେତ ଅନେକ ପଞ୍ଚାୟତର ଶତାଧିକ ଗ୍ରାମରେ ଭୋଲଟେଜ ସ୍ଥିରତା ଆସିବା ସହ ଗୁଣାତ୍ମକ ତଥା ଭରସାଯୋଗ୍ୟ ବିଜୁଳି ସେବା ମିଳିପାରିବ।

ପୂର୍ବରୁ ଝରିଗାଁ ପ୍ରାଥମିକ ସବଷ୍ଟେସନରୁ ଲମ୍ବା ୧୧କେଭି ଲାଇନ ମାଧ୍ୟମରେ ସମଗ୍ର ଅଞ୍ଚଳକୁ ବିଦ୍ୟୁତ ଯୋଗାଣ ଜାରି ରହିଥିଲା। ପ୍ରାୟ ୨୫୦କିଲୋମିଟରର ଫିଡର ଲାଇନରେ ବିଜୁଳି ଯୋଗାଣ ହେଉଥିଲା। ଲମ୍ବା ଲାଇନ କାରଣରୁ ଉପଭୋକ୍ତାମାନେ ବାରମ୍ବାର ଲୋ-ଭୋଲଟେଜ୍ ସମସ୍ୟାର ସମ୍ମୁଖୀନ ହେଉଥିଲେ। ସେହିଭଳି ବିଜୁଳି ଜନିତ ତ୍ରୁଟି ଓ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପୁନରୁଦ୍ଧାର କାର୍ଯ୍ୟରେ ଅନାବଶ୍ୟକ ବିଳମ୍ବ ହେଉଥିଲା। ସଂପ୍ରତି ଚଚା ସବଷ୍ଟେସନ କାର୍ଯ୍ୟକ୍ଷମ ସହ ସମଗ୍ର ବିଜୁଳି ନେଟୱାର୍କକୁ ୪ଟି ଉତ୍ସର୍ଗୀକୃତ ୧୧ କେଭି ଫିଡରରେ ବିଭକ୍ତ କରାଯାଇଛି, ସେଗୁଡ଼ିକ ହେଉଛି- ଇଚ୍ଛାପୁର, ପାଲିଆ, ବଡ଼ଟେମେରା ଓ ଚଚା। ଫଳରେ ଲୋଡ୍ ପରିଚାଳନାଠାରୁ ଆରମ୍ଭ କରି ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପର୍ଯ୍ୟନ୍ତ ସବୁ ସମୟରେ ଭରସାଯୋଗ୍ୟ ବିଜୁଳି ଯୋଗାଣ ସମ୍ଭବପର ହୋଇପାରିଛି।

ଏହିଅବସରରେ ଟିପିଏସଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, "ନବରଙ୍ଗପୁର ଜିଲ୍ଲାର ଗ୍ରାମୀଣ ବିଦ୍ୟୁତ ଭିତ୍ତିଭୂମିକୁ ମଜବୁତ କରିବା ପାଇଁ ଚଚା ପ୍ରାଥମିକ ସବଷ୍ଟେସନ କାର୍ଯ୍ୟକ୍ଷମ ହେବା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଫିଡରର ଦୈର୍ଘ୍ୟ ହ୍ରାସ କରି ଏବଂ ଉତ୍ସର୍ଗୀକୃତ ବିତରଣ ଲାଇନ ସୃଷ୍ଟି କରି ଆମେ ଉନ୍ନତ ଭୋଲଟେଜ ଗୁଣବତ୍ତା, ନିର୍ଭରଯୋଗ୍ୟ ବିଦ୍ୟୁତ ଯୋଗାଣ ଏବଂ ଗ୍ରାହକଙ୍କ ପାଇଁ ଶୀଘ୍ର ପୁନରୁଦ୍ଧାର ସେବା ସୁନିଶ୍ଚିତ କରୁଛୁ। ଏହି ଅଞ୍ଚଳର କୃଷି ଏବଂ ଅର୍ଥନୈତିକ ଅଭିବୃଦ୍ଧିକୁ ସମର୍ଥନ କରିବା ସହ ପ୍ରତ୍ୟେକ ଗ୍ରାହକଙ୍କୁ ନିର୍ଭରଯୋଗ୍ୟ ଏବଂ ଗୁଣାତ୍ମକ ବିଦ୍ୟୁତ ଯୋଗାଇବା ପାଇଁ ଟିପିଏସ୍‌ଓଡିଏଲ୍ ପ୍ରତିଶ୍ରୁତିବଦ୍ଧ। ଗ୍ରାମାଞ୍ଚଳ ତଥା ଛୋଟ ସହରରେ ଭିତ୍ତିଭୂମି ବିକାଶ ସହ ଗୁଣାତ୍ମକ ସେବା ପ୍ରଦାନ ପୂର୍ବକ ଟିପିଏସ୍‌ଓଡିଏଲ୍ ବିଜୁଳି ନେଟୱାର୍କର ଆଧୁନିକୀକରଣ ଦିଗରେ ଧ୍ୟାନ କେନ୍ଦ୍ରୀଭୂତ କରିଛି।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏସି ଅଚଳ

## ଗରମରେ କଲବଲ ହେଉଛନ୍ତି ରୋଗୀ




ପାରଳାଖେମୁଣ୍ଡି,୨୩।୫(ସମିସ)

ପାରଳାଖେମୁଣ୍ଡିରେ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ବା ଏସି ଅଚଳ ହୋଇ ରହିଛି। ଏସିର ହେଉନି ମରାମତ। ଫଳରେ ଏହି ଚିକିତ୍ସାଳୟକୁ ଆସୁଥିବା ରୋଗୀଙ୍କ ରୋଗ ଯନ୍ତ୍ରଣା ଯେତିକି କଷ୍ଟ ଦେଉନି ତାଠୁ ବଳି ଯାଉଛି ଅସହ୍ୟ ଗରମ। ଗରମରେ କଲବଲ ହେଉଛନ୍ତି ରୋଗୀ। ରେଗୀଙ୍କ ଉପଚାର ପାଇଁ ରଖାଯାଉଥିବା କକ୍ଷରେ ଲଗାଯାଇଥିବା ଏସି କାମ ଦେଉନଥିବାରୁ ନାନାଦି ସମସ୍ୟା ହେଉଛି। ରେଗୀଙ୍କ ରୋଗକୁ ଦ୍ୱିଗୁଣିତ କରୁଛି ତାତି। ହେଲେ ଏପରିସ୍ଥଳେ ବିଭାଗୀୟ ଅଧିକାରୀ ଏସି ମରାମତି କରୁଥିବା ପୂର୍ତ୍ତ ବିଭାଗର ଜିଡି ବିଭାଗର କାମ ବୋଲି କହି ହାତଟେକି ଦେଉଛନ୍ତି। ସେପଟେ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଜିଡି ବିଭାଗକୁ ରୋଗୀଙ୍କ ପରିଜନମାନେ ସିଧାସଳଖ ଅଭିଯୋଗ କରିବା ନିମନ୍ତେ ଯୋଗାଯୋଗ କଲେ ମଧ୍ୟ ସମ୍ଭବ ହେଉନି। ଏନେଇ ଗ୍ରୀଷ୍ମ ଋତୁ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରସ୍ତୁତି ବୈଠକ, ପ୍ରାକୃତିକ ବିପର୍ଯ୍ୟସ୍ତ ବୈଠକ ଆଦିରେ ରୋଗୀଙ୍କ ଉପଚାର କକ୍ଷରେ ଲାଗିଥିବା ଏସି ଗୁଡିକର ମରାମତି କରି ଚାଲୁ ଅବସ୍ଥାରେ ରଖିବା ପାଇଁ ତାଗିଦ କରାଯାଇଛି। ସେପଟେ ସ୍ଥାନୀୟ ବିଧାୟକ ମଧ୍ୟ ଏପରି ଅବସ୍ଥା ହେଉଥିବାର ଜାଣି ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ଏସି ଗୁଡିକର ମରାମତି କରି ଚଲାଇବା ପାଇଁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। ହେଲେ ବିଭାଗ ଏଥି ପ୍ରତି ଭ୍ରୂକ୍ଷେପ କରୁନି। ଯିଏ ଯେତେବେଳେ ନିର୍ଦ୍ଦେଶ ଦେଲେ କିମ୍ବା ବୈଠକରେ ଏନେଇ କୁହାଗଲେ ହଁରେ ହଁ ମାରି ନୀରବଦ୍ରଷ୍ଟା ସାଜିଥିବା ଦେଖାଯାଉଛି।

# ତାଣ୍ଡବ ରଚିଲା କାଳବୈଶାଖୀ ଭାଙ୍ଗିଲା ବହୁ ଘର; ବୃଦ୍ଧ ମୃତ



ବାଲିଗୁଡ଼ା,୨୩।୫(ସମିସ): ତୁମୁଡ଼ିବନ୍ଧ ଅଞ୍ଚଳରେ ଶୁକ୍ରବାର ଦିନ କାଳବୈଶାଖୀ ଭୟଙ୍କର ରୂପ ନେଇ ବହୁ ଗଛ ଓ ଘର ଭାଙ୍ଗିବା ସହ ଜଣେ ବୃଦ୍ଧଙ୍କ ଜୀବନ ଯାଇଛି। କାଳବୈଶାଖୀରେ କୁର୍ତ୍ତମଗଡ ପଞ୍ଚାୟତ ସିନ୍ଧୁଲପଡ଼ି ଗ୍ରାମର ଜିତେନ୍ଦ୍ର ଦିଗାଲ (୬୦)ଙ୍କ ଘର ଉଡିଯିବା ସହ ଘରର କାଠ ମୁଣ୍ଡରେ ପଡ଼ିବାରୁ ଆହତ ହୋଇଥିଲେ। ପରିବାରବର୍ଗ ଜିତେନ୍ଦ୍ରଙ୍କୁ ଆହତ ଅବସ୍ଥାରେ ଆମ୍ବୁଲାନ୍ସ ଯୋଗେ ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କିନ୍ତୁ ଚିକିତ୍ସାଧିନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ତୁମୁଡିବନ୍ଧ ତହସିଲଦାର ରେଡକ୍ରସ ତରଫରୁ ମୃତ ପରିବାରକୁ ୧୦ ହଜାର ଅନୁକମ୍ପା ରାଶି ପ୍ରଦାନ କରାଯାଇଛି।

# ଅଙ୍ଗନବାଡ଼ି କର୍ମୀଙ୍କ ପୋଷଣ ପ୍ରଶିକ୍ଷଣ ଶିବିର



ଧରାକୋଟ,୨୩।୫(ସମିସ): ଧରାକୋଟ ବ୍ଲକର ମିଶନ ଶକ୍ତି ଗୃହରେ ଅଙ୍ଗନବାଡି କର୍ମୀମାନଙ୍କ ତ୍ରିଦିବସୀୟ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। 'ପୋଷଣ ଭି, ପଢ଼ାଇ ଭି' ହେଉଛି ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଦ୍ୱାରା ୨୦୨୩ରେ ଆରମ୍ଭ ହୋଇଥିବା ଏକ ପ୍ରମୁଖ କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମ ଜାତୀୟ ଶିକ୍ଷା ନୀତି ୨୦୨୦ର ନିର୍ଦ୍ଦେଶାବଳୀ ଅନୁଯାୟୀ କାର୍ଯ୍ୟ କରୁଛି। ଯାହା ପିଲାଙ୍କୁ ଖେଳ ମାଧ୍ୟମରେ ଶିକ୍ଷା ଦେବାକୁ ପ୍ରୋତ୍ସାହିତ କରେ। କାର୍ଯ୍ୟକ୍ରମରେ ସିଡିପିଓ ସୁନୀଲ ପ୍ରଭା ରଥ, ଭାଗ୍ୟଲତା ମଣ୍ଡଳ, ରାଜଲକ୍ଷ୍ମୀ ପ୍ରଧାନ, ସୁଶୀଳା ମଲ୍ଲିକ, ଲକ୍ଷ୍ମୀ ଦଳେଇ, ପଦ୍ମାବତୀ ମଲ୍ଲିକ ପ୍ରମୁଖ ପ୍ରଶିକ୍ଷଣ ରେ ସହଯୋଗ କରିଥିଲେ।

# ପାନୀୟ ଜଳ ଯୋଗାଣ ଠପ୍; ପ୍ରତିକାର ଦାବି

ବୁଗୁଡ଼ା,୨୩।୫(ସମିସ): ସମ୍ପ୍ରତି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ବୁଗୁଡ଼ା ଏନଏସିର ୱାର୍ଡ-୫ ଅନ୍ତର୍ଗତ ସୀମାଞ୍ଚଳନଗର, ନୃସିଂହ ମନ୍ଦିର ସାହି, ମହାରଣାସାହିରେ ଦୁଇ ଦିନ ହେଲା ପାନୀୟ ଜଳ ଯୋଗାଣ ଠପ୍ ହୋଇଯାଇଥିବା ଅଭିଯୋଗ ହୋଇଛି। ଏହି ତିନି ସାହିର ପ୍ରାୟ ଚାରି ଶହ ପରିବାର ପିଇବାକୁ ପାଣି ନପାଇ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ଲୋକଙ୍କୁ ବାଧ ହୋଇ ଆଖପାଖରୁ ବହୁ କଷ୍ଟରେ ପାନୀୟ ଜଳର ବ୍ୟବସ୍ଥା କରିବାକୁ ପଡୁଛି। ଏନେଇ ସ୍ଥାନୀୟ ପିଏଚଡି ଅଧିକାରୀଙ୍କୁ ଲୋକେ ଯୋଗାଯୋଗ କରିବାରେ ବିଫଳ ହୋଇ ଜନପ୍ରତିନିଧିଙ୍କୁ ଗୁହାରି କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏହା ଫଳରେ ସ୍ଥାନୀୟ ବିଭାଗୀୟ ଅଧିକାରୀ ଏବଂ ଜନପ୍ରତିନିଧିଙ୍କ ପ୍ରତି ଜଳକଷ୍ଟ ଭୋଗୁଥିବା ସାହିବାସିନ୍ଦାଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖା ଦେଇଛି। ଏଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥି ପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ପ୍ରତିକାର ବ୍ୟବସ୍ଥା କରିବା ପାଇଁ ଦୃଢ ଦାବି ହେଉଛି।

# ଜିଲ୍ଲାସ୍ତରୀୟ କୃତୀ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ



ଛତ୍ରପୁର,୨୩।୫(ସମିସ): ଶିକ୍ଷା କେବଳ ପରୀକ୍ଷାରେ ପାସ କରିବାରେ ମାଧ୍ୟମ ନୁହେଁ, ବରଂ ଏହା ଏକ ସଭ୍ୟ ଓ ସୁଶିକ୍ଷିତ ସମାଜ ଗଠନର ମୂଳଦୁଆ। ଆଜିର ପିଲାମାନେ ଯଦି ସମାଜିକ ସଂସ୍କାର, ପରିବେଶ ସୁରକ୍ଷା ଏବଂ ସାମୂହିକ ବିକାଶ, ସମାଜ ସେବା ନିଜକୁ ନିୟୋଜିତ କରିବେ ତେବେ ହିଁ ସେମାନଙ୍କର ଶିକ୍ଷା ସାର୍ଥକ ହେବ ବୋଲି ଛତ୍ରପୁର ଡିଆରଡିଏ ସ୍ଥିତ ଜଉଗଡ ସମ୍ମିଳନୀ କକ୍ଷରେ ଆୟୋଜିତ ଡ.ଏପିଜେ ଅବଦୁଲ କଲାମ ଜନକଲ୍ୟାଣ ଚାରିଟେବୁଲ ଟ୍ରଷ୍ଟ ଖଲ୍ଲିକୋଟ ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ଆଦର୍ଶ ବିଦ୍ୟାଳୟ କୃତି ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ନିଜ ବକ୍ତବ୍ୟରେ କହିଥିଲେ। ଡ.ଏପିଜେ ଅବଦୁଲ କଲାମ ଜନକଲ୍ୟାଣ ଚାରିଟେବୁଲ ଟ୍ରଷ୍ଟର ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ସମାଜର ପ୍ରକାଶକ ଓ ମୁଦ୍ରକର ତଥା ଲୋକସେବକ ମଣ୍ଡଳର କୋଷାଧ୍ୟକ୍ଷ ରାଜେନ୍ଦ୍ର କୁମାର ଜେନା ଯୋଗଦେଇ ଶିକ୍ଷା କ୍ଷେତ୍ରରେ ଆଦର୍ଶ ବିଦ୍ୟାଳୟ ଗୁଡିକର ଅବଦାନକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଜିଲ୍ଲାରେ ଚଳିତ ଦଶମ ପରୀକ୍ଷାରେ ଆଦର୍ଶ ବିଦ୍ୟାଳୟର ଶହେରୁ ଊର୍ଦ୍ଧ୍ୱ କୃତି ବିଦ୍ୟାର୍ଥୀଙ୍କୁ ଅତିଥିବୃନ୍ଦ ପୁରସ୍କୃତ କରିବା ସହ ଚାରା ପ୍ରଦାନ କରାଯାଇଥିଲା। ଅଂଶୁମାନ ପଣ୍ଡା ଓ ଖୁସଲ କୁମାର ବେହେରା ଗଞ୍ଜାମ ଜିଲ୍ଲାରେ ଥିବା ସମସ୍ତ ଓଏଭିରେ ସର୍ବାଧିକ ମାର୍କ ରଖିଥିବାରୁ ତାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଦୌରିକା ମହାରଣା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, ଡ.ଏପିଜେ ଅବଦୁଲ କଲାମ ଜନକଲ୍ୟାଣ ଚାରିଟେବୁଲ ଟ୍ରଷ୍ଟ ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା, ସଂପାଦକ ପଞ୍ଚାନନ ସୁର, ଚିକିଟି ଓଏଭି ବିଦ୍ୟାଳୟ ପ୍ରିନ୍ସପାଲ ସିଏଚ. ହେମନ୍ତ କୁମାର ମଞ୍ଚାସୀନ ରହି ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ।

# ଶୈବପୀଠ ଜିର୍ଣ୍ଣୋଦ୍ଧାର ମହୋତ୍ସବ ପ୍ରସ୍ତୁତି



ଦିଗପହଣ୍ଡି,୨୩।୫(ସମିସ): ଦିଗପହଣ୍ଡି ସହର ଉପକଣ୍ଠ କୁଶପଡ଼ା ଗ୍ରାମ ନିକଟ କମାପଡିଆ ସ୍ଥିତ ଶ୍ରୀ ନୀଳକଣ୍ଠେଶ୍ୱର ଶୈବପୀଠ ଜିର୍ଣ୍ଣୋଦ୍ଧାର ମହୋତ୍ସବ ଓ ଶତରୁଦ୍ର ମହାଯଜ୍ଞ ନିମନ୍ତେ ପ୍ରସ୍ତୁତି ଶେଷ ହୋଇଛି। ଉକ୍ତ ମହୋତ୍ସବ ଅବସରରେ ଶୈବପୀଠ ପରିସରରେ ନବନିର୍ମିତ ବିଘ୍ନ ବିନାଶାୟ ଗଣେଷ ଏବଂ ଶ୍ରୀରାମଦୂତ ହନୁମାନଙ୍କ ପ୍ରାସାଦ ପ୍ରତିଷ୍ଠା କରାଯିବ। ପଣ୍ଡିତ ଭବାନୀ ଶଙ୍କର ତ୍ରିପାଠୀଙ୍କ ପୌରୋହିତ୍ୟରେ ରବିବାର ଜ୍ୟେଷ୍ଠ ଶୁକ୍ଳ ନବମୀ ତିଥି ଠାରୁ ଜ୍ୟେଷ୍ଠ ଶୁକ୍ଳ ଦ୍ୱାଦଶୀ ତିଥି ୨୮ ତାରିଖ ଗୁରୁବାର ଯାଏଁ ୫ ଦିନବ୍ୟାପୀ ଏହି ମହାଯଜ୍ଞ ଆୟୋଜନ କରାଯିବ। ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ମହାଯଜ୍ଞ ପରିଚାଳନା କମିଟି ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିବା ସଭାପତି ତଥା ଦିଗପହଣ୍ଡି ଏନଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା ଜଣାଇଛନ୍ତି। ଉପ ସଭାପତି ବସନ୍ତ ପଟ୍ଟନାୟକ, କେ. ତାରକେଶ୍ୱର ଦୋରା, ଏସ.ଗାନ୍ଧୀ, ସୁଶାନ୍ତ ପ୍ରଧାନ, ସମ୍ପାଦକ ଭାବେ ସୁରେନ୍ଦ୍ର ବିଷୋୟୀ, ସହ-ସମ୍ପାଦକ ବିପ୍ର ସେଠୀ, ନିରାକାର ପ୍ରଧାନ, ହର୍ଷ ପ୍ରଧାନ ଏବଂ କୋଷାଧ୍ୟକ୍ଷ କୋରେଶୁ ସେଠୀ, ଉପଦେଷ୍ଟା ପୂର୍ବତନ ଏନଏସି ଅଧ୍ୟକ୍ଷ ଭି.ରବି ନାରାୟଣ ରାଜୁ ପ୍ରମୁଖ ବିଭିନ୍ନ ଦାୟିତ୍ୱରେ ରହିଛନ୍ତି।

# ଭ୍ରମରବାଡ଼ିରେ ଆର୍ଥିକ ସାକ୍ଷରତା ଶିବିର



ଦାରିଙ୍ଗବାଡି,୨୩।୫(ସମିସ): ଦାରିଙ୍ଗବାଡ଼ି ବ୍ଲକ ଭ୍ରମରବାଡ଼ି ଗ୍ରାମରେ ଶୁକ୍ରବାର ଆର୍ଥିକ ସାକ୍ଷରତା ଶିବିର ଅନୁଷ୍ଠିତ ହୋଇଥିଲା। ଜାତୀୟ ଅନୁସୂଚିତ ଜନଜାତି ଆର୍ଥିକ ଓ ବିକାଶ ନିଗମ ଏବଂ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଦାରିଙ୍ଗବାଡ଼ି ଶାଖା ସହଯୋଗରେ ଏହି ସାକ୍ଷରତା ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଜାତୀୟ ଅନୁସୂଚିତ ଜନଜାତି ଆର୍ଥିକ ଓ ବିକାଶ ନିଗମର ମୁଖ୍ୟ ଆଞ୍ଚଳିକ ପ୍ରବନ୍ଧକ ସୁନୀଲ କୁମାର ସାହୁ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଫୁଲବାଣୀ ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ଚନ୍ଦନ କୁମାର ଝା ଏବଂ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଦାରିଙ୍ଗବାଡ଼ି ଶାଖାର ଶାଖା ପ୍ରବନ୍ଧକ ଏ. ଦିନେଶ କୁମାର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ସିଆରପି, ଏମ୍‌ବିକେ ଏବଂ ସମସ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଏଥିରେ ସାମିଲ ହୋଇ ସଚେତନତା ସୃଷ୍ଟି କରିଥିଲେ।

# ମାଧ୍ୟମ ଫାଉଣ୍ଡେସନ ତରଫରୁ ସାମାଜିକ ସମୀକ୍ଷା କାର୍ଯ୍ୟକ୍ରମ



ରାଇକିଆ,୨୩।୫(ସମିସ): ରାଇକିଆ ମଧ୍ୟମ ଫାଉଣ୍ଡେସନ ତରଫରୁ ସାମାଜିକ ସମୀକ୍ଷା କାର୍ଯ୍ୟକ୍ରମ ରାଇକିଆ ସ୍ଥିତ ଜାଗୃତି କୃଷି ଉତ୍ପାଦନକାରୀ ମହିଳା ସମବାୟ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏ ଡବ୍ଲୁ ଇଣ୍ଟରନ୍ୟାସନାଲ ସହଯୋଗରେ ପରିଚାଳିତ ଏହି ଅନୁଷ୍ଠାନର କାର୍ଯ୍ୟକ୍ରମରେ କୈଳାଶ ଚନ୍ଦ୍ର ପାଢ଼ୀ ରିସୋର୍ସ ପର୍ସନ ଭାବେ ଯୋଗ ଦେଇ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ସମୀକ୍ଷା କାର୍ଯ୍ୟକ୍ରମରେ ମାଧ୍ୟମ ଫାଉଣ୍ଡେସନ ଦ୍ୱାରା ୩ ବର୍ଷ ଧରି କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସହିତ ଚଳିତ ବର୍ଷର କାର୍ଯ୍ୟକ୍ରମ ଉପରେ ସମୀକ୍ଷା କରାଯାଇଥିଲା। ସେହିପରି କାର୍ଯ୍ୟକ୍ରମଗୁଡ଼ିକର ଦୀର୍ଘମିଆଦୀ ରକ୍ଷଣାବେକ୍ଷଣ ଓ ସ୍ଥାୟୀକରଣ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉପକୃଷି ଅଧିକାରୀ ସୁଦୀପ୍ତା ପ୍ରଧାନ, ଡଡିଙ୍ଗିଆ ସରପଞ୍ଚ ଅଶୋକ କୁମାର ପ୍ରଧାନ, ଜାଗୃତି ମହିଳା ସମବାୟ ସମିତି ସଭାନେତ୍ରୀ ସୁଷମା ପ୍ରଧାନ, ୱାର୍ଡମେମ୍ବର , ଉତ୍ପାଦନକାରୀ ଗୋଷ୍ଠୀର ସଦସ୍ୟ ଯୋଗଦେଇ ମତାମତ ପ୍ରଦାନ କରିଥିଲେ। ପ୍ରକଳ୍ପ ସଂଯୋଜକ ଜଳନ୍ଧର ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୌଭାଗ୍ୟ କୁମାର ମିଶ୍ର, ସତ୍ୟଜିତ୍ ରାୟ, ସଞ୍ଜୀବ କୁମାର ଖଣ୍ଡଗିରି, ବିଷ୍ଣୁ ଚରଣ ସାହୁ ଏବଂ ନମିତା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅନ୍ତର୍ଜାତୀୟ କଇଁଛ ଦିବସ ପାଳିତ




ଗଞ୍ଜାମ,୨୩।୫(ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଲିବନ୍ଧ ପଞ୍ଚାୟତର ପୁରୁଣାବନ୍ଧ ସ୍ଥିତ ଇଣ୍ଟରପ୍ରେଟ୍ସନ ସେଣ୍ଟରେ ବିଶ୍ୱ କଇଁଛ ଦିବସ ପାଳିତ ହୋଇଯାଇଛି। ଏସିଏଫ ଦିବ୍ୟଶଙ୍କର ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ 'ମୁଁ କଇଁଛକୁ ଭଲପାଏ' ଥିମକୁ ନେଇ ଆଲୋଚନା ହୋଇଥିଲା। ଋଷିକୁଲ୍ୟା ମୁହାଁଣ ଅଞ୍ଚଳରେ ଅଲିଭ ରିଡଲେ ସାମୁଦ୍ରିକ କଇଁଛ ମାନଙ୍କ ସୁରକ୍ଷାକୁ ନେଇ ସଚେତନ କରାଯାଇଥିଲା। ଡ଼ଃ ସୁବ୍ରତ ବେବତା, ଡ଼ଃ ଆଶିଷ କୁମାର ଦାଶ, ଜେଡଏସଆଇ, ଇକୋ କ୍ଲବ ଜିଲ୍ଲା ସଂଯୋଜକ ଡ଼ଃ ଶଙ୍କର ନାରାୟଣ ବେଜ, ଡ଼ଃ ସନ୍ଦୀପ ମହାପାତ୍ର, ଋଷିକୁଲ୍ୟା କଇଁଛ ସୁରକ୍ଷା ସମିତି ସମ୍ପାଦକ ରବୀନ୍ଦ୍ରନାଥ ସାହୁ, ଫରେଷ୍ଟର ଡି. ପ୍ରଶାନ୍ତ କୁମାର ରାଓ, ଫରେଷ୍ଟ ଗାର୍ଡ ତପନ ନନ୍ଦ, ପୁରୁଣାବନ୍ଧ ଗ୍ରାମ୍ୟ ସଭାପତି ମାଗତା ବେହେରା ପ୍ରମୁଖ ବହୁ ଉପସ୍ଥିତ ଥିଲେ।

## ବେଆଇନ୍ କାଠ ଉପକରଣ ନିର୍ମାଣ କାରଖାନାରେ ଚଢ଼ଉ

# ବିପୁଳ କାଠ ସରଞ୍ଜାମ ଜବତ; ୨ ଗିରଫ



ମୋହନା,୨୩।୫(ସମିସ): ଗଜପତି ଜିଲ୍ଲା ଅଡ଼ବା ଥାନା ଅନ୍ତର୍ଗତ ଝିଲିକି ଗ୍ରାମରେ ଚାଲିଥିବା ଏକ ବେଆଇନ୍ କାଠ ସରଞ୍ଜାମ ନିର୍ମାଣ କାରଖାନା ଉପରେ ଚଢ଼ଉ କରିଛି ମୋହନା ବନବିଭାଗ। ସେଠାରୁ ବିପୁଳ ପରିମାଣର କାଠ ନିର୍ମିତ ସରଞ୍ଜାମ ସହ ଶାଳ, ପିଆଶାଳ କାଠ ଜବତ୍ ହୋଇଛି। ବିଶେଷ ସୂତ୍ରରୁ ଖବର ପାଇ ଏସିଏଫ୍ ସାଇନିଶ୍ରୀ ଦାସଙ୍କ ନେତୃତ୍ୱରେ ବନ ବିଭାଗ କର୍ମଚାରୀ ଝିଲିକି ଗ୍ରାମ ସ୍ଥିତ ବିପିନ ନାୟକଙ୍କ ଘରେ ଶନିବାର ସନ୍ଧ୍ୟାରେ ଚଢ଼ଉ କରିଥିଲେ। ଘର ବାଡ଼ିପଟେ କାଠ ସାମଗ୍ରୀ ନିର୍ମାଣ କାରଖାନା ଚାଲିଥିବା ଦେଖିବାକୁ ମିଳିଥିଲା। ସେଠାରୁ ୨ଟି ପିଆଶାଳ କାଠ ନିର୍ମିତ ପଲଙ୍କ, ୨ଟି ଖଟ, କିଛି କାଠ ନିର୍ମିତ ଆସବାବପତ୍ର ସହ ସାଇଜ କାଠ ଜବତ୍ କରାଯାଇଛି। ନିକଟସ୍ଥ କିଛି ଅଞ୍ଚଳରୁ ମୂଲ୍ୟବାନ କାଠ ସଂଗ୍ରହ କରି ଉକ୍ତ ଘର ବାରିପଟେ ଲକ୍ଷାଧିକ ଟଙ୍କାର କାଠ ନିର୍ମିତ ସରଞ୍ଜାମ ନିର୍ମାଣ କରି ବିକ୍ରି କରାଯାଉଥିବା ଜଣାପଡ଼ିଛି। ବେଆଇନ୍ କାଠ କାରଖାନା ଚଳାଇବା ଏବଂ କାଠ ରଖିବା ଅଭିଯୋଗରେ ଝିଲିକି ଗ୍ରାମର ବିପିନ ନାୟକ ଏବଂ ତାଙ୍କ ସହଯୋଗୀ ମୋହନାର ରାଜକୁମାର ଲିମାଙ୍କୁ ଗିରଫ କରିଛି ବନ ବିଭାଗ। ଜବତ୍ କାଠ ସାମଗ୍ରୀ ଏବଂ କାଠ ସାଇଜର ମୂଲ୍ୟ ୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ରବିବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚଲାଣ କରାଯିବ ବୋଲି ମୋହନା ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀ ପ୍ରସାଦ ବିଷୋୟୀ ସୂଚନା ଦେଇଛନ୍ତି।

# ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ଦହିପଣା ବଣ୍ଟନ



ପାରଳାଖେମୁଣ୍ଡି,୨୩।୫(ସମିସ): କିଛିଦିନ ହେବ ପ୍ରବଳ ରୌଦ୍ରତାପ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହେଉଥିବା ବେଳେ ଏହି ସମୟରେ ଖିଳ ଭାରତୀୟ ମାନବ ଅଧିକାର ପରିଷଦର ଲକ୍ଷ୍ମୀକାନ୍ତ ପାଢ଼ୀ ଓ ଜି. କୁର୍ମା ରେଡ୍ଡୀଙ୍କ ନେତୃତ୍ୱରେ ଅଖିଳ ଭାରତୀୟ ଯୁବାଜନ ସେବା ସମିତି ସ୍ୱେଚ୍ଛାସେବୀଙ୍କ ସହାୟତାରେ ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ସେଞ୍ଚୁରିୟନ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଶତାଧିକ ପଥଚାରୀଙ୍କୁ ଦହିପାଣା ବଣ୍ଟନ କରାଯାଇଥିଲା। ଏଥିରେ ଜିଲ୍ଲା ନ୍ୟାୟାଳୟର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର, ସମାଜସେବୀ ଏସ. ଲିଙ୍ଗରାଜ, ରମେଶ ପାତ୍ର ଓ ଶ୍ୟାମସୁନ୍ଦର ରେଡ୍ଡୀ ଯୋଗ ଦେଇ ପଥଚାରୀଙ୍କୁ ଦହିପଣା ବଣ୍ଟନ କରିବା ସହ ଏହି ସେବା କାର୍ଯ୍ୟ ନିମନ୍ତେ ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟି.ଶ୍ରୀକାନ୍ତ, ବସନ୍ତ ନାଇଡୁ, ପି. ତେଜେଶ୍ୱର ରାଓ, ସୁରଜ ପାଢ଼ୀ ଓ ମନୋରଞ୍ଜନ ବଡ଼ରଇତ ଯୋଗ ଦେଇଥିଲେ। ପ୍ରବଳ ଗ୍ରୀଷ୍ମ ଗୁଳୁଗୁଳିରେ ଆଗକୁ ମଧ୍ୟ ଏଭଳି ସେବାକାର୍ଯ୍ୟ ଜାରି ରହିବ ବୋଲି ସମାଜସେବୀ କୁର୍ମା ରେଡ୍ଡୀ ମତ ପ୍ରକାଶ କରିବା ସହ ଲକ୍ଷ୍ମୀକାନ୍ତ ପାଢ଼ୀ ପଥଚାରୀଙ୍କୁ ଦ୍ୱିପ୍ରହର ସମୟରେ ବାହାରକୁ ଯିବା ସମୟରେ ଛତା ଓ ପାଣିବୋତଲ ସାଙ୍ଗରେ ନେଇ ଯାତ୍ରା କରିବାକୁ ସଚେତନତା କରିଥିଲେ।

# ମୁଖ୍ୟ ରାସ୍ତାରେ ସରକାରୀ ଗାଡ଼ିର ଅବାଧ ପାର୍କିଂ




ପାରଳାଖେମୁଣ୍ଡି,୨୩।୫(ସମିସ)

ପାରଳାଖେମୁଣ୍ଡି ସହରରେ ଏକ ସରକାରୀ ଗାଡ଼ି ଘଣ୍ଟା ଘଣ୍ଟା ଧରି ମୁଖ୍ୟ ରାସ୍ତାର ମୁଖ୍ୟ ଛକରେ ପାର୍କିଂ କରି ରଖାଯାଉଥିବାରୁ ଯାତାୟାତ ବାଧାପ୍ରାପ୍ତ ହେବାସହ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ସରକାରୀ ଗାଡି ଶୁକ୍ରବାର ଦିନ ସନ୍ଧ୍ୟାରେ ଭଣ୍ଡାରୀସାହି ଛକ ଉପରେ ଘଣ୍ଟା ଘଣ୍ଟା ଧରି ଅବାଧ ପାର୍କିଂ କରି ରହିଥିଲା। ଫଳରେ ଏହି ପ୍ରମୁଖ ରାସ୍ତାରେ ଯାତାୟତ ପାଇଁ ଲୋକେ ନାନାଦି ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଗାଡ଼ିରେ ଲାଗିଥିବା ଫଳକରୁ ଏହା କାଶୀନଗର ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବୋଲି ଜଣାପଡ଼ିଛି। ଏହାକୁ ପୌର ନିର୍ବାହୀ ଅଧିକାରୀ ବ୍ୟବହାର କରୁଥିବା ବେଳେ ଗାଡ଼ିରେ କେହି ଅଧିକାରୀ କିମ୍ବା ଚାଳକ ନଥିବା ବେଳେ କିଏ କେଉଁ ଉଦ୍ଦେଶ୍ୟରେ ଏପରି ଗାଡ଼ି ପାର୍କିଂ କରି ରଖିଛି ତାହା ଜଣାପଡ଼ିନି। ଲୋକେ ଏପରି ରାସ୍ତା ଅବରୋଧକୁ ନେଇ ବିରକ୍ତି ପ୍ରକାଶ କରିବା ସହ ଗାଡ଼ି ନିକଟକୁ କେହି ଆସିଲେ କହିବୁ ବୋଲି ଦୀର୍ଘ ସମୟ ଧରି ଅପେକ୍ଷା କରିଥିଲେ ମଧ୍ୟ କେହି ଆସିନଥିଲେ। ଲୋକେ ଅପେକ୍ଷାର ଅନ୍ତ ଘଟାଇ ଅପରପାଶ୍ୱର୍ ରାସ୍ତା ତଥା ବୁଲାଣିଆ ରାସ୍ତାରେ ନିଜ ନିଜ ଗନ୍ତବ୍ୟସ୍ଥଳକୁ ଯାଇଥିଲେ। ସହରର ସ୍ୱଚ୍ଛତା ଠାରୁ ଆରମ୍ଭ କରି ଟ୍ରାଫିକ୍ ଆଦିକୁ ନେଇ ଯିଏ ନିର୍ଣ୍ଣୟ କରିବାରେ ଯେଉଁ ଅଧିକାରୀଙ୍କ ଭୂମିକା ରହୁଛି ସେ ଯଦି ରାସ୍ତା ଉପରେ ବାବୁ ପଣିଆ ଦେଖାଇ ଅବାଧ ପାର୍କିଂ କରୁଛନ୍ତି ଲୋକେ ଗୁହାରି କରିବେ କାହାକୁ ବୋଲି ସାଧାରଣରେ ପ୍ରଶ୍ନ ସୃଷ୍ଟି ହେଉଛି। ପୁଲିସ ସହରରେ ବିଶେଷ କରି ସାନ୍ଧ୍ୟକାଳୀନ ପାଟ୍ରୋଲିଂକୁ ବୃଦ୍ଧି କରି ଏପରି ଅବାଧ ପାର୍କିଂ କରୁଥିବା ଗାଡି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉଛି।

# ୫ ଘଣ୍ଟାରୁ ଉର୍ଦ୍ଧ୍ୱ ବିଜୁଳି କାଟ; ଜନଜୀବନ ଅସ୍ତବ୍ୟସ୍ତ

**କବାଟବନ୍ଧ, ୨୩।୫(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ କବାଟବନ୍ଧ ବିଦ୍ୟୁତ ସବଷ୍ଟେସନ ସମସ୍ତ ଅଞ୍ଚଳରେ ବିଦ୍ୟୁତ ସେବାରୁ ଦୀର୍ଘ ସମୟ ଧରି ବଞ୍ଚିତ ଗ୍ରାହକ ତଥା ଜନସାଧାରଣ ଅଘୋଷିତ ବିଦ୍ୟୁତ କାଟକୁ ନେଇ ପ୍ରବଳ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ବିଦ୍ୟୁତ ସବଷ୍ଟେସନର ବାଘୁଆ, ବଳରାମପୁର, ଜେନାପୁର ଆଦି ୩ ଫିଡରରୁ କବାଟବନ୍ଧ, ମର୍ଜିତାପୁର, ମଧୁସୂଦନପୁର, ବୃନ୍ଦାଦେଇପୁର, ଜେନାପୁର, ଅଣ୍ଡିଆ, କମାଗଡ଼, ଗଡ଼ମଧୁପୁର, ପୁରୁଣାବଉଳମାଳ, ସାହାଣୀଡିହ, ଅଞ୍ଜିରା, ଚକ୍ରଧରପୁର, ଚକ୍ରଧରପୁର, ତାଳଜଙ୍ଗ, ରାଇଛନ୍ଦା, ରେଖିଦେଇପୁର, ଏଣ୍ଡଳବା ଆଦି ପଞ୍ଚାୟତର ପ୍ରାୟ ୧୬ ହଜାରରୁ ଉର୍ଦ୍ଧ୍ୱ ବିଦ୍ୟୁତ ଗ୍ରାହକ ତଥା ଜନସାଧାରଣ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହୋଇଛନ୍ତି। ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁଁ ରାଜ୍ୟରେ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇ ଦେବାକୁ ବିଭାଗୀୟ ମନ୍ତ୍ରୀ କଡ଼ା ନିର୍ଦ୍ଦେଶ ଦେଇଥିବା ବେଳେ ବାସ୍ତବରେ କିନ୍ତୁ ତାହା କାର୍ଯ୍ୟକାରୀ ହେଉନାହିଁ। ପ୍ରତ୍ୟେକ ଦିନ ପ୍ରାୟ କିଛି ସମୟ ଲେଖାଏଁ ବିଜୁଳି କାଟ ହେଉଥିବା ବେଳେ ତାହା ଅଳ୍ପ ସମୟ ପର୍ଯ୍ୟନ୍ତ ହେଉ ଥିବାରୁ ତାହା ସେତେ ମାତ୍ରାରେ ପ୍ରଭାବିତ କରି ପାରୁନାହିଁ। କିନ୍ତୁ ଶନିବାର ଅପରାହ୍ନରେ ହଠାତ ୩୩ କେଭି ମେନ୍‌ଲାଇନ ଖରାପ ଥିବା ଜଣାପଡ଼ିଥିଲା। ଫଳରେ ପୂର୍ବାହ୍ନ ପ୍ରାୟ ୯. ୧୨ ମିନିଟରୁ ସ୍ଥାନୀୟ ଅଞ୍ଚଳରେ ବିଦ୍ୟୁତ ସେବା ବାଧାପ୍ରାପ୍ତ ହୋଇଥିଲା। ଏହା ପାଖାପାଖି ୫ ଘଣ୍ଟା ପର୍ଯ୍ୟନ୍ତ ବଳବତ୍ତର ରହିଥିଲା। ଫଳରେ ଶିଶୁ ଠାରୁ ବରିଷ୍ଠ ନାଗରିକଙ୍କ ପର୍ଯ୍ୟନ୍ତ ସମସ୍ତ ଜନସାଧାରଣ ଗରମ ଗୁଳୁଗୁଳିରେ ବହୁ ମାତ୍ରାରେ ପ୍ରଭାବିତ ହୋଇଥିଲେ। ବିଦ୍ୟୁତ ମରାମତି ତଥା ଆବଶ୍ୟକ ପରିମାଣର କର୍ମଚାରୀ ଅଭାବ ଯୋଗୁଁ ବିଦ୍ୟୁତ ମରାମତି ବିଳମ୍ବ ହେଉଥିବା ଗ୍ରାହକମାନେ ଅଭିଯୋଗ କରିଛନ୍ତି। ଦୀର୍ଘ ସମୟ ଧରି ଲଗାତାର ଲାଇନ କଟିବା ଯୋଗୁଁ ଇନଭର୍ଟରରୁ ମଧ ବ୍ୟାକଅପ ସରିଥିଲା। ମହିଳା, ଶିଶୁ ଏବଂ ବୟସାଧିକ ମାନେ ଅସ୍ତବ୍ୟସ୍ତ ହୋଇଥିଲେ। ଅନେକ ଅଫିସ, ଶିକ୍ଷା ଅନୁଷ୍ଠାନରେ ପିଲାମାନେ ବହୁ ଅସୁବିଧା ଭୋଗ କରିଥିଲେ। ମେଡିକାଲରେ ରୋଗୀମାନେ ମଧ ପ୍ରବଳ ଗରମରେ ପ୍ରଭାବିତ ହୋଇଥିଲେ। ଅପରାହ୍ନ ୧.୩୭ ମିନିଟରେ ସ୍ଥାନୀୟ ଅଞ୍ଚଳରେ ବିଦ୍ୟୁତ ସେବା ସ୍ୱାଭାବିକ ହୋଇଥିଲା। ଖରାଦିନେ ଦୀର୍ଘ ସମୟ ଧରି ଅଘୋଷିତ ବିଦ୍ୟୁତ କାଟକୁ ନେଇ ପ୍ରବଳ ଜନ ଅସନ୍ତୋଷ ସହିତ ଏହାର ସ୍ଥାୟୀ ସମାଧାନ କରି ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

## କାରଖାନାରେ ଶ୍ରମିକ ମୃତ

**ଦାନଗଦି, ୨୩।୫(ସମିସ):** କଳିଙ୍ଗନଗର ଶିଳ୍ପାଞ୍ଚଳ ଏକ କାରଖାନାରେ କାର୍ଯ୍ୟରତ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ଜଣକ କୋକୋଭେନ ସାଇଡରେ ନିୟୋଜିତ ଠିକଂସ୍ଥା ଉତ୍କଳ ପ୍ରୋଜେକ୍ଟରେ ଶ୍ରମିକ ଭାବେ କାମ କରନ୍ତି। ତାଙ୍କ ଘର ଯାଜପୁର ଜିଲ୍ଲା ବ୍ରାହ୍ମବରଦା ଥାନା ଅଞ୍ଚଳ ମଙ୍ଗରାଜପୁର ଅର୍ଥଙ୍ଗା ଗ୍ରାମରେ। ତାଙ୍କ ନାଁ ଉମାକାନ୍ତ ପାତ୍ର (୪୫) ବୋଲି ଜଣାପଡ଼ିଛି। ସେ ଆଜି ଅପରାହ୍ନ ୧.୩୦ ମିନିଟ ସମୟରେ କାରଖାନାର କୋକୋଭେନ ସାଇଡରେ ଥିବା ବେଳେ ହଠାତ ଅସୁସ୍ଥ ଅନୁଭବ କରିଥିଲେ। କାରଖାନା ପକ୍ଷରୁ ତୁରନ୍ତ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଟାଟା ମେଡିକା ହସ୍ପିଟାଲକୁ ନିଆଯାଇଥିଲା ହେଲେ ସେଠାରେ ଡାକ୍ତର ତାଙ୍କର ମୃତ୍ୟୁ ଘଟିଥିବା କହିଥିଲେ। ଖବର ପାଇ ମୃତକଙ୍କ ପରିବାର ଲୋକେ ଟାଟା ମେଡିକା ଡାକ୍ତରଖାନା ନିକଟରେ ପହଞ୍ଚିଛନ୍ତି। ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବା ପାଇଁ ଦାବି କରିଛନ୍ତି। ଖବର ପାଇ କଳିଙ୍ଗନଗର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆଲୋଚନା ସେମାନଙ୍କ ସହ ଆଲୋଚନା ଜାରିରଖିଛନ୍ତି।

### ଅର୍ଥାଭାବ ସାଜିଛି ବାଧକ

## ଉଚ୍ଚଶିକ୍ଷା ପାଇବାରୁ ବଞ୍ଚିତ ମେଧାବୀ ଛାତ୍ରୀ

**ଯଖପୁରା, ୨୩।୫(ସମିସ)**



ଦାନଗଦି ବ୍ଲକ ଅନ୍ତର୍ଗତ ପଙ୍କପାଳ ପଞ୍ଚାୟତ ନୀଳମଣିଦେଇପୁର ଶାସନ ଗ୍ରାମର ଦୀପାରାକ୍ଷୀ ପଟ୍ଟ ମାଧ୍ୟମିକ ଶିକ୍ଷା ପରିଷଦ ବାର୍ଷିକ ପରୀକ୍ଷାରେ ବିଜ୍ଞାନ ବିଭାଗରେ ମୋଟ ୬୦୦ ନମ୍ବରରୁ ୫୭୬ ନମ୍ବର ଅର୍ଥାତ ୯୬ ପ୍ରତିଶତ ମାର୍କ ରଖିଛନ୍ତି। ପିତା ବିରଞ୍ଚି ନାରାୟଣ ପଟ୍ଟ, ମାତା ପାର୍ବତୀ ପଟ୍ଟଙ୍କ ଦ୍ୱିତୀୟ କନ୍ୟା ଦୀପାରାକ୍ଷୀ ପଟ୍ଟ ଚଳିତ ବର୍ଷ ମାଧ୍ୟମିକ ଶିକ୍ଷା ପରିଷଦ ପରୀକ୍ଷାରେ ପ୍ରୟାସ ଉଚ୍ଚ ବିଦ୍ୟାଳୟରୁ ପାସ କରିଛନ୍ତି। ବିଦ୍ୟାଳୟ ସମୟରୁ ସେ ଜଣେ ମେଧାବୀ ଛାତ୍ରୀ ଭାବେ ସମସ୍ତଙ୍କ ପ୍ରିୟଭାଜନ ହୋଇଥିବା ବେଳେ ମାଟ୍ରିକ ପରେ ଯାଜପୁର ରୋଡ୍ ସ୍ଥିତ ପ୍ରୟାସ କଲେଜରେ ଯୁକ୍ତ ୨ ବିଜ୍ଞାନ ପଢୁଥିଲେ। ଦୀପାରାକ୍ଷୀଙ୍କ ଉଚ୍ଚଶିକ୍ଷା ପାଇଁ ଅର୍ଥ ବାଧକ ସାଜିଛି। ବାପା ସ୍ଥାନୀୟ କାରଖାନାର ଜଣେ ଠିକା ଶ୍ରମିକ ଭାବରେ କାର୍ଯ୍ୟ କରୁଛନ୍ତି। ପିତା ବିରଞ୍ଚି ନାରାୟଣଙ୍କ ଦୁଇ ଝିଅ ଓ ଗୋଟିଏ ପୁଅ ଥିବାବେଳେ ପରିବାରକୁ ଭରଣ ପୋଷଣ କରିବା କଷ୍ଟକର ହେଉଛି। ବହୁ କଷ୍ଟରେ ପରିବାର ପ୍ରତିପୋଷଣ କରୁଥିବା ବେଳେ ପିଲାମାନଙ୍କୁ ପାଠ ପଢ଼ାଇବା ପାଇଁ ସକ୍ଷମ ହୋଇପାରୁ ନାହାନ୍ତି ବିରଞ୍ଚି। ବିରଞ୍ଚିଙ୍କ ପାଖରେ ନିଜର ଜମିଜମା ନ ଥିବାରୁ ବନ୍ଧୁବାନ୍ଧବ, ସମ୍ପର୍କୀୟ, ଗ୍ରାମବାସୀଙ୍କ ଦ୍ୱାରା କିଛି ଅର୍ଥ ସହଯୋଗରେ ନିଜର ତିନି ପିଲାଙ୍କୁ ଏପର୍ଯ୍ୟନ୍ତ ପଢ଼ାଇ ଆସୁଛନ୍ତି। ମାତ୍ର ଗୋଟିଏ ଝିଅ ବାଲେଶ୍ୱରରେ ପଢୁଥିବା ବେଳେ ସାନ ଝିଅ +୨ ବିଜ୍ଞାନରେ ୯୬ ପ୍ରତିଶତ ରଖି ଉଚ୍ଚଶିକ୍ଷା ପାଇଁ କ'ଣ କରିବେ ବୋଲି କୋହଭରା କଣ୍ଠରେ କହିଛନ୍ତି ବିରଞ୍ଚି। ସେ ସରକାର ଓ କୌଣସି ସହୃଦୟ ବ୍ୟକ୍ତି ବା ଅନୁଷ୍ଠାନ ଦୀପରାକ୍ଷୀଙ୍କ ଉଚ୍ଚ ଶିକ୍ଷା ପାଇଁ ବ୍ୟବସ୍ଥା କରାଇବା ପାଇଁ ଅନୁରୋଧ କରିଛନ୍ତି।

## ସାମ୍ବାଦିକ ୟୁନିଅନର ନୂଆ ସଭାପତି



**ବିଞ୍ଝାରପୁର, ୨୩।୫(ସମିସ):** ବିଞ୍ଝାରପୁର ସାମ୍ବାଦିକ ୟୁନିଅନର ଆୟୋଜିତ ବୈଠକରେ ସର୍ବସମ୍ମତିକ୍ରମେ ଶେଖ ସନୱାର (ସୋନୁ)ଙ୍କୁ ସଂଗଠନର ନୂତନ ସଭାପତି ଭାବେ ଚୟନ କରାଯାଇଛି। ବୈଠକରେ ସଂଗଠନର ସୁଦୃଢ଼ୀକରଣ, ସାମ୍ବାଦିକମାନଙ୍କ ବୃତ୍ତିଗତ ସମସ୍ୟା ଏବଂ ଆଗାମୀ କାର୍ଯ୍ୟ ଯୋଜନା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ଅବସରରେ ନବନିର୍ବାଚିତ ସଭାପତି ଶେଖ ସନୱାର କହିଥିଲେ ଯେ, ସମସ୍ତ ସାମ୍ବାଦିକଙ୍କୁ ସାଥିରେ ନେଇ ସଂଗଠନକୁ ଆହୁରି ସକ୍ରିୟ ଓ ସୁଦୃଢ଼ କରିବା ସହ ସାମ୍ବାଦିକମାନଙ୍କ ନ୍ୟାୟସଙ୍ଗତ ସ୍ୱାର୍ଥ ସୁରକ୍ଷା ପାଇଁ କାର୍ଯ୍ୟ କରାଯିବ। ନୂତନ ନେତୃତ୍ୱରେ ୟୁନିଅନର କାର୍ଯ୍ୟକଳାପ ଆହୁରି ସକ୍ରିୟ ହେବ ବୋଲି ସଦସ୍ୟମାନେ ଆଶା ପ୍ରକାଶ କରିଛନ୍ତି।

## ଜିଲ୍ଲା ପୁଲିସରେ ଅଦଳବଦଳ

**ପାଣିକୋଇଲି, ୨୩।୫(ସମିସ):** ଯାଜପୁର ଏସ୍‌ପି ୟସ୍‌ପ୍ରତାପ ଶ୍ରୀମଲ ଜଣେ ହାବିଲଦାର ଓ ଦୁଇ ଜଣ କନଷ୍ଟେବଳଙ୍କର ଅଚାନକ ବଦଳି କରିଛନ୍ତି। ହେଡକ୍ୱାଟର ହାବିଲଦାର ହର୍ଷବର୍ଦ୍ଧନ ପଣ୍ଡାଙ୍କୁ ଯାଜପୁରରୋଡ ଥାନା, ଯାଜପୁରରୋଡ ଥାନା ଅନ୍ତର୍ଗତ ଦାନଗଦି ବିଟ୍ ହାଉସର କନଷ୍ଟେବଳ ଦେବେନ୍ଦ୍ର ରାଉତଙ୍କୁ ଆକାଉଣ୍ଟ ସେକ୍ସନ ଓ ହେଡକ୍ୱାଟରର କନଷ୍ଟେବଳ ସତ୍ୟଜିତ ଦଲେଇଙ୍କୁ ପାଣିକୋଇଲି ଥାନାକୁ ବଦଳି କରାଯାଇଛି। ତୁରନ୍ତ ବଦଳି ହୋଇଥିବା ସ୍ଥାନରେ ଯୋଗଦେବାକୁ ଚିଠି ନମ୍ବର ୧୧୩୦ରେ ନିର୍ଦ୍ଦେଶ ରହିଛି।

## ରୁଢ଼ିଆ ଗ୍ରାମରେ ଚୋରି

**ପାଣିକୋଇଲି, ୨୩।୫(ସମିସ):** ଦିନକୁ ଦିନ ଚୋରି ବଢ଼ିବାରେ ଲାଗିଛି। ଶୁକ୍ରବାର ରାତ୍ରିରେ ପାଣିକୋଇଲି ଥାନା ଅନ୍ତର୍ଗତ ରୁଢିଆ ଗ୍ରାମରେ ଚୋର ମାନେ ସୁନା ଅଳଙ୍କର, ନଗଦ ଟଙ୍କା ସହ ଘରେ କଳାକନା ବୁଲାଇଥିବାର ଅଭିଯୋଗ ହୋଇଛି। ପ୍ରକାଶଯେ ଯାଜପୁର ବ୍ଲକ ଅନ୍ତର୍ଗତ ମାଳଆନନ୍ଦପୁର ଗ୍ରାମ ପଞ୍ଚାୟତ ରୁଢ଼ିଆ ଗ୍ରାମର ଧରଣୀଧର ମିଶ୍ରଙ୍କ ଅଭିଯୋଗ ମୁତାବକ ଶୁକ୍ରବାର ରାତ୍ରିରେ ଏକ ଜରୁରୀ ମେଡିକାଲ ଘଟଣାରେ ସେ ଘରେ ତାଲା ପକାଇ ଯାଇଥିଲେ। ଏହାର ସୁଯୋଗରେ କେହି ଦୁର୍ବୃତ୍ତ ଘରେ ପଶି ପ୍ରାୟ ୧୫ ଭରି ସୁନା ଅଳଙ୍କାର, ନଗଦ ଦେଢ଼ଲକ୍ଷ ଟଙ୍କା ସମେତ ଅନ୍ୟାସ ଆସବାବପତ୍ର ଜିନିଷ ଚୋରି କରିନେଇଛି। ସକାଳୁ ଆସି ଚୋରି ହେବା ଦେଖି ପାଣିକୋଇଲି ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୁଲିସ ଏକ ମାମଲା ରୁଜୁ କରିବା ସହ ଘଟଣାସ୍ଥଳେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ପାଟରଙ୍ଗା ପଞ୍ଚାୟତରେ ଜନଜାତି ଗୌରବ ଦିବସ

**କୋରେଇ, ୨୩।୫(ସମିସ):** କୋରେଇ ବ୍ଲକ ପାଟରଙ୍ଗା ପଞ୍ଚାୟତ ଅଶୋକଝରଗ୍ରାମରେ ଜନଜାତୀୟ ଗୌରବ ଦିବସ ପାଳିତ ହୋଇଛି। ସରପଞ୍ଚ ରଞ୍ଜନ କୁମାର ଦାସଙ୍କ ସଭାପତିତ୍ୱରେ କୋରେଇ ବ୍ଲକ ଜନ ମଙ୍ଗଳ ସମ୍ପ୍ରସାରଣ ଅଧିକାରିଣୀ ସୁନିତା ସାହୁଙ୍କ ତତ୍ତ୍ୱାବଧାନ ରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।ପଞ୍ଚାୟତ ଏଡିଇଓ ସୁକାନ୍ତ ବେହେରା ଏହାକୁ ପରିଚାଳନା କରିଥିଲେ। ପ୍ରଥମେ ସମସ୍ତ ଅଧିକାରୀ ଏବଂ ଗ୍ରାମବାସୀ କାର୍ଯ୍ୟକ୍ରମର ସଚେତନତା ନେଇ ଗ୍ରାମ ପରିକ୍ରମା କରିଥିଲେ। ପରେ ଏକ ଅଭିଯୋଗ ଶୁଣାଣି ଓ ତୁରନ୍ତ ଏହାର ସମାଧାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କେବଳ ଅନୁସୂଚିତ ଜନଜାତି ବର୍ଗ ଲୋକମାନଙ୍କର ଆୟୁଷ୍ମାନ ଭାରତ କାର୍ଡ, ଆଧାର କାର୍ଡ, ଭତ୍ତା, ରାସନ କାର୍ଡ, ଜନ୍ମ ପ୍ରମାଣ ପତ୍ର ଏବଂ ପାନୀୟ ଜଳ ଉପରେ ଥିବା ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ବାକି ରହିଥିବା ଅଭିଯୋଗ ଖୁବଶୀଘ୍ର ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମାଧାନ କରାଯିବ ବୋଲି ଜନମଙ୍ଗଳ ସମ୍ପ୍ରସାରଣ ଅଧିକାରିଣୀ ସୁଶ୍ରୀ ସୁନିତା ସାହୁ କହିଥିଲେ। ୱାର୍ଡ ସଭ୍ୟ ଦୁର୍ଯ୍ୟୋଧନ ସେଠୀ ଓ ସଭ୍ୟା ପିଙ୍କି ନାୟକଙ୍କ ସମେତ ଆଶା ଓ ଅଙ୍ଗନବାଡି କର୍ମୀ ଉପସ୍ଥିତ ଥିଲେ।

## ଅଜିଜୁଲ୍ଲା ସାର୍‌ଙ୍କ ଦେହାନ୍ତ



**ଧର୍ମଶାଳା, ୨୩।୫(ସମିସ):** ଧର୍ମଶାଳା ବ୍ଲକ ଚୋରମୁହାଁ ପଞ୍ଚାୟତ ବଡ଼ମଙ୍ଗଳପୁର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ମହମ୍ମଦ ଅଜିଜୁଲା (ଅଜିଜୁଲ୍ଲା ସାର)ଙ୍କର ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୮ ବର୍ଷ ହୋଇଥିଲା। ସେ କିଛି ଦିନ ହେବ ଅସୁସ୍ଥ ଥିଲେ। ଆଜି ତାଙ୍କ ବାସଭବନରେ ରାତି ୮.୩୦ ମିନିଟ ସମୟରେ ତାଙ୍କ ଛାତିରେ ଯନ୍ତ୍ରଣା ହେବା ପରେ ତାଙ୍କର ମୃତ୍ୟୁ ହୋଇଛି। ତାଙ୍କ ମରଶରୀର ନିକଟରେ ପରିବାର ଲୋକ ଉପସ୍ଥିତ ଥିଲେ। ସେ ବଡ଼ମଙ୍ଗଳପୁର ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରି ୨୦୧୯ ମସିହାରେ ଚାକିରିରୁ ଅବସର ନେଇ ଘରେ ରହୁଥିଲେ। ଅବସର ପରେ ସେ ବିଭିନ୍ନ ଅନୁଷ୍ଠାନ ସହିତ ଜଡିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରସାରିତ ହେବା ପରେ ଧର୍ମଶାଳା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପରେ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିବା ସହିତ ତାଙ୍କ ପରିବାରକୁ ସମବେଦନା ଜଣାଇଥିଲେ। ଆସନ୍ତାକାଲି ତାଙ୍କର ଶେଷ କୃତ୍ୟ ସମ୍ପନ୍ନ କରାଯିବ ବୋଲି ପରିବାର ପକ୍ଷରୁ ସୂଚନା ଦିଆଯାଇଛି।

## ଅଂଶୁଘାତରେ ଯୁବକଙ୍କ ମୃତ୍ୟୁ

**ବ୍ରହ୍ମବରଦା, ୨୩।୫(ସମିସ):** ରସୁଲପୁର ବ୍ଲକ ଅର୍ଥଙ୍ଗା ପଞ୍ଚାୟତ ୧୩ ନମ୍ବର ୱାର୍ଡ ଅନ୍ତର୍ଗତ ଧୁମାନ୍ତ ଗ୍ରାମର ଦଶରଥ ପାତ୍ରଙ୍କ ପୁଅ ଉମାକାନ୍ତ ପାତ୍ର(୪୮)ଙ୍କର ଶନିବାର ଅଂଶୁଘାତ ଜନିତ ଅସୁସ୍ଥତାରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୂଚନା ଅନୁଯାୟୀ, ଉମାକାନ୍ତ ଯାଜପୁର ରୋଡସ୍ଥିତ ଜିନ୍ଦଲ କମ୍ପାନୀରେ କାର୍ଯ୍ୟରତ ଥିଲେ। ସବୁଦିନ ଭଳି ଆଜି ସକାଳୁ ଘରୁ ଯାଜପୁର ରୋଡ କାମ କରିବାକୁ କମ୍ପାନୀକୁ ଯାଇଥିଲେ। କାର୍ଯ୍ୟ କରୁଥିବା ସମୟରେ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଓ ତାପମାତ୍ରା ଯୋଗୁଁ ସେ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ପରେ କମ୍ପାନୀ କର୍ତ୍ତୃପକ୍ଷ ତାଙ୍କୁ ତୁରନ୍ତ ଡୁବୁରିସ୍ଥିତ ସ୍ଥାନୀୟ ଡାକ୍ତରଖାନାକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।ଉମାକାନ୍ତଙ୍କ ଅକାଳ ବିୟୋଗ ଖବର ପ୍ରଚାର ପାଇବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମୃତକଙ୍କ ପରିବାରରେ ସ୍ତ୍ରୀ ଓ ଗୋଟିଏ ଛୋଟ ଝିଅ ଥିବା ବେଳେ ପରିବାର ଉପରେ ଦୁଃଖର ପାହାଡ଼ ଭାଙ୍ଗିପଡ଼ିଛି। ଗ୍ରାମବାସୀ ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ମୃତକଙ୍କ ପରିବାରକୁ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।

## ଅଂଶୁଘାତ ପାଇଁ ସଚେତନତା କରୁଛନ୍ତି ଗୋଲେଖ




**କୟାଁଗୋଲା, ୨୩।୫(ସମିସ):** ଖରା ଗରମ ଓ ଅଂଶୁଘାତରୁ ବଞ୍ଚିବା ପାଇଁ ଜନସାଧାରଣଙ୍କୁ ସଚେତନ କରାଇଛନ୍ତି ଦଶରଥପୁର କଳାକାର ଗୋଲେଖ ଦାସ। ଛୋଟ ଜଳଖିଆ ଦୋକାନ ଚଳାଉଥିବା ଏହି କଳାକାର ବିଭିନ୍ନ ସମୟରେ ସଚେତନତା ବାର୍ତ୍ତା ଦେଇ ସ୍ଥାନୀୟ ଅଞ୍ଚଳରେ ନିଆରା ପରିଚୟ ସୃଷ୍ଟି କରିଛନ୍ତି। ଦଶରଥପୁର ବ୍ଲକ ସାଠିବାଟି ଗ୍ରାମର ଗୋଲେଖ ଦାସ ଓରଫ୍ କଳାକାର ଗୋଲିଆ ଆଜି ମଧ ଅଂଶୁଘାତରୁ ରକ୍ଷା ପାଇବା ପାଇଁ ଲୋକଙ୍କୁ ସଚେତନ କରାଇଛନ୍ତି। ମଙ୍ଗଳପୁର ବଜାରେ ଏକ ଛୋଟିଆ ଜଳଖିଆ ଦୋକାନ ଚଳାଉଥିବା ଗୋଲେଖ ବିଭିନ୍ନ ସମୟରେ ସମାଜିକ ସଚେତନତା ବାର୍ତ୍ତା ଦେଇ ସ୍ଥାନୀୟ ଅଞ୍ଚଳରେ ବେଶ ପରିଚିତ। କରୋନା ସମୟରେ ଲକଡାଉନ୍ ସମ୍ପର୍କରେ ଯମରାଜ ରୂପରେ, ନାରୀ ସମ୍ମାନ ପାଇଁ ଚକୁଳିଆ ପଣ୍ଡା ବେଶରେ, ଦୀପାବଳିରେ ବାଣ ଫୁଟାର ବିପଦ, ଏବଂ ସାପ କାମୁଡ଼ାରୁ ରକ୍ଷା ପାଇବା ଭଳି ବିଷୟରେ ସେ ଲୋକଙ୍କୁ ସଚେତନ କରାଇ ଆସୁଛନ୍ତି। ତାଙ୍କର ଏହି ନିଆରା ଢଙ୍ଗର ସଚେତନତା ପ୍ରଚାର ପାଇଁ ସେ ମଙ୍ଗଳପୁର ଅଞ୍ଚଳରେ 'କଳାକାର ଗୋଲିଆ' ନାଁରେ ଜଣାଶୁଣା। ଖରା ବଢୁଥିବା ବେଳେ ଆଜି ମଧ ସେ ରାସ୍ତାରେ ଯାଉଥିବା ଲୋକଙ୍କୁ ଅଂଶୁଘାତରୁ ବଞ୍ଚିବା ପାଇଁ ପାଣି ପିଇବା, ଛତା ବ୍ୟବହାର କରିବା ଓ ଦିନ ୧୨ଟାରୁ ୩ଟା ପର୍ଯ୍ୟନ୍ତ ବାହାରକୁ ନ ବାହାରିବା ପାଇଁ ବୁଝାଇଛନ୍ତି। ଗୋଲେଖଙ୍କ ଏହି ଉଦ୍ୟମକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି। ସୀମିତ ସାଧନ ସତ୍ତ୍ୱେ ସମାଜ ପାଇଁ କିଛି କରିବାର ତାଙ୍କର ଏହି ମନୋଭାବ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛି।

## ଅବସର ସେନା ସଂଘ ପକ୍ଷରୁ ଜଳଛତ୍ର




**ଯାଜପୁର, ୨୩।୫(ସମିସ):** ଆଜି ଉତ୍କଳ ସେବା ନିବୃତ ସେନାନୀ ସଂଘ ଯାଜପୁର ତରଫରୁ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜଳସେବା କାର୍ଯ୍ୟକ୍ରମ କୁସୁମା ପାର୍କ ନିକଟରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ରବୀନ୍ଦ୍ରନାଥ ଜେନାଙ୍କ ଅଧକ୍ଷତାରେ ସମ୍ପାଦକ ଆଦିତ୍ୟ କୁମାର ବଳଙ୍କ ପରିଚାଳନାରେ ମୁଖ୍ୟଅତିଥି ରୂପେ ଆଡଭୋକେଟ କୁଳମଣି ନାୟକ (ପବ୍ଲିକ ପ୍ରସିକ୍ୟୁଟର) ଯୋଗଦେଇ ଜଳ ସେବା କାର୍ଯ୍ୟକ୍ରମକୁ ଉଦଘାଟନ କରି ଏଭଳି ମହତ କାର୍ଯ୍ୟ ନିମନ୍ତେ ସଂଗଠନ ସଦସ୍ୟ ମାନଙ୍କୁ ପ୍ରଶଂସା କରିଥିଲେ। ଆଜିର ଜଳ ସେବା କାର୍ଯ୍ୟକ୍ରମରେ ୧୦୦୦ରୁ ଅଧିକ ପଥଚାରୀଙ୍କୁ ଦହି ସର୍ବତ ଯୋଗାଇ ଦିଆଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସାମାଜିକ ଅନୁଷ୍ଠାନର ସଦସ୍ୟ ଯଥା ଅନ୍ୱେଷଣ ଥିଏଟର ଗ୍ରୁପର ସଭାପତି ବୃନ୍ଦାବନ ମିଶ୍ର, ସମ୍ପାଦକ ଅଭିମନ୍ୟୁ ମିଶ୍ର ଓ ଯାଜପୁର ବିକାଶ ମଞ୍ଚ ସମ୍ପାଦକ ଗିରିଶ ବିହାରୀ ମିଶ୍ର ଉପସ୍ଥିତ ରହି ସହଯୋଗ କରିଥିଲେ। ଉତ୍କଳ ସେବା ନିବୃତ ସେନାନି ସଂଘ ଯାଜପୁର ର ଉପଦେଷ୍ଟା ଚନ୍ଦ୍ରଶେଖର ସାମଲ, ରାଜ୍ୟ ସଂଘ ଉପଦେଷ୍ଟା ସିତେଶ କୁମାର ପଣ୍ଡା, ପ୍ରାକ୍ତନ ସଭାପତି ରବୀନ୍ଦ୍ର ନାଥ ସାହୁ, ଅକ୍ଷୟ କୁମାର ନାୟକ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ନୃସିଂହ ଚରଣ ଶତପଥୀ, ପ୍ରକାଶ କୁମାର ଦାଶ, ବଳରାମ ସାହୁ, ଅଶୋକ କୁମାର ସାହୁ, ପ୍ରଶାନ୍ତ କୁମାର ସାହୁ, ପ୍ରଦିପ କୁମାର ବିଶ୍ୱାଳ, ପ୍ରଭାସ କୁମାର ସାହୁ, ନିହାର ରଞ୍ଜନ ସାମଲ, ଗଜେନ୍ଦ୍ର ପ୍ରଧାନ, ସମର କୁମାର ପାଢ଼ୀ, ସୁମନ୍ତ କୁମାର ପଣ୍ଡା, ବିଷ୍ଣୁ ଚରଣ ନାଥ, ସୁବାସ ଚନ୍ଦ୍ର ତ୍ରିପାଠୀ, ଶରତ ଚନ୍ଦ୍ର ମିଶ୍ର, ସ୍ମୃତିରଞ୍ଜନ ଓଝା, ବିଶ୍ୱମ୍ବର ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନ କରିଥିଲେ।

## 'ଆମ ବସ୍‌ଷ୍ଟାଣ୍ଡ'ର କର୍ମଚାରୀଙ୍କୁ ମିଳୁନି ଦରମା



**ଯାଜପୁର, ୨୩।୫(ସମିସ):** ଯାଜପୁର ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହେଲେ ଦଶରଥପୁର ଆମ ବସ ଷ୍ଟାଣ୍ଡର କର୍ମଚାରୀ। ଗତ ନଭେମ୍ବର ୧୩ ତାରିଖରେ ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକରେ ହୋଇଥିବା ଆମ ବସଷ୍ଟାଣ୍ଡରେ ବିଭିନ୍ନ ସେବା ପ୍ରଦାନ ପାଇଁ ନେତା ସିକ୍ୟୁରିଟି ସର୍ଭିସେସ ପ୍ରାଲି ନାମକ ଘରୋଇ ସଂସ୍ଥାକୁ ଚୟନ କରାଯାଇ ଥିଲା। ଏହାପରେ ସେଠାରେ ଏହି ଘରୋଇ ସଂସ୍ଥା ପକ୍ଷରୁ ସିକ୍ୟୁରିଟି, ସଫେଇ, ମାଳି ଆଦି ବିଭିନ୍ନ ବିଭାଗ ପାଇଁ କର୍ମଚାରୀ ନିୟୋଜିତ ହୋଇଥିଲେ। ମାତ୍ର ୫ ମାସ ହେଲାଣି ସେଠାରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କୁ ଦରମା ପୈଠ କରାଯାଇ ନାହିଁ। ଫଳରେ କାର୍ଯ୍ୟରତ କର୍ମଚାରୀମାନେ ନାହିଁ ନଥିବା ହଇରାଣ ହରକତ ହେଉଛନ୍ତି। ସେଠାରେ କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀ ମାନେ ବିଗତ ୫ ମାସର ଦରମା ଦାବି କରିବା ସହ ଠିକା କମ୍ପାନୀ ଠକୁଥିବା ଅଭିଯୋଗ କରି ଯାଜପୁର ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଏ ନେଇ ଏକ ଲିଖିତ ଅଭିଯୋଗ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକଙ୍କୁ ପ୍ରଦାନ କରିଛନ୍ତି। ଯଥାଶୀଘ୍ର ସମସ୍ୟାର ସମାଧାନ ପାଇଁ ଜିଲ୍ଲା ପ୍ରଶାସନକୁ ନିବେଦନ କରିଛନ୍ତି।

## ଭତ୍ତାକୁ ଅନାଇ ରହିଛନ୍ତି ୩୨୮୧ ହିତାଧିକାରୀ

**ଦଶରଥପୁର, ୨୩।୫(ସମିସ):** ୨ବର୍ଷ ହେଲାଣି ଦଶରଥପୁର ବ୍ଲକରେ ସରକାରଙ୍କ ସାମାଜିକ ସୁରକ୍ଷା ବ୍ୟବସ୍ଥା ଦିଗହରା ହୋଇପଡ଼ିଥିବା ଅଭିଯୋଗ ହୋଇଛି। ବ୍ଲକ ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ସୂଚନା ଅନୁସାରେ ବ୍ଲକ ଅନ୍ତର୍ଗତ ୩୫ ପଞ୍ଚାୟତରୁ ୩୨୮୧ଜଣ ଯୋଗ୍ୟ ହିତାଧିକାରୀ ୨ବର୍ଷ ହେବ ଭତ୍ତା ପାଇବାକୁ ଅନାଇ ରହିଛନ୍ତି। ସେଥିମଧ୍ୟରୁ ମଧୁବାବୁ ବାର୍ଦ୍ଧକ୍ୟ ଭତ୍ତା ପାଇଁ ୩ ହଜାର ଯୋଗ୍ୟ ହିତାଧିକାରୀ ଅପେକ୍ଷାରେ ଥିବା ବେଳେ ୮୨ଜଣ ବିଧବା ମହିଳା, ୧୯ ଜଣ ଅବିବାହିତା ମହିଳା, ୪୫ଜଣ ସ୍ୱାମୀ ପରିତ୍ୟକ୍ତା ଓ ୬୫ ଜଣ ଭିନ୍ନକ୍ଷମ ହିତାଧିକାରୀ ଭତ୍ତା ଅପେକ୍ଷାରେ ଦିନ କାଟୁଛନ୍ତି। ଇନ୍ଦିରାଗାନ୍ଧୀ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ୬୪ଜଣ ଭତ୍ତା ଆଶାୟୀଙ୍କ ସମେତ ୩ଜଣ ବିଧବା ମହିଳା ଓ ୩ଜଣ ଭିନ୍ନକ୍ଷମ ହିତାଧିକାରୀ ଭତ୍ତା ପାଇବାକୁ ଅନାଇ ରହିଛନ୍ତି। ଏହାବାଦ ମାସିକ ୧ହଜାର ଟଙ୍କା ଭତ୍ତା ପାଉଥିବା ୧୯୮ ଜଣ ୮୦ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧବୃଦ୍ଧା ସରକାରଙ୍କ ବର୍ଦ୍ଧିତ ୩୫୦୦ଟଙ୍କା ଭତ୍ତା ଟଙ୍କାରୁ ବଞ୍ଚିତ ଅଛନ୍ତି। ଫଳରେ ଜରୁରୀ ସମୟରେ ଆବଶ୍ୟକ ଔଷଧ ଓ ଅନ୍ୟ ଛୋଟ ଛୋଟ କାର୍ଯ୍ୟ କରିବାକୁ ହୀନସ୍ତା ହେଉଥିବା ବ୍ଲକ ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି। ଏ ସମ୍ପର୍କରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସ୍ୱାଧୀନା କ୍ରିଷ୍ଟାବାଲାଙ୍କୁ ପଚାରିବାରେ ଯୋଗ୍ୟ ହିତାଧିକାରୀଙ୍କ ଆବେଦନ ଚୂଡାନ୍ତ ପକ୍ରିୟାରେ ରହିଥିବା ବେଳେ ଖୁବଶୀଘ୍ର ସେଗୁଡିକୁ କାର୍ଯ୍ୟକାରୀ କରାଯିବ ବୋଲି କହିଥିଲେ।

## ଦୁଇ ଆଦିବାସୀ ଶିଶୁ ଉଦ୍ଧାର

**କବାଟବନ୍ଧ, ୨୩।୫(ସମିସ):** ସ୍ଥାନୀୟ ବୁରୁସାହି ଅଞ୍ଚଳରୁ ଆଜି ଦୁଇ ଜଣ ଅଦବାସୀ ଶିଶୁ କନ୍ୟାଙ୍କୁ ଉଦ୍ଧାର କରାଯାଇଛି। ଉଭୟଙ୍କ ବୟସ ଯଥାକ୍ରମେ ୧୩ ବର୍ଷ ଓ ୯ ବର୍ଷ। ଜେନାପୁର ଥାନା ଅନ୍ତର୍ଗତ ଅଞ୍ଜିରା ପଞ୍ଚାୟତ ର ବୁରୁସାହି ରେ ଶିଶୁ କନ୍ୟା ମାନେ ବସବାସ କରୁଥିଲେ। ଘରର ମୁରବିମାନେ ଦୂର ସ୍ଥାନକୁ ଶ୍ରମ କରିବାକୁ ଚାଲି ଯାଉଥିବା ବେଳେ ପିଲାମାନେ ନିରାଶ୍ରୟ ଓ ଅସୁରକ୍ଷିତ ଭାବେ ଜୀବନ ବିତାଇଥାନ୍ତି। ପୂର୍ବରୁ ବୁରୁସାହିରୁ ସଚେତନ ନାଗରିକ ମଞ୍ଚର ଦୃଷ୍ଟି ଆକର୍ଷଣ ପରେ ମାଳ ମାଳ ଶିଶୁ ଶ୍ରମିକ ଉଦ୍ଧାର କରାଯାଇଥିଲା। ଏହି ଦୁଇ ଅସୁରକ୍ଷିତ ଶିଶୁ କନ୍ୟାଙ୍କୁ ଉଦ୍ଧାର ପାଇଁ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଅଭିଯୋଗ ହେବା ପରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କରଙ୍କ ନିର୍ଦ୍ଦେଶରେ ସସ୍ମିତା ଜେନା ଓ ରଜତ କୁମାର ସାହୁ ପହଞ୍ଚି ଅନୁସନ୍ଧାନ କରିବା ପରେ ଆଜି ଅପରାହ୍ନରେ ଉଭୟ ଶିଶୁ କନ୍ୟାଙ୍କୁ ଉଦ୍ଧାର କରାଯାଇଥିଲା। ଏହି ସମୟରେ ସଚେତନ ନାଗରିକ ମଞ୍ଚର ଆବାହକ ସରୋଜ ବେହେରା ଉପସ୍ଥିତ ଥିଲେ। ଯାଜପୁର ଟାଉନରେ ଉଭୟଙ୍କ ଡାକ୍ତରୀ ପରୀକ୍ଷା ପରେ ଜିଲ୍ଲାର ସଖୀ ସେଣ୍ଟରରେ ରଖାଯାଇଛି। ଆସନ୍ତା ସୋମବାର ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀଙ୍କୁ ଉପସ୍ଥାପନା କରି ସେମାନଙ୍କୁ ଥଇଥାନ କରାଯିବ ବୋଲି ଶ୍ରୀଯୁକ୍ତ କର ପ୍ରକାଶ କରିଛନ୍ତି। ବିଭିନ୍ନ ଆଦିବାସୀ ବସ୍ତିରେ ବାଲ୍ୟ ବିବାହ, ଶିଶୁ ଶ୍ରମିକ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉ ଥିବାରୁ ଜିଲ୍ଲାପ୍ରଶାସନ ନଜର ରଖିବାକୁ ସଚେତନ ନାଗରିକ ମଞ୍ଚ ପକ୍ଷରୁ ସରୋଜ ବେହେରା, ସୁବ୍ରତ ସାହୁ, ପରମାନନ୍ଦ ସାହୁ, ପଙ୍କଜ ମଲ୍ଲ ଗଗନ ମହାନ୍ତି ପ୍ରମୁଖ ନିବେଦନ କରିଛନ୍ତି।

### ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

## ନଗଦ ୨ ଲକ୍ଷ ସହ ଲୁଟି ନେଲେ ୧୦ ଲକ୍ଷ ଟଙ୍କାର ସୁନାଗହଣା

**ଦଶରଥପୁର, ୨୩।୫(ସମିସ):** ଯାଜପୁର ଟାଉନ ଥାନା ଅଧୀନ ଦଶରଥପୁର ବ୍ଲକ ଚିତ୍ତାଳ ପଞ୍ଚାୟତ କୁରୁଳି ଗ୍ରାମରେ ବଡ଼ ଧରଣର ଡକାୟତି ହୋଇଛି। ଗ୍ରାମର ରବୀନ୍ଦ୍ର ସାହୁଙ୍କ ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ। ଘଟଣାକୁ ନେଇ ଯାଜପୁର ଟାଉନ ଥାନା ପୁଲିସ ଓ ସନ୍ଧାନୀ କୁକୁର ଛାନଭିନ କରିଥିଲେ ମଧ ଲୁଟେରାଙ୍କ ସନ୍ଧାନ ମିଳିନଥିବା ଜଣାଯାଇଛି। କୁରୁଳି ଗ୍ରାମର ରବୀନ୍ଦ୍ର ସାହୁଙ୍କ ପୁଅ ବୋହୂ ବାହାରେ ରହୁଥିବା ବେଳେ ରବୀନ୍ଦ୍ର ଓ ତାଙ୍କ ସ୍ତ୍ରୀ ଗତକାଲି ରାତିରେ ପୁଅ ବୋହୂଙ୍କ କୋଠରିରେ ତାଲା ପକାଇ ପାଖ ଘରେ ଶୋଇଥିଲେ। ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ତାଲା ପଡ଼ିଥିବା ପୁଅ ବୋହୂଙ୍କ କୋଠରିର ତାଲା ଭାଙ୍ଗି ଭିତରେ ଥିବା ଆଲମିରାରୁ ୩ଟି ସୁନାଚେନ, ୨ଟି ସୁନା ମୁଦି, ୧ଟି ବାଉଟି, ୬ହଳ ସୁନା ସାଙ୍ଖୀ, ୩ ହଳ କାନ ଫୁଲ, ୨ଟି ରୁପା ମୁଦି, ୩ହଳ ପାଉଁଜି ସମେତ ୨ଲକ୍ଷ ଟଙ୍କା ଓ କିଛି ଦାମିକିଆ ଶାଢ଼ିକୁ ଲୁଟି ନେଇଥିଲେ। ଆଜି ସକାଳେ ଘର ତାଲା ଭଙ୍ଗା ଯାଇଥିବା ସହିତ ଆଲମିରାରୁ ଟଙ୍କା ଓ ସୁନାଗହଣା ଲୁଟ ହୋଇଥିବା ଜାଣି ରବୀନ୍ଦ୍ର ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଟାଉନ ଥାନା ପୁଲିସ ପ୍ରାଥମିକ ତଦନ୍ତ କରିବା ପରେ ସନ୍ଧାନୀ କୁକୁର ମାଧ୍ୟମରେ ଛାନଭିନ କରିଥିଲେ ମଧ ଲୁଟେରାଙ୍କ କୌଣସି ଟେର ମିଳିନଥିବା ଜଣାପଡ଼ିଛି।

## ଦାନଗଦି ଅଞ୍ଚଳରେ ଝଡ଼ ତୋଫାନ

**ଦାନଗଦି, ୨୩।୫(ସମିସ):** ଶନିବାର ଅପରାହ୍ନରେ ହଠାତ ଦାନଗଦି ଅଞ୍ଚଳରେ ଆକାଶରେ କଳା ମେଘ ସହ ଘଡଘଡି, ବର୍ଷା ଓ ଝଡ଼ ତୋଫାନ ଘଟିବାରୁ ନାହିଁ ନ ଥିବା କ୍ଷତି ଘଟିଛି। ବିଦ୍ୟୁତ ସେବା ବ୍ୟାହତ ହେବା ଶହ ବିବିହ୍ନ ସ୍ଥାନରେ ଛୋଟ ବଡ଼ ଗଛ ସବୁ ଉପୁଡ଼ି ପଡ଼ିଛି। ଚାଳ ଛପର ଘର ସବୁକୁ ପବନରେ ଉଡେଇ ନେଇଛି। ଦାନଗଦି - ବାଙ୍ଗରକୋଟା ରାସ୍ତାର ଦାନଗଦି ପାତ୍ରସାହି ନିକଟରେ ୫୦ ବର୍ଷରୁ ଉର୍ଦ୍ଧ୍ୱ ଏକ ବହୁ ପୁରାତନ ବରଗଛ ରାସ୍ତା ଉପରେ ଉପୁଡ଼ି ପଡ଼ିଛି। ଯାହାଫଳରେ ରାସ୍ତା ଦେଇ ଯାତାୟାତ ସମ୍ପୂର୍ଣ୍ଣ ଭାବେ ଠପ ହୋଇଛି, ପ୍ରାୟ ୭/୮ଟି ପଞ୍ଚାୟତ ସମେତ କଳ କାରଖାନାର ଲୋକେ ଏହି ରାସ୍ତା ଦେଇ ଯାତାୟାତ କରିଥାନ୍ତି। ରାସ୍ତାଟି ବନ୍ଦ ରହିବା ଫଳରେ ଯାତାୟାତରେ ଘୋର ବ୍ୟାଘାତ ସୃଷ୍ଟି ହୋଇଛି। ତୁରନ୍ତ ରାସ୍ତା ଉପରୁ ଗଛ ହଟାଇବା ପାଇଁ ଲୋକେ ଦାବି କରିଛନ୍ତି।

## ହଜି ଯାଇଥିବା ମୋବାଇଲ ଫୋନ୍ ଫେରାଇଲା ପୁଲିସ୍



**କୟାଁଗୋଲା, ୨୩।୫(ସମିସ):** ମଙ୍ଗଳପୁର ଥାନା ଅଞ୍ଚଳରେ ହଜି ଯାଇଥିବା ଏକ ମୋବାଇଲ ଫୋନ୍‌କୁ ଉଦ୍ଧାର କରି ମାଲିକଙ୍କୁ ହସ୍ତାନ୍ତର କରିଛି ପୁଲିସ। ସୂଚନା ଅନୁସାରେ, ମଙ୍ଗଳପୁର ଥାନା ପାରିପଦା ଗ୍ରାମର ଅଭିଜିତ ସାହୁଙ୍କ ମୋବାଇଲ ଫୋନ୍ ହଜି ଯାଇଥିଲା। ଏ ନେଇ ସେ ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାମଲାକୁ ଗୁରୁତ୍ୱ ଦେଇ ମଙ୍ଗଳପୁର ଥାନାର ଏଏସଆଇ ଜଟାଧାରୀ ଦାସଙ୍କ ନେତୃତ୍ୱରେ ପୁଲିସ ଟିମ୍ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ପରେ ହଜି ଯାଇଥିବା ମୋବାଇଲ ଫୋନ୍‌କୁ ଉଦ୍ଧାର କରାଯାଇଥିଲା। ଆଜି ଥାନା ପରିସରରେ ମୋବାଇଲ ଫୋନ୍ ଟିକୁ ଅଭିଜିତ ସାହୁଙ୍କୁ ହସ୍ତାନ୍ତର କରାଯାଇଛି। ମୋବାଇଲ ଫେରି ପାଇ ଅଭିଜିତ ପୁଲିସର ଏହି କାର୍ଯ୍ୟକୁ ପ୍ରଶଂସା କରିଛନ୍ତି। ମୋବାଇଲ ହଜିଲେ ତୁରନ୍ତ ନିକଟସ୍ଥ ଥାନାରେ ଅଭିଯୋଗ କରିବା ସହ ଆଇଏମଇଆଇ ନମ୍ବର ଦେବା ଉଚିତ। ଏହା ଦ୍ୱାରା ପଲିସ ଟ୍ରାକିଂ କରି ଫୋନ୍ ଉଦ୍ଧାର କରିବାରେ ସହଜ ହୁଏ।

● ପାଣି ପାଇଁ ନାକେଦମ୍

## ପ୍ରହସନ ପାଲଟିଛି ସରକାରୀ ଜଳଛତ୍ର

ଅସୁରାଳି,୨୩।୫(ସମିସ): ଚଳିତ ଗ୍ରୀଷ୍ମ ଋତୁରେ ପ୍ରଖର ରୌଦ୍ରତାପ ସାଙ୍ଗକୁ ତୀବ୍ର ଜଳାଭାବ ଧାମନଗର ବ୍ଲକ ଅଞ୍ଚଳରେ ଜନଜୀବନକୁ ଅତିଷ୍ଠ କରିଛି। ଗୋଟିଏ ପଟେ ପ୍ରକୃତିର ପ୍ରକୋପ ଓ ଅନ୍ୟପଟେ ପ୍ରଶାସନିକ ଅବହେଳା ଯୋଗୁଁ ସମଗ୍ର ଅଞ୍ଚଳରେ ପାଣି ପାଇଁ ହାହାକାର ପରିସ୍ଥିତି ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ ପଥିକମାନଙ୍କ ଶୋଷ ମେଣ୍ଟାଇବା ପାଇଁ ପ୍ରଶାସନ ତରଫରୁ କରାଯାଇଥିବା ବ୍ୟବସ୍ଥା ଏବେ ସମ୍ପୂର୍ଣ୍ଣ ପ୍ରହସନ ପାଲଟିଛି। ସରକାରୀସ୍ତରରେ ପ୍ରତି ବ୍ଲକ ଓ ପଞ୍ଚାୟତର ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲିବା ପାଇଁ ଡିଣ୍ଡିମ ପିଟାଯାଇଥିଲେ ମଧ୍ୟ ବାସ୍ତବରେ ଏହା କେବଳ ଏକ ଭେଳିକି ପାଲଟିଛି। ଅଧିକାଂଶ ସ୍ଥାନରେ କେବଳ କରି ପ୍ରଶାସନ ନିଜ ଦାୟିତ୍ୱ ସାରିଦେଇଛି। ଅନେକ ଜଳଛତ୍ରରେ ମାଠିଆ ତ ରଖାଯାଇଛି, କିନ୍ତୁ ସେଥିରେ ବୁନ୍ଦାଏ ହେଲେ ପାଣି ନାହିଁ। ବାଟୋଇମାନେ ତ୍ରାହି ତ୍ରାହି ଖରାରେ ଶୋଷ ମେଣ୍ଟାଇବା ଆଶାରେ ସେଠାକୁ ଯାଇ ନିରାଶ ହୋଇ ଫେରୁଛନ୍ତି। ପଞ୍ଚାୟତଗୁଡ଼ିକୁ ଜଳଛତ୍ର ପାଇଁ କୌଣସି ସ୍ୱତନ୍ତ୍ର ଅର୍ଥ ମଞ୍ଜୁର ହୋଇନଥିବାରୁ ସରପଂଚମାନେ ନିଜସ୍ୱ ଖର୍ଚ୍ଚରେ ପାଣି ଯୋଗାଇବାକୁ ଅସମର୍ଥତା ପ୍ରକାଶ କରୁଛନ୍ତି। ଫଳରେ ଏହି ସେବା ବାସ୍ତବ ଗ୍ରାଉଣ୍ଡରେ କିଛି କାମ ନଦେଇ କେବଳ ଫଟୋ ଉଠାଇବା ଓ କାଗଜପତ୍ରୀ ରିପୋର୍ଟ ସାରିବାରେ ସୀମିତ ରହିଯାଇଛି। ଧାମନଗର ଦେଇ ପ୍ରବାହିତ ହେଉଥିବା ପ୍ରମୁଖ ନଦୀ ରେବ, କପାଳି ଓ ଗେଙ୍ଗୁଟି ଏବେ ସମ୍ପୂର୍ଣ୍ଣ ଶୁଖିଲା ପଡ଼ିଛି। ଅପରପକ୍ଷେ, ଭଦ୍ରକ-ଆନନ୍ଦପୁର ମୁଖ୍ୟରାସ୍ତା ନିର୍ମାଣ ପାଇଁ ହଜାର ହଜାର ସଂଖ୍ୟାରେ ପୁରାତନ ଗଛ କାଟି ଦିଆଯାଇଥିବାରୁ ବାଟୋଇମାନଙ୍କ ପାଇଁ ଟିକେ ଛାଇ ପାଇବା ମଧ୍ୟ କଷ୍ଟକର ହୋଇପଡ଼ିଛି। ଜଳାଶୟ ଶୁଖିଯିବା ଏବଂ ଜଙ୍ଗଲ କ୍ଷୟ ଯୋଗୁଁ ଗୃହପାଳିତ ପଶୁ ଓ ବନ୍ୟପକ୍ଷୀମାନେ ବୁନ୍ଦାଏ ପାଣି ପାଇଁ ବିକଳ ହୋଇ ଏଣେତେଣେ ଦୌଡ଼ୁଥିବା ଦେଖିବାକୁ ମିଳୁଛି।ଏଭଳି ଅସହ୍ୟ ତାତିରୁ ରକ୍ଷା ପାଇବା ପାଇଁ ଲୋକେ ଘରେ ରହିବାକୁ ଚାହୁଁଥିବାବେଳେ ବାରମ୍ବାର ଘୋଷଣାବିହୀନ ବିଦ୍ୟୁତ କାଟ୍ ସେମାନଙ୍କ ଧୈର୍ଯ୍ୟଚ୍ୟୁତି ଘଟାଉଛି। ଦୈନିକ କିଛି ସମୟ ଅନ୍ତରରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହେବା ଫଳରେ ରୋଗୀ, ଶିଶୁ ଓ ବୃଦ୍ଧବୃଦ୍ଧାମାନେ ଅଶେଷ ଯନ୍ତ୍ରଣା ଭୋଗୁଛନ୍ତି। ଏହି ଜଟିଳ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଜିଲ୍ଲା ପ୍ରଶାସନ ନିକଟରେ ଦୃଢ଼ ଦାବି କରିଛନ୍ତି।

# ୨୮ରେ ଇଦ୍-ଉଲ-ଜୁହା; ୧୪୬ ମସଜିଦ୍‌ରେ ପ୍ରାର୍ଥନା

ଭଦ୍ରକ,୨୩।୫(ସମିସ): ଭଦ୍ରକ ମୁସଲିମ ଜମାତର ଏକ ବୈଠକ ପୁରୁଣା ବଜାରସ୍ଥିତ ମଦିନା ମଇଦାନ ଠାରେ ଉପ-ସଭାପତି ମହମ୍ମଦ ଜକାଉଲ୍ଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ଇଦ-ଉଲ-ଜୁହା ପର୍ବ ପାଳନ ପାଇଁ ବସିଥିଲା। ଗତ ୧୮ ତାରିଖରେ ଚନ୍ଦ୍ର ଦର୍ଶନର ପ୍ରମାଣ ପାଇଲା ପରେ ଆସନ୍ତା ୨୮ ତାରିଖ ଗୁରୁବାରରେ ପବିତ୍ର ଇଦ୍-ଉଲ-ଜୁହା ପର୍ବ ପାଳନ ହେବ ବୋଲି ସିଦ୍ଧାନ୍ତ ହୋଇଛି। ପୁରୁଣା ବଜାରସ୍ଥିତ ଜାମା ମସଜିଦ୍‌ରେ ସକାଳ ୮.୪୫ ମିନିଟ ଓ କଦମ୍ବବେଢ଼ାସ୍ଥିତ ଇଦ୍‌ଗାରେ ସକାଳ ୯ ଘଟିକା ସମୟରେ ସମୂହ ନମାଜ ପାଠ ହେବ ଓ ଭିନ୍ନ ଭିନ୍ନ ମସଜିଦରେ ଭଦ୍ରକ ସହରାଞ୍ଚଳର ୪୫ ମସଜିଦ ଓ ଗ୍ରାମାଞ୍ଚଳରେ ୧୭ ଗୋଟି ମସଜିଦ ସହିତ ଭଦ୍ରକ ଜିଲ୍ଲାରେ ସର୍ବମୋଟ ୧୪୬ ଟି ମସଜିଦରେ ସକାଳ ୭ ଘଟିକା ଠାରୁ ସକାଳ ୧୦ ଘଟିକା ମଧ୍ୟରେ ସମୂହ ନମାଜ ପାଠ ସରିବ ଓ ଇସଲାମ ଧର୍ମରେ ଚନ୍ଦ୍ର ଦର୍ଶନକୁ ନେଇ ଦିନ ଗଣନା କରାଯାଇ ପ୍ରତ୍ୟେକ ପର୍ବ ପାଳନ କରାଯିବ ବୋଲି ମତପ୍ରକାଶ ପାଇଛି। ଏହି ପର୍ବ ଆସନ୍ତା ୨୮, ୨୯ ଓ ୩୦ ତାରିଖ ତଥା ୩ ଦିନ ବ୍ୟାପି ପର୍ବ ପାଳନ

**ଜାମା ମସଜିଦରେ ୮.୪୫ ଓ ଇଦ୍‌ଗାରେ ୯ଟାରେ ନମାଜ**

ଚାଲୁ ରହିବ ଓ ଏହି ପର୍ବ ତ୍ୟାଗ, ବଳିଦାନ, ଦାନ ଓ ଧର୍ମର ପର୍ବ ଓ ଏହି ବୈଠକରେ ସମସ୍ତ ମସଜିଦ ର ମୌଲାନା(ପଣ୍ଡିତ) ଓ ସମସ୍ତ ଗ୍ରାମର ସରଦାର ସହିତ ଭଦ୍ରକ ମୁସଲିମ ଜମାତ ର ସାଧାରଣ ସମ୍ପାଦକ ହାଜୀ ଶେଖ ଇନାମ ମହମ୍ମଦ, ସମ୍ପାଦକ ହାଜୀ ଅବଦୁଲ ମୁକିତ ଖାନ, ଜମିଲ ଅଖତର ଖାନ, ଇଂ.ରେଜାଏ ରସୁଲ, ଇଂ.ହବିବୁଲ୍ଲା ଖାନ, ମିର୍ଜା ଏକ୍ରାମ ବେଗ, ହାଜୀ ଫଖରେ ଆଲାମ, ହାଜୀ ଅବରାର ହୋସେନ, ହାଜୀ କୈୟୁମ ଅଲି, ଅସରଫ ଅଲି ଖାନ, ଅଖତର ଅଲି, ମାଷ୍ଟର ମୁସ୍ତାକ ଗୌହର, ମିଡିଆ ସେଲ ସଂଯୋଜକ ଶେଖ ଅନୱର, ଶେଖ ଇମତିୟାଜ ପ୍ରମୁଖ ଉପସ୍ଥିତ ରହିଥିଲେ।

## ହାଇଟେକ୍ ବିଜ୍ଞାନ କଲେଜର ସଫଳତା



କୁଆଖିଆ,୨୩।୫(ସମିସ): ରସୁଲପୁର ବ୍ଲକ କୁଆଖିଆ ବଜାରସ୍ଥିତ ହାଇଟେକ୍ ବିଜ୍ଞାନ କଲେଜ ପକ୍ଷରୁ ଯୁକ୍ତ ଦୁଇ ପରୀକ୍ଷାରେ ବିଦ୍ୟାର୍ଥୀଙ୍କ ସଫଳତା, ନୂତନ ପାଠ୍ୟକ୍ରମ ଆରମ୍ଭ ସମ୍ପର୍କରେ ସୂଚନା ଦିଆଯାଇଛି। ଏଥିରେ ହାଇଟେକ୍ ଗ୍ରୁପ୍‌ର ନିର୍ଦ୍ଦେଶକ ଇଂ. ସନ୍ତୋଷ କୁମାର ଚୌଧୁରୀ ଅଧ୍ୟକ୍ଷତା କରିଥିଲେ। ଅଧ୍ୟକ୍ଷ ସନ୍ଦୀପ କୁମାର ବିଶ୍ୱାଳ ଯୋଗଦେଇ କହିଥିଲେ ଚଳିତବର୍ଷ ଯୁକ୍ତ ଦୁଇ ପରୀକ୍ଷାରେ କଲେଜର ସଫଳତା ଅତ୍ୟନ୍ତ ଉତ୍ସାହଜନକ ହୋଇପାରିଛି। କଲେଜର ପାସହାର ଶତପ୍ରତିଶତ ହୋଇଛି। ଏଥର ଶିକ୍ଷାନୁଷ୍ଠାନରୁ ୨୨୭ ଜଣ ବିଦ୍ୟାର୍ଥୀ ଉଚ୍ଚ ମାଧ୍ୟମିକ ବାର୍ଷିକ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ବିଦ୍ୟାର୍ଥୀ ଯଯାତି କେଶରୀ ବାରିକ ଶତକଡ଼ା ୯୭.୧୭ ନମ୍ବର ରଖି କଲେଜରେ ପ୍ରଥମ ହୋଇଛନ୍ତି। ଅନ୍ୟ ବିଦ୍ୟାର୍ଥୀଙ୍କ ମଧ୍ୟରୁ ୧୫ଜଣ ୯୦ ପ୍ରତିଶତରୁ ଅଧିକ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବାବେଳେ ୭୮ଜଣ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ହାସଲ କରି କୃତକାର୍ଯ୍ୟ ହୋଇଛନ୍ତି। ୨୦୫ଜଣ ବିଦ୍ୟାର୍ଥୀ ପ୍ରଥମ ଶ୍ରେଣୀ, ୨୨ଜଣ ଦ୍ୱିତୀୟ ଶ୍ରେଣୀ ସ୍ଥାନରେ ରହିଛନ୍ତି।

## ପାନୀୟ ଜଳ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ବିରୋଧରେ ମାମଲା

ଧର୍ମଶାଳା,୨୩।୫(ସମିସ): ଯାଜପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ନିର୍ମାଣ ହେଉଥିବା ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ବିଳମ୍ବ ହେବା ନେଇ ଦାୟିତ୍ୱରେ ଥିବା ମେଗା ଇଞ୍ଜିନିୟରିଂ ଆଣ୍ଡ ଇନଫ୍ରାଷ୍ଟ୍ରାକ୍‌ଚର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ବିରୋଧରେ ଧର୍ମଶାଳା, ଯାଜପୁର, ବଡ଼ଚଣା, ବିଞ୍ଝାରପୁର ଆଦି ଥାନାରେ ମାମଲା ରୁଜୁ ହୋଇଛି। ସୂଚନା ଅନୁଯାୟୀ ଲୋକମାନଙ୍କ ଘରକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦେବା ଲାଗି ଧର୍ମଶାଳା ସମେତ ଜିଲ୍ଲାର ବିଭିନ୍ନ ବ୍ଲକରେ ଦୀର୍ଘ ବର୍ଷ ହେଲା ମେଘା ପାନୀୟ ଜଳ ପ୍ରକଳ୍ପ ମାନ କରାଯାଉଛି। ହେଲେ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ଖାମଖିଆଲ ନିତି ଯୋଗୁଁ ପ୍ରକଳ୍ପ ଗୁଡିକ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ଫଳରେ ଦୀର୍ଘ ବର୍ଷ ହେଲା ମେଗା ପାନୀୟ ଜଳ ପ୍ରକଳ୍ପରୁ ପାଣି ମୁନ୍ଦାଏ ପାଇଁ ଅପେକ୍ଷା କରିଥିବା ସାଧାରଣ ଲୋକେ ହିନସ୍ତା ଭୋଗୁଛନ୍ତି। ଏଭଳି ବିଳମ୍ବ ପାଇଁ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଜିଲ୍ଲା ଆରଡବ୍ଲୁଏସଏସ ବିଭାଗର ଅଧିକ୍ଷଣ ଯନ୍ତ୍ରୀଙ୍କ ନିକଟରେ ଅସନ୍ତୋଷ ଜାହିର କରିଥିଲେ। ଯାହାକୁ ନେଇ ପ୍ରୋଜେକ୍ଟ କାମକୁ ବିଳମ୍ବ କରୁଥିବା ପ୍ରେଜେକ୍ଟ ନିର୍ଦ୍ଦେଶକଙ୍କ ଉପରେ ଆରଡବ୍ଲୁଏସଏସ ବିଭାଗ ପକ୍ଷରୁ ଅସନ୍ତୋଷ ବ୍ୟକ୍ତ କରାଯିବା ସହ ବିଭିନ୍ନ ଥାନାରେ ଆରଡବ୍ଲୁଏସଏସର ସହକାରୀ ଯନ୍ତ୍ରୀ ନିରଞ୍ଜନ ବେହେରା ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନାମରେ ଥାନାରେ ଅଭିଯୋଗ କରିଛନ୍ତି। ବିଭାଗ ପକ୍ଷରୁ ଚିଠି ସଂଖ୍ୟା ୧୩୮୩ରେ ଅଭିଯୋଗ ଫର୍ଦ୍ଦ ଦର୍ଶାଯାଇଛି।

## ପିଇଓଙ୍କ ଠାରୁ ସୁନା ଚେନ୍ ଲୁଟ୍

କୁଆଖିଆ,୨୩।୫(ସମିସ): କୁଆଖିଆ ବଜାରରୁ ଆଜି ଦିନ ଦ୍ୱିପ୍ରହରରେ ଜଣେ ମହିଳାଙ୍କ ଠାରୁ ଦୁର୍ବୃତ୍ତ ମାନେ ସୁନା ଚେନ୍ ଲୁଟି ନେଇଥିବା ଜଣାପଡିଛି। ସୂଚନା ଅନୁଯାଇ ରସୁଲପୁର ବ୍ଲକ ମୁଗୁପାଳ ପଞ୍ଚାୟତରେ ଆଜି ସକାଳ ୯ଟା ସମୟରେ ଭତ୍ତା ବଣ୍ଟନ କାର୍ଯ୍ୟ ଥିଲା। ଦାୟିତ୍ୱରେ ଥିବା ପିଇଓ ସନ୍ଧ୍ୟାରାଣୀ ମଲ୍ଲିକ ଭତ୍ତା ବାଣ୍ଟି କୁଆଖିଆ ବଜାର ଦେଇ ଦିନ ୧୧. ୪୦ ବେଳେ ବ୍ଲକ ଅଫିସକୁ ଫେରୁଥିଲେ। ଏହି ସମୟରେ ବଜାର ମଧ୍ୟରେ ଥିବା ଚନ୍ଦ୍ରମା ହୋଟେଲ ନିକଟରେ ପିଛା କରୁଥିବା ଦୁଇଜଣ ଦୁର୍ବୃତ୍ତ ତାଙ୍କ ବେକରେ ପିନ୍ଧିଥିବା ୧୭ ଗ୍ରାମର ସୁନା ଚେନ୍‌କୁ ଛିଣ୍ଡାଇ ନେଇ ଏକ ବାଇକ୍ ଯୋଗେ ଚାଲି ଯାଇଥିଲେ। ନିରାଶ ହୋଇ ଘଟଣା ସମ୍ପର୍କରେ କୁଆଖିଆ ଥାନାରେ ଲିଖିତ ଅଭିଯୋଗ ଦେବାପରେ ପୁଲିସ ଅପରାଧୀଙ୍କ ବିରୋଧରେ କେସ ନମ୍ବର ୨୪୩/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡିଛି।

## ଧାମନଗର ମାଟିର ଗୌରବ ଆଣିଲେ ରିତୁପର୍ଣ୍ଣା ରାଉତ ଓ ସାଦିୟା ପରୱେନ୍



ଧାମନଗର,୨୩।୫(ସମିସ): ଚଳିତ ବର୍ଷ +୨ ବିଜ୍ଞାନ ପରୀକ୍ଷା ଫଳ ପ୍ରକାଶ ପାଇଛି। ବାଲେଶ୍ୱର ଜିଲ୍ଲା ସୋରୋ ଉପେନ୍ଦ୍ର ନାଥ ମହାବିଦ୍ୟାଳୟ ଛାତ୍ରୀ ତଥା ଧାମନଗର ଏନ୍‌ଏସି ଅନ୍ତର୍ଗତ ୮ନମ୍ବର ୱାର୍ଡ ଅଧୀନସ୍ଥ ବଜାରସାହି ଗ୍ରାମର ବାସିନ୍ଦା ମହମ୍ମଦ ଇସ୍‌ଲାମଉଦ୍ଦିନ(ବାବୁ) ସାବେହା ଖାତୁନଙ୍କ ଝିଅ ସାଦିୟା ପରୱେନ୍ ଯୁକ୍ତ ଦୁଇ ବିଜ୍ଞାନରେ ପରୀକ୍ଷାରେ ୬୦୦ରୁ ୫୭୦ (୯୫%) ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରି ଧାମନଗର ମାଟିର ଗୌରବ ଆଣିଛନ୍ତି। ଏଥିସହିତ ମାଟିର ମହକକୁ ଆଉ ଦୁଇ ପାଦ ଆଗକୁ ନେଇଥିବାରୁ ଶିକ୍ଷକଶିକ୍ଷୟିତ୍ରୀ, ସମାଜସେବୀ ଓ ବୁଦ୍ଧିଜୀବୀଙ୍କ ସମେତ ବହୁ ଶୁଭେଚ୍ଛୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ଶୁଅ ଛୁଟିଥିବାବେଳେ ଝିଅଟିର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ସେହିପରି ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ତଥା ଧାମନଗର ଏନ୍‌ଏସି ଅନ୍ତର୍ଗତ ୧୦ନଂ ୱାର୍ଡର ତପନ ରାଉତ ଓ ମମତା ରାଉତଙ୍କ କନ୍ୟା ରିତୁପର୍ଣ୍ଣା ରାଉତ ମୋଟ୍ ୬୦୦ରୁ ୫୬୪ ନମ୍ବର ରଖି ଏନ୍‌ଏସି ପାଇଁ ଗୌରବ ଆଣିଛନ୍ତି। ରିତୁପର୍ଣ୍ଣାଙ୍କ ଏହି ସଫଳତା ପାଇଁ ପରିବାର, ବନ୍ଧୁବର୍ଗ ଓ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। +୨ ବିଜ୍ଞାନ ପରୀକ୍ଷାରେ ୯୪ ପ୍ରତିଶତ ନମ୍ବର ରଖିଥିବା ଏହି ମେଧା ଛାତ୍ରୀଙ୍କ ବାସଭବନରେ ପହଞ୍ଚି ଧାମନଗର ଓକିଲ ସଂଘ ସଭାପତି ଅଶୋକ ଦାସ, ସାମ୍ବାଦିକ ସରୋଜ ସେଠୀ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଆଗାମୀ ନିଜ ଭବିଷ୍ୟତ ଶିକ୍ଷା ସମ୍ପର୍କରେ କୃଷି ବୈଜ୍ଞାନିକ ହେବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି ବିଜ୍ଞାନ ଟପ୍ପର ରିତୁପର୍ଣ୍ଣା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ଦଶରଥପୁରର ଝିଅ ଯୁକ୍ତ ୨ କଳାରେ ରାଜ୍ୟ ଟପ୍ପର

ଦଶରଥପୁର,୨୩।୫(ସମିସ): ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସଦ୍ୟ ପ୍ରକାଶିତ ଯୁକ୍ତ ୨ କଳା ପରୀକ୍ଷାରେ କଟକ ସ୍ଥିତ ରେଭେନ୍ସା ମହାବିଦ୍ୟାଳୟରେ ପଢୁଥିବା ଦଶରଥପୁର ବ୍ଲକ ଖାନନଗର ଅଞ୍ଚଳର ପ୍ରମୋଦ ନାୟକ ଓ ରଶ୍ମିତା ନାୟକଙ୍କ ସୁପୁତ୍ରୀ ଅଙ୍କିତା ନାୟକ ସର୍ବମୋଟ ୬୦୦ ନମରରୁ ୫୮୫ନମ୍ବର ରଖି ରାଜ୍ୟ ସ୍ତରରେ ସର୍ବୋଚ୍ଚ ସ୍ଥାନ ଅଧିକାର କରି ସମଗ୍ର ଦଶରଥପୁର ବ୍ଲକ ପାଇଁ ଗୌରବ ଆଣିଛନ୍ତି। ଅଙ୍କିତା ଗାଁ ସ୍କୁଲରେ ହାଇସ୍କୁଲ ଶିକ୍ଷା ପରେ ରେଭେନ୍ସା ମହାବିଦ୍ୟାଳୟରେ ଯୁକ୍ତ ୨ କଳା ବିଭାଗରେ ନାମ ଲେଖାଇଥିଲେ। ତାଙ୍କ ସଫଳତା ପାଇଁ ବିଧାୟିକା ପ୍ରମିଳା ମଲ୍ଲିକଙ୍କ ସମେତ ବରିଷ୍ଠ ସମାଜସେବୀ ଭାଗୀରଥି ସାହୁ, ଖାନନଗର ସରପଞ୍ଚ ଶୁଭଶ୍ରୀ ମଲ୍ଲିକ, ଯୁବନେତା ବିରଜା ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ନିନାରାଣୀ ସାମଲ, ପୂର୍ବତନ ସରପଞ୍ଚ ପ୍ରିୟବ୍ରତ ବିଶ୍ୱାଳ, ଚୌଭନ ବାରିକ, ସମାଜସେବୀ ମଳୟ ପଣ୍ଡା, ଶିକ୍ଷାବିତ ବିପିନ ରାୟ ପ୍ରମୁଖ ଅଙ୍କିତାଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।



## ନଳିନୀ ପ୍ରଭା ଦାସ ଫାଉଣ୍ଡେସନର ବାର୍ଷିକ ଉତ୍ସବ



ଯାଜପୁର,୨୩।୫(ସମିସ): ଯାଜପୁରର ଅଗ୍ରଣୀ ଅନୁଷ୍ଠାନ ନଳିନୀ ପ୍ରଭା ଦାସ ଫାଉଣ୍ଡେସନର ଚତୁର୍ଥ ବାର୍ଷିକ ସାରସ୍ୱତ ସମାରୋହ, କବିତା ପାଠୋତ୍ସବ ଓ ସମ୍ବର୍ଦ୍ଧନା ଉତ୍ସବ ଯାଜପୁରର ମିଶନ ଶକ୍ତି ହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ଉଦଘାଟିକା ସହକାରୀ ଜିଲ୍ଲାପାଳ ଅଲିଭା ଧଳ, ସମ୍ମାନିତ ଅତିଥି ବିଶିଷ୍ଟ ସାମ୍ବାଦିକ ନଳିନୀ କାନ୍ତ ପୃଷ୍ଟି, ସମାଜସେବୀ କାମିନୀ ନାୟକ ଯୋଗଦେଇଥିଲେ। ପରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବି ଜିତେନ୍ଦ୍ର ବେହେରା ଓ କବି ବିନୋଦ ବିହାରୀ ଦାସଙ୍କ ସଂଯୋଜନାରେ ପଚାଶରୁ ଉର୍ଦ୍ଧ୍ୱ କବି କବିତା ପାଠ କରିଥିଲେ। ପରେ ଦ୍ୱିତୀୟ ଅଧିବେଶନ ଆରମ୍ଭ ହୋଇଥିଲା। ଜାତୀୟ ସମ୍ମାନପ୍ରାପ୍ତ ଶିକ୍ଷୟିତ୍ରୀ ନଳିନୀ ପ୍ରଭା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ଅତିଥି ସମାଜସେବୀ ମିନତୀ ସାହୁ, ମୁଖ୍ୟଅତିଥି ବିଡିଓ ପ୍ରଦୀପ କୁମାର ସେଠୀ, ମୁଖ୍ୟବକ୍ତା ବିଶିଷ୍ଟ ସାହିତ୍ୟିକ ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର, ସମ୍ମାନିତ ଅତିଥି ଡ. ସୁଧାଂଶୁ ଶେଖର ରାଉତ, ବିଶିଷ୍ଟ ସମାଜସେବୀ ଡ. ସୁବାସ ପାଣି ଯୋଗ ଦେଇଥିଲେ। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସଂଗୀତ ନିର୍ଦ୍ଦେଶକ ଦିନେଶ ମଲ୍ଲିକଙ୍କ ସଂଯୋଜନାରେ କୋଡିଏରୁ ଉର୍ଦ୍ଧ୍ୱ ସାରସ୍ୱତ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରମିଜ କୁମାର ଶତପଥୀ ଓ ସ୍ୱାଗତିକା ଶତପଥୀ ସହଯୋଗ କରିଥିଲେ।

## ୪ ଲକ୍ଷ ଟଙ୍କା ପାଇଲେ କୈଳାସ

ସିଂହପୁର,୨୩।୫(ସମିସ): ବିଞ୍ଝାରପୁର ବ୍ଲକ ଜରି ପଞ୍ଚାୟତ ନାଉବାଙ୍କ ଗ୍ରାମର କୈଳାସ ମଲିକଙ୍କ ସାନଝିଅ ଶୁଭଲକ୍ଷ୍ମୀ ପ୍ରାଣ ହରାଇଥିଲେ। ଛୋଟ ପିଲାଟିର ଏହି ଅକାଳ ମୃତ୍ୟୁରେ ପରିବାର ଲୋକ ଦୁଃଖରେ ଭାଙ୍ଗି ପଡ଼ିଥିଲେ। ଏହି ଦୁଃଖଦ ସମୟରେ ପରିବାରକୁ ପାଖରେ ଗ୍ରାମର କିଛି ସମାଜସେବୀ ସାହାଯ୍ୟର ହାତ ବଢ଼ାଇବା ସହ ବିଧାୟିକା ପ୍ରମିଳା ମଲ୍ଲିକ ସାହାଯ୍ୟ ଲୋଡ଼ିଥିଲେ। ବିଧାୟିକା ବିଭିନ୍ନ କାର୍ଯ୍ୟାଳୟ ସହ ନିଜେ ଯୋଗାଯୋଗ କରିବା ସହ ଜରିର ପ୍ରାକ୍ତନ ସମିତିସଭ୍ୟ ପ୍ରଦ୍ୟୁମ୍ନ ପାତ୍ରଙ୍କୁ ସହଯୋଗ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ କୈଳାସ ମଲ୍ଲିକ ଚାରି ଲକ୍ଷ ଟଙ୍କାର ସରକାରୀ ସାହାଯ୍ୟ ପାଇ ପାରିଛନ୍ତି। କୈଳାଶ ସମେତ ପ୍ରାକ୍ତନ ସମିତିସଭ୍ୟ ପ୍ରଦ୍ୟୁମ୍ନ ପାତ୍ର, ଜରି ସରପଞ୍ଚ ନନ୍ଦକିଶୋର ମଲ୍ଲିକ, ଶିକ୍ଷାବିତ ପ୍ରତାପ ପାତ୍ର, ସମାଜସେବୀ ଧୀରେନ୍ଦ୍ର ସାମଲ, ପ୍ରାକ୍ତନ ସରପଞ୍ଚଙ୍କ ପ୍ରତିନିଧି ମନୋଜ ସାମଲ, ବିଧାୟିକାଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଦାମୋଦର ସଂସ୍କୃତ ମହାବିଦ୍ୟାଳୟରେ ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମ

ଭଦ୍ରକ,୨୩।୫(ସମିସ): ପୁରୁଣାବଜାରସ୍ଥିତ ଦାମୋଦର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମ ଅଧ୍ୟକ୍ଷ ଡଃ ନିତ୍ୟାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଭାଷା ସାହିତ୍ୟିକ ତଥା ପ୍ରାକ୍ତନ ଅଧ୍ୟକ୍ଷ ଡଃ କୃପାସିନ୍ଧୁ ନାୟକ, ସମ୍ମାନିତ ଅତିଥି ଅକ୍ଷୟ କୁମାର ପାଣିଗ୍ରାହୀ ଓ ବିଶିଷ୍ଟ ଅତିଥି ଅଧ୍ୟାପିକା ପ୍ରଭାତୀ ନାୟକ ପ୍ରମୁଖ ଯୋଗଦେଇ ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମର ସଦୁପଯୋଗ ଓ ଦକ୍ଷତା ପ୍ରତିପାଦନ ସଂପର୍କରେ ଆଲୋକପାତ କରିଥିଲେ। ଲୋକଭାଷା ପ୍ର.ର ସମିତି ଆନୁକୂଲ୍ୟରେ ୨୦ଦିନ ବ୍ୟାପୀ ସଂସ୍କୃତ ସମ୍ଭାଷଣ କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ପ୍ର.ର ସମିତିର ରାଷ୍ଟ୍ରିୟ ଅଧ୍ୟକ୍ଷ ଡଃ ସଦାନନ୍ଦ ଦୀକ୍ଷିତ ଔପ.ରିକ ଭାବେ ଉଦ୍‌ଘାଟନ କରିଥିବାବେଳେ ରାଷ୍ଟ୍ରିୟ ସଚିବ ବିଭୂତି ଭୂଷଣ କର ଓ ଡଃ ସାଗରିକା ସଂସ୍କୃତ ସମ୍ଭାଷଣ ସମ୍ପର୍କରେ ଆଲୋକପାତ କରିଥିଲେ। ଉକ୍ତ ସମ୍ଭାଷଣ କାର୍ଯ୍ୟକ୍ରମ +୩ ଶାସ୍ତ୍ରୀ ଚତୁର୍ଥ ସେମିଷ୍ଟାର ର ଛାତ୍ର, ଛାତ୍ରୀମାନେ ଯୋଗ ଦେଇଥିବା ବେଳେ ଗୌରାଙ୍ଗ ଦାସ ସଭା ସଂ.ଳନା କରିଥିଲେ। ପରିଶେଷରେ ଅଧ୍ୟାପିକା ସ୍ୱର୍ଣ୍ଣଲତା ପାକଳ ଧନ୍ୟବାଦ ଅର୍ପଣ କରିଥିଲେ।




## 'କାଞ୍ଚିଜେମା'ର କବି ଗୟାଧର ଦାସଙ୍କ ପରଲୋକ

ବାସୁଦେବପୁର,୨୩।୫(ସମିସ): ବାସୁଦେବପୁର ବ୍ଲକର ପଦ୍ମପୁର ପଞ୍ଚାୟତ ମେଲକସାହି ଗ୍ରାମର ବିଶିଷ୍ଟ ବାମପନ୍ଥୀ ନେତା ଓ 'କାଞ୍ଚିଜେମା' କବି ଗୟାଧର ଦାସଙ୍କର ଗତକାଲି ରାତିରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୮୭ ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ଦାସ କୋଲକାତାର ମାଟିଆବୃଜ କେଶୋରାମ କଟନ୍ ମିଲ୍ସରେ କାମ କରିବା ଭିତରେ କଲିକତାରେ ବିଭିନ୍ନ ଓଡ଼ିଆ ସଙ୍ଗଠନ, ଜାତୀୟ ଉତ୍ସବ ପାଳନ, ପାଠାଗାର ଆନ୍ଦୋଳନ, ସାହିତ୍ୟ ଓ ସାଂସ୍କୃତିକ ସମାବେଶ ଓ ପୁସ୍ତକ ପ୍ରକାଶନ ପରି ସାରସ୍ୱତ କର୍ମରେ ଆଗେଇ ଆସି କାମ କରୁଥିଲେ। ୧୯୭୩ ମସିହାରେ କଲିକତା ପ୍ରେମଚାନ୍ଦ ବରାଳ ଷ୍ଟ୍ରିଟ୍ ସ୍ଥିତ ଶାଶ୍ୱତ ମୁଦ୍ରଣୀ ପ୍ରକାଶିତ ତାଙ୍କର ସ୍ୱରଚିତ 'କାଞ୍ଚିଜେମା' କାବ୍ୟ ବହୁ ପାଠକୀୟମାନଙ୍କର ସ୍ୱୀକୃତି ଲାଭ କରିଥିଲା। ଜଣେ ନିର୍ଭୀକ, ଜ୍ଞାନୀଗୁଣୀ, ସଚ୍ଚୋଟ ଓ ପରୋପକାରୀ ବ୍ୟକ୍ତି ଭାବେ ତାଙ୍କର ସୁନାମ ରହିଥିଲା। ତାଙ୍କ ପରଲୋକ ଖବର ପାଇ ଭଦ୍ରକ ଜିଲ୍ଲା ତ୍ୟାଗଭୂମି ସଭାପତି ଅଜୟ ନାୟକ, ଅଧିବକ୍ତା ଗଦାଧର ବଳ, ଅଶୋକ କୁମାର ଦ୍ୱିବେଦୀ, ଗାଳ୍ପିକ କୈଳାସ ବେହେରା, କବି ନିରଞ୍ଜନ ବାରିକ୍, କବି ଦେବେନ୍ଦ୍ରନାଥ ମହାଲିକ, ବିସ୍ମୟ ବିହାରୀ ସାହୁ, ଯଯାତି କେଶରୀ ଦାସ ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣ କରି ଶେଷଦର୍ଶନ କରିଥିବା ବେଳେ ସ୍ଥାନୀୟ ସରପଂଚ ରାଜେନ୍ଦ୍ର ନାୟକ, ସୁଧନ୍ୱା ନାୟକ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ଶୈଳବାଳା ଦାସଙ୍କ ସମେତ ପୁତ୍ର ପାଳିଆବିନ୍ଧା କଲେଜ ଓଡ଼ିଆ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଡକ୍ଟର ବିଶ୍ୱରଂଜନ ଦାସ, ପୁତ୍ରବଧୂ କଳ୍ପନାରାଣୀ ବିଶ୍ୱାଳ, ନାତୁଣୀ ବନ୍ଦେବିଶ୍ୱେଶ୍ୱରୀ ଦାସ ଓ ନାତି ବେଦବିଦ୍ୱାନ ଦାସ, ସୌମ୍ୟଦର୍ଶନ ଦାସ ଓ ପୁତୁରା ନିରଞ୍ଜନ ଦାସ, ଜ୍ଞାନରଞ୍ଜନ ଦାସ, ଅଜୟ କୁମାର ଦାସ, ବିନୟ କୁମାର ଦାସ ଓ ଅକ୍ଷୟ କୁମାର ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ।



# ଦୁଇଟି ସ୍ଥାନରେ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ

ଧର୍ମଶାଳା,୨୩।୫(ସମିସ): ଧର୍ମଶାଳା ବ୍ଲକର ଦୁଇ ଗୋଟି ସ୍ଥାନରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ହେବାକୁଥିବା ରାସ୍ତାର ଆଜି ବିଧାୟକ ହିମାଂଶୁ ଶେଖହର ସାହୁ ଶିଳାନ୍ୟାଶ କରିଛନ୍ତି। ବ୍ଲକର ଚକ୍ରୋଡା ଠାରୁ ନେଉଳପୁରକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତାର ଉନ୍ନତୀକରଣ ଓ ପ୍ରଶସ୍ତୀକରଣ ପାଇଁ ଆଜି ଧର୍ମଶାଳା ବିଧାୟକଙ୍କ କରକମଳରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ନେଉଳପୁରର ଚୁଡ଼ାଖିଆ ଠାରେ ଆଜି ଆୟୋଜିତ ଏହି ଶିଳାନ୍ୟାଶ ଉତ୍ସବରେ ଧର୍ମଶାଳା ବିଧାୟକ ଶ୍ରୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ରାସ୍ତାର ଶିଳାନ୍ୟାଶ କରିଛନ୍ତି। ସେହିପରି ବିଛାଖଣ୍ଡି ଗ୍ରାମ୍ୟ ଉନ୍ନୟନ ରାସ୍ତା ଠାରୁ କୁସୁନପୁର ଜାତୀୟ ରାଜପଥ ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ଓ ପ୍ରଶସ୍ତୀକରଣ ପାଇଁ ବିଧାୟକ ଶ୍ରୀ ସାହୁଙ୍କ ଦ୍ୱାରା ଶିଳାନ୍ୟାଶ କରାଯାଇଛି। ଯାଜପୁର-୨ ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୭ କୋଟି ଟଙ୍କା ବ୍ୟୟରେ ଚକ୍ରୋଡା-ନେଉଳପୁର ରାସ୍ତା ଓ ୬ କୋଟି ୬୦ ଲକ୍ଷ ଟଙ୍କା ବ୍ୟୟରେ ବିଛାଖଣ୍ଡି ଠାରୁ କୁସୁନପୁର ଜାତୀୟ ରାଜପଥ ପର୍ଯ୍ୟନ୍ତ ରାସ୍ତା ପାଇଁ ବିଭାଗ ପକ୍ଷରୁ ପାଣ୍ଠି ଆଟକଳ କରାଯାଇଛି। ଉଭୟ କାର୍ଯ୍ୟକ୍ରମରେ ଜାରକା ଗ୍ରାମ୍ୟଉନ୍ନୟନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ରାଜେଶ୍ୱରୀ ଭୋଳ ଓ କନିଷ୍ଠ ଯନ୍ତ୍ରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଜିର ଏହି ଶିଳାନ୍ୟାଶ ଉତ୍ସବରେ ଜିଲ୍ଲାପରିଷଦ ସଦସ୍ୟ ଜଳଧର ମହାନ୍ତି, ବ୍ଲକ ଅଧକ୍ଷା ସୁଚିସ୍ମିତା ଦାସ ଓ ସ୍ଥାନୀୟ ବିଜେପି ନେତା ମାନେ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମକୁ ରାଜେଶ ପାଳ, ଜିତେନ୍ଦ୍ର ରାଉତ,ଶିବୁଲି ଧିର, ପ୍ରଦୀପ ପରିଡା, ଅଭିଶେକ ରାଉତ, ଆଲୋକ ଲେଙ୍କା, ଉପେନ୍ଦ୍ର କର, ଗୌରାଙ୍ଗ ପୃଷ୍ଟି, ଦେବଦତ ପଣ୍ଡା, ଶରତ ନାୟକ, ପ୍ରଶାନ୍ତ ବେହେରା, ସବନମ ପରୱିନ, ତପନ ମାହୁନ୍ତ, ନିରଞ୍ଜନ ବେହେରା, ସବ୍ୟସାଚୀ ସୁନ୍ଦରରାୟ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।



## ଟ୍ରେନ୍‌ରେ ଘରକୁ ଫେରୁଥିବା ଯୁବକ ନିଖୋଜ

ଦଶରଥପୁର,୨୩।୫(ସମିସ): ଛତିଶଗଡ଼ର ରାୟପୁରରୁ ଟ୍ରେନ୍‌ରେ ଘରକୁ ଫେରୁଥିବା ସ୍ୱାମୀଙ୍କ ନିଖୋଜକୁ ନେଇ ଥାନାରେ ଅଭିଯୋଗ କଲେ ପତ୍ନୀ। ଅଭିଯୋଗ ମୁତାବକ ଦଶରଥପୁର ଥାନା କସପା ଗ୍ରାମ ହାଟସାହି ଅଞ୍ଚଳର କେଶବ ଚନ୍ଦ୍ର ବେହେରାଙ୍କ ପୁଅ ପ୍ରଶାନ୍ତ ବେହେରା (୩୭) ସୁଦୂର ଛତିଶଗଡ଼ର ରାୟପୁର ଠାରେ ଥିବା ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରନ୍ତି। ପରିବାର ଲୋକଙ୍କ ଡାକରାରେ ପ୍ରଶାନ୍ତ ଚଳିତ ମାସ ୨୦ ତାରିଖ ସକାଳ ୫ଟାରେ ରାୟପୁର ରେଲଷ୍ଟେସନରୁ ପୁରୀ ଅଭିମୁଖେ ଆସୁଥିବା ପୁରୀ ଦୁର୍ଗ ଏକ୍ସପ୍ରେସ ଟ୍ରେନରେ ଘରକୁ ଆସୁଥିବା ପରିବାର ଲୋକଙ୍କୁ ଜଣାଇଥିଲେ ମଧ୍ୟ ଘରେ ପହଞ୍ଚିବାରେ ବିଳମ୍ବ ହେବାରୁ ପତ୍ନୀ ସସ୍ମିତା ସ୍ୱାମୀ ପ୍ରଶାନ୍ତଙ୍କ ମୋବାଇଲରେ ଯୋଗାଯୋଗ କରିଥିଲେ। ହେଲେ ତାଙ୍କ ମୋବାଇଲ ସୁଇଚ ଅଫ ଥିଲା। ପରେ ପ୍ରଶାନ୍ତ କାର୍ଯ୍ୟ କରୁଥିବା ଘରୋଇ ସଂସ୍ଥା ସମେତ ବିଭିନ୍ନ ସ୍ଥାନରେ ଯୋଗାଯୋଗ କରିବା ସତ୍ତ୍ୱେ ତାଙ୍କର କୌଣସି ପତ୍ତା ନ ମିଳିବାରୁ ପରିବାର ତରଫରୁ ପ୍ରଥମେ ରାୟପୁର ପୁଲିସ ଥାନାରେ ଲିଖିତ ଅଭିଯୋଗ ହୋଇଥିବା ବେଳେ ଆଜି ତାଙ୍କ ପତ୍ନୀ ସସ୍ମିତା ବେହେରା ଦଶରଥପୁର ଥାନାରେ ସ୍ୱାମୀଙ୍କ ନିଖୋଜ ନେଇ ଲିଖିତ ଅଭିଯୋଗ କରି ତାଙ୍କୁ ଠାବ କରିବାକୁ ପୁଲିସ ନିକଟରେ ଆକୁଳ ନିବେଦନ କରିଛନ୍ତି।

**ଥାନାରେ ଅଭିଯୋଗ କଲେ ପତ୍ନୀ**

କାହା ପାଇଁ ଆବାସ ଯୋଜନା

# ଆଠ ପ୍ରାଣୀକୁଟୁମ୍ବଙ୍କ ସହ ଛେଳି ଗୁହାଳରେ ମାକି ମୁଣ୍ଡା

ତେଲକୋଇ, ୨୩।୫(ସମିସ):



ଗରିବ ଲୋକଙ୍କ ନାଁରେ ସରକାରଙ୍କ ମାଳମାଳ ଯୋଜନା। ହେଲେ ଯୋଗ୍ୟ ହିତାଧିକାରୀଙ୍କ ପାଇଁ ଯୋଜନା ବହୁ ଦୂରରେ। ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧିଙ୍କ ଅବହେଳାରୁ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚି ପାରୁନଥିବା ଦେଖିବାକୁ ମିଳିଛି। ଲୋକଙ୍କ ନିକଟରେ ଘର ନଥିବାରୁ ଭରସା ପାଲଟିଛି ଛେଳି ଗୁହାଳ। ଏଭଳି ଏକ ନଗ୍ନଚିତ୍ର ଦେଖିବା ପାଇଁ ମିଳିଛି କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ସଲେଇକେନା ପଞ୍ଚାୟତ ଦାମୋଦରଗୈଣି ଗାଁରୁ। ଦୀର୍ଘଦିନ ହେବ ସଲେଇକେନା ପଞ୍ଚାୟତ ଦାମୋଦରଗୈଣି ଗାଁ ପାଚେରୀପାଣି ମୁଣ୍ଡା ସାହିରେ ସ୍ୱାମୀ ସନାତନ ମୁଣ୍ଡା ଓ ତାଙ୍କ ସ୍ତ୍ରୀ ମାକି ମୁଣ୍ଡା ରହି ଆସୁଥିଲେ। ଯାହା ଯେମିତି ମୂଲ ମଜୁରୀ କରି ପିଲାଛୁଆଙ୍କୁ ନେଇ ପରିବାରକୁ ଚଳାଉଥିଲେ ସନାତନ ମୁଣ୍ଡା। ହେଲେ ହଠାତ୍ ପରିବାର ଉପରକୁ ଦୁଃଖର କଳାବାଦଲ ମାଡ଼ି ଆସିଲା। ସନାତନ ମୁଣ୍ଡା ଅଜଣା ରୋଗରେ ପୀଡ଼ିତ। ଆଉ ଅର୍ଥ ଅଭାବରୁ ଚିକିତ୍ସା ହୋଇ ନପାରି ତାଙ୍କର ମୃତ୍ୟୁ ଘଟିଲା। ସ୍ୱାମୀ ଚାଲିଗଲା ପରେ ମାକି ମୁଣ୍ଡାଙ୍କୁ ଚାରି ଦିଗ ଅନ୍ଧାର ଦେଖାଗଲା। ତିନି ଛୋଟ ପିଲାଙ୍କୁ ନେଇ କେମିତି ପରିବାର ପ୍ରତିପୋଷଣ କରିବେ ସେନେଇ ଚିନ୍ତାରେ ପଡ଼ିଗଲେ ମାକିମୁଣ୍ଡା। ଯାହା ଯେମିତି ପରଘରେ ମୂଲ ମଜୁରୀ କରି ପିଲାମାନଙ୍କୁ ବଡ କଲେ ଏବଂ ବାହାଘର ମଧ୍ୟ କଲେ। ବାପଅଜା ଅମଳ ଘରେ ରହି ଆସୁଥିଲେ ପୁରା ପରିବାର। ହେଲେ ଗତ ଡିସେମ୍ବରରେ ମାକିଙ୍କ ଘରେ ନିଆଁ ଲାଗି ଘର ସମ୍ପୂର୍ଣ୍ଣ ଜଳିଗଲା। ବାସସ୍ଥାନ ହରାଇବା ପରେ ମାକିଙ୍କ ଭରସା ପାଲଟିଛି ଛେଳି ଗୁହାଳ। ଘର ସମ୍ପୂର୍ଣ୍ଣ ଜଳିଗଲା ପରେ ଅସହାୟ ହୋଇପଡିଲେ ପୁରା ପରିବାର। ମୁଣ୍ଡ ଗୁଞ୍ଜିବାକୁ ଆଉ ରୋଷେଇ କରିବା ପାଇଁ ଘର ନାହିଁ। ବାରମ୍ବାର ଗୁହାରି କରିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ସହାୟତା ମିଳିପାରି ନଥିବା ବେଳେ ସାମାନ୍ୟ ପଲିଥିନ ଖଣ୍ଡେ ମଧ୍ୟ ସେମାନଙ୍କ ପାଇଁ ସାତସପନ ପାଲଟିଛି। ବାଧ ହୋଇ ଖୋଲାମେଲା ଛେଳି ଗୁହାଳରେ ଆଠ ପ୍ରାଣୀ କୁଟୁମ୍ବକୁ ନେଇ ମାକି ମୁଣ୍ଡା ରହିଆସୁଥିବା ବେଳେ ବିଷାକ୍ତ ସରୀସୃପ ଭୟ ରହିଛି। କେବଳ ସେତିକି ନୁହେଁ ଖୋଲାମେଲାରେ ଗଛ ମୂଳରେ ରୋଷେଇ କରୁଥିବା ଦେଖିବାକୁ ମିଳିଛି। ଆଗକୁ ବର୍ଷା ଦିନ ଆସୁଛି ଛେଳି ଗୁହାଳରେ କେମିତି ଦିନ କାଟିବେ ପରିବାର ଲୋକେ ତାହା ଏବେ ଚିନ୍ତାର ବିଷୟ ପାଲଟିଛି। ମାଟି ମୁଣ୍ଡାଙ୍କୁ ତୁରନ୍ତ ଘର ଯୋଗାଇଦେବାକୁ ସାହିବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ତେଲକୋଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାଏକ କହିଲେ ଯେ ଅନ୍ତ୍ୟୋଦୟ ଯୋଜନାରେ ସେମାନଙ୍କୁ ସାମିଲ କରି ଘର ଦେବାର ବ୍ୟବସ୍ଥା କରାଯିବ। ଯଥା ଶୀଘ୍ର ସେମାନଙ୍କୁ ପଲିଥିନ ଯୋଗାଇ ଦେବାପାଇଁ ଚେଷ୍ଟା କରିବୁ ବୋଲି ପ୍ରକାଶ କରିଛନ୍ତି। ତେବେ କେବେ ସେମାନଙ୍କୁ ଘର ମିଳିବ ଆଉ ଛେଳି ଗୁହାଳରୁ ସେମାନେଙ୍କୁ ମୁକ୍ତି ମିଳିବ ତାହା ଦେଖିବାକୁ ବାକି ରହିଲା।

ବାତୋରେ ବଢୁଛି ଜବର ଦଖଲ

# ଅଭିଯୋଗ ପରେ ବି ନିରବ ପ୍ରସାଶନ



ଆନନ୍ଦପୁର,୨୩।୫ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଘଷିପୁରା ତହସିଲ ଅନ୍ତର୍ଗତ ବାତୋ ପଞ୍ଚାୟତର ବିଭିନ୍ନ ସ୍ଥାନ ଏବଂ ବଜାର ଅଞ୍ଚଳର ମୂଲ୍ୟବାନ ସରକାରୀ ଜମିକୁ କିଛି ପ୍ରଭାବଶାଳୀ ବ୍ୟକ୍ତି ଦଖଲ କରି ଘର ନିର୍ମାଣ କରିଥିବା ବେଳେ କେତେକ ସ୍ଥାନରେ ଦୋକାନ ଘର କରି ଭଡ଼ା ଲଗାଇ ମାସକୁ ମୋଟା ଅଙ୍କର ଟଙ୍କା ଆୟ କରୁଥିବା ଅଭିଯୋଗ ହୋଇଛି। ଏହି ଜବର ଦଖଲ ଘଟଣାକୁ ନେଇ ଏବେ ବାତୋ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳୁଛି। କିଛି ବର୍ଷ ପୂର୍ବରୁ ଯେଉଁ ସ୍ଥାନ ସାଧାରଣ ଲୋକଙ୍କ ଚଳାଚଳ ଓ ସାର୍ବଜନୀନ କାମରେ ବ୍ୟବହୃତ ହେଉଥିଲା। ସେହି ଜମି ଉପରେ ଏବେ ପକ୍କା ଘରଠାରୁ ଆରମ୍ଭ କରି ବ୍ୟବସାୟିକ ଦୋକାନ ମଧ୍ୟ ତିଆରି ହେଉଛି। ଏସବୁ ପ୍ରଶାସନର ନାକ ତଳେ ଚାଲୁଥିଲେ ମଧ୍ୟ କାହିଁକି କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଅନେକ ସମୟରେ ସ୍ଥାନୀୟ ଲୋକେ ତହସିଲ କାର୍ଯ୍ୟାଳୟଠାରୁ ଆରମ୍ଭ କରି ଆରଆଇ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ମଧ୍ୟ ଫାଇଲ କେବଳ ଅଫିସ୍ ଭିତରେ ସୀମିତ ରହୁଛି। ଫଳରେ ଜବରଦଖଲକାରୀଙ୍କ ମନୋବଳ ଆହୁରି ବଢୁଥିବା ବେଳେ ସାଧାରଣ ଲୋକଙ୍କ ଭିତରେ ପ୍ରଶାସନ ପ୍ରତି ଆସ୍ଥା କମିବାରେ ଲାଗିଛି। ଲୋକଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି ଯେ ଯଦି ଜଣେ ସାଧାରଣ ଗରିବ ଲୋକ ଅଳ୍ପ ଜାଗାରେ ଘର କରନ୍ତି ତେବେ ପ୍ରଶାସନ ତୁରନ୍ତ ନୋଟିସ ଦେଉଛି। କିନ୍ତୁ ପ୍ରଭାବଶାଳୀ ବ୍ୟକ୍ତି ଖୋଲାଖୋଲି ଭାବେ ସରକାରୀ ଜମି ଦଖଲ କରୁଥିଲେ ମଧ୍ୟ ସେମାନଙ୍କ ବିରୋଧରେ ପ୍ରଶାସନର ନୀରବତା ଏବେ ସନ୍ଦେହ ସୃଷ୍ଟି କରୁଛି। ରାଜ୍ୟ ସରକାର ଦୁର୍ନୀତି, ଜମି ମାଫିଆ ଓ ଜବର ଦଖଲ ବିରୋଧରେ କଠୋର ଆଭିମୁଖ୍ୟ ନେଇଥିବା ବେଳେ ବାତୋ ଅଞ୍ଚଳରେ ଚାଲିଥିବା ଏହି ଜବର ଦଖଲ ଉପରେ କେବେ ଛାଟ ବାଜିବ ତାହାକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛି।

## ନୂତନ ଶିଶୁ ମଙ୍ଗଳ ସମିତି ଗଠନ ବିଜ୍ଞପ୍ତି ସ୍ଥଗିତ

- ପୂର୍ବ କମିଟି ଜାରି ରଖିବ କାର୍ଯ୍ୟ

**କେନ୍ଦୁଝର, ୨୩।୫(ସମିସ):** କେନ୍ଦୁଝର ଜିଲ୍ଲା ଶିଶୁ ମଙ୍ଗଳ ସମିତି ଗଠନକୁ ନେଇ ଚାଲୁଥିବା ଆଇନଗତ ପ୍ରକ୍ରିୟା ମଧ୍ୟରେ ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ ଜାରି କରାଯାଇଛି। ବିଭାଗ ଜଣାଇଛି ଯେ ନୂତନ ଶିଶୁ କଲ୍ୟାଣ ସମିତି ଗଠନ ସମ୍ବନ୍ଧୀୟ ବିଜ୍ଞପ୍ତିକୁ ଅସ୍ଥାୟୀ ଭାବେ ସ୍ଥଗିତ ରଖାଯାଇଥିବାବେଳେ ବର୍ତ୍ତମାନର ସମିତି ତାଙ୍କ କାର୍ଯ୍ୟ ଜାରି ରଖିବ। ବିଭାଗ ପକ୍ଷରୁ ୧୯ ମେ ୨୦୨୬ରେ ଜାରି ନୋଟିଫିକେସନ୍ ଅନୁଯାୟୀ କେନ୍ଦୁଝର ଜିଲ୍ଲା ପାଇଁ ତିନି ବର୍ଷ ନିମନ୍ତେ ଏକ ନୂତନ ଶିଶୁ କଲ୍ୟାଣ ସମିତି ଗଠନ କରାଯାଇଥିଲା। ତେବେ, ପ୍ରକାଶିତ ବିଜ୍ଞପ୍ତି ଓଡିଶା ସର୍ବୋଚ୍ଚ ନ୍ୟାୟାଳୟରେ ଚାଲିଥିବା ଏକ ମାମଲାର ଅନ୍ତିମ ରାୟ ଉପରେ ନିର୍ଭରଶୀଳ ରହିବ। ୨୧ ମେ ୨୦୨୬ରେ ବିଭାଗ ପକ୍ଷରୁ ଜାରି ପତ୍ର ସଂଖ୍ୟା ୧୧୪୫୭ ମାଧ୍ୟମରେ ଅବଗତ କରାଯାଇଥିଲା ଯେ ଉକ୍ତ ରିଟ୍ ପିଟିସନ୍‌ର ଶୁଣାଣି ଚାଲିଥିବାରୁ ୧୯.୦୫.୨୦୨୬ର ନୋଟିଫିକେସନ୍‌କୁ ପରବର୍ତ୍ତୀ ନିର୍ଦ୍ଦେଶ ଆସିବା ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ଏହାସହିତ ବିଭାଗ ୨୧ ମେ ୨୦୨୬ରେ ଜାରି କରିଥିବା ବିଜ୍ଞପ୍ତି ସଂଖ୍ୟା ୧୧୪୬୮ ଅନୁଯାୟୀ, ବର୍ତ୍ତମାନର କେନ୍ଦୁଝର ଶିଶୁ କଲ୍ୟାଣ ସମିତିର କାର୍ଯ୍ୟକାଳ ମିଆଦ ୧୨.୦୫.୨୦୨୬ଠାରୁ ଆଉ ଗୋଟିଏ ମାସ କିମ୍ବା ନୂତନ ସମିତି ଗଠନ ହେବା ପର୍ଯ୍ୟନ୍ତ, ଯେଉଁଟି ପ୍ରଥମେ ହେବ, ସେପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

## ଗାଁ ପାଇଁ ଗୌରବ ଆଣିଲେ ବିଭୂ ଓ ସନ୍ଦୀପ





ହାଟଡ଼ିହୀ,୨୩।୫(ସମିସ): ହାଟଡ଼ିହୀ ବ୍ଲକ ଅନ୍ତର୍ଗତ ଆଇତିପୁର ପଞ୍ଚାୟତ ରାଘବପୁର ଗ୍ରାମର ଭାଗୀରଥି ଧଳଙ୍କ ପୁଅ ବିଭୂଦତ୍ତ ଧଳ ଓ ଅଭିନ୍ନ କୁମାର ଜେନାଙ୍କ ପୁଅ ସନ୍ଦୀପ ଜେନା ଚଳିତ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ଗାଁ ତଥା ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ବିଭୂଦତ୍ତ ଯାଜପୁରସ୍ଥିତ ଏନ.ସି କଲେଜ ଏବଂ ସନ୍ଦୀପ ଭୁବନେଶ୍ୱରସ୍ଥିତ ବିଜେବି କଲେଜର ଛାତ୍ର ଅଟନ୍ତି। ମୋଟ ୬୦୦ ମାର୍କରୁ ବିଭୂଦତ୍ତ ୫୬୧ ଏବଂ ସନ୍ଦୀପ ୫୪୭ ନମ୍ବର ରଖି କୃତିତ୍ୱ ଅର୍ଜନ କରିଛନ୍ତି। ଏହି ସଫଳତା ପରେ ଉଭୟଙ୍କୁ ପରିବାର, ଆତ୍ମୀୟସ୍ୱଜନ, ବନ୍ଧୁବାନ୍ଧବ ଏବଂ ଗ୍ରାମବାସୀଙ୍କ ପକ୍ଷରୁ ଶୁଭେଚ୍ଛା ଅଭିନନ୍ଦନ ଜଣାଯାଇଛି। ଭବିଷ୍ୟତରେ ନିଜ ଗାଁ ଓ ଅଞ୍ଚଳର ଉନ୍ନତିରେ ହାତ ବଢ଼ାଇବାକୁ ଉଭୟ ନିଜ ମତ ପ୍ରକାଶ କରିଛନ୍ତି।

## ବୈଦିକ ବିଚାର ମଞ୍ଚ ପକ୍ଷରୁ ପାରିବାରିକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ



**ଆନନ୍ଦପୁର, ୨୩।୫(ସମିସ):** ଆନନ୍ଦପୁର ଉପଖଣ୍ଡ ଆର୍ଯ୍ୟ ସମାଜ ପକ୍ଷରୁ ବୈଦିକ ବିଚାର ମଞ୍ଚ ଆନୁକୂଲ୍ୟରେ ଘଷିପୁରାସ୍ଥିତ କନକ ମଞ୍ଜରୀ ବାଲ୍ ଶିକ୍ଷା ସଂସ୍ଥାନଠାରେ ଏକ ପାରିବାରିକ ଆଧ୍ୟାତ୍ମିକ ଆଲୋଚନାଚକ୍ର ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ସୁପ୍ରତିଷ୍ଠିତ ବୈଦିକ ବିଦ୍ୱାନ ଓ ଦୂରଦର୍ଶନ ଧାରାବାହିକରେ ବହୁଚର୍ଚ୍ଚିତ ପ୍ରବଚକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ମୁଖ୍ୟ ଆଲୋଚକ ଭାବରେ ଯୋଗଦାନ କରିଥିଲେ। ଦାମ୍ପତ୍ୟ ଜୀବନରେ ସୁଖର ଆବଶ୍ୟକତା ନେଇ ସେ ପରିବାରରେ ପୁଅ ଅପେକ୍ଷା ଝିଅକୁ ଅଧିକ ସଂସ୍କାରୀ କରିବା ଉଚିତ ବୋଲି ମତ ପୋଷଣ କରିଥିଲେ। ଝିଅ ସଂସ୍କାରୀ ହେଲେ ବିବାହ ପରେ ଅନ୍ୟ ଏକ ସୁନ୍ଦର ସଂସାର ଗଢ଼ି ପାରିବାକୁ ସକ୍ଷମ ହେବ। ଆମେ ରାମ, କୃଷ୍ଣଙ୍କୁ ଈଶ୍ୱର କହି ନଚାଉ କିନ୍ତୁ ଅନ୍ୟ ଧର୍ମରେ ତାହା ନୁହେଁ। ସତ୍ୟପୀର ଓ ସତ୍ୟ ନାରାୟଣ ହିନ୍ଦୁ ମୁସଲିମ ସମ୍ମିଶ୍ରଣରେ ସତ୍ୟନାରାୟଣ ପୂଜା ହୋଇଥାଏ। ଅମ୍ଳଜାନ ଦେଉଥିବା ସବୁ ଗଛ ହିଁ ଆମେ ଠାକୁର ଗଛକହି ପୂଜା କରୁ। ସନ୍ତାନମାନେ ସମାଜର ଦର୍ପଣ ସଦୃଶ। ଏହି ଦର୍ପଣର ସ୍ୱଚ୍ଛତା ପିତାମାତାଙ୍କ ସଂସ୍କାରରୁ ପ୍ରାପ୍ତ ହୋଇଥାଏ ବୋଲି ଶ୍ରୀ ପଣ୍ଡା ଉପସ୍ଥିତ ଶତାଧିକ ନରନାରୀଙ୍କୁ ମାର୍ଗଦର୍ଶନ କରିଥିଲେ। ଆନନ୍ଦପୁର ଆର୍ଯ୍ୟସମାଜର ଉଦ୍ୟୋକ୍ତା ଅମୂଲ୍ୟ କୁମାର ମିଶ୍ର, ଦିଲୀପ କୁମାର ଭୂୟାଁ, ଶ୍ରୀଧର ମହାରଣା, କମିଟି ସଦସ୍ୟା ଗୀତାଞ୍ଜଳି ମହାରଣା, ଯୁବ ନେତା ଯଜ୍ଞପ୍ରସାଦ ସାହୁ, ବିନୋଦ କୁମାର ଦାସ ଓ ଉପେନ୍ଦ୍ର କୁମାର ସାହୁଙ୍କ ସହ ସଂସ୍ଥାନର ପ୍ରଧାନ ଆଚାର୍ଯ୍ୟ ମନମୋହନ ଦାସ, ଉପ ପ୍ରଧାନଆଚାର୍ଯ୍ୟ ସଂଗ୍ରାମ କେଶରୀ ପରିଡ଼ା, ସନ୍ଧ୍ୟାରାଣୀ ପଟ୍ଟନାୟକ, ରୋନାଲି ଜେନା, ଜ୍ୟୋତ୍ସ୍ନାମୟୀ ନାୟକ, ଚିନ୍ମୟୀ ରାଉତ, ସ୍ନିଗ୍ଧାସରିତା ମହାରଣା, ରଶ୍ମିତା ସିଂହ, ଶ୍ରୀଲୋଚନ ପୁହାଣ, ରବୀନ୍ଦ୍ର କୁମାର ସାହୁ, କାଳନ୍ଦୀ ମହାରଣା, ଚିତ୍ରସେନ ସାହୁ, ନଟବର ସାହୁ ପ୍ରମୁଖ ଆଚାର୍ଯ୍ୟାଆଚାର୍ଯ୍ୟ ଏବଂ ଶଙ୍କର୍ଷଣ ରାଉତ, ମନୋଜ ସାହୁ, ଶାନ୍ତି ପାତ୍ର ସହଯୋଗ କରିଥିଲେ।

## କେ.ବାଲିପାଳ ପଞ୍ଚାୟତରେ ଡିଜିଟାଲ ଯୁଗର ବିକଳ ଚିତ୍ର



**ହାଟଡ଼ିହୀ,୨୩।୫(ସମିସ):** କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ କଅଁଳେଇବାଲିପାଳ ପଞ୍ଚାୟତ ଆଜି ବି ଡ଼ିଜିଟାଲ (ନେଟୱର୍କ)ସେବାଠାରୁ ବହୁ ଦୂରରେ ରହିଯାଇଛି। ଏ ପଞ୍ଚାୟତରେ ମୋଟ୍ ୭ଟି ଗ୍ରାମରେ ୧୧ଟି ୱାର୍ଡ ରହିଛି। ଦୁଇଟି ୱାର୍ଡକୁ ବାଦ୍ ଦେଲେ ଆଉ ୯ଟିରେ ୧୨୦୦ରୁ ଉର୍ଦ୍ଧ୍ୱ ପରିବାରର ଜନସଂଖ୍ୟା। ଦେଶ ଭାରତ ସ୍ୱାଧୀନ ହେବାର ଦୀର୍ଘ ୭୯ବର୍ଷ ବିତିଯାଇଥିଲେ ମଧ୍ୟ ସାଧାରଣତଃ ମୌଳିକ ସୁବିଧା ରାସ୍ତା, ବିଦ୍ୟୁତ୍, ନେଟୱର୍କ ଏମାନଙ୍କ ପାଖରେ ପହଞ୍ଚିପାରି ନାହିଁ। ଏଥିପାଇଁ ପଞ୍ଚାୟତବାସୀ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଫଳ ଶୂନ। ଏ ପଞ୍ଚାୟତରେ ନେଟୱର୍କ ସେବା ନଥିବାରୁ ପଞ୍ଚାୟତବାସୀ ନେଟୱର୍କ ପାଇଁ କେଉଁ ପାହାଡ଼ କିମ୍ବା ପଥର ଉପରେ ଠିଆହୋଇ ସମ୍ପର୍କୀୟଙ୍କ ସହିତ ଯୋଗାଯୋଗ କରିଥା'ନ୍ତି। ଏଠାରେ ରାତି ଅଧରେ କାହାର କଣ ଘଟିଗଲେ ଅବିଳମ୍ବେ ଯୋଗାଯୋଗ କରିବା ସମ୍ଭବ ହେଉନାହିଁ। ଏ ପଞ୍ଚାୟତର ମୟୁରନଚା ଗ୍ରାମରେ ଏକ ବିଏସ୍‌ଏନଏଲ୍ ନେଟୱର୍କ ସ୍ଥାପନ କରାଯାଇଛି। ପାଖାପାଖି ଏକ ବର୍ଷରୁ ଉର୍ଦ୍ଧ୍ୱ ହେବ ତାହା ମଧ୍ୟ କାର୍ଯ୍ୟକ୍ଷମ ହୋଇନାହିଁ। ସେଥିପାଇଁ ପଞ୍ଚାୟତବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଠାରେ ନେଟୱର୍କ ପାଇଁ କୌଣସି ଲୋକ ପ୍ରତିନିଧି, ସ୍ୱେଚ୍ଛାସେବୀ ସଂଗଠନ ଓ ସରକାରୀ କର୍ମଚାରୀ ମଧ୍ୟ ଯୋଗାଯୋଗ କରିବା ପାଇଁ ଏପରି ନିର୍ଦ୍ଦିଷ୍ଟ ସ୍ଥାନ କିମ୍ବା ପାହାଡ଼ ପଥର ଉପରକୁ ଯାଇ ଯୋଗାଯୋଗ କରିଥାନ୍ତି। ସେଥିପାଇଁ କେ.ବାଲିପାଳ ପଞ୍ଚାୟତବାସୀ ମୟୁରନଚା ଗ୍ରାମଠାରେ ସ୍ଥାପନ କରାଯାଇଥିବା ବିଏସ୍‌ଏନଏଲ୍ ନେଟୱର୍କକୁ ଯଥାଶୀଘ୍ର ଚାଲୁ କରିବା ପାଇଁ ଦାବି କରିଛନ୍ତି। ଏହି ନେଟୱର୍କ ସେବା ଚାଲୁ ନକଲେ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ପଞ୍ଚାୟତର ରାମଚନ୍ଦ୍ର ଟୁଡୁ, ସାଇମନ ହୋ, ବାମିଆ ହୋ, ବୁଦ୍ଧିରାମ ପୂର୍ତ୍ତି, ରାଉତ ହୋ, ସାଉଁରୀ ପୂର୍ତ୍ତି, ମାନି ପୂର୍ତ୍ତି, ସୁଭଦ୍ରା ସିମିନିକିଆ, ଲାଲୁ ଟୁଡୁ, ପାଲୁ ଟୁଡୁ, ହେମନ୍ତ ମାଝୀ, ଇନ୍ଦ୍ରମଣି ହୋ, ସାଦ ହୋ, ନନ୍ଦିନି ପୂର୍ତ୍ତି,ଜେନା ମହାକୁଡ଼, ମୁଚିରାମ ମହାକୁଡ଼ ଭାଇଗ ପୂର୍ତ୍ତି, ବାସନ୍ତୀ ପିଙ୍ଗୁଆ ପ୍ରମୁଖ ପ୍ରକାଶ କହିଛନ୍ତି।

## 'ବ୍ଲକ୍ ଉପାଧ୍ୟକ୍ଷଙ୍କୁ ମିଥ୍ୟା ମାମଲାରେ ଗିରଫ କରାଯାଇଛି'




**ହାଟଡ଼ିହୀ,୨୩।୫(ସମିସ):** ହାଟଡିହୀ ବ୍ଲକ୍ ଉପାଧ୍ୟକ୍ଷ ତଥା ବିଜେଡି ରାଜ୍ୟ ସମ୍ପାଦକ ରତିକାନ୍ତ ରାଉତଙ୍କୁ ପୁଲିସ ଅଦୃଶ୍ୟ ଶକ୍ତିର ନିର୍ଦ୍ଦେଶରେ ଗିରଫ କରିଥିବା ଅଭିଯୋଗ ହେଉଛି। ତାଙ୍କ ବିରୋଧରେ କୌଣସି ଅଭିଯୋଗ ନଥିବା ବେଳେ କେବଳ ବିଜେଡିକୁ ବଦନାମ କରିବା ଉଦ୍ଦେଶ୍ୟରେ ତାଙ୍କ ଘରେ ଚଢ଼ଉ କରାଯାଇ ତାଙ୍କୁ ଗିରଫ କରାଯାଇଛି ବୋଲି ଜିଲ୍ଲା ବିଜେଡି ସଭାପତି ଆଶିଷ ଚକ୍ରବର୍ତ୍ତୀ କହିଛନ୍ତି। ହାଟଡିହୀ ବ୍ଲକ୍ ଉପାଧ୍ୟକ୍ଷ ରତିକାନ୍ତ ରାଉତଙ୍କ ନାମରେ ପୂର୍ବରୁ କୌଣସି ଅଭିଯୋଗ ନଥିବା ବେଳେ ସେ କୌଣସି ମାମଲାରେ ମଧ୍ୟ ସମ୍ପୃକ୍ତ ନାହାନ୍ତି। ଏପରିକି ସେ ଆଜକୁ ୭ ବର୍ଷ ଧରି କୌଣସି ବାଲି କାରବାରରେ ସମ୍ପୃକ୍ତ ନଥିବା ବେଳେ ତାଙ୍କୁ "ଅପରେସନ ବୈତରଣୀ'ରେ ପୁଲିସ୍ ଗିରଫ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। କେବଳ ବିଜେଡିକୁ ବଦନାମ କରିବା ପାଇଁ ଏହି ଗିରଫ କରାଯାଇଛି ବୋଲି ଶ୍ରୀ ଚକ୍ରବର୍ତ୍ତୀ କହିଛନ୍ତି। ପୁଲିସ ଚଢ଼ଉ ବେଳେ କେଉଁମାନଙ୍କ ଘରୁ କଣ କଣ ଜବତ କଲା ତାହା ସାର୍ବଜନୀନ କରାଯାଉ ବୋଲି ବିଜେଡ଼ିର କର୍ମକର୍ତ୍ତାମାନେ ଦାବି କରିଛନ୍ତି।

## ସମସ୍ୟା ଘେରେର ମୁସଲିମ ବସ୍ତି ଅଙ୍ଗନବାଡ଼ି



**ଚମ୍ପୁଆ,୨୩।୫(ସମିସ):** ରାଜ୍ୟ ସରକାରଙ୍କ ପକ୍ଷରୁ ଶିଶୁମାନଙ୍କର ପ୍ରାକ ଶିକ୍ଷାକୁ ଗୁରୁତ୍ୱ ଦେବା ଏବଂ ପୁଷ୍ଟିକର ଖାଦ୍ୟ ସହ ଆନୁଷଙ୍ଗିକ ସୁବିଧା ଯୋଗାଇ ଦେଇ ଅଙ୍ଗନବାଡ଼ି କେନ୍ଦ୍ର ମାଧ୍ୟମରେ ବିଭିନ୍ନ ସରକାରୀ ସେବା ସୁବିଧା ଉପଲବ୍ଧ କରାଉଛନ୍ତି। ତେବେ, ବିଭିନ୍ନ ଅବ୍ୟବସ୍ଥା ଫଳରେ ବଢୁଛି ଉକ୍ତ କେନ୍ଦ୍ରର ସମସ୍ୟା। ଯାହାର ଉଦାହରଣ ପାଲଟିଛି ଚମ୍ପୁଆ ମୁସଲିମ ବସ୍ତି ଅଙ୍ଗନବାଡ଼ି କେନ୍ଦ୍ର। ଏହି କେନ୍ଦ୍ରରେ ୩୦ ଜଣ ଛାତ୍ରଛାତ୍ରୀ ପ୍ରାକଶିକ୍ଷା ଗ୍ରହଣ କରୁଥିବା ବେଳେ ପାଚେରି ନଥିବା, ବିଦ୍ୟୁତ ସଂଯୋଗ ନଥିବା ସହ କେନ୍ଦ୍ରକୁ ଲାଗିରହିଥିବା ନଳକୂପଟି ସର୍ବସାଧାରଣ ବ୍ୟବହାର କରୁଥିବା ଫଳରେ ଅନେକ ସମୟରେ ତାହା ଅଚଳ ହୋଇପଡୁଥିବା ନେଇ ସମସ୍ୟା ଦେଖାଦେଇଛି। ଉକ୍ତ କେନ୍ଦ୍ରର ପାଇଖାନା ଗୃହ ମରାମତି ହୋଇଥିଲେ ମଧ୍ୟ ଅଙ୍ଗନବାଡ଼ି କର୍ମୀଙ୍କୁ ଚାବି ହସ୍ତାନ୍ତର କରାଯାଇ ନଥିବାରୁ କୁନିକୁନି ଶିଶୁମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୨୦୦୮ ରେ ଏହା ନିର୍ମାଣ କରାଯାଇଥିଲେ ମଧ୍ୟ ଏଠାରେ ବିଦ୍ୟୁତ ସଂଯୋଗ କରାଯାଇ ନଥିଲା। କିଛି ଦିନ ତଳେ କେନ୍ଦ୍ରରେ ବିଦ୍ୟୁତ ୱାରିଂ ଶେଷ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାହା ସଂଯୋଗ ହୋଇପାରିଲା ନାହିଁ। ୧୮ ବର୍ଷ ପୁରିଯାଇଥିଲେ ମଧ୍ୟ ଏହି କେନ୍ଦ୍ରକୁ ନିୟମିତ ରାସ୍ତାଟିଏ କରାଯାଇପାରିଲା ନାହିଁ। ଫଳରେ ଖରା ଦିନେ ଜେନେତେନେ ପ୍ରକାରଣ କାର୍ଯ୍ୟ ତୁଲାଯାଉଥିବା ବେଳେ ବର୍ଷା ଦିନେ ଏହାର ସମସ୍ୟା ଗମ୍ଭୀର ହୋଇ ଉଠିଥାଏ। ଏହି କେନ୍ଦ୍ରରେ ଟିକାକରଣ, ଭିଏଚ୍‌ଏନ୍‌ଡି ଆଦି କାର୍ଯ୍ୟ ଧାର୍ଯ୍ୟ ଦିନଗୁଡିକରେ କରାଯାଉଥିଲେ ମଧ୍ୟ ବିଦ୍ୟୁତ ଅଭାବଜନିତ ସମସ୍ୟା ଦେଖିବାକୁ ମିଳିଛି। ଏନେଇ ସିଡିପିଓ ଲକ୍ଷ୍ମୀକାନ୍ତି ମାରାଣ୍ଡିଙ୍କୁ ପଚାରିବାରୁ କହିଛନ୍ତି ଯେ ସମସ୍ୟା ବିଷୟରେ ମୁଁ ଅବଗତ ନଥିଲି କର୍ମିଙ୍କୁ ସମସ୍ୟା ନେଇ ଲିଖିତ ଅଭିଯୋଗ କରିବାକୁ କୁହାଯିବ ଏବଂ ତୁରନ୍ତ ପ୍ରମୁଖ ସମସ୍ୟା ଉପରେ ଗୁରୁତ୍ୱ ଦେଇ ତାର ସମାଧାନର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

## ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ ତାଲିମ ଶିବିର

**କେନ୍ଦୁଝର, ୨୩।୫(ସମିସ):** ଆଗାମୀ 'ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରସ୍ତୁତି -୨୦୨୬' କାର୍ଯ୍ୟକ୍ରମକୁ ସଫଳ ଓ ତ୍ରୁଟିଶୂନ୍ୟ କରିବା ପାଇଁ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲ୍‌ଠାରେ ଏନେଇ ଜିଲ୍ଲାପାଳ ବିଶାଳ ସିଂହଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ତଥା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ସମସ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଏବଂ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଯୋଗ ଦେଇଥିଲେ। ଆଗାମୀ ଦିନରେ ଭୋଟର ତାଲିକା ପ୍ରସ୍ତୁତି ଏବଂ ଏହାର ସଂଶୋଧନ ପ୍ରକ୍ରିୟାକୁ କିପରି ଅଧିକ ସ୍ୱଚ୍ଛ, ସରଳ ଓ ନିର୍ଭୁଲ କରାଯାଇପାରିବ, ସେନେଇ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡିକ ଉପରେ ଆଲୋଚନା କରାଯାଇଥିଲା। ବିଶେଷ କରି ଯୋଗ୍ୟ ଭୋଟରମାନଙ୍କ ନାମ ସାମିଲ କରିବା, ମୃତ କିମ୍ବା ସ୍ଥାନାନ୍ତରିତ ଭୋଟରଙ୍କ ନାମ ବାଦ୍ ଦେବା ଏବଂ ତ୍ରୁଟିପୂର୍ଣ୍ଣ ତଥ୍ୟର ସଂଶୋଧନ ଉପରେ ଏହି କାର୍ଯ୍ୟକ୍ରମରେ ଗୁରୁତ୍ୱ ଦିଆଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ ଯୋଗ ଦେଇଥିଲେ। ଅଧିକାରୀମାନଙ୍କର ବିଭିନ୍ନ ସନ୍ଦେହ ଓ ସମସ୍ୟାର ମଧ୍ୟ ଜିଲ୍ଲାପାଳ ସମାଧାନ କରିଥିଲେ। ଜିଲ୍ଲାର ସମସ୍ତ ନାଗରିକଙ୍କୁ ଏହି ପ୍ରକ୍ରିୟାରେ ସହଯୋଗ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

# ଆନନ୍ଦପୁର ପୌରାଞ୍ଚଳରେ ବୁଲା କୁକୁର ଆତଙ୍କ

ଆନନ୍ଦପୁର, ୨୩।୫(ସମିସ):



ଆନନ୍ଦପୁର ପୌରାଞ୍ଚଳରେ ବୁଲା କୁକୁରଙ୍କ ସଂଖ୍ୟା ବଢ଼ିଚାଲିଛି। ଫଳସ୍ୱରୂପ କୁକୁର କାମୁଡ଼ା ସଂଖ୍ୟା, ଜଳାତଙ୍କ ଆଶଙ୍କା ମଧ୍ୟ ବୃଦ୍ଧି ପାଉଛି। ହଠାତ ଗାଡ଼ି ଭିତରେ ପଶିଯାଉଥିବାରୁ ରାସ୍ତାଘାଟରେ ଅନେକ ଦୁର୍ଘଟଣା ମଧ୍ୟ ଘଟୁଛି। ଏପଟେ ସୁପ୍ରିମକୋର୍ଟ ପକ୍ଷରୁ ଜନଗହଳି ସ୍ଥାନରୁ ବୁଲା କୁକୁର ସ୍ଥାନାନ୍ତର ନେଇ ଏକ ନିର୍ଦ୍ଦେଶ ଦିଆଯିବା ପରେ ଏନେଇ ପୌର କର୍ତ୍ତୃପକ୍ଷଙ୍କ ଚିନ୍ତା ବଢିଛି। ଏହାକୁ କିପରି ପାଳନ କରାଯାଇପାରିବ ସେନେଇ ପୌର ପ୍ରଶାସନ ପାଖରେ ଠୋସ୍ ଯୋଜନା ନାହିଁ।

ଗତବର୍ଷ ରାଜଧାନୀ ଭୁବେନଶ୍ୱରରେ ବୁଲାକୁକୁରଙ୍କ ସଂଖ୍ୟା ଗଣତି କରାଯାଇ ସାର୍ବଜନୀନ କରଯାଇଥିଲା। ଏନେଇ ବନ୍ଧ୍ୟାକରଣ ସମ୍ପର୍କରେ ମଧ୍ୟ ସୂଚନା ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଅନ୍ୟ ସହରାଞ୍ଚଳରେ ମଧ୍ୟ ଏହି ପଦକ୍ଷେପ ଗ୍ରହଣ କରାଯିବ ବୋଲି ମଧ୍ୟ ନଗର ଉନ୍ନୟନ ବିଭାଗ ପକ୍ଷରୁ କୁହାଯାଇଥିଲେ ହେଁ ଆନନ୍ଦପୁର ପୌରାଞ୍ଚଳରେ କୌଣସି ପଦକ୍ଷେପ ନିଆଯାଇ ନଥିଲା। ଏନେଇ କୌଣସି ନିର୍ଦ୍ଦେଶ ଆସି ନଥିବା ନେଇ ପୌର ଅଧିକାରୀ ଦେବ ପ୍ରସାଦ ବଳ କହିଛନ୍ତି। ଗତ ପ୍ରଜନନ ଋତୁରେ ବୁଲା କୁକୁର ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଥିବା ପରିଲକ୍ଷିତ ହୋଇଛି। ଫଳରେ ପୌରାଞ୍ଚଳର ସମସ୍ତ ୱାର୍ଡରେ ମାଳମାଳ ବୁଲାକୁକୁର ବୁଲୁଥିବା ନଜରକୁ ଆସିଛି। ଏହି ସଂଖ୍ୟା ୫ହଜାରରୁ ଅଧିକ ହେବ ବୋଲି ବେସରକାରୀ ଭାବେ କୁହାଯାଇଛି। ସକାଳୁ ପ୍ରାତଃଭ୍ରମଣରେ ଗଲେ ଅନେକ ସ୍ଥାନରେ ବୁଲାକୁକୁର ଲୋକମାନଙ୍କୁ ଗୋଡ଼ାଉଛନ୍ତି। ପ୍ରାତଃଭ୍ରମଣରେ ଗଲେ ବାଧହୋଇ ବରିଷ୍ଠ ନାଗରିକମାନେ ନିଜର ସୁରକ୍ଷା ପାଇଁ ହାତରେ ବାଡ଼ି ଧରି ଯାଉଛନ୍ତି। ଘସିପୁରା ଝାଡ଼େଶ୍ୱର ରୋଡ୍, ଡାକ୍ତରଖାନା ରୋଡ୍, ଆନନ୍ଦପୁର ବଡ଼ଦାଣ୍ଡ, ଫକୀରପୁର ବଜାର, ପଦ୍ମପୁର, ଶାଳପଡ଼ା, ଶୈଲଙ୍ଗ, ଘସିପୁରା ବସଷ୍ଟାଣ୍ଡ ଅଞ୍ଚଳରେ ମାଳମାଳ ବୁଲାକୁକୁରଙ୍କ ଉପଦ୍ରବ ସାଧାରଣ ଲୋକମାନଙ୍କୁ ଅତିଷ୍ଠ କରୁଛି। ଅନେକ ସମୟରେ ବୁଲାକୁକୁରଙ୍କ ଯୋଗୁଁ ବାଇକ୍, ସାଇକଲ ଆରୋହୀମାନେ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ଗତ ଦୁଇ ବର୍ଷ ମଧ୍ୟରେ ବୁଲା କୁକୁର କାମୁଡ଼ାରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ

### ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ

୫ହଜାରରୁ ଅଧିକ ପ୍ରତିଷେଧକ ଟିକା ନେଇଛନ୍ତି। ଅବଶ୍ୟ ଏଥିରେ ଗ୍ରାମାଞ୍ଚଳର ରୋଗୀ ରହିଥିଲେ ମଧ୍ୟ ପୌରାଞ୍ଚଳରେ କୁକୁର କାମୁଡ଼ା ହାର ସର୍ବାଧିକ ବୋଲି ଜଣାପଡିଛି। ଏପଟେ ସହରରେ ବୁଲାକୁକୁର ସଂଖ୍ୟା ଅତିଷ୍ଠ କଲାଣି ବୋଲି ଘସିପୁରାର ଯୁବ ସମାଜସେବୀ ସରୋଜ ସାହୁ କହିଛନ୍ତି। ବୁଲା କୁକୁର ସଂଖ୍ୟା ହ୍ରାସ ପାଇଁ ପଦକ୍ଷେପ ନେବା ଜରୁରୀ ହୋଇ ପଡିଛି ବୋଲି ବରିଷ୍ଠ ନାଗରିକ ରଙ୍ଗାଧର ସାହୁ କହିଛନ୍ତି। ପୌରାଞ୍ଚଳରେ କୁକୁର ଆଶ୍ରୟସ୍ଥଳ ନଥିବା ବେଳେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ପରେ ପୌର କର୍ତ୍ତୃପକ୍ଷ କ'ଣ ପଦକ୍ଷେପ ନେଉଛନ୍ତି ଏହା ଉପରେ ସମସ୍ତଙ୍କ ନଜର ରହିଛି।

**ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ଓ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ**

# ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ




**ଉଦଳା, ୨୩।୫(ସମିସ):** କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦାସୀନତା ପାଇଁ ସାରା ଦେଶରେ ପେଟ୍ରୋଲ, ଡିଜେଲ, ଅଟା, ତେଲ, ରନ୍ଧନ ଗ୍ୟାସ ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ମୂଲ୍ୟ ବୃଦ୍ଧି ଓ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ପ୍ରତିବାଦରେ ଉଦଳା କଂଗ୍ରେସ ଆବାହକଙ୍କ ନେତୃତ୍ୱରେ ଉଦଳା କଂଗ୍ରେସ ପକ୍ଷରୁ ପଦଯାତ୍ରା ଓ ପାଠପ୍ରାନ୍ତ ଶୋଭାଯାତ୍ରା କରି ପ୍ରତିବାଦ କରାଯାଇଛି। ଉଦଳା ନିର୍ବାଚନମଣ୍ଡଳୀର ବିଭିନ୍ନ ବ୍ଲକର ଶତାଧିକ କର୍ମୀ ମୟୂରଭଞ୍ଜ ଜିଲ୍ଲା (ପୂର୍ବ) ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ବିଧାୟକ ପ୍ରାର୍ଥୀ ତଥା ଆଦିବାସୀ କଂଗ୍ରେସର ପୂର୍ବତନ ଜିଲ୍ଲା ସଭାପତି ଦୁଃଖୀଶ୍ୟାମ ମୁର୍ମୁ, ପଣ୍ଡିତ ଚକ୍ରଧର ଦଳେଇ, ବୀଣାକାର ସାହୁ, ଶରତ ଚନ୍ଦ୍ର ମାରାଣ୍ଡି, ବିନୋଦ ଘଡେଇ, ଜିଲ୍ଲା ସାଧାରଣ ସମ୍ପାଦକ ନଳିନୀ ପଟ୍ଟନାୟକ, ପୂର୍ବତନ ଟାଉନ ସଭାପତି ସଞ୍ଜୀବ କୁମାର ମହାନ୍ତି, ନବନିଯୁକ୍ତ ଟାଉନ ସଭାପତି ମୌକ୍ଷ ନାରାୟଣ ଦାସ ଓ ଚନ୍ଦନ କୁମାର ମିଶ୍ର, ଜୟନାରାୟଣ ହାଁସଦା, ମାନସ ସେଠୀ, ଉତ୍ତମ ବେହେରା, ବ୍ଲକ ସଭାପତି ସେକ କଲମୁଦ୍ଦିନ, ଜିଲ୍ଲା ସମ୍ପାଦକ ଯୋଗେନ୍ଦ୍ର ବର୍ଷାଳିଆ, ପ୍ରହ୍ଲାଦ ବେହେରା, ତାପସ ନଳିନୀ ପଟ୍ଟନାୟକ, ଆଶିଷ ବାରିକ, ବିନୋଦ ଘଡେଇ, ଜଗଦୀଶ ନାୟକ, ପୂର୍ଣ୍ଣଚନ୍ଦ୍ର ବିନ୍ଧାଣି, ଜିବିନଗର ସଭାପତି ରବିନାରାୟଣ ପରିଡ଼ା, କପ୍ତିପଦା ବ୍ଲକ ସଭାପତି ଦୀପକ ସେଠୀ, ନାରୀନେତ୍ରୀ ରାଧାରାଣୀ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

**ବାଙ୍ଗିରିପୋଷି ବିଜେଡି ପକ୍ଷରୁ ନାରୀ ସୁରକ୍ଷା ଅଧିକାର ଅଭିଯାନ**

# ୫ ହଜାରରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ କର୍ମୀ ସାମିଲ






**କଳାବାଡ଼ିଆ, ୨୩।୫(ସମିସ)**

ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ନାରୀ ସୁରକ୍ଷା ଅଧିକାର ଅଭିଯାନ ଆୟୋଜିତ ହୋଇଯାଇଛି। ଶନିବାର ନାରୀ ଅଧିକାର ଲଢେଇ ପାଇଁ ଜିଲ୍ଲା ସଭାପତି ସୁଦାମ ମାରାଣ୍ଡିଙ୍କ ନେତୃତ୍ୱରେ ପାଞ୍ଚ ହଜାରରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ କର୍ମୀ ସାମିଲ ହୋଇ ବିଜେଡିର ଶକ୍ତି ପ୍ରଦର୍ଶନ କରିଛନ୍ତି। ଶ୍ରୀ ମାରାଣ୍ଡି ନେତୃତ୍ୱରେ ବାଙ୍ଗିରିପୋଷି ସାପ୍ତାହିକ ହାଟ ପଡ଼ିଆରୁ ବିଶାଳ ପଟୁଆରରେ ନାରୀ ଶୋଭାଯାତ୍ରା ବାହାରି ଜାତୀୟ ରାଜପଥ ନିକଟସ୍ଥ ଖଇରୀ ରିସୋର୍ଟଠାରେ ଏକ କର୍ମୀ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ମନ୍ତ୍ରୀ ଶ୍ରୀ ମାରାଣ୍ଡି କେନ୍ଦ୍ର ସରକାରଙ୍କ ଦୋମୁହାଁ ନୀତି ଓ ରାଜ୍ୟ ସରକାରଙ୍କ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତକୁ ତିବ୍ର ନିନ୍ଦା କରିଥିଲେ। ଆଗାମୀ ଦିନରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ବିଜେପି ସରକାର ତୁରନ୍ତ ଲାଗୁ କରିବାକୁ ଦାବି କରିଛନ୍ତି। ଯାହାକି ପୂର୍ବରୁ ବିଜେଡି ଲାଗୁ କରିବା ପାଇଁ ଦାବି କରିଆସିଥିଲା। ଏହି ସମାବେଶରେ ଜିଲ୍ଲା ସଭାପତି ସୁଦାମ ମାରାଣ୍ଡି, ରାଜ୍ୟ ମୁଖ୍ୟପାତ୍ର ପ୍ରୀୟବ୍ରତ ମାଝି, ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ରଞ୍ଜିତା ମାରାଣ୍ଡି, ନାରୀନେତ୍ରୀ ଭାରତୀ ସିଂ, ଜିଲ୍ଲା ପରିଷଦ ସଦସ୍ୟ/ ସଦସ୍ୟା ଆନନ୍ଦ ଟୁଡୁ, ରାମଚନ୍ଦ୍ର ମୁର୍ମୁ, ଦୁର୍ଗା ଟୁଡୁ, ପାର୍ବତୀ ସିଂ, ମଧୁସୂଦନ ସିଂ, ନିର୍ବାଚନମଣ୍ଡଳୀର ୩ଟି ବ୍ଲକର ଅଧକ୍ଷ, ସାମାଖୁଣ୍ଟା ବ୍ଲକ ସଭାପତି ହରେକୃଷ୍ଣ ମହାନ୍ତ, ବାଙ୍ଗିରିପୋଷି ବ୍ଲକ ସଭାପତି ବୀରକିଶୋର ମହାନ୍ତି, ପୂର୍ବତନ ବ୍ଲକ ଅଧକ୍ଷ ପ୍ରିୟନାଥ ମାରାଣ୍ଡି, ସୁବୋଧ ମାରାଣ୍ଡି, ବରିଷ୍ଠ କର୍ମୀ ବିଶ୍ୱଜିତ ଶର୍ମା ଯୋଗ ଦେଇଥିବାବେଳେ ବାଙ୍ଗିରିପୋଷି ବ୍ଲକ ସଭାପତି ବୀରକିଶୋର ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଠାକୁରମୁଣ୍ଡା ହାଇସ୍କୁଲ ହୀରକ ଜୟନ୍ତୀ ସ୍ମରଣିକା ଉନ୍ମୋଚିତ



**ମହୁଲଡିହା, ୨୩।୫(ସମିସ):** ଠାକୁରମୁଣ୍ଡା ବ୍ଲକର ସର୍ବପୁରାତନ ହାଇସ୍କୁଲର ହୀରକ ଜୟନ୍ତୀ ଗତ ଡିସେମ୍ବର ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ପାଳନ ହୋଇଥିବାବେଳେ ଚଳିତ ମାସ ୨୨ ତାରିଖ ଦିନ ସ୍ମରଣିକା ଉନ୍ମୋଚନ ହୋଇଛି। ଅଧ୍ୟାପକ ଡଃ ସୁମନ୍ତ୍ର ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମରଣିକା 'ଶାକ୍ମଳୀ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଅତିଥି ଭାବେ ଅଗ୍ନିଶମ ଅଧିକାରୀ ସୁଶାନ୍ତ ସାହୁ ଓ ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ ଯୋଗଦେଇ ସ୍ମରଣିକା ଉନ୍ମୋଚନ କରିଥିଲେ। ମୁଖ୍ୟଅତିଥି କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁରୁ ବିଳମ୍ବରେ ପହଞ୍ଚି ଫଟୋ ଆଲବମ ଉନ୍ମୋଚନ କରିଥିଲେ। ଉପସଭାପତି ବସନ୍ତ କୁମାର ପଇବର୍ତ୍ତୀ ସ୍କୁଲ ସମୟର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ହୀରକ ଜୟନ୍ତୀ ସଭାପତି ତଥା ସ୍ମରଣିକା ସମ୍ପାଦକ ଶାକ୍ମଳୀ ସମ୍ପର୍କରେ ବକ୍ତବ୍ୟ ରଖିଥିବାବେଳେ ପ୍ରଧାନଶିକ୍ଷକ ଲକ୍ଷ୍ମୀକାନ୍ତ ମହାନ୍ତ ଧନ୍ୟବାଦ ଦେଇଥିଲେ।

# ଆଳୁ ବୋଝେଇ ଟ୍ରକ୍ ତଳେ ପଶିଗଲା ସ୍କୁଟି, ବର୍ତ୍ତିଲେ ମାଆପୁଅ



**ବେତନଟୀ, ୨୩।୫(ସମିସ):** ବୈସିଙ୍ଗା ଥାନା ଅନ୍ତର୍ଗତ ୧୮ ନଂ ଜାତୀୟ ରାଜପଥର ଆଗ୍ରିଆଛକ ନିକଟରେ ଏକ ଆଳୁ ବୋଝେଇ ଟ୍ରକ ତଳେ ସ୍କୁଟି ପଶିଗଲା ଓ ସ୍କୁଟିରେ ଥିବା ମାଆପୁଅ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସେମାନେ ସାମାନ୍ୟ ଆହତ ହୋଇଛନ୍ତି। ଆଳୁ ବୋଝେଇ ଟ୍ରକ୍ ଦିବ୍ୟଜ୍ୟୋତି ସ୍କୁଲ ସମ୍ମୁଖରେ ଥିବା ପୁରୁଣା ଜାତୀୟ ରାଜପଥକୁ ହଠାତ୍ ବାମ ପଟକୁ କାଟି ଦେବାରୁ ଏହି ସମୟରେ ପଛରୁ ଆସୁଥିବା ସ୍କୁଟିରେ ଥିବା ମାଆ ଓ ପୁଅ ଭାରସାମ୍ୟ ହରାଇ ଟ୍ରକ ତଳକୁ ପଡ଼ିଯାଇଥିଲେ। ଘଟଣାସ୍ଥଳରେ ଉପସ୍ଥିତ ଲୋକେ ତୁରନ୍ତ ସେମାନଙ୍କୁ ଉଦ୍ଧାର କରି ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଉଭୟଙ୍କ ଅବସ୍ଥା ଭଲ ଥିବା ଜଣାପଡ଼ିଛି। ବୈଶିଙ୍ଗା ପୁଲିସ ପହଞ୍ଚି ସ୍କୁଟି ଓ ଟ୍ରକକୁ ଜବତ କରି ଥାନାକୁ ନେଇଛି। ସ୍ଥାନୀୟ ଲୋକ ଟ୍ରକ ଡ୍ରାଇଭରଙ୍କ ଅସାବଧାନତା ଯୋଗୁଁ ଏହି ଦୁର୍ଘଟଣାର ମୂଳ କାରଣ ବୋଲି ଅଭିଯୋଗ କରିଛନ୍ତି। ରାସ୍ତାରେ ହଠାତ୍ ଗାଡ଼ି ଟର୍ଣ୍ଣ ନେବା ଯୋଗୁଁ ଏପରି ଦୁର୍ଘଟଣା ବାରମ୍ବାର ଘଟୁଥିବାରୁ ପ୍ରଶାସନ ପକ୍ଷରୁ ଯଥାଶୀଘ୍ର ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି।

# କୁଡୁମି ଜାତିର ବିକାଶ ପାଇଁ ଗ୍ରାମ୍ୟସ୍ତରୀୟ ସଚେତନତା ବୈଠକ



**ମହୁଲଡିହା, ୨୩।୫(ସମିସ):** ଠାକୁରମୁଣ୍ଡା ବ୍ଲକଜରକ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଘଣ୍ଟିଆଦର ଓ ପାଣପୋଷି ଦୁଇଟି ଗାଁର ଘଣ୍ଟିଆଦରଠାରେ କୁଡୁମି ଜାତିର ସଚେତନତାମୂଳକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଘଣ୍ଟିଆଦର ଗ୍ରାମର ମଲ୍ଲିକା ମହାନ୍ତ ସଭାପତିତ୍ୱ କରିଥିଲେ। ବୈଠକରେ ଉପସ୍ଥିତ କମିଟିର ନେତୃ ମଣ୍ଡଳୀ ସଦସ୍ୟ ରାଧାଶ୍ୟାମ ମହାନ୍ତ ସଂଗଠନ ଗଠନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ। ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ଭାଗୀରଥି ମହାନ୍ତ ଜାତିର ଭାଷା, ପରମ୍ପରା, ନେଗାଚାରି, ସଂସ୍କୃତି ବନାମ ଅପସଂସ୍କୃତି, ଅଧିକାର ଆଦି ଉପରେ ଆଲୋଚନା କରିଥିଲେ। ବ୍ଲକ କମିଟି ସଭ୍ୟସଭ୍ୟା ଲକ୍ଷ୍ମୀଧର ମହାନ୍ତ, ଭକ୍ତବନ୍ଧୁ ମହାନ୍ତ, ସବିତା ମହାନ୍ତ, ମନୋରଞ୍ଜନ ମହାନ୍ତ, ଜଟିଆ ମହାନ୍ତ, ଉପେନ୍ଦ୍ର ମହାନ୍ତ, ମଲ୍ଲିକା ମହାନ୍ତ ପ୍ରମୁଖ ଆଲୋଚନା କରିଥିଲେ। ଝୁମର ଶିଳ୍ପୀ ଗଣେଶ୍ୱର ମହାନ୍ତ ଜାତିର ଭାଷାକୁ ବଞ୍ଚାଇବା ପାଇଁ ଝୁମର ସଙ୍ଗୀତ ଗାନ କରିଥିଲେ। ଶେଷ ପର୍ଯ୍ୟାୟରେ ସ୍ଥାନୀୟ କମିଟି ଗଠନ ଯାଇଥିଲା। ପାଣପୋଷି ଗ୍ରାମର ପୂର୍ବରୁ ଥିବା ଗ୍ରାମ୍ୟ ଦେହୁରୀ ଦିବାକର ମହାନ୍ତ, ଡାକୁଆ ଭାବେ ଅମ୍ରିତ ମହାନ୍ତ, ପ୍ରଧାନ ଭାବେ ଦିବାକର ମହାନ୍ତ ରହିଥିବାବେଳେ କୁଡୁମି ସଂଗଠନ ପ୍ରତିନିଧି ଭାବେ ବୀରେନ୍ଦ୍ର ମହାନ୍ତ, ଜୟନ୍ତୀ ମହାନ୍ତ ଓ ସବିତା ମହାନ୍ତଙ୍କୁ ଚୟନ କରାଯାଇଥିଲା। ସେହିପରି ଘଣ୍ଟିଆଦର ଗ୍ରାମର ପୂର୍ବରୁ ଥିବା ଗ୍ରାମ୍ୟ ଦେହୁରୀ ଭାବେ ତଳସାହିର ତରଣୀ ମହାନ୍ତ, ଉପରସାହିର ବଳରାମ ମହାନ୍ତ, କୁଦର ସାହିର ଅମରେନ୍ଦ୍ର ମହାନ୍ତ ଡାକୁଆ ଭାବେ ଦୈତାରୀ ମହାନ୍ତ, ପ୍ରଧାନ ଭାବେ ସୁନୀଲ ମହାନ୍ତ ପୁନର୍ବାର ରହିଥିବାବେଳେ ସଂଗଠନର ପ୍ରତିନିଧି ଭାବେ ଭକ୍ତବନ୍ଧୁ ମହାନ୍ତ, କୈଳାସ ମହାନ୍ତ, ଅମିତା ମହାନ୍ତ ଓ କ୍ଷୀରମଣୀ ମହାନ୍ତଙ୍କୁ ଚୟନ କରାଯାଇଥିଲା। ବୈଠକକୁ ସୁରେଶ ମହାନ୍ତ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଲ୍‌ଚିକି ଲିପି ପ୍ରଚାର ପ୍ରସାର ପାଇଁ ସ୍ୱତନ୍ତ୍ର ଆଲୋଚନାଚକ୍ର




**ରାଇରଙ୍ଗପୁର, ୨୩।୫(ସମିସ):** ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ବସବାସ କରୁଥିବା ସାନ୍ତାଳ ସମ୍ପ୍ରଦାୟର ଲିପି ଅଲଚିକିର ବ୍ୟାପକ ପ୍ରଚାର ଓ ପ୍ରସାର ପାଇଁ ପ୍ରୟାସ ଜାରି ରହିଛି। ଏହାକୁ ନେଇ ସହିଦ ନୁଦୁରାମ ସୋରେନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ରାଇରଙ୍ଗପୁର ଉଚ୍ଚବିଦ୍ୟାଳୟରେ ଚାଲିଥିବା ନିଶୁଳ୍କ ଶିକ୍ଷାଦାନ କେନ୍ଦ୍ରରେ ଅଲଚିକି ଲିପି ଓ ସାନ୍ତାଳୀ ଭାଷାର କ୍ରମବିକାଶ ଉପରେ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଯୁବ ଶିକ୍ଷାବିତ୍ ତଥା ମୟୂରଭଞ୍ଜ କିସ୍ ଆବାସିକ ବିଦ୍ୟାଳୟ ଅଧକ୍ଷ ଗଣେଶ ମିଶ୍ର ଯୋଗଦେଇ ସାନ୍ତାଳି ଭାଷା ଓ ଅଲ୍‌ଚିକି ଲିପି ଉପରେ ଗଭୀର ଅଧ୍ୟୟନ ଓ ଗବେଷଣା କରିବାକୁ ତାଲିମ ନେଉଥିବା ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଅଲଚିକି ତଥା ସାନ୍ତାଳି ଭାଷା ସାହିତ୍ୟ ସୁନେଲି ଭବିଷ୍ୟତ ଉପରେ ଶ୍ରୀ ମିଶ୍ର ଆଲୋକପାତ କରିବା ସହ ଗରିବ, ଅସହାୟ ଆଦିବାସୀ ଛାତ୍ରୀଙ୍କ କିସ୍ ଭୁବନେଶ୍ୱରରେ ନିଃଶୁଳ୍କ ପାଠ ପଢ଼ିବା ପାଇଁ ପ୍ରତିଷ୍ଠାତା ଡଃ ଅଚ୍ୟୁତ ସାମନ୍ତ ସମସ୍ତ ପ୍ରକାରର ବ୍ୟବସ୍ଥା କରିଛନ୍ତି ବୋଲି ସୂଚନା ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲାର ବିଶିଷ୍ଟ ସମାଜସେବୀ ଦେବ ହୋତା ଯୋଗଦେଇ ଉଚ୍ଚଶିକ୍ଷା ଓ ଗବେଷଣା ପାଇଁ ଅର୍ଥ କଦପି ବାଧକ ସାଜିବ ନାହିଁ। ବିଶେଷକରି ଆର୍ଥିକ ରୂପରେ ଦୁର୍ବଳ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ପାଇଁ ଯଥାସମ୍ଭବ ସାହାଯ୍ୟ ସହଯୋଗ କରାଯିବ ବୋଲି ସୂଚନା ଦେଇଥିଲେ। ଉକ୍ତ ଆଲୋଚନାଚକ୍ରକୁ ଟ୍ରଷ୍ଟର ନିର୍ଦ୍ଦେଶକ ଅଧ୍ୟାପକ ବିଜୟ କୁମାର ରାମ ସଂଯୋଜନା କରିଥିବାବେଳେ ଉପଦେଷ୍ଟା ମୋଚିରାମ ମାଝୀ, ରବୀନ୍ଦ୍ର ମୁଖୀ, ଶିକ୍ଷକ ବୁଢ଼ାନ ହେମ୍ବ୍ରମ ଯୋଗଦେଇ ନିଜ ନିଜର ମତ ରଖିଥିଲେ। ଟ୍ରଷ୍ଟର ସମ୍ପାଦକ ମନରଞ୍ଜନ ହାଁସଦା ଧନ୍ୟବାଦ ଅର୍ପଣ କରିଥିଲେ।

## ୨୫ ରେ କପ୍ତିପଦା ଉପଖଣ୍ଡ ପାଇଁ ଜନଶୁଣାଣି ଶିବିର

**ଉଦଳା, ୨୩।୫(ସମିସ):** ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଚଳିତ ମାସ ୨୫ ତାରିଖ ଦିନ କପ୍ତିପଦା ଉପଖଣ୍ଡ ପାଇଁ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହେବ। ଉପଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତାଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ହେବାକୁ ଥିବା ଏହି ଶୁଣାଣି କାର୍ଯ୍ୟ ସକାଳ ୭ଟାରୁ ଦିବା ୧୦ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଶିବିରରେ ଉପଖଣ୍ଡ ତଥା ବ୍ଲକସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଶୁଣାଣି କରାଯାଇ ଅଭିଯୋଗର ଯଥାସମ୍ଭବ ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଥାଏ। ସରକାରୀ ଯୋଜନାର କାର୍ଯ୍ୟକାରିତା, ଦୁର୍ନୀତି, ଜନକଲ୍ୟାଣ, ସାମାଜିକ ସୁରକ୍ଷା ଆଦି ସମ୍ବଳିତ ବ୍ୟକ୍ତିଗତ ବା ସାମୂହିକ ସମସ୍ୟା ନେଇ ନିର୍ଦ୍ଧାରିତ ସମୟ ପୂର୍ବରୁ ପହଞ୍ଚ ନିଜ ଦରଖାସ୍ତକୁ ପଞ୍ଜିକୃତ କରାଇବାକୁ ଅନୁରୋଧ କରାଯାଇଛି।

# ନାବାଳିକା ଛାତ୍ରୀ ନିଖୋଜ ଅଭିଯୋଗ

**କରଞ୍ଜିଆ, ୨୩।୫(ସମିସ):** ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଉପଖଣ୍ଡ ତାଟୋ ଅଞ୍ଚଳର ଷଡ଼ଙ୍ଗୀ ଟାଇଁସିରା ଗ୍ରାମରୁ ଜଣେ ୧୪ ବର୍ଷୀୟ ଛାତ୍ରୀ ଗତ କିଛିଦିନ ହେବ ନିଖୋଜ ହୋଇଯାଇଛନ୍ତି। ସେ କରଞ୍ଜିଆସ୍ଥ ବିକାଶ କନଭେଣ୍ଟ ସ୍କୁଲର ଛାତ୍ରୀ। ହଷ୍ଟେଲରେ ରହି ପଢୁଥିଲେ। ସେ ମାଟ୍ରିକ ପରୀକ୍ଷା ଦେଇ ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ପରୀକ୍ଷା ପରେ ଗତ ଦେଢ଼ ମାସ ହେବ ସେ ଘରେ ରହୁଥିଲେ। ଗତ ୧୪ ତାରିଖ ଦିନ ହଠାତ୍ ସେ ଘରୁ ନିଖୋଜ ହୋଇଯାଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ଝିଅ ନିଖୋଜ ହେବା ପରେ ପରିବାର ଲୋକ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ୧୫ ତାରିଖ ଦିନ ନାବାଳିକାଙ୍କ ବାପା ଓ ଭାଇ କରଞ୍ଜିଆ ଥାନାରେ ପହଞ୍ଚି ଏନେଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ କରଞ୍ଜିଆ ଥାନା ପକ୍ଷରୁ ପ୍ରାଥମିକ ତଦନ୍ତ ଆରମ୍ଭ ହୋଇଥିବା କୁହାଯାଉଥିଲେ ମଧ୍ୟ ଏପର୍ଯ୍ୟନ୍ତ ନାବାଳିକାଙ୍କ କୌଣସି ଖବର ମିଳିପାରିନାହିଁ। ନିଖୋଜ ନାବାଳିକାଙ୍କ ବାପା ଗଣମାଧ୍ୟମକୁ କହିଛନ୍ତି, ସେ ପ୍ରତିଦିନ ଥାନାକୁ ଯାଇ ପୁଲିସଙ୍କୁ ଅନୁରୋଧ କରୁଥିଲେ ମଧ୍ୟ ତଦନ୍ତ ପ୍ରକ୍ରିୟାରେ ଆଶାନୁରୂପ ଗତି ଦେଖିବାକୁ ମିଳୁନାହିଁ। ଝିଅର କୌଣସି ସନ୍ଧାନ ନ ମିଳିବାରୁ ପରିବାର ସଦସ୍ୟ ଭୟ ଓ ଚିନ୍ତାରେ ଦିନ କାଟୁଛନ୍ତି। ଶେଷରେ ନିରୁପାୟ ହୋଇ ନାବାଳିକାଙ୍କ ବାପା 'ସକାଳ' ଖବରକାଗଜ ମାଧ୍ୟମରେ ନିଜର ଦୁଃଖ ଓ ଅଭିଯୋଗ ଜଣାଇଛନ୍ତି। ଏହାସହ ସେ ସମଗ୍ର ଓଡ଼ିଶାବାସୀଙ୍କୁ ଆକୁଳ ନିବେଦନ କରି କହିଛନ୍ତି ଯେ, ଯଦି କେହି ତାଙ୍କ ଝିଅ ସମ୍ପର୍କରେ କୌଣସି ସୂଚନା ପାଆନ୍ତି, ତେବେ ତୁରନ୍ତ ନିକଟସ୍ଥ ଥାନା କିମ୍ବା ପରିବାର ଲୋକଙ୍କୁ ଖବର ଦିଅନ୍ତୁ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ବଢ଼ିଥିବାବେଳେ ପୁଲିସ ଶୀଘ୍ର ତଦନ୍ତକୁ ତ୍ୱରାନ୍ୱିତ କରି ନିଖୋଜ ଛାତ୍ରୀଙ୍କୁ ଖୋଜି ବାହାର କରିବାକୁ ସାଧାରଣରେ ଦାବି ହେଉଛି।

**ଥାନା ଅଧିକାରୀ ସ୍ତରରେ ଅଦଳବଦଳ**

# ମୟୂରଭଞ୍ଜରୁ ଗଲେ ୫, ଆସିଲେ ୪

**ବାରିପଦା, ୨୩।୫(ସମିସ):** ଓଡ଼ିଶା ପୁଲିସ୍ ପୂର୍ବାଞ୍ଚଳ ସଦର କାର୍ଯ୍ୟାଳୟ ବାଲେଶ୍ୱର ପକ୍ଷରୁ ଥାନା ଅଧିକାରୀ(ଇନ୍ସପେକ୍ଟର) ସ୍ତରରେ ଅଦଳବଦଳ ହୋଇଛି। ରେଞ୍ଜ ଅର୍ଡର ନମ୍ବର ୭୨/ଇଆର୍ ମାଧ୍ୟମରେ ୯ ଜଣ ପୁଲିସ୍ ଇନ୍ସପେକ୍ଟରଙ୍କୁ ବଦଳି କରାଯାଇଛି। ଏଥିରେ ମୟୂରଭଞ୍ଜରୁ ୫ ଜଣ ଥାନା ଅଧିକାରୀ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାକୁ ବଦଳି ହୋଇଥିବାବେଳେ ଉଭୟ ଜିଲ୍ଲାରୁ ୪ ଜଣ ଥାନା ଅଧିକାରୀଙ୍କ ମୟୂରଭଞ୍ଜ ଜିଲ୍ଲାକୁ ବଦଳି ହୋଇଛି। ଇନ୍ସପେକ୍ଟର ପ୍ରେମୋଦା ନାୟକ ବାଲେଶ୍ୱରରୁ ମୟୂରଭଞ୍ଜ, ଇନ୍ସପେକ୍ଟର ରଞ୍ଜନ ସେଠୀ, ଇନ୍ସପେକ୍ଟର ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ଓ ଇନ୍ସପେକ୍ଟର କୁନି ବେସରା ଭଦ୍ରକରୁ ମୟୂରଭଞ୍ଜକୁ ବଦଳି ହୋଇଥିବାବେଳେ ରାଇରଙ୍ଗପୁର ଟାଉନ ଥାନା ଅଧିକାରୀ ଇନ୍ସପେକ୍ଟର ଜ୍ୟୋତି ପ୍ରକାଶ ସ୍ୱାଇଁଙ୍କ ବାଲେଶ୍ୱର, ଜିଲ୍ଲା ମୁଖ୍ୟାଳୟରେ ଥିବା ଇନ୍ସପେକ୍ଟର ସୁଶାନ୍ତ ବେହେରାଙ୍କ ଭଦ୍ରକ, ବଡ଼ସାହି ଥାନା ଅଧିକାରୀ ଇନ୍ସପେକ୍ଟର ସ୍ୱର୍ଣ୍ଣଲତା ମିଞ୍ଜଙ୍କ ବାଲେଶ୍ୱର, ଖାରପୋଖରିଆ ଥାନା ଅଧିକାରୀ ଇନ୍ସପେକ୍ଟର ପ୍ରଭୁ କଲ୍ୟାଣ ଆଚାର୍ଯ୍ୟଙ୍କ ବାଲେଶ୍ୱର ଓ ତିରିଂ ଥାନା ଅଧିକାରୀ ଇନ୍ସପେକ୍ଟର ପ୍ରଶାନ୍ତ କୁମାର ଜେନାଙ୍କ ବାଲେଶ୍ୱର ଜିଲ୍ଲାକୁ ବଦଳି ହୋଇଛି। ଏହି ବଦଳି ଆଦେଶ ମେ ୨୨ ତାରିଖରେ ଜାରି ହୋଇଛି। ଅଧିକାରୀମାନଙ୍କୁ ତୁରନ୍ତ ରିଲିଭ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବାଞ୍ଚଳ ପୁଲିସ୍ ନିର୍ଦ୍ଦେଶକ ଜେନେରାଲ (ଡିଆଇଜି) ଏହି ଆଦେଶରେ ଦେଇଛନ୍ତି। ଏହି ବଦଳି ପଛରେ ପଦବୀ ଖାଲିପଡ଼ିଥିବା ସ୍ଥାନ ପୂରଣ, ପ୍ରଶାସନିକ ଆବଶ୍ୟକତା ଓ ଜନସେବାର ସ୍ୱାର୍ଥକୁ ଦୃଷ୍ଟିରେ ରଖାଯାଇଛି ବୋଲି କୁହାଯାଇଛି।

# ଶିକ୍ଷକ ଅଚ୍ୟୁତ ସାମଲଙ୍କ ଶ୍ରଦ୍ଧାଞ୍ଜଳି ସଭା

**ବାରିପଦା, ୨୩।୫(ସମିସ):** ରାଜ୍ୟ ଓ ଜାତୀୟ ପୁରସ୍କାରପ୍ରାପ୍ତ କୃତୀ ଶିକ୍ଷକ ସଂଗଠନ ପକ୍ଷରୁ ଅଚ୍ୟୁତାନନ୍ଦ ସାମଲଙ୍କ ବିୟୋଗରେ ଲେଡିହାମିଲଟନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଜିଲ୍ଲା ସଙ୍ଘ ସଭାପତି ଡ. ଶଶୀଧର ବିଶ୍ୱାଳଙ୍କ ସଭାପତିତ୍ୱରେ



ଆୟୋଜିତ ସଭାକୁ ବରିଷ୍ଠ ଉପଦେଷ୍ଟା ସନ୍ତୋଷ ମହାନ୍ତି ପରିଚାଳନା କରିଥିଲେ। ଅଚ୍ୟୁତ ସାରଙ୍କ ଉଦ୍ଦେଶ୍ୟରେ ୨ମିନିଟ ନୀରବ ପ୍ରାର୍ଥନା କରାଯିବା ସହିତ ସେ ଜଣେ ଏକନିଷ୍ଠ ସୁସାହିତ୍ୟିକ ଓ ଆଦର୍ଶ ଶିକ୍ଷକଙ୍କ ଭାବେ ଓଡ଼ିଶାର ସମସ୍ତ କୃତୀ ଶିକ୍ଷକମାନଙ୍କୁ ଏକତ୍ରିତ କରିଥିବା ବର୍ଣ୍ଣନା କରିଥିଲେ। ଜିଲ୍ଲା ସମ୍ପାଦକ ଶ୍ରୀକୁମାର କବି ଅଚ୍ୟୁତ ସାରଙ୍କ ଭଳି ଜଣେ ସୁସାହିତ୍ୟିକଙ୍କୁ ଭଦ୍ରକ ମାଟି ହରାଇଲା ବୋଲି କହିଥିଲେ। କାର୍ଯ୍ୟକାରୀ ସଭାପତି ଭାଗବତ ପଣ୍ଡା ଅଚ୍ୟୁତ ସାରଙ୍କ ମହାନତା ବର୍ଣ୍ଣନା କରିଥିଲେ। ଉପସଭାପତି ସୁଦର୍ଶନ ପଣ୍ଡା ନିଜ ବକ୍ତବ୍ୟରେ ସାରଙ୍କ ପ୍ରଶଂସା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ମୁନି ସମାଜ ନୂତନ ଗୃହ ଉଦ୍‌ଘାଟିତ



**ମହୁଲଡିହା, ୨୩।୫(ସମିସ):** ଠାକୁରମୁଣ୍ଡା ବ୍ଲକ ହାତୀଗୋଡ଼ା ଗ୍ରାମରେ ନୂତନ ଭାବେ ନିର୍ମାଣ କରାଯାଇଥିବା ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନି ସମାଜର ଆଶ୍ରମ ଗୃହ ଉଦଘାଟନ ହୋଇଛି। ମୁଖ୍ୟଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁରୁ ଯୋଗ ଦେଇଥିଲେ। ଜାମୁନାଳିଆ ଗ୍ରାମର ଯୋଗଗୁରୁ ମୁନି ଚୈତନ୍ୟ ମହାନ୍ତ ସତ୍ୟ ପତାକା ଉତ୍ତୋଳନ କରିବା ପରେ ଉଦଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ପଦ୍ମଲୋଚନ ନନ୍ଦ ଯୋଗଦେଇ ଉତ୍ସାହିତ କରିଥିଲେ। ମୁନି ବୁଧୁରାମ ବେହେରା ଅତିଥି ପରିଚୟ ଓ ମୁନି ଚାରୁଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳରୁ ମୁନି, ମୁନିମତି, ମୁନି କୁମାରୀ ଯୋଗ ଦେଇଥିଲେ।

**ଅଘୋଷିତ ବିଦ୍ୟୁତ୍ କାଟ୍ ପାଇଁ ତାତିଲେ ଲୋକେ**

# ଗ୍ରାମବାସୀଙ୍କ ୩ ଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ

**ରାଇରଙ୍ଗପୁର, ୨୩।୫(ସମିସ)**





ପ୍ରଚଣ୍ଡ ରୌଦ୍ରତାପରେ ଜିଲ୍ଲାବ୍ୟାପି ଲୋକେ ଗରମରେ ସିଝୁଛନ୍ତି। ଇତିମଧ୍ୟରେ ଅଘୋଷିତ ବିଦ୍ୟୁତ କାଟ୍ ମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଲୋକେ ଗୁଳୁଗୁଳିରେ ଆଉଟୁପାଉଟୁ ହେଉଥିବାବେଳେ ବିଦ୍ୟୁତ କାଟ୍ ଯନ୍ତ୍ରଣାକୁ ଦ୍ୱିଗୁଣିତ କରୁଛି। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିବାବେଳେ ଜାତୀୟ ରାଜପଥ ଅବରୋଧ କରିଥିଲେ। ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ଭାଲୁବସା ଗ୍ରାମବାସୀ ଶନିବାର ପୂର୍ବାହ୍ନରେ ୨୨୦ନଂ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଫଳରେ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିବା ଜଣାପଡ଼ିଛି।

ବର୍ତ୍ତମାନ ସମୟରେ ଅସହ୍ୟ ଗ୍ରୀଷ୍ମପ୍ରବାହ ଜାରି ରହିଥିବାବେଳେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବିଦ୍ୟୁତ ବିତରଣ ସଂସ୍ଥା ଟାଟା ପାୱାରର ମନଇଚ୍ଛା ଅଘୋଷିତ ବିଦ୍ୟୁତ କାଟ ଯୋଗୁଁ ଲୋକେ ନାହିଁ ନ ଥିବା କଷ୍ଟ ଅନୁଭବ କରୁଛନ୍ତି। ଗ୍ରୀଷ୍ମପ୍ରବାହ ସମୟରେ ବିଦ୍ୟୁତ୍ କାଟ ହେବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଯଦି ଅଘୋଷିତ ବିଦ୍ୟୁତ କାଟ ହେବ ଉକ୍ତ ଅଧିକାରୀଙ୍କ ବିରୁଦ୍ଧରେ ଆଇନଗତ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। କିନ୍ତୁ ଟାଟା ପାୱାର ପକ୍ଷରୁ ଉକ୍ତ ନିର୍ଦ୍ଦେଶକୁ ତିଳେ ହେଲେ ଖାତିର ନ କରି ଅଘୋଷିତ ବିଦ୍ୟୁତ କାଟ ଜାରି ରଖିଛନ୍ତି। ଗ୍ରୀଷ୍ମଋତୁରେ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇବା ପାଇଁ ପୂର୍ବରୁ ବାରମ୍ବାର ବିଦ୍ୟୁତ କାଟ କରି ମରାମତି କାର୍ଯ୍ୟ କରାଯାଇଥିଲା। ଏହାପରେ ମଧ୍ୟ ଗ୍ରୀଷ୍ମପ୍ରବାହ ସମୟରେ ବାରମ୍ବାର ବିଦ୍ୟୁତ କାଟ କରାଯାଉଛି। ବିଦ୍ୟୁତ ଭିତ୍ତିଭୂମି ବିକାଶ କରିବାରେ ରାଜ୍ୟ ସରକାର ବିଫଳ ହୋଇଥିବାବେଳେ ଲୋକେ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରବଳ ଗରମ ଓ ଗୁଳୁଗୁଳିରେ ଟାଟା ପାୱାର ମନମାନି କରି ବାରମ୍ବାର ଅଘୋଷିତ ବିଦ୍ୟୁତ କାଟ କରୁଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ଖୁଲମଖୁଲା ଭାବେ ଅବମାନନା କରାଯାଉଥିବା ଦେଖିବାକୁ ମିଳିଛି। ବିଦ୍ୟୁତ କାଟ ନେଇ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ଟାଟା ପାୱାର ଅଧିକାରୀ ସମସ୍ୟାର ସମାଧାନ କଲେନାହିଁ। ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ରାସ୍ତା

- ଅସହ୍ୟ ରୌଦ୍ରତାପରେ ବାରମ୍ବାର ହେଉଛି ବିଦ୍ୟୁତ୍ କାଟ୍
- ବିଦ୍ୟୁତ୍ ଭିତ୍ତିଭୂମିର ବିକାଶ ନ କରିବାରୁ ଲୋକେ ହେଉଛନ୍ତି ହନ୍ତସନ୍ତ

ଅବରୋଧ କରାଯାଇଥିଲା। ଜାତୀୟ ରାଜପଥ ଅବରୋଧ ଯୋଗୁଁ ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ି ଅଟକି ରହିଥିଲେ। ଘଟଣାସ୍ଥଳରେ ପୁଲିସ ଅଧିକାରୀ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଦୀର୍ଘ ଦୁଇ ମାସ ହେବ ଭାଲୁବସା ଗ୍ରାମରେ ଲୋ-ଭଲଟେଜ୍ ଓ ଅଘୋଷିତ ବିଦ୍ୟୁତ କାଟ ଜାରି ରହିଛି। ଏହାର ସମାଧାନ ପାଇଁ ଗ୍ରାମବାସୀ ଜିଦ୍‌ରେ ଅଟଳ ରହିଥିଲେ। ବିଦ୍ୟୁତ ବିଭାଗର ଅଧିକାରୀ ଆସି ଆଲୋଚନା ନ କଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ରାଜରାସ୍ତା ବନ୍ଦ ରହିବ ବୋଲି ଚେତାବନୀ ଦେଇଥିଲେ। ପ୍ରଚଣ୍ଡ ଗରମରେ ଦୀର୍ଘ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଜାତୀୟ ରାଜପଥ ଅବରୋଧ ପରେ ଅଧିକାରୀ ପହଞ୍ଚି ଆଲୋଚନା କରିଥିଲେ। ତେବେ ଆଜିଠାରୁ ଗ୍ରାମରେ ନୂତନ ଭାବେ ବିଦ୍ୟୁତ ସଂଯୋଗ କାର୍ଯ୍ୟ ଆରମ୍ଭ କରିବା ନେଇ ଟାଟା ପାୱାର ପ୍ରତିଶ୍ରୁତି ଦେବାରୁ ରାସ୍ତା ଅବରୋଧ ହଟିଥିଲା। ଆଗକୁ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି।

# ଅସହ୍ୟ ଗୁଳୁଗୁଳି... ନାକେଦମ୍ କଲାଣି ଝାଞ୍ଜି

ଖୋର୍ଦ୍ଧା,୨୩।୫(ସମିସ):

କିଛିଦିନ ହେବ ଖୋର୍ଦ୍ଧା ମାଟିରେ ଜାରି ରହିଛି ଅଗ୍ନିବର୍ଷା। ଅସହ୍ୟ ତାତି ଓ ଗୁଳୁଗୁଳିରେ ଜଳୁଛି ଜିଲ୍ଲା। ତାପମାତ୍ର ବଢିବା ଦ୍ୱାରା ବିଭିନ୍ନ ପୋଖରୀ ଶୁଖିଲା ପଡିଲଣି। କୂଅ ଗୁଡ଼ିକକୁ ଆଖି ପାଉନଥିବାବେଳେ ସହରରେ ବିଭିନ୍ନ ସ୍ଥାନରେ ଥିବା ନଳକୂପ ଗୁଡ଼ିକ ଘଂଟାଏ ମାରିଲେ ଏକ ବାଲ୍‌ଟିଏ ପାଣି ବାହାରିବା ଦେଖାଯାଇଛି। ଗାଁ ଗହଳୀ ଓ ସହରରେ ଏବେ ଭରସା ପାଲଟିଛି ସପ୍ଲାଏ ପାଣି। ଲୋକଙ୍କ ଘରେ ଲଗାଇଥିବା ଶୀତତାପ ଯନ୍ତ୍ର ଗୁଡ଼ିକ ସତେ ଯେମିତି ଦିନ ୧୦ଟା ପରେ ଅଚଳ ହୋଇପଡୁଛି। ସହରର ପ୍ରମୁଖ ରାସ୍ତା ଉଭୟ ପାର୍ଶ୍ୱରେ ଗଛ ଦେଖିବା ସାତ ସପନ ପାଲଟିଥିବାବେଳେ ଦିନ ସାଢେ ୯ଟା ପରେ ରାସ୍ତାଘାଟ ଶୂନସାନ ହେବା ଏକପ୍ରକାର ଦେଖାଯାଉଛି। ସହର ଏବଂ ଗ୍ରାମାଂଚଳରେ ଯେମିତି ହୋଇଛି ଅଘୋଷିତ ଲକ୍‌ଡାଉନ।

ଅଗ୍ନିବର୍ଷା ଭୟରେ ବ୍ୟବସାୟ ଅନୁଷ୍ଠାନ ଗୁଡ଼ିକ କାଁ ଭାଁ ଖୋଲା ଦେଖାଯାଉଥିବା ବେଳେ ସନ୍ଧ୍ୟା ପ୍ରାୟ ୮ଟା ବେଳକୁ ବହୁ ବ୍ୟବସାୟ ପ୍ରତିଷ୍ଠାନରେ ତାଲା ପଡ଼ିବା



ଶୁଖିଲାଣି କୁଅ, ପୋଖରୀ

ଦେଖାଯାଇଛି। ପ୍ରଚଣ୍ଡ ତାତି ଏବଂ ପରିବେଶ ରକ୍ଷା ପାଇଁ ଶିଳ୍ପାଞ୍ଚଳରେ ନିୟମ ମୁତାବକ ପର୍ଯ୍ୟାପ୍ତ ପରିମାଣର ଗଛ ଲଗାଇବା ତ' ଦୂରର କଥା ବରଂ ଶିଳ୍ପପାଇଁ ବହୁ ଗଛ କଟାଯାଉଛି। ଯାହାଫଳରେ ଖୋର୍ଦ୍ଧା ସହରରେ ବେଳକୁ ବେଳ ଉତ୍ତପ୍ତ ସହରରେ ପରିଣତ ହେବାରେ ଲାଗିଛି। ଆଉ ଏକ ମୁଖ୍ୟ ସମସ୍ୟା ହୋଇ ଠିଆ ହେଉଛି ସହର ଜନସଂଖ୍ୟା ବୃଦ୍ଧି। ରାଜଧାନୀ ଉପକଣ୍ଠରେ ଏ ସହର ଅବସ୍ଥିତ ହୋଇଥିବାବେଳେ ରାଜଧାନୀବାସୀ ଏବେ ଖୋର୍ଦ୍ଧା ସହର ମୁହାଁ ହେବା ଦେଖାଯାଇଛି। ଯେଉଁ ଅନୁପାତରେ ଜନସଂଖ୍ୟା ବଢୁଛି ସେହି ଅନୁପାତରେ ଯାନବାହାନ, କଳକାରଖାନା ବଢିବାରେ ଲାଗିଛି। ରାସ୍ତା ଉନ୍ନୟନ ଆଳରେ ରାସ୍ତାକଡରେ ଥିବା ବିରାଟକାୟ ଗଛ ଗୁଡ଼ିକ କାଟିଦିଆଗଲା। କିନ୍ତୁ ଯେଉଁ ପରିମାଣର ବଡ ବଡ ଗଛ କଟା ଗଲା ତାର କାଣିଚାଏ ଚାରା ରାସ୍ତାପାର୍ଶ୍ୱରେ ଲଗାଯିବା ଦେଖିବାକୁ ମିଳୁନି। କେବଳ ରାସ୍ତାର ମଝିରେ ଛୋଟ ଛୋଟ ଫୁଲଗଛ ସଦୃଶ ଗଛ ଲାଗାଇ କାମ ସାରିଦେଇଛି ବିଭାଗ। ଏହାର କୁପରିଣାମ ସିଧାସଳଖ ସହରବାସୀଙ୍କ ଉପରେ ପଡୁଛି।

ସେହିପରି ସବୁଠାରୁ ବେଶୀ ଯନ୍ତ୍ରଣା ଦାୟକ କରିବାରେ ଲାଗିଛି ବିଦ୍ୟୁତ ବିଭାଗର ଅଘୋଷିତ ବିଦ୍ୟୁତ କାଟ। ଗ୍ରୀଷ୍ମର ଲହିରୀ ବଢିବା ଦିନ ଠାରୁ ମରାମତି ଆଳରେ ଦିନକୁ ୨ରୁ ୩ ଥର ହୁତୁହୁତୁ ଖରାରେ ପ୍ରବଳ ଗୁଳୁଗୁଳି ସତ୍ତ୍ୱେ ବିଦ୍ୟୁତ୍ କାଟିବା ଦ୍ୱାରା ଜନଜୀବନ ଅସ୍ତବ୍ୟସ୍ତ ହେବାରେ ଲାଗିଛି। ପ୍ରଚଣ୍ଡ ତାତିକୁ ଦେଖି ଅଂଶୁଘାତ ହେବା ଆଶଙ୍କାରେ ପ୍ରଶାସନ ସମସ୍ତ ପ୍ରକାର ପଦକ୍ଷେପ ନେଉଥିବା ନେଇ ବାହାବାହା ମାରୁଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଗ୍ରାମାଞ୍ଚଳରେ ପଞ୍ଚାୟତରେ ଜଳଛତ୍ର ଖୋଲିବାକୁ ନିର୍ଦ୍ଦେଶ ଥିଲେ ମଧ୍ୟ କାଁ ଭାଁ ସ୍ଥାନକୁ ବାଦ୍ ଦେଲେ ବହୁ ସ୍ଥାନରେ ଏପର୍ଯ୍ୟନ୍ତ ଖୋଲିନଥିବା ଦେଖାଯାଇଛି। ଯାହା ଅଂଶୁଘାତର ପ୍ରତିକାର ଦିଗରେ ପ୍ରଶାସନ କେତେ ଆନ୍ତରିକତା ରହିଛି ତାହା ଜଳ ଜଳ ହୋଇ ଦିଶୁଛି। ଅନ୍ୟପକ୍ଷରେ ଜିଲ୍ଲା ଅଂଶୁଘାତ ଯୋଗୁ ୨ଜଣଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି।

## ରୋଭର ରେଞ୍ଜରଙ୍କୁ ରାଜ୍ୟ ପୁରସ୍କାର



ବାଣପୁର,୨୩।୫(ସମିସ) : ବାଣପୁର ଗୋଦାବରୀଶ ମହାବିଦ୍ୟାଳୟର ୧୦ ଜଣ ରୋଭର ରେଞ୍ଜର ରାଜ୍ୟ ପୁରସ୍କାର ପାଇଁ ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହୋଇ ରାଜ୍ୟପାଳଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି। ଏହି ଉପଲକ୍ଷେ ଲୋକସେବା ଭବନରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଗୋଦାବରୀଶ ମହାବିଦ୍ୟାଳୟର ରେଞ୍ଜର ବିଭାଗର ଯୁକ୍ତ ତିନି ଶେଷ ବର୍ଷର ଛାତ୍ରୀ ସୁଶ୍ରୀ ସ୍ମୃତିରାଣୀ ସ୍ୱାଇଁ, ଇତିଶ୍ରୀ ଶାସମଲ, ସ୍ୱପ୍ନାରାଣୀ ମହାପାତ୍ର, ଶୁଭସ୍ମିତା ପଲାଇ, ଯୁକ୍ତ ତିନି ଦ୍ୱିତୀୟ ବର୍ଷର ଛାତ୍ରୀ ଇପ୍‌ସିତା ପ୍ରଧାନ, ଯୁକ୍ତ ତିନି ପ୍ରଥମ ବର୍ଷର ଛାତ୍ରୀ ଆଦ୍ୟାଶା ପଣ୍ଡା ଏବଂ ମହାବିଦ୍ୟାଳୟର ରୋଭର ବିଭାଗର ଯୁକ୍ତ ତିନି ଶେଷ ବର୍ଷର ଛାତ୍ର ଭଗବାନ ଦାସ, ଯୁକ୍ତ ତିନି ଦ୍ୱିତୀୟ ବର୍ଷର ଛାତ୍ର ସ୍ୱର୍ଣ୍ଣ ଶଙ୍କର ସ୍ୱପକାର ଆକାଶ ରଣା ଏବଂ ପ୍ରଥମ ବର୍ଷର ଛାତ୍ର କୁନା ପ୍ରଧାନଙ୍କୁ ରାଜ୍ୟପାଳଙ୍କ ଦ୍ୱାରା ରାଜ୍ୟ ପୁରସ୍କାର ପ୍ରଦାନ କରାଯାଇଛି। ରୋଭର ଲିଡର ଆଦିତ୍ୟ ସାରଥୀ ବେଦମତ୍ତା, ରେଞ୍ଜର ଲିଡର ଉତ୍କଳିକା ପାଢ଼ୀ, ରୋଭର ତୁଷାର କାନ୍ତ ମଲ୍ଲିକ ଓ ରେଞ୍ଜର ଶର୍ମିଷ୍ଠା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ରୋଭର ରେଞ୍ଜର ମାନେ ରାଜ୍ୟ ପୁରସ୍କାର ପାଇଁ ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହୋଇଥିଲେ। ଏହି ସଫଳତା ପାଇଁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ସୁରପ୍ରତାପ ନରେନ୍ଦ୍ରସିଂ ବର୍ମା ପୁରସ୍କୃତ ସମସ୍ତ ରୋଭର ରେଞ୍ଜର ମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଭବିଷ୍ୟତରେ ସେବା କାର୍ଯ୍ୟ ଜାରି ରଖି ଉତ୍ତମ ନାଗରିକ ହେବା ପାଇଁ ପ୍ରେରଣା ଦେଇଛନ୍ତି।

## ଧର୍ମପରାୟଣ ମହିଳାଙ୍କ ପରଲୋକ

ଜଟଣୀ,୨୩।୫ (ସମିସ): ଜଟଣୀ ରାଜାବଜାରର ଜଣାଶୁଣା ଧର୍ମପରାୟଣା ଓ ସମାଜସେବୀ ମହିଳା ପ୍ରଭାସନଳିନୀ ସୁନ୍ଦରରାୟଙ୍କ ଗତ ମଙ୍ଗଳବାର ରାତିରେ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୦ ବର୍ଷ ହୋଇଥିଲା। ସ୍ୱର୍ଗତା ସୁନ୍ଦରରାୟ ଥିଲେ ସ୍ୱର୍ଗୀୟ ଲିଙ୍ଗରାଜ ସୁନ୍ଦରରାୟଙ୍କ ଧର୍ମପତ୍ନୀ। ତାଙ୍କର ଅନ୍ତିମ ସଂସ୍କାର ପୁରୀ ସ୍ୱର୍ଗଦ୍ୱାର ସମ୍ପନ୍ନ ହୋଇଥିଲା। କନିଷ୍ଠ ପୁତ୍ର ଶଶିକାନ୍ତ ସୁନ୍ଦରରାୟ ମୁଖାଗ୍ନି ପ୍ରଦାନ କରିଥିଲେ। ଅନ୍ତିମ ସମୟରେ କନ୍ୟା ସରୋଜଶ୍ରୀ ଗୁମାନସିଂହ, ରାଜଶ୍ରୀ , ଭଣଜା ମୀନକେତନ, ବୋହୂ ପୁଷ୍ପଲତା ଉପସ୍ଥିତ ଥିଲେ।

## ଆଇଏନ୍‌ଏସ୍ ଚିଲିକା କେନ୍ଦ୍ରୀୟ ବିଦ୍ୟାଳୟରେ ଭାରତୀୟ ଭାଷା ଉତ୍ସବ

ବାଲୁଗାଁ,୨୩।୫(ସମିସ) : ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଆଇଏନଏସ୍ ଚିଲିକାରେ ଭାରତୀୟ ଭାଷା ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭାରତୀୟ ଭାଷା, ସଂସ୍କୃତି ଓ ଐତିହ୍ୟ ପ୍ରତି ଆଗ୍ରହ ବୃଦ୍ଧି ପାଇଁ ବିଭିନ୍ନ ଶିକ୍ଷାମୂଳକ ଓ ଆକର୍ଷଣୀୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଥିଲା। ଅନୁଷ୍ଠିତ କାର୍ଯ୍ୟକ୍ରମଟି ସଂସ୍କୃତି ପ୍ରଶଂସା, ଶ୍ରବଣ କୌଶଳର ବିକାଶ ଏବଂ ସ୍ଥାନୀୟ ବୀର, ସ୍ୱାଧୀନତା ସେନାନୀ, କଳାକାର ଓ ବିଶିଷ୍ଟ ବ୍ୟକ୍ତିତ୍ୱମାନଙ୍କ ସମ୍ପର୍କରେ ସଚେତନତା ସୃଷ୍ଟି ଉପରେ ଆଧାରିତ ହୋଇଥିବା ବେଳେ ବିଦ୍ୟାଳୟର ବହୁ ଛାତ୍ର ଛାତ୍ରୀ ଶିଶୁ କାହାଣୀ ଦେଖିବା, ତିନି ଲାଇନର ସାରାଂଶ ଲେଖିବା ଓ ରେକର୍ଡ କରିବା, ଜାତୀୟ ବୀରମାନଙ୍କ ପ୍ରେରଣା ଦାୟକ କାହାଣୀ କହିବା, ପପେଟ୍ ଶୋ ଏବଂ ସ୍କିଟ୍ ପ୍ରଦର୍ଶନ ଭଳି ବିଭିନ୍ନ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀମାନେ ବିଶେଷ ବୋନାସ୍ କାର୍ଯ୍ୟକ୍ରମ ଷ୍ଟୋରି ଓ ହିରୋ କାର୍ଡ ପ୍ରସ୍ତୁତି ମାଧ୍ୟମରେ ବିଶିଷ୍ଟ ବ୍ୟକ୍ତିତ୍ୱମାନଙ୍କ ସଫଳତା ଓ ଅବଦାନକୁ ସୃଜନଶୀଳ ଭାବେ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀମାନଙ୍କ ଉତ୍ସାହ ଭରା ଅଂଶଗ୍ରହଣ, ଆତ୍ମବିଶ୍ୱାସ, ସୃଜନଶୀଳତା ଓ ଉତ୍କୃଷ୍ଟ ଯୋଗାଯୋଗ କୌଶଳ ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ବିଷ୍ଣୁ କୁମାର ମେହେର, କୁଳଦୀପ ଶର୍ମା, ଚିନ୍ମୟ ପରିଡା ଓ ମନୋରଞ୍ଜନ ପଣ୍ଡିତ ସଫଳତାର ସହିତ ସମନ୍ୱୟ କରିଥିଲେ।

### ପରିବହନ ବିଭାଗର ପଦକ୍ଷେପ

## ବାଇପାସ୍‌ରୁ ଟାଙ୍ଗୀ ବସ୍‌ଷ୍ଟାଣ୍ଡକୁ ଗଡ଼ିଲା ଯାତ୍ରୀବାହୀ ବସ୍

ଟାଙ୍ଗୀ,୨୩।୫ (ସମିସ): ଦୀର୍ଘ ବର୍ଷ ଧରି ଟାଙ୍ଗୀ ଅଞ୍ଚଳର ଜନସାଧାରଣ ଯାତ୍ରୀବାହୀ ବସ୍ ସେବାକୁ ନେଇ ଅସନ୍ତୋଷ ଜାରି ରହିଥିଲା ତେବେ ବୁଦ୍ଧିଜୀବୀଙ୍କ ଅଭିଯୋଗର ୪୮ ଘଣ୍ଟା ମଧ୍ୟରେ ଟାଙ୍ଗୀ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦାୟିତ୍ୱ ରେ ଥିବା ବିଡିଓ ରୁମାନା ଜାଫ୍ରିଙ୍କ ପଦକ୍ଷେପ ଓ ଖୋର୍ଦ୍ଧା ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ସମୟୋଚିତ ପଦକ୍ଷେପରୁ ଆଜି ଠାରୁ ବେଆଇନ ଭାବେ ଟାଙ୍ଗୀ ବାଇପାସ ରେ ଯାତ୍ରୀ ମାନଙ୍କୁ ଓହ୍ଲାଇ ଭୁବନେଶ୍ୱର ଅଭିମୁଖେ ଯାତାୟତ କରୁଥିବା ଘରୋଇ ଯାତ୍ରୀବାହୀ ବସ ଟାଙ୍ଗୀ ବାଇପାସରୁ ଟାଙ୍ଗୀ ବସଷ୍ଟାଣ୍ଡ ଦେଇ ଯାତାୟାତ ଆରମ୍ଭ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ ରାଜ୍ୟ ପରିବହନ ପ୍ରାଧିକାରୀ ଓଡିଶା କଟକଙ୍କ ନିର୍ଦ୍ଦେଶ କ୍ରମେ କଟକ ଭୁବନେଶ୍ୱରରୁ ବ୍ରହ୍ମପୁର,ଆସିକା,ପୋଲସରା,ବୁଗୁଡା ସମେତ ବିଭିନ୍ନ ଅଞ୍ଚଳକୁ ପ୍ରାୟ ଦୁଇ ଶହ ରୁ ଅଧିକ ଘରୋଇ ଯାତ୍ରୀବାହୀ ବସ ଯାତାୟତ ପାଇଁ ପରମିଟ ପ୍ରଦାନ କରିଥିବା ବେଳେ ସେଥି ମଧ୍ୟରୁ ପ୍ରାୟ ୧୫୦ ବସ୍



ଟାଙ୍ଗୀ ବସଷ୍ଟାଣ୍ଡ ଦେଇ ଯାତାୟତ କରିବା ପାଇଁ ଆଦେଶ ପାଇଥିଲେ ମଧ୍ୟ ଶହ ଶହ ଯାତ୍ରୀଙ୍କୁ ଟାଙ୍ଗୀ ବାଇପାସ ରେ ଓହ୍ଲାଇ ପଳାଇଯାଉଥିଲେ। ଫଳରେ ପ୍ରଚଣ୍ଡ ରୌଦ୍ରତାପ ଗୁଳୁଗୁଳିରେ ଯାତ୍ରୀ ମାନଙ୍କୁ ଚାଲିକରି ଟାଙ୍ଗୀ ବସ୍‌ଷ୍ଟାଣ୍ଡକୁ ଆସିବାକୁ ପଡୁଥିଲା। ଟାଙ୍ଗୀ ବିଡିଓ ଶ୍ରୀମତୀ ଜାଫ୍ରିଙ୍କୁ ଦୁଇ ଦିନ ପୂର୍ବେ ଅଭିଯୋଗ ପରେ ସେ ଭୁବନେଶ୍ୱର ଆଞ୍ଚଳିକ ପରିବହନ ଅଧିକାରୀ ମାନସ ମିଶ୍ର ଓ ଖୋର୍ଦ୍ଧା ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀ ଅରବିନ୍ଦ ନାୟକଙ୍କୁ ଏହି ସମ୍ବେଦନଶୀଳ ଘଟଣା ସଂପର୍କରେ ଆଶୁ ପଦକ୍ଷେପ ନେବାକୁ ଅବଗତ କରିଥିଲେ। ତେବେ ଆଜି ଖୋର୍ଦ୍ଧା ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ର ଟ୍ରାଫିକ ସବଇନସପେକ୍ଟର ତୃପ୍ତିରେଖା ଜେନା ଙ୍କ ନେତୃତ୍ୱରେ ଏକ ଟିମ୍ ଟାଙ୍ଗୀ ବାଇପାସରେ ଆଜି ସକାଳୁ ସମସ୍ତ ଘରୋଇ ଯାତ୍ରୀବାହୀ ର ପରମିଟ ତନଖି କରି ଟାଙ୍ଗୀ ବସ୍‌ଷ୍ଟାଣ୍ଡ ଦେଇ ଯାତାୟତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହି ପଦକ୍ଷେପ ପରିସ୍ଥିତି ସ୍ୱାଭାବିକ ହେବା ପର୍ଯ୍ୟନ୍ତ ଜାରି ରହିବ ଆବଶ୍ୟକ ସ୍ଥଳେ ପରମିଟ ଓ ସମୟ ସାରଣି ଖିଲାପକାରୀଙ୍କ ବିରୁଦ୍ଧରେ ଜରିମାନା କରାଯିବ ବୋଲି ଟିଏସଆଇ ତୃପ୍ତିରେଖା ଜେନା ସୂଚନା ପ୍ରଦାନ କରିଛନ୍ତି।

## ବାଲୁଗାଁ ଥାନାରେ ଆମ ପୁଲିସ କାର୍ଯ୍ୟକ୍ରମ



ବାଲୁଗାଁ,୨୩।୫(ସମିସ) : ବାଲୁଗାଁ ଥାନା ପୁଲିସ୍ ପକ୍ଷରୁ ଶନିବାର ଅପରାହ୍ନରେ ଆମ ପୁଲିସ କାର୍ଯ୍ୟକ୍ରମ ବାଲୁଗାଁ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ଶ୍ରଦ୍ଧା ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବାଲୁଗାଁ ଏସଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ଯୋଗ ଦେଇ ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରି ସୁସ୍ଥ ସମାଜ ଗଠନ କରିବାକୁ ଉପସ୍ଥିତ ବୁଦ୍ଧିଜୀବୀଙ୍କୁ ନିବେଦନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ଅନୁଷ୍ଠାନ ଓ ବ୍ୟବସାୟ ସଂଘର କର୍ମକର୍ତ୍ତା, ଜନପ୍ରତିନିଧି, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧି ସାମିଲ ହୋଇ ଦୀର୍ଘ ଚାରି ବର୍ଷ ପରେ ବାଲୁଗାଁ ପୋଲି ପକ୍ଷରୁ ଆୟୋଜନ କରାଯାଇଥିବା ଆମ ପୁଲିସ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଅଞ୍ଚଳର ଦୋକାନ ବଜାର କରି ରାସ୍ତା ଜବର ଦଖଲ, ଟ୍ରାଫିକ ସମସ୍ୟା, ଯାନବାହାନ ଚଳାଚଳ ଉପରେ କଟକଣା, ବିଭିନ୍ନ ଛକ ଓ ଗାଁ ଗଳିରେ ବେଆଇନ୍ ନିଶା କାରବାର ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ଥାନା ପରିସରରେ ଜନସାଧାରଣଙ୍କୁ ଉତ୍ତମ ବ୍ୟବହାର ଆଦି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମକୁ ନାଭାଲ ଫାଣ୍ଡି ଅଧିକାରୀ ଶ୍ରୀନିବାସ ସାମନ୍ତ ଓ ଏସଆଇ ରସନା ସାହୁଙ୍କ ସମେତ ସମସ୍ତ ଥାନା କର୍ମଚାରୀ ଉପସ୍ଥିତ ରହି ସୁପରିଚାଳନା କରିଥିଲେ।

## ବିବାହକୁ ୨୫ ଦିନ; ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ

● ହତ୍ୟା ଅଭିଯୋଗ ଆଣିଲେ ବାପଘର ଲୋକ



ଟାଙ୍ଗୀ,୨୩।୫ (ସମିସ) : ପାଦରୁ ଅଳତା ଲିଭିବା ଆଗରୁ ନବବଧୂର ଜୀବନ ଦୀପ ସବୁଦିନ ପାଇଁ ଲିଭିଗଲା। ବିବାହର ମାତ୍ର ୨୫ଦିନ ନ ଯାଉ ଶାଶୁ ଘରେ ନବ ବଧୂର ମୃତ୍ୟୁ ସଂପର୍କରେ ହତ୍ୟା ଅଭିଯୋଗ ଆଣିଲେ ଝିଅର ପରିବାର ଲୋକେ। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଟାଙ୍ଗୀ ଥାନା ଅଧିନସ୍ଥ ତରାପି ଗ୍ରାମରେ। ମୃତା ପୂର୍ଣ୍ଣିମା ତରାଇଙ୍କ ବାପଘର ଘର ଚିଲିକା ବ୍ଲକ ହରିପୁର ପଞ୍ଚାୟତ ପରବଳ ଗ୍ରାମରେ। ଗତ ମାସ ଏପ୍ରିଲ ୨୭ ତାରିଖ ରେ ପୂର୍ଣ୍ଣିମା ତରାପି ଗ୍ରାମର ଗୁରୁଚରଣ ତରାଇଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ସବୁ ଠିକଠାକ ଥିବା ବେଳେ ଗତକାଲି ନବବଧୂ ଶାଶୂଘରେ ବେକରେ ରାଶି ଲଗାଇ ଆତ୍ମହତ୍ୟା କରିଥିବା ନେଇ ଶାଶୁ ଘର ଲୋକେ ସଫେଇ ଦେଇଥିବା ବେଳେ ବାପଘର ଲୋକ ହତ୍ୟା ଅଭିଯୋଗ ଆଣିଛନ୍ତି। ଝିଅକୁ ହତ୍ୟା କରିଛନ୍ତି ସ୍ୱାମୀର ପରିବାର ଲୋକେ। ଟାଙ୍ଗୀ ପୁଲିସ ସହିତ ଖୋର୍ଦ୍ଧା ରୁ ଆସିଥିବା ସାଇଣ୍ଟିଫିକ ଟିମ ତଦନ୍ତ ଆରମ୍ଭ କରିଛି। ଟାଙ୍ଗୀ ଆଇଆଇସି ରବୀନ୍ଦ୍ର କୁମାର ଭୂଜବଳଙ୍କୁ ପଚାରିବାରେ ନବ ବଧୂର ଶବ ଜବତ କରି ଏକ ମକଦ୍ଦମା କରାଯାଇଛି। ରିପୋର୍ଟ ଲେଖା ହେବା ବେଳକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଏହି ଘଟଣାରେ ସ୍ୱାମକୁ ଅଟକ ରଖାଯାଇ ପଚରାଉଚରା ଜାରି ରହିଛି।

## ପରିବହନ ବିଭାଗର ଚଢ଼ଉ

ଟାଙ୍ଗୀ,୨୩।୫ (ସମିସ): ଖୋର୍ଦ୍ଧା ସହକାରୀ ଆଞ୍ଚଳିକ ପରିବହନ ଅରବିନ୍ଦ ନାୟକଙ୍କ ନିର୍ଦ୍ଦେଶ କ୍ରମେ ଟ୍ରାଫିକ ସବଇନସପେକ୍ଟର ତୃପ୍ତିରେଖା ଜେନା ସଦଳବଳେ ଟାଙ୍ଗୀ ଓ ନିରାକାରପୁର ରେ ଚଢାଉ କରି ୧୧ ଟି ଚାଲାଣ କରିଥିବା ଜଣାପଡିଛି। ଓଭରଲୋଡ, ନମ୍ବର ପ୍ଲେଟକୁ ଜାଣିଶୁଣି ବେଆଇନ ଭାବେ ଷ୍ଟିକର ମାରିବା ଭଳି ବିଭିନ୍ନ ଘଟଣା ରେ ଚାଲାଣ କରାଯାଇ ୧ ଲକ୍ଷ ୨୩୫୪ ଟଙ୍କା ଜରିମାନା କରାଯାଇଥିବା ସୂଚନା ମିଳିଛି।

## ଇଷ୍ଟ କୋଷ୍ଟ ରେଳ ବିଭାଗ ପକ୍ଷରୁ ଗ୍ରୀଷ୍ମକାଳୀନ କ୍ରୀଡ଼ା ଶିବିର

ଜଟଣୀ, ୨୩।୫ (ସମିସ): ଖୋର୍ଦ୍ଧା ରୋଡ୍ ଇଷ୍ଟ କୋଷ୍ଟ ରେଳବାଇ କ୍ରୀଡ଼ା ସଂଘର କ୍ରିକେଟ୍ ଷ୍ଟାଡିୟମଠାରେ ଗ୍ରୀଷ୍ମକାଳୀନ କ୍ରୀଡ଼ା ଶିବିର-୨୦୨୬ ଏବଂ ଡିଜିଟାଲ୍ ଏଲ୍‌ଇଡି କ୍ରିକେଟ୍ ସ୍କୋର ବୋର୍ଡର ଉଦ୍‌ଘାଟନ ହୋଇଛି । ଗ୍ରୀଷ୍ମକାଳୀନ ଛୁଟି ସମୟରେ ପିଲାମାନଙ୍କର ଶାରୀରିକ, ମାନସିକ ଓ ନୈତିକ ଦକ୍ଷତାର ବିକାଶ କରିବା ଉଦ୍ଦେଶ୍ୟରେ ଖୋର୍ଦ୍ଧା ରୋଡ୍ ଇଷ୍ଟ କୋଷ୍ଟ ରେଳବାଇ କ୍ରୀଡ଼ା ସଂଘ ପକ୍ଷରୁ କ୍ରୀଡ଼ା କମ୍ପ୍ଲେକ୍ସଠାରେ ରେଳବାଇ କର୍ମଚାରୀଙ୍କ ପିଲାମାନଙ୍କ ସହ ସ୍ଥାନୀୟ ପିଲାମାନଙ୍କ ପାଇଁ ଏକ "ଗ୍ରୀଷ୍ମକାଳୀନ କ୍ରୀଡ଼ା ଶିବିର-୨୦୨୬" ର ଆୟୋଜନ କରାଯାଉଛି। ଗ୍ରୀଷ୍ମକାଳୀନ କ୍ରୀଡ଼ା ଶିବିରର ଉଦ୍‌ଘାଟନ ସହିତ ଖୋର୍ଦ୍ଧା ରୋଡ୍ ଇଷ୍ଟ କୋଷ୍ଟ ରେଳବାଇ କ୍ରୀଡ଼ା ସଂଘର କ୍ରିକେଟ୍ ଷ୍ଟାଡିୟମରେ ନୂତନ ଭାବେ ସ୍ଥାପନ କରାଯାଇଥିବା ଏକ ଡିଜିଟାଲ୍ ଏଲ୍‌ଇଡି କ୍ରିକେଟ୍ ସ୍କୋର ବୋର୍ଡ ମଧ୍ୟ ଉଦ୍‌ଘାଟିତ ହୋଇଯାଇଛି। ଖୋର୍ଦ୍ଧା ରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ ଡି. ସୁନୀଲ, ଖୋର୍ଦ୍ଧା ରୋଡ୍ ଇଷ୍ଟ କୋଷ୍ଟ ରେଳବାଇ ମହିଳା କଲ୍ୟାଣ ସଂଗଠନର ସଭାପତି ପ୍ରିୟଙ୍କା ଜୀଭାରାଜ୍; ଏଡିଆରଏମ୍ (ଅପରେସନ୍) ପି. କେ. ବେହେରା; ଏଡିଆରଏମ୍ (ଇନଫ୍ରା) ରାଜଧାରୀ ଯାଦବ; କ୍ରୀଡ଼ା ଅଧିକାରୀ ତଥା ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ ଅନିଲ୍ କୁମାର ଏସ୍. ଏବଂ ଅନ୍ୟାନ୍ୟ ଶାଖା ଅଧିକାରୀଙ୍କ ଉପସ୍ଥିତିରେ ଏହି ଗ୍ରୀଷ୍ମକାଳୀନ କ୍ରୀଡ଼ା ଶିବିର ଓ ଡିଜିଟାଲ୍ ଏଲ୍‌ଇଡି କ୍ରିକେଟ୍ ସ୍କୋର ବୋର୍ଡର ଉଦ୍‌ଘାଟନ କରିଛନ୍ତି। ଏହି ଗ୍ରୀଷ୍ମକାଳୀନ କ୍ରୀଡ଼ା ଶିବିର ୨୦.୦୫.୨୦୨୬ ରୁ ୩୦. ୦୫.୨୦୨୬ ପର୍ଯ୍ୟନ୍ତ ୧୧ ଦିନ ଧରି ଚାଲିବ। ଏହି ଶିବିରରେ ୫ ବର୍ଷରୁ ଅଧିକ ବୟସର ପିଲାମାନେ ଟେବୁଲ୍ ଟେନିସ୍, ଭଲିବଲ୍, କ୍ରିକେଟ୍, ବ୍ୟାଡମିଣ୍ଟନ୍, ସନ୍ତରଣ ଏବଂ ଯୋଗ ଭଳି ବିଭିନ୍ନ କ୍ରୀଡ଼ା କାର୍ଯ୍ୟକଳାପ ରେ ଭାଗ ନେବେ। ଏହା ସହିତ "ଟେକ୍‌ୱାଣ୍ଡୋ" ସମରକଳା ମାଧ୍ୟମରେ ଆଧରକ୍ଷା କୌଶଳର ପ୍ରଶିକ୍ଷଣ ମଧ୍ୟ ପ୍ରଦାନ କରାଯିବ ଏହା ସହିତ "ଟେକ୍‌ୱାଣ୍ଡୋ" ମାର୍ଶଲ ଆର୍ଟ ମାଧ୍ୟମରେ ଆଧରକ୍ଷା କୌଶଳର ପ୍ରଶିକ୍ଷଣ ମଧ୍ୟ ପ୍ରଦାନ କରାଯିବ। ଏହି ଗ୍ରୀଷ୍ମକାଳୀନ କ୍ରୀଡ଼ା ଶିବିରରେ ୬୦ ରୁ ଅଧିକ ପିଲା ଅଂଶଗ୍ରହଣ କରୁଛନ୍ତି। ଖୋର୍ଦ୍ଧା ରୋଡ୍‌ର କ୍ରୀଡ଼ା ଅଧିକାରୀ ତଥା ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ ଅନିଲ୍ କୁମାର ଏସ୍. ଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି।

## ପରିତ୍ୟକ୍ତ ଅବସ୍ଥାରେ ବେଗୁନିଆ ବସ୍ ରହଣି ସ୍ଥଳ

ବେଗୁନିଆ, ୨୩।୫ (ସମିସ): ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥର ବେଗୁନିଆ ପୂର୍ତ୍ତ ବିଭାଗ ବଙ୍ଗଳା ସମ୍ମୁଖରେ ଥିବା ବସ୍ ରହଣି ସ୍ଥଳର ରେଷ୍ଟ ଶେଡ୍ ନିମ୍ନମାନର ନିର୍ମାଣ କାର୍ଯ୍ୟ ଯୋଗୁଁ ପରିତ୍ୟକ୍ତ ଅବସ୍ଥାରେ ପଡି ରହିଛି। ଗତ ୨୦୨୬ ମସିହା ଫେବୃଆରୀ ୪ ତାରିଖରେ କାଳବୈଶାଖୀ ବର୍ଷା ସହ ପବନ ଯୋଗୁଁ ନିମ୍ନମାନରେ ନିର୍ମିତ ରେଷ୍ଟ ଶେଡଟିର ଖୁଣ୍ଟ ସହ ଉପୁଡି ଯାଇଥିଲା। ପ୍ରାୟ ୪ ମାସ ବିତିଗଲା ପରେ ବି ବର୍ତ୍ତମାନ ସୁଦ୍ଧା ତାହାର ପୁନଃ ନିର୍ମାଣ ହୋଇପାରିନାହିଁ। ଏହି ସେଡ୍ ନ ଥିବାରୁ ଯାତ୍ରୀମାନେ ଖରା ଓ ବର୍ଷା ସମୟରେ ରାସ୍ତା କଡରେ ଏଣେତେଣେ ଠିଆ ହୋଇ ଯାତ୍ରୀବାହୀ ବସକୁ ଅପେକ୍ଷା କରୁଛନ୍ତି। ପ୍ରତ୍ୟେକ ଛକରେ ବସ୍ ରହୁଥିବା ସ୍ଥାନରେ ଜାଗା ଅଭାବରୁ ବିଭାଗ ତରଫରୁ ବସ୍ ରହଣି ସ୍ଥଳଠାରୁ ଖଣ୍ଡେ ଦୂରରେ ରେଷ୍ଟ ଶେଡ୍ ନିର୍ମାଣ କରାଯାଇଥିଲେ ବି ତାହା ଯାତ୍ରୀଙ୍କ କୌଣସି କାମରେ ଲାଗୁନାହିଁ। ଏହା ପ୍ରଶାସନିକ ଦୃଷ୍ଟି ଆଢୁଆଳରେ ରହିଥିବା ବେଳେ ଠିକାଦାରଙ୍କ ନିମ୍ନମାନର କାର୍ଯ୍ୟ ଯୋଗୁଁ ଏଭଳି ହୋଇଥିବା ଓମ୍ ପ୍ରକାଶ ବାହୁବଳେନ୍ଦ୍ର, ସନ୍ତୋଷ କୁମାର ପଣ୍ଡା, ଓମ୍ ଜୟପ୍ରକାଶ ମିଶ୍ର ଓ ପୂର୍ବତନ ସରପଞ୍ଚ ନବ କିଶୋର ସ୍ୱାଇଁଙ୍କ



ସମେତ ସଚେତନ ନାଗରିକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ଶେଡଟି କେବେ ପୁନଃ ମରାମତି କରାଯିବ ବୋଲି ବିଭାଗୀୟ କନିଷ୍ଠ ଯନ୍ତ୍ରୀ ରାକେଶ ପ୍ରଧାନଙ୍କୁ ପଚାରିବାରେ "ଠିକାଦାରଙ୍କୁ ଚିଠି କରାଯାଇଛି, ତୁରନ୍ତ ମରାମତି କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି।

## ମୁକ୍ତମଞ୍ଚ ନାଟକ ପରିବେଷଣ

ବେଗୁନିଆ,୨୩।୫ (ସମିସ): ବୋଲଗଡ ବ୍ଲକ ଗେଡ଼ିଆପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ଗୌଡନୂଆଗାଁ ଗ୍ରାମରେ ମା' ବାଉତୀ ନାଟ୍ୟ ସଂସଦ ପକ୍ଷରୁ ୨୨ ତମ ବାର୍ଷିକ ମୁକ୍ତମଞ୍ଚ ନାଟକ ପରିବେଷଣ ହୋଇଛି। ଏଥିରେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ନାଟକ ଶୃଙ୍ଖଳିତ ଜୀବନ ଯାପନ କରିବା ପାଇଁ ସହାୟକ ହୋଇଥାଏ ବୋଲି ମତ ପ୍ରକାଶ କରିଥିଲେ। ସମିତି ସଭ୍ୟ ରଞ୍ଜନ କୁମାର ପଣ୍ଡା, କୃଷକ ନେତା କାହ୍ନୁ ଚରଣ ବେହେରା ଓ ନାଟ୍ୟ ନିର୍ଦ୍ଦେଶକ ଶ୍ରୀତମ୍ ବରାଡ ଅତିଥି ଭାବେ ଯୋଗ ଦେଇଥିଲେ। ପରେ ଗ୍ରାମ୍ୟ କଳାକାର ମାନଙ୍କ ଦ୍ୱାରା "ସିନ୍ଦୂର ହଜିଛି ଶୁଭ ରାତ୍ରୀରେ' ନାଟକ ପରିବେଷଣ ହୋଇଥିଲା।

## ଅଗ୍ନି ନିରାକରଣ ସଚେତନତା

ବେଗୁନିଆ,୨୩।୫ (ସମିସ): ବେଗୁନିଆ ସଦର ମହକୁମାସ୍ଥିତ ଅଗ୍ନିଶମ କାର୍ଯ୍ୟାଳୟ ପକ୍ଷରୁ ସିମୋର ଗ୍ରାମ ସ୍ଥିତ ଏକ ବେସରକାରୀ ଚିକିତ୍ସାଳୟ ପରିସରରେ ଅଗ୍ନି ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଅଗ୍ନିବୀର ମୁସ୍ତାକିମ ମହମ୍ମଦଙ୍କ ନେତୃତ୍ୱରେ ଅଗ୍ନିବୀର ଆଶିଷ କୁମାର



ବେହେରା, ଦ୍ୟୁତିକୃଷ୍ଣ ଦଳବେହେରା, ବିସ୍ମୟ ରଞ୍ଜନ ସାହୁ ଓ ଶଶିକାନ୍ତ ସାହୁ ପ୍ରମୁଖ କର୍ମଚାରୀ ଉପସ୍ଥିତ ରହି ଆକସ୍ମିକ ବିଦ୍ୟୁତ୍, ତୈଳ ଜନିତ ଅଗ୍ନିକାଣ୍ଡ, ବନ୍ୟା ଓ ବାତ୍ୟା ସମୟରେ କିଭଳି ଲୋକଙ୍କ ଜୀବନ ରକ୍ଷା କରାଯାଇ ପାରିବ ସେଥିପାଇଁ ହସପିଟାଲ କର୍ମଚାରୀ ଓ ସ୍ଥାନୀୟ ଜନ ସାଧାରଣଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

### ବଡ଼ପୋଖରିଆ-ମସାକଣି କୋଷ୍ଟାଲ ହାଇୱେ

## ବଡ଼ପୋଖରିଆରେ ନିର୍ମାଣ ହେବ ଅତ୍ୟାଧୁନିକ 'ଟ୍ରମ୍ପେଟ୍ ଇଣ୍ଟରଚେଞ୍ଜ'

ନିରାକାରପୁର,୨୩।୫ (ସମିସ):

ଖୋର୍ଦ୍ଧା ଜିଲ୍ଲା ଟାଙ୍ଗି ତହସିଲ ଅଞ୍ଚଳରେ ପ୍ରସ୍ତାବିତ ବଡ଼ପୋଖରିଆ - ମସାକଣି କୋଷ୍ଟାଲ ହାଇୱେ (ଉପକୂଳ ମହାମାର୍ଗ) ପ୍ରକଳ୍ପର ପ୍ୟାକେଜ-୧ ନିର୍ମାଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା ଆରମ୍ଭ ହୋଇଛି। ପୂର୍ବରୁ ଅଲାଇନମେଣ୍ଟରେ ଆସୁଥିବା ଟାଙ୍ଗି ତହସିଲର କିଛି ଜମିର ୩(ଏ) ଗେଜେଟ୍ ନୋଟିଫିକେସନ ପ୍ରକାଶ ପାଇନଥିବା ବେଳେ,ମେ ୧୧ ତାରିଖରେ ସେହି ସବୁ ଜମି ଗୁଡିକର ନୂତନ ୩(ଏ) ଗେଜେଟ୍ ବିଜ୍ଞପ୍ତି ଆନୁଷ୍ଠାନିକ ଭାବେ ପ୍ରକାଶ ପାଇଛି। ଖୁବଶୀଘ୍ର ଏହି ସମ୍ପୂର୍ଣ୍ଣ ବିଜ୍ଞପ୍ତି ପ୍ରମୁଖ ଖବରକାଗଜ ଗୁଡ଼ିକରେ ମଧ୍ୟ ପ୍ରକାଶ ପାଇବାକୁ ଯାଉଛି। ଏହି ନୂତନ ଗେଜେଟ୍ ନୋଟିଫିକେସନରେ ଟାଙ୍ଗି ତହସିଲ ଅନ୍ତର୍ଗତ ୫ଟି ପ୍ରମୁଖ ମୌଜାର ଜମିକୁ ସାମିଲ କରାଯାଇଛି। ଏହି ସବୁ ଜମିର ପ୍ଲଟ ନମ୍ବର, ଗ୍ରାମ, ଜମିର ପ୍ରକାର ଏବଂ ଆକାର ସମ୍ପର୍କିତ ସମସ୍ତ ସୂଚନା ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି। ତୋଟାପଡା, ବଡ଼ପୋଖରିଆ, ଚକାକାମାଗୁରୁ, ମୋରମୋରସିଂ, ନୂଆଗଡ ମୌଜାର କିଛି ଜମି ଅଧିଗ୍ରହଣ କରାଯିବ। ବଡ଼ପୋଖରିଆ - ମସାକଣି କୋଷ୍ଟାଲ ହାଇୱେଟି ଖୋର୍ଦ୍ଧା ଜିଲ୍ଲା ଟାଙ୍ଗି ତହସିଲ ଅନ୍ତର୍ଗତ ବଡ଼ପୋଖରିଆ ଠାରେ ଜାତୀୟ ରାଜପଥ-୧୬ରୁ ଆରମ୍ଭ ହେଉଛି। ଏହି ଆରମ୍ଭ ସ୍ଥଳରେ ଦୁଇଟି ପ୍ରମୁଖ ଜାତୀୟ ରାଜପଥ ଯଥା ଏନଏଚ-୧୬ ଏବଂ ଏନଏଚ-୩୧୬ଏ ପରସ୍ପର ସହିତ ସଂଯୋଗ ହେବାକୁ ଯାଉଛନ୍ତି।ଯାନବାହାନ ଗୁଡ଼ିକର ସୁଗମ ଓ ନିରାପଦ ଚଳାଚଳ ପାଇଁ ଏହି ଯୋଗସ୍ଥଳରେ ଏକ ଅତ୍ୟାଧୁନିକ 'ଟ୍ରମ୍ପେଟ୍ ଇଣ୍ଟରଚେଞ୍ଜ' ନିର୍ମାଣ କରାଯିବ। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ଅଧିକ କିଛି ଜମିର





ଆବଶ୍ୟକତା ପଡୁଥିବାରୁ ପ୍ରଶାସନ ପକ୍ଷରୁ ଏହି ନୂତନ ୩(ଏ) ଗେଜେଟ୍ ନୋଟିଫିକେସନ ଜାରି

**ଜମି ଅଧିଗ୍ରହଣ ପାଇଁ ପ୍ରକାଶ ପାଇଛି ବିଜ୍ଞପ୍ତି**

କରାଯାଇଛି। କେଏମଏଲ ମ୍ୟାପ୍ ଦ୍ୱାରା ଦର୍ଶାଯାଇଥିବା ସମ୍ପୂର୍ଣ୍ଣ ଅଧିଗ୍ରହଣ ଏରିଆ ଏବଂ ରାଇଟ୍ ଅଫ୍ ୱେ ମଧ୍ୟରେ ଆସୁଥିବା ପ୍ରସିଦ୍ଧ ମା' ସୁନେଇ ରୁପେଇ ମନ୍ଦିର, ଏକ ନବନିର୍ମିତ ପେଟ୍ରୋଲ ପମ୍ପ, ଏକ ହୋଟେଲ ଏବଂ କିଛି ଦୋକାନ ଘରକୁ ସୁରକ୍ଷିତ ଭାବେ ବିସ୍ଥାପନ କରିବାର ଆବଶ୍ୟକତା ରହିଛି। ଏହି ପ୍ରସ୍ତାବିତ ଟ୍ରମ୍ପେଟ୍ ଇଣ୍ଟରଚେଞ୍ଜ ଦ୍ୱାରା ଓଡ଼ିଶା ତଥା ଦକ୍ଷିଣ ଭାରତର ଯୋଗାଯୋଗ ବ୍ୟବସ୍ଥାରେ ଏକ ବଡ଼ ସୁଧାର ଆସିବ। ବ୍ରହ୍ମପୁର, ଦକ୍ଷିଣ ଓଡ଼ିଶା ଏବଂ ଦକ୍ଷିଣ ଭାରତ ପଟୁ ଆସୁଥିବା ଯାନବାହାନ ଗୁଡ଼ିକ ଏହି ଇଣ୍ଟରଚେଞ୍ଜ ଦ୍ୱାରା ସହଜରେ ପୁରୀ, ଅସ୍ତରଙ୍ଗ ଏବଂ ପାରାଦୀପ ପଟକୁ ଯାଇପାରିବେ। ପାରାଦୀପ, ଅସ୍ତରଙ୍ଗ ଏବଂ ପୁରୀ ପଟୁ ଆସୁଥିବା ଯାନବାହାନ ଗୁଡ଼ିକ କୋଷ୍ଟାଲ ହାଇୱେରୁ ଏହି ଇଣ୍ଟରଚେଞ୍ଜ ଦ୍ୱାରା ଏକଜିଟ୍ ନେଇ ବ୍ରହ୍ମପୁର, ଆନ୍ଧ୍ରପ୍ରଦେଶ, ତାମିଲନାଡୁ ସମେତ ନୟାଗଡ଼, ଅନୁଗୁଳ ଏବଂ ଢେଙ୍କାନାଳ ଅଭିମୁଖେ ଗତି କରିପାରିବେ। ଏହା ସହିତ ନିରାକାରପୁର, ଭୁଷଣ୍ଡପୁର, ଗଡ଼ଖାରଦ, ଟାଙ୍ଗି, ଜଙ୍କିଆ ଏବଂ ଖୋର୍ଦ୍ଧା ଆଦି ଆଖପାଖ ଅଞ୍ଚଳର ଯାନବାହାନ ଗୁଡ଼ିକ ମଧ୍ୟ ଏହି ଇଣ୍ଟରଚେଞ୍ଜ ମାଧ୍ୟମରେ କୋଷ୍ଟାଲ ହାଇୱେକୁ ପ୍ରବେଶ ଏବଂ ପ୍ରସ୍ଥାନ କରିପାରିବେ, ଯାହା ସ୍ଥାନୀୟ ଅର୍ଥନୀତି ଓ ଗମନାଗମନକୁ ଅଧିକ ସମୃଦ୍ଧ କରିବ।

୨୩/୫/୨୦୨୬ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୬୧,୬୦୩/- ସୁନା:୧୬.୦୦୦ ଗ୍ରାମ୍ ରୁପା: ୬୫.୬୦୦ ଗ୍ରାମ୍



# ଭଙ୍ଗାହେଲା ମୁକ୍ତାକାଶ ରଙ୍ଗମଞ୍ଚ



ପୁରୀ,୨୩।୫(ସମିସ)

ଶେଷରେ ଭଙ୍ଗା ହୋଇଛି ଶରଧାବାଲିସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚ। ଅସୁରକ୍ଷିତ ହୋଇ ପଡିଥିବା ଏହି ମଞ୍ଚର ପୁନରୁଦ୍ଧାର ପାଇଁ ଦୀର୍ଘବର୍ଷ ହେବ ଦାବି ହୋଇଆସୁଥିଲା। ଶନିବାର ପୁରୀ ମହାନଗର ନିଗମ (ପିଏମ୍‌ସି) ପକ୍ଷରୁ ରଙ୍ଗମଞ୍ଚକୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଦିଆଯାଇଛି। ନୂତନ ଭାବେ ଏହା ନିର୍ମାଣ କରାଯିବ। ତେବେ ରଥଯାତ୍ରା ପୂର୍ବରୁ ମୁକ୍ତାକାଶ ରଙ୍ଗମଞ୍ଚକୁ ନୂଆରୂପ ଦେବା ପାଇଁ ଲକ୍ଷ୍ୟ ରଖିଛି ପିଏମ୍‌ସି। ହେଲେ ବାସ୍ତବରେ ଏହା ନୂଆରୂପରେ କେବେ କଳାକାରଙ୍କୁ ସୁଯୋଗ ଦେବ ତାହା ସମୟ ହିଁ କହିବ।

ମୁକ୍ତାକାଶ ରଙ୍ଗମଞ୍ଚ। ନୃତ୍ୟ ସଂଗୀତରେ ଦର୍ଶକଙ୍କୁ ବିଭୋର କରୁଥିବା ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚ ଅଶି ଦଶକରେ ଗଢି ଉଠିଥିଲା। ବିଭିନ୍ନ ଅନୁଷ୍ଠାନର ପ୍ରଥମ ପସନ୍ଦ ରହିଥିଲା ଏହି ମଞ୍ଚ। ସାଂସ୍କୃତିକ କାର୍ଯ୍ୟକ୍ରମ ହେଉ କି ସ୍କୁଲ ଏପରିକି ସରକାରୀ କାର୍ଯ୍ୟକ୍ରମ ପାଇଁ ସମସ୍ତେ ମୁକ୍ତାକାଶ ରଙ୍ଗମଞ୍ଚକୁ ହିଁ ଚୟନ କରୁଥିଲେ। ବେସରକାରୀ ଅନୁଷ୍ଠାନ ପାଇଁ ପକେଟ୍‌କୁ ସୁହାଇଲା ଭଳି ଦେୟ ବି ରହିଥିଲା। ତେଣୁ ସମସ୍ତଙ୍କ ପ୍ରଥମ ପସନ୍ଦ ଥିବା ଏହି ମଞ୍ଚ ହଜାର ହଜାର ଶିଳ୍ପୀଙ୍କୁ ପରିଚୟ ଦେଇଛି। ଅନେକ ପ୍ରତିଭା ଏଠାରୁ ଜାତୀୟ ଅନ୍ତର୍ଜାତୀୟ ସ୍ତରରେ ନାଁ କମାଇଛନ୍ତି। କିନ୍ତୁ କିଛିବର୍ଷ ହେବ ଏହି ମଞ୍ଚର ସ୍ଥିତି ଦୁର୍ବିସହ ହୋଇପଡିଥିଲା। ମଞ୍ଚକୁ ସମ୍ଭାଳିଥିବା ସମ୍ମୁଖ ସ୍ତମ୍ଭ ଓ କାନ୍ଥ ଫାଟି ଆଁ କରିଥିଲା। ଫନି ବାତ୍ୟା ପରଠୁ ତଳ ଭାଗରେ ପାଣି ଜମି ରହିବାରୁ ସ୍ତମ୍ଭ ଦୁର୍ବଳ ହୋଇପଡିଥିଲା। ମରାମତି ଅଭାବରୁ ମଞ୍ଚ ଭାଙ୍ଗିରୁଜି ଯାଇଥିଲା। ସ୍ଥିତି ଏମିତି ଥିଲା ଯେ, କେତେବେଳେ ମଞ୍ଚ ଭୁଶୁଡି ପଡିବ ଅନେକ ଆଶଙ୍କା କରୁଥିଲେ। ଏହାର ପୁନରୁଦ୍ଧାର ପାଇଁ ବାରମ୍ବାର କଳାକାର, ସାମାଜିକ ଓ ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ପ୍ରଶାସନକୁ ଅବଗତ କରାଯାଉଥିଲା। ଏହାକୁ ନୂଆରୂପ ଦେବା ପାଇଁ ଦୀର୍ଘଦିନରୁ ଟେଣ୍ଡର ସରିଥିଲା, ହେଲେ ଭଙ୍ଗାଯାଉ ନ ଥିଲା। କିନ୍ତୁ ଅସୁରକ୍ଷିତ ଦର୍ଶାଇ ୬ ମାସ ହେବ କୌଣସି କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଦିଆଯାଉ ନ ଥିଲା। ଶେଷରେ ପୁରୀ ମହାନଗର ନିଗମ ଶନିବାର ମୁକ୍ତାକାଶ ରଙ୍ଗମଞ୍ଚକୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଦିଆଯାଇଛି।

ଆଗକୁ ରଥଯାତ୍ରା ଆସୁଥିବାରୁ, ଅନ୍ତତଃ ରଥ ପୂର୍ବରୁ ଏହାର କାର୍ଯ୍ୟ ସାରିବା ନେଇ ପିଏମ୍‌ସି ଲକ୍ଷ୍ୟ ରଖିଛି। କାରଣ ରଥଯାତ୍ରା ସମୟରେ ଏହା ଉପରେ ସୂଚନା କେନ୍ଦ୍ର କରାଯାଉଥିବା ବେଳେ ଅତିଥି ବସିଥାନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ପରିବେଷଣ କରାଯାଇଥାଏ। ତେଣୁ ତୁରନ୍ତ ରଙ୍ଗମଞ୍ଚକୁ ପୁନରୁଦ୍ଧାର ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ରଙ୍ଗମଞ୍ଚ ନୂଆ ସ୍ଥାପନ ସହ ଏହା ମଧ୍ୟରେ ଗ୍ରିନ୍ ରୁମ୍, ଶୌଚାଳୟ ଆଦି ନିର୍ମାଣ କରାଯିବ। ଏ ବାବଦରେ ୧ କୋଟି ଟଙ୍କା ଖର୍ଚ୍ଚ ହେବ। ସମ୍ପୂର୍ଣ୍ଣ ପ୍ରକଳ୍ପ ରିପୋର୍ଟ (ଡିପିଆର) ସରି ଡ୍ରଇଂ ଡିଜାଇନ ପ୍ରସ୍ତୁତ ସରିଛି। ଏବେ ଭଙ୍ଗା କାର୍ଯ୍ୟ ସରିଥିବାରୁ ତ୍ୱରିତ ନବୀକରଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ମିଳିଛି।

## ସରିଲା ଚତୁର୍ଦ୍ଦଶ ଦିନର ରତ୍ନ ଗଣତି

# ୧୭୦ ଅଳଙ୍କାରର ଗଣତି ଶେଷ

ପୁରୀ,୨୩।୫(ସମିସ): ଶେଷ ହେଲା ଚତୁର୍ଦ୍ଦଶ ଦିନର ରତ୍ନ ଗଣତି। ଭିତର ଭଣ୍ଡାର ଗଣତିର ଆଜି ଥିଲା ନବମ ଦିନ। ପାଖାପାଖି ୩ ଟା ୪୦ରେ ଶ୍ରୀମନ୍ଦିର କାର୍ଯ୍ୟାଳୟରୁ ବାହାରି ଶ୍ରୀମନ୍ଦିର ପ୍ରବେଶ କରିଥିଲେ ଟିମ୍। ତେବେ ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ମଧ୍ୟାହ୍ନ ଧୂପ ପରେ ଅର୍ଥାତ୍ ଅପରାହ୍ଣ ପ୍ରାୟ ୪ ଟା ୨୦ ବେଳକୁ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ରତ୍ନ ଭଣ୍ଡାର ଖୋଲା ଯାଇଥିଲା ଏବଂ ଗଣତି କାର୍ଯ୍ୟ ଆରମ୍ଭ ହୋଇଥିଲା। ୮ ଟା ୧୮ ପର୍ଯ୍ୟନ୍ତ ଗଣତି କାର୍ଯ୍ୟ ହୋଇଥିଲା ଅର୍ଥାତ୍ ୩ ଘଣ୍ଟା ୫୮ ମିନିଟ୍‌ର ଗଣତି ହୋଇଥିଲା। ପ୍ରତ୍ୟେକଟି ଅଳଙ୍କାରର ଓଜନ ହେବା ସହ ଏଥିରେ ଖଚିତ ରତ୍ନ ଚିହ୍ନଟ କରାଯାଇଛି। ଏହାର ଫଟୋ, ଭିଡିଓ ଗ୍ରାଫି, ୩ଡି ମ୍ୟାପିଙ୍ଗ କରାଯାଉଛି। ଯଦିଓ ଅଳଙ୍କାର ଗଣତି ନେଇ କୌଣସି କ୍ରମିକ ବିଷୟରେ ସୂଚନା ଦିଆଯାଇନାହିଁ, ତେବେ ପ୍ରାୟ ୧୭୦ ପାଖାପାଖି ଅଳଙ୍କାରର ଗଣତି ସରିଛି ବୋଲି ଆକଳନ କରାଯାଇପାରେ। ତେବେ ଆସନ୍ତାକାଲି ଠାରୁ ଗଣତି କାର୍ଯ୍ୟ ସ୍ଥଗିତ ରହିବ ବୋଲି ନିଷ୍ପତ୍ତି ନିଆଯାଇଛି। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଓ ଆଗାମୀ ଦିନରେ ନୀତି କାନ୍ତିକୁ ନଜରରେ ରଖି ନିଆଯାଇଛି ନିଷ୍ପତ୍ତି। ଶ୍ରୀମନ୍ଦିର ପରିଚାଳନା କମିଟି ସ୍ଥାୟୀ ସଭାପତି ଗଜପତି ଦିବ୍ୟସିଂହ ଦେବ ତଥା ଅନ୍ୟ ଅଂଶୀଦାରଙ୍କ ସହ ଆଲୋଚନା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଆଗାମୀ ଦିନରେ ଛତିଶା ନିଯୋଗ ଓ ପରିଚାଳନା କମିଟି ବୈଠକ ରହିଛି। ତେଣୁ ଜୁନ୍ ମାସରେ ସ୍ନାନ ପୂର୍ଣ୍ଣିମା ପୂର୍ବରୁ ପୁନର୍ବାର ଗଣତି ହେବା ନେଇ ପରବର୍ତ୍ତୀ ସମୟରେ ନିଷ୍ପତ୍ତି ନିଆଯିବ। ତେବେ ଆସନ୍ତାକାଲି ଠାରୁ ସ୍ୱାଭାବିକ ଭାବରେ ଭିତର କାଠ ଦର୍ଶନ ଚାଲୁ ରହିବ।

## ଜାତୀୟ ରାଜପଥ ପାଲଟିଛି ବନ୍ୟପ୍ରାଣୀଙ୍କ ମୃତ୍ୟୁଫାଶ

# ୧୭ ଦିନରେ ଗଲାଣି ୫ ଜୀବନ

ପୁରୀ,୨୩।୫(ସମିସ)

ପୁଣି ରାସ୍ତାରେ ଗଲା ବନ୍ୟପ୍ରାଣୀର ଜୀବନ। ଶନିବାର ସନ୍ଧ୍ୟାରେ ମା' ବାଟମଙ୍ଗଳା ମନ୍ଦିର ନିକଟରେ ଜାତୀୟ ରାଜପଥ ପାର୍ ହେଉଥିବାବେଳେ ଏକ ଅଜଣା ଗାଡି ଧକ୍କାରେ ଗୋଟିଏ ବାର୍‌ହାର ମୃତ୍ୟୁ ଘଟିଛି। କୌଣସି ଏକ ଗାଡି ବାର୍‌ହାଟିକୁ ଧକ୍କା ଦେଇଥିଲା। ଫଳରେ ରାସ୍ତାରେ ଛଟପଟ ହୋଇ ତା'ର ଜୀବନ ଚାଲିଯାଇଥିଲା। ଏହା ପ୍ରଥମ ଘଟଣା ନୁହେଁ। ଚଳିତ ମାସର ୧୭ ଦିନ ମଧ୍ୟରେ ଜାତୀୟ ରାଜପଥରେ ୫ଟି ବନ୍ୟପ୍ରାଣୀଙ୍କ ଜୀବନ ଗଲାଣି। ଗତ ୧୨ ତାରିଖରେ ମାଳତୀପାଟପୁର ବସ୍‌ଷ୍ଟାଣ୍ଡ ନିକଟରେ ରାସ୍ତା ପାର୍ ହେଉଥିବା ଏକ ହରିଣକୁ କାର୍ ଧକ୍କା ଦେଇଥିଲା। ଫଳରେ ଛଟପଟ ହୋଇ ଘଟଣାସ୍ଥଳରେ ହିଁ ତା'ର ମୃତ୍ୟୁ ଘଟିଥିଲା। ସେହିପରି ଗତ ୭ ତାରିଖରେ ପୁରୀ-କୋଣାର୍କ ରାସ୍ତାରେ ବ୍ଲୁ ସ୍ଲାଶ ୱାଟର ପାର୍କ ନିକଟରେ ଗାଡି ଧକ୍କାରେ ୩ଟି ହରିଣ ଛୁଆଙ୍କର ଜୀବନ ଯାଇଥିଲା। ଅର୍ଥାତ୍ ଗୋଟିଏ ମାସ ଭିତରେ କେବଳ ପୁରୀ ଅଞ୍ଚଳରେ ୫ଟି ବନ୍ୟପ୍ରାଣୀ ସଡକ ଦୁର୍ଘଟଣାର ଶିକାର ହୋଇଛନ୍ତି। ଖାଦ୍ୟ ଓ ପାଣି ଅନ୍ୱେଷଣରେ ବନ୍ୟପ୍ରାଣୀମାନେ ଜଙ୍ଗଲ ଛାଡି ଜନବସତିମୁହାଁ ହେଉଛନ୍ତି। ଜାତୀୟ ରାଜପଥ ଏବଂ ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ୍ ରାସ୍ତା ବାଲୁଖଣ୍ଡ ଅଭୟାରଣ୍ୟ ଦେଇ ଯାଇଥିବାରୁ ବାର୍‌ହା, ହରିଣ, ଶିଆଳ ଆଦି ପ୍ରାୟତଃ ରାସ୍ତା ପାର୍ ହେଉଛନ୍ତି। କିନ୍ତୁ ଦ୍ରୁତଗାମୀ ଗାଡି ଓ ସଚେତନତାର ଅଭାବ ଯୋଗୁ ଦୁର୍ଘଟଣା ବଢିଚାଲିଛି। ବାରମ୍ବାର ଏଭଳି ମୃତ୍ୟୁକୁ ନେଇ ପରିବେଶବିତ୍ ଓ ବନ୍ୟପ୍ରାଣୀ ପ୍ରେମୀ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେମାନଙ୍କ ମତରେ, ଜଙ୍ଗଲ ନିକଟ ରାସ୍ତାରେ ସ୍ପିଡ୍ ବ୍ରେକର, ସାଇନ୍ ବୋର୍ଡ, ସୋଲାର ଲାଇଟ୍ ଲଗାଯିବା ଜରୁରୀ। ଏଥିସହ ଗାଡି ଚାଳକଙ୍କୁ ସଚେତନ କରିବା ଏବଂ ରାତିରେ ବେଗ ନିୟନ୍ତ୍ରଣ ପାଇଁ କଡା ନଜର ରଖିବାକୁ ଦାବି ହେଉଛି। ବନ ବିଭାଗ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷ ମିଳିତ ଭାବେ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆହୁରି ଅନେକ ନୀରିହ ଜୀବନ ରାସ୍ତାରେ ଚାଲିଯିବ ବୋଲି ଆଶଙ୍କା କରାଯାଉଛି।

## ଅଠରନଳା ବ୍ରିଜରୁ ଖସି ପଡ଼ିଥିବା ଯୁବକ ଉଦ୍ଧାର

ପୁରୀ,୨୩।୫(ସମିସ): ଶନିବାର ରାତିରେ ପୁରୀର ପ୍ରବେଶ ପଥ ଭାବେ ପରିଚିତ ଅଠର ନଳା ବ୍ରିଜ ଠାରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜଣେ ଯୁବକ ଅଠର ନଳା ବ୍ରିଜ ତଳକୁ ଖସି ପଡିଥିବା ବେଳେ ଅଗ୍ନିଶ୍ରମ ବିଭାଗ ଯୁବକଙ୍କୁ ପାଣି ମଧ୍ୟରୁ ଉଦ୍ଧାର କରିଛନ୍ତି। ଯୁବକ ଜଣଙ୍କ ଗଞ୍ଜାମ ପୋଲସରା ଅଞ୍ଚଳର ପ୍ରଶାନ୍ତ କୁମାର ସ୍ୱାଇଁ(୨୭) ବୋଲି ଜଣାପଡିଛି। ତେବେ ଯୁବକଙ୍କ ଜଣଙ୍କ ନିଶାଗ୍ରସ୍ତ ଥିବା କୁହାଯାଉଛି। ତେବେ ବ୍ରିଜ୍ ତଳକୁ ସେ କିପରି ଖସି ପଡିଲେ ସେ ନେଇ ସଠିକ ସୂଚନା ମିଳିପାରି ନାହିଁ। ଏନେଇ ଅଗ୍ନିଶ୍ରମ ଅଧିକାରୀ ପ୍ରଭାତ କୁମାର ରାଉତ କହିଛନ୍ତି କି ରାତି ପ୍ରାୟ ୯ ଟା ୨୧ ମିନିଟ ସମୟରେ ଅଗ୍ନିଶମ ବିଭାଗକୁ ଖବର ଆସିଥିଲା ଜଣେ ବ୍ୟକ୍ତି ଅଠର ନଳା ବ୍ରିଜ ତଳକୁ ପାଣି ମଧ୍ୟକୁ ଖସି ପଡିଛନ୍ତି। ଖବର ପାଇ ଅଗ୍ନିଶ୍ରମ କର୍ମଚାରୀ ଘଟଣା ସ୍ଥଳକୁ ଯାଇ ରୋପ ଲ୍ୟାଡ୍‌ର ଏବଂ ରୋପ ସାହାର୍ଯ୍ୟରେ ତଳକୁ ଯାଇ ପାଣି ମଧ୍ୟରୁ ଯୁବକଙ୍କୁ ଉଦ୍ଧାର କରିଛି। ତେବେ ଯୁବକ ବର୍ତ୍ତମାନ ସୁସ୍ଥ ଥିବା ଅଗ୍ନିଶମ ଅଧିକାରୀ କହିଛନ୍ତି।

## ରଥଖଳାରୁ...



# ସରିଲା ତିନି ରଥର ୨୧ ଅଖ ନିର୍ମାଣ

ପୁରୀ,୨୩।୫(ସମିସ): ରଥଯାତ୍ରା ପାଖେଇ ଆସୁଥିବାବେଳେ ଚଳଚଞ୍ଚଳ ହୋଇପଡ଼ିଛି ରଥଖଳା। ମହାପ୍ରଭୁଙ୍କ ପ୍ରତି ସମର୍ପଣ ମନୋଭାବ ରଖି କାମ କରୁଛନ୍ତି ରଥ ନିର୍ମାଣକାରୀ ସେବକ। ବିଧି ମୁତାବକ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ପୂର୍ବରୁ ତିନିରଥର ୪୨ଟି ଯାକ ଚକ ନିର୍ମାଣ ସରିଥିବା ବେଳେ ଶନିବାର ତିନିରଥର ୨୧ ଅଖ ନିର୍ମାଣ ଶେଷ ହୋଇଛି। ସେହିପରି ତିନିରଥର ୨୦ ଫୁଟିଆ ୧୪ ଟି ଲେଖାଏଁ 'ଚଉଦ ନାହାକା' ଖମ୍ବ ନିର୍ମାଣ କାର୍ଯ୍ୟ ଜାରି ରହିଛି। ରଥ ଅମୀନ ଚଉଦ ନାହାକା ନିର୍ମାଣ ପାଇଁ ତିନିରଥ ଚାଳିକୁ ଭୋଇ ସେବକଙ୍କ ସହାୟତାରେ ଦୁଇଟି ପର୍ଯ୍ୟାୟରେ ୧୧ ଟି ଲେଖାଏଁ ୨୦ ଫୁଟିଆ ଧଉରା କାଠ ଫାଳି ଯୋଗାଇ ଦେଇଥିଲେ। ସେଥି ମଧ୍ୟରୁ ଆଜି ସୁଦ୍ଧା ତାଳଧ୍ୱଜ ରଥର ୮ ଟି , ଦର୍ପଦଳନ ରଥର ୯ ଟି ଏବଂ ନନ୍ଦିଘୋଷ ରଥର ୧୧ ଟି ଚଉଦ ନାହାକା ଚଉପଟ ପରେ ତାର ଅଷ୍ଟକୋଣୀ ଅଂଶ ମରା କାର୍ଯ୍ୟ ଶେଷ ହୋଇଛି। ବାକି ନା ହାକା ଗୁଡ଼ିକର ଚଉପଟ କାର୍ଯ୍ୟ ଜାରି ରହିଛି। ରୂପକାର ସେବକ ମାନେ ତିନିରଥର ସାଲଗୁଜାରେ ରୂପ ଖୋଦେଇ ଶେଷ କରି ତିନି ରଥର ୮ ଟି ଲେଖାଏଁ ତୀଖ ଗୁଜରେ ସିଂହ ବିରାଳ ରୂପ ଖୋଦେଇ ଜାରୀ ରଖିଛନ୍ତି। ଦୋଳ ବେଦୀ ଅସ୍ଥାୟୀ କମାର ଶାଳ ରେ ଓଝା ସେବକ ମାନେ ତିନି ରଥର ଅଖ କଣ୍ଟା, ଦଣ୍ଡା କଣ୍ଟା ସହ ବେଦୀ ସିଂହାସନ ର ବାହାର ପାଶ୍ୱର୍ ପରିକ୍ରମା ପ୍ରସ୍ତୁତିରେ ପଟା ବାଡ଼ିଆ ପାଇଁ ତାଗ କଣ୍ଟା ପ୍ରସ୍ତୁତି ଜାରି ରଖିଛନ୍ତି। ପାହି ମହାରଣା ଦୋଳବେଦୀ ଠାରେ ପାହି ମହାରଣାମାନେ ଅଣସର ଏବଂ ରଥ ଯାତ୍ରାରେ ସେବା ପୂଜା ପାଇଁ କାଠ ସରଞ୍ଜାମ ନିର୍ମାଣ ଜାରି ରଖିଛନ୍ତି।

## ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନରେ ସ୍ୱତନ୍ତ୍ର ବ୍ୟବସ୍ଥା ଦାବି

# ୫୩ ଦିନରେ ପଦଯାତ୍ରା

ପୁରୀ,୨୩।୫(ସମିସ)

ପୁରୀବାସୀଙ୍କୁ ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନରେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦୀର୍ଘଦିନ ହେବ ଦାବି ହୋଇଆସୁଛି। ପ୍ରାୟ ବର୍ଷେ ହେବ ଏଭଳି ଦାବି କରାଯାଉଥିବା ବେଳେ ଶୁଣୁନାହାନ୍ତି ସରକାର କି ଜିଲ୍ଲା ପ୍ରଶାସନ। ହେଲେ ପୁରୀବାସୀ ସେମାନଙ୍କ ଲକ୍ଷ୍ୟ ହାସଲ ଜିଦ୍‌ରେ ଅଟଳ ରହି ପ୍ରତିବାଦ ପଦଯାତ୍ରା ଜାରି ରଖିଛନ୍ତି। ଏଥିପାଇଁ ଏପ୍ରିଲ ପହିଲାରୁ ଆରମ୍ଭ ହୋଇଥିବା ପଦଯାତ୍ରା ଶନିବାର ୫୩ ଦିନରେ ପହଞ୍ଚିଛି।



ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ସମାଧି ପୀଠରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଶ୍ରୀମନ୍ଦିର ନିକଟରେ ଶେଷ ହୋଇଥିଲା। ପଦଯାତ୍ରୀମାନେ ବଡ଼ଦାଣ୍ଡରେ ସ୍ଲୋଗାନ ଦେଇ ନିଜ ହକ୍ ପାଇଁ ଦାବି କରିଥିଲେ। ଏମିତି ପଦଯାତ୍ରା ଆଉ କେତେଦିନ ଚାଲିବ ବୋଲି ସହରବାସୀ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ତାସ୍ଲଲ୍ୟ କରି କହିଥିଲେ।

ଆବାହକ ସ୍ୱାଧୀନ ପଣ୍ଡାଙ୍କ ନେତୃତ୍ୱରେ ଏହି ପଦଯାତ୍ରାରେ ହରିଶଙ୍କର ମିଶ୍ର, ଚକ୍ରଧର ମହାପାତ୍ର, ସୂର୍ଯ୍ୟ ନାରାୟଣ ରଥ, ସୁକାନ୍ତ ପଣ୍ଡା, ସରସ୍ୱତୀ ପାତ୍ର, ମମତା ସ୍ୱାଇଁ, ସନ୍ଧ୍ୟାରାଣୀ ମିଶ୍ର, ପବିତ୍ରା ନାୟକ, ନିହାରିକା ତ୍ରିପାଠୀ, ଅରୁଣା ପଟ୍ଟନାୟକ, ପ୍ରଣତି ରାୟ, ମୀନାକ୍ଷୀ ଦାସ, ପ୍ରତିଭା ନାୟକ, ମନୋରଞ୍ଜନ ରଣସିଂହ, ବିଶ୍ୱନାଥ ମିଶ୍ର, ସନ୍ତୋଷ ସେନାପତି, ରାମକୃଷ୍ଣ ମହାନ୍ତି, ପ୍ରଦୀପ୍ତ ମହାନ୍ତି, ରମେଶ ଚନ୍ଦ୍ର ନାୟକ, ପ୍ରଫୁଲ୍ଲ ସାହୁ, ନୃସିଂହନାଥ ନାୟକ, କିଶୋର ଚନ୍ଦ୍ର ଦାସ, ପ୍ରକାଶ ଚନ୍ଦ୍ର ନାୟକ, ଶିବସୁନ୍ଦର ମିଶ୍ର, ଅଭିମନ୍ୟୁ ପ୍ରଧାନ, ବୈଶାଳୀ ପ୍ରଧାନ, ଜଗନ୍ନାଥ ମହାନ୍ତି, ଯାଦବା ନନ୍ଦ ରାୟ, ପ୍ରମୋଦ ଦାସ, ନେହା ବେହେରା, ସୁପ୍ରିତି ନାୟକ, ସିମ୍ରନ୍ ସାହୁ, ରୁବି ମଲ୍ଲିକ, ରୂପା ବେହେରା, ସମ୍ପୂର୍ଣ୍ଣ ପ୍ରଧାନ, ଇଚ୍ଛା ଦାସ, ଅରୁନ୍ଧତୀ ବେହେରା ଓ ଲିଙ୍ଗରାଜ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

## ମେ' ମାସରେ ୩୫୫ ଫେରାର୍ ଅଭିଯୁକ୍ତ ଗିରଫ

ପୁରୀ,୨୩।୫(ସମିସ): ଦୀର୍ଘଦିନ ଧରି ପଡି ରହିଥିବା ଅଦାଲତୀୟ ୱାରେଣ୍ଟ କାର୍ଯ୍ୟକାରୀ କରିବା ପାଇଁ ପୁରୀ ପୁଲିସ ପକ୍ଷରୁ ଚାଲିଥିବା ବିଶେଷ ଅଭିଯାନରେ ବଡ ସଫଳତା ମିଳିଛି। ଚଳିତ ମେ' ମାସରେ ମାତ୍ର ୨୨ ଦିନ ମଧ୍ୟରେ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରୁ ମୋଟ ୩୫୫ ଜଣ ନନ୍-ବେଲେବଲ ୱାରେଣ୍ଟ (ଏନ୍‌ବିଡବ୍ଲ୍ୟୁ) ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏହି ବିଶେଷ ଅଭିଯାନରେ ଜିଲ୍ଲାର ସମସ୍ତ ଥାନାର ପୁଲିସ ଅଧିକାରୀ ଓ କର୍ମଚାରୀ ସକ୍ରିୟ ଭାବେ ସାମିଲ ହୋଇଥିଲେ। ଦୀର୍ଘଦିନ ଧରି ଫେରାର୍ ଥିବା ଏବଂ ଅଦାଲତରେ ହାଜର ହେଉ ନ ଥିବା ଅଭିଯୁକ୍ତମାନଙ୍କୁ ଚିହ୍ନଟ କରି ଗିରଫ କରାଯାଇଛି। ଗିରଫ ପରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ପୁରୀ ପୋଲିସ ପକ୍ଷରୁ କୁହାଯାଇଛି ଯେ, ଆଇନ ଭଙ୍ଗ କରୁଥିବା ବା ଅଦାଲତୀୟ ପ୍ରକ୍ରିୟାକୁ ଅବହେଳା କରୁଥିବା ବ୍ୟକ୍ତିଙ୍କୁ କୌଣସି ଛାଡ଼ ମିଳିବ ନାହିଁ। ଫେରାର୍ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ସମସ୍ତ ଥାନାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଏଥିସହ କୌଣସି ଅପରାଧୀ, ଫେରାର୍ ଅଭିଯୁକ୍ତ ବା ସନ୍ଦେହଜନକ ବ୍ୟକ୍ତି ସମ୍ପର୍କରେ ସୂଚନା ମିଳିଲେ ତୁରନ୍ତ ନିକଟସ୍ଥ ଥାନାକୁ ଜଣାଇବା ପାଇଁ ପୁଲିସ ସାଧାରଣ ଲୋକଙ୍କୁ ଆହ୍ୱାନ କରିଛି। ଜନସାଧାରଣଙ୍କ ସହଯୋଗରେ ଅପରାଧ ନିୟନ୍ତ୍ରଣ ଅଧିକ ସୁଦୃଢ ହେବ ବୋଲି ପୁଲିସ ଆଶା ପ୍ରକାଶ କରିଛି। ପୁରୀ ପୁଲିସ ସ୍ପଷ୍ଟ କରିଛି ଯେ, ଏପରି ଅଭିଯାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ।

## କବିତା ମହାନ୍ତିଙ୍କର ଦୁଇ କବିତା ସଂକଳନ ଲୋକାର୍ପିତ

ପୁରୀ,୨୩।୫(ସମିସ): ଓଡ଼ିଆ ସାହିତ୍ୟରେ ଲେଖିକା କବିତା ମହାନ୍ତିଙ୍କର ୨ଟି ବହି ମହାପ୍ରଭୁଙ୍କୁ ସମର୍ପିତ ହୋଇ ପାଠକାର୍ପିତ ହୋଇଛି। ଶୁକ୍ରବାର ବଳିଆପଣ୍ଡା କଳିଙ୍ଗବିହାରରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଅଧ୍ୟାପକ ବିଶ୍ୱରଞ୍ଜନ ପୌରୋହିତ କରିଥିଲେ। ଶ୍ରୀମତୀ ମହାନ୍ତିଙ୍କର ଓଡ଼ିଆ ଏବଂ ଇଂରାଜୀରେ ଦୁଇଟି କବିତା ସଂକଳନ "ଅବସର ପରେ' ଓ 'If ever you ask her' ଯାହାକି ଦଶମ ଏବଂ ଏକାଦଶତମ ସାହିତ୍ୟ ସୃଷ୍ଟି। ଏଯାବତ୍ ତାଙ୍କର ଆଠଟି ଓଡ଼ିଆ ପୁସ୍ତକ ଏବଂ ତିନିଟି ଇଂରାଜୀ ପୁସ୍ତକ ପ୍ରକାଶ ପାଇଛି। ଶ୍ରୀଜଗନ୍ନାଥଙ୍କ ଦିବ୍ୟ ଅନୁଭୂତି କୁ ନେଇ ପ୍ରକାଶିତ "ଚାଲ ସଖି ଆମ୍ଭେ ଦର୍ଶନ କରିବା' ପୁସ୍ତକଟି ଓସେପା ତରଫରୁ ହାଇସ୍କୁଲ ଲାଇବ୍ରେରୀ ପାଇଁ ଚୟନ ହୋଇଛି। ଶିରିଡ଼ି ସାଇ ବାବାଙ୍କ ଅନୁଭୂତିକୁ ନେଇ ଲେଖିଥିବା ପୁସ୍ତକ 'ଏକ ଅକିଞ୍ଚନର ଅନୁଭୂତି' ପାଠକୀୟ ଆଦୃତି ଲାଭ କରି ଦ୍ୱିତୀୟ ସଂସ୍କରଣ ପ୍ରକାଶ ପାଇଛି। ପାଳଭୂତ ଓ ଅନ୍ୟାନ୍ୟ ଗଳ୍ପ ଓ ଲକଡାଉନ୍ ୨୦୨୦ର ଅଲିଭା କାହାଣୀ ପାଠକଙ୍କୁ ଆକୃଷ୍ଟ କରିପାରିଛି। ଚାକିରୀରୁ ଅବସର ନେଲା ପରେ ତାଙ୍କର କବିତା ସଂକଳନ 'ଅବସର ପରେ' ପାଠକାଦୃତି ଲାଭ କରିବ ବୋଲି ସେ ଆଶା କରିଛନ୍ତି। ବୋଉ ଫାଉଣ୍ଡେଶନର ପ୍ରତିଷ୍ଠାତା ଅତିଶ୍ କୁମାର ମହାନ୍ତି, ହାଇକୋର୍ଟ ଆଡଭୋକେଟ୍ କୈଳାଶ କାନୁନଗୋ, ଆହ୍ଲାବାଦ ବ୍ୟାଙ୍କର ଅବସରପ୍ରାପ୍ତ ଡିଜିଏମ୍ ପ୍ରେମଲତା ଖୁଣ୍ଟିଆ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ପ୍ରଦୀପ୍ତ ପଟ୍ଟନାୟକ, ଜଗନ୍ନାଥପ୍ରେମୀ ଆଶିଷ ମହାନ୍ତି, ବିଶିଷ୍ଟ ଶିଳ୍ପପତି ଅବନି କାନୁନଗୋ, ବିଶିଷ୍ଟ ଶିକ୍ଷାବିତ୍ ଡ. ବିଷ୍ଣୁ ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବରିଷ୍ଠ ନାଗରିକଙ୍କ ନିମନ୍ତେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



ପୁରୀ,୨୩।୫(ସମିସ): ସ୍ଥାନୀୟ ସଂସ୍କୃତି ଭବନଠାରେ ଶୁକ୍ରବାର ଜିଲ୍ଲାସ୍ତରୀୟ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଜିଲ୍ଲା ପ୍ରଶାସନ ସହାୟତାରେ ଓ ନାରୀ ମଙ୍ଗଳ ମହିଳା ସମିତି ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ବରିଷ୍ଠ ପୁରୁଷ ଓ ମହିଳା ଉପସ୍ଥିତ ରହି ନିଜ ନିଜର ସ୍ୱାସ୍ଥ୍ୟ ପରୀକ୍ଷା ସହିତ ଆବଶ୍ୟକୀୟ ଔଷଧ ଗ୍ରହଣ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶରେ ଡା. ଗିରିଶ ଚନ୍ଦ୍ର ବେହେରା, ଡା. ସୌରଭ ଦାସ, ଡା. ଶରତ ମହାପାତ୍ର, ଡା. ଶୁଭେନ୍ଦୁ ମହାନ୍ତିଙ୍କ ସମେତ ପ୍ରୀତିଶ କୁମାର ସାହୁ ଓ ଜଗଦୀଶ ମହାନ୍ତି ପାରାମେଡିକାଲ ଉପସ୍ଥିତ ରହି ସ୍ୱାସ୍ଥ୍ୟ ପରୀକ୍ଷା, ରକ୍ତ ନମୁନା ଓ ରକ୍ତଚାପ ପରୀକ୍ଷା ଇତ୍ୟାଦି କରି ଆବଶ୍ୟକୀୟ ପରାମର୍ଶ ଓ ଔଷଧ ପ୍ରଦାନ କରିଥିଲେ। ଏହି ଶିବିରରେ ବରିଷ୍ଠ ନାଗରିକଙ୍କ ସମସ୍ୟା ସମ୍ପର୍କିତ ଆଲୋଚନା କରାଯିବା ସହିତ ସେବା ପ୍ରଦାନକାରୀ ବିଶେଷଜ୍ଞମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ ବରିଷ୍ଠମାନଙ୍କୁ ଛତା ପ୍ରଦାନ କରାଯଇଥିଲା। ଗ୍ରୀଷ୍ମ ପ୍ରବହାକୁ ଦୃଷ୍ଟିରେ ରଖି ଆବଶ୍ୟକୀୟ ବ୍ୟବସ୍ଥା ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସମ୍ପାଦିକା ସସ୍ମିତା ପଣ୍ଡା ଓ ଉପଦେଷ୍ଟା ପ୍ରକାଶ ରାଉତରାୟ ପରିଚାଳନା କରିଥିଲେ।

## ଶ୍ରୀପୁରୁଷୋତ୍ତମ ମାସ ମାହାତ୍ମ୍ୟ ଆଲୋଚନାଚକ୍ର

# ଜ୍ୟୋତିଷ ଶାସ୍ତ୍ରରେ ଗଣିତ ଓ ଫଳିତ ଜ୍ୟୋତିଷ ଦୁଇଟି ଧାରା

ପୁରୀ,୨୩।୫(ସମିସ)

ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ଆନୁକୂଲ୍ୟରେ ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟ ପରିସରରେ ଶ୍ରୀପୁରୁଷୋତ୍ତମ ମାସ ମାହାତ୍ମ୍ୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ଉପାଧ୍ୟକ୍ଷ ବିନୋଦ କୁମାର ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସତ୍ୟନାରାୟଣ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଭାରତୀୟ ଜ୍ୟୋତିଷ ଶାସ୍ତ୍ରରେ ଗଣିତ ଜ୍ୟୋତିଷ ଓ ଫଳିତ ଜ୍ୟୋତିଷ ରୂପେ ଦୁଇ ଧାରା ରହିଛି।

ଗଣିତ ଜ୍ୟୋତିଷ ଅନୁଯାୟୀ ପୃଥିବୀର ଦୈନିକ ଓ ପରିକ୍ରମଣ ଗତି ଆଧାରରେ ସୂର୍ଯ୍ୟମାନ ଓ ଚନ୍ଦ୍ରମାନ ନିର୍ଣ୍ଣୟ




କରାଯାଇଛି, ଯାହାକୁ ସୌର ମାସ ଓ ଚାନ୍ଦ୍ର ମାସ କୁହାଯାଏ। ପୃଥିବୀକୁ ପରିକ୍ରମଣ କରିବା ପାଇଁ ସୂର୍ଯ୍ୟଙ୍କୁ ୩୬୫ ଦିନ ସମୟ ଲାଗେ। ଚନ୍ଦ୍ର ପୃଥିବୀକୁ ପରିକ୍ରମଣ କରିବା ପାଇଁ ୩୫୪ଦିନ ସମୟ ନିଏ। ଏହି ୧୧ଦିନ ବ୍ୟବଧାନ ଆଧାରରେ ଦୁଇ ବର୍ଷ ଆଠ ମାସରେ ଏକ ଅଧିମାସ ପଡିଥାଏ, ଯାହାକୁ ତ୍ରୟୋଦଶ ବା ପୁରୁଷୋତ୍ତମ ମାସ କୁହାଯାଏ। ଏହି ମାସରେ ମଳ ନାରାୟଣଙ୍କୁ ପୂଜା କରାଯାଏ ବୋଲି ସେ କହିଥିଲେ।

ଆଲୋଚନାଚକ୍ରର ଆଭିମୁଖ୍ୟ ବର୍ଣ୍ଣନା କରି ଐତିହାସିକ ମଦନ ମୋହନ ମହାପାତ୍ର କହିଲେ, ଖ୍ରୀଷ୍ଟାବ୍ଦ ୭୮୮ରୁ ୮୨୦ ମଧ୍ୟରେ ଜଗଦଗୁରୁ ଶ୍ରୀମଦ ଶଙ୍କରାଚାର୍ଯ୍ୟ ବୌଦ୍ଧ ଧର୍ମକୁ ଦମନ କରିଥିଲେ ଏବଂ ଏହି ମଳ ନାରାୟଣଙ୍କ ମୂର୍ତ୍ତିରେ ଦଶ ଅବତାର ଚିତ୍ରରେ ଯୋଗାସନ ବୁଦ୍ଧଙ୍କୁ ସ୍ଥାନିତ କରାଯାଇଛି। ବିଶିଷ୍ଟ ଅତିଥି ଭାବେ ବରିଷ୍ଠ ସେବାୟତ ଭଗବାନ ସୁଆର, ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ହରପ୍ରିୟା ଦାଶ, ଟ୍ରଷ୍ଟର ବରିଷ୍ଠ ସଦସ୍ୟା ପ୍ରତିଭା ତ୍ରିପାଠୀ ଓ ଟ୍ରଷ୍ଟର ସାଧାରଣ ସମ୍ପାଦକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ପ୍ରମୁଖ ମଂଚାସୀନ ଥିଲେ। ଏହି ଅବସରରେ ଟ୍ରଷ୍ଟର ମୁଖପତ୍ର ଶ୍ରୀ ପୁରୁଷୋତ୍ତମ ମାସ ମାହାତ୍ମ୍ୟ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା।

ଆୟୋଜିତ ଆଲୋଚନାଚକ୍ରରେ ପଣ୍ଡିତ ସଦାଶିବ ମିଶ୍ର, ଡ. ପ୍ରମୋଦ କୁମାର ଦଳାଇ, ପଣ୍ଡିତ ଦୟାନିଧି ତ୍ରିପାଠୀ, ଡ. କାର୍ତ୍ତିକ କୁମାର ଦାସ, ପ୍ରଫେସର ରବିଶଙ୍କର ମିଶ୍ର, ସୁରେଶ ପଟ୍ଟନାୟକ, ଅନନ୍ତ ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ନୃସିଂହ ଚରଣ ମହାନ୍ତି, ପୂଜା ପ୍ରଧାନ ଓ ସନ୍ଦୀପ କର୍ମକାର। ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଅଧିବକ୍ତା ସର୍ବାଣୀ ଦାସ।

# ଭୁବନେଶ୍ୱର ସିଟି



# ପୁଲିସ ପଞ୍ଝାରେ ୩ ଜଣିଆ ବାଇକ୍ ଲୁଟେରା

ଭୁବନେଶ୍ୱର, ୨୩।୫(ସମିସ)





ସହରର ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନରେ ବୁଲିବୁଲି ବାଇକ ଚୋରି କରୁଥିବା ଏକ ଲୁଟେରା ଗ୍ୟାଙ୍ଗର ୩ ଜଣିଆ ସଦସ୍ୟଙ୍କୁ ପୁଲିସ ଗିରଫ କରିବାରେ ସଫଳ ହୋଇଛି। ଗିରଫ ଅଭିଯୁକ୍ତମାନଙ୍କ ଠାରୁ ପୁଲିସ ୧୫ଟି ବାଇକ ସହ ୧୦ଟି ନକଲି ଚାବି, ୭ଟି ନକଲି ସ୍ମାର୍ଟ କାର୍ଡ, ୩ଟି ନକଲି ଆରସିକୁ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପେସାଦାର ବାଇକ ଲୁଟେରା ନୟାଗଡ଼ ଶରଣକୁଳର ଆକାଶ ପ୍ରଧାନ ଓରଫ ସୋନୁ (୩୩), ପୁରୀ ବହ୍ମଗିରିର ରନଳକାର ସାହୁ ଓରଫ ରତନା (୪୧) ଓ ଗ୍ୟାରେଜ ମାଲିକ ବୁଦ୍ଧିବାମନ ସାହୁ (୨୮)। ଏନେଇ ଭୁବନେଶ୍ୱର ଡିସିପି ଜଗମୋହନ ମୀନା ନୂଆପଲ୍ଲୀ ଥାନା ପରିସରରେ ଶନିବାର ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗିରଫ ଆକାଶ ନାମରେ ରାଜଧାନୀର ବିଭିନ୍ନ ଥାନାରେ ୩୦ଟି ବାଇକ ଚୋରି ମାମଲା ରହିଥିବା ବେଳେ ରତନା ଓ ବୁଦ୍ଧିବାମନ ନାମରେ ୩ଟି ଲେଖାଏଁ ମାମଲା ରହିଥିବା ଜଣାପଡ଼ିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଗିରଫ ସୋନୁ ଓ ରତନା ପଟିଆ ଅଞ୍ଚଳରେ ଭଡ଼ାରେ ରହୁଥିବା ବେଳେ ଦିନ ସମୟରେ ରାଜଧାନୀର ବିଭିନ୍ନ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ବୁଲି ସୁବିଧା ସୁଯୋଗ ଦେଖି ନକଲି ବାଇକ ଚାବି ସହାୟତାରେ ଗାଡ଼ି ଚୋରି କରି ନେଇଥାନ୍ତି। ପରବର୍ତ୍ତୀ ସମୟରେ ଚୋରା ଗାଡ଼ିଗୁଡ଼ିକୁ ସେମାନେ ବହ୍ମଗିରି ଅଞ୍ଚଳରେ ଗ୍ୟାରେଜ କରିଥିବା ବୁଦ୍ଧିବାମନ ଦୋକାନରେ ପହଞ୍ଚାବା ପରେ ଏହାର ଇଞ୍ଜିନ ନମ୍ବର ଓ ଚେଚିସ ନମ୍ବରକୁ ପରିବର୍ତ୍ତନ କରାଯାଇଥାଏ। ପରେ ଉକ୍ତ ଗାଡ଼ି ଗୁଡ଼ିକୁ ଅଭିଯୁକ୍ତମାନେ ସେମାନଙ୍କ ସହଯୋଗୀମାନଙ୍କୁ ଶାଗମାଛ ଦାମ୍‌ରେ ବିକ୍ରି କରିଥାନ୍ତି। ଗତ ୨୦ ତାରିଖ ଦିନ ନୟାପଲ୍ଲୀ ଥାନାରେ ଏକ ବାଇକ ଚୋରି ମାମଲା ଅଭିଯୋଗ ହେବା ପରେ ଥାନାଧିକାରୀଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ପୁଲିସ ସଫଳ ହୋଇଛି। ଏହି ମାମଲାରେ ଚୋରା ବାଇକ କିଣିଥିବା ଅଭିଯୁକ୍ତମାନଙ୍କୁ ଗିରଫ କରିବା ଲାଗି ପୁଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଥିବା ଡିସିପି ସୂଚନା ଦେଇଛନ୍ତି।

■ ୧୫ ବାଇକ ଜବତ, ନକଲି ଆର୍‌ସି ଜବତ
■ ଗ୍ୟାରେଜ୍‌ରେ ବଦଳୁଥିଲା ଚେଚିସ୍ ନମ୍ବର

## ରାଜଧାନୀରୁ ଅପହରଣ; ବ୍ରହ୍ମପୁରରୁ ଉଦ୍ଧାର

ଭୁବନେଶ୍ୱର, ୨୩।୫ (ସମିସ): ରାଜଧାନୀରୁ ଅପହରଣ ହୋଇଥିବା ନାବାଳିକାକୁ ବ୍ରହ୍ମପୁରରୁ ଉଦ୍ଧାର କରିଛି ଖଣ୍ଡଗିରି ଥାନା ପୁଲିସ। ନାବାଳିକାକୁ ଅପହରଣ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛି ଡୁମୁଡୁମା ସୁବାଷ ନଗର ବସ୍ତିର ବାଦଲ ବେହେରା (୧୯)।

ପୁଲିସ ସୂଚନା ମୁତାବକ, ସୁବାସ ନଗରର ବାଦଲ ଓ ଡୁମୁଡୁମା ଅଞ୍ଚଳର ଜଣେ ନାବାଳିକା ସହ ସମ୍ପର୍କ ରହିଥିଲା। ଦୁଇ ଦିନ ପୂର୍ବେ ହଠାତ୍ ନାବାଳିକା ଜଣକ ଘରୁ କେଉଁଆଡ଼େ ଚାଲି ଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କର କୌଣସି ପତ୍ତା ପାଇନଥିଲେ। ଶେଷରେ ପରିବାର ପକ୍ଷରୁ ଖଣ୍ଡଗିରି ଥାନାରେ ଏତଲା ଦିଆଯିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ବୈଷୟିକ ବିଶ୍ଲେଷଣ ଓ ସୂତ୍ରରୁ ମିଳିଥିବା ଖବର ଅନୁସାରେ ବାଦଲ ହିଁ ନାବାଳିକାକୁ ଅପହରଣ କରି ନେଇଥିବା ପୁଲିସ ଜାଣିବାକୁ ପାଇଥିଲା। ଏହାପରେ ଖଣ୍ଡଗିରି ଥାନାର ସ୍ୱତନ୍ତ୍ର ଟିମ୍ ବ୍ରହ୍ମପୁରରେ ଚଢ଼ଉ କରି ନାବାଳିକାକୁ ଉଦ୍ଧାର କରିବା ସହ ବାଦଲକୁ ଗିରଫ କରିଥିଲା। ନାବାଳିକାର ବୟାନ ରେକର୍ଡ କରିବା ପରେ ବାଦଲକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ।

## ପତ୍ନୀଙ୍କୁ ପନିକି ଚୋଟ; ସ୍ୱାମୀ ଗିରଫ



ଭୁବନେଶ୍ୱର, ୨୩।୫ (ସମିସ): ପତ୍ନୀଙ୍କୁ ପନିକିରେ ଆକ୍ରମଣ କରିଥିବା ଅଭିଯୋଗରେ ସ୍ୱାମୀଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଖଣ୍ଡୁଆଳ ବସ୍ତିର କାଳୁ ସାହୁ (୩୪)।

ପୁଲିସ ସୂଚନା ଅନୁଯାୟୀ, ସ୍ୱର୍ଣ୍ଣଲତା ସାହୁ ତାଙ୍କ ସ୍ୱାମୀ କାଳୁ ସହିତ ଭରତପୁର ଥାନା ଅନ୍ତର୍ଗତ ଖଣ୍ଡୁଆଳ ବସ୍ତିରେ ରହୁଛି। କାଳୁ କୌଣସି ରୋଜଗାର ପନ୍ଥା ନଥିବା ବେଳେ ସେ ପ୍ରାୟ ନିଶାସକ୍ତ ଅବସ୍ଥାରେ ପତ୍ନୀଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଦେବା ସହ ମାଡ ମାରନ୍ତି। ଗତ ବୁଧବାର ସକାଳେ କାଳୁ କାମକୁ ଯାଉଥିବା ବେଳେ ଅଧା ରାସ୍ତାରୁ ଫେରି ଆସିଥିଲା। ସାଙ୍ଗରେ ଆଣିଥିବା ଚିଙ୍ଗୁଡ଼ିକୁ ତରକାରୀ କରିବା ଲାଗି କହି ଘରୁ ପୁଣି ବାହାରି ଯାଇଥିଲା। କିଛି ସମୟ ପରେ ନିଶାସକ୍ତ ଅବସ୍ଥାରେ ଘରକୁ ଫେରି ସ୍ୱର୍ଣ୍ଣଲତାଙ୍କୁ ଚିଙ୍ଗୁଡି ତରକାରୀ ମାଗିଥିଲ। ତରକାରୀ ପାଇଁ କିଛି ସମୟ ଅପେକ୍ଷା କରିବା ଲାଗି ସ୍ୱର୍ଣ୍ଣଲତା କହିବାରୁ କାଳୁ ତାଙ୍କ ସହିତ ଯୁକ୍ତିତର୍କ କରିଥିଲା। ଏଥିସହିତ ରନ୍ଧା ହୋଇ ସାରିଥିବା ଅଣ୍ଡାଫ୍ରାଏ ସାଙ୍ଗରେ ନେଇ ସାଙ୍ଗମାନଙ୍କ ସହ ମଦ୍ୟପାନ କରିବାକୁ ବାହାରିଥିଲ। ଏହା ଦେଖି ସ୍ୱର୍ଣ୍ଣଲତା ବିରୋଧ କରିବାରୁ କାଳୁ ପନିକିରେ ତାଙ୍କୁ ଆକ୍ରମଣ କରିଥିଲା। ଏଥିସହିତ ଡଙ୍କିରେ ତାଙ୍କୁ ପିଟିଥିଲା। ସ୍ୱର୍ଣ୍ଣଲତା ବହୁ କଷ୍ଟରେ ଆକ୍ରମଣରୁ ନିଜକୁ ବଞ୍ଚାଇ ନେଇ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ଆସି ସ୍ୱର୍ଣ୍ଣଲତାଙ୍କୁ କାଳୁ କବଳରୁ ଉଦ୍ଧାର କରି ଚିକିତ୍ସା ଲାଗି ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ପରେ ସ୍ୱର୍ଣ୍ଣଲତା ଭରତପୁର ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି କାଳୁକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଯୁବତୀଙ୍କ ଗାଧୁଆ ବେଳ ଫଟୋ ଉଠାଇ ଶ୍ରମିକ ଗିରଫ

ଭୁବନେଶ୍ୱର, ୨୩।୫ (ସମିସ): ଜଣେ ଯୁବତୀଙ୍କ ଗାଧୋଇବା ବେଳେ ଫଟୋ ଉଠାଇ ଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଚନ୍ଦ୍ରଶେଖରପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ଥାନା ଅଞ୍ଚଳର ଲକ୍ଷ୍ମଣ ପ୍ରଧାନ (୩୦)।

ପୁଲିସ ସୂଚନାନୁସାରେ, ଲକ୍ଷ୍ମଣ ଓ ରାଜେଶ ପାତ୍ର ମିଶି ଡମଣା ଅଞ୍ଚଳରେ ଶ୍ରମିକ ଭାବେ କାମ କରୁଛନ୍ତି। ଗତକାଲି ପୂର୍ବାହ୍ଣରେ ଦୁଇ ଜଣକ ଯାକ କାମ କରୁଥିବା ବେଳେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବତୀ ଗାଧୋଉଥିଲେ। ସେହି ସମୟରେ ଲକ୍ଷ୍ମଣ ଓ ରାଜେଶ ତାଙ୍କ ବିନା ଅନୁମତିରେ ଫଟୋ ଉଠାଇ ନେଇଥିଲେ। ସେହି ଫଟୋକୁ ସମ୍ପୃକ୍ତ ଯୁବତୀଙ୍କୁ ଦେଖାଇ କାହାରିକୁ କିଛି ନ କହିବାକୁ ଧମକାଇଥିଲେ। ଏଥିସହିତ ଘଟଣା ବିଷୟରେ ଜଣାଇଲେ ଫଟୋଗୁଡ଼ିକ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିଦେବେ ବୋଲି ଧମକ ଦେଇଥିଲେ। ଏନେଇ ଯୁବତୀଙ୍କ ଭାଇ ଚନ୍ଦ୍ରଶେଖରପୁର ଥାନାରେ ଏତଲା ଦେବାପରେ ପୁଲିସ ଲକ୍ଷ୍ମଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

● ନକଲି ଏନ୍‌ଆଇଏ ଅଧିକାରୀର ପେଡ଼ି ଖୋଲୁଛି

## ଅର୍ଥ କାରବାରକୁ ନେଇ ଖୋଳତାଡ଼, ସିଡ଼ିଆର୍ ଖୋଲିବ ରହସ୍ୟ

ଭୁବନେଶ୍ୱର, ୨୩।୫(ସମିସ): ଭୁବନେଶ୍ୱରରେ ନକଲି ଏନ୍‌ଆଇଏ ଅଧିକାରୀ ଗିରଫ ହେବା ଘଟଣାକୁ ନେଇ ଚାରିଆଡେ ଚର୍ଚ୍ଚା ଲାଗି ରହିଛି। ଜାତୀୟ ତଦନ୍ତ ସଂସ୍ଥାର ବରିଷ୍ଠ ଅଧିକାରୀ ପରିଚୟରେ ଠକୁଥିବା ଅଭିଯୁକ୍ତ ଆଶିଷ ରେଡ୍ଡୀର କଳା କାରନାମାର ପେଡ଼ି ଖୋଲିବାରେ ଲାଗିଛି। ତଦନ୍ତ ଆଗଉଥିବା ବେଳେ ତାକୁ ନେଇ ରହସ୍ୟ ବଢ଼ିବାରେ ଲାଗିଛି। ଆଶିଷ ଦୁଇ ବର୍ଷ ହେବ ନକଲି ଏନ୍‌ଆଇଏ ଅଧିକାରୀ ପରିଚୟ ଦେଇ କାଣ୍ଡ କରୁଥିଲା ବୋଲି ପୁଲିସ ତଦନ୍ତରୁ ଜଣାପଡ଼ିଛି। ଏହି ୨ ବର୍ଷରେ ଆଶିଷ ଅନେକ ଲୋକଙ୍କୁ ଠକିବା ନେଇ ପୁଲିସ ସନ୍ଦେହ କରୁଛି। ପୁଲିସ ତାଅର୍ଥ କାରବାରକୁ ନେଇ ଖୋଳତାଡ କରୁଛି। ଏଥିସହ ଆଶିଷକୁ ରିମାଣ୍ଡରେ ଆଣି ଅଧିକ ତଥ୍ୟ ହାସଲ କରିବାକୁ କମିସନରେଟ ପୁଲିସ ଯୋଜନା କରିଛି।

**ପରିଚୟକୁ ନେଇ ସନ୍ଦେହରେ ପୁଲିସ**

ଅନ୍ୟପକ୍ଷରେ ଅଭିଯୁକ୍ତ ଆଶିଷ ରେଡ୍ଡିର ପରିଚୟକୁ ସନ୍ଦେହ ସୃଷ୍ଟି ହୋଇଛି। ଖାରବେଳନଗର ଥାନା ପୁଲିସ ଏନେଇ ଦ୍ୱନ୍ଦରେ ପଡ଼ିଛି। ପୁଲିସ ଠାରୁ ମିଳିଥିବା ସୂଚନା ଅନୁଯାୟୀ, ଆଶିଷର ଘର ଦିଲ୍ଲୀ ନୁହେଁ ବ୍ରହ୍ମପୁର ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଦିଲ୍ଲୀ ଠିକଣା ମିଛ ବୋଲି ଜଣାପଡ଼ିଛି। ସେହିପରି ତା ପାଖରେ ଆନ୍ଧ୍ରପ୍ରଦେଶ ଓ ଚେନ୍ନାଇର ମଧ୍ୟ ପରିଚୟ ମିଳିଛି। ତେବେ ସେ ଭୁବନେଶ୍ୱର କିଛିଦିନ ହେବ ଆସିଥିଲା। ନନ୍ଦନବିହାର ଅଞ୍ଚଳରେ ଏକ ହୋଟେଲରେ ହେବ ରହୁଥିଲା ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି। ତେବେ ଆଶିଷର ପ୍ରକୃତ ପରିଚୟ କଣ, ତା ପରିବାରରେ ଆଉ କିଏ କିଏ ଅଛନ୍ତି ଏବଂ ସେମାନେ କେଉଁଠି ରହିଛନ୍ତି ତାହା ଜାଣିବା ପୁଲିସ ପାଇଁ ଚ୍ୟାଲେଞ୍ଜ ହୋଇଛି। ଆଶିଷ ଗଇଇ କରିଛି ବୋଲି ପୋଲିସକୁ କହିଛି। ହେଲେ ଶିକ୍ଷାଗତ ଯୋଗ୍ୟତାକୁ ନେଇ ମଧ୍ୟ ସେ ମିଛ କହୁଥିବା ପୁଲିସ ସନ୍ଦେହ କରୁଛି। ତେଣୁ ଆଶିଷ କାହା ସହ ନିୟମିତ କଥା ହେଉଥିଲା ତାହା ଜାଣିବାକୁ ପୁଲିସ କଲ୍ ଡିଟେଲ୍ସ ରିପୋର୍ଟ ମଗାଇଛି।

## ବେଆଇନ ବାଲି ଚାଲାଣ; ଦୁଇ ଗିରଫ



ହଂସପାଳ, ୨୩।୫(ସମିସ): ବେଆଇନ ବାଲି ଚାଲାଣ ଅଭିଯୋଗରେ ପାହାଳ ଥାନା ପୁଲିସ ବାଲିପାଟଣା ଥାନା ବୋଦୋଖଣ୍ଡି ଗ୍ରାମର ଅଶୋକ କୁମାର ନାୟକ( ୩୪), ବାଙ୍କୀ ଥାନା ସୁଳିଆପଡ଼ାର ଟିକନ ପିରୋଇ( ୩୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନା ଅନୁସାରେ ପାହାଳ ଥାନା ଅଧିକାରୀ ଅଶ୍ୱିନୀ ଜେନାଙ୍କ ନିର୍ଦ୍ଦେଶ ଅନୁଯାୟୀ ସମ୍ପୃକ୍ତ ଥାନାର ଦୁଇଟି ସ୍ୱତନ୍ତ୍ର ପୁଲିସ ଦଳ ଶୁକ୍ରବାର ରାତିରେ ହଂସପାଳ ଛକ ନିକଟରେ ରାତ୍ରିକାଳୀନ ନାକା ଡ୍ୟୁଟି ସମ୍ପାଦନ କରୁଥିବା ବେଳେ, ରାତ୍ରି ପ୍ରାୟ ୨.୨୦ ସମୟରେ ବଙ୍ଗୁଆରୀ ଗ୍ରାମ ପାର୍ଶ୍ୱରୁ ହଂସପାଳ ଛକ ଅଭିମୁଖେ ଦୁଇଟି ହାଇୱା ଟ୍ରକ୍ ଦ୍ରୁତଗତିରେ ଅସୁଥିବାର ଦେଖିବାକୁ ପାଇଥିଲେ। ପରେ ପୁଲିସ ଟିମ ସମ୍ପୃକ୍ତ ଟ୍ରକ ଦୁଇଟିକୁ ଅଟକ ରଖିବା ସହ ଛାନଭିନ କରିଥିଲେ। ଯାଞ୍ଚ ସମୟରେ ଉକ୍ତ ଟ୍ରକରେ କୌଣସି ବୈଧ ପ୍ରମାଣପତ୍ର କିମ୍ବା କାଗଜପତ୍ର ବିନା ବେଆଇନ ଭାବେ ବାଲି/ମାଟି ଚାଲାଣ ହେଉଥିବା ଜଣାପଡ଼ିଥିଲା। ଅଧିକ ପଚରାଉଚରା କରିବାରୁ, ଟ୍ରକ ଦୁଇଟିର ମାଲିକ ବାସୁଦେବ ସା ଏବଂ ଗୋବିନ୍ଦ ଚନ୍ଦ୍ର ମହାନ୍ତିଙ୍କ ନିର୍ଦ୍ଦେଶ ମୁତାବକ ଉଭୟ ବେଆଇନ ଭାବେ ବାଲି/ମାଟି ଚୋରା ଚାଲାଣ କରୁଥିବା କଥା ସ୍ୱୀକାର କରିଥିଲେ। ପୁଲିସ ଘଟଣା ସ୍ଥଳରୁ ହାଇୱା ଟ୍ରକ ଦୁଇଟିକୁ ଜବତ କରିବା ସହ ଦୁଇ ହାଇୱା ଚାଳକଙ୍କୁ ଗିରଫ କରିଥିଲେ। ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଜାରି ରହିଛି।

## ଲୁଟିନେଲେ ୬ ଭରି ସୁନା ୫ ଲକ୍ଷ ଟଙ୍କା

ବାଲିପାଟଣା, ୨୩।୫(ସମିସ): ବାଲିପାଟଣା ଅଞ୍ଚଳରେ ଜଣଙ୍କ ଘରେ କଳାକନା ବୁଲାଇ ଦେଇଛନ୍ତି ଲୁଟେରା। ଶୁକ୍ରବାର ରାତିରେ ବାଲିପାଟଣା ଥାନା ଅଠାନ୍ତର ମେଡିକାଲ ଛକ ଅଞ୍ଚଳରେ ଏକ ଘରେ କେହି ନଥିବାର ସୁଯୋଗରେ ୭ ଭରି ଓଜନର ସୁନା ଓ ଦେଢ଼ ଲକ୍ଷ ନଗଦ ଟଙ୍କା ଲୁଟି ନେଇଛନ୍ତି ଦୁର୍ବୃତ୍ତ। ଖବର ନେବାରୁ ଜଣାପଡ଼ିଛି, ମେଡିକାଲ ଛକରେ ବସନ୍ତଡିହ ଗାଁର ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଘର କିଣି କିଛି ବର୍ଷ ହେଲା ପରିବାର ସହ ରହୁଛନ୍ତି। ଗତକାଲି ସନ୍ଧ୍ୟାରେ ସେ ଯାତ୍ରା ଦେଖିବାକୁ ପରିବାର ସହ ଯାଇଥିଲେ। ଭୋରରୁ ଘରକୁ ଫେରିବାପରେ ଘର ଭିତରର ସବୁ ରୁମରେ ଚୋର ପଶି ଭଙ୍ଗାରୁଜା କରିବାସହ ଲୁଟପାଟ କରିଥିବା ଦେଖିଥିଲେ। ଆଲମିରା ଭାଙ୍ଗି ଦୁର୍ବୃତ୍ତମାନେ ୭ ଭରିରୁ ଅଧିକ ସୁନା ଅଳଙ୍କାର ଏବଂ ନଗଦ ଦେଢ଼ ଲକ୍ଷ ଟଙ୍କା କ୍ୟାସ ଲୁଟି ନେଇଥିବା ଅଭିଯୋଗ ହୋଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ପ୍ରକାଶ ଥାଉ କି ଭୁବନେଶ୍ୱର କମିସନରେଟ ପୁଲିସ ଅଧୀନ ବାଲିପାଟଣା ଥାନା ଏବଂ ବନମାଳୀପୁର ଫାଣ୍ଡି ଅଞ୍ଚଳରେ ଦିନକୁ ଦିନ ଚୋରି ଅଭିଯୋଗ ବଢ଼ିବାରେ ଲାଗିଛି।

## ରାଜଧାନୀରେ ପୁଣି ଥର୍ ଆତଙ୍କ

ଭୁବନେଶ୍ୱର, ୨୩।୫(ସମିସ): ରାଜଧାନୀ ପୁଣି ଥର୍ ଗାଡ଼ିର ଆତଙ୍କ। ଭୁବନେଶ୍ୱରର ନୟାପଲ୍ଲୀ ଅଞ୍ଚଳରେ ଶନିବାର ଅପରାହ୍ଣରେ ଏକ ଭୟଙ୍କର ଦୁର୍ଘଟଣା ଘଟିଛି। ଜଣେ ନିଶାସକ୍ତ ଚାଳକ ମହିନ୍ଦ୍ରା ଥର୍ ଗାଡ଼ି ନେଇ ଗ୍ୟାରେଜ ଭିତରକୁ ପସି ଯାଇଥିବାରୁ ୩ଜଣ ଗୁରୁତର ହୋଇଛନ୍ତି। ଏଥିରେ ଜଣେ ଶିଶୁ, ଗ୍ୟାରେଜ ମାଲିକ ଏବଂ ଜଣେ ଗ୍ରାହକ ରହିଛନ୍ତି। ଶିଶୁର ନାମ ଦିନେଶ ହୋଇଥିଲା ବେଳେ ଗ୍ୟାରେଜ ମାଲିକ ସୁମନ୍ତ, ଗ୍ରାହକ ନାମ ସମୀର ବୋଲି ଜଣାପଡ଼ିଛି। ପୁଲିସ ସ୍ୱାଧୀନ କୁମାର ଦେହୁରୀ ନାମକ ଚାଳକଙ୍କୁ ଅଟକ ରଖିଛି।



ଗ୍ୟାରେଜ ଭିତରକୁ ମାଡ଼ି ଗଲା, ୩ ଗୁରୁତର

ସୂଚନା ଅନୁଯାୟୀ, ଥର୍ ଗାଡ଼ିଟି ଅତି ଦୃତ ବେଗରେ ଆସି ନୟାପଲ୍ଲୀ ଅଞ୍ଚଳରେ ଥିବା ଏକ ଗ୍ୟାରେଜ ଭିତରକୁ ମାଡ଼ିଯାଇଥିଲା। ଗାଡ଼ି ଚାଳକ ନିଶାଶକ୍ତ ଅବସ୍ଥାରେ ଥିବାରୁ ନିୟନ୍ତ୍ରଣ ହରାଇ ଥିଲେ ବୋଲି ଅଭିଯୋଗ ହୋଇଛି। ଆହତ ମାନଙ୍କୁ ତୁରନ୍ତ ନିକଟସ୍ଥ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି। ତାର ଅବସ୍ଥା ଗୁରୁତର ଥିବାବେଳେ ଗ୍ୟାରେଜ ମାଲିକ ମଧ୍ୟ ଆହତ ହୋଇ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ନିଶାସକ୍ତ ଚାଳକକୁ ପୁଲିସ ଅଟକ ରଖିଥିବାବେଳେ ଗାଡ଼ିଟି ଏତେ ଜୋରରେ ଗ୍ୟାରେଜ ଭିତରକୁ ପଶିଥିଲା ଯେ ଗ୍ୟାରେଜର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି। ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ଉତ୍ତେଜନା ପ୍ରକାଶ ପାଇଥିଲା। ରାଜଧାନୀରେ ଏପରି ନିଶାସକ୍ତ ଗାଡ଼ି ଚାଳନା ଯୋଗୁଁ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ସାଧାରଣ ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି।

## ଜମି ଯୋଗାଇଦେବା ଆଳରେ ଠକେଇ; ଜଣେ ଗିରଫ

ଯାଁଳା, ୨୩।୫(ସମିସ): ଜମି ଯୋଗାଇଦେବା ଆଳରେ ଠକିଥିବା ଅଭିଯୋଗରେ ଇନଫୋଭ୍ୟାଲି ଥାନା ପୁଲିସ ଜଣେ ଠକ ଦଲାଲକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲା ମଙ୍ଗଳେଶ୍ୱର ଥାନା ଗାଡକଣ ଶକ୍ତି ବିହାର ବସ୍ତିରେ ରହୁଥିବା ଖୋର୍ଦ୍ଧା ଜିଲା ଜଙ୍କିଆ ଅଞ୍ଚଳର ରତି ରଞ୍ଜନ ରଥ। ପୁଲିସ ସୂଚନା ଅନୁସାରେ ଅଭିଯୋଗକାରିଣୀ ଜସ୍ମିନ ପଣ୍ଡା ନୟାଗଡ଼ ଜିଲ୍ଲା ଫତେଗଡ଼ ନିବାସୀ। ଅଭିଯୁକ୍ତ ରତିରଞ୍ଜନ ତାଙ୍କୁ ଇନଫୋଭ୍ୟାଲି ଥାନା ଅଞ୍ଚଳରେ ଏକ ପ୍ଲଟ୍ କିଣିବାକୁ ପ୍ରବର୍ତ୍ତାଇଥିଲେ ଏବଂ ଏପ୍ରିଲ ୨୦୨୫ ରେ ଜଟଣୀ ତହସିଲ ଅନ୍ତର୍ଗତ ଯାଁଳା ମୌଜାରେ ଥିବା ଏକ ପ୍ଲଟ୍ ତାଙ୍କୁ ଦେଖାଇଥିଲେ। ଅଭିଯୁକ୍ତଙ୍କୁ ବିଶ୍ୱାସ କରି, ସେ ଜମି ବୁକିଂ ପାଇଁ ୟୁପିଆଇ ମାଧ୍ୟମରେ ୩୩ ହଜାର ଟଙ୍କା ଅଗ୍ରୀମ ରାଶି ଦେଇଥିଲେ। ଜସ୍ମିନ ଜମିର କାଗଜପତ୍ର ଯାଞ୍ଚ ସମୟରେ, ସେ ଜାଣିପାରିଲେ ଯେ ଜମି ସମ୍ପର୍କିତ ଅନେକ ଆବଶ୍ୟକୀୟ ଏବଂ ବୈଧ କାଗଜପତ୍ର ଉପଲବ୍ଧ ନାହିଁ। ଅଭିଯୁକ୍ତ ସଠିକ୍ କାଗଜପତ୍ର ତାଙ୍କୁ ପ୍ରଦାନ କରିବାରେ ବିଫଳ ହୋଇଛନ୍ତି। ଯେତେବେଳେ ସେ ଅଗ୍ରୀମ ରାଶି ଫେରସ୍ତ ପାଇଁ ଦାବି କରିବାରୁ, ଅଭିଯୁକ୍ତ ରତି ରଞ୍ଜନ ଟଙ୍କା ଫେରାଇବାଲାଗି ବାରମ୍ବାର ପ୍ରତିଶ୍ରୁତି ଦେଇଚାଲି ଥିଲେ ମଧ୍ୟ ଟଙ୍କା ଫେରସ୍ତ କରିବାରେ ବିଫଳ ହୋଇଥିଲେ। ତେଣୁ ଠକେଇର ଶିକାର ହେବା ଜାଣି ଇନଫୋଭ୍ୟାଲି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୁଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରିଛି।

**ଗ୍ରୀଷ୍ମରେ ଘାଇଲା ନନ୍ଦନକାନନ ଜୀବଜନ୍ତୁ**

# ହାତୀଙ୍କ ପାଇଁ କୁହୁଡ଼ି ବର୍ଷା, ଭାଲୁଙ୍କ ପାଇଁ ବରଫ







**ସାପ, ଏଣ୍ଡୁଅଙ୍କୁ ଥଣ୍ଡା ବାଷ୍ପ, ବାଘଙ୍କ ପାଇଁ ଥଣ୍ଡା କୁଣ୍ଡ**

ନନ୍ଦନକାନନ, ୨୩।୫(ସମିସ)

ଚଳିତବର୍ଷ ଗ୍ରୀଷ୍ମ ପ୍ରବାହ ସାରା ରାଜ୍ୟକୁ ଅସ୍ତବ୍ୟସ୍ତ କରିଥିବା ବେଳେ ମଣିଷ ମାନଙ୍କଠାରୁ ଲଗେଇ ଜୀବଜନ୍ତୁମାନେ ଟିକେ ଶୀତଳତା ପାଇବା ପାଇଁ ନାନା ଯୋଗାଡ଼ରେ ରହୁଛନ୍ତି। ପ୍ରବାହମାନ ଗରମ ହୁଳାରୁ ରକ୍ଷା ପାଇବା ପାଇଁ ଖାଦ୍ୟପେୟଠୁ ଲଗେଇ ବାସସ୍ଥାନ, ପରିଧାନ ପର୍ଯ୍ୟନ୍ତ ଥଣ୍ଡା ଥଣ୍ଡା ଲାଗିବା ପାଇଁ ବ୍ୟବସ୍ଥା କରୁଛନ୍ତି। ହାତୀଙ୍କ ପାଇଁ କୁହୁଡି ବର୍ଷା କରାଯାଉଥିବା ବେଳେ ଭାଲୁଙ୍କୁ ବରଫ ଖଣ୍ଡ ଓ ବାଘଙ୍କୁ ଥଣ୍ଡା ଜଳାଶୟ ଯୋଗାଇ ଦିଆଯାଉଛି। ତେବେ ନନ୍ଦନକାନନରେ ରହୁଥିବା ଜୀବଜନ୍ତୁ ଓ ଆସୁଥିବା ପର୍ଯ୍ୟଟକ ପାଇଁ ନନ୍ଦନକାନନ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ବ୍ୟବସ୍ଥିତ କରିଛନ୍ତି। ୧୭ ୯ ପ୍ରଜାତିର ୪୦୦୦ରୁ ଅଧିକ ପ୍ରାଣୀ ଏଠାରେ ବାସ କରନ୍ତି। ନନ୍ଦନକାନନ ପ୍ରଶାସକ, ଜୀବବିଜ୍ଞାନୀ, ପଶୁଚିକିତ୍ସା ବିଶେଷଜ୍ଞ, ଇଞ୍ଜିନିୟର ଏବଂ କ୍ଷେତ୍ର କର୍ମଚାରୀଙ୍କ ସହ ସମନ୍ୱିତ ବୈଠକ ମାଧ୍ୟମରେ ଜାନୁଆରୀ ମାସରୁ ଗ୍ରୀଷ୍ମ ସୁରକ୍ଷା ପ୍ରସ୍ତୁତି ଆରମ୍ଭ କରାଯାଇଛି। ଜୀବବିଜ୍ଞାନୀମାନେ ସମୃଦ୍ଧି ରଣନୀତି ପ୍ରସ୍ତୁତ କରନ୍ତି, ଯେତେବେଳେ ପଶୁଚିକିତ୍ସା ବିଶେଷଜ୍ଞମାନେ ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷଣ, ପୁଷ୍ଟିକର ସହାୟତା ଏବଂ ଜରୁରୀକାଳୀନ ପ୍ରସ୍ତୁତି ତଦାରଖ କରନ୍ତି।

ଥଣ୍ଡା ଘେରା, ଥଣ୍ଡା ଜଳାଶୟ, ଛାଇଯୁକ୍ତ ଚାଳ ଛପର, କୁହୁଡ଼ି କ୍ଷେତ୍ର, କାଦୁଆ କାନ୍ଥ ଭାବରେ ଆଶ୍ରୟସ୍ଥଳକୁ ଥଣ୍ଡା ରଖାଯାଇଥାଏ। ସିଂହ, ବାଘ ଏବଂ ଚିତାବାଘ ଭଳି ବଡ଼ ମାଂସାଶୀ ପ୍ରାଣୀଙ୍କ ପାଇଁ ଗଛ ଛାଇତଳେ ଥଣ୍ଡା ପାଣି ଜଳାଶୟ ଯୋଗାଇ ଦିଆଯାଇଛି। ବରଫ ଖଣ୍ଡ ଏବଂ ଫ୍ରୋଜେନ୍ ମାଂସ ଦିଆଯାଉଛି। ମାଛରଙ୍କା ବିଲେଇ, ଜଙ୍ଗଲି ବିଲେଇ ଏବଂ କଲରାପତରିଆ ବାଘମାନଙ୍କୁ ବାଉଁଶ-ତାଟି ଛାୟା, ଷ୍ଟାଣ୍ଡ ଫ୍ୟାନ୍ ଦିଆଯାଇଛି। ଗଧିଆ, ଶୃଗାଳ, ହାଇନା ଏବଂ ଜଙ୍ଗଲୀ କୁକୁର ସମେତ କାନିଡ୍ ସମାନ ଶୀତଳ ପୁଲ, ସ୍ପ୍ରିଙ୍କଲର୍ ଏବଂ ଛାଇଯୁକ୍ତ ବିଶ୍ରାମ ସ୍ଥାନରୁ ଉପକୃତ ହୁଅନ୍ତି। ପାଙ୍ଗୋଲିନ୍ ଭଳି ଛୋଟ ସ୍ତନ୍ୟପାୟୀ ପ୍ରାଣୀମାନଙ୍କୁ ଆର୍ଦ୍ର ସବଷ୍ଟ୍ରେଟ୍, ଭିଜାଇ ପାତ୍ର ଏବଂ ଉନ୍ନତ ବାୟୁଚଳନ ସହିତ ଥଣ୍ଡା ଘେରାରେ ରଖାଯାଏ। ପୋର୍କୁପାଇନ୍, ମଙ୍ଗୁସ୍, ରେଟେଲ୍ ଏବଂ ମିରକାଟ୍ ମାନଙ୍କୁ ଛାଇଯୁକ୍ତ ବୁର୍ ଏବଂ ଥଣ୍ଡା ସବଷ୍ଟ୍ରେଟ୍ ଦିଆଯାଏ। ସିମ୍ପାଞ୍ଜି ଏବଂ ଅନ୍ୟାନ୍ୟ ବାନରମାନଙ୍କୁ ଏୟାର କୁଲର୍ ଲଗାଯାଇଛି। ସେମାନଙ୍କର ଗ୍ରୀଷ୍ମକାଳୀନ ଖାଦ୍ୟରେ କୋମଳ ନଡ଼ିଆ ପାଣି, ତରଭୁଜ, ଭଣ୍ଡା ଏବଂ ପଣସ ଆଦି ଦିଆଯାଉଛି। କାପୁଚିନ୍, ଟମରିନ୍, ମାରମୋସେଟ୍ ଏବଂ ଗିଲିକା ମାଙ୍କଡ଼ ଭଳି ଛୋଟ ପ୍ରାଇମେଟ୍ସମାନଙ୍କୁ ହାଇଡ୍ରେସନ୍ ସପ୍ଲିମେଣ୍ଟ ଏବଂ ଖାଦ୍ୟ ସମୃଦ୍ଧି ସହିତ ବାଉଁଶ-ତାଟିରେ ଛାୟାକରି ରଖାଯାଉଛି। ପରଦା, ଫଗର୍ ଏବଂ ନିୟମିତ ପାଣି ସିଞ୍ଚନ ମାଧ୍ୟମରେ ପକ୍ଷୀମାନଙ୍କୁ ବଫର୍ ହୋଇଥିବା ମାଇକ୍ରୋକ୍ଲାଇମେଟ୍‌ରେ ରୂପାନ୍ତରିତ କରାଯାଏ। ମାଟି ପାଣି ପାତ୍ର ପାନୀୟ ଜଳକୁ ଥଣ୍ଡା ରଖେ, ଯେତେବେଳେ ଇଲେକ୍ଟ୍ରୋଲାଇଟ୍ ସପ୍ଲିମେଣ୍ଟ ଡିହାଇଡ୍ରେସନ୍ ରୋକିଥାଏ। ଏମୁ ଏବଂ ଓଟପକ୍ଷୀ ଭଳି ଉଡ଼ିନଥିବା ପକ୍ଷୀମାନଙ୍କୁ ପ୍ରାରମ୍ଭିକ ମର୍ନିଂରେ ବାଥ୍ ଦିଆଯାଏ, ଯେତେବେଳେ ଗକୁଟ୍ ଭଳି ବଡ଼ ସ୍କାଭେଞ୍ଜରମାନଙ୍କୁ ନିରନ୍ତର ପାଣି ଉପଲବ୍ଧତା ଏବଂ ସ୍ପ୍ରିଙ୍କଲର ସହିତ ଛାଇରେ ରଖାଯାଏ। ସରୀସୃପମାନେ ଏକୋଥର୍ମିକ୍ ହୋଇଥିବାରୁ ବଞ୍ଚିବା ପାଇଁ ସମ୍ପୂର୍ଣ୍ଣ ପରିବେଶଗତ ପରିସ୍ଥିତି ଉପରେ ନିର୍ଭର କରନ୍ତି। ଏଠାରେ, ପରିଚାଳନା ଶୀତଳତାରୁ ସଠିକ୍ ତାପଜ ନିୟନ୍ତ୍ରଣକୁ ସ୍ଥାନାନ୍ତରିତ ହୁଏ। କୁମ୍ଭୀର ଏବଂ କଇଁଛ ବଡ଼ ବ୍ୟବହାର କରନ୍ତି ଜଳଭଣ୍ଡାର ଯାହା ପୂର୍ଣ୍ଣ ଏବଂ ତାପଜ ଭାବରେ ସ୍ଥିର ରଖାଯାଏ। ସାପ ଏବଂ ଏଣ୍ଡୁଅଙ୍କୁ ଖୁଆଡ଼ରେ ଛାଇ କରାଯାଇଛି ଓ ଥଣ୍ଡା ବାଷ୍ପ ସିଞ୍ଚନ କରାଯାଉଛି।

ପରିଦର୍ଶକଙ୍କ ପାଇଁ କଲ୍ୟାଣ ପାନୀୟ ଜଳ ପଏଣ୍ଟଗୁଡ଼ିକୁ ନିୟମିତ ଭାବରେ ଯାଞ୍ଚ କରାଯାଏ। ଅସ୍ଥାୟୀ ରହଣିସ୍ଥାନ ସହିତ ଛାଇଯୁକ୍ତ ଆଶ୍ରୟସ୍ଥଳ, ପାଣି ସିଞ୍ଚନ, ଜରୁରିକାଳୀନ ଭ୍ରାମ୍ୟମାଣ ସ୍କ୍ୱାଡ୍ ଏବଂ ପ୍ରାଥମିକ ଚିକିତ୍ସା ସୁବିଧା ଋତୁ ସାରା ସକ୍ରିୟ ରହିଥାଏ। ମୁଖ୍ୟ ଫାଟକଠାରେ ଏୟାରକଣ୍ଡିସନ୍ଡ ଗୃହ ବ୍ୟବସ୍ଥା କରାଯିବା ସହ ଗରମ ପ୍ରବାହ ପାଇଁ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା କରାଯାଇଛି।



# ଭୁବନେଶ୍ୱର ସିଟି

## ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତି

# ବଢୁଛି ଅନ୍‌ଲାଇନ୍ ପୁସ୍ତକର କ୍ରେଜ୍

ଭୁବନେଶ୍ୱର, ୨୩।୫(ସମିସ): ଯୁଗ ପରିବର୍ତ୍ତନ ହେଉଛି। ଟେକ୍ନୋଲୋଜି ସୁଦୃଢ଼ ହେଉଛି। ଏହାକୁ ତାଳ ଦେଇ ସବୁକିଛି ବଦଳିବାକୁ ଲାଗିଛି। ଏବେ ପିଲାଙ୍କ

- ଟେଲିଗ୍ରାମରେ ମିଳୁଛି ସ୍ୱତନ୍ତ୍ର ପିଡ଼ିଏଫ୍
- ଆପ୍‌ରେ ପାଉଛନ୍ତି ନୋଟିସ, ଲାଇଭ୍ କ୍ଲାସ୍ ଭିଡ଼ିଓ



ହାତରେ ଖାତା କଲମ କମ ଟ୍ୟାବ୍ ଓ ଲାପ୍‌ଟପ୍ ଅଧିକ ରହୁଛି। ଅଫ୍‌ଲାଇନ୍ ବହିର ସ୍ଥାନ ନେଇଛି ଅନ୍‌ଲାଇନ୍। ଅନଲାଇନ୍ ମାଧ୍ୟମରେ ପିଲାମାନେ ଘରେ ବସି ବିଭିନ୍ନ ପ୍ରକାରର ପ୍ରତିଯୋଗିତା ମୂଳକ ପରିକ୍ଷା ପାଇଁ ପ୍ରସ୍ତୁତ ହୋଇପାରୁଛନ୍ତି। ଏବେ ପିଲାଙ୍କୁ ଅଫ୍‌ଲାଇନ୍ ବହିର ବିଶେଷ ଦରକାର ହେଉ ନ ଥିବା ବେଳେ ପିଲା ଏବେ ଅନ୍‌ଲାଇନ୍ ଉପରେ ଅଧିକ ଫୋକସ୍ କରୁଛନ୍ତି। ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା, ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ପିଲାମାନେ ଅନ୍‌ଲାଇନ୍‌ରୁ ପ୍ରସ୍ତୁତ ହୋଇ ସଫଳତା ହାସଲ କରୁଛନ୍ତି। ଏବେ ଓଡ଼ିଶାରେ ଅନେକ ପରିକ୍ଷା ଫଳ ପ୍ରକାଶିତ ହୋଇଥିବା ବେଳେ ପିଲାମାନେ ଏବେ ସେଥିରେ କୃତିତ୍ୱ ହାସଲ କରିଛନ୍ତି। ଅନେକ କୃତି ଛାତ୍ରଛାତ୍ରୀ ୟୁଟ୍ୟୁବ୍, ଟେଲିଗ୍ରାମ ଭଳି ଆପ୍ ସମେତ ଅନେକ କୋଚିଂ ସେଣ୍ଟରର ଆପ୍‌ରୁ ପ୍ରସ୍ତୁତ କରି ସଫଳତା ପାଉଛନ୍ତି।

ରାଜଧାନୀରେ ଶହ ଶହ ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଛନ୍ତି। ଏଥିସହିତ ଅନେକ ଛାତ୍ରଛାତ୍ରୀ ଓଡ଼ିଶାର ବିଭିନ୍ନ ଜିଲ୍ଲାଗୁଡ଼ିକରୁ ଆସି ଏଠାରେ ରହି ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ କରୁଛନ୍ତି। ଏହି ଛାତ୍ରଛାତ୍ରୀମାନେ ଏବେ ଅଫ୍‌ଲାଇନ୍ ଅପେକ୍ଷା ଅନ୍‌ଲାଇନ୍ ବହି ଉପରେ ଅଧିକ ଗୁରୁତ୍ୱାରୋପ କରୁଛନ୍ତି। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ସହରର ବିଭିନ୍ନ ସରକାରୀ ଓ ବେସରକାରୀ ଲାଇବ୍ରେରୀରେ ଅଧ୍ୟୟନ କରିବା ସହିତ ବିଭିନ୍ନ କୋଚିଙ୍ଗ୍ ସେଣ୍ଟରର ଆପ୍‌ରୁ ଲାଇଭ କ୍ଲାସ ସହିତ ନିଜକୁ ପ୍ରସ୍ତୁତି କରୁଛନ୍ତି। ଏଥିସହିତ ୟୁଟ୍ୟୁବ୍‌ରେ ଅନ୍‌ଲାଇନ୍ କୋଚିଂ ସେଣ୍ଟର ଆପ୍‌ରୁ ଲାଇଭ୍ କ୍ଲାସ୍ ସହିତ ରେକର୍ଡ଼ିଂ କ୍ଲାସ ପର୍ଯ୍ୟନ୍ତ ସବୁକିଛି ମିଳିଯାଉଛି।

ଏନେଇ ମାଷ୍ଟର କ୍ୟାଣ୍ଟିନ୍‌ରେ ବହି ଦୋକାନ କରିଥିବା ଜଣେ ବହି ଦୋକାନୀ କୁହନ୍ତି ପୂର୍ବରୁ ଛାତ୍ରଛାତ୍ରୀମାନେ ଅଫ୍‌ଲାଇନ୍ ବହି ପାଇଁ ଅର୍ଡ଼ର ଦେଇକି ଯାଉଥିଲେ। ହେଲେ ଏବେ ଅନ୍‌ଲାଇନ୍‌ରେ ସବୁ ବହି ଉପଲବ୍ଧ ରହିଛି। ଏଥିସହିତ ଅନେକ କୋଚିଂ ସେଣ୍ଟରର ପିଡ଼ିଏଫ୍ ଉପରେ ନିର୍ଭରଶୀଳ ରହିଛନ୍ତି। ଯେଉଁଥିପାଇଁ ପ୍ରତିଯୋଗିତା ମୂଳକ ବହି ବିକ୍ରି ଅଫ୍‌ଲାଇନ୍‌ରେ ଟିକେ କମିଯାଇଛି ବୋଲି ସେ କହିଛନ୍ତି। ଏହିପରି ଗୋପବନ୍ଧୁ ଲାଇବ୍ରେରୀକୁ ପାଠ ପଢ଼ିବା ପାଇଁ ଆସୁଥିବା ଜଣେ ଛାତ୍ରୀ କୁହନ୍ତି ବିନା ବହିରେ କେବଳ ମୋବାଇଲ୍‌ରେ ପାଠ ପଢ଼ି ହବ। ୟୁଟ୍ୟୁବ୍‌ରେ ସବୁ କିଛି ସମ୍ଭବ ହୋଇପାରୁଛି। କେବଳ ଇଚ୍ଛାଶକ୍ତି ଥିବା ଆବଶ୍ୟକ ବୋଲି ସେ କହିଛନ୍ତି।

## ପୁରୁଣା ଫଟୋ। ପୁରୁଣା ସ୍ମୃତି



ଭୁବନେଶ୍ୱର, ୨୩।୫(ସମିସ): ସମୟ ସୁଅରେ ଅନେକ ଉତ୍ଥାନ ପତନ ଦେଇ ଦୁନିଆ ଗତି କରି ଚାଲିଛି, ଯାହା ଅନେକଙ୍କୁ ପରବର୍ତ୍ତୀ ସମୟରେ ଅବିସ୍ମରଣୀୟ କରି ରଖିଥାଏ। ସେମିତି ଏକ ଫଟୋ ରହିଛି ଯାହା ଅନେକଙ୍କୁ ପୁରୁଣା ସମମୟକୁ ଫେରେଇ ନେଇଥିବ ନିଶ୍ଚିତ। ପୁରୁଣା ଫଟୋ ଅତୀତର ଅଭୁଲା ସ୍ମୃତି ପରି ସବୁବେଳେ ସତେଜ। ଯିଏ ମନେପକାଇ ଦିଏ ଚାଲିଯାଇଥିବା ସମୟ, ମଣିଷ ଏବଂ ଫେରେଇନିଏ କିଛି ସ୍ମୃତିର ଠିକଣା ସ୍ଥାନକୁ। ସେହିଭଳି ଏକ ପୁରୁଣା ସମୟର ଫଟୋ, ଯେଉଁଥିରେ ସେ ସମୟର ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହରୁ ଏବଂ ତାଙ୍କ ସହ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କୁ ଦେଖିବାକୁ ମିଳିଛି।

ଏହିଫଟୋଟିଅନେକବର୍ଷପୁରୁଣାହୋଇଥିବାବେଳେଫଟୋରେସେମାନେକୌଣସି ଏକ ବିଷୟରେ କଥାବାର୍ତ୍ତା ହେଉଥିବା ଅନୁମାନ କରି ହେଉଛି। ୧୯୫୬ ମସିହାରେ ଭାରତ ସ୍ୱାଧୀନତା ପାଇବା ପରବର୍ତ୍ତୀ ସମୟର ଏହି ଫଟୋ ବୋଲି ଜାଣିବାକୁ ମିଳିଛି।

# ଡ. ଦିବାକର ମିଶ୍ର ଗାନ୍ଧର୍ବ କଳା ମହୋତ୍ସବ



ଭୁବନେଶ୍ୱର, ୨୩।୫(ସମିସ): ଗୁରୁ କେଳୁଚରଣ ମହାପାତ୍ର ଗବେଷଣା କେନ୍ଦ୍ର ପରିସରରେ ୫୨ତମ ଡ. ଦିବାକର ମିଶ୍ର ଗାନ୍ଧର୍ବ କଳା ମହୋତ୍ସବ ଉଦଘାଟିତ ଅନୁଷ୍ଠିତ ହୋଇଛି। ରାଜଧାନୀର ପୁରାତନ ସାଂସ୍କୃତିକ ଅନୁଷ୍ଠାନ ଗାନ୍ଧର୍ବ କଳା ପରିଷଦ ପକ୍ଷରୁ ଏହି ମହୋତ୍ସବ ଆୟୋଜିତ ହୋଇଛି। ଏହି ଉତ୍ସବକୁ ଚଳଚ୍ଚିତ୍ର ପ୍ରଯୋଜିକା କାଦମ୍ବିନୀ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସାଧାରଣ ସଚିବ ତଥା ଗୁରୁ ଗାୟତ୍ରୀ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏଥିସହିତ ଡ. ମୃତ୍ୟୁଞ୍ଜୟ ରଥଙ୍କ ମଞ୍ଚ ପରିଚାଳନାରେ ଗାନ୍ଧର୍ବ କଳା ପରିଷଦର ନୃତ୍ୟ ଶିଳ୍ପୀମାନେ ମହାଲକ୍ଷ୍ମୀ ସ୍ତୁତି ପରିବେଷଣ କରିଥିଲେ। ପରେ ପରେ ଓଡିଶୀ ନୃତ୍ୟଶିଳ୍ପୀ ମଧୁସ୍ମିତା ମହାନ୍ତି ଏବଂ ତନୀସା ଜେନା ପଞ୍ଚଭୂତ ପରିବେଷଣ କରିଥିଲେ। ସେହିପରି ଓଡିଶୀ ନୃତ୍ୟଶିଳ୍ପୀ ଦୁଷ୍ମନ୍ତ ମହାରଣା ଓ ତାଙ୍କ ଟଗରୀ ଗାଏନ୍ ଓଡିଶୀ ନୃତ୍ୟ ଦୂର୍ଗା ପରିବେଷଣ କରିଥିଲେ। ଶେଷରେ ଗାନ୍ଧର୍ବ କଳା ପରିଷଦ ଛାତ୍ରୀମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଏହି ପ୍ରଥମ ସନ୍ଧ୍ୟାରେ ଡ. ସଙ୍ଗୀତା ଗୋସାଇଁଙ୍କ ଅଧକ୍ଷତାରେ ମହୋତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସମସ୍ତ ନୃତ୍ୟଶିଳ୍ପୀମାନଙ୍କୁ ଓଡିଆ କଥାଚିତ୍ର ନିର୍ଦ୍ଦେଶକ ଏସ. ଦିଲ୍ଲୀପ ପଣ୍ଡା ସମ୍ବର୍ଦ୍ଧିତ କରିଥିଲେ। ଶେଷରେ କଥାକାର ସଞ୍ଜୟ ଭଞ୍ଜ ଧନ୍ୟବାଦ ଦେଇଥିଲେ।

# ସରୋଜିନୀ ଗଡ଼ନାୟକଙ୍କ ପରଲୋକ

ଭୁବନେଶ୍ୱର, ୨୩।୫(ସମିସ): ଆଇଆରସି ଭିଲେଜ ନୂଆପଲ୍ଲୀ ନିବାସୀ ଅବସରପ୍ରାପ୍ତ ସଚିବାଳୟର ଡେପୁଟି ସେକ୍ରେଟାରୀ ସ୍ୱର୍ଗତ ଶରତଚନ୍ଦ୍ର ଗଡ଼ନାୟକଙ୍କ ପତ୍ନୀ ସରୋଜିନୀ ଗଡ଼ନାୟକ ୮୬ ବର୍ଷ ବୟସରେ ଗୁରୁବାର ପରଲୋକ ହୋଇଛି। ମୃତ୍ୟୁ ଶଯ୍ୟା ନିକଟରେ ପୁଅ ଶାନ୍ତନୁ, ସୁଧୀର, ସୁଶୀଲ, ସନ୍ତୋଷ, ଶୁଭେନ୍ଦୁ, ସିଦ୍ଧାର୍ଥ, ଶଶାଙ୍କ, ଝିଅ ସରିତାଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ। ସତ୍ୟନଗର ସ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଦ୍ୱିତୀୟ ପୁତ୍ର ସୁଧୀର ମୁଖାଗ୍ନି ପ୍ରଦାନ କରିଥିଲେ। ସରୋଜିନୀ ଜଣେ ପରୋପକାରୀ ଧର୍ମ ପରାୟଣା ମହିଳା ଥିଲେ। ତାଙ୍କର ବିୟୋଗ ବନ୍ଧୁବାନ୍ଧବ ପରିଜନ ମହଲରେ ଶୋକର ଛାୟା ଖେଳାଇ ଦେଇଛି।

# ପଦ୍ମଶ୍ରୀ କୁମକୁମ ମହାନ୍ତିଙ୍କୁ ନୃତ୍ୟପ୍ରଜ୍ଞା ସମ୍ମାନ



ଭୁବନେଶ୍ୱର, ୨୩।୫(ସମିସ): ସାଂସ୍କୃତିକ କାର୍ଯ୍ୟକ୍ରମ ନୃତ୍ୟ ପ୍ରଜ୍ଞା ଉତ୍ସବ ୨୦୨୬ ଭଞ୍ଜ କଳାମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ନୃତ୍ୟ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ଡ. ଶ୍ୟାମାମଣି ଦେବୀ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନୀୟ ଅତିଥିମାନଙ୍କ ମଧ୍ୟରେ ଓଡ଼ିଶା କର୍ମଚାରୀ ଚୟନ ଆୟୋଗର ଅଧ୍ୟକ୍ଷ ସୁଧାକର ବର୍ଗୀ, ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଉପନିର୍ଦ୍ଦେଶିକା ଶୁଚିସ୍ମିତା ମନ୍ତ୍ରୀ, ଉଡାନ ଫାଉଣ୍ଡେସନର ଅଧ୍ୟକ୍ଷ ହିମାଂଶୁ ଶେଖର ନାୟକ, ଆକାଶବାଣୀ ଓ ଦୂରଦର୍ଶନର ପୂର୍ବତନ ନିର୍ଦ୍ଦେଶକ ଡ. ଶାନ୍ତନୁ କୁମାର ରଥ, ଓଡିଶୀ ମର୍ଦ୍ଦଳ ଗୁରୁ ଧନେଶ୍ୱର ସ୍ୱାଇଁ, ରୋଟାରୀ ଇଣ୍ଟରନ୍ୟାସନାଲର ପୂର୍ବତନ ସଭାପତି ଲେଫ୍ଟନାଣ୍ଟ କର୍ଣ୍ଣେଲ ସୋନାଲି ରଥ ଓ ଓରେଡାର କମ୍ପାନୀ ସଚିବ ଜିତେନ୍ଦ୍ରିୟ ମହାନ୍ତି ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଓଡିଶୀ ନୃତ୍ୟ ଗୁରୁ ପଦ୍ମଶ୍ରୀ ଡକ୍ଟର କୁମ୍‌କୁମ୍ ମହାନ୍ତି ନୃତ୍ୟ ପ୍ରଦର୍ଶନ କରିଥିଲେ। ନୃତ୍ୟ ପ୍ରଜ୍ଞା ଚାରିଟେବଲ ଟ୍ରଷ୍ଟର ଅଧ୍ୟକ୍ଷ ଲକି ପ୍ରଜ୍ଞା ପ୍ରତିଷ୍ଠିତ ମହାନ୍ତି ଓ ସଚିବ ସସ୍ମିତା ପରିଡ଼ା ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମେର ପଦ୍ମଶ୍ରୀ ଡ. କୁମକୁମ ମହାନ୍ତିଙ୍କୁ ପ୍ରଥମ ନୃତ୍ୟପ୍ରଜ୍ଞା ସମ୍ମାନ ୨୦୨୬ ପ୍ରଦାନ କରାଯାଇଥିଲା।

# ନିଟ୍ ପ୍ରଶ୍ନପତ୍ର ପ୍ରଘଟ ପ୍ରତିବାଦରେ ଏଆଇଏସ୍‌ଏଫ ପକ୍ଷରୁ ବିକ୍ଷୋଭ

ଭୁବନେଶ୍ୱର ୨୩।୫(ସମିସ): ଚଳିତ ବର୍ଷ ନିଟ୍ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ୨୨ଲକ୍ଷ ପରୀକ୍ଷାର୍ଥୀଙ୍କ ଦିନରାତି ଅଧ୍ୟବସାୟକୁ କୁଠାରାଘାତ କରିଥିବା ରାଷ୍ଟ୍ରୀୟ ପରୀକ୍ଷଣ ସଂସ୍ଥା ଏନଟିଏ ତଥା କେନ୍ଦ୍ରୀୟ ଶିକ୍ଷା ମନ୍ତ୍ରଣାଳୟର ଷଡ଼ଯନ୍ତ୍ର ପ୍ରତିବାଦରେ ଶନିବାର ଅଖିଳ ଭାରତ ଛାତ୍ର ସଂଘ (ଏଆଇଏସ୍‌ଏଫ) ପକ୍ଷରୁ ଉତ୍ତର ଭୁବନେଶ୍ୱର ଗାଡ଼କଣ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ୨୦୧୭ ରୁ ଇତିମଧ୍ୟରେ ଏନଟିଏ ଦ୍ୱାରା ପରିଚାଳିତ ୭୦ଟି ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ ଲୋକଲୋଚନକୁ ଆସିଛି। ଏହି ସମସ୍ତ ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ବିଜେପି ନେତାମାନଙ୍କ ଭୂମିକା ଲୋକଲୋଚନକୁ ଆସିଛି। ଏଥିରେ ସରସ୍ୱତୀ ଶିଶୁ ମନ୍ଦିର ପରିଚାଳନା ଓ ବିଜେପି ଦଳ ପ୍ରଚୁର ଅର୍ଥ ହାତେଇବା ଘଟଣା ମୋଦି ସରକାରଙ୍କ ବାହୁଚ୍ଛାୟା ତଳେ ଆନୁଷ୍ଠାନିକ ରୂପ ନେଇଛି। ତେଣୁ ଏହାର ନିରପେକ୍ଷ ତଦନ୍ତ କରିବା ସହ ପରୀକ୍ଷା ପରିଚାଳନାର ବୈଷୟିକ ଦକ୍ଷତା ନ ଥିବା 'ଏନଟିଏ' ସଂସ୍ଥାକୁ ଅବିଳମ୍ବେ ବନ୍ଦ କରି ପରୀକ୍ଷା ପରିଚାଳନାର ବିକେନ୍ଦ୍ରୀକରଣ କରାଇବାକୁ ଏଆଇଏସଏଫ ପକ୍ଷରୁ ଦାବି କରାଯାଇଛି। ଏହି ଆନ୍ଦୋଳନରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ୍ତ ମଙ୍ଗରାଜ, ଲାଲୁ ସାହୁ, ଲେନିନ ଜେନା, ସାଇରାମ ଜେନା, ଆଦ୍ୟାଶା ଜେନା ପ୍ରମୁଖ ନେତୃତ୍ୱ ନେଇଥିଲାବେଳେ ସୋନାଲି ବାରିକ, ମୋଦି ସରକାରଙ୍କ ଶିକ୍ଷା ସଂକୋଚନର ପରିଣାମରେ ମେଧାବୀ ଛାତ୍ରଛାତ୍ରୀ ଆତହତ୍ୟା କରିବାକୁ ବାଧ ହେଉଛନ୍ତି ବୋଲି ଅଭିଯୋଗ କରିଥିଲେ। ଆର୍ଥିକ ଅବହେଳିତ ବର୍ଗର ଛାତ୍ରଛାତ୍ରୀଙ୍କୁ ଶିକ୍ଷାରୁ ବଞ୍ଚିତ କରିବା ସରକାରଙ୍କ ମୁଖ୍ୟ କାର୍ଯ୍ୟରେ ପରିଣତ ହେଲାଣି ବୋଲି ଶୀତଲ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିଛନ୍ତି। ଏହି ଦାବି ପୂରଣ ନ ହେଲେ ସେମାନେ ରାଜ୍ୟ ବ୍ୟାପୀ ଆନ୍ଦୋଳନର ଚେତାବନୀ ଦେଇଛନ୍ତି। ଏହି ବିକ୍ଷୋଭରେ ଛାତ୍ର ଅଭିଭାବକ ଶଙ୍କର୍ଷଣ ବାରିକ, ସୁରେନ୍ଦ୍ର ବେହେରା ଓ ସିପିଆଇ ନେତା ସୁର ଜେନା ଉପସ୍ଥିତ ଥିଲେ।

# ଅରବିନ୍ଦ ଦାସଙ୍କ 'ହୁଣ୍ଡୀବୋଉ' ଉନ୍ମୋଚିତ

ଭୁବନେଶ୍ୱର, ୨୩।୫(ସମିସ): ଗାଳ୍ପିକ ଅରବିନ୍ଦ ଦାସଙ୍କ ହୁଣ୍ଡୀବୋଉ, ସହଯାତ୍ରୀ ଏବଂ ଦୀପାଦାସର ଅନୁରୋଧ ସମେତ ତିନୋଟି ଗଳ୍ପ ସଂକଳନ ଶନିବାର ୟୁନିଟ ୯ ସ୍ଥିତ ବୁଦ୍ଧମନ୍ଦିର ସମ୍ମିଳନୀ କକ୍ଷରେ ଉନ୍ମୋଚିତ ହୋଇଯାଇଛି। ପୂର୍ବୀ ପ୍ରକାଶନୀ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପରାମର୍ଶଦାତା ଅଧ୍ୟାପକ ବିରଞ୍ଚି ଦାସ ପ୍ରାରମ୍ଭିକ ସୂଚନା ଦେବାସହ ପୁସ୍ତକ ତିନୋଟିର ସମୀକ୍ଷା କରିଥିଲେ। ଅତିଥି ଭାବେ ଉପସ୍ଥିତ ସମସ୍ତ ପାଠିକାମାନେ ହୁଣ୍ଡୀବୋଉ ପୁସ୍ତକକୁ ଉନ୍ମୋଚନ କରିଥିବା ବେଳେ ପାଠକମାନେ ଅନ୍ୟ ଦୁଇଟି ପୁସ୍ତକର ଉନ୍ମୋଚନ କରିଥିଲେ। ତଥାକଥିତ ସାହିତ୍ୟ ଆସରଠାରୁ କିଛି ନିଆରା କରିବାକୁ ଯାଇ ଉଭୟ ଗାଳ୍ପିକ ଓ ପ୍ରକାଶକ ସମସ୍ତ ପାଠକ/ପାଠିକାମାନଙ୍କ ଠାରୁ ସେମାନଙ୍କର ମନର କଥା ଶୁଣିଥିଲେ। ଗାଳ୍ପିକ ଅରବିନ୍ଦ ଦାସଙ୍କ ସହ ପାଠକ/ପାଠିକାମାନଙ୍କର ଅନ୍ତରଙ୍ଗ ଆଳାପ ପରିବେଶକୁ ବେଶ୍



ଉପଭୋଗ୍ୟ କରିଥିଲା। ପୂର୍ବୀ ପ୍ରକାଶନୀ ପକ୍ଷରୁ ଗାଳ୍ପିକ ଅରବିନ୍ଦ ଦାସଙ୍କୁ 'ପୂର୍ବୀ ଗଳ୍ପ ସମ୍ମାନ-୨୦୨୬'ରେ ସମ୍ମାନୀତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟକା ଡ. ଶକୁନ୍ତଳା ବଳିୟାରସିଂହ, ବୈଜ୍ଞାନିକ ଡ. ଚିତ୍ତରଞ୍ଜନ ମିଶ୍ର, ସେବତୀ ପରିଡ଼ା, ଇଂ ବିଶ୍ୱଜୀତ ମହାନ୍ତି, କୁମୁଦିନୀ ଜୀ, ମମତା ପଣ୍ଡାଙ୍କ ସମେତ ବହୁ ସାହିତ୍ୟକ ଯୋଗ ଦେଇଥିଲେ।

# ଏନ୍‌ଆଇଏଫ୍‌ଟି ପକ୍ଷରୁ ଗ୍ରାଜୁଏସନ୍ ଶୋ' କେସ୍ ୨୦୨୬



ଭୁବନେଶ୍ୱର, ୨୩।୫ (ସମିସ): ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାଶନ୍ ଟେକ୍ନୋଲୋଜି (ଏନ୍‌ଆଇଏଫ୍‌ଟି) ପକ୍ଷରୁ ଗ୍ରାଜୁଏସନ୍ ଶୋ' କେସ୍ ୨୦୨୬ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଯୋଗ ଦେଇଥିବାବେଳେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିସନର ତଥା ସଚିବ ଗୁହା ପୁନମ୍ ତାପସ କୁମାର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ସଂସ୍କୃତି, ଐତିହ୍ୟ ଶିଳ୍ପ ଏବଂ ସମସାମୟିକ ଫ୍ୟାଶନ୍ ଟ୍ରେଣ୍ଡଗୁଡିକୁ ପ୍ରଦର୍ଶନ କରିଥିଲେ। ଏନ୍‌ଆଇଏଫ୍‌ଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର (ଡ.) ଭିଭାଭରୀ କୁମାର ଏହି କାର୍ଯ୍ୟକ୍ରମକୁ ଏନ୍‌ଆଇଏଫ୍‌ଟି ଭୁବନେଶ୍ୱରର ଆଉ ଏକ ମାଇଲ୍‌ଖୁଣ୍ଟ ଅତିକ୍ରମ କରିଥିବା ସୂଚାଉଛି ବୋଲି କହିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ଗ୍ରାଜୁଏସନ୍ ଶୋ' କେସ୍ ହେଉଛି ଏନ୍‌ଆଇଏଫ୍‌ଟିର ଏକ ବାର୍ଷିକ ପ୍ଲାଟଫର୍ମ ଯେଉଁଠାରେ ଛାତ୍ରଛାତ୍ରୀମାନେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଚୂଡାନ୍ତ ଡିଜାଇନ୍, କଲେକ୍‌ସନ୍ ଏବଂ ପ୍ରୋଜେକ୍ଟ ଉପସ୍ଥାପନ କରିଥାନ୍ତି।

## ଖରାଛୁଟିରେ କ୍ରାଫ୍ଟ ଶିକ୍ଷା ପ୍ରତି ଆଗ୍ରହୀ ଛାତ୍ରଛାତ୍ରୀ

# ଅଦରକାରୀ ଜିନିଷକୁ ନୂଆ ରୂପ ଦେଉଛନ୍ତି କୁନିପିଲା

ଭୁବନେଶ୍ୱର, ୨୩।୫(ସମିସ)

ବର୍ତ୍ତମାନ ସାରା ରାଜ୍ୟରେ ସମସ୍ତ ବିଦ୍ୟାଳୟ ଖରାଛୁଟି ଘୋଷଣା ହୋଇଛି। ଏହି ସମୟରେ କୁନି କୁନି ପିଲାମାନେ ଘରେ ରହି ମୋବାଇଲ ପ୍ରତି ଅଧିକ ଆକର୍ଷିତ ହେଉଥିବାରୁ ଅଭିଭାବକମାନେ ସମରକ୍ୟାମ୍ପକୁ ପିଲାମାନଙ୍କୁ ପଠାଇଥାନ୍ତି। ହେଲେ ଏହି ସମୟରେ ପିଲାମାନଙ୍କୁ ଏକ ଭିନ୍ନ ଧରଣର ଶିକ୍ଷା ଦେଉଛନ୍ତି ନିଳାଦ୍ରୀ ବିହାରର କ୍ରୀଷ୍ଟା ଗିରି। ମାଟି ହେଉ ଅବା ପୁରୁଣା କାଗଜ, ପ୍ଲାଷ୍ଟିକ ବୋତଲ ହେଉ ଅବା ବିଭିନ୍ନ ଅଦରକାରୀ ଜିନିଷରୁ ପିଲାମାନେ କିଭଳି ଆକର୍ଷଣୀୟ ସାମଗ୍ରୀ ପ୍ରସ୍ତୁତ କରିପାରିବେ ସେଥିପାଇଁ ସେ ଶିକ୍ଷା ଦେଉଛନ୍ତି। ପିସ୍ତା ବାଦାମ, ଅଖ୍ରୋଡ୍, ବାଦାମ ଭଳି ଡ୍ରାଏ ଫ୍ରୁଟସ୍ ଚୋପାକୁ ନୂଆ ରୂପ ଦେବା ସହ ପୁରୁଣା କାଗଜକୁ ଜୀବନ୍ତ ରୂପ ଦେଉଛନ୍ତି। ଏହାସହ ପଟ୍ଟଚିତ୍ର ପ୍ରତି ପିଲାମାନଙ୍କ ଆଗ୍ରହ ବଢୁଥିବାରୁ ଏହି ଶିକ୍ଷା ମଧ୍ୟ ପ୍ରଦାନ କରୁଛନ୍ତି ଶ୍ରୀମତୀ ଗିରି।

କ୍ରୀଷ୍ଟା ଲକଡାଉନ୍ ସମୟରେ ନିଜେ ପଟ୍ଟଚିତ୍ର କଳା ଉପରେ ପ୍ରଶିକ୍ଷଣ ନେଇଥିଲେ। ଏହାପରେ ସେ ସ୍ଥାନୀୟ ଅଞ୍ଚଳ ପିଲାଙ୍କୁ ମାଗଣାରେ ପ୍ରଶିକ୍ଷଣ ଦେଉଛନ୍ତି। ପେନ୍‌ସିଲ ଧରୁଥିବା କୁନି କୁନି ହାତର ସ୍ପର୍ଶରେ ଜୀବନ୍ତ ହେଉଛନ୍ତି ବିଭିନ୍ନ ଅଦରକାରୀ ସାମଗ୍ରୀ। ରଙ୍ଗବେରଙ୍ଗର ଚିତ୍ର ସାଙ୍ଗକୁ ତିନି ଠାକୁରଙ୍କ ପ୍ରତିଛବି, ଫୁଲ, ପ୍ରକୃତିର ଛବି ଆଙ୍କି ଅଠା ସାହାଯ୍ୟରେ କାର୍ଡବୋର୍ଡରେ ତିଆରି କରୁଛନ୍ତି ୱାଲ୍ ହ୍ୟାଙ୍ଗିଙ୍ଗ୍। କେବଳ ସେତିକି ନୁହେଁ, ପେନ୍‌ସିଲ କାଟିବା ପରେ ସେଥିରୁ ବାହାରୁଥିବା ସ୍କପନର, ପୁରୁଣା ପେନ୍ ସମେତ ଅବ୍ୟବହୃତ ପେପର, ଘରେ ପଡ଼ି ରହିଥିବା ଅନେକ ଅଦରକାରୀ ଜିନିଷକୁ ବାହାରେ ନଫିଙ୍ଗି ସେଥିରୁ କିପରି ଘରସଜାଇବା ଜିନିଷ ତିଆରି କରାଯିବ ସେଥିପାଇଁ ପିଲାମାନେ ମଧ୍ୟ ଲାଗିପଡ଼ିଛନ୍ତି। ଏଥିପାଇଁ କେତେକ ପିଲା ନିଜ ଘରୁ ଏହିସବୁ ଜିନିଷ ଆଣୁଥିବା ବେଳେ ଅନେକଙ୍କୁ କ୍ରୀଷ୍ଟା ମଧ୍ୟ ଆବଶ୍ୟକୀୟ ସାମଗ୍ରୀ ଯୋଗାଇଥାନ୍ତି। ବର୍ତ୍ତମାନ ଖରାଛୁଟି ଚାଲିଥିବାରୁ ପିଲାମାନେ କିଭଳି ମୋବାଇଲ୍‌ରେ ସମୟ ନଷ୍ଟ ନକରିବେ ସେଥିପାଇଁ କ୍ରୀଷ୍ଟା ଏହି ପ୍ରୟାସ କରିଛନ୍ତି। ସାଧାରଣତଃ ପିଲାମାନେ ଛୁଟି ସମୟରେ ଖେଳକୁଦ କରିବା ସହ ନିଜ ପାଠ୍ୟ ବିଷୟରେ ଚିତ୍ର ଆଙ୍କିବା ଉପରେ ଜ୍ଞାନ ଆହରଣ କରିଥାନ୍ତି। କିନ୍ତୁ କ୍ରାଫ୍ଟ ଉପରେ କୌଣସି ପାଠ୍ୟବିଷୟ ନାହିଁ। ତେଣୁ ଓଡ଼ିଶାର ପାରମ୍ପରିକ କଳା, ପଟ୍ଟଚିତ୍ର, ଟ୍ରାଇବାଲ ଆର୍ଟ ଏବେ ଦେଶ ବାହାରେ ଆଦୃତି ଲାଭ କରୁଥିବା ବେଳେ ଧିରେ ଧିରେ ଏହାକୁ ଭୁଲିଯାଉଛନ୍ତି ଯୁବପିଢ଼ି। ତେଣୁ ଏଥି ପ୍ରତି ପିଲାମାନେ ଏବେଠାରୁ ଆଗ୍ରହ ପ୍ରକାଶ କଲେ ଆଗାମୀ ଦିନରେ ଓଡ଼ିଶାର ଏହି ପାରମ୍ପରିକ କଳାକୁ ନେଇ ପିଲାମାନେ କ୍ୟାରିୟର କରିବାକୁ ଆଗ୍ରହୀ ହେବେ ବୋଲି ଶ୍ରୀମତୀ ଗିରି କହିଛନ୍ତି। ବର୍ତ୍ତମାନ ତାଙ୍କ ନିକଟରେ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ପିଲା ପଟ୍ଟଚିତ୍ର, ଟ୍ରାଇବାଲ ଆର୍ଟ, ପେପର ଆର୍ଟ, ପଟ୍ ପେଣ୍ଟିଂ, ଫୋଲଡର, ଲ୍ୟାମ୍ପ ଡେକୋରେସନ୍, ପୁରୁଣା ଖବରକାଗରୁ ଫୁଲ, ଗଛ, ଫୁଲ ତୋଡା, ପ୍ରଜାପତି ସାଙ୍ଗକୁ ବିଭିନ୍ନ ପ୍ରକାରର ଘର ସଜା ଜିନିଷ ତିଆରି କରିବାକୁ ଆଗ୍ରହୀ ହେଉଥିବା ଦେଖିବାକୁ ମିଳିଛି।



WESTERN ODISHA TOPPER
AIMS GROUP OF INSTITUTIONS
WESTERN ODISHA TOPPER
AIMS GROUP OF INSTITUTIONS
2nd ODISHA TOPPER
AIMS GROUP OF INSTITUTIONS



# ସମ୍ବଲପୁରରେ ଅଗ୍ନି ବର୍ଷା, ତାପମାତ୍ରା ୪୪.୪ ଡିଗ୍ରୀ



**ସମ୍ବଲପୁରର ତାପମାତ୍ରା**

| ତାରିଖ | ସର୍ବୋଚ୍ଚ | ସର୍ବନିମ୍ନ |
|---|---|---|
| ମେ ୧୬ | ୪୧.୪ | ୨୭.୪ |
| ମେ ୧୭ | ୪୧.୦ | ୨୮.୦ |
| ମେ ୧୮ | ୪୨.୩ | ୨୯.୦ |
| ମେ ୧୯ | ୪୩.୬ | ୩୦.୦ |
| ମେ ୨୦ | ୪୫.୩ | ୩୦.୪ |
| ମେ ୨୧ | ୪୪.୬ | ୩୦.୭ |
| ମେ ୨୨ | ୪୪.୨ | ୩୦.୬ |
| ମେ ୨୩ | ୪୪.୪ | ୩୦.୬ |

ପଙ୍ଖା ଆଦି ଲୋ-ଭୋଲ୍ଟେଜ୍ ଯୋଗୁଁ ଧିରେ ଧିରେ ଚାଲୁଛି। ଦିନବେଳା ଲୋକେ ଘରୁ ବାହାରି ପାରୁ ନ ଥିବାବେଳେ ରାତିରେ ବି ଘର ଭିତରରେ ରହି ପାରୁନାହାନ୍ତି। ବିଳମ୍ବିତ ରାତି ପର୍ଯ୍ୟନ୍ତ ରାସ୍ତାଘାଟ ଏବଂ ଘରଗୁଡ଼ିକରେ କଂକ୍ରିଟରୁ ଗରମ ବାମ୍ଫ

# କଟଙ୍ଗପାଣି ଗଜଲକ୍ଷ୍ମୀ କୃଷକ ସଂଗଠନର ସଭାପତି ଓ ପୁଅଙ୍କୁ ସଂଘବଦ୍ଧ ଆକ୍ରମଣ, ୭ ଗିରଫ

# ବିରାଟ ଯୁକ୍ତ ଦୁଇ ବିଜ୍ଞାନ କଲେଜର ସଫଳତା



# ଫାଟକ-ଗୋପାଳମାଳ ରାସ୍ତାରେ ଜବରଦଖଲ ଉଚ୍ଛେଦ



# ବିଜେଡି ଯୁବ ନେତାଙ୍କ ବିୟୋଗରେ ରୋହିତଙ୍କ ଶୋକ



# ଶୀତଳଷଷ୍ଠୀ ଯାତ୍ରା ପୂର୍ବରୁ ସଫେଇ



# ଯୁକ୍ତ ଦୁଇ ପରୀକ୍ଷାରେ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀଙ୍କ କୃତିତ୍ୱ

# ଅପରେସନ୍ ନେତ୍ରକୁ ବେଦାନ୍ତ ଆଲୁମିନିୟମର ସମର୍ଥନ



# ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ତରଫରୁ ସମ୍ବର୍ଦ୍ଧନା



# ବସ୍ତି ଶିଶୁଙ୍କୁ ଶିକ୍ଷା ସାମଗ୍ରୀ ବଣ୍ଟନ



## ଝାରପୁର କଲୋନୀପଡ଼ାବାସୀଙ୍କ ପାଇଁ ବିଜୁଳି ସାତ ସପନ

# ଅନ୍ଧାରରେ କଟୁଛି ଜୀବନ





## ୨୦୨୫ ଚାଷୀ ଆଶା, ଆଶଙ୍କାରେ

# ୭ଦିନ ମଧ୍ୟରେ ଟୋକନ ନ ମିଳିଲେ ଜନପ୍ରତିନିଧିଙ୍କ କାର୍ଯ୍ୟାଳୟ ଘେରଉ



## ଭୁକ୍ତା ମାର୍କେଟୟାର୍ଡରେ ଅବ୍ୟବସ୍ଥା

# ୭ହଜାର ପ୍ୟାକେଟ ଧାନ ପଡ଼ିଛି



# ରାସ୍ତା ନିର୍ମାଣ ପାଇଁ ବିଧାୟିକାଙ୍କ ଭିତ୍ତିପ୍ରସ୍ତର



# ୧୬ ବର୍ଷପରେ ଦୁଷ୍କର୍ମ ଅଭିଯୁକ୍ତ ଗିରଫ



# ମିଟ୍ କଲେଜରେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



# ବିଧାୟକଙ୍କ ସହଯୋଗରେ କୁଷ୍ଠ ରୋଗୀଙ୍କୁ ଥଇଥାନ



# ଜଳିଗଲା ଏକର୍ ଏକର୍ ଧାନ ଫସଲ



# ବିକାଶ ଡିଗ୍ରୀ କଲେଜରେ ବାର୍ଷିକ ଆଲୁମିନି ସମ୍ମିଳନୀ



## ଚାଷୀ ଚାଉଳ ଅଭାବୀ ବିକ୍ରିର ଶିକାର

# ବଜାରରେ ଟଙ୍କିକିଆ ଚାଉଳର ବେପାର





# ନବଜ୍ୟୋତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା

## ଗଛକୁ ଧକ୍କାଦେଇ ବାଇକ୍ ଚାଳକ ଗୁରୁତର

**ବଣାଇଁ, ୨୩।୫(ସମିସ):** ବଣାଇଁ ଉପଖଣ୍ଡ ଲହୁଣୀପଡ଼ା ଥାନା ଅଧୀନ ବେଲକୁଦର ଗ୍ରାମର ତାଳଢିପା ନିକଟରେ ଶନିବାର ଏକ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଆହତ ଯୁବକ ଜଣକ ହେଲେ ଝିରଡ଼ାପାଲି ଗ୍ରାମର ଗୁରୁ ଚରଣ ମାଝୀ (୩୬)। ଗୁରୁ ଚରଣ କୌଣସି କାମରେ ମହୁଲପଦା ଅଞ୍ଚଳର ବାଙ୍କୀ ଗ୍ରାମକୁ ଯାଇ ନିଜ ଗ୍ରାମକୁ ବାଇକ୍‌ରେ ଫେରୁଥିଲେ। ଦିନ ପ୍ରାୟ ୧ଟା ୩୦ ମିନିଟ ସମୟରେ ତାଳଢିପା ନିକଟରେ ଭାରସାମ୍ୟ ହରାଇ ତାଙ୍କ ବାଇକଟି ରାସ୍ତା କଡ଼ରେ ଥିବା ଗଛରେ ବାଡ଼େଇ ହୋଇଯାଇଥିଲା। ଫଳରେ ସେ ରାସ୍ତା ଉପରେ ଛିଟକି ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାରକରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିବା ଜଣାପଡ଼ିଛି। ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ସାପ କାମୁଡ଼ାରେ ୪ ଗୁରୁତର

**ବଣାଇଁ, ୨୩।୫(ସମିସ):** ବଣାଇଁ ଥାନା ଅଧୀନ ଭାଲୁଡୁଙ୍ଗୁରି ଅଞ୍ଚଳରେ ଗତକାଲି ରାତିରେ ସାପ କାମୁଡ଼ାରେ ୪ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗତକାଲି ରାତିରେ



୪ ଜଣଙ୍କୁ ବିଷାକ୍ତ ସାପ କାମୁଡି ଦେବାରୁ ସମସ୍ତେ ଗୁରୁତର ହୋଇ ପଡ଼ିଥିଲେ। ପ୍ରଥମେ ସେମାନଙ୍କୁ ବଣାଇ ହସ୍ପିଟାଲ ଅଣାଯାଇଥିଲା। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବା ପରେ ସମସ୍ତଙ୍କୁ ଅଧିକ ଚିକିତ୍ସା ପାଇଁ ରାଉରକେଲା ପଠାଯାଇଛି। ଏହି ଅଞ୍ଚଳରେ ଗୋଟିଏ ଦିନରେ ୪ ଜଣଙ୍କୁ ବିଷାକ୍ତ ସାପ କାମୁଡିବା ପ୍ରଥମ ହୋଇଥିବା ବେଳେ ସାପ ପ୍ରତି ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

## ବିଦ୍ୟୁତ୍ ବିଭ୍ରାଟକୁ ନେଇ କନିଷ୍ଠଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରଉ

**ଲହୁଣୀପଡ଼ା, ୨୩।୫(ସମିସ):** ଲହୁଣୀପଡ଼ା ବ୍ଲକ ତାଲବାହାଲୀ ପଞ୍ଚାୟତ ଅଧୀନ ମହୁଲଲତା ଗ୍ରାମରେ ବାରମ୍ବାର ବିଦ୍ୟୁତ ବିଭ୍ରାଟକୁ ନେଇ ଶୁକ୍ରବାର ଗ୍ରାମବାସୀଙ୍କ ତରଫରୁ ରାଜା ମୁଣ୍ଡାସ୍ଥିତ ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରଉ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ ଗ୍ରାମକୁ ଗୋଟିଏ ପଟରେ ଲମ୍ବା ରାସ୍ତା କୁର୍ଡା ଗୁଣ୍ଡିଚାନାଳି, ଖଟିଆଭାଙ୍ଗୁଣି ଦେଇ ୧୧ କେଭି ଲାଇନ୍ ସଂଯୋଗ ହୋଇଛି। ଅନ୍ୟପଟରେ ଗ୍ରାମଦେଇ ଖଣ୍ଡାଧାର ସହ ଅନ୍ୟାନ ଗ୍ରାମକୁ ୧୧ କେଭି ସଂଯୋଗ ହୋଇଛି। କିନ୍ତୁ ମହୁଲଲତା ଗ୍ରାମକୁ ଲମ୍ବା ରାସ୍ତାଦେଇ ୧୧ କେଭି ସଂଯୋଗ ହୋଇଥିବା କାରଣରୁ ପ୍ରାୟ ସମୟରେ ବିଜୁଳି ବିଭ୍ରାଟ ଘଟି ଗ୍ରାମରେ ୬ରୁ ୭ ଦିନ ପର୍ଯ୍ୟନ୍ତ ବିଜୁଳି ମିଳିପାରେ ନାହିଁ। ଯାହାଫଳରେ ସାଧାରଣ ଲୋକ ନାହିଁ ନଥିବାର ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏଣୁ ଅନ୍ୟ ରାସ୍ତାଦେଇ ଖଣ୍ଡାଧାର କୁ ଯାଇଥିବା ୧୧ କେଭିରୁ ମହୁଲଲତା ଗ୍ରାମର ଏଲଟି ଲାଇନ ସହ ସଂଯୋଗ କରି ଗ୍ରାମରେ ବିଦ୍ୟୁତ ବିଭ୍ରାଟକୁ ରୋକାଯାଇ ଗ୍ରାମବାସୀଙ୍କୁ ଡିଜିପି ଆଲୁଅ ଯୋଗାଣରେ ସହାୟକ ହେବା ପାଇଁ ଗ୍ରାମବାସୀ ଦାବି ଜଣାଇଛନ୍ତି।

## ମୀନାପଡ଼ାରେ ପୁଲିସ ଚଢ଼ଉ | ୨ କୋଟିର ବ୍ରାଉନସୁଗର ଜବତ; ୫ ମହିଳା ସମେତ ୮ ଗିରଫ

**ରାଉରକେଲା, ୨୩।୫(ସମିସ)**

ଡ୍ରଗସ୍ ବିକ୍ରିର ଅମରାବତୀ ପାଲଟିଥିଲା ପ୍ଲାଣ୍ଟସାଇଟ୍ ଥାନା ଅଧୀନ ମହତାବରୋଡ ନିକଟସ୍ଥ ମୀନାପଡ଼ା। ପୁଲିସକୁ ଖୋଲା ଚାଲେଞ୍ଜ ଦେଇ ନିଶା କାରବାର ଚଳେଇ ଆସିଥିଲେ ଡ୍ରଗ୍ସ ମାଫିଆ। ଖୋଲାଖୋଲି ଭାବେ ଚାଲୁଥିଲା ବ୍ରାଉନସୁଗାର, କୋକେନ, ଅଫିମ ଓ ଗଞ୍ଜେଇ କାରବାର। କେହିବି ଏହାକୁ ରୋକିବା





ପାଇଁ ବା ସେଠାରେ ଚଢ଼ଉ ପାଇଁ ସାହସ କରି ନଥିବା ବେଳେ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶକ୍ରମେ ଗତ ବର୍ଷ ଜାନୁଆରୀ ମାସରେ ମୀନା ପଡ଼ାରେ ଏକ ଚଢ଼ଉ ହୋଇଥିବାବେଳେ ଆଜି ଭୋର ସମୟରେ ପୁନର୍ବାର ମୀନାପଡ଼ା, ମହତାବରୋଡ, ରହମନଗର ଆଦି ଅଞ୍ଚଳରେ ରାଉରକେଲା ପୁଲିସ ଜିଲ୍ଲାର ଶତାଧିକ ସଶସ୍ତ୍ର ପୁଲିସ ଅତର୍କିତ ଚଢ଼ଉ କରିଥିଲେ। ଏହି ଚଢ଼ଉ ବେଳେ ସେଠାରୁ ୨୨୦ ଗ୍ରାମ ଓଜନର ହେରୋଇନ୍ (ବ୍ରାଉନ ସୁଗର) ଜବତ କରାଯାଇଛି; ଯାହାର ମୂଲ୍ୟ ପ୍ରାୟ ୨ କୋଟି ଟଙ୍କା ହେବ ବୋଲି ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଶ୍ରୀ ୱାଧୱାନୀ ସୂଚନା ଦେଇଛନ୍ତି। ଏହି ଚଢ଼ଉ ବେଳେ ୫ ମହିଳାଙ୍କ ସମେତ ୮ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ମୋଟ୍ ୨ ଲକ୍ଷ ୭୦ ହଜାର ଟଙ୍କା ଜବତ କରାଯାଇଥିଲା।

### ୨ ଲକ୍ଷ ୭୦ ହଜାର ଟଙ୍କା ଜବତ

ସୂଚନା ମୁତାବକ, ଉକ୍ତ ଅଞ୍ଚଳରେ ବିଶେଷ କରି ବ୍ରାଉନସୁଗର (ହେରୋଇନ୍) କାରବାର ଜୋରରେ ଚାଲିଥିବା ପୁଲିସ ନିକଟରେ ଗତ କିଛି ଦିନରୁ ଅଭିଯୋଗ ହୋଇ ଆସୁଥିଲା। ଶୁକ୍ରବାର ଏସପି ନୀତେଶ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ଉକ୍ତ ଅଞ୍ଚଳରେ ଚଢ଼ଉ କରିବାକୁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇଥିଲା। ଏହି ଆଧାରରେ ଶନିବାର ଭୋର ସମୟରେ ପ୍ରାୟ ୪ଟି ଘରକୁ ଟାର୍ଗେଟ କରାଯାଇଥିଲା। ଏହି ଚଢ଼ଉରେ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ବିକାଶ ରଞ୍ଜନ ଭୋଇ, ୨ ଜଣ ଅତିରିକ୍ତ ଏସ୍‌ପି, ୩ ଜଣ ଡିଏସପି, ୮ ଜଣ ଆଇଆଇସିଙ୍କ ସମେତ ୩୦ ଅଫିସର, ୬ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ପ୍ରାୟ ଦେଢ଼ଘଣ୍ଟା ଧରି ଚଢ଼ଉ କରି ପୁଲିସ ସେଠାରୁ ୫ ଜଣ ମହିଳା ଓ ୩ ଜଣ ଯୁବକଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ମୀନାପଡ଼ା ନିବାସୀ ରୋଶନ ଖାତୁନ୍ ଓରଫ ଶାନ୍ତି (୫୫), ଫରିଦା ଖାତୁନ୍ ଓରଫ ଜରିୱାଲା (୫୦), ମହମ୍ମଦ ଇମ୍ରାନ ଆଲାମ (୨୮), ମହମ୍ମଦ ଆଲାମ (୨୪), ନୁରେଶା ଖାତୁନ୍ (୫୫), ରହିମା ଖାତୁନ୍ ଓରଫ ରୀତା (୫୫), ମନୀଷା ଖାତୁନ୍ (୨୫) ଏବଂ ମଧୁ ଓରଫ୍ ନୁରେଶା ଖାତୁନ୍ (୫୯)। ସେମାନଙ୍କ ଠାରୁ ୭ଟି ପଲିଥିନ ପ୍ୟାକେଟରେ ସିଲ୍ ହୋଇଥିବା ୨୨୦ ଗ୍ରାମ ଓଜନର ହେରୋଇନ୍ ଜବତ କରାଯିବା ସହ ୩ଟି ମୋବାଇଲ ଫୋନ ଓ ୨ ଲକ୍ଷ ୭୦ ହଜାର ୨୪୦ ଟଙ୍କା ଜବତ କରାଯାଇଥିବା ସୂଚନା ମିଳିଛି। ଗିରଫ ଏମଡି ଇମ୍ରାନ ନାଁରେ ପ୍ଲାଣ୍ଟସାଇଟ୍ ଏବଂ ବନ୍ଧମୁଣ୍ଡା ଥାନାରେ ଏନଡିପିଏସ ମାମଲା ରହିଥିବା ବେଳେ ଏମଡି ଆଲାମ ନାଁରେ ପ୍ଲାଣ୍ଟସାଇଟ୍ ଏବଂ ଜିଆରପି ଥାନାରେ ଏନଡିପିଏସ ମାମଲା, ମଧୁ ଓରଫ ନୁରେଶା ନାଁରେ ଏନଡିପିଏସ ମାମଲା ରହିଥିବା ସୂଚନା ମିଳିଛି। ତେବେ କେଉଁ ସ୍ଥାନରୁ ଏସବୁ ଆସୁଥିଲା, କିଏ ଚାଲାଣ କରୁଥିଲା ଏଭଳି ଅନେକ ଦିଗକୁ ନେଇ ପୁଲିସ ତଦନ୍ତ ଜାରି ରଖିଛି। ଅଞ୍ଚଳର ଅନ୍ୟ ଘର ସମେତ ସ୍ଥାନରେ ଚଢ଼ଉ ଜାରି ରହିଛି। ପୁଲିସର ଏହି ଚଢ଼ଉକୁ ନେଇ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇ ଆଗାମୀ ଦିନରେ ଚଢଉ ଜାରି ରଖିବାକୁ ଦାବି କରାଯାଇଛି।

## ବରିଷ୍ଠ ନାଗରିକଙ୍କ ଏଟିଏମ୍‌ରୁ ୨ ଲକ୍ଷ ୨୦ ହଜାର ଲୁଟ୍ ; ଦୁଇ ଗିରଫ

## ୧୦ ହଜାର ଟଙ୍କା, ମୋବାଇଲ ଫୋନ, ଲାପଟପ୍, ଏଟିଏମ କାର୍ଡ ଜବତ

**ରାଉରକେଲା, ୨୩।୫(ସମିସ):** ସ୍ଥାନୀୟ ବ୍ରାହ୍ମଣୀ ତରଙ୍ଗ ଥାନା ଅଧୀନ ସିଂହଟୋଲା ବସ୍ତିରେ ଜଣେ ବରିଷ୍ଠ ନାଗରିକଙ୍କୁ ଭୁଆଁବୁଲାଇ ଜଣେ ଦୁର୍ବୃତ୍ତ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୨ ଲକ୍ଷ ୨୦ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ପୁଲିସ ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରିବା ସହ ୧୦ ହଜାର ଟଙ୍କା, ଲାପଟପ୍, ମୋବାଇଲ ଫୋନ, ଏଟିଏମ କାର୍ଡ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସେକ୍ଟର-୧୮ ଉତ୍କଳବସ୍ତିର ଗୁଡ୍ଡୁ କୁମାର(୨୧) ଓ ସେକ୍ଟର - ୧୫ ଆନନ୍ଦ ବସ୍ତିର ସାଗୁନ ଓରଫ ଆଶୁତୋଷ ଚୌଧୁରୀ (୨୩)। ଉଭୟଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

ସୂଚନା ଅନୁସାରେ, ଗତ ୨୦ ତାରିଖ ସନ୍ଧ୍ୟାରେ ସିଂହଟୋଲା ନିବାସୀ ସମ୍ଭୁନାଥ ସାହୁ (୬୯) ସିଂହଟୋଲାର ଏସବିଆଇ ଏଟିଏମରୁ ଟଙ୍କା ଉଠାଉଥିଲେ। ତେବେ ତାଙ୍କ ଏଟିଏମ କାର୍ଡ ଏଟିଏମ ମେସିନ ଭିତରେ ଫସି ଯାଇଥିଲା। ସେହି ସମୟରେ ଜଣେ ବ୍ୟକ୍ତି ତାଙ୍କ ପାଖକୁ ଆସି ହେଲ୍ପ ଲାଇନ ନମ୍ବର ୭୦୬୪୩୩୫୮୫୨ ରେ ଯୋଗାଯୋଗ କରିବାକୁ କହିଥିଲେ। ଅଭିଯୋଗକାରୀ ସେହି ଅଜଣା ବ୍ୟକ୍ତିଙ୍କ ଫୋନରୁ ଉକ୍ତ ନମ୍ବରରେ ଯୋଗାଯୋଗ କରିଥିଲେ ଏବଂ ରିସିଭର ତାଙ୍କୁ ତାଙ୍କର ଏଟିଏମର ପିନ୍ ନମ୍ବର ମାଗିବାରୁ ସେ ଦେଇ ଦେଇଥିଲେ। ତା’ପରେ ସେ ତାଙ୍କର ଏଟିଏମ କାର୍ଡ ସଂଗ୍ରହ କରି ଉକ୍ତ ସଂଧାରେ ଯେତେବେଳେ ସେ ଏସବିଆଇ ପାନପୋଷ ଶାଖାକୁ ଯାଇ ତାଙ୍କ ପାସବୁକ୍ ଯାଞ୍ଚ କରିଥିଲେ, ସେତେବେଳେ ସେ ଜାଣିପାରିଲେ ଯେ ତାଙ୍କ ଆକାଉଣ୍ଟରୁ ୨, ୨୦, ୦୦୦/- ଟଙ୍କା ଡେବିଟ୍ ହୋଇ ଯାଇଥିଲା। ଏହାପରେ ସେ ବ୍ରାହ୍ମଣୀ ତରଙ୍ଗ ଥାନାକୁ ଯାଇ ଏସଂକ୍ରାନ୍ତରେ ଏତାଲା ଦେଇଥିଲେ। ପୁଲିସ ଏ ନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ଏହା ଜଣାପଡ଼ିଥିଲା ଯେ ଅଭିଯୁକ୍ତ ଗୁଡ୍ଡୁ କୁମାର ସେକ୍ଟର - ୧୮ ସ୍ଥିତ ଉତ୍କଳ ବସ୍ତିରେ ତାଙ୍କ ମାମୁଁଙ୍କ ଘରେ ରହୁଥିଲେ। ସେ ତାଙ୍କ ଭାଇଙ୍କୁ ତାଙ୍କ ଜନ୍ମସ୍ଥାନ ଗୟା, ବିହାରରୁ ଫୋନ୍ କରିଥିଲେ। ସେ ତାଙ୍କ ଭାଇ ଏବଂ ତାଙ୍କର ଅନ୍ୟ ଜଣେ ବନ୍ଧୁ ଗୟାରୁ ଆସି ରାଉରକେଲାରେ ପହଞ୍ଚିଥିଲେ। ତା’ପରେ ଗୁଡ୍ଡୁ କୁମାର ତାଙ୍କର ଅନ୍ୟ ଜଣେ ବନ୍ଧୁ ସାଗୁନ୍ ଅ ଆଶୁତୋଷ ଚୌଧୁରୀଙ୍କୁ ତାଙ୍କ ସ୍କୁଟିରେ ବସାଇ ରାଉରକେଲାର ବିଭିନ୍ନ ଏଟିଏମ କାଉଣ୍ଟରକୁ ନେଇ ଯାଉଥିଲେ। ସେମାନେ ଏଟିଏମ କାର୍ଡ ଇନସର୍ଟର ପଏଣ୍ଟ ଭିତରେ ଅଠା ଲଗାଉଥିଲେ। ଏହାସହ ସେମାନେ ସ୍କେଚ୍/ମାର୍କର ପେନ୍ ବ୍ୟବହାର କରି ବିଭିନ୍ନ ଏଟିଏମ କାଉଣ୍ଟରରେ ମିଥ୍ୟା ହେଲ୍ପ-ଲାଇନ୍ ନମ୍ବର ଲେଖି ଦେଉଥିଲେ। ତା’ପରେ ସେହି ତିନିଜଣ ବିଭିନ୍ନ ଏଟିଏମକୁ ଟଙ୍କା ଉଠାଇବା ପାଇଁ ଆସୁଥିବା ବରିଷ୍ଠ ନାଗରିକ ଏବଂ ନିରୀହ ଲୋକଙ୍କୁ ଟାର୍ଗେଟ କରୁଥିଲେ। ତା’ପରେ ସେମାନେ ସେହି ଏଟିଏମ କାର୍ଡଗୁଡ଼ିକ ବ୍ୟବହାର କରି ନଗଦ ଉଠାଇ ଗୁଡ୍ଡୁ କୁମାରଙ୍କୁ ଦେଉଥିଲେ। ଏହା ପରେ ଗୁଡ୍ଡୁ କୁମାର ତାଙ୍କ ଆକାଉଣ୍ଟରେ ଏସବୁ ନଗଦ ଜମା କରିବା ପରେ ସେହି ନଗଦ ଟଙ୍କାକୁ ତାଙ୍କ ଭଉଣୀଙ୍କ ଆକାଉଣ୍ଟକୁ ପଠାଉଥିଲେ। ଅନ୍ୟ ଜଣେ ଅଭିଯୁକ୍ତ ଶୁଭମ ନାୟକ ଅଭିଯୁକ୍ତ ସାଗୁନ ଓରଫ ଆଶୁତୋଷ ଚୌଧୁରୀଙ୍କୁ ତାଙ୍କ ପ୍ରେଷ୍ଟିଜ୍ ହୋଟେଲରେ ଆଶ୍ରୟ ଦେଉଥିଲେ। ଗିରଫ ଗୁଡ୍ଡୁ କୁମାର ବିହାର ଗୟା ଜିଲ୍ଲାର କଜୁର ଗ୍ରାମର ମୂଳବାସୀନ୍ଦା ହୋଇଥିବା ସୂଚନା ମିଳିଛି।

## ବୃଦ୍ଧଙ୍କ ଖାଦ୍ୟ ନଳୀରୁ ବାହାରିଲା ହାଡ଼



**ରାଉରକେଲା, ୨୩।୫(ସମିସ):** ରାଉରକେଲା ଇସ୍ପାତ କାରଖାନା ଅଧୀନ ଇସ୍ପାତ ଜେନେରାଲ ହସ୍ପିଟାଲର ଡାକ୍ତରମାନେ ଜଣେ ବୃଦ୍ଧଙ୍କ ଖାଦ୍ୟ ନଳୀରେ ଅଟକି ରହିଥିବା ଏକ ମାଂସ ହାଡ଼କୁ ଏଣ୍ଡୋସ୍କୋପି ମାଧ୍ୟମରେ ସଫଳତାର ସହ ବାହାର କରିଛନ୍ତି। ଡାକ୍ତର ପି. କେ ମହାପାତ୍ରଙ୍କ ନେତୃତ୍ୱରେ ପରିଚାଳିତ ଏହି ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ଦ୍ୱାରା ରୋଗୀଜଣଙ୍କ ଗୁରୁତର ଜଟିଳତାରୁ ରକ୍ଷା ପାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ରୋଗୀ ଏକ୍କା ସୁରିନ୍ (୭୮) ବିଗତ ଦୁଇ ଦିନ ଧରି କିଛି ବି ଗିଳିବାକୁ ଅସମର୍ଥ ହେବାର ଅଭିଯୋଗ ନେଇ ମେ’ ୧୬ ତାରିଖରେ ଆଇଜିଏଚର କାଜୁଆଲଟି ବିଭାଗକୁ ଅଣାଯାଇଥିଲା। ପରୀକ୍ଷା ନିରୀକ୍ଷା ସମୟରେ ରୋଗୀ ପ୍ରକାଶ କରିଥିଲେ ଯେ ଖାଇବା ସମୟରେ ସେ ଭୁଲବଶତଃ ଏକ ମାଂସ ହାଡ଼ ଗିଳି ଦେଇଥିଲେ, ଯାହା ତାଙ୍କର ଉପର ପାକସ୍ଥଳୀ-ଅନ୍ତ୍ର ନଳିରେ ଅଟକି ଯାଇଥିଲା। ଆଇଜିଏଚ୍‌ର ଚିକିତ୍ସା ଦଳ ତତ୍ପରତା ପ୍ରକାଶ କରି ଆବଶ୍ୟକୀୟ ଅନୁସନ୍ଧାନ କରିଥିଲେ ଏବଂ ଏକ ଅପର୍ ଜି.ଆଇ. ଏଣ୍ଡୋସ୍କୋପି କରିଥିଲେ। ସେହି ଦିନ ହିଁ ନିଶ୍ଚେତକ ପ୍ରୟୋଗ କରି ଅଟକି ରହିଥିବା ମାଂସ ହାଡ଼କୁ ସଫଳତାର ସହ ବାହାର କରାଯାଇଥିଲା। ଯାହା ସମ୍ଭାବ୍ୟ ଆଭ୍ୟନ୍ତରୀଣ ଆଘାତ, ସଂକ୍ରମଣ କିମ୍ବା ଜୀବନ ପ୍ରତି ବିପଦ ସୃଷ୍ଟି କରୁଥିବା ଜଟିଳତାକୁ ରୋକିବାରେ ସହାୟକ ହୋଇଥିଲା। ଏହି ପ୍ରକ୍ରିୟା ପରେ, ରୋଗୀଜଣଙ୍କ ସ୍ୱାଭାବିକ ଖାଦ୍ୟ ଗ୍ରହଣ କରିବାକୁ ସକ୍ଷମ ହୋଇଥିଲେ ଏବଂ ଅପାର ଆଶ୍ୱସ୍ତି ପ୍ରକାଶ କରିଥିଲେ।

## ଜୁଆ ଆଡ୍ଡାରେ ଚଢ଼ଉ ୩ ଗିରଫ

## ୪୦ ହଜାର ଟଙ୍କା, ୧୨ ବାଇକ୍ ଓ ୪ ସାଇକଲ ଜବତ

**ରାଉରକେଲା, ୨୨।୫(ସମିସ):** ସୁନ୍ଦରଗଡ଼ ଜିଲ୍ଲା ହାତୀବାରି ଥାନା ନୂଆଗାଁ ଅଞ୍ଚଳରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ହାତୀବାରି ଥାନା ପୁଲିସ ଚଢ଼ଉ କରି ୩ ଜୁଆଡ଼ିଙ୍କୁ ଗିରଫ କରିବା ସହ ୪୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ସହ ୧୨ଟି ମୋଟର ସାଇକେଲ, ୪ଟି ସାଇକଲ, ୨ଟି ମୋବାଇଲ ଆଦି ଜବତ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ହାତୀବାରି ଥାନା ନୂଆଗାଁ ଫାଣ୍ଡି ଅଧୀନ ଯୋକେତା ଭଡୁଆଟୋଲାରେ ଏକ ବଡ଼ଧରଣର ଜୁଆ ଖେଳ ଚାଲୁଥିବା ନେଇ ସୂଚନା ମିଳିବା ପରେ ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶ କ୍ରମେ ଥାନା ଅଧିକାରୀ ଗୀତାଞ୍ଜଳି ମିର୍ଦ୍ଧା, ନୂଆଗାଁ ଫାଣ୍ଡି ଅଧିକାରୀ ପ୍ରଫୁଲ୍ଲ କୁମାର ସେଠୀ ଓ ଅନ୍ୟ ପୁଲିସ କର୍ମଚାରୀମାନେ ଚଢ଼ଉ କରିଥିଲେ। ଏହି ଚଢ଼ଉ ବେଳେ ଜୁଆ ଆଡ୍ଡାରୁ ୩ ଜୁଆଡି ଖୋଜା ଗଡ଼ାୟତ(୪୫), ସୀତୁ ସାହୁ (୩୦) ଓ ଆନନ୍ଦ ବଡାଇକ (୩୫)ଙ୍କୁ ଗିରଫ କରାଯାଇଥିବାବେଳେ ଅନ୍ୟ କିଛି ଜୁଆଡି ସେଠାରୁ ଖସି ପଳାଇବାକୁ ସକ୍ଷମ ହୋଇଥିଲେ। ଜୁଆ ଆଡ୍ଡାରୁ ମୋଟ ୧୨ ଟି ମୋଟରସାଇଲ, ୪ ଟି ସାଇକଲ, ତାସ ପତି ଏବଂ ଘୁଡ଼ଘୁଡ଼ି ପଟି ଜବତ ହୋଇଥିଲା। ତେବେ ଏହି ଜୁଆ ଖେଳର ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ପୁଲିସ କହିଛି।

## ଏନ୍‌ଆଇଟି ପକ୍ଷରୁ ଦୁଗ୍ଧ ବର୍ଜ୍ୟଜଳ ପରିଚାଳନା ପ୍ରଣାଳୀ ପେଟେଣ୍ଟ ପ୍ରସ୍ତୁତ



**ରାଉରକେଲା, ୨୩।୫ (ସମିସ):** ଏନ୍‌ଆଇଟି ରାଉରକେଲାର ସିଭିଲ୍ ଇଞ୍ଜିନିୟରିଂ ବିଭାଗର ଗବେଷକମାନେ ଦୁଗ୍ଧ ଶିଳ୍ପ ଦ୍ୱାରା ଉତ୍ପାଦିତ ବର୍ଜ୍ୟଜଳକୁ ବିଶୋଧନ କରିବା ପାଇଁ ଏକ ଜୈବିକ ପ୍ରଣାଳୀ ବିକଶିତ କରିବା ସହ ଏନେଇ ଏକ ପେଟେଣ୍ଟ କରିଛନ୍ତି। ଏହି ସ୍ଥାୟୀ ପ୍ରଣାଳୀ ପ୍ରତିଦିନ ପ୍ରାୟ ୩୦ ଲିଟର ଦୁଗ୍ଧ ବର୍ଜ୍ୟଜଳ ପରୀକ୍ଷାଗାର ସେଟଅପ୍‌ରେ ବିଶୋଧନ କରିପାରିବ, କିନ୍ତୁ ଆବଶ୍ୟକତା ଅନୁସାରେ ଏହାକୁ ବୃଦ୍ଧି କରାଯାଇ ପାରିବ ବୋଲି କୁହାଯାଇଛି। ପ୍ରାୟ ୧୦ ହଜାର ଟଙ୍କା ମୂଲ୍ୟର ଏହି ବିକଶିତ ପ୍ରଣାଳୀ ଦୁଗ୍ଧ ବର୍ଜ୍ୟଜଳକୁ ବିଶୋଧନ କରିବା ସହ ଏହାକୃଷି ବ୍ୟବହାର ପାଇଁ ଉପଯୁକ୍ତ ବୋଲି ସୂଚନା ମିଳିଛି। ଗବେଷଣା ଦଳ ବିକଶିତ ପ୍ରଣାଳୀ ପାଇଁ ‘ଦୁଗ୍ଧ ବର୍ଜ୍ୟଜଳ ଚିକିତ୍ସା ପାଇଁ ପଦ୍ଧତି ଏବଂ ପ୍ରଣାଳୀ’ ଶୀର୍ଷକ ଏକ ପେଟେଣ୍ଟ ହାସଲ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ପନିର ଏବଂ ଦହିଭଳି ଦୁଗ୍ଧଜାତ ଦ୍ରବ୍ୟର ଉତ୍ପାଦନ ପ୍ରକ୍ରିୟାରେ ଭାରତୀୟ ଦୁଗ୍ଧ ଶିଳ୍ପ ପ୍ରତିଦିନ କୋଟି କୋଟି ଲିଟର ବର୍ଜ୍ୟଜଳ ଉତ୍ପାଦନ କରେ, ଯାହାକି ଚର୍ବି, ପ୍ରୋଟିନ୍ ଏବଂ କାର୍ବୋହାଇଡ୍ରେଟରେ ଭରପୁର ରହିଥାଏ। ଏହାକୁ ଜଳାଶୟରେ ଛଡାଯିବା ଦ୍ୱାରା ଜଳଜୀବ ପ୍ରତି କ୍ଷତିକାରକ ହୋଇଥାଏ। ଏହି ସମସ୍ୟାକୁ ସମାଧାନ କରିବା ପାଇଁ ଏନ୍‌ଆଇଟି ରାଉରକେଲାର ସିଭିଲ୍ ଇଞ୍ଜିନିୟରିଂ ବିଭାଗର ପ୍ରଫେସର କାକୋଲି କରାର ପାଉଲ୍ ତାଙ୍କ ଗବେଷଣା ସ୍ନାତକ ଡ. ପ୍ରଜ୍ଞାନ ଦାସଙ୍କ ସହିତ ଏହି ପେଟେଣ୍ଟ ବିକଶିତ କରିଛନ୍ତି।

## ଟିପ୍ପର ମାଲିକ ସଙ୍ଘର ଶପଥ ଗ୍ରହଣ



**କୋଇଡା, ୨୩।୫(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ଖଣି ଅଞ୍ଚଳ ଅଧୀନ କୋଇଡା ବ୍ଲକ ର ଟେନସା ଅଞ୍ଚଳରେ ୨୦୦୪ /୦୫ ମସିହାରୁ ଗଠନ ହୋଇଥିବା ଟେନସା ଟିପ୍ପର ମାଲିକ ସଙ୍ଘ ପକ୍ଷରୁ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ନୂତନଭାବେ ନିର୍ବାଚିତ ହୋଇଥିବା ପ୍ରତିନିଧି ମଣ୍ଡଳୀ ସଭାପତି ପ୍ରଶାନ୍ତ କୁମାର ମହାନ୍ତି, ଉପସଭାପତି ଶିଶିର ସାମଲ, ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ସାହୁ, ସମ୍ପାଦକ ସମ୍ବିତ୍ ମହାନ୍ତି, ସହସମ୍ପାଦକ କମଲ ଆପଟ, କୋଷାଧ୍ୟକ୍ଷ ସୁଧାଂଶୁ ଲେଙ୍କାଙ୍କ ସମେତ ଚାରିଜଣ ଏଜିକ୍ୟୁଟିଭ ସଦସ୍ୟଙ୍କ ଉପସ୍ଥିତିରେ ଶପଥଗ୍ରହଣ ସମାରୋହ ଟେନସା ବାରସୁଆଁ ଲୌହ ଖଣି କ୍ଲବ୍‌ଠାରେ ପାଳନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ବଣାଇ ଉପଜିଲ୍ଲାପାଳ ଡ଼ା ଅଶୋକ ଦାଶ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ରାଉଲକେଲା ଆଞ୍ଚଳିକ ପରିବହନ ଅଧିକାରୀ ବି ସାମନ୍ତ ସିଂହରାୟ, ପୂର୍ବତନ ବଣାଇ ବିଧାୟକ ଭୀମସେନ ଚୌଧୁରୀ, ଟେନସା ସରପଞ୍ଚ ଅନିତା ପୂର୍ତ୍ତି ପ୍ରମୁଖଙ୍କ ସହ ସ୍ଥାନୀୟ ଅଞ୍ଚଳର ଖଣି କମ୍ପାନୀ ଅଧିକାରୀ, କୋଇଡା ଟିପ୍ପର ସଂଘ, ରାଉଲକେଲା ଟିପ୍ପର ସଂଘ ସଦସ୍ୟ, ଟାଟା ଏବଂ ଅଶୋକ ଲେଲାଣ୍ଡ ସୋ ରୁମ୍ ଅଧିକାରୀ ଗଣ ଯୋଗ ଦେଇଥିଲେ। ଆସୋସିଏସନର ନବନିର୍ବାଚିତ ଅଧିକାରୀଙ୍କ ପକ୍ଷରୁ ସଭାପତି ପ୍ରଶାନ୍ତ କୁମାର ମହାନ୍ତି ସ୍ଥାନୀୟ ଗାଡ଼ି ମାଲିକଙ୍କ ସମେତ ଚାଳକ ଏବଂ ପାରିପାର୍ଶ୍ୱିକ ଉନ୍ନତି ଦିଗରେ ଆସୋସିଏସନର କାର୍ଯ୍ୟ ଜାରି ରହିବ ବୋଲି ସଭାପତି ଘୋଷଣା କରିଥିଲେ। ଏହିସଭାକୁ ପୂର୍ବତନ ଟେନସା ଟିପର ସଙ୍ଘ କାର୍ଯ୍ୟକର୍ତ୍ତା ବରଦା ପ୍ରସାଦ ମହାନ୍ତି, ପ୍ରଭାକର ମଲିକ୍, ନିଶାକର ଜେନା, ହରିବନ୍ଧୁ ପଟ୍ଟନାୟକଙ୍କ ସମେତ ପ୍ରଶାନ୍ତ କୁମାର ନାୟକ, ଶୁଭକାନ୍ତ ନାୟକ ପ୍ରମୁଖ ଯୋଗଦେଇ ଥିଲେ। ସତ୍ୟପ୍ରକାଶ ସକ୍ସେନା ମଞ୍ଚ ପରିଚାଳନା କରିଥିଲେ।

## ପିଏନ୍‌ଜି ଯୋଗାଣ ପାଇଁ

## ଗେଲ୍ ଇଣ୍ଡିଆ ଲିମିଟେଡ୍ ସହ ଆର୍‌ଏସ୍‌ପିର ଚୁକ୍ତି ସ୍ୱାକ୍ଷରିତ




**ରାଉରକେଲା, ୨୩।୫(ସମିସ):** ପିଏନ୍‌ଜି ଯୋଗାଣ ପାଇଁ ରାଉରକେଲା ଇସ୍ପାତ କାରଖାନା ଏବଂ ମେସର୍ସ ଗ୍ୟାସ୍ ଅଥୋରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତିନାମା ଅଧୀନରେ ମେସର୍ସ ଗେଲ୍ ପକ୍ଷରୁ ରାଉରକେଲା ଇସ୍ପାତ କାରଖାନାକୁ ପାଇପ୍‌ଡ୍ ପ୍ରାକୃତିକ ଗ୍ୟାସ୍ (ପିଏନଜି) ଯୋଗାଇ ଦିଆଯିବ। ଏହି ବୁଝାମଣାପତ୍ର ପାଞ୍ଚବର୍ଷ ଅବଧି ପାଇଁ ବୈଧ ରହିବ ଏବଂ ଏହାକୁ ପରବର୍ତ୍ତୀ ସମୟରେ ବୃଦ୍ଧି କରିବାର ବ୍ୟବସ୍ଥା ମଧ୍ୟ ରହିଛି। ୧୯ ତାରିଖ ଦିନ ରାଉରକେଲା ଇସ୍ପାତ କାରଖାନାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଏମ୍.ଏମ୍) ସମ୍ମିଳନୀ କକ୍ଷେର ଅନୁଷ୍ଠିତ ଏହି ସ୍ୱାକ୍ଷର ସମାରୋହରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଏମ୍.ଏମ୍) ଅନୀଲ କୁମାର, ସିଜିଏମ୍ (ମାର୍କେଟିଂ) ଟି. ବିନୋଦ, ସିଜିଏମ୍ ଆଶା କାର୍ଥା, ଜିଏମ୍ (ଏମ୍.ଏମ୍ -ପର୍ଚେଜ୍) ସି.ଭି. ଆପ୍ପାରାଓ ଏବଂ କାରଖାନାର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ମେସର୍ସ ଗେଲ୍ (ଗେଲ୍) ଇଣ୍ଡିଆ ଲିମିଟେଡ୍‌ର ସିଜିଏମ (ମାର୍କେଟିଂ- ମୁଖ୍ୟ) ମହମ୍ମଦ ଜାଫର ଖାନ ଏବଂ ସେଲ୍‌ଫ, ରାଉରକେଲା ଇସ୍ପାତ କାରଖାନାର ଜିଏମ (ଅକ୍ସିଜେନ ପ୍ଲାଣ୍ଟ) ୟୁ କେ. ଭୁଜବଳ ଏହି ଚୁକ୍ତିନାମା ଦସ୍ତାବିଜରେ ସ୍ୱାକ୍ଷର କରିଥିଲେ। ପିଏନ୍‌ଜିର ବ୍ୟବହାର ଯୋଗୁଁ ପ୍ରୋପେନ୍ ଗ୍ୟାସ୍ ଉପରେ ନିର୍ଭରଶୀଳତା ଯଥେଷ୍ଟ ହ୍ରାସ ପାଇବ ଏବଂ ଗୁରୁତ୍ୱପୂର୍ଣ୍ଣ ଉତ୍ପାଦନ ପ୍ରକ୍ରିୟାରେ କାର୍ଯ୍ୟକ୍ଷମ ବିଶ୍ୱସନୀୟତା ଏବଂ ଦକ୍ଷତା ବୃଦ୍ଧି ପାଇବ। ପିଏନଜିର ପ୍ରଚଳନ ଦ୍ୱାରା ରାଉରକେଲା ଇସ୍ପାତ କାରଖାନାକୁ ଅନେକ ଦୀର୍ଘକାଳୀନ ସୁବିଧା ମିଳିବ ବୋଲି ଆଶା କରାଯାଉଛି, ଯେଉଁଥିରେ ସ୍ୱଚ୍ଛ ଇନ୍ଧନର ବ୍ୟବହାର, ଉନ୍ନତ ଶକ୍ତି ଦକ୍ଷତା, ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ ଏବଂ ଉତ୍ତମ ମୂଲ୍ୟ ଅପ୍ଟିମାଇଜେସନ ସାମିଲ ଅଛି।

## ଘରେ ପଶି କଳାକନା ବୁଲାଇଲେ ଚୋର

## ଲକ୍ଷାଧିକ ଟଙ୍କାର ସୁନା ଗହଣା ଓ ଟଙ୍କା ଚୋରି

**ବଣାଇଁ, ୨୩।୫(ସମିସ):** ବଣାଇଁ ଅଞ୍ଚଳରେ ପୁଣିଥରେ ଚୋରଙ୍କ ଉତ୍ପାତ ଦେଖିବାକୁ ମିଳିଛି। ବଣାଇଁ ଥାନା ଅଧୀନ କେନ୍ଦ୍ରିକଳା ପଞ୍ଚାୟତର ମଧୁପୁର ଗ୍ରାମରେ ଆଜି ଦିନବେଳେ ଚୋରମାନେ କଳାକନା ବୁଲାଇ ଘରୁ ନଗଦ ଟଙ୍କା ସହ ବିଭିନ୍ନ ସୁନା ଗହଣା ଚୋରି କରିଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ମଧୁପୁର ଗ୍ରାମର ଦେବବ୍ରତ ବିଶ୍ୱାଳ ଜଣେ ଅଟୋ ଚାଳକ ହୋଇଥିବାବେଳେ ତାଙ୍କ ସ୍ତ୍ରୀ ସୁନିତା ବିଶ୍ୱାଳ ଗୌରୀ ନର୍ସିଂ କଲେଜରେ କାମ କରନ୍ତି। ପ୍ରତିଦିନ ଭଳି ଆଜି ସକାଳୁ ଉଭୟ ନିଜ ନିଜ କାମକୁ ଯାଇଥିଲେ। ଅପରାହ୍ନରେ ସୁନିତା ଘରକୁ ଖାଇବା ପାଇଁ ଫେରିଥିବା ବେଳେ ଘରର କବାଟ ଖୋଲାଥିବା ଦେଖି ସନ୍ଦେହ କରିଥିଲେ। ପରେ ଦେଖିବାକୁ ପାଇଥିଲେ ଯେ ଘରର ଗଡ୍‌ରେଜ ଓ ଅନ୍ୟାନ୍ୟ ସାମଗ୍ରୀ ଭାଙ୍ଗି ଦିଆଯାଇଛି। ଚୋରମାନେ ଘରୁ ପ୍ରାୟ ୭୦ ହଜାର ଟଙ୍କା ନଗଦ



ସହ ମଙ୍ଗଳସୂତ୍ର, କାନଫୁଲ, ପାଉଁଜି, ମୁଦି, ଚେନ ସମେତ ବିଭିନ୍ନ ମୂଲ୍ୟବାନ ସୁନା ଗହଣା ଚୋରି କରି ନେଇଛନ୍ତି। ଘଟଣା ପରେ ଦେବବ୍ରତ ବିଶ୍ୱାଳ ବଣାଇଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

## ମ୍ୟୁନିସିପାଲ କଲେଜ ଯୁକ୍ତ ଦୁଇ ସଫଳ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

## କଠିନ ଅଧ୍ୟବସାୟ ସଫଳତାର ଚାବିକାଠି

**ରାଉରକେଲା, ୨୩।୫(ସମିସ)**

କେବଳ ରାଉରକେଲା ନୁହେଁ ସମଗ୍ର ରାଜ୍ୟରେ ଶିକ୍ଷା କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ରାଉରକେଲା ମ୍ୟୁନିସପାଲ ମହାବିଦ୍ୟାଳୟରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇ ହୋଇଥିଲା। ଏଥିରେ ୮୦ ପ୍ରତିଶତରୁ ଅଧିକ ମାର୍କ ରଖଥିଠବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ହରିହର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଯୁକ୍ତ ଦୁଇ ଉତ୍ତୀର୍ଣ୍ଣ ହେବା ଜୀବନ ଏକ ଟର୍ଣ୍ଣିଂ ପଏଣ୍ଟ। କଠିନ ପରିଶ୍ରମ ହିଁ ଏକ ମାତ୍ର ବିକଳ୍ପ ବୋଲି ସେ କହିଥିଲେ। ପଦାର୍ଥ ବିଜ୍ଞାନ ବିଭାଗ ବରିଷ୍ଠ ଅଧ୍ୟାପିକା ଅର୍ପିତା ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅଧ୍ୟାପକ ବିଜୟ କୁମାର ପାଢ଼ୀ ସଫଳତାର କୌଣସି ମାପକାଠି ନାହିଁ ବୋଲି କହିଥିଲେ। ବାଣିଜ୍ୟ ଅଧ୍ୟାପକ ଆକାଶ କୁମାର ଦାସ, ଆଶୀର୍ବାଦ ମାଝୀ, କ୍ୟାପଟେନ୍ ସତ୍ୟନାରାୟଣ ରାଉତ, ‘ସକାଳ’ର ରାଉରକେଲା



ସଂସ୍କରଣ ମୁଖ୍ୟ ବରିଷ୍ଠ ସାମ୍ବାଦିକ ଦେବବ୍ରତ ପଟ୍ଟନାୟକ ପ୍ରମୁଖ ବକ୍ତବ୍ୟ ରଖି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ସୂଚନାଯୋଗ୍ୟ ଯେ ମହାବିଦ୍ୟାଳୟର ଯୁକ୍ତ ଦୁଇ ପରୀକ୍ଷା ଫଳ ଗତ ବର୍ଷ ତୁଳନାରେ ବହୁତ ଭଲ ହୋଇଛି। ଯୁକ୍ତ ଦୁଇ ବିଜ୍ଞାନରେ ଗତ ବର୍ଷ ୭୫.୫୦ ପ୍ରତିଶତ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଥିବାବେଳେ ଚଳିତ ବର୍ଷ ୮୧.୩୫ ପ୍ରତିଶତ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଗତ ବର୍ଷ ଯୁକ୍ତ ଦୁଇ କଳାରେ ୯୨.୫୦ ପ୍ରତିଶତ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଥିବା ବେଳେ ଚଳିତବର୍ଷ ୯୭.୫୨ ପ୍ରତିଶତ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ଯୁକ୍ତ ଦୁଇ ବାଣିଜ୍ୟରେ ଗତ ବର୍ଷ ୯୩.୫୨ ପ୍ରତିଶତ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଥିବାବେଳେ ଚଳିତବର୍ଷ ୯୬.୩୫ ପ୍ରତିଶତ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି।

### ବାଉଁଶ ବଗିଚାରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ

## ଅଗ୍ନିଶମ ବାହିନୀର ବିଳମ୍ବକୁ ନେଇ ଅସନ୍ତୋଷ

**କୋମନା, ୨୩।୫(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ମହୁଲଭଟା ଗ୍ରାମରେ ଅଭାବନୀୟ ଘଟଣା ଘଟିଯାଇଛି। କେହି ଦୁର୍ବୃତ୍ତ କୃଷ୍ଣଚନ୍ଦ୍ର ଖମାରୀଙ୍କ ବିରାଟ ବାଉଁଶ ବଗିଚାରେ



ନିଆଁ ଲଗାଇଦେବାରୁ ସମ୍ପୂର୍ଣ୍ଣ ଭାବେ ପୋଡ଼ି ପାଉଁଶ ହୋଇଯାଇଛି। ଚାଷୀଙ୍କର ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଗୁରୁବାର ସନ୍ଧ୍ୟା ସମୟରେ ହଠାତ ବାଉଁଶ ବଗିଚାରେ ନିଆଁ ଲାଗିଯାଇଥିଲା। ଦେଖୁଦେଖୁ ନିଆଁର ପ୍ରକୋପ ଏତେ ଭୟଙ୍କର ରୂପ ଧାରଣ କରିଥିଲା ଯେ, ବାଉଁଶ ଗଛଗୁଡ଼ିକ ଆକାଶଛୁଆଁ ନିଆଁର ଶିଖା ସହ ଜଳିବାକୁ ଲାଗିଥିଲା। ସ୍ଥାନୀୟ ଲୋକେ ତୁରନ୍ତ ଏ ସମ୍ପର୍କରେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ମାତ୍ର ଅଭିଯୋଗ ଅନୁସାରେ, ଫୋନ୍ କଲ୍ କରିବାର ଦୀର୍ଘ ୨୫ ମିନିଟ୍ ପରେ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲା। ଠିକ୍ ସମୟରେ ଅଗ୍ନିଶମ ଗାଡ଼ି ପହଞ୍ଚି ନ ପାରିବା ହେତୁ ନିଆଁକୁ ଆୟତ୍ତ କରାଯାଇପାରି ନଥିଲା ଏବଂ ସେତେବେଳକୁ ସମ୍ପୂର୍ଣ୍ଣ ବାଉଁଶ ବଗିଚା ଜଳି ସାରିଥିଲା। ଅଗ୍ନିଶମ ବିଭାଗର ଏଭଳି ବିଳମ୍ବିତ କାର୍ଯ୍ୟାନୁଷ୍ଠାନ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି। କ୍ଷତିଗ୍ରସ୍ତ ଚାଷୀ କୃଷ୍ଣଚନ୍ଦ୍ର ଖମାରୀଙ୍କୁ ଉପଯୁକ୍ତ ସରକାରୀ ସହାୟତା ଯୋଗାଇଦେବା ସହ ଦୁର୍ବୃତ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଆନ୍ତଃରାଜ୍ୟ ସାଇବର ଠକେଇ ପର୍ଦ୍ଦାଫାସ ; ୨ ଗିରଫ

## ଅଭିଯୋଗକାରୀଙ୍କୁ ୨, ୯୬, ୧୯୮.୭୩ ଟଙ୍କା ଫେରସ୍ତ

**ଝାରସୁଗୁଡ଼ା, ୨୩।୫(ସମିସ)**

ଝାରସୁଗୁଡ଼ା ପୁଲିସ ଏକ ଆନ୍ତଃରାଜ୍ୟ ସାଇବର ଠକେଇ ମାମଲାରେ ବଡ଼ ସଫଳତା ହାସଲ କରିଛି। ସାଇବର ଥାନା କେସ୍ ନମ୍ବର ୦୩/୨୦୨୬ ଅନୁସାରେ ମାଲିସିଅସ୍ ଏପିକେ ଫାଇଲ୍ ଓ ନକଲି ଇ-ଚାଲାନ ଲିଙ୍କ୍ ମାଧ୍ୟମରେ ଅନଲାଇନ୍ ଆର୍ଥିକ ଠକେଇ କରୁଥିବା ଏକ ଗୋଷ୍ଠୀକୁ ଧରିବାରେ ପୁଲିସ ସକ୍ଷମ ହୋଇଛି। ସୂଚନା ଅନୁଯାୟୀ ଝାରସୁଗୁଡା ପୁରୁଣାବସ୍ତିର ସୁଧୀର କୁମାର ମହାନ୍ତି ସାଇବର ଠକେଇ ନେଇ ସାଇବର ଥାନାରେ ଏକ ଅଭିଯୋଗ କରିଥିବା ବେଳେ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ତାଙ୍କ ବ୍ୟାଙ୍କ ଖାତାରୁ ସାଇବର ଠକେଇ ମାଧ୍ୟମରେ ୬, ୪୦, ୨୯୬ ଟଙ୍କା ଅନଲାଇନ୍ ଟ୍ରାଞ୍ଜାକ୍ସନ୍ ରେ ଠକେଇ ହୋଇଥିବା ନେଇ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସାଇବର କ୍ରାଇମ୍ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ




ସମୟରେ ବ୍ୟାପକ ଟେକ୍ନିକାଲ୍ ଆନାଲିସିସ୍, ବ୍ୟାଙ୍କ ଖାତା ଯାଞ୍ଚ, ସାଇବର ଇଣ୍ଟେଲିଜେନ୍ସ ଇନପୁଟ୍ ଓ ଡିଜିଟାଲ୍ ପ୍ରମାଣ ପରୀକ୍ଷାରୁ ଜଣାପଡ଼ିଥିଲା ଯେ ଏକ ସଂଗଠିତ ଆନ୍ତଃରାଜ୍ୟ ସାଇବର ଠକେଇ ଗୋଷ୍ଠୀ ମାଲିସିଅସ୍ ଏପିକେ ଫାଇଲ୍ ଓ ନକଲି ଟ୍ରାଫିକ୍ ଇ-ଚାଲାନ ଲିଙ୍କ୍ ମାଧ୍ୟମରେ ଲୋକଙ୍କ ମୋବାଇଲ୍ ଓ ବ୍ୟାଙ୍କିଂ ସୂଚନାକୁ ଅବୈଧ ଭାବେ ଆକ୍ସେସ୍ କରୁଥିଲେ। ଝାରସୁଗୁଡା ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ପଶ୍ଚିମବଙ୍ଗର ବାଙ୍କୁଡା ଜିଲ୍ଲାରେ ଚଢ଼ଉ କରି ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଗିରଫ ଅଭିଯୁକ୍ତମାନେ ପଶ୍ଚିମବଙ୍ଗ, ବାଙ୍କୁଡା ଜିଲ୍ଲା ଇନ୍ଦାସ ଥାନା ଅଧୀନ ଚାରିଗ୍ରାମ ଗ୍ରାମର ବାମାଚରଣ କଟାରୀ (୩୨) ଏବଂ କୁସୁମୁଡି ଗ୍ରାମର ବିଶ୍ୱଜିତ କର୍ମକାର (୪୩)। ଅଭିଯୁକ୍ତମାନଙ୍କୁ ଅଧିକ ତଦନ୍ତ ପାଇଁ ଟ୍ରାନ୍ଜିଟ୍ ରିମାଣ୍ଡ ନିମନ୍ତେ ମାନ୍ୟବର ଅଦାଲତରେ ଉପସ୍ଥାପନ କରାଯାଇଥିଲା। ପୁଲିସର ତତ୍ପରତା ଓ କାର୍ଯ୍ୟକ୍ଷମ ତଦନ୍ତ ଫଳରେ ଅଦାଲତଙ୍କ ନିର୍ଦ୍ଦେଶରେ ୨, ୯୬, ୧୯୮.୭୩ ଟଙ୍କା ଅଭିଯୋଗକାରୀଙ୍କୁ ଫେରସ୍ତ କରାଯାଇଛି।

## ବିଜାକୁଲି ଗ୍ରାମରେ ସିରିଜ ଚୋରି; ଟଙ୍କା ଓ ସୁନା ଗହଣା ଲୁଟ୍

**ବଣାଇଁ, ୨୩।୫(ସମିସ):** ଟିକାୟତପାଲି ଥାନା ଅଧୀନ ବିଜାକୁଲି ଗ୍ରାମର ପାତ୍ରସାହିରେ ଆଜି ସିରିଜ ଚୋରି ହୋଇଥିବା ଜଣାପଡ଼ିଛି। ଗ୍ରାମର ଯୁଧିଷ୍ଠିର ପାତ୍ର, ମୋହନ ପାତ୍ର ଓ ତାଙ୍କ ଭାଇଙ୍କ ଘରକୁ ଚୋରମାନେ ଟାର୍ଗେଟ କରି ନଗଦ ଟଙ୍କା ସହ ସୁନା ଗହଣା ଲୁଟ କରିଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ଉଭୟ ପରିବାରର ସଦସ୍ୟମାନେ କୌଣସି କାମରେ ଘରୁ ବାହାରକୁ ଯାଇଥିବା ବେଳେ ପଡ଼ୋଶୀମାନେ ଘରର କବାଟ ଖୋଲା ଥିବା ଦେଖି ସେମାନଙ୍କୁ ଖବର ଦେଇଥିଲେ। ପରେ ସେମାନେ ଘରକୁ ଆସି ଦେଖିବାବେଳେ ଘର ଭିତରେ ଚୋରି ହୋଇଥିବା ଜାଣିପାରିଥିଲେ। ଯୁଧିଷ୍ଠିର ପାତ୍ରଙ୍କ ଘରୁ ପ୍ରାୟ ୫୦ ହଜାର ଟଙ୍କା ନଗଦ ସହ ସୁନା ହାର ଓ ପାଉଁଜି ଚୋରି ହୋଇଥିବା ବେଳେ ମୋହନ ପାତ୍ର ଓ ତାଙ୍କ ଭାଇଙ୍କ ଘରୁ ସମୁଦାୟ ପ୍ରାୟ ୧ ଲକ୍ଷ ୩୦ ହଜାର ଟଙ୍କା ମୂଲ୍ୟର ମଙ୍ଗଳସୂତ୍ର, ମୁଦି, ହାର, ପାଉଁଜି ସମେତ ଅନ୍ୟାନ୍ୟ ସୁନା ଗହଣା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଟିକାୟତପାଲି ପୁଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ହାତୀ ଆକ୍ରମଣରେ ଯୁବକ ଆହତ

**ଦେବଗଡ଼, ୨୩।୫(ସମିସ):** ତିଲେଇବଣି ବ୍ଲକର ଦନାର୍ଦ୍ଦନପାଲି ଗ୍ରାମରେ ଶନିବାର ସକାଳେ ହାତୀ ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକ ହେଲେ ସେହି ଗ୍ରାମର କିରାତ ନାୟକ। ସୂଚନା ଅନୁଯାୟୀ, କିରାତ ଆଜି ସକାଳେ ଘର ପଛପଟକୁ ଶୌଚ ପାଇଁ ଯାଇଥିବାବେଳେ ହଠାତ୍ ଏକ ମାଇହାତୀ ତାଙ୍କୁ ଆକ୍ରମଣ କରିଥିଲା। ଫଳରେ କିରାତ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟଲୋକ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

## ମନ୍ଦିର ଆଗରୁ ବାଇକ୍ ଚୋରି

**ଜୟପାଟଣା, ୨୩।୫(ସମିସ):** ଜଗନ୍ନାଥ ମନ୍ଦିର ଆଗରେ ବାଇକ୍ ରଖି ଭିତରକୁ ପୂଜା କରିଯାଇଥିବା ବେଳେ ବାଇକ୍ ଚୋରି ହୋଇଥିବା ମୁଖୀଗୁଡା ଫାଣ୍ଡିରେ ଅଭିଯୋଗ ହୋଇଛି। ଶନିବାର ସକାଳେ ମୁଖୀଗୁଡା ସେକ୍ଟର୨ରେ ରହୁଥିବା କଳାକାହ୍ନୁ ଠାକୁର ବାଇକ୍ ନମ୍ବର ଓଡି୮ଜେ-୭୪୨୫କୁ ଜଗନ୍ନାଥ ମନ୍ଦିରର ଗେଟ ସାମନା -ରେ ରଖି ମନ୍ଦିର ଭିତରକୁ ପୂଜା କରିବା ପାଇଁ ଯାଇଥିଲେ। ସେ ପୂଜା କରି ଫେରିବା ବେଳକୁ ସେଠାରେ ବାଇକ୍ ନଥିଲା। ଏନେଇ ଶ୍ରୀ ଠାକୁର ମୁଖୀଗୁଡା ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି।

### ସୋସିଆଲ ମିଡିଆରେ ଟ୍ରୋଲ୍ କରିବା ଘଟଣା

## ମେସେଜ ଛାଡିଥିବା ମୁଖ୍ୟ ଶିକ୍ଷକ ନିଲମ୍ବିତ

**ନୂଆପଡ଼ା, ୨୩।୫(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଶିକ୍ଷା ବିଭାଗରେ ଦୁର୍ନୀତି ହେଉଛି ବୋଲି ଜଣେ ଶିକ୍ଷକ ସାମାଜିକ ଗଣ ମାଧ୍ୟମରେ ଲେଖି ପ୍ରଚାର କରିବା ଘଟଣାରେ ଦୁଇଦିନ ତଳେ କୋମନା ବ୍ଲକର ଜଣେ ଶିକ୍ଷକ ନିଲମ୍ବିତ ହୋଇଥିବାବେଳେ ଶନିବାର ଏଥିରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତଙ୍କୁ ନୀଲମ୍ବନ କରିଛି ଶିକ୍ଷା ବିଭାଗ। ଶିକ୍ଷକ ଜଣକ ହଲେ ସିନାପାଲି ବ୍ଲକ ଲିଆଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ତୁଳାରାମ ମାଝୀ। ତୁଳାରାମଙ୍କ ସ୍ତ୍ରୀ କୋମନା ବ୍ଲକ ଶିକ୍ଷା ବିଭାଗରେ ଶିକ୍ଷକତା କରୁଛନ୍ତି। ସୂଚନା ଯୋଗ୍ୟ ଯେ ଦୁଇଦିନ ତଳେ ସାମାଜିକ ଗଣ ମାଧ୍ୟମରେ ଶିକ୍ଷା ବିଭାଗ ଏବଂ ଜିଲ୍ଲାପାଳଙ୍କ ବିରୋଧରେ ଅସମ୍ମାନ ସୂଚକ ମନ୍ତବ୍ୟ ରଖିବା ଘଟଣାରେ କୋମନା ବ୍ଲକ ଟେଙ୍ଗନା ବସା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସନ୍ଦୀପ ପାଳଙ୍କୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଶିକ୍ଷାଧୀକାରୀ ନୀଲମ୍ବନ କରିଥିଲେ। ହେଲେ ସେହି ଘଟଣାର ସବିଶେଷ ତଦନ୍ତ କରିବା ପରେ ଜଣା ପଡ଼ିଲା ଯେ ଏହାର ମୁଳ ମେସେଜ ସିନାପାଲି ବ୍ଲକର ତୁଳାରାମ ନିଜ ଫେସବୁକରେ ପୋଷ୍ଟ କରିଥିଲେ ଏବଂ ତାକୁ ସନ୍ଦୀପ ସେୟାର କରିଥିଲେ। ତେବେ ଏହାକୁ ୧୫୩୦/୨୬ରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗୋଷ୍ଠୀ ଶିକ୍ଷାଧୀକାରୀ ସିନାପାଲି କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ ଏହି ଖବର ପ୍ରଚାରିତ ହେବା ପରେ କୋମନା ବ୍ଲକରେ ଦୁର୍ନୀତି ହେଉଥିବା ଖବରର କିଛି ସତ୍ୟତା ରହିଛି ହେଲେ ଶିକ୍ଷକମାନେ ମେସେଜ କରିବା ଭୁଲ ବୋଲି ଆଲୋଚନା ହେଉଛି। ଏହାର ମଧ୍ୟ ତଦନ୍ତ ହେବା ଜରୁରୀ ବୋଲି ମତ ପ୍ରକାଶ ପାଇଛି।



### ଦୁର୍ଗମ ଲଖନାପଡ଼ାରେ ବିକାଶର ନୂଆ ଆଶା ଜଗାଇଲେ ବିଧାୟକ

## ବିଜୁଳି-ରାସ୍ତା ସମସ୍ୟା ସମାଧାନକୁ ପ୍ରାଥମିକତା

**ଜୁନାଗଡ଼, ୨୩।୫(ସମିସ):** ଜୁନାଗଡ଼ ବ୍ଲକ ବୁଢ଼ୀଦର ପଞ୍ଚାୟତ ଅନ୍ତର୍ଗତ ଦୁର୍ଗମ ପାହାଡ଼ିଆ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଲଖନାପଡ଼ା, ବିଜରାଦର ଓ ବେହେରାଗୁଡ଼ା ଗ୍ରାମରେ ଜୁନାଗଡ଼ ବିଧାୟକ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର। ମାନ୍ୟବର ବିଧାୟକ କ୍ୟାପଟେନ ମିଶ୍ରଙ୍କୁ ଗ୍ରାମବାସୀ ଗାଁ ମୁଣ୍ଡରୁ ପାରମ୍ପରିକ ଢୋଲ, ମାଦଳ ଓ ମହୁରୀ ବଜାଇ ନାଚି ନାଚି ପାଛୋଟି

**ଢୋଲ ବାଜା ବଜାଇ ସ୍ୱାଗତ କଲେ ଗ୍ରାମବାସୀ**

**ବିଜରାଦର ସ୍କୁଲକୁ ତୁରନ୍ତ ଅନୁଦାନ**

**ନାଳ ଉପରେ ବ୍ରିଜ୍ ଓ ପାନୀୟ ଜଳ**

ନେଇଥିଲେ। ବିଧାୟକଙ୍କୁ ନିଜ ଗାଁରେ ପାଇ ଆବାଳ ବୃଦ୍ଧ ବନିତାଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଥିଲା। ଗସ୍ତର ଆରମ୍ଭରୁ ହିଁ ବିଧାୟକ ଶ୍ରୀ ମିଶ୍ର ଲୋକଙ୍କ ସମସ୍ୟା ଶୁଣିବାକୁ ଗୁରୁତ୍ୱ ଦେଇଥିଲେ। ସେ ପ୍ରଥମେ ବିଜରାଦରସ୍ଥିତ ପ୍ରାଥମିକ ବିଦ୍ୟାଳୟ ସ୍କୁଲ ପରିଦର୍ଶନ କରିଥିଲେ। ସ୍କୁଲ ଘରର ଭଗ୍ନଦଶା, ଛାତରୁ ପାଣି ଗଳିବା ଓ ପିଲାମାନଙ୍କ ପାଠପଢ଼ାରେ ହେଉଥିବା ଅସୁବିଧା ଦେଖି ବିଧାୟକ ତୁରନ୍ତ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ବିଜରାଦର ସ୍କୁଲ ଘର ମରାମତି ଓ ନୂତନ ଶ୍ରେଣୀଗୃହ ନିର୍ମାଣ ପାଇଁ ତୁରନ୍ତ ଅନୁଦାନ ମଞ୍ଜୁର କରାଯିବ। ତାଙ୍କର ଘୋଷଣା ପରେ ଗ୍ରାମବାସୀ କରତାଳି ମାରି ସ୍ୱାଗତ କରିଥିଲେ। ପାହାଡ଼ିଆ ଅଞ୍ଚଳ ହୋଇଥିବାରୁ ଗାଁକୁ ସଂଯୋଗ କରୁଥିବା ଛୋଟ ନାଳ ରହିଛି। ବର୍ଷା ଦିନେ ଏହି ନାଳଗୁଡ଼ିକରେ ବନ୍ୟା ଜଳ ଆସିବାରୁ ସମ୍ପୂର୍ଣ୍ଣ ଅଞ୍ଚଳ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଏ। ଗ୍ରାମବାସୀଙ୍କ ସମସ୍ୟା ଶୁଣି ବିଧାୟକ କହିଥିଲେ, ନାଳ ଉପରେ ଅତିଶୀଘ୍ର ବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହା ବ୍ୟତୀତ ଦୁର୍ଗମ ଅଞ୍ଚଳରେ ବାରମାସ ଯାତାୟାତ ଯୋଗ୍ୟ ପକ୍କା ରାସ୍ତା ନିର୍ମାଣ, ବିଦ୍ୟୁତ୍ ସଂଯୋଗ ଏବଂ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ପାଇଁ ବିଧାୟକ ବ୍ଲକ ପ୍ରଶାସନ, ସ୍ଥାନୀୟ ପଞ୍ଚାୟତ ପ୍ରତିନିଧି ଓ ବିଭାଗୀୟ ଅଧିକାରୀଙ୍କ ସହ ସ୍ଥଳରେ ହିଁ ବିସ୍ତୃତ ଆଲୋଚନା କରିଥିଲେ। ବିଧାୟକଙ୍କ ଗସ୍ତ ସମୟରେ ବ୍ଲକ ଉପାଧ୍ୟକ୍ଷ ପ୍ରମୋଦ ବେହେରା, ବୁଢ଼ୀଦର ସରପଞ୍ଚ, ମୁଣ୍ଡରାଗୁଡ଼ା ସରପଞ୍ଚ ତାରା ରାୟଗୁରୁ, ଯୁବ ନେତା ହିମାଂଶୁ ପୁଝାରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ସ୍ଥାନୀୟ କନିଷ୍ଠ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ରହି ଗ୍ରାମବାସୀଙ୍କ ସମସ୍ୟା ଶୁଣିଥିଲେ। ନିଜ ସମସ୍ୟା ସମ୍ପର୍କରେ ସିଧାସଳଖ ବିଧାୟକଙ୍କୁ ଜଣାଇପାରିଥିବାରୁ ଏବଂ ତୁରନ୍ତ ସମାଧାନର ଆଶ୍ୱାସନା ମିଳିଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

### ଅପରଜୋଙ୍କ ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ରମର ସମୀକ୍ଷା

## ୨୦ ଅଧିକାରୀଙ୍କୁ ୨୦ ପାଣି ପଞ୍ଚାୟତର ଦାୟିତ୍ୱ

**ନୂଆପଡ଼ା, ୨୩।୫(ସମିସ):** ନୂଆପଡ଼ା ଜିଲ୍ଲା ଅପରଜୋଙ୍କ ଜଳସେଚନ ପ୍ରକଳ୍ପରେ ଜଳସେଚନକୁ ନେଇ ଦୀର୍ଘ ବର୍ଷ ଧରି ବିବାଦ ଲାଗି ରହିଥିବା ବେଳେ ଚଳିତ ଖରିଫ ଋତୁରେ ଜଳସଙ୍କଟ ଭାରି ପଡ଼ିଥିଲା। ଏହାକୁ ଜିଲ୍ଲାପ୍ରଶାସନ ଗୁରୁତ୍ୱର ସହ ବିଚାରକୁ ନେଇଛି। ଜିଲ୍ଲାପାଳ ମଧୁସୂଦନ ଦାଶ ଉଚ୍ଚସ୍ତରୀୟ ବୈଠକ କରି ସମୀକ୍ଷା କରିଥିବା ବେଳେ ପାଣି ପଞ୍ଚାୟତ ଗୁଡିକୁ କିପରି ସୁଦୃଢ କରାଯିବ ସେଥିପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି। ଜଳସେଚନ କାର୍ଯ୍ୟକଳାପର



ତଦାରଖ ଓ ନିରୀକ୍ଷଣକୁ ଆହୁରି ସୁଦୃଢ କରିବା ଉଦ୍ଦେଶ୍ୟରେ ୨୦ ଜଣ ଅଧିକାରୀଙ୍କୁ ୨୦ଟି ପାଣି ପଞ୍ଚାୟତର ଦାୟିତ୍ୱ ପ୍ରଦାନ କରାଯାଇଛି। ଅଧିକାରୀମାନେ ନିୟମିତ କ୍ଷେତ୍ର ପରିଦର୍ଶନ କରି ଚାଷୀମାନଙ୍କ ସହ ସିଧାସଳଖ ଆଲୋଚନା କରିବା ସହ ସେମାନଙ୍କ ସମସ୍ୟାର ତ୍ୱରିତ ସମାଧାନ ଦିଗରେ ପଦକ୍ଷେପ ନେବେ। ଏହି ନିଷ୍ପତ୍ତି ସମୀକ୍ଷା ବୈଠକରେ ନିଆଯାଇଥିଲା। ବୈଠକରେ ମୁଖ୍ୟ କେନାଲ, ମାଇନର ଓ ସବ୍‌ମାଇନର କେନାଲଗୁଡିକର ଉନ୍ନୟନମୂଳକ କାର୍ଯ୍ୟ, ଧାନ କ୍ଷେତକୁ ଜଳ ଯୋଗାଣ ଏବଂ ପାଣି ପଞ୍ଚାୟତମାନଙ୍କ କାର୍ଯ୍ୟକ୍ଷମତା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଜିଲ୍ଲାପାଳ ଶ୍ରୀ ଦାଶ ସେଚନ ଜଳର ସୁଚାରୁ ବଣ୍ଟନ ଏବଂ କେନାଲ ଭିତ୍ତିଭୂମିର ଉଚିତ ରକ୍ଷାଣାବେକ୍ଷଣ ମାଧ୍ୟମରେ ଚାଷୀମାନଙ୍କୁ ସର୍ବାଧିକ ସୁବିଧା ଯୋଗାଇବା ପାଇଁ ନିୟମିତ କ୍ଷେତ୍ରସ୍ତରୀୟ ନିରୀକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସମସ୍ତ ସମ୍ପୃକ୍ତ ଅଧିକାରୀଙ୍କୁ ପ୍ରତି ମାସରେ ଅତି କମରେ ଥରେ ଜଳସେଚନ ବିଭାଗର ଅଧିକାରୀ ଏବଂ ସମ୍ପୃକ୍ତ ପାଣି ପଞ୍ଚାୟତର ଚାଷୀମାନଙ୍କ ସହ ମିଳିତ ଭାବେ କ୍ଷେତ୍ର ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କ୍ଷେତ୍ର ପରିଦର୍ଶନ ସମୟରେ ଚାଷୀମାନଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଚିହ୍ନଟ କରି ତୁରନ୍ତ ସମାଧାନମୂଳକ ପଦକ୍ଷେପ ନେବା ପାଇଁ ମଧ୍ୟ କୁହାଯାଇଥିଲା। ପ୍ରତ୍ୟେକ କ୍ଷେତ୍ର ପରିଦର୍ଶନ ପରେ କେନାଲ କାର୍ଯ୍ୟର ଅଗ୍ରଗତି, ଜଳ ଯୋଗାଣର ସ୍ଥିତି ଏବଂ ଚାଷୀମାନେ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କିତ ବିସ୍ତୃତ ବିବରଣୀ ସହ ରିପୋର୍ଟ ଦାଖଲ କରିବାକୁ ମଧ୍ୟ ଅଧିକାରୀମାନଙ୍କୁ କୁହାଯାଇଛି। ସ୍ଥାନୀୟ ସମସ୍ୟାର ତ୍ୱରିତ ସମାଧାନ ପାଇଁ ରାଜସ୍ୱ ଓ ଜଳସେଚନ ବିଭାଗ ମଧ୍ୟରେ ସମନ୍ୱୟକୁ ଆହୁରି ସୁଦୃଢ କରିବା ଉପରେ ମଧ୍ୟ ଜୋର ଦିଆଯାଇଥିଲ। ଏହାଛଡା ତହସିଲଦାର, ଅତିରିକ୍ତ ତହସିଲଦାର, ରାଜସ୍ୱ ନିରୀକ୍ଷକ ଏବଂ ରାଜସ୍ୱ ସୁପରଭାଇଜରମାନଙ୍କୁ ନିଜ ନିଜ ଅଞ୍ଚଳରେ ପାଣି ପଞ୍ଚାୟତ ଓ ସେଚନ ଚ୍ୟାନେଲଗୁଡିକର ଆକସ୍ମିକ ଯାଞ୍ଚ କରି ତଦାରଖ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁବାଶ ଚନ୍ଦ୍ର ରଇତ, ସିଡିଓ-କମ-ଇଓ ଜିଲ୍ଲା ପରିଷଦ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ, ଅତିରିକ୍ତ ଇଓ ଜିଲ୍ଲା ପରିଷଦ କ୍ଷମାନିଧି ଭୋଇ, ଡେପୁଟୀ ଜିଲ୍ଲାପାଳ ଏସ୍. କେ. ନସିମ, ଚିନ୍ମୟ ସାଗର, ତହସିଲଦାର ଲଲାଟେନ୍ଦୁ ଦଣ୍ଡସେନା, ଅତିରିକ୍ତ ତହସିଲଦାର ଦିଲ୍ଲୀପ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ଭବାନୀପାଟଣା, ୨୩।୫(ସମିସ):** ସ୍ଥାନୀୟ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦ୍ୱାଦଶ ବୋର୍ଡ ପରୀକ୍ଷାରେ ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ବିଜ୍ଞାନ ବିଭାଗରେ ଅଭିଜିତ୍ ସରାଫ୍ ୯୮.୩୪ % ପ୍ରତିଶତ ନମ୍ବର ରଖି ଜିଲ୍ଲା ଟପ୍ପର ହେବାର ଗୌରବ ଅର୍ଜନ କରିଛନ୍ତି। ବିଜ୍ଞାନ ବିଭାଗରେ ସର୍ବମୋଟ ୨୫୫ ଜଣ ପରୀକ୍ଷା ଦେଇଥିବା ବେଳେ ୪ ଜଣ ୯୫% ପ୍ରତିଶତରୁ ଉର୍ଦ୍ଧ୍ୱ, ୨୪ ଜଣ ୯୦% ପ୍ରତିଶତରୁ ଉର୍ଦ୍ଧ୍ୱ, ୯୬ ଜଣ ୮୦% ପ୍ରତିଶତରୁ ଉର୍ଦ୍ଧ୍ୱ ଓ ୨୧୬ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ଅବସରରେ ସମସ୍ତ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ନେଇ ବିକାଶ ଉଇସଡ଼ମ୍ ପାର୍କରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ପ୍ରାୟ ଏକଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇ ଥିଲେ। ଅନୁଷ୍ଠାନ ତରଫରୁ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ବର୍ଦ୍ଧନା ଉତ୍ସବରେ ଲକ୍ଷ୍ମୀ ବିକାଶ ଅନୁଷ୍ଠାନ ସମୂହର ଚେୟାର ମ୍ୟାନ ଡି ନାଗେଶ୍ୱର ରାଓ, ନିର୍ଦ୍ଦେଶକ ଡି. ଶ୍ୟାମ, ନିର୍ଦ୍ଦେଶକ ଡି. ରାମ କୁମାର, ମୁଖ୍ୟ ଶିକ୍ଷା ଅଧିକାରୀ ଡି. ବିଜୟା, ଡି. ପଦ୍ମିନୀ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ତଥା ମୁଖ୍ୟ ପ୍ରଶାସକ ଯୁବରାଜ ନାୟକ, ବିକାଶ ଡିଗ୍ରୀ କଲେଜ ଅଧ୍ୟକ୍ଷ ଡ. ଅଦିତ୍ୟ ପଟ୍ଟନାୟକ, ବିବିଏ ବିସିଏ ଅଧ୍ୟକ୍ଷ ଡ. ସୁଦୀପ୍ତ ଜେନା, ଉପାଧ୍ୟକ୍ଷ ପ୍ରସନ୍ନଜିତ ଦତ୍ତ, ପ୍ରବନ୍ଧକ ଗୁପ୍ତେଶ୍ୱର ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ଥିଲେ।

### ଖବର ପ୍ରକାଶ ପରେ ଚେତିଲା ପ୍ରଶାସନ

## କେଲୁଆ ଗାଁରେ ପହଞ୍ଚିଲା ବ୍ଲକ୍ ପ୍ରଶାସନ ଟିମ୍

**ଥୁଆମୂଳରାମପୁର, ୨୩।୫(ସମିସ)**

କଳାହାଣ୍ଡି ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ନାକୁରୁଣ୍ଡି ପଞ୍ଚାୟତର ଅତି ଦୁର୍ଗମ କେଲୁଆ ଗାଁର ଦୀର୍ଘଦିନର ଅବହେଳା ଏବେ ପୁଣିଥରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁକୁ ଆସିଛି। ଖଣିଜ ସମ୍ପଦରେ ପରିପୂର୍ଣ୍ଣ ମାଳି ପର୍ବତ ଘେରା ଗାଁରେ ଆଜି ପର୍ଯ୍ୟନ୍ତ ମୌଳିକ ସୁବିଧା ପହଞ୍ଚିନଥିବା ନେଇ ଅନେକ ଥର 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ତତ୍ପରତା ଦେଖାଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ବ୍ଲକ ପ୍ରଶାସନର ଏକ ଟିମ୍ କେଲୁଆ ଗାଁରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ଦାବି ଶୁଣିଥିଲେ। ପ୍ରାୟ ୬୦ ଘର ଆଦିବାସୀ ପରିବାର ବସବାସ କରୁଥିବା କେଲୁଆ ଗାଁଟି ବ୍ଲକ ସଦର ମହକୁମାଠାରୁ ପ୍ରାୟ ୬୦ କିଲୋମିଟର ଏବଂ ନାକୁରୁଣ୍ଡି ପଞ୍ଚାୟତ ମୁଖ୍ୟାଳୟଠାରୁ ପ୍ରାୟ ୧୦ କିଲୋମିଟର ଦୂରରେ ଘନ ଜଙ୍ଗଲ ଓ ପାହାଡ଼ ଘେରା ଅଞ୍ଚଳରେ ଅବସ୍ଥିତ। ଦୀର୍ଘବର୍ଷ ଧରି ଏଠାରେ ରାସ୍ତା, ପାନୀୟ ଜଳ, ବିଜୁଳି, ସ୍ୱାସ୍ଥ୍ୟସେବା ଓ ଶିକ୍ଷା ଭଳି ନ୍ୟୂନତମ ସୁବିଧା ଅଭାବରେ ଲୋକେ ଦୁର୍ଦ୍ଦଶାରେ ଜୀବନ ବିତାଉଛନ୍ତି। ଗାଁକୁ ପହଞ୍ଚିବା ପାଇଁ ମାଳିପର୍ବତର ଘନ ଜଙ୍ଗଲ ମଧ୍ୟରେ ପ୍ରାୟ ୧୦ କିଲୋମିଟର ପାଦଚଲା ପାହାଡ଼ିଆ ରାସ୍ତା ଅତିକ୍ରମ କରିବାକୁ ପଡୁଥିବା ବେଳେ ବର୍ଷାଦିନେ ଏହା ଅତ୍ୟନ୍ତ ବିପଦଜନକ ହୋଇପଡେ। ଜରୁରୀ ସ୍ୱାସ୍ଥ୍ୟସେବା ପାଇଁ ରୋଗୀଙ୍କୁ ଖଟିଆରେ ବୋହି ନେବା ଛଡା ଅନ୍ୟ ବିକଳ୍ପ ନଥିବାରୁ ଗ୍ରାମବାସୀଙ୍କ ଦୁଃଖ ଅନେକଥର ସାମ୍ନାକୁ ଆସିଛି। ଏହି ପରିସ୍ଥିତିକୁ ନେଇ ସମ୍ପ୍ରତି ଖବରକାଗଜରେ ବିସ୍ତୃତ ଖବର ପ୍ରକାଶ



ପାଇବା ପରେ ବ୍ଲକ ପ୍ରଶାସନ ତତ୍କାଳ ପଦକ୍ଷେପ ନେଇଥିବା ଦେଖିବାକୁ ମିଳିଛି। ପ୍ରଥମ ପର୍ଯ୍ୟାୟରେ ମନରେଗା ଯୋଜନା ମାଧ୍ୟମରେ ଗାଁକୁ ଅସ୍ଥାୟୀ ରାସ୍ତା ନିର୍ମାଣ କରାଯାଇଥିଲା। ଏହି ଅସ୍ଥାୟୀ ରାସ୍ତା ଦେଇ ଶୁକ୍ରବାର ଥୁଆମୂଳ ରାମପୁର ବିଡ଼ିଓ ଧ୍ରୁବ ଚରଣ ମୁଦୁଲି ଙ୍କ ନେତୃତ୍ୱରେ ବ୍ଲକ ପ୍ରଶାସନର ଟିମ୍ ଗାଁରେ ପହଞ୍ଚିପାରିଥିଲେ। ତାଙ୍କ ସହିତ ବ୍ଲକ ପ୍ରଶାସନର ସାମାଜିକ ସୁରକ୍ଷା ଅଧିକାରୀ ସୁନାରାମ ସୋରେନ, ଗ୍ରାମୀଣ ଆବାସ ଯୋଜନା ସଂଯୋଜକ ରାଜେନ୍ଦ୍ର ନାରାୟଣ ଦେବ, ସହକାରୀ ନିର୍ବାହୀ ଯନ୍ତ୍ରୀ ସାଲଖୋ ହେମ୍ବ୍ରମ ଆର୍ ଡି ବିଭାଗର ଯନ୍ତ୍ରୀ ସେଖ୍ ତନବିର ଆଲମଙ୍କ ସହିତ ଜିଓ ନେଟୱର୍କ ବିଭାଗୀୟ ଅଧିକାରୀ ପ୍ରମୁଖ ପରିଦର୍ଶନରେ ଯାଇଥିଲେ। ଗ୍ରାମବାସୀଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ଦୀର୍ଘଦିନର ଦାବି ଓ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ ଅଧିକାରୀମାନେ। ଗ୍ରାମବାସୀଙ୍କ ମୁଖ୍ୟ ଦାବି ଥିଲା ସବୁଦିନିଆ ରାସ୍ତା, ପାନୀୟ ଜଳ, ଆବାସ ଘର, ଶିକ୍ଷା ଓ ସ୍ୱାସ୍ଥ୍ୟସେବା। ଏହାକୁ ଗୁରୁତ୍ୱର ସହ ନେଇ ଗାଁକୁ ରାଜ୍ୟ ସରକାରଙ୍କ ପାଓ୍ୱାର ସ୍କିମ୍ ଯୋଜନାରେ ସଂଯୋଗ କରାଯିବା ନେଇ ପ୍ରକ୍ରିୟା ଚୂଡାନ୍ତ ହୋଇସାରିଛି ବୋଲି ବିଭାଗୀୟ ଯନ୍ତ୍ରୀ ଶ୍ରୀ ଆଲମ୍ ସୂଚନା ଦେଇଥିଲେ। ରାସ୍ତା ନିର୍ମାଣକୁ ପ୍ରାଥମିକତା ଦିଆଯିବା ସହ ଶୀଘ୍ର କାର୍ଯ୍ୟକାରୀ ପାଇଁ ପ୍ରୟାସ ଆରମ୍ଭ ହେବ ବୋଲି କୁହାଯାଇଛି। କେବଳ ରାସ୍ତା ନୁହେଁ, ଗାଁରେ ଏକ ନୂତନ ପ୍ରାଥମିକ ବିଦ୍ୟାଳୟ କୋଠା ନିର୍ମାଣ, ମିନି ଅଙ୍ଗନବାଡି କୋଠା ସହ ସ୍ୱତନ୍ତ୍ର ଅଙ୍ଗନବାଡି କର୍ମୀ ନିଯୁକ୍ତି, ପାନୀୟଜଳ ବ୍ୟବସ୍ଥା ସୁଧାର, ଆବାସ ଯୋଜନାରେ ପ୍ରତ୍ୟେକ ଯୋଗ୍ୟ ପରିବାରକୁ ଗୃହ ଯୋଗାଣ ଏବଂ ସାମାଜିକ ସୁରକ୍ଷା ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ବିଡିଓ ଧ୍ରୁବ ଚରଣ ମୁଦୁଲି ସମସ୍ତ କାର୍ଯ୍ୟକୁ ଯଥାଶୀଘ୍ର କାର୍ଯ୍ୟକାରୀ ପାଇଁ ସକାରାତ୍ମକ ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଛନ୍ତି। ଅନ୍ୟପଟେ ଦୀର୍ଘଦିନ ଧରି ମୋବାଇଲ ନେଟୱର୍କ ବିହୀନ ଏହି ଅଞ୍ଚଳରେ ଅଳ୍ପ ଦିନ ମଧ୍ୟରେ

**ରାସ୍ତା, ଘର ଓ ପାନୀୟଜଳ ପର୍ଯ୍ୟନ୍ତ ମିଳିଲା ପ୍ରତିଶ୍ରୁତି**

ଜିଓ ଟାୱାର ସ୍ଥାପନ ହେବା ନେଇ ଜିଓ କର୍ତ୍ତୃପକ୍ଷ ସୂଚନା ଦେଇଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ କିଛି ଆଶା ସୃଷ୍ଟି ହୋଇଛି। ତେବେ କେଲୁଆ ଗାଁର ଚିତ୍ର ଏବେ ଏକ ବଡ଼ ପ୍ରଶ୍ନ ଉଠାଉଛି। ଏକପଟେ ବକ୍ସାଇଟ ଭରା ମାଳି ପର୍ବତ ଓ ଖଣିଜ ସମ୍ପଦର ସମ୍ଭାବନା, ଅନ୍ୟପଟେ ମୌଳିକ ସୁବିଧା ପାଇଁ ଲଢୁଥିବା ଆଦିବାସୀ ଜୀବନ। ଖଣି ପ୍ରକଳ୍ପ ନାମରେ ଭବିଷ୍ୟତରେ ବିସ୍ଥାପନ ଆଶଙ୍କା ମଧ୍ୟ ଗ୍ରାମବାସୀଙ୍କ ଚିନ୍ତା ବଢ଼ାଇଛି। ନିଜ ଭିଟାମାଟି ଓ ପାରମ୍ପରିକ ଜୀବନଶୈଳୀ ହରାଇବା ଭୟରେ ସେମାନେ ଚିନ୍ତିତ ଥିବା ବେଳେ ବିକାଶର ନାଁରେ ସେମାନଙ୍କ ସ୍ୱାର୍ଥକୁ ଅବହେଳା ନ କରାଯାଉ ବୋଲି ଦାବି ଉଠିଛି।

### ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ବିଭାଗର ମାସିକ ସମୀକ୍ଷା ବୈଠକ

## ଜଳଧାରା ଓ ମନରେଗା କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ



**ନୂଆପଡ଼ା, ୨୩।୫(ସମିସ):** ନୂଆପଡ଼ା ଜିଲ୍ଲାର ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ବିଭାଗର ମାସିକ ସମୀକ୍ଷା ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ ପ୍ରକଳ୍ପ ନିର୍ଦ୍ଦେଶକ ରଶ୍ମୀରଞ୍ଜନ ପାତ୍ର ସମସ୍ତଙ୍କୁ ସ୍ୱାଗତ ଜଣାଇ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ସହକାରୀ ନିର୍ଦ୍ଦେଶକ ସ୍ୱର୍ଣ୍ଣ ପ୍ରଭା ସିଂହ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାୟି ଯୋଜନା, ବୃଷ୍ଟିପୃଷ୍ଟ ଅଞ୍ଚଳ ବିକାଶ ଯୋଜନା, ଜଳଧାରା ଯୋଜନା, ମନରେଗା ଓ କୃଷିବନୀକରଣ ଯୋଜନାର ଅଗ୍ରଗତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। କୃଷିବନୀକରଣ ଯୋଜନା ଅଧୀନରେ ୬୩ ହେକ୍ଟର ଜମିରେ ଚାରାରୋପଣ କାର୍ଯ୍ୟ ସମ୍ପନ୍ନ ହୋଇଥିବାବେଳେ ସମସ୍ତ ଯୋଜନାର ବର୍ତ୍ତମାନ ପ୍ରଗତି ସମ୍ପର୍କରେ ମଧ୍ୟ ସେ ଅବଗତ କରାଇଥିଲେ। ସମୀକ୍ଷା ବୈଠକରେ ଜିଲ୍ଲାପାଳ ଜଳଧାରା ଯୋଜନା ଅଧୀନରେ ଚାଲିଥିବା ୨୧୯ଟି ପୋଖରୀ ଖନନ କାର୍ଯ୍ୟକୁ ଜୁନ୍ ୧୫ ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ମନରେଗା ଯୋଜନାରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ପ୍ରକଳ୍ପକୁ ଆସନ୍ତା ସପ୍ତାହ ଶେଷସୁଦ୍ଧା ସମାପ୍ତ କରିବାକୁ ମଧ୍ୟ କହିଥିଲେ। ଏହି ଅବସରରେ ଜିଲ୍ଲାର ପାଞ୍ଚଟି ବ୍ଲକର ପାଞ୍ଚଜଣ ସଫଳ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା। ବୈଠକରେ ସହକାରୀ ନିର୍ଦ୍ଦେଶକ ମୃତ୍ତିକା ସଂରକ୍ଷଣ ଦେବବ୍ରତ ବିଶ୍ୱାଳ, ଦେବପ୍ରିୟ ପାଣିଗ୍ରାହୀ ଓ ଦେବେନ୍ଦ୍ର କୁମାର ନାୟକ, ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀଙ୍କ ସହ ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।